

ହୁମାଙ୍କ କିଲର୍ ଲୁକ୍

▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-185 ◆WEDNESDAY ◆31 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୫ ◆ବୁଧବାର ◆୩୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ହତ୍ୟା

### ଦୁଇ ସପ୍ତାହ ମଧ୍ୟରେ ତୃତୀୟ ଘଟଣା



**ହାଇକମିସନରଙ୍କୁ ଆଲୋଚନା ପାଇଁ ଡାକିଲା ବାଂଲାଦେଶ**

■ ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶରେ ଗତ କିଛି ସପ୍ତାହ ଧରି ଅରାଜକତା ଚଳାଇଛନ୍ତି ବିଭିନ୍ନ ଚରମପନ୍ଥୀ ସଂଗଠନ। ସେମାନଙ୍କ ଟାର୍ଗେଟରେ ରହିଛନ୍ତି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ। ଦେଶବ୍ୟାପୀ ଏହାକୁ ନେଇ ବିରୋଧ କରାଯାଉଛି। ଭାରତ ମଧ୍ୟ ଏହାର ପ୍ରତିବାଦ କଲାଣି। ଏହାସତ୍ତ୍ୱେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ହେଉଛି ଏହାର ଆଉ ଏକ ପ୍ରମାଣ। ହତ୍ୟାକାରୀ ଧରାପଡ଼ିଥିଲେ ମଧ୍ୟ ୟୁନୁସ ସରକାରଙ୍କ ଅପାରଗତାକୁ ନେଇ ବାଂଲା ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପାରଗତାର ସୁଯୋଗ ନେଇ ଚରମପନ୍ଥୀଙ୍କ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କଲାଣି।

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ବେଳେ ଏକ କପଡ଼ା କାରଖାନାରେ ଜଣେ ହିନ୍ଦୁ ଶ୍ରମିକଙ୍କୁ ତାଙ୍କର ଜଣେ ସହଯୋଗୀ ଗୁଳି କରି ହତ୍ୟା କରିଛି। ମୃତ ଶ୍ରମିକ ହେଉଛନ୍ତି ବଜେନ୍ଦ୍ର ବିଶ୍ୱାସ (୪୨) ଏବଂ ହତ୍ୟା ଅଭିଯୁକ୍ତ ହେଲା ନୋମାନ। ଦୁହେଁ ଏହି କାରଖାନାରେ ସିକ୍ୟୁରିଟି ଗାର୍ଡ ରୂପେ କାମ କରୁଥିଲେ। ଦୁହେଁ ଏକୁଟିଆ ବସିଥିବା ବେଳେ ନୋମାନ ତା ବନ୍ଧୁକରୁ ବଜେନ୍ଦ୍ରଙ୍କୁ ଗୁଳିମାଡ଼ କରିଥିଲା। ଡାକ୍ତରଖାନା ନିଆଯିବା ସମୟରେ ବଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନୋମାନକୁ ଗିରଫ କରିବା ସହିତ ତା ଠାରୁ ବନ୍ଧୁକ ଜବତ କରିଛି। ତେବେ ହତ୍ୟାର ▶ପୃଷ୍ଠା-୭

## ୩ ଦଳ ପାଇଁ ଆହ୍ୱାନ

# କଳି-କନ୍ଦଳ-ସଂଗଠନ

■ ଭୁବନେଶ୍ୱର, ୩୦।୧୨ (ସମିସ): ରାଜ୍ୟ ରାଜନୀତି ବେଶ୍ ଘଟଣାବହୁଳ ରହିଛି ୨୦୨୫। ରାଜନୈତିକ ଛକାପଞ୍ଝା, ପଡିଆରା ଲଢ଼େଇ, ଆଭ୍ୟନ୍ତରୀଣ କନ୍ଦଳ ଚା' କପ୍‌ର ଝଡ଼ ପରି ବିଭିନ୍ନ ରାଜନୈତିକ ଦଳରେ ସାମୟିକ କମ୍ପନ ସୃଷ୍ଟି କରିଛି। କଥିତ ଶୃଙ୍ଖଳାର ବେଡି ଅସନ୍ତୋଷକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ମାତ୍ର ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟର ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଭିନ୍ନଭିନ୍ନ ଆହ୍ୱାନ ନେଇ ଆସୁଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତିନିଦଳ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ରାଜନୈତିକ

### ୨୭ ପାଇଁ ୨୬ରୁ ପ୍ରସ୍ତୁତି



ଦଳ ନିଜ ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଚଳିତ ବର୍ଷ ଆରମ୍ଭ କରିଥିବା ଯୋଜନା ୨୦୨୬ରେ କାର୍ଯ୍ୟାନ୍ୱୟନ ସମୟରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ଓ ଏହା ହିଁ ତିନି ଦଳର ବାସ୍ତବ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।

୨୦୨୪ରେ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଓ ୨୦୨୫ରେ ନୂଆପଡ଼ା ଉପ ନିର୍ବାଚନରେ ବୃହତ୍ ବିଜୟକୁ ନେଇ ବିଜେପି ବେଶ ଉତ୍ସାହିତ ଅଛି। ଏବେଠାରୁ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛି। ବିଭିନ୍ନ ଜିଲ୍ଲାରେ ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆମଦାନୀ କରି ବିଜେପି ନେତାମାନେ ଦଳରେ ମିଶାଉଛନ୍ତି। ଦଳର ସାଂଗଠନିକ ଶକ୍ତିକୁ ବହୁଗୁଣା କରିବାକୁ ନେତା ଆମଦାନୀ ଉପରେ ବିଜେପି ଗୁରୁତ୍ୱ ଦେଉଛି। ତେବେ ବିଜେପିର ଏହି ରାଜନୈତିକ ଗୋଟି ଚାଳନା ଦଳର ତୃଣମୂଳସ୍ତରରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ପୁରୁଣା କର୍ମୀ ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁନାହାନ୍ତି, ନୂଆ ନେତାମାନେ ମଧ୍ୟ ପୁରୁଣା କର୍ମୀ ଓ ନେତାଙ୍କ ସହ ମିଶି ପାରୁନାହାନ୍ତି। ଫଳରେ ବିଜେପିରେ ନୂଆ-ପୁରୁଣାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରିପାରେ ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପଛରେ ନିଜ ସାଙ୍ଗଠନିକ ଶକ୍ତି ଅପେକ୍ଷା ପ୍ରତିପକ୍ଷ ବିରୋଧରେ ଅସନ୍ତୋଷ ପ୍ରମୁଖ କାରଣ ଥିବା ଏବେ ବି ଦଳର ଶୀର୍ଷ ନେତୃତ୍ୱ ବିଶ୍ୱାସ କରନ୍ତି। ରାଜ୍ୟର ପ୍ରମୁଖ ନେତାମାନେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ତୃଣମୂଳସ୍ତରରେ ବିଜେପି ଏଯାଏ ପହଞ୍ଚି ପାରିନାହିଁ ଓ ସଙ୍ଗଠନ ମଧ୍ୟ ସେତେ ସୁଦୃଢ଼ ନାହିଁ। ଯାହା ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ। ଏହା ସହ ରାଜ୍ୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଜନିତ ରୋଷ ଶାସକ ଦଳକୁ ▶ପୃଷ୍ଠା-୭

## ପଦ ନାହିଁ, ଅଟକିଲା ପଦୋନ୍ନତି

# ଦୁଇ ବରିଷ୍ଠ ଆଇପିଏସ୍ ନିରାଶ

### ସ୍ୱତନ୍ତ୍ର ଡିଜି ପଦରେ କରାଯାଇପାରେ ଥଇଥାନ

■ ଭୁବନେଶ୍ୱର, ୩୦।୧୨ (ସମିସ): ନୂଆବର୍ଷ ପୂର୍ବରୁ ଓଡ଼ିଶା କ୍ୟାଡ଼ରର ବିଭିନ୍ନ ବ୍ୟାଚର ୨୨ ଜଣ ଆଇଏଏସ୍ ଓ ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏ ସଂପର୍କରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ପଦ ଖାଲି ନ ଥିବାରୁ ଦୁଇ ବରିଷ୍ଠ ଆଇପିଏସ୍‌ଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ଓଡ଼ିଶାରେ ୩ଟି ଡିଜି ପାହ୍ୟାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ପୁଲିସ ଡିଜି ୱାଇ.ବି.ଖୁରାନିଆ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଓ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ନିଯୁକ୍ତି ପାଇଛନ୍ତି। ତେଣୁ ବରିଷ୍ଠ ଆଇପିଏସ୍ ତଥା ମାଓ

**ବିଭିନ୍ନ ବ୍ୟାଚ୍‌ର ୨୨ ଆଇଏଏସ୍ ଓ ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି**

ଅପରେସନ ମୁଖ୍ୟ ଏଡିଜି ସଞ୍ଜୀବ ପଣ୍ଡା ଓ ଭିଜିଲାନ୍ସ ନିର୍ଦ୍ଦେଶକ ତଥା ଏଡ଼ିଜି ଯଶୋବନ୍ତ ଜେଠୱା ଡିଜି ପାହ୍ୟାକୁ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହେବା ସତ୍ତ୍ୱେ ମଞ୍ଜୁରପ୍ରାପ୍ତ ପଦ ନ ଥିବାରୁ ସେମାନଙ୍କୁ ପଦୋନ୍ନତିକୁ ସ୍ଥଗିତ ରଖାଯାଇଛି। ଅତୀତରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ରାଜ୍ୟରେ ଡିଜି ପଦ ସଂଖ୍ୟାକୁ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏହା ଉପରେ କେନ୍ଦ୍ର ସରକାର ଏଯାଏ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଫଳରେ ଡିଜି ପାହ୍ୟା ପାଇଁ ଯୋଗ୍ୟତା ସତ୍ତ୍ୱେ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ପଦୋନ୍ନତି ମିଳିପାରି ନାହିଁ। ତେଣୁ ଶ୍ରୀ ପଣ୍ଡା ଓ ଶ୍ରୀ ଜେଠୱାଙ୍କୁ ସ୍ୱତନ୍ତ୍ର ଡ଼ିଜି ପାହ୍ୟାରେ ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମିଳିଛି। ▶ପୃଷ୍ଠା-୭

## ମହାପ୍ରଭୁ ଶୋଇବେ ମାତ୍ର ୩ ଘଣ୍ଟା



**୧୧ଟା ସୁଦ୍ଧା ପହୁଡ଼, ୨ଟାରେ ଦ୍ୱାରଫିଟା**

■ ପୁରୀ, ୩୦।୧୨ (ସମିସ): ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ ହୋମ୍‌ଗୁଡିକ ପୂରା ପ୍ୟାକ୍। ବୁଧବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେସନ କରି ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୬କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ▶ପୃଷ୍ଠା-୭




10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ। ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ। ପଲ୍ସର 125 ଅପର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସହିତ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293• Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979

■ ନିମ୍ନମାନର କାର୍ଯ୍ୟରୁ ଟାଙ୍କିରୁ ପାଣି ଝରୁଛି

# ଅନୁପଗଡ଼ ଗ୍ରାମରେ ପାନୀୟ ଜଳ ସଙ୍କଟ

**କୋମନା, ୩୦।୧୨ (ସମିସ):** ସରକାରୀ ଯୋଜନାରେ ଅବହେଳା ଓ ନିମ୍ନମାନର କାର୍ଯ୍ୟର ନଗ୍ନ ଚିତ୍ର ପର୍ଯ୍ୟରି ପଞ୍ଚାୟତର ଅନୁପଗଡ଼ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ମିତ ହୋଇଥିବା ୧୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଏବେ ପରିତ୍ୟକ୍ତ ଅବସ୍ଥାରେ। ଟାଙ୍କିରୁ ପ୍ରବଳ ମାତ୍ରାରେ ପାଣି ଲିକ୍ କରୁଥିବାରୁ ଗ୍ରାମରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମାତ୍ର ଏକ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ବୃହତ ପାଣି ଟାଙ୍କି ନିର୍ମାଣ ସମୟରୁ ହିଁ ବିବାଦୀୟ ଥିଲା। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତିନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ପରିଣାମ ସ୍ୱରୂପ, ବ୍ୟବହାରର ଅଳ୍ପ ଦିନ ମଧ୍ୟରେ ଟାଙ୍କିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ପାଣି ବୋହିଯାଉଛି। ଟାଙ୍କିରୁ ପାଣି ନଷ୍ଟ ହେଉଥିବାରୁ ଘରକୁ ଘର ପାଣି ଠିକ ଭାବେ ପହଞ୍ଚି ପାରୁନାହିଁ। ସରକାରୀ ଅର୍ଥର ଦୁରୁପଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏନେଇ ବାରମ୍ବାର ପାନୀୟ ଜଳ



ବିଭାଗକୁ କହିବା ସତ୍ତ୍ୱେ କେହି ଶୁଣୁନାହାନ୍ତି। ତୁରନ୍ତ ତଦନ୍ତ କରି ଦୋଷୀ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଟାଙ୍କିର ମରାମତି କରି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶୀଘ୍ର ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ

# ଜିଲ୍ଲାରେ ଚାକିରି ଆଶାୟୀଙ୍କୁ ତାଲିମ ଦେବାକୁ ଆହ୍ୱାନ

**ନୂଆପଡ଼ା, ୩୦।୧୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ବୈଠକ ଅନୁଷ୍ଠିତ ହେଉଛି। ସଭାରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାଷ ଚନ୍ଦ୍ର ରଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର, ଏ ମାଧବୀ ଲତା, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ଏବଂ ଲାଇନ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ଜିଲ୍ଲାର ସବୁ କାର୍ଯ୍ୟାଳୟରେ ଓଏସଡବ୍ଲ୍ୟୁଏସ



ମାଧ୍ୟମରେ ଅନଲାଇନ ଫାଇଲ ଗୁଡିକର ଆରମ୍ଭ ଏବଂ ସମାଧାନରେ ଉଲ୍ଲେଖନୀୟ ଉନ୍ନତି ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଉପନିର୍ଦ୍ଦେଶକ ପରିସଂଖ୍ୟାନ, ଡିଲେଶ୍ୱର ଧରୁଆ, ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ଦିନରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ପ୍ରଥମେ ପର୍ଯ୍ୟଟନ ବିଭାଗ ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯଥା ତୀଖାଳି ଡ୍ୟାମ, ଗୋଧସ ଜଳପ୍ରପାତ ଏବଂ ଜିଲ୍ଲା ସଂସ୍କୃତି ଭବନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତାହାର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ରାଜପଥ ବିଷୟରେ ଆଲୋଚନା କରି ମୁକୁଳା ଡ୍ରେନ ଘୋଡାଇବା ଜବରଦଖଲ ହଟାଇବା ଆଦି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ କହିଥିଲେ। ସେହିପରି, ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କୁ ଜିଲ୍ଲାରେ ଥିବା ଚାକିରି ଆଶାୟୀ ଯୁବବର୍ଗଙ୍କୁ ପ୍ରଶାସନିକ, ବ୍ୟାଙ୍କିଙ୍ଗ, ଏସ୍‌ଏସ୍‌ସି ଏବଂ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଭାଗ ନେବା ନିମିତ୍ତ ତାଲିମ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା। ବୈଠକରେ ଜଳସେଚନ, ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ, ପ୍ରାଣୀସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି, ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ତହସିଲଦାରଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡିକେନ୍ଦ୍ରଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା। ଗ୍ରାମୋଦୟ ସଭାରେ ଜିଲ୍ଲାପାଳ ବନାଞ୍ଚଳରେ ରାସ୍ତାଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଳରେ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଗୃହ, ପରିବହନ, ଯୋଗାଯୋଗ, ଆଧାର ଇତ୍ୟାଦି ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକମୁକ୍ତ କରି ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

# ମୃତ ଅନୀଲ ସାଗରଙ୍କ ପରିବାରକୁ ସହାୟତା



**ଧର୍ମଗଡ଼, ୩୦।୧୨(ସମିସ):** ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ବରିଷ୍ଠ କଳାକାର ସ୍ୱର୍ଗତ ଅନୀଲ ସାଗରଙ୍କ ଗତ ଗତ ୧୮ତାରିଖ ଦିନ ବିଶାଖପାଟଣାରେ ମୃତ୍ୟୁ ହୋଇଥିଲା। ସୋମବାର ଦିନ ତାଙ୍କର ଦଶାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷିରେ ଚାରିଗଡ଼ ନାଟ୍ୟ ମହାସଂଘର ସଦସ୍ୟମାନେ ଯୋଗ ଦେଇ ପରିବାର କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଦେଇଛନ୍ତି।ନାଟ୍ୟ ଜଗତରେ ସ୍ୱର୍ଗତ ଅନୀଲଙ୍କ ଅବଦାନ ଗୁରୁତ୍ୱ ରହିଥିଲା। ସେ ଜଣେ ଦକ୍ଷ କଳା ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। କଳା ଜଗତରେ ତାଙ୍କ ବିୟୋଗ ଅପୁରଣୀୟ କ୍ଷତି ଘଟିଥିବା ସଂଘର ସଦସ୍ୟମାନେ କହିଛନ୍ତି। କାର୍ଯ୍ୟକ୍ରମରେ ନାଟ୍ୟ ମହା ସଂଘ ସଭାପତି ପ୍ରିୟ ରଞ୍ଜନପଣ୍ଡା, ଉପସଭାପତି ପଦ୍ମକିଶୋର ଦୁର୍ଗା, ଜଳନ୍ଧର ନିଆଲ ଅଶୋକକର, ବଲତ ନାଗରାଜ, ଲେଖକ, ନାଟ୍ୟକାର ଅର୍ଜୁନ ଗୋପାଳ, ଦୟାଧର ବିହାରୀ, ଦୁର୍ଯ୍ୟାଧନ ଚଣ୍ଡୀ, ପ୍ରେମ କିଶୋର ଭଇସାଲ, ଅନନ୍ତ ଗୋପାଳ, ମନୋଜ ମେହେର, ଭୁବନେଶ୍ୱର ସୁନାନୀ, ନାଟ୍ୟକାର ମହେନ୍ଦ୍ର ଦୁର୍ଗା, ରଘୁ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯେ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅନୀଲ ସାଗର କିଛି ମାସ ତଳେ ବିଶାଖପାଟଣାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୮ତାରିଖ ଦିନ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ

**ଭବାନୀପାଟଣା, ୩୦।୧୨ (ସମିସ):** କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଡ.ସନ୍ତୋଷ ଶତପଥୀ ପ୍ରାଣୀ ଚିକିତ୍ସକ ସାହିତ୍ୟିକ କବି ତଥା ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ସମ୍ପାଦକ ଯୋଗଦାନ କରି କବିତା ଲେଖିବା ଶୈଳିକୁ ଖୁବ ସୁନ୍ଦର ଭାବରେ ବ୍ୟାଖ୍ୟା କରି ଲେଖିବା ଧାରାରସୁମାର୍ଗ ଦର୍ଶାଇଥିଲେ। ସଭାପତିଙ୍କ ଅନୁରୋଧକ୍ରମେ ସ୍ୱରଚିତ ସୁନ୍ଦର ଭଜନ ପରିବେଷଣ କରିଥିଲେ ତଥା କବିତା ପାଠ କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ। ସରସ୍ୱତୀ ବନ୍ଦନା ଗାନ କରି ଥିଲେ କବି ସ୍ନେହଲତା ଷଡଙ୍ଗୀ। ବ୍ରହ୍ମ ନାଦ ଓ ଶାନ୍ତି ପାଠ କରିଥିଲେ କବି ସବିତା ଦାସ। ବନ୍ଦେ ମାତରଂ ଗାନ କରିଥିଲେ କବି ମୀନା ମୁଣ୍ଡ। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ସୌଦାମିନୀ ଭୋଇଙ୍କ ଗଳ୍ପ ଧୋତି କୁର୍ତ୍ତା ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା। କବି ମିନତି ପ୍ରଧାନଙ୍କ ସଂଯୋଜନାରେ କବି ମଞ୍ଜୁ ରାଣୀ ରଥ, ନିବେଦିତା ମହାନ୍ତି, ନୀରୂପମା ମହାନ୍ତି, ପ୍ରେମଶୀଳା ବେହେରା, ସବିତା ଦାସ, ସ୍ନେହଲତା ଷଡଙ୍ଗୀ, ସୌଦାମିନୀ ଭୋଇ, ସୁବ୍ରତା ମହାପାତ୍ର, ବିଳାସିନୀ ମହାପାତ୍ର, ରଶ୍ମି ରାଣୀ ରଥ, ମିନତି ପ୍ରଧାନ, ମୀନା ମୁଣ୍ଡ, ମନୋରମା ପାତ୍ର, କବିତା ମୁଣ୍ଡ, ସସ୍ମିତା ସାହୁ, ଦୀପ୍ତି ମୁଣ୍ଡ, କଳ୍ପନା ରଥ, ଅର୍ଚ୍ଚନା ମିଶ୍ର ପ୍ରମୁଖ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଗୁଗଲ ମିଟ ସହାୟତା ଯୋଗାଇଥିଲେ କବି ଦୀପ୍ତି ମୁଣ୍ଡ। କବି ଅର୍ଚ୍ଚନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖର୍ସେଲ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା, ୩୦।୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଖର୍ସେଲ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ



ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ସିଡିଏମଓ ଡ. ଧନେଶ୍ୱର ସେଠୀ, ବିଡ଼ିଓ କାର୍ମୀ ଓରାମ, ବ୍ଲକ ଉପାଧକ୍ଷା ମୀନା ଘିବେଲା, ସ୍ଥାନୀୟ ସରପଞ୍ଚ ବିରେନ୍ଦ୍ର ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ସଞ୍ଜିତାକୁ କୋଳରେ ଧରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେମାନଙ୍କ ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ରୋପଣ ପାଇଁ ଦେଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସମାଜ ସମ୍ବେଦନ ଶୀଳ ହେଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସୂଚାରୁ ରୁପେ ସମ୍ପାଦନ କଲେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥା ଦୂର ହୋଇ ପାରିବ ବୋଲି ଆଶା ପ୍ରକାଶ କରିଥିଲେ।ଏହି ପଞ୍ଚାୟତର କୌଣସି ପୁରୁଷ କିମ୍ବା ମହିଳା ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ। ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ। କ୍ଷଆମେ ସମସ୍ତେ ମିଶି ଖର୍ସେଲ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ, ଶିଶୁ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି କହିଥିଲେ। ଶିବିରରେ ଅତିଥିଗଣ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ମନରେଗା ଯୋଜନାରେ ୧୦୦ ଦିନରୁ ଅଧିକ ଶ୍ରମଦାନ କରିଥିବା ଶ୍ରମିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ସମସ୍ତ ଅତିଥି ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିବା ସହିତ ବୃକ୍ଷରୋପଣ କରିଥିଲେ। ଶେଷରେ ସରପଞ୍ଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସିନାପାଲି ବିଡ଼ିଓ ଏବଂ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ।

# ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ନାରୀ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୩୦।୧୨(ସମିସ):** ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବା ସଂଘ ଓ ଧର୍ମଗଡ଼ ଶକ୍ତି ସଦନ କାର୍ଯ୍ୟାଳୟ ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଏସ ଜଗନ୍ନାଥ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅର୍ଥନୀତି ବିଭାଗର ଅଧ୍ୟାପିକା ରୋଜାଲିନ ମୁଣ୍ଡ, ଇଂରାଜୀ ଅଧ୍ୟାପିକା ନିବେଦିତା ଡାକୁଆ, ଖେଳ ଶିକ୍ଷକ ଅଭୟ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜେଣ୍ଡର ସାମର୍ଥ୍ୟ ସ୍ପେସିଆଲିଷ୍ଟ ରାମଚନ୍ଦ୍ର ବାଗ ଓ ଜେଣ୍ଡର ସମ୍ବଳ ସ୍ପେସିଆଲିଷ୍ଟ ମୋହନ ନାଏକ ଯୋଗଦେଇ ଶକ୍ତି ସଦନରେ କେଉଁ ମହିଳାମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଆ ଅଧ୍ୟାପକ ଗଣପତି ବାଗ ମୁଖ୍ୟବକ୍ତା ଭାବେ ମହିଳାମାନେ କିଭଳି ଶିକ୍ଷାକ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆମନିର୍ଭରଶିଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟ ବିବାହରୁ ଦୁରେଇ ରହିବା ସହ ସରକାରଙ୍କ ତରଫରୁ ମହିଳାଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟ ସହଯୋଗୀ ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।




# ପାତାଳଗଙ୍ଗା ମହୋତ୍ସବ ଶୁଭଖମ୍ବ ସ୍ଥାପନ

**ନୂଆପଡ଼ା/ବୋଡ଼େନ, ୩୦।୧୨(ସମିସ):** ଆସନ୍ତା ଜାନୁୟାରୀ ମାସ ୨୧ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ନୂଆପଡ଼ା ଜିଲ୍ଲା ବୋଡ଼େନ ହାଇସ୍କୁଲ ପଡ଼ିଆରେ ପାତାଳ ଗଙ୍ଗା ମହୋତ୍ସବ ହେବ। ଏଥି ସକାଶେ ପାତାଳ ଗଙ୍ଗା ମହୋତ୍ସବର ଶୁଭ ଖମ୍ବ ସ୍ଥାପନ ହେଇଛି। ମହୋତ୍ସବର ଖମ୍ବ ସ୍ଥାପନ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ମହୋତ୍ସବ ପାଳନ କମିଟି ସଭାପତି ଲମ୍ବୋଦର ନିଆଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିଥିଲେ। ପୁରୋହିତ ଭାବେ ଭୁବନେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ବୋଡ଼େନ ଝାଙ୍କର ମନ ମାଝୀ ଖମ୍ବ ସ୍ଥାପନରେ ପୂଜା କରି ଭୂମିପୂଜନ କରିଥିଲେ। ଏହି ଅବସରରେ ମହୋତ୍ସବ ପାଳନ କମିଟି କର୍ମକର୍ତ୍ତା ଉପ ସଭାପତି ଯୋଗେନ୍ଦ୍ର ମାଝୀ, ସମ୍ପାଦକ ଗଣେଶ ଦଣ୍ଡସେନା, ସହସମ୍ପାଦକ ରାଜ କିଶୋର ହେର୍ଣ୍ଣା, ଉପଦେଷ୍ଟା ଅତିନ୍ଦ୍ରଜିତ ସିଂହ ମଲ୍ଲିକ, ବେଣୁଧର ଜଗତ, ଡମବୁଢ଼ା ଗୁଆଲ, ଯତୀନ ଦଣ୍ଡସେନା, ବିଜୟ ଦଣ୍ଡସେନା, ପର୍ଶୁରାମ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

ସର୍ବଭାରତୀୟ କରାଟେ ପ୍ରତିଯୋଗିତା

# କଳାହାଣ୍ଡିକୁ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୬ କାଂସ୍ୟ ପଦକ

**ଲାଞ୍ଜିଗଡ଼, ୩୦।୧୨(ସମିସ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ସର୍ବଭାରତୀୟ ଓପନ୍ କରାଟେ ପ୍ରତିଯୋଗିତା-୨୦୨୫ ମଙ୍ଗଳବାର



ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାକୁ ବିଭିନ୍ନ ବର୍ଗରେ ୧୫ ପଦକ ମିଳିଛି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଜଣ କରାଟେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସବ୍‌ଜୁନିୟର ଅଣ୍ଡର ୧୪ ବର୍ଷ ବର୍ଗରେ କୁସୁମପ୍ରଭା ମାଝୀ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ପଦକ, ସ୍ୱୟଂ ଓଡ଼ିଆଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ, ପୁଷ୍ପେନ୍ଦୁ ବିଶ୍ୱାଳଙ୍କୁ କୁମିତେ (ଫାଇଟିଂ)ରେ ଗୋଟିଏ ସ୍ୱର୍ଣ୍ଣ, ଆଶୀର୍ବାଦ ବାଡ଼ତିଆଙ୍କୁ (ଫାଇଟିଂ)ରେ ଗୋଟିଏ କାଂସ୍ୟ ହାସଲ କରିଛନ୍ତି।ସେହିପରି କେଡେଟ୍ ଓ ଜୁନିୟର ୧୮ ବର୍ଷ କମ୍ ବର୍ଗରେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଂ) ରେ ସ୍ୱର୍ଣ୍ଣ, ଲୋକେଶ ବିଶ୍ୱାଳ କୁମିତେ (ଫାଇଟିଂ) ରେ ରୌପ୍ୟ, ହିତେଶ ମହାଖୁଡ଼ଙ୍କୁ କାତାରେ ୨ଟି ସ୍ୱର୍ଣ୍ଣ ଓ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, କିରନ ବେମାଲଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ, ଗଙ୍ଗାଧର ମଲ୍ଲିକଙ୍କୁ କୁମିତେ (ଫାଇଟିଂ) ରେ ୧ ସ୍ୱର୍ଣ୍ଣ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ ପଦକ ମିଳିଛି। କଳାହାଣ୍ଡି ଉତ୍କଳ କରାଟେ କୋଚ୍ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷା ଡ.ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ୍ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଲାଞ୍ଜିଗଡ଼ ବ୍ଲକ ତଥା କଳାହାଣ୍ଡି ଜିଲ୍ଲାବାସୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରିଛନ୍ତି।

ଭିତ୍ତିଭୂମି ନଥାଇ ପୋଥୋଲ୍ୟାବ, କ୍ଲିନିକ୍

# ରୋଗୀଙ୍କ ପାଇଁ ନାହିଁ ଶୌଚ ବ୍ୟବସ୍ଥା

**ଧର୍ମଗଡ଼, ୩୦।୧୨(ସମିସ)**

ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱ ବିଭାଗ ପ୍ରତି କାହାର ସମ୍ବେଦନଶୀଳ ନ ରହିବା ମନେ ହେଉଛି।ବର୍ତ୍ତମାନ ଏହା ବ୍ୟବସାୟରେ ପରିଣତ ହୋଇସାରିଛି। ମନଇଛା ଯିଏ ଯୋଉଠି ପାରିଲା ପାଥୋଲୋଜି ଖୋଲି ଲୋକଙ୍କ ଠାରୁ ଶୋଷଣ କରି ଚାଲିଛନ୍ତି।ଏଥିପ୍ରତି ନା ପ୍ରଶାସନ ନିଘା ରହୁଛି ନା ସରକାର ଦୃଷ୍ଟି ଦେଉଛି।ଯାହା ଅନେକ ପାଥୋଲୋଜି, କ୍ଲିନିକ ମାଲିକ ରୋଗୀଙ୍କ ପାଇଁ କୌଣସି ଭିତ୍ତିଭୂମି ନିର୍ମାଣ ନ କରି ଖୋଲିଥିବା ଅଭିଯୋଗ ହୋଉଛି। ଧର୍ମଗଡ଼ ଡାକ୍ତରଖାନା ମୁଖ୍ୟରାସ୍ତା ରେ ଅନେକ ପାଥୋଲୋଜି କ୍ଲିନିକ ଗଢି ଉଠିଛି। ହେଲେ କୌଣସି ପାଥୋଲୋଜିରେ ଶୌଚ କିମ୍ବା ଝାଡା ପରିଶ୍ରା ଯିବା ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଉଛି। ସାଧାରଣ ଭାବେ ଝାଡା ପରିଶ୍ର ନମୁନା ପରୀକ୍ଷା ରୋଗୀଙ୍କ କ୍ଷେତ୍ରରେ ଅନେକ ଅସୁବିଧା ହୋଉଥିବା ଦେଖାଦେଇଛି।ପରୀକ୍ଷା ଲାଗି ନିକଟରେ ଥିବା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଗୋଷ୍ଠୀ ଶୌଚଳୟ ଉପରେ ନିର୍ଭର କରୁଛନ୍ତି। ତାହା ବି ଅପରିଷ୍କାର ପରିବେଶ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି।ଅନ୍ୟପଟେ ପରୀକ୍ଷା ବାବଦରେ ବେସରକାରୀ ପାଥୋଲୋଜି କ୍ଲିନିକ ମନଇଛା ମୂଲ୍ୟ ନେଉଥିବା ଅଭିଯୋଗ ହେଉଛି। ଉପଖଣ୍ଡ ଡାକ୍ତରଖାନାରେ ସରକାରୀ ପରୀକ୍ଷା କେନ୍ଦ୍ର ରହିଥିଲେ ହେଁ ଅଧିକାଂଶ ରୋଗୀ ନିକଟରେ ଥିବା ପୋଥୋଲୋଜି କ୍ଲିନିକମାନଙ୍କରେ ପରୀକ୍ଷା କରିଥାନ୍ତି। ଏପରିକି ପାଥୋଲୋଜି କ୍ଲିନିକ ମାଲିକମାନେ ଅନେକ ଦଲାଲକୁ ନିଯୁକ୍ତି ରଖି ରୋଗୀଙ୍କୁ ପରୀକ୍ଷା ନିଜ ପାଥୋଲୋଜି କ୍ଲିନିକରେ ବାଧ୍ୟ କରୁଥିବା ନଜର ରହିଛି। ବିଭିନ୍ନ ପରୀକ୍ଷା ପାଇଁ ମୂଲ୍ୟ ନିର୍ଦ୍ଧାରଣ ବିବରଣୀ ବେସରକାରୀ ପାଥୋଲୋଜି, କ୍ଲିନିକମାନଙ୍କରେ ଲଗା ଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି।ହେଲେ ସରକାର ନିର୍ଦ୍ଦେଶକୁ ଅଣଦେଖା କରି ପାଥୋଲୋଜି କ୍ଲିନିକରେ ମନଇଛା ଟଙ୍କା ନେଉଥିବା ବାରମ୍ବାର ଅଭିଯୋଗ ଉଠିଛି। ପ୍ରଶାସନ ପାଖରେ ଖବର ଥାଇ ବି ନିରବ ରହିବା ନୀତିକୁ ସନ୍ଦେହ ଉଠିଛି। ଅନ୍ୟପଟେ ଯୋଗ୍ୟତା ପ୍ରାପ୍ତ ସଂସ୍ଥା ଠାରୁ ପଞ୍ଜିକୃତ ହୋଇ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅନୁମତିରେ ପାଥୋଲୋଜି କ୍ଲିନିକ ଖୋଲିବା ନିୟମ ଥିଲେ ହେ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖା ଦେଇଥିବା ଆଲୋଚନା ହେଉଛି।ବିନା ଅଭିଜ୍ଞତାରେ ଲାଭଖୋର ନୀତି ଆପଣେଇ କେତେକ ପାଥୋଲୋଜି କ୍ଲିନିକ ଅନ୍ୟର ଶିକ୍ଷା ଗତ ପ୍ରମାଣପତ୍ରରେ ଖୋଲିଥିବା ଆଲୋଚନା ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଉଛି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ; ମାଲଗୁଣ୍ଡି ଚାମ୍ପିଅନ

**କୋକସରା, ୩୦।୧୨(ସମିସ):** କୋକସରା ବ୍ଲକ ଡାଲଗୁମା ଖେଳ ପଡ଼ିଆରେ ଲଙ୍କେଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସପ୍ତଦିବସିୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଫାଇନାଲ ଖେଳ ସହ ଉଦ୍‌ଯାପିତ ହୋଇଛି। ଏଥିରେ ଡ଼ଙ୍ଗରିଗୁଡାକୁ ହରାଇ ମାଲଗୁଣ୍ଡି ଦଳ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ମାଲଗୁଣ୍ଡି ଏବଂ ଡ଼ଙ୍ଗରିଗୁଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ପରେ ଟ୍ରାଇବେକ୍ ରେ ମାଲଗୁଣ୍ଡି ଦଳ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହେଇଛି। ଖେଳ ଶିକ୍ଷକ ଶଙ୍କର ପୋଡ଼ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଚିତ୍ତରଞ୍ଜନ ଠାକୁର ଗଣପତି ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ। ଫକୀର ଶାଗଡ଼ିଆ ଧାରାବିବରିଣୀ ପ୍ରଦାନ କରିଥିବା। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମିତି ସଭ୍ୟ ଚିନ୍ତାମଣି ଚଣ୍ଡୀ, କଂଗ୍ରେସ ନେତା



ମହେନ୍ଦ୍ର କୁମାର, ମୋହିତ ରାଉତ, ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସୁଧୀର ଖର୍ସେଲ, ଭକ୍ତିରାମ ପୋଡ, କେତୁରାମ ମାଝୀ, ଅମୋଜ ଧରୁଆ, ରାମପ୍ରସାଦ ଧରୁଆ, ଦିଗାମ୍ବର ବେମାଲ, ନମିଷ ପଟ୍ଟନାୟକ, ପ୍ରଫୁଲ ଚଣ୍ଡୀ ନୀଳମଣି କଟା, ମୁକେଶ କଟା, ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# ଜୀବନ ଜୀବିକାର ଅସଲ କାହାଣୀ ବଖାଣିଲେ ସଫଳ ଚାଷୀ

**ଭବାନୀପାଟଣା, ୩୦ ।୧୨(ସମିସ)**



କଳାହାଣ୍ଡି ଜିଲ୍ଲାରେ ଜୀବନ ଜୀବିକାର ଏକ ମାତ୍ର ଭରସା ଧାନ କପା, ମକା ଫଳ ପନିପରିବା ହେଉକି ମାଛ। ଭବାନୀପାଟଣା ସହର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ମେଳାରେ ନିଜ ନିଜର ସଫଳ କାହାଣୀ ବଖାଣିଥିଲେ ଓ ସମ୍ବର୍ଦ୍ଧିତ ହୋଇଥିଲେ ବହୁ ଆଗଧାଡିର ଚାଷୀ। ଆୟୋଜିତ ଉତ୍ସବ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟବକ୍ତା ଭାବେ ଓମଫେଡର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଓମଫେଡର ଜେନରାଲ ଡ଼ାଇରେକ୍ଟର ଡ଼.ରଜନୀ କାନ୍ତ ପଣ୍ଡା, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନୀରଦ ଚନ୍ଦ୍ର କହଁର ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.କହଁର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅଭିବୃଦ୍ଧି ପାଇଁ କରିଥିବା ବିଭିନ୍ନ ଯୋଜନା ଓ କଳାହାଣ୍ଡି ଜିଲାରେ ଏହାର ବିକାଶ ଓ କାର୍ଯ୍ୟକାରିତା ଉପରେ ଅତିଥିମାନେ କହିଥିଲେ। କର୍ଲାପଡ଼ା ପ୍ରାଣୀ ଚିକିତ୍ସକ ଡ.ସୁଦେବୀ ଭଞ୍ଜ, ବିଶ୍ୱନାଥପୁର ପ୍ରାଣୀଚିକିତ୍ସକ ଡ଼.ତେଜସ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ହୋଇଥିବା ଜିଲ୍ଲାର ୪ ଜଣ ଚାଷୀଙ୍କୁ ଆର୍ଥିକ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୋଶାଳା ନିର୍ମାଣ ପାଇଁ ୨ ଚାଷୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ତଥା ଅନ୍ୟାନ୍ୟ ବିଭାଗର ୩୨ ଟି ଷ୍ଟଲ ପ୍ରଦର୍ଶନୀ ହୋଇଥିବା ବେଳେ ୨୪ ଟି ଜୀବନ୍ତ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ କରାଯାଇଛି। ମେଳା ଆୟୋଜନରେ ଜିଲ୍ଲା ତାଲିମ ସଂଯୋଜକ ଡ଼. କେଦାର ନାଥ ଖମାରୀ, ଅତିରିକ୍ତ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଦୀପକ ଦେହୁରା, ଡ଼. ଅଶୋକ ଚନ୍ଦ୍ର ପଣ୍ଡା, ଏଏଫଓ ପ୍ରଶାନ୍ତି ନାୟକ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସକ୍ରିୟ ଦାୟିତ୍ୱ ତୁଲାଉଛନ୍ତି। ପରେ ବୈଜ୍ଞାନିକ ଓ ଚାଷୀ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।ଡ଼.ପରାଗ ଆଚାର୍ଯ୍ୟ ଓ ଧର୍ମଗଡ଼ ଏସ୍‌ଡ଼ିଭିଓ ଡ଼. ମଧୁସୂଦନ ଦାସ ସାମିଲ ହୋଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

### ବଫଲାମାଳିରେ ମା'ବଫଲେନ୍ ଦେବୀଙ୍କ ମାଳି ଚଗା ପର୍ବ

# ବର୍ଷରେ ଥରେ ପୂଜା ପାଆନ୍ତି ଦେବୀ



**ଥୁଆମୂଳରାମପୁର, ୩୦ ।୧୨(ସମିସ):** କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲା ସୀମାନ୍ତରେ ଅବସ୍ଥିତ ବଫଲାମାଳି ଶିଖରରେ ପୂଜା ପାଇ ଆସୁଥିବା ମା'ବଫଲେନ୍ ଦେବୀଙ୍କ ବାର୍ଷିକ ପୂଜା 'ମାଳି ଚଗା' ପର୍ବ ଅନୁଷ୍ଠିତ ହୋଇଯାଇଛି। ପୁରାତନ କାଳରୁ ପୂଜା ପାଇ ଆସୁଥିବା ମା' ବଫଲେନ୍ ଦେବୀଙ୍କୁ ପ୍ରତିବର୍ଷ ପୌଷ ମାସର ଶେଷ ମଙ୍ଗଳବାର ଦିନ ବର୍ଷକୁ ଥରେ ବଫଲାମାଳିର ରାଣୀ ପାହାଡସ୍ଥିତ ଏକ ଗୁମ୍ଫାରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥାଏ। ବଫଲାମାଳି ପାହାଡ଼ର ପାଦ ଦେଶରେ ବସବାସ କରୁଥିବା ଲୋକଙ୍କ ଆରାଧ୍ୟା ଦେବୀ ବଫଲେନଙ୍କୁ ଆସ୍ଥା ଓ ବିଶ୍ୱାସର ସହିତ ପୂଜାର୍ଚ୍ଚନା କରିଥାନ୍ତି ଆଦିବାସୀ ପରମ୍ପରା ଏବଂ ରୀତିନୀତି ମୁତାବକ ବର୍ଷରେ ଥରେ ହେଉଥିବା ଏହି ପୂଜାରେ ଶହଶହ ଶ୍ରଦ୍ଧାଳୁ ତଥା ମାନସିକ ଧାରୀ ମାଙ୍କ ଦର୍ଶନ ପାଇଁ ଏହି ମାଳି ଶିଖରକୁ ଚଢ଼ି ଥାଆନ୍ତି ଯାହା 'ମାଳି ଚଗା' ନାମରେ ପ୍ରସିଦ୍ଧି ଲାଭ କରିଛି। ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ବଫଲାମାଳିରୁ ବକ୍ସାଇଟ୍ ଖଣି ଖନନ ହେଉଥିବାରୁ ଏହି ଅଞ୍ଚଳକୁ ଜନ ସାଧାରଣଙ୍କ ପ୍ରବେଶ ନିଷେଧ ରହିଛି। ହେଲେ 'ମାଳି ଚଗା' ଯାତ୍ରା ପାଳନ ଯୋଗୁଁ ଦିନକ ପାଇଁ ଖଣି ଅଞ୍ଚଳକୁ ପ୍ରବେଶ ପାଇଁ କଟକଣାରେ କୋହଳ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ଯାତ୍ରାରେ କଳାହାଣ୍ଡି, ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ବଫଲାମାଳି ପାହାଡ଼ ଉପରେ ରହିଛି ରାଜା ଏବଂ ରାଣୀ ନାମରେ ଦୁଇଟି ଐତିହାସିକ ପାହାଡ଼। ଯାହା ଖଣି ଖନନ ଦ୍ୱାରା ପ୍ରଭାବିତ ହେଉଛି। ଗୁମ୍ଫା ତଳେ ପୂଜା ପାଇ ଆସୁଥିବା ଦେବୀଙ୍କ ପୀଠ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି।

### ରେଘାମୁଣ୍ଡା ସୁମତି ରଣା ହତ୍ୟା ମାମଲା

## ତଦନ୍ତ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ରେଘାମୁଣ୍ଡା ଗ୍ରାମରେ ହୋଇଥିବା ସୁମତି ରଣା ହତ୍ୟାକାଣ୍ଡ ମାମଲାର ତଦନ୍ତରେ ଶିଥିଳତା ଅଭିଯୋଗ ହୋଇଛି। ଉପଯୁକ୍ତ ତଦନ୍ତ ଦାବି କରି ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତ ସୁମତିଙ୍କ ବଡ଼ଭାଇ ସୁବୋଧ ରଣା। ପୁରୁଣା ଥାନା ଗୁଡଭେଲା ଗ୍ରାମର ସୁବୋଧ ରଣା ଏସ୍‌ପିଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ସୁମତି ୧୩ ବର୍ଷ ତଳେ ଘଣ୍ଟାପଡ଼ା ଥାନା ରେଘାମୁଣ୍ଡା ଗ୍ରାମର ସତ୍ୟ ନାରାୟଣ ରଣାଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ପରିବାର ସଦସ୍ୟମାନେ ବିଭିନ୍ନ ସମୟରେ ସୁମତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବାବେଳେ ଗତ ୮ ତାରିଖରେ ବଲାଙ୍ଗିର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଭାଇ ସୁବୋଧ ଭଉଣୀ ସୁମତିଙ୍କୁ ସ୍ୱାମୀ ଓ ପରିବାର ଲୋକେ ହତ୍ୟା କରିଥିବା ଡିସେମ୍ବର ୧୦ ତାରିଖରେ ଘଣ୍ଟାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୨୦ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଘଣ୍ଟାପଡ଼ା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଉପ ଆରକ୍ଷୀଅଧୀକ୍ଷକ ଦାବିପତ୍ର ଗ୍ରହଣ କରିଥିଲେ।

## ରୋଗୀ ସହାୟକ ବିଶ୍ରାମସ୍ଥଳୀରୁ ଚୋରି

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ରୋଗୀ ସହାୟକ ବିଶ୍ରାମସ୍ଥଳୀରୁ ଜଣେ ରୋଗୀ ସହାୟକଙ୍କ ମୋବାଇଲ୍ ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଆଠମଲ୍ଲିକ ଥାନା ଉଲୁଠୁ ଗ୍ରାମର ପ୍ରଦୀପ କୁମାର ସେଠୀ ନାମକ ଜଣେ ଯୁବକ ପ୍ରସବ ୱାର୍ଡରେ ନିଜ ଭଉଣୀଙ୍କ ଦେଖାଶୁଣା କରିବା ପାଇଁ ବିଶ୍ରାମ ନେଇଥିଲେ। ସେ ବିଶ୍ରାମସ୍ଥଳୀର ଶୌଚାଳୟକୁ ଯାଇଥିବା ବେଳେ ସେଠାରେ ଥିବା ଜଣେ ଯୁବକ ତାଙ୍କ ମୋବାଇଲ୍ ଓ ପର୍ସରେ ଥିବା ପ୍ରାୟ ୩ ହଜାର ଟଙ୍କା ଓ ଅନ୍ୟ କାଗଜପତ୍ର ନେଇ ଫେରାର ମାରିଥିବା ସୂଚନା ମିଳିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁନଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଛି।

## ସରକାରୀ କାର୍ଯ୍ୟାଳୟକୁ ଇଂରାଜୀ ନୂଆବର୍ଷ ପାଳନସ୍ଥଳୀ ନ କରିବାକୁ ପରାମର୍ଶ

**ବଲାଙ୍ଗିର, ୩୦ ।୧୨(ସମିସ):** ଇଂରାଜୀ ନୂଆବର୍ଷ ୨୦୨୬ର ପହିଲା ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟ ଦିବସ ଭାବେ ଚାଲିବ। ତେଣୁ ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନରସ୍ଥଳୀନ କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ, ସୌଜନ୍ୟମୂଳକ ସାକ୍ଷାତ ବ୍ୟତିତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ ଇତ୍ୟାଦି ସରକାରୀ କାର୍ଯ୍ୟାଳୟ ପରିସରରେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ପରିଦର୍ଶକଙ୍କୁ ନିମ୍ନଲିଖିତ ବିଷୟଗୁଡ଼ିକ ଉପସ୍ଥାପନ କିମ୍ବା ଗ୍ରହଣ କରିବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକରେ ଗୁଡ଼ାଯାଇଥିବା ପୁଷ୍ପ, ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକରେ ତିଆରି କିମ୍ବା ପ୍ୟାକେଜ୍ ହୋଇଥିବା ଉପହାର, ସ୍ମାରକୀ କିମ୍ବା ସାଜସଜ୍ଜା ସାମଗ୍ରୀ ଉପହାର ଦେବାକୁ ମନା କରାଯାଇଛି। ପରିବେଶ ପ୍ରତି ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି ଏବଂ ଉପରୋକ୍ତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ

**ତରଭା, ୩୦ ।୧୨(ସମିସ):** ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଏକ ଦସ୍ତଖତ



ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ୧୯୬୪ରେ ପ୍ରତିଷ୍ଠିତ ହୋଇଥିବା ଏହି ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନ ଥିବାରୁ ଆଲୁମିନି ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବି ହେଉଥିବାବେଳେ ସରକାର ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ସୋନପୁର କଲେଜର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀଙ୍କ ସହିତ ପୂରାତନ ଛାତ୍ର ସଂଘର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଭାରତଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଓଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ଗୌରୀ ଶଙ୍କର ରଥ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ନୂତନ ଭାବରେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ ସାରିଥିବା ବେଳେ ପୂରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ପାଇଁ ଯଦି ଦରକାର ପଡ଼େ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଗ୍ରହଣ କରାଯିବା ପାଇଁ ଏହି ଅବସରରେ ବିଭିନ୍ନ ଛାତ୍ର ନେତା ପ୍ରକାଶ କରିଛନ୍ତି। ଦସ୍ତଖତ ଅଭିଯାନ ଦିନ ୧୧ ଟା ରୁ ଆରମ୍ଭ ହୋଇ ରାତ୍ର ୯ ଟା ପର୍ଯ୍ୟନ୍ତ ହୋଇଥିବାବେଳେ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ଦସ୍ତଖତ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ଛକ ଠାରେ ସନ୍ଧ୍ୟା ୭ ଟା ବେଳେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବୌଦ୍ଧ ମହୋତ୍ସବ ପ୍ରଚାରପ୍ରସାର ରଥ ଶୁଭାରମ୍ଭ

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ମହୋତ୍ସବ କମିଟି ପକ୍ଷରୁ ଜାନୁଆରୀ ଦୁଇ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବୌଦ୍ଧ ମହୋତ୍ସବ, ପଲ୍ଲୀଶ୍ରୀ ମେଳା, ଆତ୍ମନିର୍ଭରଭାରତ, ସ୍ୱଦେଶୀ ମେଳା ଏବଂ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ମେଳା ପାଇଁ ପ୍ରଚାରପ୍ରସାର ନିମନ୍ତେ ଏକ ପ୍ରଚାର



ଗାଡ଼ି ଶୁଭାରମ୍ଭ ହୋଇଯାଇଛି। ଉକ୍ତ ରଥକୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିଆରସିଂହ, ହରଭଙ୍ଗା ବିଡିଓ, ବୌଦ୍ଧ ଏବିଡିଓ, ବୌଦ୍ଧ ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୁରିଣ କୁମାର ଦେହୁରୀ, ଜିଲ୍ଲାର ବିଭିନ୍ନ ସଂଗଠନ ଓ ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ପାନୀୟ ଜଳ ଓ ପରିମଳ କମିଟି ବୈଠକ

**ନୂଆପଡ଼ା, ୩୦ ।୧୨ (ସମିସ):** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ଗୃହରେ ଜିଲ୍ଲା ପାନୀୟ ଜଳ ଓ ପରିମଳ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସଫଳ ପରିଚାଳନା



ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବାହ୍ୟ ମଳତ୍ୟାଗ ବିହୀନ ଗ୍ରାମ, ଗୋଷ୍ଠୀ ପରିମଳ କମ୍ପ୍ଲେକ୍ସ, ସଲିଡ ୱାଷ୍ଟ ମ୍ୟାନେଜମେଣ୍ଟ, ସୋଲାର ୱାଟର ସପ୍ଲାଇ, ଟ୍ୟୁବୱେଲ ପ୍ଲାଟଫର୍ମ ଆଣ୍ଡ ସୋକପିଟ, ହର ଘର ଜଳ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅଧିକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ନିର୍ବାହୀଅଧିକାରୀ ଜିଲ୍ଲା ପରିଷଦ କ୍ଷମାନିଧି ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲ୍ଲା ପରିଷଦର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନେରେଗା ଯୋଜନା ଅନ୍ତର୍ଗତ କାର୍ଯ୍ୟ ଦିବସ, ଗ୍ରାମୀଣ ଗୃହ ନିର୍ମାଣ (ରୁରାଲ ହାଉସିଂ) ଏବଂ କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନରୁ ପଞ୍ଚାୟତକୁ ମଞ୍ଜୁର ହୋଇଥିବା ଅର୍ଥର ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

# କାର୍ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବୀରମହାରାଜପୁର, ୩୦ ।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ଟେଭାପଦର ବୁଲାଣି ରାସ୍ତାରେ ରେଢ଼ାଖୋଲ



ପଟୁ ବଲାଙ୍ଗିର ଅଭିମୁଖେ ଯାଉଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଜଣେ ସେନା ଅଧିକାରୀ, ପରିବାର ସଦସ୍ୟଙ୍କୁ ଧରି କଟକରୁ କାର ଯୋଗେ ବଲାଙ୍ଗିର ଅଭିମୁଖେ ଫେରୁଥିବାବେଳେ, ଟେଭାପଦର ବୁଲାଣି ରାସ୍ତାରେ କାର୍‌ଟିର ଡାହାଣପଟ ପଛପଟ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ ଚାଷ ଜମିକୁ ଖସିପଡ଼ି ସମ୍ମୁଖରେ ଥିବା ଏକ ବମର ଗଛରେ ପିଟି ହୋଇଥିଲା। ଫଳରେ କାରର ସାମ୍ନାପଟ ଭାଙ୍ଗି ଯାଇଥିବା ବେଳେ, କାରରେ ବସିଥିବା ଚାଳକ ଏବଂ ଆରୋହୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସୁବଳୟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବାବେଳେ, ଆହତଙ୍କୁ ବିରାମହରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ

**ବିନିକା, ୩୦ ।୧୨(ସମିସ):** ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ଅଧ୍ୟାପିକା ବୈଜୟନ୍ତୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବ୍ୟଙ୍ଗ କବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଲତା, ସମାଜସେବୀ ଚନ୍ଦ୍ରମା ଅଗ୍ରୱାଲ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିବାବେଳେ ଶେଷରେ ଅଧ୍ୟାପକ ଅଶୋକ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପଏଁରୀ ତିହାର- ୨୦୨୬ ପାଇଁ ପ୍ରସ୍ତୁତି

**ତରଭା, ୩୦ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଆସନ୍ତା ଜାନୁଆରୀ ୧ରୁ ୩ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପଏଁରୀ ତିହାର -୨୦୨୬ ପାଇଁ ମଙ୍ଗଳବାର ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ହେବ। ତିନିଦିନ ଧରି ସନ୍ଧ୍ୟା ୫ଟା ରେ ଲୋକ ଗୀତ ଓ ସନ୍ଧ୍ୟା ୭ଟା ରେ ପ୍ରଥମ ସନ୍ଧ୍ୟାର ଅତିଥିମାନଙ୍କୁ ନେଇ ସଭା ଓ ପରେ ଲୋକନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ସୂଚନା ଦେଇଛନ୍ତି ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର। ଏହି ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଉପଦେଷ୍ଟା ତଥା ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନର ସହ ସମ୍ପାଦକ ପୃଥ୍ୱୀରାଜ ବାଘ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସାଂସ୍କୃତିକ ସଂଯୋଜକ ସନ୍ତୋଷ ମିଶ୍ର, ସନ୍ତୋଷ ପାଢ଼ୀ, ଅମିତ ସାହୁ, ସୌମ୍ୟ ରଞ୍ଜନ ସେଠୀ, ଲଳିତ ମେହେର, ଗୋପାଳ ମେହେର ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭାରତବର୍ଷର ଆତ୍ମା ଗଙ୍ଗା, ଗୀତା ଓ ଗାୟତ୍ରୀ

# ସଂକଟରେ ଭାରତୀୟ ଦାମ୍ପତ୍ୟ ଜୀବନର ମୂଲ୍ୟବୋଧ

**ଭବାନୀପାଟଣା, ୩୦ ।୧୨(ସମିସ):** ଆମ ଦେଶ ଭାରତ ବର୍ଷ ଭାଇଚାରାର ଦେଶ, ବିଭିନ୍ନ ସମ୍ପ୍ରଦାୟକୁ ସମ୍ମାନ ଦେଇ ଆସୁଥିବାର ଦେଶ। କେବଳ ସେତିକି ନୁହେଁ ଆମ ଦେଶର ଆତ୍ମା ହେଉଛି ଗଙ୍ଗା, ଗୀତା ଆଉ ଗାୟତ୍ରୀର ଦେଶ। ଗଙ୍ଗା ଭଳି ପବିତ୍ରତା ଗୀତାର ବିଶ୍ୱ ଚେତନା ଓ ଗାୟତ୍ରୀ ଯାହା ଆଦିଶକ୍ତି ବୋଲି କହି ଆସୁଛୁ ତାହା ଆଉ ନାହିଁ ବୋଲି ଭବାନୀପାଟଣାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାବା ବଳିଆ କହିଛନ୍ତି। ଲୋଭ, ମୋହ, କ୍ଷୁଧା କାମନା ଓ ପିପାସା ପ୍ରବଳମାତ୍ରାରେ ବୃଦ୍ଧି ପାଇଛି। ଧାର୍ମିକ ଜୀବନ ଅପେକ୍ଷା କିଛି ହାସଲ ପାଇଁ ସଂଘର୍ଷ ଏବେ ଯୁଦ୍ଧର ବାତାବରଣ ସୃଷ୍ଟି ହେଉଛି। ଲାଞ୍ଚ ମିଛ ଆଉ ପିସି ମୁଖ୍ୟତଃ




ଗୁଣବତ୍ତା ସମ୍ପନ୍ନ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରୁଛି। ଦୁଃଖର ବିଷୟ ରାଜନୀତିର ସଂଜ୍ଞା ସମ୍ପୂର୍ଣ୍ଣ ବଦଳି ଯାଇଛି। ଅନେକ ସମୟର କାହା ମାୟା ଶକ୍ତି, କ୍ରିୟା ଶକ୍ତି ଓ ଇଛାଶକ୍ତିର କବଳରେ ପଡ଼ି ସାଧାରଣମଣିଷ ଛଟପଟ ହେବାକୁ ବାଧ। ଯୁବବର୍ଗ ମଦ୍ୟ ମାଦକ ଭିତରେ ବୁଡି ରହିବା ଫଳରେ ଆୟୁଷହାନି କଥା ଚିନ୍ତା କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଦେଇ ବାବା କହିଛନ୍ତି ଦୋଷ ଓ ଦୋଷୀଙ୍କୁ ନେଇ କରାଯାଉଥିବା ହୀନ ରାଜନୀତି ସବୁଠାରୁ ସାଙ୍ଘାତିକ ରୂପ ଧାରଣ କରୁଛି। ଜଘନ୍ୟ ଅପରାଧ ସତ୍ତ୍ୱେ କେବଳ ଗିରଫ କୋର୍ଟଚାଲାଣ ଭିତରେ ସବୁ ଘଟିଯାଉଛି। ପରିବାର ଠାରୁ ଆରମ୍ଭ କରି ଦେଶ ଦେଶ ମଧ୍ୟରେ ସମ୍ପର୍କରେ କୂଟନୀତିକୁ ଅନୁଶୀଳନ କଲେ ସମ୍ପର୍କ ସମ୍ପୂର୍ଣ୍ଣ ଛଳନାପୂର୍ଣ୍ଣ। ରାଜନୀତିର ସଂଜ୍ଞା ନିରୂପଣ କରିବା ବଡ କଷ୍ଟସାଧ ବ୍ୟବସ୍ଥା। ଠିକ ସେହିପରି ପରିବାରରେ ସନ୍ତୁଳନ ରହୁନାହିଁ। ବିବାହର ବର୍ଗୀକରଣ ସମାଜ ସହିତ ପରିବାରର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛି। ସଙ୍କଟ ଦେଇ ଗତି କରୁଛି ଭାରତୀୟ ଦାମ୍ପତ୍ୟ ଜୀବନର ମୂଲ୍ୟବୋଧ। ଶେଷରେ ସେ କହିଛନ୍ତି ଏବେ ବି ସମସ୍ତେ ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିପାରୁନାହାନ୍ତି। କୁସଂସ୍କାର ଅନ୍ଧ ବିଶ୍ୱାସ ମୂଳ ଖୋଜି ବସିଲେ ନିରାଶ ହେବାକୁ ପଡ଼ିବ। କିନ୍ତୁ ଜଣେ ବୈଧବ୍ୟ ଯନ୍ତ୍ରଣା ଭୋଗୁଥିବା ମହିଳା ଦୁଃଖରେ ଭାଙ୍ଗି ପଡୁଥିବାବେଳେ ପ୍ରଚଳିତ ସମାଜ ଯେଉଁ କଟକଣା କରି ଚାଲିଛନ୍ତି ସେଥିରୁ ମୁକ୍ତ ରହିବାକୁ ବାବା ବଳିଆ ନିବେଦନ କରିଛନ୍ତି। ସେହିପରି ବିଶୁଦ୍ଧ ପରିବେଶ ପାଇଁ ବୃକ୍ଷରୋପଣ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗୁରୁତର ଭାବି ଯୁବଗୋଷ୍ଠୀ ନିଶା ଠାରୁ ଦୂରେଇ ରହିଲେ ସୁନ୍ଦର ଜୀବନ ଶ୍ରେଷ୍ଠ ସମାଜ ଗଠନରେ ସହାୟକ ହେବ। ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଗୁରୁ କୃପା ମହୋତ୍ସବର ଅନ୍ତିମ ଦିବସ ଅବସରରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଜର ଭାବ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀକୁ ଶିଷ୍ୟ ଆଶିର୍ବାଦ ଜୀ ମହାରାଜ ପରିଚାଳନା କରିଥିବା ବେଳେ ତିନିଦିନ ବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁଦେବଙ୍କ ପରମ ଶିଷ୍ୟ ବାବାଜୀ ସଞ୍ଜୟ ଦାସ, ମଧୁସୁଦନ ଦାସ, ଗୋପାଳ ଦାସ, କାଳନ୍ଦୀ ଦାସ, ନରହରି ଦାସ, ଶ୍ରିବାସ ଦାସ, ସରଣ ମହାରାଜ। ଶିଷ୍ୟ ଆଶିର୍ବାଦ ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ବିଶ୍ୱମ୍ବର ମିଶ୍ର, ପ୍ରମୋଦ ପଟ୍ଟନାୟକ, ସୁଜ୍ଞାନ ବାବୁ, କବିରାଜ ପଣ୍ଡା, ଜଗଦୀଶ ପଣ୍ଡା, କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଛନ୍ତି।

# ଡାକକୋଟାରେ ବାଲିପଟା ଉତ୍ସବ

**ଥୁଆମୂଳରାମପୁର, ୩୦ ।୧୨(ସମିସ)**

ଥୁଆମୂଳରାମପୁର ବ୍ଲକରେ ଆଦିବାସୀଙ୍କ ମହାନ ପର୍ବ ଟୋକିମରା ପର୍ବ ବା ପୌଷ ପର୍ବ ପାଳନ ହେଉଥିବା ବେଳେ ପାରମ୍ପରିକ ରୀତିନୀତି ଅନୁଯାୟୀ ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ଗୋପାଳପୁରର ଡାକକୋଟା ଠାରେ ବାଲିପଟା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଭାରତଯାତ୍ରା ପଡ଼ିଆରେ ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ବଡଛତ୍ରଙ୍ଗ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ**



ଅତିଥିଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସମାଜସେବୀ ତଥା ବଡକୁଟ୍ଟ ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦ୍ରୌପଦୀ ମାଝୀ, ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଥୁଆମୂଳ ପଞ୍ଚାୟତର ସରପଞ୍ଚ ବଳଭଦ୍ର ଜାନୀ, କାଶୀପୁର ଆଦିବାସୀ ସଂଘ ସଭାପତି ଶିବ ମାଝୀ, ବିଜେଡି ବ୍ଲକ ସଭାପତି କପିଳାସ ନାଏକ, ସ୍ଥାନୀୟ ଆଦିବାସୀ ନେତା ସନାତନ ମାଝୀ, ଯୁବନେତା ଫଟୁସିଂ ଭୋଇ, କିଆପଦର ସରପଞ୍ଚ ଲକ୍ଷ୍ମୀଧର ମାଝୀ, ଧନସିଂ ମାଝୀ, କୃଷ୍ଣଚନ୍ଦ୍ର ନାଏକ, ସରୋଜ କୁମାର ବାଗ, ଦୁର୍ଯ୍ୟୋଧନ ନାୟକ ଏବଂ ଗୁରୁବାରୁ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ହେବ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ମହୋତ୍ସବ ଆୟୋଜିତ ହେଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଆୟୋଜିତ ହୋଇଥିଲା। ଉତ୍ସବରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ୧୬ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବଡଛତ୍ରଙ୍ଗ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ ହୋଇଥିଲା। ଦ୍ୱିତୀୟ ସ୍ଥାନରେ ବିକ୍କି ଡ୍ୟାନ୍ସ ଗ୍ରୁପ୍ ବଡକୁଟ୍ଟ ଦଳ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ମଦାଙ୍ଗଗୁଡା ଡ୍ୟାନ୍ସ ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମିଶ୍ର, ପ୍ରଦୀପ କୁମାର ପଣ୍ଡା, କୈଳାସ ଚନ୍ଦ୍ର ଛତ୍ରିଆ, ସୁରେନ୍ଦ୍ର ନାଏକ କଲମପୁର, ପରମାନନ୍ଦ ଠାକୁର, ପ୍ରସାନ୍ତ ନାଏକ, ହିତେଶ ନାଏକ ଉପସ୍ଥିତ ଥିଲେ। ଆୟୋଜକ କମିଟି ତଥା ସ୍ଥାନୀୟ ବିବେକାନନ୍ଦ ଯୁବକ ସଂଘର ସଭାପତି ଦିବାକର ନାଏକଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ସାମ୍ବାଦିକ ବିରବଜ୍ରଙ୍ଗ ନାଏକ(ଲାଲଯୋର)। ଉପସଭାପତି ରମେଶ ହଂସ, ସମ୍ପାଦକ ଆଶିଷ କୁମାର ମାଝୀ, ସମ୍ପାଦକ ବସନ୍ତ ମାଝୀ, କୋଷାଧ୍ୟକ୍ଷ ଅଶ୍ୱିନମାଝୀ, ବାସୁଦେବ ନାଏକ, କାମଦେବ ଗଉଡ, କଳିଆ ହଂସ, ଦିବାକର ଗଉଡ, ଦିଆନମାଝୀ, ସିଦ୍ଧାନ୍ତ ମାଝୀ, ବରୁଣ ନାଏକ ଏବଂ ମିଶ୍ର ଗଉଡ ପ୍ରମୁଖଙ୍କ ସହଯୋଗ କରିଥିଲେ।

# ଥାନା ପରିସରରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଏକ ପାଖିଆ ପ୍ରେମର କରୁଣ ପରିଣତି**

ହାଟଡ଼ିହୀ/ଆନନ୍ଦପୁର, ୩୦।୧୨(ସମିସ): ବିବାହ କରିବାକୁ ପ୍ରେମିକା ମନା କରିବାରୁ ପ୍ରେମିକ ଜଣକ ଥାନାକୁ ଆସି ବିଷ ପିଇ ଦେଇଛନ୍ତି। ନନ୍ଦିପଦା ଥାନା ଅଧୀନ ଶାଳଣିଆଁ ଗ୍ରାମର ବିପିନ କୁଅଁର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା ବେଳେ ପୁଲିସ ଘଟଣା ଉପରେ ନଜର ରଖିଛି। ପ୍ରେମ ପ୍ରତାରଣାଜନିତ ଯୁବକ ଜଣକ ଏଭଳି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଡ଼ିମିରିଆ ଗ୍ରାମର ଜଣେ ୨୭ ବର୍ଷୀୟା ଯୁବତୀଙ୍କୁ ଗତ ୩ ବର୍ଷ ଧରି ଭଲ ପାଇ ଆସୁଥିଲେ। କିଛିଦିନ ତଳେ ବିପିନ୍ ଉକ୍ତ ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଯୁବତୀ ଜଣକ ବିବାହ ପାଇଁ ମନା କରି ଦେଇଥିଲେ। ଏନେଇ ଉଭୟ ବିପିନ ଓ ଯୁବତୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ବିବାହ ପାଇଁ ବିପିନ ବାଧ କରିବାରୁ ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କୁ ନେଇ ବିପିନ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଜି ନନ୍ଦିପଦା ପୁଲିସ୍ ଉଭୟ ପରିବାର ଲୋକଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ଚଳାଇଥିଲା। ହେଲେ ଯୁବତୀଙ୍କଠାରୁ ଏଭଳି ପ୍ରତାରଣାକୁ ସହି ନପାରି ଥାନା ପରିସରରେ ବିପିନ୍ ବିଷ ପିଇ ଦେଇଥିବା ନେଇ ବିପିନଙ୍କ ବଡ଼ଭାଇ କୈଳାସ ଓ ତାଙ୍କ ସାନଭାଇ ଜିତେନ୍ଦ୍ର କହିଛନ୍ତି। ବିଷ ପିଇବା ଯୋଗୁଁ ବିପିନଙ୍କ ଅବସ୍ଥା ଖରାପ ହେବାରୁ କୈଳାସ ଓ ଜିତେନ୍ଦ୍ର ତାଙ୍କୁ ନେଇ ପ୍ରଥମେ ହାଟଡ଼ିହୀ ମେଡିକାଲ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ। ବିପିନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ମେଡିକାଲରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



# ଭଦ୍ରାସାହି ହତ୍ୟାକାଣ୍ଡ: ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

**ଲୁହା ରଡ୍ ଜବତ**

ବଡ଼ବିଲ, ୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ନିକଟରେ ଗତ ନଭେମ୍ବର ୫ ତାରିଖରେ ହେଇଥିବା ଏକ ହତ୍ୟାକାଣ୍ଡ ଘଟଣାରେ ବଡ଼ବିଲ ପୁଲିସକୁ ବଡ଼ ସଫଳତା ମିଳିଛି। ପ୍ରଥମେ ଏହା ଏକ ଅପମୃତ୍ୟୁ ଘଟଣା ବୋଲି ଜଣାଯାଉଥିଲା ବେଳେ ପରବର୍ତ୍ତୀ ଅବସ୍ଥାରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ହତ୍ୟା ରେ ବ୍ୟବହୃତ ଏକ ଲୁହା ରଡ ଜବତ କରାଯାଇଛି। ଏ ବିଷୟରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି କି, ଭଦ୍ରାସାହି ଛକ ଶଙ୍କର ଢ଼ାବା ନିକଟ ଗୋଳିଆ ନାଳ ପୋଲ ନିକଟରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ଲୋକମାନେ ଗତ ୨୩ ତାରିଖରେ ମୃତଦେହକୁ ଦେଖି ପୁଲିସକୁ ଖବର କରିଥିଲେ। ପୁଲିସ ଘଟଣାସ୍ଥଳରୁ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ପରବର୍ତ୍ତୀ ସମୟରେ ମୃତକଙ୍କ ପତ୍ନୀ ଦେବନ୍ତୀ ଦେବୀ ଏ ବାବଦରେ ବଡ଼ବିଲ ଥାନାରେ ଏତଲା ଦେବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ଜଣାଯାଇଥିଲା କି ଘଟଣା ଦିନ ମୃତକ ସଞ୍ଜୟ ଯାଦବ ଶଙ୍କର ଢ଼ାବାରେ ଖାଇଥିଲେ। ପଇସାପତ୍ର ଦେବା ନେବା ନେଇ ଢ଼ାବା ମାଲିକ ଶଙ୍କର ସହ ତାଙ୍କ ଝଗଡ଼ା ହୋଇଥିଲା। ଏହି ଝଗଡ଼ାକୁ କେନ୍ଦ୍ରକରି ଢ଼ାବା ମାଲିକ ଶଙ୍କର ଓ ଜଣେ କର୍ମଚାରୀ ମିଶି ସଞ୍ଜୟଙ୍କୁ ଲୁହା ରଡରେ ପିଟି ମାରି ଦେଇଥିଲେ। ପରେ ପୋଲ ତଳେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ଝାଡ଼ଖଣ୍ଡ ହଜାରିବଗା ଅଞ୍ଚଳର ଶଙ୍କର ପ୍ରସାଦ ମାହାତୋ ଏବଂ ଭଦ୍ରାସାହି ବାସିନ୍ଦା ମିଥୁନ ମୁଣ୍ଡାଙ୍କୁ ଗିରଫ କରାଯାଇଥିବା ଏସଡିପିଓ ଶ୍ରୀ ପିଙ୍ଗୁଆ ସୂଚନା ଦେଇଛନ୍ତି।



# ସରକାରୀ କାମରେ ଇଂରାଜୀ ସୂଚନାଫଳକ

**ଓଡ଼ିଆ ଅସ୍ମିତାକୁ ଅଧିକାରୀଙ୍କ କୋଣଠେସା**

ବାଲିବନ୍ଧ, ୩୦।୧୨ (ସମିସ): ସରକାରୀ କାର୍ଯ୍ୟାଳୟଠାରୁ ବେସରକାରୀ ଅନୁଷ୍ଠାନ ଏବଂ ଅଧିକାରୀଙ୍କ ନାମଫଳକଗୁଡ଼ିକର ଓଡ଼ିଆ ଭାଷାରେ ଲେଖିବା ପାଇଁ ବାଧ୍ୟତାମୂଳକ ରହିଥିବା ବେଳେ ଝୁମ୍ପୁରା ବ୍ଲକରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛି। ବ୍ଲକ ପ୍ରଶାସନର ଏହାକୁ ନେଇ ସମ୍ବେଦନଶୀଳ ନଥିବାରୁ ଓଡ଼ିଆ ଅସ୍ମିତା କୋଣଠେସା ହୋଇ ରହୁଛି। ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ଅଧିକାରୀଙ୍କ ଇଂରାଜୀ ପ୍ରୀତି ବଢ଼ି ଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ଲକର ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ଚାଲୁଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ କାର୍ଯ୍ୟ କରିବା ପୂର୍ବରୁ କାର୍ଯ୍ୟସ୍ଥଳରେ ଓଡିଆରେ ସୂଚନା ଫଳକ ନିର୍ମାଣ କରିବା ପାଇଁ ବାଧ୍ୟତାମୂଳକ ହୋଇଛି। ହେଲେ ଇଂରାଜୀରେ ଲେଖାଥିବା ସୂଚନା ଫଳକ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ମାତୃଭାଷା ପ୍ରତି ଠିକାଦାରଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଯାଇ ସ୍ଥାନ ପରିଦର୍ଶନ କରିବା ସହିତ ଲେଆଉଟ ଦେଉଛନ୍ତି। କାର୍ଯ୍ୟକୁ ତଦାରଖ କରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗସ୍ତ କରିଛନ୍ତି ହେଲେ କେହିବି ଗୁରୁତ୍ୱ ଦେଉ ନଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବ୍ଲକର ୨୨ଟି ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାମଗୁଡିକରେ ଅଧିକାଂଶ ସୂଚନାଫଳକ ଇଂରାଜୀରେ ଲେଖାହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ନହବେଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହେଉଥିବା ସାମୂହିକ ସୁବିଧା କେନ୍ଦ୍ର। ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମାଣାଧୀନ ସାମୂହିକ ସୁବିଧା କେନ୍ଦ୍ର ନିମନ୍ତେ ୫ମ ରାଜ୍ୟ ଅର୍ଥକମିଶନ ଯୋଜନାରୁ ୧୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀ ର ସଠିକ ଭାଗମାପ ଓ ପାଣି ସିଞ୍ଚନ ସଠିକ ଭାବେ ହେଉ ନଥିବା ଏବଂ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସାମୂହିକ ସୁବିଧା କେନ୍ଦ୍ର (ପ୍ରୋଭିଜନ ଅଫ ଫେସିଲିଟି ସେଣ୍ଟର) ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରି ଇଂରାଜୀରେ ସୂଚନାଫଳକ ଲେଖାହୋଇଛି। ତେବେ କାର୍ଯ୍ୟ ଆରମ୍ଭ ହେବା ସମୟରେ କନିଷ୍ଠ ଯନ୍ତ୍ରୀ, ବିଏଫଟି ଯଦି ଉପସ୍ଥିତ ରହିଥିଲେ ତାହେଲେ ସୂଚନାଫଳକରେ ଇଂରାଜୀରେ ଲେଖା ହୋଇଥିଲେ ମଧ୍ୟ କାମ କରୁଥିବା ଠିକାଦାରକୁ ତାଗିଦ ନକରି ଘୋଷ୍ଟ ଘୋଡ଼ାଇବା ପଛରେ କି ରହସ୍ୟ ରହିଛି ବୋଲି ଏବେ ଆଲୋଚନା ହେଉଛି। ଏନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମିହିର କୁମାର ଟୁଡୁଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦା ମାଝୀ କହିଲେ, ଇଂରାଜୀରେ ସୂଚନାଫଳକ ଲେଖିବା ନିୟମ ନାହିଁ। ମୁଁ କନିଷ୍ଠ ଯନ୍ତ୍ରୀଙ୍କୁ କହୁଛି, ତୁରନ୍ତ ଓଡ଼ିଆରେ ସୂଚନାଫଳକ ଲେଖା ହେବ ବୋଲି ପ୍ରକାଶ କରିଥିଲେ।




# ଅଳତି ଓ ଛେନାପଦିରେ 'ବନ୍ଧୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ




ଆନନ୍ଦପୁର, ୩୦।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତିସ୍ଥିତ ଦରିଦ୍ର ନାରାୟଣ ବିଦ୍ୟାପୀଠର ୨୦୦୧ ମସିହାର ଛାତ୍ରଛାତ୍ରୀଙ୍କ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବନ୍ଧୁମିଳନର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବନ୍ଧୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭାରେ ପୁରାତନ ଛାତ୍ର ପ୍ରିୟବ୍ରତ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପୁରାତନ ଛାତ୍ରମାନେ ଏକ କମିଟି ଗଠନ କରି ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ରଶ୍ମିତା ଶଙ୍ଖୁଆ, ସତ୍ୟଭାମା ମିଶ୍ର, ସାକମ୍ବରୀ ସାହୁ, ସତ୍ୟସୀମା ସ୍ୱାଇଁଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ସେହିପରି ହାଟଡିହୀ ଉଚ୍ଚବିଦ୍ୟାଳୟର ୧୯୮୫ ମସିହା ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଷଷ୍ଠ ବନ୍ଧୁ ମିଳନ ଉତ୍ସବ ଚଳିତବର୍ଷ ଛେନାପଦି ଛକ ଶ୍ରୀକୃଷ୍ଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ପଣ୍ଡା, ସୁଦାମ ମହାନ୍ତି, ବଳରାମ କୁଅଁର, ଶଶିମଣି ବେହେରା, ସସ୍ମିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପାଖାପାଖି ୫୦ ଜଣ ବନ୍ଧୁବାନ୍ଧବୀ ସପରିବାର ଯୋଗଦାନ କରିଥିଲେ। ଆସନ୍ତା ବର୍ଷ ଏଇ ଉତ୍ସବରେ ହାଟଡିହୀ ଉଚ୍ଚବିଦ୍ୟାଳୟର ଶିକ୍ଷକଙ୍କୁ ନିମନ୍ତ୍ରଣ କରି ତାଙ୍କ ଆଶୀର୍ବାଦ ନେବାପାଇଁ ଶ୍ରୀ ପଣ୍ଡାଙ୍କ ପ୍ରସ୍ତାବକୁ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲା। ବିଷ୍ଣୁପ୍ରିୟା ରାଉତ, ମନ୍ଦାକିନୀ ପଣ୍ଡା, ପ୍ରତିମା ସେଠୀ, ଲକ୍ଷ୍ମୀପ୍ରିୟା ବେହେରା, ନିରୂପମା ଜେନା, ତପସ୍ୱିନୀ ପହି, ଶାନ୍ତିଲତା ସା, ହରେକୃଷ୍ଣ ଜେନା, ରମେଶ ବେହେରା, ଅନାଦି ଜେନା, ନିକୁଞ୍ଜ ଓଝା, କୋଦଣ୍ଡ ଜେନା, ବିଜୟ ତ୍ରିପାଠୀ, ବନମାଳି ଜେନା, ନବଘନ ଧଳ, ସଂଜୟ ବେହେରା, ସତ୍ୟାନନ୍ଦ କୁଅଁର, ପୁରସ୍ତମ ବେହେରା, ରବିନ୍ଦ୍ର ସା, ସୁଧାଂଶୁ ମଲ୍ଲିକ ସହଯୋଗ କରିଥିଲେ।



# ବିଜେଡି ଜିଲ୍ଲା ସମ୍ପାଦକ ଦାୟିତ୍ୱରେ ସୁଶୀଲ ଓ ବାବୁଲାଲ

ଆନନ୍ଦପୁର, ୩୦।୧୨ (ସମିସ): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ୨୭ ତାରିଖ ବିଭିନ୍ନ ଜିଲ୍ଲାର କମିଟି ଗଠନ କରିଛନ୍ତି। କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ବର୍ତ୍ତମାନ ଜିଲ୍ଲା ଉପସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି। ଏହିକ୍ରମରେ ପୌର ପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡର ବରିଷ୍ଠ ବିଜେଡି ନେତା ସୁଶୀଲ ହୋତାଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ପୌର ପରିଷଦ ଅନ୍ତର୍ଗତ ସମସ୍ତ ୧୬ଟି ୱାର୍ଡରେ ଥିବା ତାଙ୍କ ସମର୍ଥକ ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ହୋତା ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ପୌର ପରିଷଦ ଉପନଗରପାଳ ଭାବେ କାର୍ଯ୍ୟ କରି ବେଶ ଲୋକପ୍ରିୟତା ସାଉଁଟିଥିଲେ। ପରେ ଦଳ ତାଙ୍କୁ ଭରସା କରି ପ୍ରଥମେ ୨୦୦୯ରୁ ୨୦୧୪ ଏବଂ ୨୦୧୯ରୁ ୨୦୨୫ ଦ୍ୱିତୀୟ ଥର ନଗର ସଭାପତି ଦାୟିତ୍ୱ ନ୍ୟସ୍ତ କରିଥିଲା। ସେହିପରି ଶ୍ରୀ ହୋତା ବର୍ତ୍ତମାନ ସମବାୟ ସମିତି ସଭାପତି ଏବଂ ଆରଏମସି ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି।

**ଯୋଡ଼ା:** ସେହିପରି ଯୋଡ଼ା ଅଞ୍ଚଳର ଯୁବନେତା ବାବୁଲାଲ ସାହୁଙ୍କୁ ଚମ୍ପୁଆ ନିର୍ବାଚନମଣ୍ଡଳୀର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହାକୁ ନେଇ ଦଳରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବରୁ ମଧ୍ୟ ବାବୁଲାଲ ସାହୁ ସାଧାରଣ ସମ୍ପାଦକ ରହି ଦଳ ପାଇଁ କାର୍ଯ୍ୟ କରି ଆସୁଥିଲେ। ପୁଣି ଥରେ ତାଙ୍କୁ ସାଧାରଣ ସମ୍ପାଦକ ଭାବେ ବାଛିଥିବାରୁ ସେ ଦଳର ସମସ୍ତ ନେତା-କର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟ ଦଳପତି ରାଜ୍ୟ ସଭାପତି ନବୀନ ପଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯୋଡ଼ା, ଚମ୍ପୁଆ, ବଡ଼ବିଲ ଅଞ୍ଚଳରୁ ଶ୍ରୀ ସାହୁଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦଳ ପାଇଁ ଆହୁରି ଅଧିକ ପରିଶ୍ରମ କରିବି ବୋଲି ଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।





# 'ଓଡ଼ିଆ ଅସ୍ମିତା' ପୁସ୍ତକ ଉନ୍ମୋଚିତ

ତେଲକୋଇ, ୩୦।୧୨(ସମିସ): ତେଲକୋଇ ବ୍ଲକ ସିରିଗିଡ଼ାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଆ ଅସ୍ମିତା' ନାମକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ହାଲପୁଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ବିଜୟ କୁମାର ପ୍ରଧାନଙ୍କ ଦ୍ୱାରା ସଂକଳିତ ହୋଇଥିବା ଏହି ପୁସ୍ତକ ଓଡ଼ିଶାର ବରପୁତ୍ରଗଣଙ୍କ ଜୀବନ କାହାଣୀ ଉପରେ ଆଧାରିତ। ୧୧୪ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ସମୁଦାୟ ୭୯ ଜଣ ବରପୁତ୍ରଙ୍କ ଜୀବନୀ ଉପରେ ରଚନା କରାଯାଇଛି। ଏହି ପୁସ୍ତକ ଏବେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିଛି। ଏହାର ସଂଗ୍ରାହକ ତଥା ସାହିତ୍ୟିକ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପୂର୍ବତନ ସୈନିକ ସଂଘର ସ୍ଥାୟୀ ଜମି ଓ ଗୃହ ଦାବି

ଚମ୍ପୁଆ, ୩୦।୧୨(ସମିସ): ଚମ୍ପୁଆ ସଦର ମହକୁମାରେ ସ୍ଥାୟୀ ଜମି ଓ କାର୍ଯ୍ୟାଳୟ ଗୃହ ଯୋଗାଇଦେବା ନିମନ୍ତେ ଚମ୍ପୁଆ ପୂର୍ବତନ ସୈନିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବା ସହିତ ଏକ ଲିଖିତ ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତକ୍ରମରେ ସଙ୍ଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରିଥିଲେ। ସୈନିକ ସଂଘର ନିଜସ୍ୱ ଜମି ଓ କାର୍ଯ୍ୟାଳୟ ଗୃହ ନଥାଇ ଜାତୀୟ ଦିବସ ସେନା ଦିବସ, କାରଗିଲ ବିଜୟ ଦିବସ ସହିତ ସାମାଜିକ ଦାୟିତ୍ୱ ବହନ ପୂର୍ବକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସେନାରେ ଭର୍ତ୍ତି ପାଇଁ ଯୁବ ପିଢିଙ୍କୁ ପ୍ରଶିକ୍ଷଣ ଆଦି କାର୍ଯ୍ୟ କରାହୋଇଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଏହି ପ୍ରତିନିଧି ଦଳ ସଂସଦ ଅନନ୍ତ ନାୟକଙ୍କୁ ବାରିଆଠାରେ ସାକ୍ଷାତ କରି ଉକ୍ତ ଦାବି ଉପସ୍ଥାପନା କରିଥିବା ସଂଘ ପକ୍ଷରୁ ସୂଚନା ମିଳିଛି।



ଆନନ୍ଦପୁର: ଆଦିବାସୀଙ୍କ ପାରମ୍ପରିକ ଦାମୋଦର ପର୍ବ ଅବସରରେ ବୈତରଣୀ ନଦୀର ବିଭିନ୍ନ ଘାଟରେ ପ୍ରାୟ ୧୫ ହଜାର ଶ୍ରଦ୍ଧାଳୁଙ୍କ ପିଣ୍ଡଦାନ

**ଲିଜ୍‌ସତ୍ତ୍ୱେ ମିଳୁନି ଅନୁମତି**

# ବାଲିଚୋରି ସୀମା ଟପିଲାଣି

ଆନନ୍ଦପୁର, ୩୦।୧୨ (ସମିସ): ଆନନ୍ଦପୁର ବୈତରଣୀ ନଦୀରେ ସରକାରଙ୍କ ପକ୍ଷରୁ ଲିଜ୍ ଦିଆଯାଇଥିବା ବାଲିଘାଟରୁ ଉତ୍ତୋଳନ ପାଇଁ ଅନୁମତି ମିଳୁ ନଥିବାରୁ ବାଲି ଚୋରି ସୀମା ଟପିଲାଣି। ଅପରପକ୍ଷରେ ଚୋରା ବାଲି ଟ୍ରାକ୍ଟର ପିଛା ୩ ହଜର ଟଙ୍କା ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ଖଣି ବିଭାଗ ଏହି ଘାଟକୁ ଜରିମାନା କରିବା ସହ ବନ୍ଦ କରି ଦେଇଥିବାରୁ ବାଲିର ଅଭାବ ଯୋଗୁଁ ବିଭିନ୍ନ ସରକାରୀ ଯୋଜନା ବାଧାପ୍ରାପ୍ତ ହେଉଛି। ଦୁଇବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରୁ ବାଲି ଉତ୍ତୋଳନ ବନ୍ଦ ରହିଛି। କିଛିଦିନ ହେଲା ବନ୍ଦ ଥିବା ଘାଟରୁ ଦିନରାତି ବାଲି ଚୋରି କରୁଥିବା ଅଭିଯୋଗ ହୋଇଛି। ଏନେଇ ଆଜି ଆନନ୍ଦପୁର ଥାନାରେ ଲିଜ୍‌ଧାରୀ ମାନସ ବାରିକ ଏତଲା ଦେଇଛନ୍ତି। ଘସିପୁରା ଥାନା ବାଇଲୋ ଗ୍ରାମର ମାନସ ବାରିକ ଆନନ୍ଦପୁର ବାଲିଘାଟକୁ ଲିଜ୍ ସୂତ୍ରରେ ନେଇଛନ୍ତି। ଦୁଇବର୍ଷ ହେବ ବାଲିଘାଟ ବନ୍ଦ ଥିବା ବେଳେ ଏହାକୁ ନେଇ ମାନସ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ବିଚାରାଧୀନ ରହିଛି। କିଛିଦିନ ହେଲା ମାଫିଆମାନେ ରାତିରେ ଟ୍ରାକ୍ଟରରେ ଏଠାରୁ ବାଲି ଉଠାଇ ଅନ୍ୟତ୍ର ଗଚ୍ଛିତ ରଖୁ ରଖୁଛନ୍ତି। ପରେ ହାଇୱାରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଘାଟରୁ ଅନ୍ୟମାନେ ବାଲି ଚୋରି କରୁଥିବା ବେଳେ ସେ କାହିଁକି କାହିଁକି ଜରିମାନା ଦେବେ ବୋଲି ମାନସ କହିଛନ୍ତି। ଆଜି ମାନସ ଏନେଇ ଥାନାରେ ଏତଲା ଦେଇଥିବା ବେଳେ ବାଲିଘାଟ ରାସ୍ତାରେ ଟ୍ରେଞ୍ଚ ଖୋଳିଛନ୍ତି। ବାଲି ଚୋରି ରୋକିବା ପାଇଁ ପୁଲିସ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।



# ଅସହାୟଙ୍କୁ କମ୍ବଳ ବଣ୍ଟନ

ଚମ୍ପୁଆ, ୩୦।୧୨(ସମିସ): ଶୀତଋତୁର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ସହାନୁଭୂତି ମୂଳକ ପଦକ୍ଷେପ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବପ୍ରେମୀ ସେବା ଟ୍ରଷ୍ଟ ଓ ଇକୋରାଇଜ୍ ଆଲିଆନ୍ସ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବସବାସ କରି ରହୁଥିବା ଅସହାୟ ବୃଦ୍ଧବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାନପୁର ନଦୀବନ୍ଧ ପ୍ରକଳ୍ପ ଜରିଆରେ ସର୍ବସ୍ୱ ହରାଇ ଚମକପୁର, ରେଭେନ୍ସାପୁର (କ), ଧୋବାକୁଚୁଡା, ଲୁଣଗୋଠାଣି ଆଦି ଗ୍ରାମର ବିସ୍ଥାପିତ ଅଧିବାସୀ ଅତି ଦୟନୀୟ ଭାବେ ବସବାସ କରୁଛନ୍ତି। ଏକ ଉତ୍ତମ ଉଦାହରଣ ସୃଷ୍ଟି କରି ଆସୋସିଏସନ୍ ଅଧକ୍ଷ କବିତା ମହାନ୍ତ, କୋଷାଧ୍ୟକ୍ଷ ପୁରେନ୍ଦ୍ର ମହାନ୍ତଙ୍କ ସହ ମାନବପ୍ରେମୀ ସେବା ଟ୍ରଷ୍ଟର ଉପଦେଷ୍ଟା ପ୍ରମୋଦ ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ସମ୍ପାଦକ ପିଣ୍ଟୁନ ନାଏକ, ଆଇନଜୀବୀ ସଞ୍ଜୟ ମହାନ୍ତ, ସିଲ୍କିସ୍ମିତା ମହାନ୍ତ, ଆଞ୍ଜେଲିନା ମହାନ୍ତ ପ୍ରମୁଖ ଏହି ସହାୟତା ପ୍ରଦାନ କରିଥିଲେ। ଏ ଦିଗରେ ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନ ଆବଶ୍ୟକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।



# ଲୋକଙ୍କ ମୌଳିକ ସମସ୍ୟା ନେଇ ଗର୍ଜିଲା କଂଗ୍ରେସ

ଯୋଡ଼ା, ୩୦।୧୨ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ନଗର କଂଗ୍ରେସ ତରଫରୁ ଯୋଡ଼ା ଲୋକଙ୍କ ମୌଳିକ ସମସ୍ୟା ଏବଂ ନିଯୁକ୍ତି ପ୍ରସଙ୍ଗ ଭଳି ୧୬ ଦଫା ଦାବିନେଇ ମଙ୍ଗଳବାର କଳାପାହାଡ ଛକରୁ ଏକ ପଦଯାତ୍ରା କରି ପୌରନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଯୋଡ଼ା ନଗର କଂଗ୍ରେସ ସଭାପତି ସୁବ୍ରତ କୁମାର ନାଏକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ପୂର୍ବତନ ସାଂସଦ ତଥା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଜୋସବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା ଉପସଭାପତି ରୂପରଞ୍ଜନ ପଣ୍ଡା, ବଡ଼ବିଲ ନଗର କଂଗ୍ରେସ ସଭାପତି ଅମିତ ପାତ୍ର, କଂଗ୍ରେସ ସଦସ୍ୟ ଏମ.ଡି.ତସୀଫ, ମିଥୁନ ମୁଣ୍ଡା, ଅଭି ପାତ୍ର ଏବଂ କାର୍ତ୍ତିକ ନାଗ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ବାଂଶପାଣି ଅଞ୍ଚଳରେ ବଢୁଥିବା ପ୍ରଦୂଷଣ ଏବଂ ଟ୍ରାଫିକ ସମସ୍ୟା, କୋମାରଯୋଡ଼ାରୁ ବାଂଶପାଣି ପର୍ଯ୍ୟନ୍ତ ଫ୍ଲାଏଓଭରର ସମ୍ପ୍ରସାରଣ ଏବଂ ଡିଏଭି ସ୍କୁଲରୁ ଜାତୀୟ ରାଜପଥକୁ ଫ୍ଲାଇଓଭର ସଂଯୋଗ, କୋମାରଯୋଡ଼ା ରେ ଥିବା ପୋଖରୀର ତୁରନ୍ତ ପୁନରୁଦ୍ଧାର, ରେଳ ଯାତ୍ରୀଙ୍କ ପାଇଁ ବାଂଶପାଣି ଛକଠାରୁ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ, ନୂତନ ବସଷ୍ଟାଣ୍ଡର ଅବିଳମ୍ବେ ନିର୍ମାଣ, କୋମାରଯୋଡ଼ା ମେଡିକାଲରେ ବିପର୍ଯ୍ୟସ୍ତ ହୋଇପଡିଥିବା ରୋଗୀସେବାର ସୁଧାର, ପୌରପାଳିକା ନିର୍ଦ୍ଦେଶରେ ଟାଟା ଷ୍ଟିଲ ଦ୍ୱାରା ମଙ୍ଗଳା ମନ୍ଦିରରୁ ଗଣେଶ ଭବନ ଭାୟା ଦେଇ ପୂର୍ବଯୋଡ଼ାକୁ ସଂଯୋଗ କରୁଥିବା ରାସ୍ତାର ମରାମତି ସହ ପ୍ରଶସ୍ତୀକରଣ କରିବା, ସ୍ଥାୟୀ ପରିବା ବଜାର ଯୁଦ୍ଧକାଳୀନ ଭିତରେ ନିର୍ମାଣ, ୨୪ ଘଣ୍ଟିଆ ଘରେ ଘରେ ପାନୀୟଜଳ ଯୋଗାଣ କାର୍ଯ୍ୟକୁ ଯଥାଶୀଘ୍ର ୧୪ଟି ୱାର୍ଡରେ ସମ୍ପୂର୍ଣ୍ଣ କରିବା, ଅଚଳ ହୋଇ ପଡିରହିଥିବା ପୌରପାଳିକା ହୋମିଓପାଥି ଡ଼ିସପେନ୍ସିରିକୁ ତୁରନ୍ତ ଚାଲୁ କରିବା, ସହରରେ ବଢୁଥିବା ଚୋରି ଏବଂ ଅପରାଧକୁ ରୋକିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସି.ସି.କ୍ୟାମେରା ଲଗେଇବା, ଯୋଡ଼ା ସହରରେ ପରିମଳ ବ୍ୟବସ୍ଥାରେରେ ସୁଦ୍ଧାର କରିବା, ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଧରଣୀଧର ଛକଠାରୁ ପୁରୁଣା ଥାନା ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ୱାନୱେର ବ୍ୟବସ୍ଥା, ସୁନାନଦୀର ଦୁଇପାର୍ଶ୍ୱରେ ରିଙ୍ଗ ରୋଡ଼ ଓ ପଥର ପ୍ୟାଚିଂ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ସ୍ଥାନୀୟ ଲୋକଙ୍କୁ କିପରି ଯୋଡ଼ା ଅଞ୍ଚଳରେ କାମ ମିଳିପାରିବ ପୌରପାଳିକା ପଦକ୍ଷେପ ନେବା ସହ ବାହାର ରାଜ୍ୟରୁ ଲୋକ ଆଣି ଏଠାରେ ନିଯୁକ୍ତି ଦେଉଥିବା ଶିଳ୍ପ ସଂସ୍ଥାଗୁଡ଼ିକର ମନମୁଖୀ କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା, ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି କଳାପାହାଡ଼ ଛକ ନିକଟରେ ସ୍ଥାପନା କରାଯାଉ, ପରିମଳ ବ୍ୟବସ୍ଥାରେ ତୁରନ୍ତ ସୁଧାର କରି ପ୍ରିୟାପ୍ରୀତି ତୋଷଣ ମାଧ୍ୟମରେ ଠିକାଦାର ନିଯୁକ୍ତି ବନ୍ଦ କରାଯାଉ, ମଶା ଧୂଆଁ ମେସିନ, ଡ୍ରେନର ସଫେଇ କାର୍ଯ୍ୟକୁ ଅତିଶୀଘ୍ର କରିବା ଏବଂ ପରିମଳ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତି ବିରୋଧରେ ପୌରପାଳିକା ତରଫରୁ ତୁରନ୍ତ ତଦନ୍ତ କରିବା ଭଳି ପ୍ରସଙ୍ଗ ରହିଛି। ଦାବିଗୁଡିକୁ ଗମ୍ଭୀରତାର ନେଇ ସହ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓଲ୍‌ହାଇବ ବୋଲି ନଗର ସଭାପତି ସୁବ୍ରତ ନାଏକ କହିଛନ୍ତି।



# ରାଜନଗରରେ ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ଦାବି

ରାଜନଗର,୩୦।୧୨(ସମିସ): ଧାମରା ମୁହାଣରୁ ବରୁଣେଇ ଯାଏ ଲମ୍ବିଥିବା ଦୀର୍ଘ ବେଳାଭୂମି ଓ ବ୍ରାହ୍ମଣୀ, ବୈତରଣୀ ତଥା ଖରସ୍ରୋତାର ନଦୀ ଅବବାହିକା ଅଞ୍ଚଳ ଭାବେ ପରିଚିତ ରାଜନଗରରେ ଏକ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି। ସ୍ଥାନୀୟ ଶିକ୍ଷାବିତ ତଥା ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପ୍ଲାଣ୍ଟ ନିର୍ମାଣର ଅନୁକୂଳ ଭିତ୍ତିଭୂମି ଥିବା ଦର୍ଶାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ତଥା ନଦୀନାଳ ଘେରା ରାଜନଗରର ଆର୍ଥିକ ପ୍ରଗତିର ଆଧାର ଭାବେ ଧାନ ଓ ମତ୍ସ୍ୟ ସମ୍ପଦକୁ ଗ୍ରହଣ କରାଯାଏ। ପ୍ରଚୁର ମାଛ ଏ ଅଞ୍ଚଳରେ ମିଳୁଥିବା ଦୃଷ୍ଟିରୁ ବାହାର ରାଜ୍ୟ ତଥା ବାହାର ଦେଶର ବ୍ୟବସାୟୀ ପ୍ରତ୍ୟେହ ଏହି ଅଞ୍ଚଳରୁ ମାଛ ସଂଗ୍ରହ କରି ଚାଲାଣ କରୁଥିବା ଦେଖାଯାଉଛି। ମାଛ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ତଥା ସାମୟିକ ଭାବେ ମାଛ ଧରୁଥିବା ଲୋକ ଏହି ବେପାରୀଙ୍କୁ ଉଚିତ ଦରରେ ବିକ୍ରି କରିପାରନ୍ତିନାହିଁ। କମ୍ପାନୀ ଏଜେଣ୍ଟ ଅଳ୍ପ ଦର ଦେଇ ବହୁ ମୁନଫାର ମାଲିକ ହୁଅନ୍ତି। ଦୀର୍ଘଦିନରୁ ଏହି ବେସରକାରୀ ବ୍ୟବସ୍ଥା ଚାଲୁ ରହିଥିବାବେଳେ ଓ ଅଳ୍ପ କିଛି ମୁନଫାଖୋର ଏହାର ଲାଭ ଉଠାଉଥିବାବେଳେ ଏଠାକାର ସଂଗୃହୀତ ମାଛକୁ ନେଇ ରାଜନଗରରେ ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରାଗଲେ ଅନେକ କ୍ଷୁଦ୍ର ଓ ବୃହତ ମତ୍ସ୍ୟଜୀବୀ ଉପକୃତ ହୋଇପାରିବେ ଓ କିଛି କର୍ମସଂସ୍ଥାନ ମଧ୍ୟ ସୃଷ୍ଟି ହୋଇପାରିବ। ଏଥିସହିତ କ୍ଷୁଦ୍ର ମତ୍ସ୍ୟଜୀବୀ ସେମାନଙ୍କ ଶ୍ରମର ଉଚିତ ମୂଲ୍ୟ ପାଇପାରିବେ ଓ ସରକାର ମଧ୍ୟ ରାଜସ୍ୱ ପାଇପାରିବେ। ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ କର୍ମସଂସ୍ଥାନର ପଥ ପ୍ରସ୍ତୁତ ପାଇଁ ସରକାର ଏ ଦିଗରେ ଆନ୍ତରିକତା ସହିତ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଅନୁରୋଧ କରିଛନ୍ତି।

## ନୂଆବର୍ଷ ଓ ମକର ଭିଡ଼ ନିୟନ୍ତ୍ରଣ ପାଇଁ ମାଷ୍ଟର ପ୍ଲାନ

# ଶ୍ରୀବଳଦେବଜିଉଙ୍କ ମନ୍ଦିରରେ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା

କେନ୍ଦ୍ରାପଡ଼ା,୩୦।୧୨(ସମିସ)



ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜିଉଙ୍କ ମନ୍ଦିରରେ ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ନବବର୍ଷ ଦିନ ଭକ୍ତଙ୍କ ଭିଡ଼ ବଢ଼ିବାର ଆଶଙ୍କା ଥିବାରୁ ଅରୁଣ ସ୍ତମ୍ଭ ନିକଟରୁ ଜଗମୋହନ ପର୍ଯ୍ୟନ୍ତ ବ୍ୟାରିକେଡ୍ କରି ଭକ୍ତମାନଙ୍କୁ ଧାଡ଼ିରେ ଦର୍ଶନ କରିବାର ବ୍ୟବସ୍ଥା କରାଯିବ। ମନ୍ଦିର ବେଢ଼ା ଭିତରେ ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଦର୍ଶନ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ମନ୍ଦିର ବେଢ଼ା ବାହାରେ ମଧ୍ୟ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଚପଲ ରଖିବା ପାଇଁ ଷ୍ଟାଣ୍ଡ ଓ ଶୃଙ୍ଖଳିତ ପାର୍କିଂ ବ୍ୟବସ୍ଥା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରସଙ୍ଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସମେତ ଦେବୋତ୍ତର ଅଧିକାରୀ ଓ ସେବାୟତମାନେ ମନ୍ଦିର ପରିସରରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପର୍ବପର୍ବାଣି ଓ ବିଶେଷ ଦିନମାନଙ୍କରେ ମନ୍ଦିର ଆଖପାଖରେ ଟ୍ରାଫିକ୍ ସମସ୍ୟା ଜଟିଳ ରୂପ ଧାରଣ କରୁଥିବାରୁ ଏବେ ପୁଲିସ ପକ୍ଷରୁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିରରେ ୩ ପ୍ଲାଟୁନ୍ ପୁଲିସ ମୁତୟନ ହେବା ସହ ୬ ଜଣ ଇନ୍ସପେକ୍ଟର ଓ ୨ ଡିଏସ୍‌ପି ର୍‌ୟାଙ୍କ ଅଧିକାରୀ ନିୟୋଜିତ ହେବେ। ମନ୍ଦିର ନିକଟସ୍ଥ ସର୍ବସାଧାରଣ ରାସ୍ତାରେ ତିନି ଓ ଚାରିଚକିଆ ଯାନବାହନ ଯାତାୟାତ ଉପରେ କଟକଣା ଲାଗୁ ହେବ। ଚୋରି ଓ ଛିନ୍‌ତାଇ ଭଳି ଅପରାଧ ରୋକିବା ପାଇଁ ସାଦା ପୋଷାକରେ ପୁଲିସକର୍ମୀ ନିୟୋଜିତ ହେବେ ଓ ସିସିଟିଭି କ୍ୟାମେରା ମାଧ୍ୟମରେ ଅସାମାଜିକ ତତ୍ତ୍ୱମାନଙ୍କ ଉପରେ କଡ଼ା ନଜର ରଖାଯିବ। ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତମାନଙ୍କୁ ସଚେତନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମଧ୍ୟରେ ବିଶେଷ ଦିନମାନଙ୍କରେ ଗର୍ଭଗୃହରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପ୍ରସ୍ତାବ ପ୍ରଶାସନ ପକ୍ଷରୁ ଆସିଥିବା ବେଳେ, ସେବାୟତ ଏହାକୁ ଅଗ୍ରାହ୍ୟ କରିଥିବା ଜଣାପଡ଼ିଛି। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି ଜଣାଇଛନ୍ତି ଯେ, ଭକ୍ତଙ୍କ ସୁବିଧା ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



ରାଜକନିକା,୩୦।୧୨(ସମିସ): ସାମ୍ବାଦିକ ସତ୍ୟଜିତ ସାହୁଙ୍କ ପିତା ରାମଚନ୍ଦ୍ର ସାହୁ(୬୭)ଙ୍କ ପରଲୋକ ହୋଇଯାଇଛି। ବିଗତ ୫ବର୍ଷ ହେବ ଏକ ଦୁର୍ଘଟଣା ପରେ ସେ ଶଯ୍ୟାଶାୟୀ ଥାଇ ଗତକାଲି ଭୋର ସମୟରେ ରାଜକନିକା ବ୍ଲକ୍ ଘରଭଞ୍ଜା କୋହ୍ଲାସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରାମଚନ୍ଦ୍ର ସମଗ୍ର ଅଞ୍ଚଳରେ ଜଣେ କର୍ମଠ, ନିଷ୍ଠାବାନ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗ ଖବର ମିଳିବା ପରେ ଆତ୍ମୀୟ ସ୍ୱଜନଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହା ପରେ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରିବା ସହ ସେ କାର୍ଯ୍ୟକରିଥିବା ନରେନ୍ଦ୍ର ଗୁଞ୍ଜରୀ ବିଦ୍ୟାପୀଠକୁ ନିଆଯାଇଥିଲା। ଏହାପରେ ପୈତୃକ ସ୍ଥାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସତ୍ୟଜିତ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା



କେନ୍ଦ୍ରାପଡ଼ା,୩୦।୧୨(ସମିସ): ଜିଲ୍ଲାର ସାମଗ୍ରିକ ଉନ୍ନତି, ପ୍ରଶାସନିକ ପାରଦର୍ଶିତା ଓ ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟର କହିଛନ୍ତି। ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାକ୍ଷାତକାରରେ ସେ ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାରୁ ବ୍ଲକ୍ ପର୍ଯ୍ୟନ୍ତ ଓସ୍ୱାସ ଫାଇଲ କାର୍ଯ୍ୟ ପ୍ରଣାଳୀ, ନଭେମ୍ବରରୁ ଆରମ୍ଭ ହୋଇଥିବା ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର ଓ ପ୍ରତ୍ୟେକ ସୋମବାର ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କରେ ତଥ୍ୟ ରଖିଥିଲେ। ପୂର୍ବ ଅଭିଯୋଗ ଶୁଣାଣିରେ ଆସିଥିବା ଅଭିଯୋଗଗୁଡ଼ିକର ସମୀକ୍ଷା ପୂର୍ବକ ନୂତନ ଶିବିର ଆୟୋଜନ କରାଯାଉଥିବା ମଧ୍ୟ ସେ କହିଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜିଲ୍ଲାବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ, ଆସନ୍ତା ୧ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୦ଟି ନୂତନ ବେଡ୍‌ର ସୁବିଧା ଆରମ୍ଭ କରାଯିବ। ସେହିପରି ଜିଲ୍ଲାର ଶିଳ୍ପ ଉନ୍ନତି ଦିଗରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଥିଲେ। ଏଥିସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ବିରୋଧରେ ବିକ୍ଷୋଭ



କେନ୍ଦ୍ରାପଡ଼ା,୩୦।୧୨(ସମିସ): ଓଡ଼ିଶା ଟାଟା ପାୱାର ଅଗ୍ରୀମ ଅତିରିକ୍ତ ଅମାନତ ଜମା ଦାଖଲ ପାଇଁ ବିଜ୍ଞାପନ ଜାରି କରିବା ପରଠାରୁ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ଚଡ଼କ ପଡ଼ିଲା ଭଳି ହୋଇଛି। ଏହି ଅମାନତ ଜମା ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ନ କଲେ ବିଦ୍ୟୁତ ସଂଯୋଗ କାଟି ଦିଆଯିବାର ଧମକ ମଧ୍ୟ ଦିଆଯାଇଛି। ଏହା ଟାଟା ପାୱାରର ସ୍ୱେଚ୍ଛାଚାରୀ ମନୋଭାବ ଓ ଏକଛତ୍ରବାଦର ପରିଚୟ। ପର୍ଯ୍ୟାୟକ୍ରମେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରି ଓ ସ୍ମାର୍ଟ ମିଟର ବାଧ୍ୟତା ମୂଳକ ଭାବେ ବସାଇ ନିରୀହ ଜନସାଧାରଣଙ୍କୁ ଶୋଷଣ କରୁଥିବା ବେଳେ ପ୍ରତିବାଦ କଲେ ମଧ୍ୟ ଡବଲ ଇଞ୍ଜିନ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ଫଳରେ ଉପଭୋକ୍ତାମାନେ ନିର୍ଯାତନାର ଶିକାର ହେଉଛନ୍ତି। ସମଗ୍ର ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ମାସରେ ୩ଶହ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ କରାଯିବା ଓ କୃଷି କାର୍ଯ୍ୟପାଇଁ ମାଗଣାରେ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ଆମ ଓଡ଼ିଶାରେ ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ବିଜେପି ସରକାର ପୁଞ୍ଜିପତି ଓ କମ୍ପାନୀମାନଙ୍କୁ ପରିପୃଷ୍ଟ କରିବା ପାଇଁ ଗରୀବ ଚାଷୀ ଓ ଉପଭୋକ୍ତା ମାନଙ୍କ ରକ୍ତ ଶୋଷଣ କରିବାକୁ ପଛାଉନାହାନ୍ତି। ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରତିକାନ୍ତ କାନୁନଗୋ, ଅଶୋକ ପ୍ରତିହାରୀ, ବିଭ୍ରାଂଶୁ ଲେଙ୍କା, ସସ୍ମିତା ପଣ୍ଡା, ପ୍ରମିଳା ସାହୁ, ଭାଗିରଥୀ ଜେନା, ଆକବର ଅଲ୍ଲୀ, ମଙ୍ଗୁଳି ଚରଣ ବେହେରା, ରବିନାରାୟଣ ବେହେରା, ମାନଗୋବିନ୍ଦ ଦାସ, ନୀଳମଣି ସେଠୀ, ଜଗନ୍ନାଥ ସେଠୀ, ଦର୍ପନାରାୟଣ ସାହୁ, ରଙ୍ଗଲାଲ ମଲିକ, ବିଧାନ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ଦାସ, ଅଶୋକ ମୋହନ ଜେନା, ବିଧୁଭୂଷଣ ମହାପାତ୍ର, ହରିଶ ପଟ୍ଟନାୟକ, ନିରଞ୍ଜନ ରାଉତ, ଗୋଲଖ ପ୍ରସାଦ ସ୍ୱାଇଁ, ତରୁଣ ରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ରାଉତ, ଉମେଶ ପାଢୀ ପ୍ରମୁଖ ଶତାଧିକ କଂଗ୍ରେସ ଦଳର କର୍ମୀ ଉପସ୍ଥିତ ଥିଲେ।

## ରଘୁନାଥ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୩୦।୧୨(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ପୁରାତନ କର୍ମଚାରୀ ରଘୁନାଥ ଚୌଧୁରୀଙ୍କ ଏକାଦଶାହ ଅବସରରେ ନୂଆଗାଁ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଗୀତା ଚାରଣ ସମିତି ସଭାପତି ପ୍ରମୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମଦନପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଉମେଶ ପରିଡ଼ା ବଣିକ ସଂଘ ଉପସଭାପତି ମୋହନ ଦାସ (ନମି), କବି ବ୍ରଜସୁନ୍ଦର ସାହୁ, ଶିକ୍ଷାବିତ ରାମଚନ୍ଦ୍ର ମିଶ୍ର, ଥାନାପତି ରବୀନ୍ଦ୍ର ସାହୁ, ସଞ୍ଜୟ ବର୍ମା, ପ୍ରତାପ ସାହୁ (ବାବୁଲି), ଧୀରେନ୍ଦ୍ର ବାରିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପଟ୍ଟାମୁଣ୍ଡାଇ ବଣିକ ସଂଘର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ୱର୍ଗତ ଚୌଧୁରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ମଳ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ● ବିଦ୍ୟୁତ୍ ବିଭାଗର ଅବହେଳା

## ବିପଦସଙ୍କୁଳ ଖୁଣ୍ଟରେ ଦିନରେ ଜଳୁଛି ଲାଇଟ୍

ପଞ୍ଚୁପାଣ୍ଡବ,୩୦।୧୨(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମ ସାହୁ ସାହିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଏହି ବିଦ୍ୟୁତ୍ ଖୁଣ୍ଟର ମୂଳ ଖାଇ ଯାଇଥିବାବେଳେ ଖୁଣ୍ଟରେ ଲାଗିଥିବା ଲାଇଟ୍ ଦିନରେ ଜଳୁଥିବା ଦେଖିବାକୁ ମିଳୁଛି। ଛତା ବିଦ୍ୟୁତ୍ ସେକ୍ସନରେ ଥିବା ବିଭିନ୍ନ ପଞ୍ଚାୟତର ବିଭିନ୍ନ ସ୍ଥାନରେ କେଉଁଠି ଖୁଣ୍ଟ ମୂଳ ଭଙ୍ଗା ଦଦରା ଥିବାବେଳେ କେତେକ ସ୍ଥାନରେ ଖୁଣ୍ଟ ବଙ୍କା ଥିବାରୁ ତାକୁ ଆଉଏକ ଖୁଣ୍ଟ ସାହାଯ୍ୟରେ ରଖାଯାଇଛି। ଏମିତିକି କେତେକ ସ୍ଥାନରେ ତାର ଝୁଲି ରହିଥିବା ଅଭିଯୋଗ ହେଉଛି। ଏହି ଦଦରା ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଲୋକେ ଭୟରେ ଯିବାଆସିବା କରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗର ତଦାରଖ ନ ହେବାରୁ ବିଭିନ୍ନ ଜାଗାରେ ଦିନ ସାରା ଲାଇଟ୍ ଜଳୁଥିବା ଦେଖିବାକୁ ମିଳୁଥିବାବେଳେ କେତେକ ଜାଗାରେ ଲାଇଟ୍ ଅଚଳ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ବିଭାଗ ଅବହେଳା ଯୋଗୁଁ ଲୋକେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ଏହାର ତଦନ୍ତ କରାଯାଇ ଭଙ୍ଗା ଦଦରା ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଚିତ୍ରଶିଳ୍ପୀ ଅଜୟ ପଣ୍ଡା ସମ୍ବର୍ଦ୍ଧିତ



ଡେରାବିଶ, ୩୦।୧୨(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମର ବରିଷ୍ଠ ଚିତ୍ରଶିଳ୍ପୀ ଅଜୟ କୁମାର ପଣ୍ଡାଙ୍କୁ ତାଙ୍କର ଅନବଦ୍ୟ କଳାକୃତି ଓ ସମାଜ ପ୍ରତି ସମର୍ପିତ ଭାବ ପାଇଁ ଡେରାବିଶ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଡେରାବିଶ ମହୋତ୍ସବର ସାନ୍ଧ୍ୟାକାଳୀନ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଶ୍ରୀ ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ ଓ ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ ଯୋଗ ଦେଇଥିଲେ।

## ଗୁପ୍ତି ସ୍ଲୁଇସ ଗେଟ୍ ନିକଟରୁ ବଉଳା କୁମ୍ଭୀର ଉଦ୍ଧାର

ରାଜନଗର,୩୦।୧୨(ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କଚେରୀ ନିକଟ ସ୍ଲୁଇସ ଗେଟ୍ ପାଖରୁ ଏକ ୧୦ ଫୁଟ ୬ ଇଞ୍ଚ ଲମ୍ବର ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର ହୋଇଥିବା ଜଣାପଡିଛି। ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକର ସ୍ଲୁଇସ ନିକଟରେ ଥିବା ନାଳରେ କୁମ୍ଭୀର ପଶିଯାଇଥିଲା। ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନେତୃତ୍ୱରେ ବନପାଳ ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱରଞ୍ଜନ ତରାଇ, ବନ ସୁରକ୍ଷାକର୍ମୀ ନିତାଇ ମଣ୍ଡଳ, ଦିବାକର ମଲିକ, ସହଦେବ ପ୍ରଧାନ, ମାଣିକ ଗୁଡିଆ, ହେମନ୍ତ ମହାରଣା ପ୍ରମୁଖ ନାଳରୁ ଜାଲ ସାହାଯ୍ୟରେ କୁମ୍ଭୀରକୁ ଧରିଥିଲେ। ପରେ ଏହି କୁମ୍ଭୀରକୁ କୃଷ୍ଣପ୍ରିୟାପୁର ବିଟ ନିକଟ ବାଉଁଶଗଡ ନଦୀରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିବା ନେଇ ବନପାଳ ଶ୍ରୀ ତରାଇ ସୂଚନା ଦେଇଛନ୍ତି।



### ● ବ୍ୟବସାୟୀଙ୍କୁ ପୋଡ଼ି ହତ୍ୟା ଘଟଣା

## କେନାଲରୁ ମିଳିଲା ମୃତକଙ୍କ ଷ୍ଟିଲ୍ ଗାଙ୍ଗୁଲା, ପ୍ଲାଷ୍ଟିକ୍ ଟ୍ରେ'



କେନ୍ଦ୍ରାପଡ଼ା,୩୦।୧୨(ସମିସ): ବ୍ୟବସାୟୀ ସୁବାସ ମଲିକଙ୍କୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପୋଡ଼ି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ତଦନ୍ତ ଜୋରଦାର କରିଛି ପୁଲିସ। ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନେଇ ପୁଲିସ ତଦନ୍ତ କରିଥିବାବେଳେ କେନାଲରୁ ମୃତ ସୁବାସଙ୍କ ଷ୍ଟିଲ୍ ଗାଙ୍ଗୁଲା ଓ ପ୍ଲାଷ୍ଟିକ୍ ଟ୍ରେ' ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ତଦନ୍ତ ସମୟରେ ଦୁର୍ବୃତ୍ତ କେନାଲ ଭିତରୁ ଲେମ୍ବୁ, ଲଙ୍କା ରହୁଥିବା ୩ରୁ ୪ଟି ଷ୍ଟିଲ ଗାଙ୍ଗୁଲା ଓ ୫ରୁ ୬ ପ୍ଲାଷ୍ଟିକ ଟ୍ରେ ମିଳିଥିବା ପୁଲିସ ସୂଚନା ଦେଇଛି କ୍ଷ ଏହି ସମସ୍ତ ସାମଗ୍ରୀ ମୃତ ସୁବାଷ ମଳିକଙ୍କ ବ୍ୟବସାୟରେ ବ୍ୟବହୃତ ହେଉଥିବା ଓ ଘଟଣା ପରେ ଦୋକାନରୁ ହଟାଇ କେନାଲକୁ ଫିଙ୍ଗାଯାଇଥିବା ସନ୍ଦେହ କରାଯାଉଛି କ୍ଷ ଏହାସହ ଘଟଣା ସମୟରେ ସୁବାଷ ମଳିକ ଯେଉଁ ଦୋକାନରେ ଶୋଇଥିଲେ, ସେହି ଦୋକାନଟି ବାହାରପଟୁ ବନ୍ଦ କରାଯାଇଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଘଟଣା ପୂର୍ବ ରାତିରେ ନିକଟସ୍ଥ ଏକ ମଣ୍ଡପରେ ଭୋଜିଭାତର ଆୟୋଜିତ ହୋଇଥିଲା। ସେଠାରେ କିଏ କିଏ ସାମିଲ ଥିଲେ, ସେ ନେଇ ପୁଲିସ ତଥ୍ୟ ସଂଗ୍ରହ କରୁଛି। ଏହାପୂର୍ବରୁ ବିଳମ୍ବିତ ରାତିରେ ସୁବାସଙ୍କ ଦୋକାନକୁ ଗୋଇଠା ମରାଯାଇଥିବା ଏବଂ ଏହାକୁ ନେଇ ପଚାରିବାରୁ କିଛି ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏପରିକି ଏହା ରାଜନୈତିକ ଶତ୍ରୁତାରୁ ହୋଇଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି।

### ଜିଲ୍ଲାସ୍ତରୀୟ ଖଡ଼ୁରା ସମ୍ମିଳନୀ

# 'ପ୍ରାଚୀନ ପରମ୍ପରା ଓ ସଂସ୍କୃତି ଋଦ୍ଧିମନ୍ତ କରିବାରେ ଖଡ଼ୁରାଙ୍କ ଭୂମିକା ଅନନ୍ୟ'

କେନ୍ଦ୍ରାପଡ଼ା,୩୦।୧୨(ସମିସ)



ଉତ୍କଳର ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଖଡ଼ୁରାଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି ଜିଲ୍ଲାସ୍ତରୀୟ ଖଡ଼ୁରା ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖଡୁ, ବାଙ୍କିଆ, ବଟଫଳ, କାଂସ୍ୟ ଓ ପିତ୍ତଳରେ ନିର୍ମିତ ବିଭିନ୍ନ ପ୍ରାଚୀନ କୀର୍ତ୍ତିରାଜିରେ ଖଡ଼ୁରାଙ୍କ କାରିଗରୀ କୌଶଳର ପ୍ରତିଛବି ଦେଖିବାକୁ ମିଳେ ବୋଲି ସେମାନେ କହିଛନ୍ତି। ଖଡ଼ୁରାମାନେ ପ୍ରାଚୀନ କାଳରେ ଜାଭା, ସୁମିତ୍ରା ସହ ଦେଶବିଦେଶରେ ବ୍ୟବସାୟ ଓ ବାଣିଜ୍ୟ ଜରିଆରେ ଉତ୍କଳର ରାଜକୋଷକୁ ସମୃଦ୍ଧ କରିଥିବା ଇତିହାସ ରହିଛି। କିନ୍ତୁ ଆଧୁନିକ ସମୟରେ ଖଡ଼ୁରା ସମ୍ପ୍ରଦାୟ ଅବହେଳିତ ହୋଇପଡ଼ିଥିବା ସହ ନିଜର କୌଳିକ ବୃତ୍ତି ଅସ୍ତମିତ ହେବାର ସଙ୍କଟ ସମ୍ମୁଖୀନ ହେଉଛି ବୋଲି ଅତିଥିମାନେ ଚିନ୍ତା ପ୍ରକାଶ କରିଥିଲେ। ଏଣୁ ସମସ୍ତ ଖଡ଼ୁରାମାନେ ସଂଗଠିତ ହୋଇ ପ୍ରାଚୀନ ପରମ୍ପରା ଓ କୌଳିକ ବୃତ୍ତିକୁ ପୁନର୍ଜୀବିତ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଖସାପଡ଼ିଆ-ବାଲିପାଟଣା ଗ୍ରାମର କ୍ଷେତ୍ରପାଳୀ ମନ୍ଦିର ପରିସରରେ ଜଗନ୍ନାଥ ଉତ୍କଳ ଖଡ଼ୁରା ସମାଜ ପକ୍ଷରୁ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜିଲ୍ଲାସ୍ତରୀୟ ଖଡ଼ୁରା ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଜଗନ୍ନାଥ ଉତ୍କଳ ଖଡ଼ୁରା ସମାଜର ସଭାପତି ପ୍ରସନ୍ନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସମ୍ପାଦକ ହାଡ଼ିବନ୍ଧୁ ସାହୁ, ରାଜ୍ୟ ଉପସଭାପତି ସୁଦର୍ଶନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ନାରାୟଣ କମଳା, ଅବସରପ୍ରାପ୍ତ ସେନା ଅଧିକାରୀ ସନାତନ ସାହୁ, ଉପଦେଷ୍ଟା ବିଜୟ ବେହେରା, ରାଜୀବଲୋଚନ ବେହେରା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଚନ୍ଦନ ମହାରଣା, ସାମ୍ବାଦିକ ଦେବ ପ୍ରସାଦ ସାହୁ, ଭାରତ ସାହୁ ପ୍ରମୁଖ ଯୋଗଦେଇ ଖଡ଼ୁରା ସମାଜର ବିକାଶ ସହ ରକ୍ତଦାନ, ଦୁରାରୋଗ୍ୟର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଭଳି ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରଞ୍ଜନ ପାତ୍ର, ଅଲେଖ ସାହୁ ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ହୋଇଥିବାବେଳେ ଖଡ଼ୁରା ସମାଜର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଛୁଆଳିଆ ପୀଠରୁ ଚୋରି ସାମଗ୍ରୀ ଉଦ୍ଧାର; ଜଣେ କୋର୍ଟଚାଲାଣ

ପଟ୍ଟାମୁଣ୍ଡାଇ,୩୦।୧୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ଶକ୍ତି ପୀଠ ଭାବେ ପରିଚିତ ଗଙ୍ଗାରାମପୁର ପଞ୍ଚାୟତ ଲୋକନାଥପୁରସ୍ଥିତ ମା' ଛୁଆଳିଆ ପୀଠରୁ ଗତକାଲି ରାତିରେ ହୋଇଥିବା ଘଟଣାର ପର୍ଦ୍ଦାଫାସ କରିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୁଲିସ ବଡ଼ ମୂଳବସନ୍ତ ଗ୍ରାମର ରଞ୍ଜିତ ସେଠୀକୁ ଗତକାଲି ଥାନାରେ ଅଟକ ରଖିଥିଲା। ଗତକାଲି ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ଅଭିଯୁକ୍ତ ରଞ୍ଜିତ ସେଠୀଠାରୁ ମା'ଙ୍କର କେତେକ ସୁନା ଓ ରୁପା ଅଳଙ୍କାର ଉଦ୍ଧାର କରିଥିବା ବେଳେ ଆଜି ଗ୍ରାମାଞ୍ଚଳ ପୁଲିସ ରଞ୍ଜିତକୁ ଜେରା କରିବା ପରେ ସେ ମା'ଙ୍କ ଅଳଙ୍କାର ଓ ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ପୁଲିସ ଟିମ ଅଭିଯୁକ୍ତର ଘରେ ଚଢ଼ଉ କରି ଚୋରି ଅଳଙ୍କାର ଓ ନଗଦ ୮,୯୮୧ ଟଙ୍କା ଜବତ କରିଥିଲେ। ପୁଲିସ ଜବତ କରିଥିବା ସୁନା ରୁପା ଅଳଙ୍କାରକୁ ମା' ଛୁଆଳିଆ ପୀଠ ପରିଚାଳନା କମିଟି ସଦସ୍ୟ ଚିହ୍ନଟ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ଥାନା କେଶ ନଂ ୫୩୪/୨୫ରେ ଚୋରି ମୋକଦମା ରୁଜୁ କରିଥିବା ବେଳେ ଅଭିଯୁକ୍ତ ରଞ୍ଜିତକୁ ଆଜି କୋର୍ଟ ଚାଲାଣ କରା ଯାଇଛି।

# ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମିଳୁନି ସରକାରୀ ସହାୟତା



**ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

**ନୟାହାଟ,୩୦।୧୨(ସମିସ):** ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ସହାୟତାର ବ୍ୟବସ୍ଥା ଥିଲାବେଳେ ପ୍ରଶାସନର ଅଣଦେଖା ଯୋଗୁଁ ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ସହାୟତା। ଜଣେ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ଦୁଇଟିଯାକ ଗୋଡ଼ ଅକର୍ମଣ୍ୟ ହୋଇଥିବାବେଳେ ସେ ସରକାରୀ ସାହାଯ୍ୟ ପାଇଁ ଗୋପ ବ୍ଲକ୍ ଦୌଡ଼ି ଦୌଡ଼ି ନିରାଶ ହେଲା ପରେ ପୁରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ପ୍ରକାଶଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବିଶୁଳିପଡ଼ା ଗ୍ରାମର ମଲିକ ଯୁମା ୨୦୨୧ରେ ଲେବର କାମ କରିବାକୁ ଯାଉଥିବାବେଳେ ଚଳନ୍ତା ଗାଡ଼ିରୁ ଖସିପଡ଼ିଥିଲେ। ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଯିବାରୁ ଚିକିତ୍ସା ପାଇଁ ଆର୍ଥିକ ସମ୍ବଳ ନ ଥିବାରୁ ସେ ଅକର୍ମଣ୍ୟ ହୋଇଗଲେ। ସରକାରୀ ସାହାଯ୍ୟ ପାଇଁ ସୋମବାର ମଲିକ ଯୁମା ଗୋପ ବ୍ଲକ୍ ଯାଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ରାଜକିଶୋର ଜେନା ଉକ୍ତ ଘଟଣାର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ

# ଜବରଦଖଲରେ ଡାକ୍ତରଖାନା ଜମି

**ପୁରୀ,୩୦।୧୨(ସମିସ)**




- ଡ୍ରେନେଜ୍ ବ୍ୟବସ୍ଥା ସଠିକ୍ ନ ଥିବାରୁ କକ୍ଷରେ ପଶୁଛି ପାଣି
- ଡାକ୍ତର ଅଭାବ ଯୋଗୁଁ ଧନୁଷ୍ଟଙ୍କାର ଓ ମିଳିମିଳା ୱାର୍ଡରେ ତାଲା
- ଡାକ୍ତରଖାନା ପରିସରରେ ୨ ମୋବାଇଲ୍ ଟାୱାରକୁ ନେଇ ବିଧାୟକ କ୍ଷୁବ୍ଧ

ଜିଲ୍ଲା ଯକ୍ଷ୍ମା, ଛାତି ଓ ସଂକ୍ରାମକ ରୋଗ ଚିକିତ୍ସାଳୟର ରୋଗୀ କଲ୍ୟାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସର୍କିଟ ହାଉସ୍ ପରିସରରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁନିଲ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ବିଧାୟକ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ଚିକିତ୍ସାଳୟ ଅଧୀକ୍ଷକ ଡ. ରଶ୍ମିରଞ୍ଜନ ବେହେରା, ଡା. ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜଗନ୍ନାଥ ମିଶ୍ର, ଶିକ୍ଷାବିତ୍ ବିଜୟ ମହାନ୍ତି, ସଦସ୍ୟା ଅନିତା କର ପ୍ରମୁଖ ଯୋଗଦେଇଥିଲେ। ଏହି ଡାକ୍ତରଖାନା ଦୀର୍ଘ ବର୍ଷ ହେଲା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଡାକ୍ତରଖାନା ଜମିକୁ କିଛି ଲୋକ ଦୀର୍ଘ ବର୍ଷ ହେଲା ଜବରଦଖଲରେ ରଖିଛନ୍ତି। ବହିଃବିଭାଗ ସହ ଅନ୍ତଃବିଭାଗ କକ୍ଷଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଧୀକ୍ଷକଙ୍କ ସହ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସରକାରୀ ବାସସ୍ଥାନଗୁଡ଼ିକ ସମ୍ପୂର୍ଣ୍ଣ ଅସୁରକ୍ଷିତ ରହିଛି। ଅମ୍ଳଜାନ ପ୍ଲାଣ୍ଟ ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଛାତି ରୋଗ ୱାର୍ଡକୁ ପାଇପ୍ ଦ୍ୱାରା ଅମ୍ଳଜାନ ଯୋଗାଣ ହୋଇପାରି ନାହିଁ। ୩ ମହଲା ବିଶିଷ୍ଟ କୋଭିଡ୍ ଡାକ୍ତରଖାନାରେ ଡ୍ରେନେଜ୍ ବ୍ୟବସ୍ଥା ଠିକ ନ ଥିବାରୁ କକ୍ଷଗୁଡ଼ିକ ପାଣିରେ ଭାସୁଛି। ଏଠାରେ ଧନୁଷ୍ଟଙ୍କାର ଓ ମିଳିମିଳା ରୋଗ ପାଇଁ ୱାର୍ଡ ଥିଲେ ମଧ୍ୟ ଡାକ୍ତର ଅଭାବ ଯୋଗୁଁ ବିଭାଗଟି ବନ୍ଦ ରହିଛି।

ଅନ୍ୟପକ୍ଷରେ ଆପାତ୍କାଳୀନ କକ୍ଷ ନ ଥିବା ହେତୁ ରୋଗୀ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ ସମ୍ପର୍କୀୟଙ୍କ ବିଶ୍ରାମ ନେବା ପାଇଁ ସ୍ଥାନ ଏବଂ ଶୌଚାଳୟର ଅଭାବ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଡାକ୍ତରଖାନା ପରିସରରେ ବିନା ଅନୁମତିରେ ୨ଟି ମୋବାଇଲ୍ ଟାୱାର ବସିଛି। ଫଳରେ ଏହି ଟାୱାରରୁ ନିର୍ଗତ ବିକୀରଣ ଦ୍ୱାରା ଡାକ୍ତରଖାନାର ରୋଗୀ ଏବଂ ନିକଟରେ ରହୁଥିବା ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି ବୋଲି ଉଦ୍‌ବେଗ ପ୍ରକାଶ ପାଇଥିଲା। ୧୯୧୫ ମସିହା ସ୍ୱାଧୀନତା ପୂର୍ବର ଡାକ୍ତରଖାନା ଏଭଳି ସମସ୍ୟା ଭିତରେ ରହିବାରୁ ବିଧାୟକ ଘୋର୍ ଅସନ୍ତୋଷବ୍ୟକ୍ତ କରିଥିଲେ। ଡାକ୍ତରଖାନା ପରିସରରେ ମୋବାଇଲ୍ ଟାୱାରକୁ ନେଇ ଅସନ୍ତୋଷ ଜାରି କରିବା ସହ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ରିପୋର୍ଟ ଦେବାକୁ ବିଧାୟକ କହିଥିଲେ। ଆସନ୍ତା କିଛି ମାସ ମଧ୍ୟରେ ଡାକ୍ତରଖାନାର ଥିବା ବିଭିନ୍ନ ସମସ୍ୟାକୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ଶ୍ରୀ ମହାନ୍ତି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅର୍କକ୍ଷେତ୍ରରେ ସୂର୍ଯ୍ୟ ରଥଯାତ୍ରା

- ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ କଲେ ମିତ୍ରାଦିତ୍ୟ
- ୨୭ ଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ବାହୁଡ଼ା ଯାତ୍ରା



**କୋଣାର୍କ,୩୦।୧୨(ସମିସ):** ମଙ୍ଗଳବାର ଅର୍କକ୍ଷେତ୍ରରେ ପବିତ୍ର ଶାମ୍ବ ଦଶମୀ ଅବସରରେ କୋଣାର୍କ ଅନନ୍ତ ଅବଧୂତ ମଠ ପକ୍ଷରୁ ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଦର୍ଶନ କରିଥିଲେ। କୋଣାର୍କ ଅବଧୂତ ମଠ ପରିସର ଚଳଚଞ୍ଚଳ ହୋଇଉଠିଥିଲା। ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ହୋଇ ନ ଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟ ନାରାୟଣ ଚନ୍ଦ୍ରଭାଗା ତୀର୍ଥକ୍ଷେତ୍ରକୁ ୨୭ଦିନ ଯାତ୍ରାରେ ବାହାରିଛନ୍ତି। ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ, ଘଣ୍ଟା, ଶଙ୍ଖ, ହୁଳହୁଳି ଓ ହରିବୋଲ ନାଦରେ ପ୍ରକମ୍ପିତ ହୋଇଉଠିଥିଲା ମଠ ପରିସର। ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରା ଭୋଗ, ଖେଚୁଡ଼ି, ପୋଡ଼ପିଠା ଭୋଗ ଓ ପୂଜାର୍ଚ୍ଚନା କରାଯାଇ ମଠରୁ ସୂର୍ଯ୍ୟଦେବଙ୍କ ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ମଠ ମହନ୍ତ ଆଦିତ୍ୟ ଚରଣ ଦାସ ଛେରାପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ଚନ୍ଦ୍ରଭାଗା ଅଭିମୁଖେ ଟାଣି ନେଇଥିଲେ। ମିତ୍ରାଦିତ୍ୟଙ୍କୁ ଚନ୍ଦ୍ରଭାଗା ତୀର୍ଥରେ ୨୭ଦିନ ଧରି ୨୭ ନକ୍ଷତ୍ରରେ ପୂଜାର୍ଚ୍ଚନା ପରେ ପବିତ୍ର ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟ ନାରାୟଣଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ପରିଚାଳନାରେ ଅର୍କକ୍ଷେତ୍ର ଗାୟତ୍ରୀ ପରିବାର ଓ ସୌର ବ୍ରାହ୍ମଣ ପରିଷଦର କର୍ମକର୍ତ୍ତା ସହଯୋଗ କରିଥିଲେ।

## ରତ୍ନବଟ ମଠ ପୂଜକଙ୍କ ସ୍ମୃତିଚାରଣ

**ଚାରିଛକ,୩୦।୧୨(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସଭାମଣ୍ଡପ ରତ୍ନବଟ ମଠ ଠାକୁରଙ୍କ ପୂଜକ ରାଜକିଶୋର ଶତପଥିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରତ୍ନବଟ ପୂଜା କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ସଭାରେ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ହିମାଂଶୁ ଶେଖର ଦାଶ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କର, କମିଟି ସମ୍ପାଦକ ଲକ୍ଷ୍ମୀଧର ବେହେରା, ସଦସ୍ୟ କୈଳାଶ ଚନ୍ଦ୍ର କର, ବ୍ରଜବନ୍ଧୁ କର, ସୁବାସ ଚନ୍ଦ୍ର ସାହୁ, ପୁତ୍ର ଭଜମନ ଶତପଥି, ବାଇମନ ଶତପଥିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୂଜକ ଶ୍ରୀ ଶତପଥିଙ୍କ ସ୍ମୃତିଚାରଣ କରିଥିଲେ।

# ମଙ୍ଗଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ କଟକ



**କାକଟପୁର,୩୦।୧୨(ସମିସ):** କାକଟପୁର ମିନି ଷ୍ଟାଡିୟମ୍‌ରେ ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ଆଦିତ୍ୟ ଇଲେଭେନ୍ (ଭୁବନେଶ୍ୱର)କୁ ପରାସ୍ତ କରି ୟୁନିଅନ ସ୍ପୋର୍ଟିଂ (କଟକ) ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ୟୁନିଅନ ସ୍ପୋର୍ଟିଂ(କଟକ) ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ନେଇ ଆଦିତ୍ୟ ଇଲେଭେନ୍ ୧୬.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୨ ରନ୍ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳଙ୍କ ୩୬ ବଲ୍‌ରେ ୧୦୩ ରନ୍ କରିଥିଲେ ମଧ୍ୟ ଦଳ ଜିତିପାରି ନ ଥିଲା। ଶତକୀୟ ଇନିଂସ୍ ପାଇଁ କ୍ଷମାସାଗରଙ୍କୁ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, କନିଷ୍ଠ ଯନ୍ତ୍ରୀ ପ୍ରାଚୀପ୍ରଜ୍ଞା ସାହୁ, ବିଜେଡି ଯୁବନେତା ହିମାଂଶୁ ଭୂଷଣ ଦୀକ୍ଷିତ, କାକଟପୁର ପ୍ରେସ୍ କ୍ଲବ୍ ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଓଡ଼ିଶା କ୍ରିକେଟ ଆସୋସିଏସନର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ସତ୍ୟବ୍ରତ ମହାପାତ୍ର ପରିଚାଳନା କରିଥିଲେ। ଜାନୁଆରୀ ୪ ତାରିଖରେ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍ ଆଲ୍‌ଫା ସ୍ପୋର୍ଟିଂ(ବ୍ରହ୍ମପୁର) ଏବଂ ୟୁନିଅନ ସ୍ପୋର୍ଟିଂ (କଟକ) ମଧ୍ୟରେ ଖେଳାଯିବ ବୋଲି ମଙ୍ଗଳା କ୍ରିକେଟ୍ ଆସୋସିଏସନର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ସୂଚନା ଦେଇଛନ୍ତି।

# ଚନ୍ଦ୍ରଭାଗାରେ ବିଶ୍ୱଶାନ୍ତି ନବଗ୍ରହ ଯଜ୍ଞ

**କୋଣାର୍କ,୩୦।୧୨(ସମିସ):** ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ନାରାୟଣଙ୍କ ଆବିର୍ଭାବ ସ୍ଥାନ ଚନ୍ଦ୍ରଭାଗା ସମୁଦ୍ର କୂଳରେ ରାଜ୍ୟ ଶାକଦ୍ୱୀପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘ ପକ୍ଷରୁ ତ୍ରିଦିବସୀୟ ବିଶ୍ୱଶାନ୍ତି ନବଗ୍ରହ ଯଜ୍ଞ ଉଦ୍‌ଯାପିତ ହୋଇଛି। ବିଶ୍ୱଶାନ୍ତି ଗ୍ରହଯଜ୍ଞ ନିମନ୍ତେ କଳସ ଯାତ୍ରା ଓ ଶାଳା ପୂଜା କାର୍ଯ୍ୟ ସମ୍ପାଦନ ପରେ ଗ୍ରହଯଜ୍ଞ ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଶାପଗ୍ରସ୍ତ ହୋଇ ଦୁରାରୋଗ୍ୟ କୋଷ୍ଠବ୍ୟାଧିରେ ପୀଡ଼ିତ ଥିଲେ। ନାରଦ ତଥା ଦେବଗଣଙ୍କ ପରାମର୍ଶ କ୍ରମେ କୃଷ୍ଣ ଶାକଦ୍ୱୀପରୁ ନୈଷ୍ଠିକ ସୌରାଂଶୀ ବ୍ରାହ୍ମଣ(ଦୈବଜ୍ଞ)ମାନଙ୍କୁ ଅଣାଇ ବିଶେଷ ସୌର ଉପଚାର ଓ ସୌର ପୂଜନରେ ବ୍ୟାଧିମୁକ୍ତ ହୋଇଥିଲେ। ସେବେଠାରୁ ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଶାମ୍ବ ଦଶମୀ ତିଥିରେ ଅର୍କକ୍ଷେତ୍ରରେ ଶାକଦ୍ୱୀପୀ ବ୍ରାହ୍ମଣମାନଙ୍କ ଦ୍ୱାରା ବିଶେଷ ସୂର୍ଯ୍ୟପୂଜନ କରାଯାଉଛି। ରାଜ୍ୟ ଶାକଦ୍ୱୀପୀ ଦୈବଜ୍ଞ ବ୍ରାହ୍ମଣ ମହାସଂଘର ସଭାପତି ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ, ସାଧାରଣ ସମ୍ପାଦକ ପଣ୍ଡିତ ରମାକାନ୍ତ ମହାପାତ୍ର, ପଣ୍ଡିତ ମଣ୍ଡଳୀ ସଭାପତି ସନ୍ତୋଷ ମିଶ୍ର, ସହସମ୍ପାଦକ ତାପସ କୁମାର ମହାପାତ୍ର, ରମଣୀ ରଞ୍ଜନ ମହାପାତ୍ର, ଦୟାନିଧି ନାୟକ, ଜୟନ୍ତୀ ନାୟକ, ସଞ୍ଜୁଲତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ନିମପୁର




**ଗୋପ,୩୦।୧୨(ସମିସ):** ଗୋପ ନିକଟସ୍ଥ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଗୋପାଳଜୀଉ ସ୍ପୋର୍ଟସ୍ କ୍ଲବ୍ ଅନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱର ଆଦିତ୍ୟ କ୍ରିକେଟ୍ କ୍ଲବ୍‌କୁ ୭ ୱିକେଟ୍‌ରେ ହରାଇ କଟକ ନିମପୁର କ୍ରିକେଟ୍ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଆଦିତ୍ୟ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ମାତ୍ର ୮୫ ରନ୍ କରିଥିଲା। ଜବାବରେ ନିମପୁର ୧୩ ଓଭର୍‌ରେ ୩ ୱିକେଟ ହରାଇ ୮୭ ରନ୍ କରି ୭ ୱିକେଟ୍‌ରେ ମ୍ୟାଚ୍ ଜିତି ଫାଇନାଲ୍‌ରେ ପ୍ରବେଶ କରିଛି। ଆନନ୍ଦ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ମନ୍ଦିପ ପାଇକରାୟ, ପ୍ରହଲ୍ଲାଦ ସ୍ୱାଇଁ ଯୋଗଦେଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଦୁଇ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଦେବେନ୍ଦ୍ର ନାଥ ମିଶ୍ର, ସତ୍ୟ ସାଗର ଦାଶ। ଆସନ୍ତା ୪ ତାରିଖରେ ଫାଇନାଲ୍ ମ୍ୟାଚ୍ କଟକ ନିମପୁର ଓ କଟକ ସୋଲାର କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପୁରୁଷୋତ୍ତମ ନାଥ ସୂଚନା ଦେଇଛନ୍ତି।

# ଫେବୃଆରୀ ୬ରୁ ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ,୩୦।୧୨(ସମିସ):** ୧୦ମ ସତ୍ୟବାଦୀ ମହୋତ୍ସବ-୨୦୨୬ ପାଇଁ ସ୍ଥାନୀୟ ବକୁଳ ବାଟିକାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀର ସ୍ୱାଭିମାନ ପଞ୍ଚସଖାଙ୍କ ଜନ୍ମଭୂମିର ଷଠି ଘରୁ ଜ୍ୟୋତି ସଂଗ୍ରହ କରାଯାଇ ସତ୍ୟବାଦୀ ମହୋତ୍ସବ ପ୍ରଥମେ ୨୦୧୫ରେ ଆରମ୍ଭ ହୋଇଥିଲା। ଏହି ମହୋତ୍ସବ ୩ ଦିନ ଧରି ହୋଇଥାଏ। ପାରମ୍ପରିକ ରୀତିନୀତି ଅନୁସାରେ ବାଜା, ବାଣ, ଗୋଟିପୁଅ, ସଂକୀର୍ତ୍ତନ, ନାଗା ନୃତ୍ୟ, ସାହିଯାତ ସହିତ ପ୍ରଥମେ ଜ୍ୟୋତିଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ହଜାର ହଜାର ସ୍ଥାନୀୟ ଜନସାଧାରଣ ଯୋଗଦେଇଥା'ନ୍ତି। ୩ ଦିନ ଧରି ଏହି ମହୋତ୍ସବ ସତ୍ୟବାଦୀର ଐତିହ୍ୟ ସହିତ ଲୋକ ପରମ୍ପରାକୁ ନେଇ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦଳମତ ନିର୍ବିଶେଷରେ ଏହି ମହୋତ୍ସବକୁ ସମସ୍ତେ ସ୍ୱାଗତ କରିଥାଆନ୍ତି। ଏହି ମହୋତ୍ସବର ଦଶମ ସଂସ୍କରଣ ଆସନ୍ତା ବର୍ଷ ଫେବୃଆରୀ ୬, ୭, ୮ ତାରିଖରେ ହେବା ନେଇ ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ବିଧାୟକ ତଥା ସତ୍ୟବାଦୀ ମହୋତ୍ସବ କମିଟି ସଭାପତି ଓମ୍ ପ୍ରକାଶ ମିଶ୍ର ମହୋତ୍ସବକୁ ସୁଚାରୁ ରୂପେ ସମ୍ପନ୍ନ କରିବା ନିମନ୍ତେ ମତପ୍ରକାଶ କରିଥିଲେ। ଏହି ବୈଠକରେ ସମ୍ପାଦକ ଦୀପକ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ବିଷ୍ଣୁପ୍ରିୟା ବରାଳ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ତ୍ରିଲୋଚନ ରଥ, ଅଭୟ ନାଥ, ଶରତ ମହାପାତ୍ର, ଶୁବୁନୁ ନାୟକ, ରଞ୍ଜନ ବରାଳ, ଜାନକୀ ବଲ୍ଲଭ ବରାଳ, ଦିଲ୍ଲୀପ ମହାନ୍ତି, ବିଶ୍ୱଜିତ୍ ମହାପାତ୍ର, ଭଗବାନ ବେହେରା, ଧୂନିଆ ବେହେରା ଓ ଦେବକିଶୋର ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମହାବୀର ମଲ୍ଟିଜିମ୍‌ର ବାର୍ଷିକ ଉତ୍ସବ

**ଚାରିଛକ,୩୦।୧୨(ସମିସ):** ଚାରିଛକସ୍ଥିତ ମହାବୀର ମଲ୍ଟିଜିମ୍‌ର ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଚନ୍ଦ୍ରମଉଳିସ୍ଥିତ ସହିଦ ସ୍ମୃତି ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦୀପ୍ତି ରଞ୍ଜନ ପୁଷ୍ପାଳକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ଉଦ୍ୟୋଗପତି ସୁରେଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ରାଜସ୍ୱ ଅଧିକାରୀ ଦୀପକ କୁମାର ବେହେରା, ସିପ୍ରାସିନୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଯୁବପିଢ଼ିମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରହି ନିୟମିତ ବ୍ୟାୟାମ କଲେ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଲ୍ଟିଜିମ୍‌ରେ ବ୍ୟାୟାମ ପାଇଁ ଯୋଡ଼ି ହୋଇ ଉତମ ସ୍ୱାସ୍ଥ୍ୟ ହାସଲ କରି ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ମଲ୍ଲଯୋଦ୍ଧାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜଗବନ୍ଧୁ ନାୟକ, ରଞ୍ଜନ କୁମାର ଦାସ, ଅଶୋକ ପରିଡ଼ା, ବିନୋଦ ପ୍ରଧାନ, ବାବୀ କଟିକିଆ, ରାମଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ସୁବାଶିଷ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇୱେ ଲୁଟେରା ଗିରଫ, ବାଇକ୍ ଜବତ

**ସାକ୍ଷୀଗୋପାଳ,୩୦।୧୨(ସମିସ):** ଭୁବନେଶ୍ୱର-ପୁରୀ ରାଜପଥରେ ଲୁଟ୍‌ତରାଜ କରୁଥିବା ଜଣେ ଅଭିଯୁକ୍ତକୁ ସତ୍ୟବାଦୀ ପୁଲିସ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଳି ଗ୍ରାମର ବିକ୍ରମ ବଡ଼ପଣ୍ଡା ଓରଫ ବିକି। ପୁଲିସ ତାଙ୍କଠାରୁ ଗୋଟିଏ ବାଇକ୍, ଦୁଇଟି ମୋବାଇଲ୍ ଫୋନ୍, ଦୁଇଟି ସୁନା ମଙ୍ଗଳସୂତ୍ର, ସୁନା ନାକଫୁଲ, ଭ୍ୟାନିଟି ସହିତ ଲୁଟ୍ ହୋଇଥିବା ଦରକାରୀ କାଗଜପତ୍ର ଜବତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖରେ ଅନନ୍ତ ମହାପାତ୍ର, ପତ୍ନୀଙ୍କ ସହିତ ନିଜ ବାଇକ୍‌ରେ ଭୁବନେଶ୍ୱର ନିକଟସ୍ଥ ଧଉଳୀରୁ ପୁରୀ ଅଭିମୁଖେ ଯାଉଥିବାବେଳେ ତାଙ୍କ ପଛରୁ ଆସି ଲୁଟେରା ଭ୍ୟାନିଟି ବ୍ୟାଗ୍ ଝାମ୍ପିନେଇ ଚନ୍ଦନପୁର ଆଡ଼କୁ ଦ୍ରୁତଗତିରେ ଫେରାର୍ ହୋଇଯାଇଥିଲେ। ଏନେଇ ସତ୍ୟବାଦୀ ଥାନାରେ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲେ। ଗତ ୧୪ରୁ ୨୪ ତାରିଖ ମଧ୍ୟରେ ସତ୍ୟବାଦୀ, ପିପିଲି ଓ ଚନ୍ଦନପୁର ଥାନା ଅଞ୍ଚଳରେ ୪ଟି ଲୁଟ୍ ଘଟଣାରେ ସେମାନଙ୍କର ସମ୍ପୃକ୍ତି ରହିଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

# ଦାଦାବଟି ମାଗିବାରୁ ଗରମ ତେଲ ମାଡ଼

**ପୁରୀ,୩୦।୧୨(ସମିସ):** ଦାଦାବଟି ମାଗିବା ଜଣେ ଯୁବକକୁ ମହଙ୍ଗା ପଡ଼ିଛି। ବଟି ବଦଳରେ ତାଙ୍କ ଉପରକୁ ଗରମ ତେଲ ମାଡ଼ ହୋଇଛି। ଅଭିଯୁକ୍ତ ଯୁବକ ହେଉଛି କୁମ୍ଭାରପଡ଼ା ଥାନା ଅଞ୍ଚଳର କାଲୁ ଦାସ। ମଙ୍ଗଳବାର ସନ୍ଧ୍ୟାରେ ବଡ଼ଶଙ୍ଖରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆହତ କାଲୁକୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ ଟା ସମୟରେ କାଲୁ ବଡ଼ଶଙ୍ଖ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନୀଙ୍କ ପାଖକୁ ଆସି ବଟି ମାଗିଥିଲେ। ମାତ୍ର ଦୋକାନୀ ଜଣକ ବଟି ଦେବାକୁ ମନା କରିଦେଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗିଯାଇ ଦୋକାନୀ ଜଣକ ଫାଷ୍ଟଫୁଡ୍ ଛାଣିବାକୁ ରଖିଥିବା ଗରମ ତେଲକୁ କାଲୁ ଉପରକୁ ଫୋପାଡ଼ିଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଥିଲା।

# ଆର୍‌ସିସି ଚାମ୍ପିଅନ୍ସ ଟ୍ରଫି: ସାକ୍ଷୀଗୋପାଳ ଚାମ୍ପିଅନ

**ଗୋପ,୩୦।୧୨(ସମିସ):** ମା' ରାମେଶ୍ୱରୀ କ୍ରିକେଟ୍ କ୍ଲବ୍, କୁଶୁପୁର ଦ୍ୱାରା ଆୟୋଜିତ ବିଂଶତମ ଆର୍‌ସିସି ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ମ୍ୟାଚ୍‌ରେ ଷ୍ଟାର୍ ଇଲେଭେନ, ସିଉଳାକୁ ହରାଇ ରଞ୍ଜନ ସ୍ପୋର୍ଟିଂ, ସାକ୍ଷୀଗୋପାଳ ଦଳ ଚାମ୍ପିଅନ ହୋଇଛି। ମ୍ୟାଚ୍ ଶେଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଓପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କୁଶୁପୁର ଗ୍ରାମର ଶ୍ରେୟଶ୍ରୀ ନାଗଙ୍କୁ ଉତ୍ତରୀୟ ଓ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୋପ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ, ଏସ୍‌ଆଇ ବୁଦ୍ଧରାମ ମାଝୀଙ୍କ ସମେତ ଗୋପ ଥାନାର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ, ବିଶିଷ୍ଟ ସମାଜସେବୀ ତାପସ କୁମାର ସାହୁ, ଯୁବ ବ୍ୟବସାୟୀ ବିଭୁ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ମ୍ୟାନ୍ ଅଫ୍ ଦି ଫାଇନାଲ୍ ଭାବେ ବିଜୟୀ ଦଳର ରାକେଶ ସାହୁଙ୍କୁ ଏଲ୍‌ଇଡି ଟିଭି, ମ୍ୟାନ୍ ଅଫ୍ ଦି ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ରୟାଲ୍ ଇଲେଭେନ୍ ପୁରୀର ମିଳନ ବାରିକଙ୍କୁ ଯଥାକ୍ରମେ ସ୍ପୋର୍ଟସ୍ ସାଇକଲ ଓ ୱାସିଂ ମେସିନ୍, ଶ୍ରେଷ୍ଠ ବୋଲର ଭାବେ ବିଜୟୀ ଦଳର ଲକିଙ୍କୁ ଏକ ମିକ୍ସଚର୍ ଗ୍ରାଇଣ୍ଡର, ଶ୍ରେଷ୍ଠ ଫିଲ୍ଡର ଭାବେ ରନର୍ସଅପ୍ ଦଳର ମନୋଜ କୁମାରଙ୍କୁ ଇଲେକ୍ଟ୍ରି ଆଇରନ ଇତ୍ୟାଦି ପୁରସ୍କାର ଅର୍ପଣ କରାଯାଇଥିଲା।

# ଉପକୂଳ ଶୁଖୁଆ ପାଇଁ ପ୍ରୋତ୍ସାହନର ଆବଶ୍ୟକତା

**ଅସ୍ତରଙ୍ଗ,୩୦।୧୨(ସମିସ)**



ଶୁଖୁଆ ଆମ ଅସ୍ତରଙ୍ଗ ଉପକୂଳ ଅଞ୍ଚଳର ଗୋଟେ ମୁଖ୍ୟ ଆମଦାନକାରୀ ଖାଦ୍ୟ। ମାତ୍ର ଅସ୍ତରଙ୍ଗ ଅଞ୍ଚଳର ଶୁଖୁଆକୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ମାନ୍ୟତା କି ସ୍ୱତନ୍ତ୍ର ପ୍ରୋତ୍ସାହନ ମିଳୁନାହିଁ। ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯାଉଥିବା ସମୟରେ ଅନେକ ପ୍ରକାର ସାମୁଦ୍ରିକ ସହ ମୁହାଣ ମୁହଁରୁ ମାଛ ଧରି ତାକୁ ଆଞ୍ଚଳିକ ବଜାର ହେଉ କି ଆନ୍ତଃରାଜ୍ୟ ବଜାର ସବୁଠି ବିକ୍ରି କରି ନିଜ ନିଜର ପରିବାର ପ୍ରତିପୋଷଣ କରନ୍ତି। ସାଧାରଣତଃ ମଧୁର ପୋଖରୀ ମାଛ ରୋହି, ଭାକୁର, ମିରିକାଳି, ରୂପ୍‌ଚାନ୍ଦି ଆଦି ବିଭିନ୍ନ ପ୍ରକାର ବିକ୍ରୟ ହେଉଥିବାବେଳେ ନଦୀ, ସମୁଦ୍ର ମୁହାଣରୁ ଆସୁଥିବା ଖାସୁଲି, ଜଗର, ଡାହାଙ୍ଗେରା, ସୋରଡ଼ି, ଖଏଙ୍ଗା, ତେଲିଆ ବୋରେହି, ଅଳତା ପଟେଇ, ଭେକ୍ଟି, ପଥରମୁଣ୍ଡି, ନାଙ୍ଗୁଡ଼ମୋଡ଼ି, ବୋରେହି ପ୍ରଜାତିର ଅନେକ କିସମର ମାଛ ଉତ୍ପାଦନ ହେଉଛି। ଆଞ୍ଚଳିକ ମାଛ ବଜାରରେ ଏହା ଯେତିକି ଚାହିଦାରେ ବିକ୍ରି ହୁଏ ତା'ଠୁ ଅଧିକ ଚାହିଦା ଦିଘା, ବାଲେଶ୍ୱର, ପଶ୍ଚିମବଙ୍ଗ ମାର୍କେଟରେ ଅଧିକ ରହିଛି। ଏହି ସାମୁଦ୍ରିକ ମାଛ ଭିତରେ ବୋରେହି, କୋକଲି, ଖଏଙ୍ଗା, ଡାହାଲ ଭଳି ମାଛକୁ ଶୁଖାଇ ଏଥିରେ ଶୁଖୁଆ ପ୍ରସ୍ତୁତି କରନ୍ତି ଆମ ମତ୍ସ୍ୟଜୀବୀ ପରିବାର। ତାକୁ ଶୁଖାଇ ଲୁଣ, ହଳଦୀ ପାଣିରେ ଶଢ଼ାଇ ପୁନର୍ବାର ଟାଣ ଖରା ଦେଇ ଏହି ଶୁଖୁଆକୁ ପ୍ରସ୍ତୁତି କରୁଥିବାବେଳେ ସ୍ୱାଦ ଅନୁସାରେ ଲୁଣି, ଅଲଣା ଦୁଇ ଭାଗରେ ବିଭକ୍ତ କରାଯାଇଛି। ଅନେକ ପରିଶ୍ରମ ପରେ ଆଞ୍ଚଳିକ ମାର୍କେଟରେ ସାଇଜ୍ ଅନୁସାରେ ସ୍ୱତନ୍ତ୍ର ରେଟ୍‌ରେ ବିକ୍ରୟ ହେଉଥିବାବେଳେ ବ୍ରହ୍ମପୁର, ଭୁବନେଶ୍ୱର, ଗଞ୍ଜାମ, ଯାଜପୁର, ବାଲେଶ୍ୱର ଓ ଅନେକ ପଡ଼ୋଶୀ ରାଜ୍ୟକୁ ରପ୍ତାନୀ କରାଯାଏ। ମାତ୍ର ଏହି ଶୁଖୁଆକୁ ବ୍ୟବସାୟୀମାନେ ଉତ୍ପାଦନକାରୀଙ୍କଠୁ ସୁଲଭ ଦରରେ ନେଇ ବିଭିନ୍ନ ଦର ଲଗାଇ ବାହାର ବଜାରରେ ବିକ୍ରି କରି ଅଧିକ ଲାଭବାନ ହେଉଥିବାବେଳେ ଆମ ଅଞ୍ଚଳ ଶୁଖୁଆ ପ୍ରସ୍ତୁତକାରୀ ବ୍ୟକ୍ତିବିଶେଷମାନେ ଏହି ଲାଭରୁ ବାଦ୍ ପଡ଼ିଯାଉଛନ୍ତି। ଏବେ ସ୍ଥାନୀୟ କିଛି ଶୁଖୁଆ ଉତ୍ପାଦନକାରୀ ନିବେଦନ କରିଛନ୍ତି ଆମ ଅଞ୍ଚଳରେ ଶୁଖୁଆ ଉତ୍ପାଦନ ପାଇଁ ଯଦି ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦିଆଯିବ ତେବେ ଆଗାମୀ ଦିନରେ କେବଳ ଓଡ଼ିଶା ନୁହେଁ ବରଂ ଆନ୍ତଃରାଜ୍ୟ ବଜାରରେ ଆମ ଶୁଖୁଆର ଚାହିଦା ସ୍ୱତନ୍ତ୍ର ହେଇପାରିବ।

# ମା' ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜଟଣୀ ଚାମ୍ପିଅନ

**ବଳଙ୍ଗା,୩୦।୧୨(ସମିସ):** ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ମଙ୍ଗଳବାର ଫାଇନାଲ୍ ମ୍ୟାଚ୍ ଜଟଣୀ ପାରାଡାଇଜ୍ ଓ ନାଇଜେରିଆ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଡାଇଜ୍ ଜଟଣୀ ୨-୦ ଗୋଲ୍‌ରେ ନାଇଜେରିଆ-୧୧କୁ ହରାଇ ଚାମ୍ପିଅନ ହୋଇଛି। ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନିଲ୍ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ ରାଉତ ଓ ସୁଦିପ୍ତ ଦାସ। ଅବୁ ବେକର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ରେୟାନ ଚିବୁରୁରାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ସିଲ୍ଡ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବଳଙ୍ଗାଠାରେ ଏକ ଉନ୍ନତଧରଣର ମିନି ଷ୍ଟାଡିୟମ୍ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପ୍ରଶନ୍ନ ଦାଶ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଲଙ୍କେଶ୍ୱରୀ କ୍ଲବ୍‌ର ସମ୍ପାଦକ ରଶ୍ମି ରଞ୍ଜନ ସାହୁ, ଶରତ ବିଶ୍ୱାଳ, ତୋଫାନ ପ୍ରଧାନ, ରାଜୀବ ପୃଷ୍ଟି, ପ୍ରଦୀପ୍ତ ଘଡ଼େଇ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

# ଯୁବ କବୟିତ୍ରୀ ଅମୃତାଙ୍କୁ ଟାଇମ୍‌ପାସ୍ ପ୍ରଥମା ସମ୍ମାନ

ବାଲେଶ୍ୱର, ୩୦।୧୨(ସମିସ): ଯୁବ କବୟିତ୍ରୀ ଅମୃତା ମହାନ୍ତିଙ୍କୁ ଟାଇମ୍‌ପାସ୍ ପ୍ରଥମା ସମ୍ମାନ ପ୍ରଦାନ କରାଯାଇଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଦା ଗ୍ରାମର ବିମଳ କୁମାର ମହାନ୍ତି ଓ ଗୀତାଞ୍ଜଳି ମହାନ୍ତିଙ୍କ ଝିଅ ଅମୃତା ମହାନ୍ତିଙ୍କୁ ତାଙ୍କ ପ୍ରଥମ ପୁସ୍ତକ ତଥା କବିତା ପାଣ୍ଡୁଲିପି 'ମୁଗ୍ଧ ଦହନ' ପାଇଁ ଟାଇମ୍‌ପାସ୍ ପ୍ରକାଶନ ଦ୍ୱାରା ଆୟୋଜିତ ଉତ୍‌ସାହିତ୍ୟ କାର୍ଯ୍ୟକ୍ରମରେ ଚଳିତ ବର୍ଷର ପ୍ରଥମା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିଅମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅମୃତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭଦ୍ରକ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପିକା ଅମୃତା ନିଜ ସାହିତ୍ୟ ସୃଜନ ପାଇଁ ନିଜ ପିତାଙ୍କୁ ପ୍ରେରଣା ବୋଲି ମାନ୍ୟ କରନ୍ତି। ଚଳିତ ବର୍ଷ ପାଇଁ ସମୁଦାୟ ୧୨ ଜଣ ପ୍ରଥମା ପୁରସ୍କାର ପାଇଥିବା ବେଳେ ଅମୃତା କବିତା ବିଭାଗରେ ଏହି ପୁରସ୍କାର ପାଇଛନ୍ତି। ଏହି ବହିଟି ଟାଇମ୍‌ପାସ୍ ଦ୍ୱାରା ଆୟୋଜିତ ବହି ବିଷୁବ କାର୍ଯ୍ୟକ୍ରମରେ ଆସନ୍ତା ଅପ୍ରେଲ ମାସରେ ପ୍ରକାଶିତ ହେବ, ଯାହାକି ଅନ୍‌ଲାଇନ୍ ସମେତ ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ ବୋଲି ସରୋଜ ବଳ ସୂଚନା ଦେଇଛନ୍ତି।



# ବେଦପ୍ରଭା ପଣ୍ଡିତ ମଧୁସୂଦନ ପଣ୍ଡାଙ୍କ ପରଲୋକ

ବାଲେଶ୍ୱର, ୩୦।୧୨(ସମିସ): ସଦର ବ୍ଲକ ଅନ୍ତର୍ଗତ ପୈତୃକ ଗ୍ରାମ ମଝିକିଆରେ ରହୁଥିବା ପ୍ରଖ୍ୟାତ ପଣ୍ଡିତ ତଥା କର୍ମକାଣ୍ଡବିଦ୍ ବେଦପ୍ରଭା ପଣ୍ଡିତ ମଧୁସୂଦନ ପଣ୍ଡା(୯୧)ଙ୍କ ପରଲୋକ ହୋଇଯାଇଛି। ୧୯୬୬ ମସିହାରୁ ସେ ସେଠାରେ ପ୍ରଧାନ ପଣ୍ଡିତ ଭାବେ କାର୍ଯ୍ୟକରି ୧୯୯୭ ମସିହାରେ ଅବସର ନେଇଥିଲେ। ଆର୍ଯ୍ୟ ସମାଜ ବାହାନଗା ପକ୍ଷରୁ କର୍ମକାଣ୍ଡରେ ବିଚକ୍ଷଣ ପାରଦର୍ଶିତା ପାଇଁ 'ଦେବପ୍ରଭା' ଉପାଧିରେ ଭୂଷିତ ହୋଇଥିଲେ। ରାମେଶ୍ୱର ସଂସ୍କୃତ ବିଦ୍ୟାଳୟରୁ 'କର୍ମକାଣ୍ଡ ବିଷାରଦ', ବ୍ରାହ୍ମଣ ସମିତି ବାଲେଶ୍ୱରରୁ "ବାଣୀରତ୍ନ' ଓ ପୁରୀ ଓ ବାଲେଶ୍ୱର ସଂସ୍କୃତ ପରିଷଦ ପକ୍ଷରୁ "ସଂସ୍କୃତ ବାରିଧି' ସମ୍ମାନପ୍ରାପ୍ତ ହୋଇଥିଲେ। ଜିଲ୍ଲା ବ୍ରାହ୍ମଣ ସମିତିର ଅନ୍ୟତମ ପ୍ରତିଷ୍ଠାତା ଭାବେ ସେ ୧୯୮୫ରୁ ୨୦୧୬ ମସିହା ପର୍ଯ୍ୟନ୍ତ ସକ୍ରିୟ ଥାଇ ସଂଗଠନକୁ ପଞ୍ଜିକରଣ କରିବା ସହ ସୁଦୃଢ଼ କରିଯାଇଛନ୍ତି। ଟିକିରାପଡ଼ା ଗାଁରେ ଜଗନ୍ନାଥ ମନ୍ଦିର ତଥା ମଦନଗୋପାଳ ଜୀଉଙ୍କୁ ପ୍ରତିଷ୍ଠା କରିଯାଇଛନ୍ତି। ଗାଁ ଘର ପାଖରେ ଅର୍ଣ୍ଣପୂର୍ଣ୍ଣା ମଣ୍ଡପ ପାଇଁ ଜମି ଦାନ କରିଛନ୍ତି। ୨୨ ଡିସିମିଲ ଜମିଦାନ ଦେଇ ଉ.ପ୍ରା. ସ୍କୁଲ ଡ. ହରେକୃଷ୍ଣ ମହାତାବଙ୍କ ସମୟରେ ପ୍ରତିଷ୍ଠା କରିଛନ୍ତି। ୧୦ଜଣ ବ୍ରାହ୍ମଣ ପିଲାଙ୍କୁ ବ୍ରତ କରିବା ସହ ୨ ଜଣ ବ୍ରାହ୍ମଣ ପିଲାଙ୍କୁ ଘରବାଡ଼ି ଓ ଜଳ ଜମି ୨୨ ଡ଼ିସିମିଲ ଦାନ ଦେଇ ସ୍ଥାୟୀ କରାଇଛନ୍ତି। ବଡ଼ ପୁଅ ଅଶୋକ କୁମାର ପଣ୍ଡା ବଡ଼କିଆ ସଂସ୍କୃତ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ମଝିଆ ପୁଅ ରବି ନାରାୟଣ ପଣ୍ଡା ଓ ସାନପୁଅ ପ୍ରଭୁରାମ ପଣ୍ଡା ବ୍ୟବସାୟ କରି ସୁନାମ ଅର୍ଜନ କରିଛନ୍ତି। ଝିଅ ତିନିଜଣ ବିବାହିତା। ଧର୍ମପତ୍ନୀ ମନ୍ଦୋଦରୀ ପଣ୍ଡା ତାଙ୍କୁ ସବୁକାର୍ଯ୍ୟରେ ସହଯୋଗ କରୁଥିଲେ।



# ବର୍ଷ ଶେଷକୁ ଜମୁଛି ବୁଲାବୁଲି ଓ ବଣଭୋଜି

ବାଲେଶ୍ୱର, ୩୦।୧୨(ସମିସ)



**ଆକର୍ଷଣ କରୁଛି ପନ୍ତା, ପରିଖି, ଖୁମକୁଟ, ତ୍ରିବେଣୀ ଘାଟ**

ସମୁଦ୍ର କୂଳ ନଚେତ ଡ୍ୟାମ୍ ନିକଟ ସ୍ଥାନକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ସେଠାରେ ପିକନିକ ବା ବଣଭୋଜି କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିଲେ ବି ଲୋକମାନେ ଭୋଜି କରିବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ବର୍ଷ ଶେଷରେ ଜମୁଛି ବଣଭୋଜି ଆସର। ପିକନିକ୍ ପାଇଁ ବଢୁଛି ଗହଳି। ଆଉ ଗୋଟେ ଦିନ ପରେ ସରିଯିବ ୨୦୨୫ ଏବଂ ଆରମ୍ଭ ହେବ ନୂଆବର୍ଷ ୨୦୨୬। ସେଥିପାଇଁ ସମସ୍ତେ ଏକାଠି ହୋଇ ବଣଭୋଜି କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି।

ବଣଭୋଜି ପାଇଁ ବାଲେଶ୍ୱରର ପର୍ଯ୍ୟଟନ ସ୍ଥଳୀ ଅପେକ୍ଷା ଡ୍ୟାମ୍, ସମୁଦ୍ର କୂଳ ଆଦି ସ୍ଥାନରେ ବେଶୀ ଭିଡ଼ ଜମୁଛି। କାରଣ ବିଶେଷକରି ଶନିବାର ଓ ରବିବାରରେ ଚାନ୍ଦିପୁର ସମେତ ପଞ୍ଚଲିଙ୍ଗେଶ୍ୱରରେ ଅସମ୍ଭାଳ ଗହଳି। ବାହାରୁ ବସ୍‌ରେ ଆସି ଏଠାରେ ପିକନିକ୍ କରୁଛନ୍ତି। ସେଥିପାଇଁ ବଣଭୋଜି ପାଇଁ ଲୋକଙ୍କୁ ଏବେ ପର୍ଯ୍ୟଟନ ସ୍ଥଳୀ ଅପେକ୍ଷା ଡ୍ୟାମ୍ ପାଖ ବା ସମୁଦ୍ର ନିକଟ, ସବୁଜିମା ଜଙ୍ଗଲ ଏବଂ ପ୍ରଶସ୍ତ ଜାଗାରେ ଅଳ୍ପ ଲୋକଙ୍କ ଗହଳିରେ ବଣଭୋଜି କରିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲ୍ଲାରେ ଥିବା ୨୨ଟି ପର୍ଯ୍ୟଟନ ସ୍ଥଳୀରେ ପିକନିକ୍ କରିବା ଅପେକ୍ଷା ନିଜ ନିଜ ମନ ପସନ୍ଦ ଜାଗା ପସନ୍ଦ କରିଦେଉଛନ୍ତି ବାଲେଶ୍ୱରବାସୀ। ଜିଲ୍ଲା ପର୍ଯ୍ୟଟନ ବିଭାଗର ତାଲିକାଭୁକ୍ତ ଥିବା ପର୍ଯ୍ୟଟନ ସ୍ଥଳୀ ଅପେକ୍ଷା କିଛି ନୂଆ ଜାଗାକୁ ଲୋକେ ପସନ୍ଦ କରୁଛନ୍ତି ବୋଲି ଜିଲ୍ଲା ପର୍ଯ୍ୟଟନ ବିଭାଗରୁ ସୂଚନା ମିଳିଛି। ବର୍ତ୍ତମାନ ବୁଲାବୁଲି ସହ ବଣଭୋଜିର ମାହୋଲ ଚାଲିଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟକମାନେ ବାଲେଶ୍ୱରର ୨୨ ପର୍ଯ୍ୟଟନ ସ୍ଥଳୀ ଭିତରୁ ପଞ୍ଚଲିଙ୍ଗେଶ୍ୱର, ଚାନ୍ଦିପୁର, ତାଳସାରୀ, ରେମୁଣା ଓ ଚନ୍ଦନେଶ୍ୱରକୁ ବୁଲିବାକୁ ଆସୁଛନ୍ତି। ଏଥିସହ କିଛି ପର୍ଯ୍ୟଟକ ବଣଭୋଜି ମଧ୍ୟ କରୁଛନ୍ତି। ଏହାବ୍ୟତୀତ ଏହି ସମସ୍ତ ସ୍ଥାନକୁ କିଛି ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସୁଛନ୍ତି। ମାତ୍ର ଏହି ପର୍ଯ୍ୟଟନ ସ୍ଥଳୀକୁ ବାଦ୍ ଦେଲେ ସ୍ଥାନୀୟ ଲୋକ ବଣଭୋଜି ପାଇଁ କିଛି ଲୁକ୍କାୟିତ ପିକନିକ୍ ସ୍ପଟ୍ ଖୋଜିଛନ୍ତି। ଯାହା ପର୍ଯ୍ୟଟନ ସ୍ଥଳୀ ହୋଇନଥିଲେ ବି ଲୋକେ ଏହାକୁ ପିକନିକ୍ ସମୟରେ ଅଧିକ ପସନ୍ଦ କରୁଛନ୍ତି। ପରିଖିଠୁ ଆରମ୍ଭ କରି ଦୁବଲାଗଡିରେ ବର୍ତ୍ତମାନ ସମୟରେ ଅସ୍ଥାୟୀ ଭାବେ କିଛି ଟେଣ୍ଟ ଲୋକଙ୍କୁ ଆକର୍ଷିତ କରୁଛି। ସେଠାକାର ସମୁଦ୍ର କୂଳ, ଝାଉଁ ବଣ ମଧ୍ୟ ଆକର୍ଷିତ କରୁଛି। ବିଶେଷକରି ବାଲେଶ୍ୱର ଜିଲ୍ଲାର କିଛି ନୂଆ ସ୍ଥାନ ଯଥା ଖୁମକୁଟ, ବିଶ୍ୱେଶ୍ୱର ମନ୍ଦିର ନିକଟ, ବଉଳଗଡିଆ ପାହାଡ଼ ନିକଟ ସହିତ ଡଗରା, କଷାଫଳ, ଦୁବଲାଗଡି ନିକଟ ପନ୍ତା, ପଧିଖି, ବଗଦାରେ ବଣଭୋଜି ପାଇଁ ଭିଡ ଜମୁଛି। ଏହାବ୍ୟତୀତ ନୀଳଗିରିର ଅଯୋଧା, ସଜନାଗଡ ଏବଂ ବାଘାଯତୀନ ସହ ତ୍ରିବେଣୀ ଘାଟ ପାଖ ଆଦି ସ୍ଥାନକୁ ସ୍ଥାନୀୟ ଲୋକ ଅଧିକ ପସନ୍ଦ କରୁଛନ୍ତି। ବର୍ତ୍ତମାନ ସମୟରେ ପଞ୍ଚଲିଙ୍ଗେଶ୍ୱର ଏବଂ ଚାନ୍ଦିପୁରରେ କେବଳ ବଣଭୋଜି ପାଇଁ ବାହାର ଲୋକଙ୍କ ଭିଡ଼ ଜମୁଛି। ଏହାବ୍ୟତୀତ ଅନ୍ୟ ପର୍ଯ୍ୟଟନ ସ୍ଥଳୀକୁ ଲୋକେ ବଣଭୋଜି ପାଇଁ ଯାଉନାହାନ୍ତି। ସେଥିପାଇଁ ନିଜ ପସନ୍ଦର ଜାଗା ଚୟନ କରି ପିକନିକ୍ କରିବାକୁ ଏବେ ଅଧିକ ପସନ୍ଦ କରୁଛନ୍ତି।

# ଡବଲ୍ସରେ ରାଜେଶ ଓ ଭବାନୀ ଏବଂ ସିଙ୍ଗଲ୍ସରେ ବିଶ୍ୱନାଥ ଚାମ୍ପିଅନ

ବାଲେଶ୍ୱର, ୩୦।୧୨(ସମିସ): ବାଲେଶ୍ୱର ଷ୍ଟେସନ କ୍ଲବ ଆନୁକୂଲ୍ୟରେ କ୍ଲବ ପରିସରରେ ଆୟୋଜିତ ୫ଦିନିଆ କ୍ୟାରେମ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଚଳିତ ମାସ ୨୧ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳ ହୋଇଥିଲା। ଡବଲ୍ସରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସିଙ୍ଗଲ୍ସରେ ୮ଟି ଦଳକୁ ମିଶାଇ ମୋଟ ୨୪ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମୋଟ ୩୨ଜଣ ଖେଳାଳି ଭାଗ ନେଇଥିଲେ। ଡବଲ୍ସର ଫାଇନାଲ ମ୍ୟାଚ ରାଜେଶ ରଣା ଓ ଭବାନୀ ବେହେରା ଏବଂ ଦିଲ୍ଲୀପ ନାୟକ ଓ ସଞ୍ଜୟ ସାମଲଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଏଥିରେ ରାଜେଶ ଓ ଭବାନୀଙ୍କ ଯୋଡି ଚାମ୍ପିଅନ ହୋଇଥିବା ବେଳେ ଦିଲ୍ଲୀପ ଏବଂ ସଞ୍ଜୟଙ୍କ ଯୋଡି ରନର୍ସଅପ ହୋଇଥିଲେ। ସେହିପରି ସିଙ୍ଗଲ୍ସର ଫାଇନାଲ ମ୍ୟାଚ ବିଶ୍ୱନାଥ ପଣ୍ଡା ଏବଂ ଭବାନୀ ଶଙ୍କର ବେହେରାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱନାଥ ଚାମ୍ପିଅନ ହୋଇଥିବା ବେଳେ ଭବାନୀ ରନର୍ସଅପ ହୋଇଥିଲେ। ଏହି ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ବୁଧବାର ଅନୁଷ୍ଠିତ ହେବାକୁ ଥିବା ଜିରୋ ନାଇଟ ସେଲିବ୍ରେସନ ସମୟରେ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହି ପ୍ରତିଯୋଗିତାକୁ କ୍ଲବ ଡାକ୍ତର ମଳୟ ବିଶ୍ୱାସ, ସଞ୍ଜୟ ସାମଲ, ପ୍ରଦୀପ ଦାସ, ଦାମୋଦର ନାୟକ, ଭିକି ଖଣ୍ଡେଲୱାଲ ପ୍ରମୁଖ ପରିଚାଳନା କରିଥିଲେ। ଗତ ୨୧ତାରିଖରେ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ ଯୋଗଦେଇ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ କ୍ଲବର ସଭାପତି ପ୍ରଦୀପ ଦାସ, ସମ୍ପାଦକ ପ୍ରଶାନ୍ତ ପଣ୍ଡା ଏବଂ ଡାକ୍ତର ମଳୟ ବିଶ୍ୱାସ ଉପସ୍ଥିତ ଥିଲେ।



**୫ଦିନିଆ କ୍ୟାରେମ ଟୁର୍ଣ୍ଣାମେଣ୍ଟ**

# ୧୧ ଏଏସ୍‌ଆଇଙ୍କ ଅଦଳବଦଳ

ବାଲେଶ୍ୱର, ୩୦।୧୨(ସମିସ): ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ୧୧ଜଣ ଏଏସଆଇ ବିଭିନ୍ନ ଥାନାକୁ ବଦଳି କରାଯାଇଛି। ବିଶେଷ କରି ଟ୍ରାଫିକ ଥାନାରେ କାର୍ଯ୍ୟରତ ଥିବା ଏଏସଆଇ ରାଜେଶ କୁମାର ମହାପାତ୍ରଙ୍କ ସିଂଲା ଥାନାକୁ ବଦଳି ହୋଇଥିବା ବେଳେ ସୋର ଥାନାରେ କାର୍ଯ୍ୟରତ ଥିବା କେଶବ ଚନ୍ଦ୍ର ବେହେରାଙ୍କ ବାଲିଆପାଳ ଥାନାକୁ ବଦଳି ହୋଇଛି। ସେହିପରି ସୋର ଥାନାରେ କାର୍ଯ୍ୟରତ କଳ୍ପତରୁ ସାହୁଙ୍କ ବସ୍ତା ଥାନାକୁ ବଦଳି ହୋଇଥିବା ବେଳେ ସେରଗଡ ଫାଣ୍ଡିରେ କାର୍ଯ୍ୟରତ ପବିତ୍ରମୋହନ ରାଉତଙ୍କର ସିଂଲା ଥାନାକୁ ବଦଳି ହୋଇଛି। ସେହିପରି ସିମୁଳିଆ ଥାନାରେ କାର୍ଯ୍ୟରତ ଥିବା ପ୍ରବୋଧ କୁମାର ମଲ୍ଲିକଙ୍କ ବାଲିଆପାଳ ଥାନାକୁ ବଦଳି ହୋଇଥିବା ବେଳେ ବସ୍ତା ଥାନାରେ କାର୍ଯ୍ୟରତ ପ୍ରଶାନ୍ତ କୁମାର ରାଉତଙ୍କ ଖଇରା ଥାନାକୁ ବଦଳି ହୋଇଛି। ସେହିପରି ରେମୁଣା ଥାନାରେ କାର୍ଯ୍ୟରତ ନୀଳମଣି ଦାସଙ୍କ ବାଲିଆପାଳ ଥାନାକୁ ବଦଳି ହୋଇଥିବା ବେଳେ ଜଳେଶ୍ୱର ଥାନାରେ କାର୍ଯ୍ୟରତ ଭଗବାନ ଚରଣ ଦାସଙ୍କ ରେମୁଣା ଥାନାକୁ ବଦଳି ହୋଇଛି। ସୋର ଥାନାରେ କାର୍ଯ୍ୟରତ ସମୀର କୁମାର ବେହେରାଙ୍କ କମର୍ଦ୍ଦା ଥାନାକୁ ବଦଳି ହୋଇଥିବା ବେଳେ ଖଇରା ଥାନାରେ କାର୍ଯ୍ୟରତ ସବଇନସପେକ୍ଟର ତପନ କୁମାର ଜେନାଙ୍କ ସିଂଲା ଥାନାକୁ ବଦଳି ହୋଇଛି। ସୋର ଥାନାରେ କାର୍ଯ୍ୟରତ ଶ୍ରୀବସ୍ତ ମହାନ୍ତିଙ୍କ ଚାନ୍ଦିପୁର ଥାନାକୁ ବଦଳି ହୋଇଛି।

## ଉତ୍ସବ ଉତ୍ତର ଓଡ଼ିଶାର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ଝୁମାଇଲେ ଶୁଭାଶିଷ ମହାକୁଡ଼



ବାଲେଶ୍ୱର, ୩୦।୧୨(ସମିସ): ସ୍ଥାନୀୟ ଆଇଟିଆଇ ପଡ଼ିଆଠାରେ ୨୮ ତାରିଖରୁ ଚାଲିଥିବା ଉତ୍ସବ ଉତ୍ତର ଓଡ଼ିଶାର ମଙ୍ଗଳବାର ହେଉଛି ତୃତୀୟ ସନ୍ଧ୍ୟା। ଏହି ଉତ୍ସବ ଆସନ୍ତା ଜାନୁଆରୀ ୪ ପର୍ଯ୍ୟନ୍ତ ଚାଲିବ। ଉତ୍ସବ ଉତ୍ତର ଓଡିଶାର ଉପାଧ୍ୟକ୍ଷ ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାରକ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ଜନତା ଦଳର ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ବିଜେପି ନେତା ବ୍ରଜ କିଶୋର ପ୍ରଧାନ, ବାଲେଶ୍ୱର ବାଣିଜ୍ୟ ସଂଘ ସଭାପତି ସଂଜୟ ଦାସ ଯୋଗ ଦେଇ ଉତ୍ସବ ସମ୍ପର୍କରେ ମତ ରଖିଥିଲେ। ପ୍ରାରମ୍ଭରେ ଉତ୍ସବ ଉତ୍ତର ଓଡିଶାର ଉପାଧ୍ୟକ୍ଷ ମନୋଜ ରାଉତ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଉତ୍ସବ ଉତ୍ତର ଓଡ଼ିଶାର ଉପ ସଭାପତି ସେକ ଆୟୁବ ଧନ୍ୟବାଦ ଦେଇଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ଶୁଭାଶିଷ ମହାକୁଡ଼ଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମି ଥିଲେ। ସୂଚନା ଯୋଗ୍ୟ ଯେ, ଏହି ଉତ୍ସବ ଅବସରରେ ରିଲସ, ଫଟୋଗ୍ରାଫି, ନୃତ୍ୟ, ସଙ୍ଗୀତ, ଫ୍ୟାଶନ ସୋ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି। ସେହିପରି ୩୧ତାରିଖ ରାତିରେ ଜିରୋ ନାଇଟ ସେଲିବ୍ରେସନ ଡିଜେ ଓ ଆତସବାଜୀ ହେବାର କାର୍ଯ୍ୟକ୍ରମ ରହିଛି।

## ■ ଗୋପନାରାୟଣ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ କ୍ରିକେଟ

# ରକି କ୍ଲବ ବାଲେଶ୍ୱର ଓ ମର୍ଣ୍ଣିଂଷ୍ଟାର ଲୋକାଲ ଫାଇନାଲରେ

ବାଲେଶ୍ୱର,୩୦।୧୨(ସମିସ): ଆଦର୍ଶ କ୍ଲବ ଆନୁକୂଲ୍ୟରେ ରୋଟାରୀ କ୍ଲବ ସହଯୋଗରେ ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ସ୍ମୃତିରେ ଚାଲିଥିବା ୨ୟ ଗୋପନାରାୟଣ ଦାସ ମେମୋରିଆଲ ଅଲ ଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଂଟର ୩ୟ ଦିବସରେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ରକି କ୍ଲବ ବାଲେଶ୍ୱର ଓ ଏନସିସି ରେମୁଣା ମଧ୍ୟରେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନସିସି ରେମୁଣା ପ୍ରଥମେ ଟସ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ବିଶିଷ୍ଟ ଖେଳରେ ଏନସିସି ରେମୁଣା ବ୍ୟାଟିଂ ଆରମ୍ଭ କରି ୧୯.୩ ଓଭରରେ ୧୦୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ରକି କ୍ଲବ ବାଲେଶ୍ୱର ୧୦.୫ ଓଭରରେ ୧୦୪ ରନ ସଂଗ୍ରହ କରି ସହଜ ବିଜୟ ଲାଭ କରିଥିଲା। ବିଜୟୀ ଟିମ୍‌ର ବୋଲର ସୁବ୍ରତ କୁମାର ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅଲରାଉଣ୍ଡର କ୍ରିକେଟ କ୍ଲବ ଓ ମର୍ଣ୍ଣିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଲରାଉଣ୍ଡର କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ମ୍ୟାଚରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ମର୍ଣ୍ଣିଂଷ୍ଟାର ୧୩.୧ ଓଭରରେ ୮ ୱିକେଟ ହରାଇ ୧୨୦ ରନ କରି ବିଜୟୀ ଲାଭ କରିଥିଲା। ଦଳର ବ୍ୟାଟ୍ସମ୍ୟାନ୍ ଅଜୟ କୁମାର ପ୍ରଧାନ ୨୮ ଟି ବଲରେ ଧୂଆଁଧାର ବ୍ୟାଟିଂ କରି ୬୫ ରନ ବଲରେ ଟିମକୁ ବିଜୟୀ କରିଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ୩୧ ଡିସେମ୍ବର ଦିନ ମର୍ଣ୍ଣିଂଷ୍ଟାର ଓ ରକି କ୍ଲବ ବାଲେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବର ସଭାପତି ତଥା ଆମ ନ୍ୟୁଜର ଏଡ଼ିଟର ବିପ୍ଳବ କୁମାର ମହାନ୍ତି ଯୋଗ ଦେଇଥିଲେ। ଆଦର୍ଶ କ୍ଲବର ସମ୍ପାଦକଙ୍କ ବିଭୁପଦ ଦାସ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚକୁ ଶାନ୍ତନୁ ଦାସ ଓ ସ୍ୱରୂପ ଜୋସେଫ ଏବଂ ଦ୍ୱିତୀୟ ମ୍ୟାଚକୁ ମିନାଜ୍ ଚାନ୍ଦ ଓ ସ୍ୱରୂପ ଜୋସେଫ ପରିଚାଳନା କରିଥିଲେ।

# ପୀତାମ୍ବର ଦାସଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର, ୩୦।୧୨(ସମିସ): ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଷ୍ଟଲ୍ ପରିସରରେ ନାଟ୍ୟକାର ଓ ଶିଶୁ ସାହିତ୍ୟିକ ପୀତାମ୍ବର ଦାସଙ୍କ ନାଟକ ପୁସ୍ତକ 'ବିଶ୍ୱାସ' ଓ ପ୍ରେମ ପ୍ରଣୟ ଧର୍ମୀ ଗୀତିକବିତା ସଙ୍କଳନ 'ପହିଲି ପରଶ' ଉନ୍ମୋଚିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ କରକମଳରେ ଏହି ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପୁସ୍ତକ ଉନ୍ମୋଚନ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ବାଲେଶ୍ୱର ବିଡିଓ ଉତ୍ତମ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଏବଂ ବରିଷ୍ଠ ସାହିତ୍ୟିକ ଡ଼କ୍ଟର ରାଧା ରଞ୍ଜନ ପଟ୍ଟନାୟକ, ଲେଖକ ପୀତାମ୍ବର ଦାସ, ପୁସ୍ତକର ପ୍ରକାଶକ ଡ. କାଳିପଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକ ଦୁଇଟିର ବହୁଳ ପାଠକୀୟ ଆଦୃତି ନିମନ୍ତେ ସଭିଏଁ କାମନା କରିଥିଲେ।



# 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀରେ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,୩୦।୧୨(ସମିସ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ପକ୍ଷରୁ ରାଷ୍ଟ୍ରଗୀତ "ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ଉପଲକ୍ଷେ ବାଲେଶ୍ୱର ମଣ୍ଡଳସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ମଣ୍ଡଳ ଅଧୀନରେ ଥିବା ୫ଟି ଜିଲ୍ଲା ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁରର ପ୍ରତ୍ୟେକ ବ୍ଲକ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୩ ଜଣ ଲେଖାଏଁ ଶିକ୍ଷକ/ଶିକ୍ଷୟିତ୍ରୀ/ଅଧ୍ୟାପକ/ଅଧ୍ୟାପିକା (ସ୍କୁଲ ସ୍ତରରୁ ୨ ଜଣ ଓ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରୁ ଜଣେ) ମୋଟ ୨୫୩ ଜଣ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆସିଥିବା ୪ ଜଣ ପ୍ରଶିକ୍ଷକ ନିରଞ୍ଜନ ପଣ୍ଡା, ଜାମିନୀକାନ୍ତ ମିଶ୍ର, ଦୀପକ ରାଉତ ଏବଂ ରଜନୀକାନ୍ତ ମହାପାତ୍ର ଯୋଗ ଦେଇ ରାଷ୍ଟ୍ରଗୀତର ପୃଷ୍ଠଭୂମି ଏବଂ ଭାରତ ମାତାର ଅଖଣ୍ଡତାରେ ଏହାର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆୟୋଜିତ ସଭାରେ ବାଲେଶ୍ୱର ଜିଲ୍ଲାପାଳ ଅଧ୍ୟକ୍ଷତା କରିବା ସହ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ' ରାଷ୍ଟ୍ର ଭକ୍ତି ପୁନର୍ଜୀବିତ କରିବା ସହ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଉଜ୍ଜୀବିତ କରି ଦେଶପ୍ରେମ ଜାଗରଣରେ ସହାୟକ ହୋଇଥିଲା ବୋଲି ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଧନ୍ୟବାଦ୍ ଅର୍ପଣ କରିବା ସହ ଏହି କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ। ଏହା ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆସିଥିବା ୪ ଜଣ ପ୍ରଶିକ୍ଷକମାନେ ବନ୍ଦେ ମାତରମର ପୃଷ୍ଠଭୂମି, ଐତିହାସିକ ବିବର୍ତ୍ତନ, ସାଂସ୍କୃତିକ ଜାଗରଣ ଏବଂ ରାଜନୈତିକ ଗୁରୁତ୍ୱ, ଜାତୀୟ ଚେତନା ଏବଂ ଦେଶାତ୍ମବୋଧକ ଚିନ୍ତନରେ ଏହାର ଭୂମିକା, ସ୍ୱର, ଲୟ, ତାଳ, ସ୍ୱରଲିପି ଏବଂ ଗୀତର ସଠିକ ଉପସ୍ଥାପନ ପାଇଁ ଶୈଳୀଗତ ସୂକ୍ଷ୍ମତା ସମେତ ସଠିକ ଉପସ୍ଥାପନ ଉପରେ ବ୍ୟାବହାରିକ ମାର୍ଗଦର୍ଶନ ତଥା ରାଜ୍ୟବ୍ୟାପୀ ଏକକ ଗାୟନ ଶୈଳୀ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସୁଶ୍ରୀ ମନସ୍ୱିନୀ ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୨୬ ଜାନୁୟାରୀ ୧ ରୁ ୧୦ ମଧ୍ୟରେ ସମସ୍ତ ବ୍ଲକ ଓ ପୌରାଞ୍ଚଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଣ୍ଡଳସ୍ତରରେ ତାଲିମପ୍ରାପ୍ତ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରତ୍ୟେକ ସ୍କୁଲ/ କଲେଜ/ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରୁ ମନୋନୀତ ହେଇଥିବା ଜଣେ ଶିକ୍ଷକ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ୨୦୨୬ ଜାନୁୟାରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହିତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ 'ବନ୍ଦେ ମାତରମ' ସାମୂହିକ ଗାନ କରିବେ। ୨୦୨୬ ଜାନୁୟାରୀ ୧୫ ରୁ ୨୦ ମଧ୍ୟରେ ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନ, କଲେଜ, ଯୁଥ କ୍ଲବ ଇତ୍ୟାଦିକୁ ସାମିଲ କରି ସାମୂହିକ ବନ୍ଦେ ମାତରମ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯିବ।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୩୦।୧୨(ସମିସ): ଗୋପାଳପୁର ଅବକାରୀ ବିଭାଗ ଆଜି ୧୬ନମ୍ବର ଜାତୀୟ ରାଜପଥ ଖନ୍ତାପଡା ଥାନା ଅର୍ନ୍ତଗତ ସୁଠଙ୍ଗ ଅଞ୍ଚଳରୁ ୮୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ବେପାରୀକୁ ମଧ୍ୟ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଉଛନ୍ତି ନୀଳଗିରି ଥାନା ଅର୍ନ୍ତଗତ ଚଷାଖଣ୍ଡ ଅଂଚଳର ରମେଶଚନ୍ଦ୍ର ଜେନା (୪୨)। କିଛି ଦିନ ତଳେ ସହରର ଅରଡବଜାର ସ୍ଥିତ ମସଜିଦ ଗଳିରୁ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ଗତକାଲି ଫୁଲାଡି ଅଂଚଳରୁ ବ୍ରାଉନସୁଗର ଜବତ ହୋଇଥିଲା। ପୁଣି ଆଜି ଖନ୍ତାପଡା ଥାନା ଅର୍ନ୍ତଗତ ୧୬ନମ୍ବର ଜାତୀୟ ରାଜପଥ ସଠଙ୍ଗସ୍ଥିତ ଦାଣ୍ଡକାଳୀ ମନ୍ଦିର ନିକଟରୁ ବ୍ରାଉନସୁଗାର ଜବତ ହୋଇଛି। ରମେଶ ବାଲେଶ୍ୱର ସହରରୁ ବ୍ରାଡୁନସୁଗର ନେଇ ସେଠାରେ ବ୍ରିକି କରିବାକୁ ଉଦ୍ୟମ କରୁଥିବା ଖବର ପାଇ ସଦର ଅବକାରୀ ବିଭାଗ ଚଢ଼ଉ କରିଥିଲା। ଚଢ଼ଉ ବେଳେ ତା ନିକଟରୁ ୮୦ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୧୯୬-୨୫-୨୬ନମ୍ବରରେ ଏକ ମାମଲା ରୁଜୁ କରି ରମେଶଙ୍କୁ କୋର୍ଟ ଚାଲାଣ କରିଛି।



# ଭରସା ତୁଟାଉଛି 'ଦୟାର ପାଚେରି'






**● ପଡ଼ି ପଡ଼ି ନଷ୍ଟ ହେଉଛି ଦାନ ସମଗ୍ରୀ**

**● ରକ୍ଷଣାବେକ୍ଷଣ ପାଇଁ କେହି ନାହିଁ**

ବ୍ରହ୍ମପୁର,୩୦ ।୧୨(ସମିସ): ସମାଜରେ ଅନେକ ପ୍ରକାରର ଲୋକ ବାସ କରୁଛନ୍ତି। ସେଥିମଧ୍ୟରୁ କିଛି ଧନୀ ଶ୍ରେଣୀରେ ରହିଥିବା ବେଳେ ଅନ୍ୟକିଛି ମଧ୍ୟମ ଏବଂ ଓ ଗରିବ ଶ୍ରେଣୀରେ ରହିଛନ୍ତି। ତେବେ କିଛି ବ୍ୟକ୍ତିଙ୍କ ନିମନ୍ତେ କୌଣସି ସାମଗ୍ରୀ କିମ୍ବା ବସ୍ତୁ ଅନାବଶ୍ୟକ ରହିଥିବା ବେଳେ ସେହି ସାମଗ୍ରୀ ହିଁ ଅନ୍ୟଜଣଙ୍କ ପାଇଁ ଅତ୍ୟାବଶ୍ୟକ ହୋଇଥାଏ। ଏନେଇ ସହରର କିଛି ସ୍ଥାନରେ 'ଦୟାର ପାଚେରି' ବ୍ୟବସ୍ଥା କରାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କିଛି ସରକାରୀ ପାଚେରିରେ ପୁରୁଣା ସାମଗ୍ରୀ ଓ ବସ୍ତୁ ରଖିବାକୁ ବ୍ୟବସ୍ଥା କରାଯାଇଥିଲା। ସେହିକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ କଡ଼ରେ ଏଭଳି ଏକ ପାଚେରି ରହିଛି। ଲୋକଙ୍କ ସଚେତନ କରିବା ନିମନ୍ତେ ପାଚେରିରେ ବିଭିନ୍ନ ରଙ୍ଗ ଦିଆଯାଇ ଏହା ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ରହିଥିଲା। ଏଭଳି ଭାବେ ଉକ୍ତ ପାଚେରିରେ ଆପଣ ଆବଶ୍ୟକ ନଥିବା ବ୍ୟବହାର ଜିନିଷ ଦୟାପୂର୍ବକ ଛାଡ଼ି ଯାଆନ୍ତୁ ବୋଲି ଲେଖାଥିଲା। ଏହାସହ ଯେଉଁମାନଙ୍କୁ ନିତ୍ୟନ୍ତ ଆବଶ୍ୟକ ଏଠାରୁ ନେଇ ଯାଆନ୍ତୁ ବୋଲି ମଧ୍ୟ ଲେଖାଯାଇଥିଲା। ଫଳରେ ସହରର ବହୁ ବ୍ୟକ୍ତି ନିଜ ବ୍ୟବହାର ବହୁ ସାମାଗ୍ରୀ ସମେତ ବିଭିନ୍ନ ପୋଷକକୁ ଏହି ପାଚେରି ନିକଟରେ ଦାନ କରୁଥିଲେ। ଏଭଳି ସୂତ୍ରରେ ମିଳୁଥିବା ପୋଷାକ ଓ ସାମଗ୍ରୀ ଗୁଡ଼ିକକୁ ଖରା ଏବଂ ବର୍ଷାରୁ ସୁରକ୍ଷା ରଖିବା ନିମନ୍ତେ ଏହି ପାଚେରିରେ ବ୍ୟବସ୍ଥା କରାଯାଇଥିଲା। ଯେଉଁ ମହାନ ବ୍ୟକ୍ତିମାନେ ପୋଷାକ ଓ ସାମଗ୍ରୀ ଗୁଡ଼ିକକୁ ପାଚେରି ନିକଟରେ ଦେଇ ଯାଉଥିଲେ। ଏହାକୁ କିଛି ବ୍ୟକ୍ତି ନେଇ ନିଜ କାର୍ଯ୍ୟରେ ବ୍ୟବହାର କରିବା ସହ ନିଜର ଆବଶ୍ୟକ ପୂରଣ କରୁଥିବା ଦେଖିବାକୁ ମିଳିଥିଲା। ଏଭଳି ସୁନ୍ଦର ବ୍ୟବସ୍ଥାକୁ ନେଇ ସହର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ 'ଦୟାର ପାଚେରି' ନିରାଶ୍ରୟ ଲୋକଙ୍କୁ ନିରାଶ କରୁଥିବା ଦେଖିବାକୁ ମିଳିଛି। ଏହି ପାଚେରି ନିକଟରେ ବହୁ ପୋଷାକ ସମେତ କିଛି ସାମଗ୍ରୀ ନଷ୍ଟ ହୋଇ ପଡ଼ିରହିଛି। ଏଭଳି ଭାବେ ମାସାଧିକ ସମୟ ଖରାବର୍ଷାରେ ପଡ଼ି ପଡ଼ି ତାହା ନଷ୍ଟ ହେଉଛି। ଅନ୍ୟର ବ୍ୟବହାରକୁ ଦୃଷ୍ଟିରେ ରଖି ଯେଉଁ ବ୍ୟକ୍ତି ଉକ୍ତ ସାମଗ୍ରୀ ପ୍ରଦାନ କରୁଛନ୍ତି, ତାହା ଏବେ କାର୍ଯ୍ୟରେ ଲାଗୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଏହି 'ଦୟାର ପାଚେରି'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବଟବଣା ହେବାରେ ଲାଗିଛି। ତେଣୁ ଏଥିପ୍ରତି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଦୃଷ୍ଟି ଦେବା ସହ ଉକ୍ତ ପଚେରିର ରକ୍ଷଣାବେକ୍ଷଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ରେଲଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୩୦ ।୧୨(ସମିସ): ସରକାରୀ ରେଲବାଇ ପୁଲିସ(ଜିଆରପି) ମଙ୍ଗଳବାର ସକାଳେ ଗୋଶାଣୀନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିର ପଛପଟ ଦେଇ ଯାଇଥିବା ରେଲଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ବର୍ଷ ହେବ। ସେ ଏକ ଫୁଲ୍‌ପ୍ୟାଣ୍ଟ ଓ ଫୁଲ୍‌ସାର୍ଟ ପିନ୍ଧିଛନ୍ତି। ତାଙ୍କ ବାମ ହାତରେ ରହିଥିବା ଟାଟୁରେ "ଏସ୍' ଲେଖା ରହିଥିବା ବେଳେ ଡାହାଣ ହାତରେ 'ଓମ୍' ଲେଖାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପଞ୍ଚନାମା ପରେ ମୃତଦେହ ଚିହ୍ନଟ ପାଇଁ ସଂରକ୍ଷିତ ରଖିଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ ସୋମବାର ରାତି ଟ୍ରେନ ଆଗକୁ ଆସି ସେଠାରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମଙ୍ଗଳାବାର ଷ୍ଟେସନ୍ ମାଷ୍ଟରଙ୍କଠାରୁ ମେସେଜ ପାଇ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକ ଜଣଙ୍କ ଟ୍ରେନ ଚକରେ ଲାଗି କିଛିଦୂର ଘୋଷାଡ଼ି ହୋଇଯାଇଥିବା ବେଳେ ତାଙ୍କ ଶରୀରର ଅନେକ ସ୍ଥାନରେ କ୍ଷତ ହୋଇଥିଲା।

## ରେଲଫାଟକ ତଳେ ଗଳି ଯିବାବେଳେ ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

ବ୍ରହ୍ମପୁର,୩୦।୧୨(ସମିସ): କମାପଲ୍ଲୀ ନିକଟ ରାମନଗର ରେଲଫାଟକ ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଞ୍ଜିପଲ୍ଲୀ ହରିଜନ କଲୋନୀର ସନ୍ୟାସୀ ହାତୀ(୬୫)। ସୂଚନାପ୍ରକାରେ, ସନ୍ୟାସୀ ମଙ୍ଗଳବାର ପୂର୍ବାହ୍ନରେ ରାମନଗର ହୋଇ କମାପଲ୍ଲୀ ଆଡ଼କୁ ଯାଉଥିଲେ। ବନ୍ଦ ଥିବା ରାମନଗର ରେଳ ଫାଟକ ତଳେ ଗଳି ସନ୍ୟାସୀ ରେଳ ଧାରଣା ପାର ହେଉଥିବାବେଳେ ଭୁବନେଶ୍ୱର ପଟୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସନ୍ୟାସୀ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସରକାରୀ ରେଳବାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଯାଇଛି। ଏନେଇ ରେଳବାଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମହାମାୟୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବ୍ରହ୍ମପୁର,୩୦।୧୨(ସମିସ): ଗାନ୍ଧୀ ନଗର ସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟର ୨୨ତମ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ନିବେଦିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେପୁଟି ସୁପେରିଟେଣ୍ଡେଟ ଅଫ ପୁଲିସ୍ ଆଲମା ଲାକ୍ରା ଯୋଗଦେଇ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ଠାରୁ ଅଭିବାଦନ ଗ୍ରହଣ



କରିଥିଲେ। ସେହିପରି ଉତ୍ସବରେ ପ୍ରଶାସନିକ ଅଧିକା ରିଣୀ ଡ. ଜୟନ୍ତୀ ରାଣୀ ପଣ୍ଡା ମଞ୍ଚାସୀନ ଥିଲେ। କ୍ରୀଡ଼ା ଅଧିକାରିଣୀ ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ୨ଦିନ ଚାଲିବ। ଛାତ୍ରୀଙ୍କୁ ନେଇ ଦୌଡ଼, ସଟପୁଟ୍, ଡିସକସ୍, ଜାଭେଲିନ ଥ୍ରୋ, ଦଉଡି ଡିଆଁ, କ୍ୟାରମ ଓ ମ୍ୟୁଜିକାଲ ଚେୟାର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କମିଟି ସଦସ୍ୟ ସୁରଭି ଗଉଡ଼ ଧନ୍ୟବାଦ ଦେଇଥିଲେ। କମିଟି ସଦସ୍ୟ ଧରିତ୍ରୀ ସାହୁ, ଶୁଭଶ୍ରୀ ତ୍ରିପାଠୀ ଓ ଆକସ୍ମିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**● ଚିକିତ୍ସା ନାଁରେ ଲୁଟ୍**

## ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଟଙ୍କା ଫେରାଇଲା ଘରୋଇ ହସ୍‌ପିଟାଲ

ବ୍ରହ୍ମପୁର,୩୦।୧୨(ସମିସ): ଗତ ୬ ତାରିଖରେ ଆସିକା ନୂଆଁଗାଁର ଗୀତାଞ୍ଜଳି ନାହାକ ତାଙ୍କ ସ୍ୱାମୀଙ୍କ ଦେହ ଖରାପ ହେବାରୁ ବ୍ରହ୍ମପୁର ମେଡ଼ିକାଲ ଆସିଥିଲେ। ତେବେ ଜଣେ ରିକ୍ସା ଚାଳକ ତାଙ୍କୁ ସେଲଟ୍ୟାକ୍ସ ଛକଠାରେ ଥିବା ଘରୋଇ



ହସ୍ପିଟାଲ ନନ୍ଦିଘୋଷକୁ ନେଇ ଯାଇଥିଲେ। ନନ୍ଦିଘୋଷ କର୍ତ୍ତୃପକ୍ଷ ସେଠାରେ ତାଙ୍କର ସ୍ୱାମୀଙ୍କୁ ଭର୍ତ୍ତି କରିବା ସହିତ ସମ୍ପୂର୍ଣ୍ଣ ସୁସ୍ଥ କରିଦେବେ ବୋଲି ପ୍ରତିଶ୍ରୁତି ଦେଇ ପ୍ରାୟ ୬୦ହଜାରରୁ ଅଧିକ ଟଙ୍କା ନେଇଥିଲେ। କିଛିଦିନ ଚିକିତ୍ସା ପରେ ତାଙ୍କୁ ଘରକୁ ଯିବାକୁ କହିଥିଲେ। ତେବେ ଘରକୁ ଫେରିବା ପରେ ପୁଣି ଗୀତାଞ୍ଜଳୀଙ୍କ ସ୍ୱାମୀର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଥିଲା। ସେ ପୁଣି ନନ୍ଦିଘୋଷ ହସ୍ପିଟାଲକୁ ଆସିବାରୁ ତାଙ୍କ କର୍ତ୍ତୃପକ୍ଷ ଘଉଡ଼ାଇ ଦେଇଥିଲେ। ପରେ ସେ ସ୍ୱାମୀଙ୍କୁ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗରିବ ପରିବାର ହୋଇଥିବାରୁ ସେ ବାହାରୁ ଆବଶ୍ୟକୀୟ ଇଂଜେକ୍ସନ କିଣିବାରେ ବିଫଳ ହୋଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲ୍ଲାପାଳ ଅବିନାଶ କୁମାର ମହିଳାଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ ଘରୋଇ ହସ୍ପିଟାଲ ମାଲିକଙ୍କୁ ତୁରନ୍ତ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ନନ୍ଦିଘୋଷ ହସ୍ପିଟାଲ ମାଲିକ ଖର୍ଚ୍ଚ ବାବଦକୁ ଟଙ୍କା ରଖି ବାକି ଟଙ୍କା ଉପଜିଲ୍ଲାପାଳଙ୍କ ଉପସ୍ଥିତରେ ମହିଳାଙ୍କୁ ଫେରସ୍ତ କରିଥିଲେ।

## ଟଙ୍କା ଫେରିପାଇଲେ ସାଇବର ଠକେଇର ଶିକାର ମହିଳା




ବ୍ରହ୍ମପୁର, ୩୦।୧୨ (ସମିସ): ସାଇବର ଠକେଇର ଶିକାର ହୋଇଥିବା ଜଣେ ମହିଳା ତାଙ୍କ ୧ଲକ୍ଷ ୭୬ହଜାର ଟଙ୍କା ଫେରି ପାଇଛନ୍ତି। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ସାଇବର ଠକଙ୍କ ୧୧ଟି ବ୍ୟାଙ୍କ ଆକାଉଣ୍ଟ ସିଜ୍ କରି ଏହି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି। ସେହିପରି ଠକେଇ ହୋଇଥିବା ମହିଳାଙ୍କ ବଳକା ଲକ୍ଷେରୁ ଅଧିକ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି।

ସୂଚନାଥାଉକି, ବ୍ରହ୍ମପୁରର ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବା ଜଣେ ମହିଳାଙ୍କ ନିକଟକୁ ଜୁଲାଇ ୭ରେ ଏକ ଅଜଣା ହ୍ୱାଟ୍ସଆପ୍ ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବ୍ୟାଙ୍କର ଜଣେ ଭଲ କଷ୍ଟମର ବୋଲି ପରିଚୟ ଦେଇ ମହିଳାଙ୍କୁ ପ୍ରଲୋଭିତ କରିବା ପରେ ଠକ ଦେଇଥିବା ଏକ ଅଜଣା ବ୍ୟାଙ୍କ ଆକାଉଣ୍ଟରେ ୨ଦିନ ଭିତରେ ୭ଲକ୍ଷ ୭୦ହଜାର୧୬୧ଟଙ୍କା ଜମା କରିଦେଇଥିଲେ। ସେ ସମସ୍ତ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ପଠାଇଥିଲେ। ହେଲେ ପରେ ମହିଳା ବ୍ୟାଙ୍କ କର୍ମଚାରୀଙ୍କ ସନ୍ଦେହ ଉପୁଜିଥିଲା। ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ବ୍ରହ୍ମପୁର ସାଇବର ଥାନା ପୁଲିସ ଏକ ମାମଲା ରୁଜୁ କରି ମହିଳା ଜଣଙ୍କ ଟଙ୍କା ପଠାଇଥିବା ବ୍ୟାଙ୍କ ଆକାଉଣ୍ଟ ବିଷୟରେ ତଥ୍ୟ ସଂଗ୍ରହ ସହ ସେହି ଆକାଉଣ୍ଟ ସହ ଆଉ ୧୦ଟି ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିଥିଲା। ସମସ୍ତ ୧୧ବ୍ୟାଙ୍କ ଆକାଉଣ୍ଟରେ ୪ଲକ୍ଷ ୪୦ହଜାର ଟଙ୍କା ଥିବା ଜଣାପଡ଼ିବା ପରେ ପୁଲିସ ସେହି ଆକାଉଣ୍ଟଗୁଡ଼ିକୁ ଅଚଳ କରି ଦେଇଥିଲା। ଏହାପରେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରଥମ ପର୍ଯ୍ୟାୟରେ ସାଇବର ଠକଙ୍କ ସେହି ବ୍ୟାଙ୍କ ଆକାଉଣ୍ଟରେ ଥିବା ୧ଲକ୍ଷ ୭୬ହଜାର ଟଙ୍କା ଉଦ୍ଧାର କରି ଠକେଇର ଶିକାର ମହିଳାଙ୍କୁ ଫେରସ୍ତ ପାଇଁ ପୁଲିସ ପକ୍ଷରୁ ଯୋଜନା ହୋଇଥିଲା। ଆଜି ସଂପୃକ୍ତ ମହିଳାଙ୍କୁ ଡାକି ଟଙ୍କା ଫେରସ୍ତ କରାଯାଇଥିଲା। ଅଚଳ କରାଯାଇଥିବା ସାଇବର ଠକଙ୍କ ଏହି ଆକାଉଣ୍ଟରୁ ସମସ୍ତ ଠକେଇ ଟଙ୍କା ଫେରସ୍ତ ଆଣିବାକୁ ଉଦ୍ୟମ କରାଯାଉଛି ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି।

## ଭାରତୀୟ ସମୁଦ୍ର ଜଳରେ 'ମେଗିଟସ୍ ଗୋବି' ମାଛର ଆବିଷ୍କାର

ବ୍ରହ୍ମପୁର,୩୦ ।୧୨(ସମିସ): ଗଞ୍ଜାମ ଜିଲ୍ଲା ସ୍ଥିତ ଗୋପାଳପୁର ବନ୍ଦର ଆର୍ଯ୍ୟପଲ୍ଲି ସମୁଦ୍ର ତଟରୁ ଭାରତୀୟ ସମୁଦ୍ର ଜଳରେ ପ୍ରଥମଥର ପାଇଁ "ମେଗିଟ୍‌ସ୍ ଗୋବି' ଚିହ୍ନଟ ହୋଇଛି। ଏହି ମାଛଟି ଗତବର୍ଷ ଡିସେମ୍ବର ମାସରେ ଗୋପାଳପୁର ବନ୍ଦର ନିର୍ମାଣ ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏକ କୃତ୍ରିମ ପଥରିଆ ସମୁଦ୍ର ତଟର ଜୁଆର ଭଟ୍ଟା ପ୍ରଭାବିତ ଛୋଟ ପଥରିଆ ସ୍ଥାନରୁ ସଂଗ୍ରହ କରାଯାଇଥିଲା। ଏହି ମାଛକୁ ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ଼. ଅନିଲ ମହାପାତ୍ରଙ୍କ ସମେତ କେନ୍ଦ୍ରର ଗବେଷକ, ଗବେଷିକା ରାଜେଶ କୁମାର ବେହେରା, ଟି. କେ. ଏସ. ଥଥାଚାରି, ଡ଼ ସ୍ୱରୂପ ରଞ୍ଜନ ମହାନ୍ତି, ସ୍ମୃତିରେଖା ଆଚାର୍ଯ୍ୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାସ୍କର ବେହେରା, ଜେଡ ଏସଆଇର ଶୁଭେନ୍ଦୁ ଶେଖର ମିଶ୍ର, କେ.କେ.ବିନିସ ମିଳିତ ଭାବେ ଅନୁସନ୍ଧାନ କରିଥିଲେ। ବୈଜ୍ଞାନିକ ଡ଼. ମହାପାତ୍ରଙ୍କ ମତନୁସାରେ, ଏପରି କୃତ୍ରିମ ପଥରିଆ ଯାଗା ଗୁଡ଼ିକରେ ଗୋବି, ଓ ପ୍ୟାରଟ୍ ମାଛ ପ୍ରଜାତି ମାନଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସ୍ଥଳ ଭାବେ କାମ କରୁଛି। ଏହି "ମେଗିଟ୍‌ସ୍ ଗୋବି' ମାଛର ଶରୀର



ଲମ୍ବା ଓ ମୁଣ୍ଡରେ କାତି ନଥାଏ ଏବଂ ଶରୀର ପ୍ରାୟ ଗୋଲିଆ। ଏହାର ଚକ୍ଷୁ ମୁଣ୍ଡର ଆଗ ଭାଗରେ ଅବସ୍ଥିତ ଓ ଛୋଟ, ଅର୍ଦ୍ଧ ଚନ୍ଦ୍ରାକାର ମୁଁହ ଏହାର ଏକ ବିଶେଷ ଆକୃତି। ପାଟିର ଉଭୟ ମାଢ଼ିରେ ଏକାଧିକ ଦାନ୍ତ ରହିବା ସହ ଏହା ମୁନିଆ ଓ ଶକ୍ତ। ଏମାନେ ଉପକୂଳ ଅଞ୍ଚଳରେ ରହୁଥିବା ପଥରିଆ ଫାଙ୍କରେ ବସବାସ କରନ୍ତି। ପଥରରେ ଲାଗିଥିବା ଶିଉଳି ଓ ଅନ୍ୟ ଜିନିଷକୁ ଖାଦ୍ୟ ଭାବେ ଗ୍ରହଣ କରେ। ଏହି ମାଛ ଛୋଟ ହୋଇଥିବାରୁ ପକ୍ଷୀ ଓ ମାଛ ମାନେ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏମାନଙ୍କ ରଙ୍ଗ ଧୂସର ମାଟିଆ ଏବଂ କଳା ଛିଟ ରହିଥାଏ। ଏମାନେ ମେରୁଦଣ୍ଡି ଅଟନ୍ତି। ଏହି ପ୍ରଜାତିର ମାଛ ଭାରତୀୟ ସାମୁଦ୍ରିକ ଆର୍ଜିପଲ୍ଲୀ ଅଂଚଳରୁ ପ୍ରଥମ ଥର ଚିହ୍ନଟ ହୋଇଛି। ଏହି ମାଛକୁ ଗୋପାଳପୁର କେନ୍ଦ୍ରକୁ ଅଣାଯାଇ ଏହାର ପରୀକ୍ଷା ନିରୀକ୍ଷା କରାଯାଇ ବିବରଣୀ ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଜର୍ଣ୍ଣାଲ ନାସନାଲ ଏକାଡେମୀ ଅଫ ସାଇନ୍ସ ଲେର୍ଟର୍ସରେ ପ୍ରକାଶିତ ହୋଇଥିବା ଓ ଏହି ମାଛର ଅଧିକ ପରୀକ୍ଷା ନିରୀକ୍ଷା କରାଯିବ କେନ୍ଦ୍ରର ବୈଜ୍ଞାନିକ ଡ଼.ମହାପାତ୍ର କହିଛନ୍ତି।

## ଉମରକୋଟରେ ଟିପିଏସ୍‌ଓଡିଏଲ୍‌ର ଗ୍ରାହକ ସମ୍ପର୍କ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୩୦ ।୧୨(ସମିସ): ଟିପିସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ନୂତନ ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି) ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏ ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ସିଆରସିସି ପ୍ରାୟ ୧.୨ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ସେବା ଯୋଗାଇବ। ପ୍ରାୟ ୨,୫୦୦ ବର୍ଗ କିଲୋମିଟରର ବ୍ୟାପ୍ତ ଥିବା ସେବା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଏହି କେନ୍ଦ୍ରଟି ଗ୍ରାହକଙ୍କ



ସମସ୍ୟାର ଦ୍ରୁତ ସମାଧାନ, ଭରସାଯୋଗ୍ୟ ବିଦ୍ୟୁତ ସେବା ଏବଂ ଗ୍ରାହକ-ଅନୁକୂଳ ସେବା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ ଦୁଇଟି ବିଲିଂ କାଉଣ୍ଟର ଏବଂ ତିନୋଟି ଅଭିଯୋଗ ସମାଧାନ କାଉଣ୍ଟର ରହିଛି, ଯାହା ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ସହିତ ସହାୟତା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ। ନୂତନ ସିଆରସି କେନ୍ଦ୍ରରେ ବିଦ୍ୟୁତ ବିଲ୍ ପୈଠ, ଅଭିଯୋଗ ପଞ୍ଜୀକରଣ, ଡିଜିଟାଲ ମାଧ୍ୟମରେ ଦେଣନେଣକୁ ପ୍ରୋତ୍ସାହନ ଏବଂ ବିଦ୍ୟୁତ ସେବା ଯୋଗାଣ ଓ ଗ୍ରାହକ ସେବା ସମ୍ବନ୍ଧୀୟ ଯେକୌଣସି ସୂଚନା ଉପଭୋକ୍ତାମାନେ ସହଜରେ ପାଇପାରିବେ।

ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଉମରକୋଟଠାରେ ନୂତନ କରି ସିଆରସି କେନ୍ଦ୍ର ହେବା ଆମର ଗୁଣାତ୍ମକ ସେବାଗୁଡ଼ିକୁ ଗ୍ରାହକଙ୍କ ନିକଟକୁ ଆଣିବାରେ ବିଶେଷକରି, ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇବା ପାଇଁ ଟିପିଏସ୍‌ଓଡିଏଲର ଥିବା ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଆମର ଉପଲବ୍ଧତା, ଗ୍ରାହକଙ୍କ ଭରସାକୁ ଦୃଢ଼ କରିବା ଏବଂ ସମୟାନୁବର୍ତ୍ତୀ ଓ ସ୍ୱଚ୍ଛତାର ସହ ବିଦ୍ୟୁତ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ଆମର ମୂଳ ଲକ୍ଷ୍ୟ। ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ସ୍ଥାପିତ ନୂତନ ସିଆରସି ଟିପିଏସ୍‌ଓଡିଏଲ୍ ପକ୍ଷରୁ ୮ମ ସିଆରସି ଅଟେ।

**ଅଟଳ ବିହାରୀ ବାଜପେୟୀ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଏମ୍‌ଏଲ୍‌ଏ ଏକାଦଶ ବିଜୟୀ

ବ୍ରହ୍ମପୁର,୩୦।୧୨(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ୨ୟ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ମେମୋରିଆଲ ଦିବାରାତ୍ରି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୬ଷ୍ଠ ଦିବସ ପହଞ୍ଚିଛି। ଟୁର୍ଣ୍ଣାମେଣ୍ଟରେ ମେୟର ଏକାଦଶ ବନାମ୍ ବିଧାୟକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମେୟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭର୍‌ରେ ସମସ୍ତ ୱିକେଟ ହରାଇ ୯୭ରନ କରିଥିଲା। ଜବାବରେ ଏମ୍‌ଏଲ୍‌ଏ ଏକାଦଶ ୫ ୱିକେଟ୍ ବିନିମୟରେ ୧୦୧ରନ କରି ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଏମ୍‌ଏଲ୍‌ଏ ଏକାଦଶ ଓ ରାଜପୁତ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଏମ୍‌ଏଲ୍‌ଏ ଏକାଦଶ ଟସ୍ ଜିତି ବ୍ୟାଟିଂ କରି ମାତ୍ର ୧୨ଓଭରରେ ୫ ୱିକେଟ ହରାଇ ୧୦୯ ରନ କରିଥିଲା। ଜବାବରେ ରାଜପୁତ ଏକାଦଶ ୧୨ ଓଭରରେ ୫ ୱିକେଟ ହରାଇ ୧୦୦ରନ କରି ପରାଜିତ ହୋଇଥିଲା। ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ ଓ ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ୍ ରାଜେଶିର୍କେଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।



# ଜିରୋ ନାଇଟ୍ ପାଇଁ ସଜେଇ ହେଲାଣି କ୍ଲବ୍, ହୋଟେଲ

ବ୍ରହ୍ମପୁର,୩୦ ।୧୨(ସମିସ): ଗୋଟିଏ ଦିନ ପରେ ନୂତନ ବର୍ଷ। ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ ଜରାଇବେ ସହରବାସୀ। ଏନେଇ ଚାରିଆଡ଼େ ସେଲିବ୍ରେସନ୍‌ର ମାହୋଲ। ୨୦୨୫ର ଶେଷ ଅର୍ଥାତ ବୁଧବାର ପାଳନ ହେବ ଜିରୋ ନାଇଟ୍। ଭିନ୍ନ ଭିନ୍ନ ଢଙ୍ଗରେ ଜିରୋ ନାଇଟ୍ ଏହାସହ ନୂଆ ନୂଆ ରିମ୍ସକ୍ ଗୀତିରେ ଝୁମିବେ ଦର୍ଶକ।

ଏପଟେ ଜିରୋ ନାଇଟ୍ ଜମିବାକୁ ଥିବାବେଳେ ନୂଆବର୍ଷ ସେଲିବ୍ରେସନ୍ ଫିକା ପଡ଼ିପାରେ। ଜିରୋ ନାଇଟ୍ ବୁଧବାର ହେଉଥିବା ନୂଆବର୍ଷ ଗୁରୁବାର ଯୋଗୁଁ ଆମିଷ ଖାଇବାରେ ଲୋକ ପଛଘୁଞ୍ଚା ଦେବେ



**■ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଜାଗ ପୁଲିସ; ଯାଞ୍ଚ ଆରମ୍ଭ**

**■ ବୁଧବାର ବର୍ଷ ଶେଷଦିନ; ଆମିଷ ବଜାରରେ ଜମିବ ଭିଡ଼**

**■ ନୂଆ ରିମିକ୍ସ ଗୀତରେ ଝୁମିବେ ଦର୍ଶକ**

ପାଳନ ପାଇଁ ସହରରେ ବିଭିନ୍ନ ବାର, କ୍ଲବ ଓ ହୋଟେଲ ଓ ରେସ୍ତୋରାଁରେ ଚାଲିଛି ଜୋରଦାର ପ୍ରସ୍ତୁତି। ନାଚ, ଗୀତ, ଷ୍ଟାର୍ ନାଇଟ୍, କମେଡି ସୋ' ଆଦି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ହେବ। ସାଙ୍ଗସାଥି ଏବଂ ପରିବାରବର୍ଗଙ୍କୁ ନେଇ ହୋଟେଲ, କ୍ଲବ୍, ବେଳାଭୂମିରେ ଖାଇବା ପିଇବା ସାଙ୍ଗକୁ ନାଚଗୀତର ଆସର ଜମିବ। ବୋଲି ଜଣାଯାଇଛି। ଜିରୋ ନାଇଟରେ ସହରର ୟୁନିୟନ କ୍ଲବ, ଗଞ୍ଜାମ କ୍ଲବ, ନାମିଦାମୀ ହୋଟେଲ, ଗୋପାଳପୁରର କିଛି ଷ୍ଟାର୍ ହୋଟେଲରେ ମଧ୍ୟ ଧୂମଧାମରେ ଜିରୋ ନାଇଟ୍ ଆୟୋଜନର ପ୍ରସ୍ତୁତି ହୋଇଛି। ୟୁନିଅନ୍ କ୍ଲବରେ ଜିରୋ ନାଇଟ ପାଇଁ ଗାୟକ ଦେବପ୍ରିୟ ଦାସ, ଅଳକାନନ୍ଦ ସେନାଗୁପ୍ତା ଓ ଗୋଲଡେନ ରିଡେର୍ସ୍ ଗ୍ରୁପ ଡ୍ୟାନ୍ସ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ କ୍ଲବ ଆଉ ଅନ୍ୟସ୍ଥାନରେ ଓଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର୍‌ଙ୍କ ଗୀତରେ ଝୁମିବେ ଦର୍ଶକ। ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ରାତି ସାଢ଼େ ୧୨ଟା ଯାଏ କାର୍ଯ୍ୟକ୍ରମ ଚାଲିବ। କେକ୍ କଟିଂ ସହ ଜିରୋ ନାଇଟ୍ ସେଲିବ୍ରେସନ୍ ଶେଷ ହେବ ବୋଲି ୟୁନିଅନ୍ କ୍ଲବ୍ ସମ୍ପାଦକ ପାର୍ଥ ପାଢ଼ୀ କହିଛନ୍ତି। ସେହିପରି ଗଞ୍ଜାମ କ୍ଲବରେ ମଧ୍ୟରେ କେକ୍ କଟିଂ ସହ ଜିରୋ ନାଇଟ୍ ସେଲିବ୍ରେସନ୍ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଜିରୋ ନାଇଟ୍ ବୁଧବାର ପଡୁଥିବାରୁ ଆମିଷ ବଜାରରେ ଆଗୁଆ ବରାଦ ପହଞ୍ଚି ସାରିଥିବା ବ୍ୟବସାୟୀ କହିଛନ୍ତି। ମାଛ, ଚିକେନ୍, ମଟନ, ଚିଙ୍ଗୁଡ଼ି, କଙ୍କଡ଼ା ଆଦି ବିଭିନ୍ନ ପ୍ରକାର ଆମିଷ ପାଇଁ ବ୍ୟବସାୟୀଙ୍କୁ ଅଗ୍ରୀମ୍ ମିଳିଛି। ବୁଧବାର ହୋଇଥିବାରୁ ଜିରୋନାଇଟ୍ ବେପାର ବହୁ ଗୁଣା ହୋଇପାରେ ବୋଲି ଆକଳନ କରାଯାଉଛି। ନୂଆବର୍ଷ ଗୁରୁବାର ହେତୁ ଆମିଷ ବ୍ୟବସାୟୀ ମାନ୍ଦା ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

ଅନ୍ୟପକ୍ଷରେ ବ୍ରହ୍ମପୁର ସହର ଓ ଉପକଣ୍ଠରେ ଜିରୋ ନାଇଟ୍ ଜିରୋ ଟଲରାନ୍ସରେ ପାଳନ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ଆଜି ରାତିରୁ ନାକାବନ୍ଦୀ ସହ ବ୍ଲକିଂ ଆରମ୍ଭ ହୋଇଯାଇଛି। ଗଣ୍ଡଗୋଳ ଓ ଅପରାଧିକ ଘଟଣା ଯେପରି ନ ଘଟେ ସେଥପାଇଁ ପୁଲିସ ପକ୍ଷରୁ କଡ଼ା ନଜର ରଖିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋପାଳପୁର ବେଳାଭୂମିରେ ପୁଲିସ ମୁତୟନ ହେବେ। ଅନ୍ୟପକ୍ଷରେ ସହରର ପୁରୁଣା ଓ ଆଗଧାଡ଼ିର କିଛି ଅପରାଧୀମାନେ ଜିରୋ ନାଇଟ୍ ଓ ନବବର୍ଷ ପାଳନ ଉପରେ ପୁଲିସ ନଜର ରଖିବ। ନୂଆବର୍ଷ ଓ ଜିରୋ ନାଇଟ ସେଲିବ୍ରେସନ ବେଳେ ବ୍ରହ୍ମପୁର ସହରର ହେବ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା। ବ୍ରହ୍ମପୁର ଓ ଗୋପାଳପୁରକୁ ଜଗିବେ ୫ ପ୍ଲାଟୁନ୍ ଫୋର୍ସ। ସହରରରେ ୪ପ୍ଲାଟୁନ ଓ ଗୋପାଳପୁରରେ ଗୋଟିଏ ପ୍ଲାଟୁନ ପୁଲିସ ମୁତୟନ ହେବେ ବୋଲି ଜଣାପଡ଼ିଛି।

# କଟକଣା ନାମକୁ ମାତ୍ର; ଆବର୍ଜନାରେ ପୂରୁଛି ପର୍ଯ୍ୟଟନସ୍ଥଳୀ

ଢେଙ୍କାନାଳ,୩୦।୧୨(ସମିସ)



ଢେଙ୍କାନାଳ ବନଖଣ୍ଡରେ ଦିନକୁ ଦିନ ଜଙ୍ଗଲ ହ୍ରାସପାଇବାରେ ଲାଗିଛି। ଖଣି, ଖାଦାନ, କାରଖାନା, ବସ୍ତି, କେନାଲ ଯୋଗୁଁ ଜଙ୍ଗଲ ହ୍ରାସପାଉଥିବା ବେଳେ କେବଳ କାଗଜ କଲମରେ ଜଙ୍ଗଲ ବୃଦ୍ଧି ପାଉଛି। ମାତ୍ର ଜଙ୍ଗଲ ଭିତରେ ଥିବା ପରିବେଶ ପଲିଥିନ, ପ୍ଲାଷ୍ଟିକରେ ପୂର୍ଣ୍ଣ ହେଉଛି। ନୂଆବର୍ଷ ଆସିଲେ ଜଙ୍ଗଲ ରାସ୍ତା ବନ୍ଦ କରି ବନବିଭାଗ କାମ ଶେଷ କରିଦେଉଥିବା ବେଳେ କପିଳାସ, ସପ୍ତଶଯ୍ୟା, ସାପୁଆ, ଦଣ୍ଡାଧର, ଦଦରାଘାଟି ସହିତ ବିଭିନ୍ନ ସ୍ଥାନରେ ରହିଥିବା ଜଙ୍ଗଲରେ ଭୋଜି ଭାତ ଯୋଗୁଁ ପରିବେଶ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ସେହି ପ୍ଲାଷ୍ଟିକକୁ ବନ୍ୟଜନ୍ତୁ ଖାଇ ବିପଦରେ ପଡୁଛନ୍ତି।

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ୍, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡ଼ଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। ବନଖଣ୍ଡରେ ମୋଟ ୨୭୨.୨୮ କିଲୋମିଟର ଜଙ୍ଗଲ ରାସ୍ତା ରହିଛି। ମୋଟ ଜଙ୍ଗଲ ପରିମାଣ ରାସ୍ତା କଟିଗଲେ ମାତ୍ର ୧ହଜାର ୪୬୫ କିଲୋମିଟର ଜଙ୍ଗଲ ରହିଛି। ଜଙ୍ଗଲ ରାସ୍ତା ମଧ୍ୟରେ ମହାବିରୋଡ୍ ରେଞ୍ଜରେ ଶୁଣ୍ଡିଖାଇକାଟେଣୀ ବିଲେଇଶୁଣୀରେ ୬.୨ କିଲୋମିଟର, ଭେଜିଆ ଗେଙ୍ଗୁଟିଆ ୮କିଲୋମିଟର, ଦଦରାଘାଟି ବୁଲାଝରେ ୮.୮୬କିଲୋମିଟର ରାସ୍ତା ରହିଥିବା ବେଳେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ପଥରଗଡ଼ ଗୁଣ୍ଡିଚାନାଳୀ ୨୦ କିଲୋମିଟର, ବସୋଇ କଙ୍କିଳି ୫ କିଲୋମିଟର, ଆଲୁଅଝରଣ ମୁକ୍ତାପଶି ୧୦.୩୦ କିଲୋମିଟର, ଢେଙ୍କାନାଳ ରେଞ୍ଜ ଝରଣ ଛଣବୋଲୁଅ ୧୧.୩୦ କିଲୋମିଟର, ଭାପୁର ଅଭିମନ୍ୟୁପୁର ୨କିଲୋମିଟର, ହାତିଣ୍ଡା ମହୁଲପୁଞ୍ଜି ୧୧.୫୦କିଲୋମିଟର, ଷଡ଼ଙ୍ଗୀ ରେଞ୍ଜ ଅଧୀନରେ ଖଙ୍କିରା ଧନିଆନାଳୀ ୧୨କିଲୋମିଟର, ଛୋଟତେନ୍ତୁଳି ମହିଷାକଡ଼ା ୫ କିଲୋମିଟର, ହିନ୍ଦୋଳ ରେଞ୍ଜର ହିନ୍ଦୋଳ ଫାଶିଗାଁ ୪୨ କିଲୋମିଟର, ବମ୍ପା ପଟାଲୁ ୧୨.୫ କିଲୋମିଟର, ଗୁରୁଜଙ୍ଗ ଫାଶିଗାଁ ୧୯.୨୦ କିଲୋମିଟର, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ବାଟଗାଁ କେନ୍ଦୁଝର ସୀମାପର୍ଯ୍ୟନ୍ତ ୨୦.୯ କିଲୋମିଟର, ଉମେନ୍ଦ୍ର ଏକୁଲ ୧୧.୨କିଲୋମିଟର, ବାଇଗଣପଲି ଏକୁଲ ୧୪.୨୦ କିଲୋମିଟର, ଚିଲଦା ଖିଡ଼ିକିଦ୍ୱାର ୧୫କିଲୋମିଟର, କ୍ଷେଣ୍ଟସର ଖିଡ଼ିକିଦ୍ୱାର ୧୫, ସିଆରିମାଳିଆ ଝିଲ୍ଲୀ ୨୫.୩ କିଲୋମିଟର ରାସ୍ତା ଏଭଳି ମୋଟ ୨୭୨ କିଲୋମିଟର ୨୮ମିଟର ରାସ୍ତା ରହିଛି। କଳକାରଖାନା, ବସ୍ତି, କେନାଲ, ଖଣି, ଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସହିତ କାଠପାଇଁ ମଧ୍ୟ ଜଙ୍ଗଲ କାଟି ଦିଆଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଚାରାରୋପଣ କରାଯାଉଥିବାର ଜଙ୍ଗଲ ବିଭାଗ ସଫେଇ ଦେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ଗଛ ରହୁନାହିଁ। କ୍ଷୋଭର ବିଷୟ ହେଉଛି ବନବିଭାଗ ଜଙ୍ଗଲ ରାସ୍ତାରେ କଟକଣା ଲଗାଉଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ନୂଆବର୍ଷରେ ଭୋଜିଭାତର ଆସର ଦେଖିବାକୁ ମଳୁଛି। ଜଙ୍ଗଲ ସ୍ଥାନରେ ଭୋଜି ଭାତର ଆସର ଜମୁଥିବାବେଳେ ବହୁଳ ପରିମାଣରେ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର ହେଉଥିବାରୁ ଭୋଜିଭାତ ଶେଷ ହେବା ପରେ ସ୍ଥାନଗୁଡ଼ିକ ସଫା ହେବା ତ ଦୂରର କଥା ପ୍ଲାଷ୍ଟିକ ଦ୍ରବ୍ୟମଧ୍ୟରେ ପଲିଥିନ,ଖଲି,ଚଉପଦୀ ସହିତ ଅନ୍ୟାନ୍ୟ ଦ୍ରବ୍ୟ ପଡିରହୁଛି। ରାତି ହେବା ମାତ୍ରେ ସେହି ଦ୍ରବ୍ୟ ଗୁଡିକୁ ବାରାହା, ହରିଣ, ଠେକୁଆ, ହାତୀ, କୋକିଶିଆଳୀଭଳି ବଣ୍ୟଜନ୍ତୁ ଖାଉଥିବାର ଜଣାପଡ଼ିଛି। ହାତୀଗୁଡ଼ିକ ମଧ୍ୟ ବହୁଳ ଭାବରେ ପଲିଥିନ ଖାଉଥିବାର ଜଣାପଡ଼ିଛି। ଜଙ୍ଗଲରେ ଭୋଜି ଭାତର ନିୟମ ନଥିବା ବେଳେ ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ଏଭଳି କରାଯାଉଛି। ଯାହାକି ପରିବେଶ ପ୍ରତି ବିପଦ ପାଲଟୁଛି।

# ଉନ୍ନୟନକାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ



କଙ୍କଡାହାଡ଼,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଆକାଂକ୍ଷୀ ବ୍ଲକ୍‌ର ଆକାଂକ୍ଷା ପୂରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ସହିତ ଏହାର ସମୀକ୍ଷା କରିଛନ୍ତି ରାଜ୍ୟ ସରକାରଙ୍କ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। କଙ୍କଡ଼ାହାଡ଼ ବାଟଗାଁରେ ଆଦିସେବା କେନ୍ଦ୍ର ପରିଦର୍ଶନ, ଉର୍ବେଙ୍ଗୀରେ ଏପିସି କ୍ଲଷ୍ଟର, କଙ୍କଡ଼ାହାଡ଼ରେ ପୂର୍ତ୍ତ ବିଭାଗ ବଙ୍ଗଳା, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଛି। ଆଗାମୀ ଦୁଇ ବର୍ଷ ଭିତରେ କଙ୍କଡ଼ାହାଡ଼ ବ୍ଲକ୍‌କୁ ରାଜ୍ୟର ଅନ୍ୟ ବ୍ଲକ୍ ଭଳି ଏକ ବିକଶିତ ବ୍ଲକ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ସରକାରରେ ବିକଶିତ ହେବାକୁ ଯାଉଛି ଆକାଂକ୍ଷା କଙ୍କଡ଼ାହାଡ଼ ବ୍ଲକ। ଏହି କାର୍ଯ୍ୟକ୍ରମରେ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଙ୍କଡାହାଡ ବ୍ଲକ ପରିସର ଭିତରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ ପାଇଁ ଦଧିଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୬ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମି ପଟା ମଧ୍ୟ ବଣ୍ଟନ କରାଯାଇଥିଲା।

# ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା





ହିନ୍ଦୋଳ,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସର୍ବପୁରାତନ ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସାତମାଇଲ ନିକଟରେ ପୂର୍ବତନ ସଭାପତି ଦୀପ୍ତି ରଞ୍ଜନ ପ୍ରଧାନ ଓ ପୂର୍ବତନ ସମ୍ପାଦକ ସୁମନ୍ତ ଦେହୁରୀଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଘର ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ସୁମନ୍ତ ଦେହୁରୀଙ୍କୁ ସଭାପତି ଓ ପ୍ରଭାତ ରଞ୍ଜନ ପୃଷ୍ଟିଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି ପ୍ରଶାନ୍ତ ଜେନାମଣି ଉପସଭାପତି, ଜଗନ୍ନାଥ ଦାସଙ୍କୁ ସହ ସମ୍ପାଦକ ଓ ରବିନାରାୟଣ ପଟ୍ଟନାୟକଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। ଉପଖଣ୍ଡରେ ହେଉଥିବା ବିଭିନ୍ନ ବିଭାଗରେ ଦୁର୍ନୀତିକୁ ସଙ୍ଘ ପକ୍ଷରୁ ଦୃଢ଼ ବିରୋଧ କରିବା ସହିତ ଦୁର୍ନୀତି ବିରୁଦ୍ଧରେ ସାମ୍ବାଦିକମାନେ ନିଜର କଲମକୁ ଦୃଢ଼ତାର ସହିତ ଚଳାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଦରକାର ପଡ଼ିଲେ ହେଉଥିବା ଦୁର୍ନୀତି ବିରୋଧରେ ସଙ୍ଘ ସ୍ୱର ଉତ୍ତଳନ କରିବା ସହିତ ସାଧରଣ ଲୋକଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଦରକାର ପଡ଼ିଲେ ସଙ୍ଘ ରାଜରାସ୍ତାକୁ ଓହ୍ଲାଇ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସଙ୍ଘର ସଦସ୍ୟ ସଦା ସର୍ବଦା ଚେଷ୍ଟା କରିବେ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକ ରେ ବରିଷ୍ଠ ସାମ୍ବାଦିକ ବ୍ରହ୍ମାନନ୍ଦ ପଟ୍ଟନାୟକ, ଦିଲ୍ଲୀପ କୁମାର ବେହେରା, ଗୌତମ ମୁଦୁଲି, ସୁଶାନ୍ତ ପତି, ପାତିଆ ସାମଲ, ସୋଭାଗ୍ୟ ସର, ବିଶେଶ୍ୱର ସେଠି, ଶାନ୍ତନୁକୁମାର ସାହୁ, ଦୁଷ୍ମନ୍ତ ମିଶ୍ର, ରମେଶ ଚନ୍ଦ୍ର ସାହୁ, ବିନୟ ବେହେରା, ସରୋଜ କୁମାର ମିଶ୍ର, ତପନ ପରିଡା, ପ୍ରତାପକୁମାର ପଟନାୟକ, ସୁଶାନ୍ତ ସାମଲ, କିଶୋର ଚନ୍ଦ୍ର ପାଲ, ହେମନ୍ତ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ବିନୟ ବେହେରା ସୋଭାଗ୍ୟ ରଞ୍ଜନ ସର, ଦିନେଶ ଦେହୁରୀ, ତ୍ରିଲୋଚନ ପାଲ, ପ୍ରମୁଖ ୪୦ ରୁ ଉର୍ଦ୍ଧ ସାମ୍ବାଦିକ ବୈଠକରେ ଯୋଗ ଦେଇଥିଲେ।

# ଇପିଏଫ ପେନ୍‌ସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ



ଢେଙ୍କାନାଳ,୩୦।୧୨(ସମିସ): ସ୍ଥାନୀୟ କଲେଜ ବଜାର ଆସୋସିଏସନ ଅଫିସ୍ ଗୃହରେ ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏସନ୍ ଜିଲ୍ଲା ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦେଶ ତଥା ରାଜ୍ୟର ଇପିଏଫ୍ ପେନ୍‌ସନର୍ସ ପ୍ରାୟ ୮୨ଲକ୍ଷ ପେନସନ ଭୋଗୀ ଅତି ଦୟନୀୟ ଅବସ୍ଥାରେ ଥାଇ ଅଲ୍ ଇଣ୍ଡିଆ କୋ-ଅଡିନେସନ୍ କମିଟି ଅଧୀନରେ ଦେଶର ପ୍ରତି ଜିଲ୍ଲାସ୍ତର ଓ ସମସ୍ତ ରାଜ୍ୟମାନଙ୍କରେ ସଂଘ ଗଠନ କରି ସେମାନଙ୍କ ଦାବି ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଉପସ୍ଥାପନ କରି ଆସୁଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ, କେନ୍ଦ୍ର ସରକାର ସେମାନଙ୍କ ଦାବୀକୁ ଅଣଦେଖା କରି ଚାଲିଛନ୍ତି। ଏହି ପେନ୍‌ସନ୍ ଭୋଗୀମାନେ ୫୦୦ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ପାଇ ଅତି ଦୟନୀୟ ଅବସ୍ଥାରେ କୁଟୁମ୍ବ ପ୍ରତିପୋଷଣ କରୁଛନ୍ତି। ସେମାନଙ୍କୁ ଏହି ପେନ୍‌ସନ୍ ୧୯୯୫ ମସିହାରୁ ଦିଆଯାଇଥିଲେ ମଧ୍ୟ ଏଥିରେ ଡି.ଏ. ଦିଆଯାଉ ନାହିଁ। ଏହି ସ୍ୱଳ୍ପ ପେନ୍‌ସନ୍ ଯୋଗୁଁ ସେମାନେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନ ଯେକୌଣସି ସାମାଜିକ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି। ଇପିଏଫ ପେନ୍‌ସନ୍ ଭୋଗୀମାନଙ୍କୁ ସେପ୍ଟେମ୍ବର ୨୦୨୪ରୁ କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ୍ ରାଶିକୁ ବୃଦ୍ଧି କରିବା ପାଇଁ ୨୦୧୩ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତି ଭଗତ ସିଂ ଖୋସିୟାରୀ କମିଟି ସୁପାରିଶ କରିଥିଲେ। ଅତିକମ୍‌ରେ ମାସିକ ୩ ହଜାର ସହ ମହଙ୍ଗା ଭତ୍ତା ପାଇଁ ସୁପାରିଶ୍ କରିଥିଲେ ମଧ୍ୟ ତାକୁ ଫାଇଲ୍ ତଳେ ଅଦ୍ୟାବଧି ଚାପିଦିଆ ଯାଇଛି। ଏକ ସମୀକ୍ଷାରୁ ଜଣାଯାଏ ଯେ ଇପିଏଫ କର୍ପସ ଫଣ୍ଡରେ ତା.୩୧.୦୩.୨୦୨୩ରିଖ ପର୍ଯ୍ୟନ୍ତ ଟ.୭,୮.୩୦୮.୯୩ କୋଟି ଟଙ୍କା ଗଚ୍ଛିତ ଅଛି। ଏହା ସହିତ ଟ.୫୨ ହଜାର କୋଟି ଟଙ୍କା ସୁଧ ବାବଦକୁ ମିଳିଛି। ଏହି ସୁଧ ଟଙ୍କାର ୨୮% ଭାରତର ସମସ୍ତ ପିଏଫ୍ ପେନସନର୍ସଙ୍କୁ ପେନସନ ଦେଉଛନ୍ତି। ତେଣୁ କେବଳ ଆଦାୟ ହେଉଥିବା ସୁଧ ଟଙ୍କାରୁ ୨୮% ପେନସନ ଯାଉଛି। ମୂଳ ଟଙ୍କାକୁ ଏହା ଆଦୌ ଛୁଇଁବାକୁ ପଡୁନାହିଁ। ଯଦି ସର୍ବନିମ୍ନ ୯ ହଜାର ମାସିକ ମହଙ୍ଗା ଭତ୍ତା ସହିତ ପେନସନ୍ ଦିଆଯାଏ ତେବେ ବି ମୂଳ ଗଚ୍ଛିତ ଟଙ୍କାରେ ହାତ ବାଜିବ ନାହିଁ। ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୮ ତାରିଖରେ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକର ଉପ ସଭାପତି ହୃଦାନନ୍ଦ ପ୍ରଧାନ, ସମ୍ପାଦକ ଶଦାଶିବ ମିଶ୍ରଙ୍କ ସହିତ ସଦସ୍ୟ ବାସୁଦେବ ଦେହୁରୀ, କୋଷାଧକ୍ଷ ନେତ୍ରାନନ୍ଦ ସାହୁ, ଉପଦେଷ୍ଟା ବିରଞ୍ଚି ନାରାୟଣ ମିଶ୍ର, ସଦସ୍ୟ ନିରୋଦ କୁମାର ପଟ୍ଟନାୟକ ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ବୈଠକ

## ବନବିଭାଗ ଟୋଲ ଗେଟରେ ଭକ୍ତଙ୍କୁ ପ୍ରବେଶ ବାରଣ ନେଇ ଉଦ୍‌ବେଗ

ଢେଙ୍କାନାଳ,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ। ବ୍ଲକ୍ ମହିମା ତପୋବନ ପୀଠରେ ପବିତ୍ର ପୌଷ ଶୁକ୍ଲଦଶମୀ ଆତ୍ମଯୋଗ ପୀଠ ତପୋବନ ମହିମାବିହାର ଆନୁକୂଲ୍ୟରେ କୌପୀନଧାରୀ ମହିମାସମାଜ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ପରିଚାଳନା ଓ କାର୍ଯ୍ୟକାରିଣୀ କମିଟିର ମାସିକ ବୈଠକ ସଭାପତି ବାବା ରଘୁନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ, ଅନୁଗୁଳ, କଟକ ଜିଲ୍ଲାର ମହାନିତ୍ୟମଣ୍ଡଳୀର ନିଯୁକ୍ତ ହୋଇଥିବା ଆଞ୍ଚଳିକ ବଡ଼ଭାଇ ମାନଙ୍କ ତାଲିକାକୁ ଅନୁଧ୍ୟାନ କରାଯାଇ ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ନିତିଗତ ନିଷ୍ପତ୍ତି ନିଆଯାଇଥିଲା। ଜାନୁଆରୀ ମାସରେ ବାର୍ଷିକ ବୈଠକର ଆୟୋଜନ କରାଯିବା ସହିତ ଉପସଭାପତି ବାବା କରୁଣାକର ଦାସଙ୍କ ତରଫରୁ ଅନୁରୋଧ କରାଯାଇଥିଲା। ମହିମାଧମର୍ୟର ପ୍ରତିଷ୍ଠାତା ପ୍ରବୃଦ୍ଧ ଗୁରୁ ମହିମାସ୍ୱାମୀଙ୍କ ଉତ୍କଳ ପ୍ରଦେଶରେ ପଦାର୍ପଣ କରିଥିବା ଦୁଇ ଶହ ବର୍ଷର ପୂର୍ତ୍ତିର୍ ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ମାଘମେଳା ସମୟରେକୌପୁନୀଧାରୀ ମହିମା ଗାଦୀରେହେଉଥିବା ବାର୍ଷିକ ମାଘମେଳା ବୈଠକରେ ଆଲୋଚନା କରାଯିବା ସହିତ ମହୋତ୍ସବର ସ୍ଥାନନିରୁପଣ କରିବାକୁ ଆଲୋଚନା କରାଯାଇଥିଲା। ବିଭିନ୍ନ ମହିମା ଟୁଙ୍ଗି,ଧାମ ଓ ମହିମା ଭକ୍ତାଶ୍ରିତ ଗାଁ ଗହଳିରେ ମହିମାସ୍ୱାମୀଙ୍କ ଦୁଇ ଶତବର୍ଷ ପଦାର୍ପଣ ସମ୍ବତ୍ସରକୁ ନିଜ ନିଜ କ୍ଷେତ୍ରରେ ପାଳନ କରିବାକୁ ନେଇ ଆନନ୍ଦ ପ୍ରକାଶ ପାଇଥିଲା। ତପୋବନ ପ୍ରବେଶ ପଥରେ ବନବିଭାଗ ପକ୍ଷରୁ ଥିବା ତନଖି ଫାଟକରେ ଯୋଗଦାନ କରିବାକୁ ଆସିଥିବା ଭକ୍ତମାନଙ୍କୁ ଓ ପବିତ୍ର ଦଶମୀ ତିଥିରେ ଘୃତାହୁତୀ,ସାଧୁଭିକ୍ଷା,ଅହ୍ଲୋଣିଆ ଧରି ଆସୁଥିବା ଅନେକ ସାଧୁ ଭକ୍ତମାନଙ୍କୁ ବାରଣ କରାଯାଉଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ କରୁଣାକର ଦାସ,ବାବା ଜ୍ଞାନୀ ଦାସ,ବାବା ବିନୋଦ ଦାସ,ବାବା ମନ୍ତ୍ରୀ ଦାସ,ଭକ୍ତ ଲୋକନାଥ ସାହୁ, ଭକ୍ତ ବିଜ୍ଞାନୀ ବେହେରା, ଭକ୍ତ ଅଜୟ ଦେହୁରୀଙ୍କ ସହିତ ଶତାଧିକ ଭକ୍ତ ଯୋଗଦେଇଥିଲେ। ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସଭା ପରିଚାଳନା କରିଥିଲେ।

# କବି କାଳୀଚରଣ ତ୍ରିପାଠୀଙ୍କୁ ଜାତୀୟ ସମ୍ମାନ




ଢେଙ୍କାନାଳ,୩୦।୧୨(ସମିସ): ସଦର ବ୍ଲକ୍ ଛଦେଶ ଅଞ୍ଚଳର ବିଶିଷ୍ଟ କବି କାଳୀ ଚରଣ ତ୍ରିପାଠୀଙ୍କୁ ତାଙ୍କର ସାହିତ୍ୟ କୃତୀ ପାଇଁ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନଠାରେ ସମତା ସାହିତ୍ୟ ଏକାଡେମୀ ଦ୍ୱାରା ଏକ ଜାତୀୟ ଉତ୍ସବରେ ତାଙ୍କୁ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ସମତା ସାହିତ୍ୟ ଏକାଡେମୀ, ମୁମ୍ବାଇର ଜାତୀୟ ସଭାପତି ଡିଏସ ତାଣ୍ଡେକର ଉକ୍ତ ଉତ୍ସବରେ ପୌରହିତ୍ୟ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଉକ୍ତ ସଭାରେ ସଭାପତିତ୍ୱ କରି କହିଲେ ଯେ, ଏଭଳି ଉତ୍ସବ ଆମକୁ ଏକାଠି କରିବାରେ ସହାୟକ ହେଉଛି। ମୁଖ୍ୟ ଅତିଥି ଭାବେ ତ୍ରିପୁରାର କ୍ୟାବିନେଟ୍ ମନ୍ତ୍ରୀ ବିକାଶ ଦେବର୍ମା, ସମ୍ମାନିତ ଅତିଥି ଭାବେ ତ୍ରିପୁରାର ବିଧାୟକ ପିନାକୀ ଦାସ ଚୌଧୁରୀ, ବିଧାୟିକା କଲ୍ୟାଣୀ ଶାହାରାୟ, ଅନୁଷ୍ଠାନର ରାଜ୍ୟ ସଭାପତି କବି ବାହାଦୂର ପାଟ୍ଟସାହାଣୀ, ମୁଖ୍ୟବକ୍ତା ଭାବେ ଡ. ଜନକ ସିଂ ମୀନା ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ପାଇଥିବାରୁ ବହୁ ବନ୍ଧୁ, ଶୁଭେଚ୍ଛୁ ଓ ସାହିତ୍ୟିକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ଇ ଟେକ୍‌ର ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# 'ନିଷ୍ଠାପର ଉଦ୍ୟମ ଓ ନିରନ୍ତର ଅଧ୍ୟବସାୟ ହିଁ ଲକ୍ଷ୍ୟ ସାଧନ କରିଥାଏ'



ଢେଙ୍କାନାଳ,୩୦।୧୨(ସମିସ): ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଙ୍ଗଳପୁର ପକ୍ଷରୁ ଚଳିତବର୍ଷ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଜାତୀୟ ତଥା ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥିବା ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ପିତାମାତା ତଥା ସେମାନଙ୍କ ହାଇସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ଡ. ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଇ ଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସାରଦା ପ୍ରସାଦ ମହାନ୍ତି ଏବଂ ଇ ଟେକ୍‌ର ଉପାଧ୍ୟକ୍ଷ ଅନୀଲ କୁମାର ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମୟାନୁବର୍ତ୍ତିତା ସହ କଠିନ ପରିଶ୍ରମ ଏବଂ ରୋଗୀ ସେବାକୁ ଜଣେ ଡାକ୍ତର ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କଲେ ସମାଜରେ ଜଣେ ଜଣେ ଶ୍ରେଷ୍ଠ ଡାକ୍ତର ହୋଇପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସାଗରବାଳା ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଦୁଇ ପ୍ରାକ୍ତନ ଡାକ୍ତରୀ ଛାତ୍ରଛାତ୍ରୀ ଡ. ଆଶିଷ ନାୟକ ଏବଂ ଡା. ଅଭିଲିପ୍ସା ସ୍ୱାଇଁଙ୍କୁ ଯଥାକ୍ରମେ ଶିଶୁ ବିଭାଗ ଏବଂ ଭେଷଜ ବିଭାଗରେ ଉଚ୍ଚ ଶିକ୍ଷା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆମ୍ବୁଲାନ୍ସ ଲୋକାର୍ପଣ ଉତ୍ସବ

ଢେଙ୍କାନାଳ,୩୦।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ଦୁର୍ଗମ ଅପହଞ୍ଚ ଅଞ୍ଚଳରେ ମାନସିକ ଅନଗ୍ରସର, ମସ୍ତିଷ୍କ ପକ୍ଷାଘାତ ଓ ଅଟିଜିମ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ




ସେବା ଯୋଗାଇବା ନିମନ୍ତେ 'ନବ' ଲିମିଟେଡ୍, ଖଡ୍‌ଗପ୍ରସାଦ ସହାୟତାରେ ଭ୍ରାମ୍ୟମାଣ ଚିକିତ୍ସା ଭ୍ୟାନ 'ନବ'ର ଏଚଆର ବିଜୟ କୁମାର ସାହୁଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ଏହି ଭ୍ୟାନଟି ୧୬୮ ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ଭୌତିକ ଚିକିତ୍ସା, ଔଷଧ, ପୁଷ୍ଟିକର ଖାଦ୍ୟ ବଣ୍ଟନ ପାଇଁ ଉଦ୍ଦିଷ୍ଟ। 'ନବ'ର ସିଏସଆର ସଂଯୋଜକ ଅସିତ୍ କୁମାର ବିଶୋଇ ଦିବ୍ୟାଙ୍ଗ ଶିଶୁଙ୍କୁ ଔଷଧ, ବିସ୍କୁଟ ଓ କମ୍ବଳ ବଣ୍ଟନ କରିଥିଲେ। ଅଧ୍ୟକ୍ଷ ରତ୍ନାକର ପ୍ରଧାନ, ନିର୍ଦ୍ଦେଶକ ଟଙ୍କଧର ବାରିକ, ଫିଜିଓଥେରାପିଷ୍ଟ ନିବେଦିତା ନାୟକ, ସାହିଲ ଆଫ୍ରିଡ, ସତ୍ୟପ୍ରକାଶ ନାୟକ ଓ ସମସ୍ତ କର୍ମକର୍ତ୍ତା ଇଲନ ପ୍ରଭା ସେନାପତି, ବର୍ଷା ରାଣୀ ପ୍ରଧାନ, ସୋନାଲି ଧଳ, ଅନ୍ନପୂର୍ଣ୍ଣା ଧଳ, କୁସୁମିତା ବାଗ, ସ୍ୱାଗତିକା ରାଉତ, ସୌଭାଗ୍ୟଲକ୍ଷ୍ମୀ ତରାଇ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ, ପର୍ଶୁରାମ ଦାସ, ପ୍ରକାଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# କପିଳାସ ପୀଠରେ ମହାଶିବରାତ୍ରି ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୩୦।୧୨(ସମିସ)




ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କଜିଉଙ୍କ କପିଳାସ ପୀଠରେ ଆସନ୍ତା ଫେବୃଆରୀ ୧୫ ତାରିଖ ରବିବାର ମହାଶିବରାତ୍ରି ପର୍ବ ପାଳନ କରାଯିବ। ଏଥିପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜାଗର ପର୍ବ ଯେପରି ଶାନ୍ତିଶୃଙ୍ଖଳା ସହିତ ସମାପନ ହେବ ସେଥିପ୍ରତି ଦାୟିତ୍ୱବାନ ହୋଇ କାର୍ଯ୍ୟ ନିର୍ବାହ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଉପ ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ, ଦେବୋତ୍ତର ବିବୁଧ ଗଡ଼ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ନିର୍ଘଣ୍ଟ ଅନୁଯାୟୀ ରାତ୍ର ୩.୫୫ମି. ଠାରୁ ବେଢ଼ା ପୂଜା, ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ପାଳିଆ ସେବକଙ୍କ ଦ୍ୱାରା କରାଯାଇ ରାତ୍ର ୪.୨୦ମି. ମଧ୍ୟେ ଶେଷ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ମନ୍ଦିର ପ୍ରାଙ୍ଗଣ ଭିତର ଓ ବାହାରେ ଆଲୋକ ସଜ୍ଜା ସହିତ ଯାନବାହନ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଦୋକାନ ନିମନ୍ତେ ସ୍ଥାନର ବ୍ୟବସ୍ଥା, ମନ୍ଦିର ପ୍ରାଙ୍ଗଣ ଓ ସଂଲଗ୍ନ ଅଞ୍ଚଳର ପରିଷ୍କାର-ପରିଚ୍ଛନ୍ନତା, ଆଶୁ ଚିକିତ୍ସା ସୁବିଧା ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ ହେବା, ବିଷଧର ସାପ ଧରିବା ପାଇଁ ଟିମ ମୁତୟନ ଓ ଭଜନ ସମାରୋହ ଆୟୋଜନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ), ଲଳିତ ମୋହନ ବେହେରା (ରାଜସ୍ୱ), ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ଜାଗର ପର୍ବ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଉପ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପେଟି ପେଟି ଔଷଧ ପୋଡ଼ିଦେବା ଘଟଣା

# ବାହାନଗା ଡାକ୍ତରଖାନା ଫାର୍ମାସିଷ୍ଟ ନିଲମ୍ବିତ

ବାହାନଗା, ୩୦।୧୨(ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲା ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଔଷଧ ଦେବା ପରିବର୍ତ୍ତେ ମେଡିସିନକୁ ପୋଡ଼ି ଦେବା ଏବଂ ଫିଙ୍ଗିଦେବା ଘଟଣାରେ "ସକାଳ"ରେ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ଆକ୍ସନ ମୋଡକୁ ଆସିବା ସହ ଜିଲ୍ଲା ସ୍ତରୀୟ ତଦନ୍ତ କରି ମେଡିକାଲର କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

ଗତ ୨୩ ତାରିଖ ଦିନ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ଅବଧିଥିବା ଔଷଧ ସହ ପେଟିପେଟି ଔଷଧକୁ ଫିଙ୍ଗିଦେବା ଏବଂ ପୋଡ଼ି ଦିଆଯାଇଥିବାର ଦେଖିବାକୁ ମିଳିଥିଲା। ଏନେଇ "ସକାଳ" ଖବର କାଗଜରେ ଗତ ୨୪ ତାରିଖ ଦିନ "ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୋଡ଼ିଦେଲେ ପେଟିପେଟି ଔଷଧ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲା ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଏବଂ ଜିଲ୍ଲା ପ୍ରଶାସନ। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସିଡିଏମଓ ଡା. ପ୍ରଭାତ କୁମାର ବେହେରା ଅବିଳମ୍ବେ ଜିଲ୍ଲା ସ୍ତରରୁ ୬ ଜଣିଆ ମେଡିକାଲ ଟିମ ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ସେହିଦିନ ତୁରନ୍ତ ଏହି ଟିମ ବାହାନଗା ମେଡିକାଲ ପରିସରରେ ପହଞ୍ଚି ଘଟଣାର ଯାଞ୍ଚ କରିଥିଲେ। ଏମିତି କି ପେଟିପେଟି ଔଷଧ, ଇଞ୍ଜେକ୍ସନ ସହ ଅନ୍ୟ ମେଡିକାଲ ସାମଗ୍ରୀ ବହୁଳ ମାତ୍ରାରେ ମେଡ଼ିକାଲ ପରିସରରେ ପୋଡ଼ାଯିବା ଏବଂ ଫିଙ୍ଗା ଯାଇଥିବାର ପ୍ରମାଣ ପାଇବା ସହ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରିଥିଲେ। ଏ ନେଇ ଜିଲ୍ଲା ସ୍ତରୀୟ ଟିମ ଘଟଣାର ତଦନ୍ତ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ସିଡିଏମଓ ଘଟଣାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଘଟଣାରଅନୁଧ୍ୟାନ କରିକାର୍ଯ୍ୟରେଅବହେଳା କରିବା ଏବଂ ମେଡିସିନ ପୋଡ଼ିବା ଏବଂ ଫିଙ୍ଗାଯିବା ଘଟଣାରେ ସମ୍ପୃକ୍ତ ଥିବା ଜାଣିବା ପରେ ମେଡିକାଲର କାର୍ଯ୍ୟରତ ଫାର୍ମାସିଷ୍ଟ ଅଜିତ କୁମାର ବେହେରାଙ୍କୁ ନିଲମ୍ବନ କରାଯାଇଥିବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି। ସେପଟେ ଗତ ୧୦ ତାରିଖ ଦିନ ମଧ୍ୟ ସମାନ ଢଙ୍ଗରେ ବେପରୁଆ ଭାବେ ରେମୁଣା ବ୍ଲକ ଶ୍ରୀଜଙ୍ଗ କଣ୍ଟିଆଚିରା ନାଳ ନିକଟ ରାସ୍ତା ପାଶ୍ୱର୍ରେ ଅବଧି ଥିବା ୩୦୦ ରୁ ଊର୍ଦ୍ଧ୍ୱ ଆଇରନ ଓ ଫଲିକ ଏସିଡର ସିରାପ ଔଷଧକୁ ଫିଙ୍ଗିବା ଘଟଣାରେ ତଦନ୍ତ କରାଯାଇ ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ ହୋଇଥିଲେ।

## ■ ହୋଟେଲରେ ଅନୈତିକ କାରବାର ଘଟଣାରେ ଖନ୍ତାପଡ଼ା ପୁଲିସର ଚଢ଼ଉ

# ନାବାଳିକା ଉଦ୍ଧାର, ଯୁବକଙ୍କ ସମେତ ହୋଟେଲ ମାଲିକ ଗିରଫ



ବାଲେଶ୍ୱର,୩୦।୧୨(ସମିସ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ରେ ବିଭିନ୍ନ ହୋଟେଲ, ଲଜିଂରେ ବେଆଇନ ଭାବେ ଦେହ ବ୍ୟବସାୟ କରାଯିବା ନେଇ "ସକାଳ"ରେ ଖବର ପ୍ରକାଶ ପରେ ଚେଇଁ ଶୋଇଥିବା ଖନ୍ତାପଡା ପୁଲିସ ଆକ୍ସନ ମୋଡକୁ ଆସିବା ସହ ଘଟଣାର ସତ୍ୟତା ପାଇଁ ବିଭିନ୍ନ ହୋଟେଲ ରୁମରେ ବିଳମ୍ବିତ ରାତିରେ ଚଢ଼ଉ କରିଥିଲା। ଖନ୍ତାପଡ଼ା ଓଳିଆପାଟଣା ସ୍ଥିତ ମହାବଳ ହୋଟେଲ ମାଲିକଙ୍କ ସହ ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ହୋଟେଲରୁ ଗିରଫ ସହ ଜଣେ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିବା ଜଣାପଡିଛି। ଥାନା ଅଧିକାରୀଣୀ ସୁବର୍ଣ୍ଣା ବେହେରା ନିଜେ ବିଳମ୍ବିତ ରାତିରେ ଖନ୍ତାପଡା ଥାନା ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ହୋଟେଲ, ଲଜିଂ ଏବଂ ଗେଷ୍ଟ ହାଉସରେ ଯାଞ୍ଚ କରିଥିଲେ। ଏହି କ୍ରମରେ ଖନ୍ତାପଡା ଓଳିଆପାଟଣାସ୍ଥିତ ମହାବଳ ହୋଟେଲ ଉପରେ ଆଇଆଇସି ସଦଳବଳେ ଚଢ଼ଉ କରିବା ସହ ଯାଞ୍ଚ କରିଥିଲେ। ଏହି ସମୟରେ ହୋଟେଲ ରୁମରୁ ଜଣେ ନାବାଳିକାଙ୍କ ସହ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଖନ୍ତାପଡ଼ା ଥାନା ପୁଲିସ ହୋଟେଲ ମାଲିକ ଜୟନ୍ତ କୁମାର ମହାନ୍ତି (୪୧) ଏବଂ ବାଲେଶ୍ୱର ମାନିଖମ୍ବ ଅଞ୍ଚଳର ସୋମନାଥ ପାଲ(୩୦)ଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ଥାନା ଆଇଆଇସି ସୁବର୍ଣ୍ଣା ବେହେରାଙ୍କ ଅଭିଯୋଗ ମୂଳେ ଖନ୍ତାପଡା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ମାମଲାର ତଦନ୍ତ ଭାର ନେଇଥିବା ବାଲେଶ୍ୱର ଜିଲ୍ଲା ପୁଲିସର ଆଇଉଏଚଟିୟୁ ସେଲର ଇନିସ୍ପେକ୍ଟର ଆଲୋକ କୁମାର ବେହେରା ଘଟଣାର ତଦନ୍ତ କରିଥିଲେ। ଉଦ୍ଧାର ହୋଇଥିବା ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ହୋଟେଲ ମାଲିକ ଜୟନ୍ତ ମହାନ୍ତି ଏବଂ ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ସୋମନାଥ ପାଲଙ୍କୁ ପକ୍ସୋ ଆକ୍ଟ ମୂଳେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୩୦।୧୨(ସମିସ): ଜଳେଶ୍ୱର ତାରିଣୀ ଛକଠାରେ ଚାଲିଥିବା ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପଡିଆରେ ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ରାଜ୍ୟସ୍ତରୀୟ ସଭାରେ ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ପ୍ରାକ୍ତନ ସଭାପତି ଡ଼ ଶ୍ରୀକାନ୍ତ ପାତ୍ର ସଭାପତିତ୍ୱ କରି ଓଡିଶାର ସୀମା ଓ ଭାଷାକୁ ସୁରକ୍ଷିତ ରଖିବାଲାଗି ଉତ୍କଳ ସମ୍ମିଳନୀ କାର୍ଯ୍ୟ କରୁଛି ବୋଲି କହିଥିଲେ। ମୁଖ୍ୟଅତିଥି ଉତ୍କଳ ସମ୍ମିଳନୀ ର କେନ୍ଦ୍ରୀୟ ସଭାପତି ଡ଼ ଅଦ୍ୱୈତ କୁମାର୍ ପାତ୍ର ଯୋଗଦେଇ ସୀମାନ୍ତରେ ଅନୁଷ୍ଠିତ ଉତ୍ସବ ଦ୍ୱାରା ଦୁଇରାଜ୍ୟର ଲୋକଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ପାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୈରୁଲ ହକ, ଇଂ ହୃଷୀକେଶ ସାହୁ, ସୁନିଲ କୁମାର ନାୟକ, ସୁଦର୍ଶନ ଦାସ୍, କାର୍ତ୍ତିକ ଚନ୍ଦ୍ର ଦାସ୍, କୁମାର୍ ଗୋପାଳ ପ୍ରମୁଖ ଯୋଗଦେଇ ଥିଲେ। ଉତ୍କଳ ସମ୍ମିଳନୀ ର ଜଳେଶ୍ୱର ଶାଖା ର ସଂଗଠନ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶାଖା ସଭାପତି କମଳ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ଓ ଦିବସ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ସୁକୁମାର ରଣା ଧନ୍ୟବାଦ୍ ଅର୍ପଣ କରିଥିଲେ। ମହୋତ୍ସବର ଦଶମ ସଂଧ୍ୟାରେ ନାମୀ ଦାମୀ କଳାକାରଙ୍କ ଦ୍ୱାରା ରଂଗାରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତାଲା ଭାଙ୍ଗି ୬ଟି ଦୋକାନରୁ ଲୁଟିନେଲେ

ରୂପସା, ୩୦।୧୨ (ସମିସ): ରୂପସା ଥାନା ଅନ୍ତର୍ଗତ ରାଉତପଡ଼ା ଛକରେ ଥିବା ଦୋକାନ ଗୁଡ଼ିକ ମଧ୍ୟରୁ ୬ଟି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଜିନିଷ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଛକରେ ଶ୍ରୀହରି ନାଏକ, ଲକ୍ଷ୍ମୀଧର ଗାଣ, ରାଧାକୃଷ୍ଣ ରାଉତ, ଅଶୋକ ରାଉତ, ଗଙ୍ଗାଧର ରାଉତ ବିଭିନ୍ନ ଦୋକାନ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଉକ୍ତ ଛଅ ଜଣ ଦୋକାନୀଙ୍କ ଦୋକାନର ତାଲା ଭାଙ୍ଗି ପାଖା ପାଖି ୩ ଲକ୍ଷରୁ ଅଧିକ ଟଂକାର ଆସବାବପତ୍ରକୁ ଲୁଟି ନେଇଛନ୍ତି। ସେହିଭଳି ଦୁର୍ବୃତ୍ତ ମାନେ ପ୍ରସନ୍ନ ମହାପାତ୍ରଙ୍କ ଦୋକାନରୁ କୌଣସି ଜିନିଷ ଲୁଟ କରି ନଥିବା ବେଳେ ଦୋକାନର କେତେକ ତାଲାକୁ ଭାଙ୍ଗି ଦେଇଛନ୍ତି। ଘଟଣା ସମ୍ପର୍କରେ ସମସ୍ତ ଦୋକାନୀ ଥାନାରେ ଏତଲା ଦେଇଛନ୍ତି। ରୂପସା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଚଳାଇଛି।

## ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ

ଜଳେଶ୍ୱର ବ୍ଲକ, ୩୦।୧୨(ସମିସ): ଗତ ଦୁଇ ଦିନ ଧରି ରାଇବଣିଆ ଅଞ୍ଚଳର କୁଶଗର୍ଡ଼, ବଡ଼ହଳଦୀଗୁଣ୍ଡି, ଛୋଟ ହଳଦୀଗୁଣ୍ଡି ନୂଆଗାଁ, ଉପରକୁଣ୍ଡି ଗାଁ ମାନଙ୍କରେ ଆତଙ୍କ ଖେଳାଉଛି ଦୁଇ ଦନ୍ତା ହାତୀ। ଛୋଟ ହଳଦୀଗୁଣ୍ଡି ଗ୍ରାମର କୁନା ମାରାଣ୍ଡିଙ୍କ ଖଳାରେ ଥିବା ଧାନ ବିଡା ଖାଇ ନଷ୍ଟ କରିଦେଇଛି ଯାହା ଫଳରେ ସେ ସମ୍ପୂର୍ଣ୍ଣ ଭାବେ ବନ ବିଭାଗକୁ ଦାୟୀ କରିଛନ୍ତି। କାରଣ ସେମାନେ ସେମାନଙ୍କର କାର୍ଯ୍ୟରେ ଅବହେଳା ଯୋଗୁଁ ହାତୀ ଚାଷୀଙ୍କ ଅଧିକ କ୍ଷୟକ୍ଷତି କରିଛି ବୋଲି କହିଥିଲେ। କ୍ଷୟକ୍ଷତିର ମଧ୍ୟ କ୍ଷତି ପୂରଣ ପ୍ରଦାନ କରିବାରେ ବନ ବିଭାଗ ଉଦାସୀନତା ଚାଷୀକୁଳ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଛି । ଏ ଦିଗରେ ବନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଚାଷୀଙ୍କ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ସାରଳା ମହାଯଜ୍ଞ ସମାରୋହ

ସିମୁଳିଆ, ୩୦।୧୨ (ସମିସ): ବିଶ୍ୱ ଶାନ୍ତି ପାଇଁ ମାର୍କୋଣାରେ ଶ୍ରୀ ଶ୍ରୀ ସାରଳା ମହାଯଜ୍ଞ ଓ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ୪୭ତମ ସାରଳା ମହାଯଜ୍ଞ ସୋମବାର ଆଚାର୍ଯ୍ୟଙ୍କ ଦ୍ୱାରା ଯଜ୍ଞ ମଣ୍ଡପ, କୁଣ୍ଡ, ତୋରଣ ସଜ୍ଜା ପ୍ରସ୍ତୁତି ଓ ଅଧିବାସ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଦିନ ୧୦୮ ଜଣ ଆଚାର୍ଯ୍ୟଙ୍କ ଦ୍ୱାରା ପଞ୍ଚାକୁଣ୍ଡିୟ ୧୦୮ ସାରଳା ବିଗ୍ରହଙ୍କୁ ୧୦୮ ସ୍ଥାନରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଭଗବାନ ଦାଶ ଗୀତା ଜୟନ୍ତୀ ଆନୁକୂଲ୍ୟରେ ଅନୁଷ୍ଠିତ ମହାଯଜ୍ଞ କମିଟିର ସଭାପତି ହୃଷିକେଶ ପଣ୍ଡା, ସମ୍ପାଦକ ହରେକୃଷ୍ଣ ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରହ୍ଲାଦ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଯଜ୍ଞ ପରିଚାଳନା କମିଟିର ବୈଦିକ ପଣ୍ଡିତ ଦୟାନିଧି ପତ୍ରି, ଦୀପକ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଭୂମିପୂଜା

ଖଇରା,୩୦।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଶିଳାନ୍ୟାସ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ଆଇନ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, କୁପାରୀ ମଣ୍ଡଳ ସଭାପତି ସୁମନ୍ତ କୁମାର ଜେନା, ସମିତି ସଭ୍ୟ ଅକ୍ଷୟ କୁମାର ଜେନା, ବିଜେପି ଯୁବ ନେତା ପ୍ରିତିଶ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଖାପାଖି ୧କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ପରେ ରୋଗୀ ମାନଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ରାସ୍ତା ଜବରଦଖଲ ହଟିଲା

ସୋର, ୩୦।୧୨ (ସମିସ): ସୋର ବ୍ଲକ ଅନନ୍ତପୁରରେ ହୋଇଛି ଜବରଦଖଲ ଉଚ୍ଛେଦ। ସୂଚନା ଅନୁସାରେ ନୂତନ କରି ହେବାକୁଥିବା ଅନନ୍ତପୁର ଲେଙ୍କାତୋଟା ଛକରୁ ପାଖର ପଞ୍ଚାୟତ ଚକାପାଦ ରାସ୍ତାରେ ଉଭୟ ପାର୍ଶ୍ୱରେ ଜବରଦଖଲକୁ ସୋର ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଛେଦ ପୂର୍ବରୁ ବହୁ ସାଧାରଣ ଜନତା ନିଜ ଘର ଗୁଡ଼ିକ ର ଆସବାବପତ୍ର ହଟାଇ ଦେଇଥିଲେ। ଦୀର୍ଘ ଦିନ ଧରି ହୋଇଥିବା ଏହି ଜବରଦଖଲ କାରଣରୁ ଅନେକ ଜାଗାରେ ରାସ୍ତାନିର୍ମାଣ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଗତ ୧୨ତାରିଖରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ଆଜି ସୋର ତହସିଲଦାର ଦୈତାରୀ ମଲ୍ଲିକ, ପୂର୍ତ୍ତ ବିଭାଗ ସମେତ ସୋର ପୋଲିସ ଓ ଟାଟା ପାୱାରର ଅଧିକାରୀ ଙ୍କ ଉପସ୍ଥିତିରେ ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା।

## ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଅଶୋକ ସେନାପତିଙ୍କ ବିୟୋଗ

ବାଲେଶ୍ୱର,୩୦।୧୨(ସମିସ): ଅବସରପ୍ରାପ୍ତ ଜିଲ୍ଲାଜଜ ଅଶୋକ କୁମାର ସେନାପତିଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ବାଲେଶ୍ୱର ଫକୀରମୋହନ କଲେଜ ପଛପଟ ଜେଲରୋଡ୍ ଅଞ୍ଚଳର ସ୍ୱର୍ଗତ ରାମଚନ୍ଦ୍ର ସେନାପତିଙ୍କ ମଧ୍ୟମ ପୁତ୍ର ଅଶୋକ କୁମାର ସେନାପତି ବିଚାରପତି ଭାବରେ କାର୍ଯ୍ୟ ଆରମ୍ଭ କରି କେନ୍ଦୁଝରରେ ଜିଲ୍ଲା ଜଜ୍ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ସେ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁସନ ଭାବରେ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରିଥିଲେ।



ତାଙ୍କର ଦୁଇ ପୁତ୍ର ଅଭ୍ୟୁଦୟ ଦୁବାଇରେ ଏକ କମ୍ପାନୀରେ ଚାକିରୀ କରୁଥିବା ବେଳେ ସାନପୁଅ ଅଭିଳାସ ସମ୍ବଲପୁର ଜିଲ୍ଲା ପୋକ୍ସ କୋର୍ଟରେ ଏଡିସନାଲ ଜିଲ୍ଲାଜଜ୍ ଭାବରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ଅଶୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଆସୁଥିଲେ। ତେବେ ଗତ ୨୯ ତାରିଖ ରାତିରେ ହଠାତ୍ ଗୁରୁତର ହୋଇ ପରଲୋକ ଗମନ କରିଥିଲେ। ଆଜି ସନ୍ଧ୍ୟାରେ ତାଙ୍କର ମରଶରୀର ଜେଲ୍‌ରୋଡ଼ର କଲେଜ ପଛପଟସ୍ଥିତ ବାସଭବନକୁ ଅଣାଯାଇଥିଲା। ପରେ ତାଙ୍କର ମରଶରୀରକୁ ନିକଟସ୍ଥ ଛତୁଆ ମଶାଣିକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର, ପୁତ୍ରବଧୂ, ପୁତୁରା ଐଶ୍ୱର୍ଯ୍ୟ ସେନାପତି, ସମ୍ପର୍କୀୟ ସାନଭାଇ ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ଝିଆରୀ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ

ବାଲିଆପାଳ, ୩୦।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା କଲେଜ ପକ୍ଷରୁ ଆରମ୍ଭ ହୋଇଥିବା ୭ ଦିନିଆ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଶିବିରରେ ଭାଗ ନେଇଥିବା ୫୦ ଜଣ ଛାତ୍ରୀଙ୍କ ଦ୍ୱାରା ମଙ୍ଗଳବାର ଚତୁର୍ଥ ଦିବସରେ ପ୍ରୋଗ୍ରାମ ଅଫିସର ଡ଼ ଲକ୍ଷ୍ମୀକାନ୍ତ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲେଜ ପରିସର,




କାଳସିମୁଳି ଖେଳ ପଡିଆରେ ସଫେଇ ଏବଂ ବୃକ୍ଷ ରୋପଣ, ସଚେତନତା ରାଲି ଆଦି କାର୍ଯ୍ୟକ୍ରମ କରାଯାଇଛି। କଲେଜର ଅଧକ୍ଷ ରାଜକିଶୋର ବାରିକ, ଅଧ୍ୟାପକ ସୁଧିର ନନ୍ଦ, ବନମାଳୀ ପରିଡା, କୃଷ୍ଣାନନ୍ଦ ପାତ୍ର, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସରୋଜିନୀ ପରିଡା ଓ ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷା ଭିତ୍ତିକ ଆଲୋଚନାଚକ୍ର

ନୀଳଗିରି, ୩୦।୧୨ (ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡିଭାଇନ ଶିକ୍ଷାନୁଷ୍ଠାନ ପ୍ରାଙ୍ଗଣରେ ଏକ ଶିକ୍ଷା ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି (ସେମିନାର ଫର୍ ରିଫ୍ରେସର)। ଏହାର ମୁଖ୍ୟ ବିଷୟ ଥିଲା ଶିକ୍ଷାର ଉଦ୍ଦେଶ୍ୟ ଜ୍ଞାନ ଆହରଣ କରିବା ନୁହଁ, ପରନ୍ତୁ ଶିକ୍ଷା ହେଉଛି ଉତ୍କର୍ଷ ମାନବର ରୂପାନ୍ତରଣ। ଆଲୋଚନା ଚକ୍ରରେ ବରେଣ୍ୟ ଅତିଥି ଭାବେ ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆର.କେ ପବ୍ଲିକ ସ୍କୁଲର ଅଧକ୍ଷା ଭାବରେ ପ୍ରତିଭା ସିଂହବାବୁ, ତଥା ପି.ଏମ୍ ଶ୍ରୀ କୈଳାଶ ଚନ୍ଦ୍ର ମାଧମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ଉପସ୍ଥିତ ରହି ଏହାର ନିର୍ଯ୍ୟାସ ଉପସ୍ଥାପନା କରିଥିଲେ। ଉକ୍ତ ଆଲୋଚନା ଚକ୍ରକୁ ଡିଭାଇନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଓ ଡିଭାଇନ ଶିକ୍ଷାନୁଷ୍ଠାନର ପରିଚାଳକ ଏହି କାର୍ଯ୍ୟକ୍ରମର ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପରେସ୍ ପୁହାଣ ଓ କ୍ରିଷ୍ଟା ସାହୁ। ପରିଶେଷରେ ଟ୍ରଷ୍ଟର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।




## ଦେଶୀମଦ ସହ ବୋଲେରୋ ଜବତ, ଦୁଇ ଅଟକ

ସୋର,୩୦।୧୨(ସମିସ): ସୋର ଥାନା କାଟୁଣୀ ଛକ ନିକଟରେ ସୋର ପୁଲିସ ତରଫରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀମଦ ସହ ଏକ ବୋଲେରୋ ଜବତ କରିବା ସହିତ ଦୁଇ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଜି ରାତିରେ କୌଣସି ସୂତ୍ରରୁ ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ କାଟୁଣି ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ନୀଳଗିରିରୁ ଔପଦା ଅଭିମୁଖେ ଯାଉଥିବା ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରେ ୧୨ ଶହ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରିଥିଲେ। ଫଳରେ ବୋଲେରୋ ସହ ଦେଶୀମଦ ଜବତ କରି ଦୁଇଜଣଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାପଡିଛି। ଏହି ଚଢ଼ାଉରେ ଏସଆଇ ପ୍ରଭାକର ସାହୁ, କନେଷ୍ଟବଳ ସଦା ମୁଦୁଲି ସମେତ ଅନ୍ୟ ପୁଲିସ କର୍ମଚାରୀ ମାନେ ସାମିଲ ଥିଲେ।

## ● ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଧାନ ପ୍ରବେଶ ରୋକିବା ଲାଗି ତତ୍ପରତା

# ୬ ସ୍ଥାନରେ ୨୪ ଘଣ୍ଟିଆ ଏନ୍‌ଫୋର୍ସମେଣ୍ଟ ଟିମ୍

ଜଳେଶ୍ୱର, ୩୦।୧୨ (ସମିସ) : ବାଲେଶ୍ୱର ଜିଲାରେ ଖରିଫ ଧାନକିଣା ଗତକାଲି ଠାରୁ ଆରମ୍ଭ ହୋଇଛି। ବାହାର ରାଜ୍ୟ ପଶ୍ଚିମବଂଗରୁ ଯେପରି କୌଣସି ଧାନ ଓଡିଶାକୁ ନ ପଶେ ସେଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ବ୍ଲକରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ୨୪ ଘଣ୍ଟିଆ ପ୍ରହରା ଚାଲିଛି। ଜଳେଶ୍ୱର ବ୍ଲକରେ ଥିବା ୬ଟି ବାଟରେ ଯେପରି ପଶ୍ଚିମବଂଗରୁ କୌଣସି ଧାନ ନ ଆସେ ସେଥିପ୍ରତି ସଜାଗ ରହିବାକୁ ଜଳେଶ୍ୱର ବ୍ଲକର ଯୋଗାଣ ଅଧିକାରୀ ଅବନ୍ତିକା ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁଇଟି ମୋବାଇଲ ଯାନ ପଇଁତରା ମାରିବାକୁ ଥିବା ବେଳେ ୩ଟି ସିଫ୍ଟରେ ପୁଲିସ୍ କର୍ମଚାରୀ, ଆର୍‌ଆଇ, ବ୍ଲକ କର୍ମଚାରୀ, ଯୋଗାଣ ବିଭାଗ କର୍ମଚାରୀ, ଆର୍‌ଏମ୍‌ସି କର୍ମଚାରୀମାନେ ଏହି ରାସ୍ତାଗୁଡିକୁ ଜଗିବେ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ଜଳେଶ୍ୱର ବ୍ଲକର ୭୬ଟି ଗ୍ରାମ ସହିତ ପଶ୍ଚିମବଂଗର ୮୪ ଗାଁ ଲାଗି ହୋଇ ରହିଥିବାରୁ ବହୁ ଗଳାବାଟରେ ଧାନ ଆସିବାର ସମ୍ଭାବନା ରହିଛି।



## ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୩୦।୧୨ (ସମିସ): ଭୋଗରାଇ ବ୍ଲକ ସାହାବାଜିପୁରସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି, ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ଭୂମିଦାତା କାର୍ତ୍ତିକ ଚନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ରମାକାନ୍ତ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ବେଳେ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହାରାଧନ ସେନାପତି, ଦେବାଶିଷ ମହାନ୍ତି, ବ୍ରତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର ବ୍ଲକ, ୩୦।୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଗରୁଡ଼ବସା ଗ୍ରାମର ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଆଜିର ପ୍ରଥମ ଖେଳରେ ମୁଖ୍ୟଅତିଥି ଭାବେ ଶ୍ୟାମନଗର ସରପଞ୍ଚ ଗିରିଜା ଶଙ୍କର ସାସମଲ, ସମିତି ସଭ୍ୟ ଫୁଲ ମୁର୍ମୁ, ପୂର୍ବତନ ସରପଞ୍ଚ ମନୋଜ ସାସମଲ ଯୋଗ ଦେଇଥିଲେ। ଯୁବକ ସଂଘର ସଭାପତି ଲକ୍ଷ୍ମଣ ମୁର୍ମୁ, ସମ୍ପାଦକ ଆନନ୍ଦ ହେମ୍ବରମ ଖେଳକୁ ପରିଚାଳନା କରିଥଲେ।

## ପୁସ୍ତକ 'ନନ୍ଦ-ବଂଶାନୁଚରିତ' ଉନ୍ମୋଚିତ

ରାଜଘାଟ, ୩୦।୧୨ (ସମିସ): ବସ୍ତା ବ୍ଲକ୍ ରଘୁନାଥପୁର ପଞ୍ଚାୟତର ଆମ୍ବକୁଣ୍ଡୁଚି ଗ୍ରାମର ନନ୍ଦଭବନ ଠାରେ ନନ୍ଦ ପରିବାରର ଜ୍ଞାତି କୁଟୁମ୍ବ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶ୍ୱହିନ୍ଦୁ ପରିଷଦର ପୂର୍ବ ଭାରତ ପ୍ରଚାରକ ଗୌରୀପ୍ରସାଦ ରଥ, ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ରତିକାନ୍ତ ପଣ୍ଡା,ଅନ୍ୟତମ ଅତିଥି ଭାବେ ନନ୍ଦ ବଂଶର ଦାୟାଦ ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ନନ୍ଦ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ଲେଖକ ବିଜୟ କୁମାର ନନ୍ଦଙ୍କ ସ୍ୱରଚିତ ପୁସ୍ତକ "ନନ୍ଦ - ବଂଶାନୁଚରିତ' ଉନ୍ମୋଚନ କରିଥିଲେ। ଶିକ୍ଷକ ଚିନ୍ମୟ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କ ମାତୃ ବିୟୋଗ

ଖଇରା,୩୦।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ୪ନମ୍ବର ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ରଙ୍କ ମାତା କମଳା ପାତ୍ର(୯୩) ମଙ୍ଗଳବାର ସକାଳେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀ, ଶଶାଙ୍କ ଶେଖର ମହାପାତ୍ର ପ୍ରମୁଖ ମୃତା କମଳାଙ୍କ ପୁରୁଷୋତ୍ତମପୁର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିଭଳି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବିଭାଗୀୟ ଅଧିକାରୀ ଅନୁପସ୍ଥିତ

# ନିମ୍ନମାନର ରାସ୍ତା କାମ ଅଭିଯୋଗ କଲେ ଗ୍ରାମବାସୀ

ବାଲିଆପାଳ, ୩୦।୧୨ (ସମିସ)

ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ଯାତାୟାତର ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ବଡ଼ ସିମୁଳିଆ ଗ୍ରାମରେ ସିସି ରୋଡ ହାଣ୍ଡିଆ ଖାଇ ମୁହଁ ଠାରୁ ବଡ ସିମୁଳିଆ ମହାଦେବ ମନ୍ଦିର ପର୍ଯ୍ୟନ୍ତ ଦୁଇ ଶହ ଷାଠିଏ ମିଟର ରାସ୍ତାର ନିର୍ମାଣ ପାଇଁ ଆର୍ଥିକ ବର୍ଷ ଅଟକଳ ମୂଲ୍ୟ ୪,୫୧,୪୪୭ ଟଙ୍କାରେ କାର୍ଯ୍ୟ ଚାଲିଛି।



ବିଭାଗୀୟ ଅଧିକାରୀଙ୍କର ଅନୁପସ୍ଥିତିରେ ରାସ୍ତା କାମ ଚାଲିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଟାଲ ଢଳେଇରେ ସିମେଣ୍ଟର ଭାଗ ମାପ କମ ରହିବା, ବାଲି, ମେଟାଲ ସିମେଣ୍ଟକୁ ସଠିକ୍ ମିଶ୍ରଣ ନକରି ଚାରି ଇଞ୍ଚ ବଦଳରେ ୩ ଇଞ୍ଚି ଢଳି ପକାଇ କାମ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହିତ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଛୁଟି ଦିନରେ କାମ କରୁଥିବା ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଯନ୍ତ୍ରୀ କହିଛନ୍ତି।

## ମଦ ଜବତ

ପାରାଦୀପ,୩୦।୧୨(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଅଞ୍ଚଳ ପାରାଦୀପଗଡ଼ରୁ ଆଜି ସନ୍ଧ୍ୟାରେ ଜଣେ ମଦ ବେପାରୀକୁ ପୁଲିସ ଗିରଫ କରିଛି। ସେ ହେଉଛନ୍ତି ପାରାଦୀପ ଗଡ଼ର ସୁର ବେହେରା। ତାଙ୍କ ନିକଟରୁ ୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ମୃତ

ବାଲିକୁଦା,୩୦।୧୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ଅରିଲୋ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଗତସିଂହପୁର ଥାନା ଅନ୍ତର୍ଗତ ବଡ଼ବାଗ ଅଞ୍ଚଳର କଳ୍ପତରୁ ମଣ୍ଡଳ (୫୨)ଙ୍କ ମୃତ୍ୟୁ ହୋଇଯାଇଛି। କଳ୍ପତରୁ ବାଲିକୁଦାରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ କାର୍ଯ୍ୟ କରୁଛନ୍ତି। ରାତିରେ ଦୋକାନ ବନ୍ଦ କରି ସେ ଜଗତସିଂହପୁରରେ ତାଙ୍କ ମାଲିକଙ୍କ ନିକଟକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ଅରିଲୋ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡ଼କୁ ଖସି ପଡ଼ିଥିଲେ। ବିଳମ୍ବ ହେବାରୁ ଦୋକାନ ମାଲିକ ତାଙ୍କ ଘରକୁ ଫୋନ୍ କରି ନ ପାଇବାରୁ ଖୋଜାଖୋଜି କରିଥିଲେ। ଅରିଲୋ ନିକଟରେ ରାସ୍ତା କଡ଼ରେ ତାଙ୍କ ଗାଡି ଓ ତାଙ୍କୁ ଦେଖି ଉଦ୍ଧାର କରି ଜଗତସିଂହପୁର ମେଡିକାଲ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲିକୁଦା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ଆଇନଜୀବୀଙ୍କୁ ଘାସଫୁଲ ସମ୍ବର୍ଦ୍ଧନା




ବାଲିକୁଦା,୩୦।୧୨(ସମିସ): ବାଲିକୁଦା ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଘାସଫୁଲ ତରଫରୁ ଏକ ସାହିତ୍ୟ ଆଲୋଚନାଚକ୍ର ସାମ୍ବାଦିକ ପ୍ରଣବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁରର ବରିଷ୍ଠ ଆଡଭୋକେଟ ବୀରନାରାୟଣ ପାତ୍ରଙ୍କୁ ଘାସଫୁଲ ସାହିତ୍ୟ ଅନୁଷ୍ଠାନ ତରଫରୁ ସମାଜସେବୀ ତଥା ଡ. ଶଶାଙ୍କ ଶେଖର ସାହାଣୀ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

## ପଙ୍କପାଳରେ ଶିକ୍ଷକଙ୍କ ସ୍ମୃତିସଭା

କୁଜଙ୍ଗ,୩୦।୧୨(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମରେ ଦିବଂଗତ ଶିକ୍ଷକ ବିଜୟ ଚନ୍ଦ୍ର ରାୟଗୁରୁଙ୍କ ଦ୍ୱାଦଶାହରେ ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିସଭା ଶିକ୍ଷକ ନେତା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଶିକ୍ଷକ ନେତା ବାବୁରାମ ଚୌଧୁରୀ ଯୋଗ ଦେଇ ସ୍ୱାଧୀନତା ପରେ ପରେ ପ୍ରଥମିକ ବିଦ୍ୟାଳୟ ଶିକ୍ଷକ ମାନଙ୍କ ସଂଘର୍ଷ ଓ ବୃତ୍ତିଗତ ନିଷ୍ଠାସ୍ମରଣ କରି ଶିକ୍ଷକ ନିଜର ସେବା ଓ କାର୍ଯ୍ୟ ପାଇଁ ସବୁଠି ପ୍ରଶଂସା ପାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ନବୀନ ପ୍ରଧାନ କବିତା ପାଠ ସହ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ପଣ୍ଡା, କୁଳମଣି ମିଶ୍ର, ବିଭୂତି ଆଚାର୍ଯ୍ୟ , କସ୍ତୁରି ଚରଣ ସିଂହ, ବିନୋଦିନୀ ତ୍ରିପାଠୀ, ରବୀନ୍ଦ୍ର ନାଥ ଚୌଧୁରୀ, ପ୍ରିୟତମା ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଉପଭୋକ୍ତା ସଙ୍ଘର ବିକ୍ଷୋଭ



କୁଜଙ୍ଗ,୩୦।୧୨(ସମିସ): କୁଜଙ୍ଗ ବ୍ଲକ୍ ବିଦ୍ୟୁତ ଉପଭୋକ୍ତା ସଙ୍ଘ ପକ୍ଷରୁ ଆଜି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଟାଟା ପାୱାର ବିଦ୍ୟୁତ କମ୍ପାନୀର ମନମାନୀ ଓ ଜୋର୍ ଜୁଲମ ବିରୋଧରେ କୁଜଙ୍ଗ ବ୍ଲକ୍ ବିଦ୍ୟୁତ ଉପଭୋକ୍ତା ସଙ୍ଘ ବିକ୍ଷୋଭ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସଙ୍ଘର ସଭାପତି ବାବୁରାମ ଚୌଧୁରୀଙ୍କ ନେତୃତ୍ୱରେ ଶତାଧିକ ବିଦ୍ୟୁତ ଉପଭୋକ୍ତାମାନେ କୁଜଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। କୃଷକ ନେତା ବିଭୂତି ଭୂଷଣ ଜେନା, ହୃଷୀକେଶ ନାଥ, ନଟବର ସେଣ, ରଜନୀକାନ୍ତ ଦାସ, ନବୀନ କୁମାର ପ୍ରଧାନ, ହରେକୃଷ୍ଣ ସେଠୀ, ପହଲି ସ୍ୱାଇଁ, ଜପହରୀ ବାରିକ, ଉତ୍ତମ ସେଠୀ, କେଦାରନାଥ ସ୍ୱାଇଁ, ଦୁର୍ଲଭ ପ୍ରଧାନ, ଗୋପିନାଥ ପ୍ରଧାନ, ନରହରୀ ସ୍ୱାଇଁ, ଦୟାନିଧି ଦଳାଇ, ପଦ୍ମନାଭ ଦାଶ, ଦାମୋଦର ଦାସ, ରବୀନ୍ଦ୍ର କୁମାର ସାହୁ, ସୁବାସ ସାମନ୍ତରାୟ, ବିଜୟ କୁମାର ଖଟେଇ ପ୍ରମୁଖ ଶତାଧିକ ବିଦ୍ୟୁତ ଉପଭୋକ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଜଗତସିଂହପୁର ଜିଲ୍ଲା ଗସ୍ତରେ ପ୍ରମୁଖ ଶାସନ ସଚିବ

# ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଜଗତସିଂହପୁର/ରଘୁନାଥପୁର/ତିର୍ତ୍ତୋଲ,୩୦।୧୨(ସମିସ)

ରାଜ୍ୟ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଆଜି ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା କାର୍ଯ୍ୟକ୍ରମରେ, କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଥମେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରିତା ସହ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଓ ବାୟୋବନ୍ଦନା କାର୍ଡର ବଣ୍ଟନ ତଥା ସ୍ୱାସ୍ଥ୍ୟସେବାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଏହାପରେ ଅଙ୍ଗନବାଡ଼ି କେନ୍ଦ୍ର, ଅନ୍ତ୍ୟୋଦୟ ଗୃହ ଯୋଜନା, ଓଡ଼ିଶା ଜୀବିକା ମିଶନ ସହ ଓରମାସର ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୟନ ଗ୍ରାମର କାରିଗରମାନଙ୍କୁ ପ୍ରୋତ୍ସାହନ ଦେବା ଦିଗରେ ଉପଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ ଉପରେ ବିଶଦ




ଆଲୋଚନା ହୋଇଥିଲା। ଶିକ୍ଷାକ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଜିଲ୍ଲାର ପିଏମ୍‌ଶ୍ରୀ ବିଦ୍ୟାଳୟ ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାରେ ପ୍ରସ୍ତାବିତ ସମସ୍ତ ବସ୍‌ଷ୍ଟାଣ୍ଡ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ ବର୍ଣ୍ଣନା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଓ ଏସ୍‌ଆର୍‌ଟିସିର ଜିଏମ୍ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ ବାଲିକୁଦା ବ୍ଲକର ଅଟଳ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ପରେ କୁଜଙ୍ଗ ବ୍ଲକ୍ ଓ ପାରାଦୀପ ପୌର ପରିଷଦ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିମନ୍ତେ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଥିଲେ। ପାରାଦୀପ ବେଳାଭୂମି ପରିଦର୍ଶନ କରି ପର୍ଯ୍ୟଟନ ବିକାଶ ଦିଗରେ ଆଲୋଚନା କରିଥିଲେ। ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା ମେଗା ପାଇପ୍ ୱାଟର ପ୍ରୋଜେକ୍ଟ, ତରତଙ୍ଗା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ଏହାର ସାମଗ୍ରୀକ ବିକାଶ ନିମନ୍ତେ ଆଲୋଚନା କରିଥିଲେ। ମଣିଜଙ୍ଗା ମହାନଦୀ ବେଳାଭୂମିରେ କେନ୍ଦ୍ର ସରକାରର ଜଳ ଜୀବନ ହର ଘର ଜଳ ଯୋଜନାରେ ନିର୍ମାଣାଧୀନ୍ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରି ଏହାର ରୂପରେଖ ଓ ପାନୀୟ ଜଳ ବିଶୋଧନ ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ରଘୁନାଥପୁରରେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ଓ ଶିଳ୍ପୀମାନଙ୍କ ନିମନ୍ତେ ରୋଜଗାର ସୃଷ୍ଟି ପାଇଁ ହସ୍ତଶିଳ୍ପ, କାଫେ ଓ ହସ୍ତତନ୍ତ ବଜାର ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ରଘୁନାଥପୁର ବ୍ଲକ ତାରପୁର ଗ୍ରାମପଞ୍ଚାୟତର ଖଣ୍ଡତରୀ ଠାରେ ଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନକୁ ସଚିବ ପରିଦର୍ଶନ କରି ଏହାକୁ ଚାଲୁ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛପଡ଼ାଠାରେ ପୂର୍ତ୍ତବିଭାଗ ଅଧୀନରେ ଚାଲୁରହିଥିବା ରେଲୱେ ଓଭରବ୍ରିଜ କାର୍ଯ୍ୟକୁ ସଚିବ ସମୀକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ବିଡିଓ ବିରଞ୍ଚି ନାରାୟଣ ବେହେରା, ଓରମାସର ଡେପୁଟି ସିଓ ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘ ଜିଲ୍ଲା ଶାଖା: ସାଧାରଣ ପରିଷଦ ବୈଠକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଜଗତସିଂହପୁର,୩୦।୧୨(ସମିସ): ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ରାଜ୍ୟ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ମହାରଣା ଯୋଗଦେଇ ଜିଲ୍ଲାରେ ସଂଘର ସମସ୍ତ ସଦସ୍ୟ ଏକତ୍ରିତ ହୋଇ କାର୍ଯ୍ୟକରିବା ସହିତ ଆଗାମୀ ଦିନରେ ସଂଘକୁ ଜିଲ୍ଲାରେ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂପାଦକ ସରୋଜକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଜିଲ୍ଲାର ଆଠଟି ବ୍ଲକ ଓ ୨ଟି ମ୍ୟୁନିସିପାଲଟିରେ ଥିବା ଓଜେୟୁ ସଂଘର କର୍ମକର୍ତ୍ତା ତଥା ସମସ୍ତ ସଦସ୍ୟ ସଦସ୍ୟାମାନେ ନିଜ ଭିତରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଘର ନୂତନ ଭାବେ ଦାୟିତ୍ୱ ନେଇଥିବା କାର୍ଯ୍ୟକାରୀ ସଭାପତି ଡ. ମାନସ ମହାନ୍ତି ଓ କୋଷାଧ୍ୟକ୍ଷ ଗୟାଧର ମହାରଣାଙ୍କୁ ରାଜ୍ୟ ସମ୍ପାଦକ ଶ୍ରୀ ମହାରଣା ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜିଲ୍ଲାର ୩ ଜଣ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ପ୍ରମୋଦ କୁମାର ନାୟକ ଏବଂ ଶଶାଙ୍କ ଶେଖର ପଣ୍ଡାଙ୍କୁ ସଙ୍ଘ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ, ସଂପାଦକ ସମୀର କୁମାର ମହାନ୍ତି, ଉପଦେଷ୍ଟା ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ଦାସ, ରାଜଦୀପ ବିଶ୍ୱାସ, ଏରସମା ବ୍ଲକର ସଭାପତି ହିସ୍ତୀରଞ୍ଜନ ଖଣ୍ଡୁଆଳ, କୁଜଙ୍ଗ ବ୍ଲକର ସଭାପତି ସୁବ୍ରତ ମଲ୍ଲିକ, ଜିଲ୍ଲାର ମୁଖ୍ୟ ସଂଯୋଜକ ଗିରିଜାପ୍ରସାଦ ମହାନ୍ତି, ସହ ସଂଯୋଜକ ସନ୍ତୋଷ ବେହେରା, ବିଚିତ୍ରାନନ୍ଦ ପ୍ରଧାନ, ସଂଗଠନ ସଂପାଦକ ବିପିନ ସେଠୀ, ପବିତ୍ର ମଙ୍ଗରାଜ, ମନୋଜ ସାହୁ, ସଦସ୍ୟ ରୀତା ସାହୁ, ବିରିଡିର ସୁବାସ ସ୍ୱାଇଁ, ରଘୁନାଥପୁର ଅମୂଲ୍ୟ ମହାପାତ୍ର, ମିଳନ ଜେନା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଜିଲ୍ଲା ସଂଘ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଜିଲ୍ଲା ଉପସଭାପତି ରଞ୍ଜନ ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୁନିଅର ବ୍ୟାଚ୍ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

ବାଲିକୁଦା,୩୦।୧୨(ସମିସ): ବାଲିକୁଦା ବ୍ଲକ ବୋରିକିନା ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୩ ମସିହା ଜୁନିଅର ବ୍ୟାଚ୍‌ଙ୍କର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ଏକାଠି ହୋଇ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନ ପକାଇ ରୋମନ୍ଥନ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ବିଜୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ଦାସ, ବିଷ୍ଣୁଚରଣ ମହାନ୍ତି, ଜ୍ଞାନରଞ୍ଜନ ପଣ୍ଡା, ପ୍ରଭାତୀ ମହାରଣା, କ୍ଷେତ୍ରବାସୀ ସାହୁ, ରୋଜାଲିନ ମହାନ୍ତି, ଉର୍ମିଳା ଶତପଥି, ତପନ କୁମାର ବେହେରା, ଅକ୍ଷୟ ସାହୁ, ଜ୍ଞାନେନ୍ଦ୍ର ଶତପଥି, ନିରଞ୍ଜନ ପାଢ଼ୀ, ସବିତା ନାୟକ, ବାସୁଦେବ ଜେନା, ନିତ୍ୟାନନ୍ଦ ପାତ୍ର, ସଂଯୁକ୍ତା ସାହୁ, କାଦମ୍ବିନୀ ମହାନ୍ତି, ବସ୍ତୁ ଚରଣ ଛାଟୋଇ, ପ୍ରମୋଦ କୁମାର ଦାଶ ପ୍ରମୁଖଙ୍କ ସହିତ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତଥିଲେ।

## ମେରାଇନ ଥାନା ପକ୍ଷରୁ କ୍ରିକେଟ ମ୍ୟାଚ୍



ପାରାଦୀପ,୩୦।୧୨(ସମିସ): ପାରାଦୀପ ନେହରୁ ବଙ୍ଗଳାଠାରେ ପୁଲିସ କମ୍ୟୁନିଟି ପକ୍ଷରୁ ଏକ କ୍ରିକେଟ୍ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଢିଙ୍କିଆ ପଞ୍ଚାୟତ କ୍ରିକେଟ ଟିମ୍ ଓ ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଢିଙ୍କିଆ ପଞ୍ଚାୟତ କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା। ଅତିଥି ଭାବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତିରଞ୍ଜନ କର ଓ ମେରାଇନ ଥାନାର ଭାରପ୍ରାପ୍ତ ଅଧିକାରୀ ବବିତା ଦେହୁରୀ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ଗହଳି ରହିଥିଲା।

## ସଂଗଠିକା ଆରତୀ ଦାସଙ୍କ ପରଲୋକ

ଜଗତସିଂହପୁର,୩୦।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ସତ୍ୟସାଇ ସେବା ସଂଗଠନର ବରିଷ୍ଠ ସଦସ୍ୟା ତଥା ସୁସଂଗଠିକା ଆରତୀ ଦାସ (୯୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଏବଂ ପରୋପକାରୀ ମହିଳା ଥିଲେ। ପୁନଙ୍ଗ ସାଇମନ୍ଦିର ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ୧୯୯୧ ମସିହାରେ ସାଇ ମନ୍ଦିର ନିର୍ମାଣ କରିବା ତାଙ୍କର ମୁଖ୍ୟ



ପରିକଳ୍ପନା ଥିଲା। ଆଜି ତାଙ୍କ ବିୟୋଗରେ ଏକ ବିରାଟ ଶୂନ୍ୟସ୍ଥାନ ହୋଇ ରହିଗଲା ବୋଲି ଶ୍ରୀସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆବାହକ କବିଚନ୍ଦ୍ର ବେହେରା, ରଜନୀକାନ୍ତ ଚୌଧୁରୀ, ପ୍ରତାପ ମହାନ୍ତି, ମହେନ୍ଦ୍ର ମଲ୍ଲିକ, ସ୍ମୃତିରଞ୍ଜନ ବେହେରା, ଶଶିରେଖା ବେହେରା, ଗୌରୀ ବେହେରା ଶ୍ରଦ୍ଧାଞ୍ଜଳି ପ୍ରଦାନ କରି କହିଛନ୍ତି।

## ମୁମ୍ବାଇରେ ଭାଗବତ କଥା ଆୟୋଜିତ





ଜଗତସିଂହପୁର,୩୦।୧୨(ସମିସ): ଜୟ ଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ତତ୍ତ୍ୱାବଧାନରେ ମୁମ୍ବାଇର ମୀରାରୋଡ୍ ସ୍ଥିତ ଇଡେନ୍ ରୋଜ୍ ପରିସରର ଥିବା ଶିବମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ କଥା ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଉପସ୍ଥିତି ରହି ଭାଗବତ ଶ୍ରବଣ କରିଥିଲେ। ଜୟ ଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ସଂସ୍ଥାପକ ପ୍ରସିଦ୍ଧ ଭାଗବତ କଥାବାଚକ ଏଚ୍‌ଜି ଗୋପୀକାନ୍ତ ଦାସଜୀ ଏହି କଥାର ପ୍ରବଚନ ଦେଇଥିଲେ। ଏହି ଅବସରରେ ମହାରାଷ୍ଟ୍ର ସରକାରଙ୍କ ପରିବହନ ମନ୍ତ୍ରୀ ପ୍ରତାପ ସରନାଇକ ଉପସ୍ଥିତ ରହି ଭକ୍ତମାନଙ୍କୁ ସମ୍ବୋଧନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମକୁ ନାରାୟଣ ମହାରଣା, ତପନ କୁମାର ମହାରଣା, କୃଷ୍ଣା ବେହେରା, କଳ୍ପନା ସାହୁ, ସତ୍ୟବୀର ସିଂହ, ମନୋରଞ୍ଜନ ପୃଷ୍ଟି ଓ ରଘୁନାଥ ସାହୁଙ୍କ ସହିତ ଅନେକ ଭକ୍ତବୃନ୍ଦଙ୍କ ପରିଚାଳନା କରିଥିଲେ।

### ପାରାଦୀପକୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ

# ମୁହାଣ, ପଥରବନ୍ଧ, ଲାଇଟ୍‌ହାଉସ୍ ପାଲଟିଛି ଆକର୍ଷଣ

ପାରାଦୀପ, ୩୦।୧୨ (ସମିସ)

ଏବେ ଚାଲିଛି ପର୍ଯ୍ୟଟନ ଋତୁ, ଯାହାକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି ସମସ୍ତ ପର୍ଯ୍ୟଟନ ସ୍ଥଳ। ଏହି ସମୟରେ ହିଁ ବନ୍ଦରନଗରୀ ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ। ବଙ୍ଗୋପସାଗରର ନୀଳ ଜଳରାଶି, ସମୁଦ୍ର ଓ ମହାନଦୀର ମିଳନସ୍ଥଳୀ, ପଥରବନ୍ଧ, ଲାଇଟହାଉସ, ସାଇନ୍ସପାର୍କ, ଜଳଜୀବ ସଂଗ୍ରହାଳୟ, ପାରାଦୀପ ବନ୍ଦର ବୁଲି ଦେଖିବା ସହିତ ମନ୍ନତ ଉଦ୍ୟାନରେ ବଣଭୋଜିର ମଜା ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ବଣଭୋଜିର ଭୋଜିଭାତର ଆସର ସାଙ୍ଗକୁ ନାଚଗୀତରେ ବିଭୋର ହେଉଛନ୍ତି ପର୍ଯ୍ୟଟକ। ଯାହାକୁ ନେଇ ବନ୍ଦର ନଗରୀ ପାରାଦୀପ ପର୍ଯ୍ୟଟକଙ୍କ ସମାହାରରେ ହୋଇପଡ଼ିଛି କୋଳାହଳ। ନେହରୁବଙ୍ଗଳା ନିକଟସ୍ଥ ମୁହାଣ ମୁହଁର ନୀଳ ଜଳରାଶିରେ ବୋଟରେ ବୁଲିବା



ନିଆରା ମଜା ନେଉଛନ୍ତି ତ କିଏ ଭୋଜିଭାତ, ନାଚଗୀତର। ହେଲେ କିଛିବର୍ଷ ହେବ ପାରାଦୀପ ମ୍ୟୁନିସିପାଲିଟିର ଚାନ୍ଦା ଆଦାୟକୁ ନେଇ ପର୍ଯ୍ୟଟକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ମହିଳା ଏସ୍‌ଏଚ୍‌ଜି ଗ୍ରୁପ ମାନଙ୍କୁ ପିଣ୍ଡିର ରକ୍ଷଣାବେକ୍ଷଣ ଓ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସ୍ଥଳୀ କରିବାକୁ ମ୍ୟୁନିସିପାଲିଟିର ପ୍ରୟାସ ଧୀରେ ଧୀରେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ବୃଦ୍ଧି ପାଇବା ସହିତ ବୁଲା ଗାଈଗୋରୁଙ୍କ ଦୌରାତ୍ମ୍ୟ ସାଙ୍ଗକୁ ପିଣ୍ଡି ଭଡ଼ାଦେଇ ଭୋଜିଭାତ କରିବା ସ୍ଥଳ ଅପରିଷ୍କାର ରହୁଥିବା ନେଇ ଅଭିଯୋଗ ଆଣିଛନ୍ତି ଦୂର ଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ। ବିଭିନ୍ନ ସମୟରେ ବେଆଇନ ଭାବରେ ଚାନ୍ଦା ଆଦାୟ କରାଯିବା ସହିତ ପର୍ଯ୍ୟଟକ ଦୁର୍ବ୍ୟବହାର କରାଯାଉଥିବା ନେଇ ମଧ୍ୟ କିଛି ପର୍ଯ୍ୟଟକ ଅଭିଯୋଗ ଆଣିଛନ୍ତି। ପ୍ରକୃତିର ବରଦାନ ପାଲଟିଥିବା ପାରାଦୀପର ପର୍ଯ୍ୟଟନ ସ୍ଥଳୀକୁ ସଫା ରଖିବା ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବନ୍ଦୋବସ୍ତ କରାଗଲେ ପାରାଦୀପ ଓଡିଶା ପର୍ଯ୍ୟଟନରେ ପ୍ରମୁଖ ସ୍ଥାନ ପାଲଟିବ। ଯେଉଁଭଳି ପର୍ଯ୍ୟଟକଙ୍କ ଅଭିଯୋଗ ରହିଛି ଯଦି ଏହାକୁ ପୌରପ୍ରଶାସନ ସମାଧାନ ନ କରେ ତେବେ ଆଗାମୀ ବର୍ଷ ମାନଙ୍କରେ ପାରାଦୀପ ପର୍ଯ୍ୟଟକ ଶୂନ୍ୟ ହୋଇଯିବା ଭଳି ସମ୍ଭାବନା ସୃଷ୍ଟି ହୋଇଛି।

## ସମାଜସେବୀଙ୍କ ସ୍ମୃତିସଭା

ଏରସମା,୩୦।୧୨(ସମିସ): ଏରସମା ବ୍ଲକ ଅଧିନ ସୋମପୁର ଗ୍ରାମରେ ବରିଷ୍ଠ ମୁରବି ତଥା ସମାଜସେବୀ ସପନି ବେହେରାଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଇନଜୀବୀ ବିରନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ପୂର୍ବତନ ମହିଳା କମିସନ ଅଧ୍ୟକ୍ଷା ଡ.ମିନତି ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୁର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡ.ରାଜଶ୍ରୀ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ପ୍ରଧାନ, ପୂର୍ବତନ ଶିଶୁ ବିଭାଗ କମିସନର କସ୍ତୁରୀ ମହାପାତ୍ର, ବିଜେଡି ରାଜ୍ୟ ସଂପାଦିକା ସୁମିତ୍ରା ଜେନା, ସୋୟା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଦାସ, କ୍ରିପକୋର ନିର୍ଦ୍ଦେଶକା କବିତା ପରିଡା, କର୍ପୋରେଟର ରଞ୍ଜୁଲତା ରାୟ ଯୋଗ ଦେଇ ସ୍ମୃତି ଚାରଣ କରିଥଲେ। ଶେଷରେ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

## ସମାଜସେବୀ ବିଭୂତି ଭୂଷଣଙ୍କ ପରଲୋକ

ତିର୍ତ୍ତୋଲ,୩୦।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ ଡଣ୍ଡୁଆ ଗ୍ରାମର ସମାଜସେବୀ ବିଭୂତି ଭୂଷଣ ପରିଜା (ମଣ୍ଟୁ)ଙ୍କ ହୃଦଘାତ୍‌ରେ ପରଲୋକ ହୋଇଯାଇଛି। ସେ ତିର୍ତ୍ତୋଲର ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାମନ୍ତରାୟଙ୍କ ପଟ୍ଟଶିଷ୍ୟ ଭାବେ କାର୍ଯ୍ୟ କରିଥିଲେ। ଜଣେ ସଂଗଠକ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ। ସେ କୋଲର୍ ପଞ୍ଚାୟତର ବିଭିନ୍ନ



ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ହୋଇ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ବିୟୋଗରେ କୋଲର୍ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ରବି ଫସଲ ପାଇଁ କୃଷି ରଣନୀତି କମିଟି ବୈଠକ

# ୨୧୦୦୦ ମେଟ୍ରିକ୍ ଟନ୍ ଧାନ ଓ ଅଣଧାନ ଫସଲ ଉତ୍ପାଦନ ଲକ୍ଷ୍ୟ

ଖୋର୍ଦ୍ଧା, ୩୦।୧୨ (ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲାରେ ରବି ଫସଲ ୨୦୨୫-୨୬ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ କୃଷି ରଣନୀତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କୃଷି, ଉଦ୍ୟାନ କୃଷି, ଜଳସେଚନ, ଉଠା ଜଳସେଚନ, ପ୍ରାଚୀ ଖଣ୍ଡ ଜଳସେଚନ, ମୃତ୍ତିକା ସଂରକ୍ଷଣ, ଜିଲ୍ଲାରେ ହୋଇଥିବା ବର୍ଷା ଅନୁପାତ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ।

ସେହିପରି ଅଧ୍ୟକ୍ଷ ଜିଲ୍ଲାରେ ଶିକ୍ଷା, ସୂଚନା ଓ ଯୋଗାଯୋଗ (ଆଇସି) କ୍ୟାମ୍ପ କରାଇ ମସଲା ଜାତୀୟ କୃଷି ବୃଦ୍ଧି କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧରିତ୍ରୀ ମାତା ବଚାଓ ଅଭିଯାନ, ବିପଣନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମାର୍କଫେଡ୍ କାର୍ଯ୍ୟଧାରା, ଶ୍ରୀ ଅନ୍ନ ଅଭିଯାନ, କ୍ଲଷ୍ଟରସ୍ତରୀୟ ମୁଗ, ବିରି ପ୍ରଦର୍ଶନ, କୃଷି ମେଳା ଓ ପ୍ରଦର୍ଶନୀ, କୃଷକ ପଞ୍ଜୀକରଣ, ରବି ଋତୁରେ ଶସ୍ୟ ପ୍ରଦର୍ଶନୀ, କୃଷି ସୁରକ୍ଷା କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଅମୃତ ଅନ୍ନ ଅଭିଯାନ,ସମନ୍ୱିତ କୃଷି ପଦ୍ଧତି, ଛତୁ ଚାଷକୁ ପ୍ରୋତ୍ସାହିତ କରିବା ଆଦି ବିଭିନ୍ନ ଯୋଜନା ରଣନୀତି ସମ୍ବନ୍ଧରେ ଅଧ୍ୟକ୍ଷ ବିଭାଗୀୟ ସମୀକ୍ଷା କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ଅଧ୍ୟକ୍ଷଙ୍କୁ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ।

ସୂଚନାନୁସାରେ, ଜିଲ୍ଲାରେ ଏପ୍ରିଲରୁ ଅକ୍ଟୋବର ୨୦୨୫ରେ ବର୍ଷାର ପରିମାଣ ୧୩୦୮.୫ ମିଲି ମିଟର ଥିଲା। ଖରିଫ ୨୦୨୫ ଋତୁରେ ଧାନ, ମକା, ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ, ପନିପରିବା, ମସଲା ଯୁକ୍ତ ଓ ଆଖୁ ଚାଷ ମୋଟ ୧୮୪୮୦ ମେଟ୍ରିକ୍ ଟନ୍ ଉତ୍ପାଦ ମିଳିଥିଲା। ସେହିପରି ରବି ଋତୁ ୨୦୨୫-୨୬ ବର୍ଷରେ ଧାନ, ମକା, ବାଜରା, ଆଖୁ, ଡାଲି, ମସଲା, ପନିପରିବା ଆଦିକୁ ମିଶାଇ ମୋଟ ୨୧୦୦୦ ମେଟ୍ରିକ୍ ଟନ୍ ଉତ୍ପାଦ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ୨୦୨୫ବର୍ଷରେ ମାଟି ସ୍ୱାସ୍ଥ୍ୟ କାର୍ଡ ୮୮୪୫ ପ୍ରସ୍ତୁତ କରାଯାଇ ୬୩୭୩ ବଣ୍ଟନ କରାଯାଇଛି। ୨୦୨୫-୨୬ ରବି ଫସଲକୁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲାରେ ସଫଳ କରିବା ଜନିତ ଚାଷୀମାନଙ୍କୁ ୪୧୩୦୦.୦୦ ଲକ୍ଷ ଋଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ସମସ୍ତ ବ୍ଲକର କୃଷି ଅଧିକାରୀ, ଜଳସେଚନ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଡ. ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

ସେହିପରି ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ମରୁଡି ପରିଚାଳନା ଯୋଜନାକୁ ସମସ୍ତ ସଦସ୍ୟ ସଦସ୍ୟାଙ୍କ ଅବଗତି ନିମନ୍ତେ ପ୍ରକାଶ କଲାପରେ ସମସ୍ତଙ୍କ ସମ୍ମତି ଅଧ୍ୟକ୍ଷଙ୍କ ପରାମର୍ଶକ୍ରମେ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ସ୍ଥିରୀକୃତ ହୋଇଥିଲା।

## ୨୩ ଗୋରୁ ଉଦ୍ଧାର, ୪ ଗିରଫ

ଖୋର୍ଦ୍ଧା, ୩୦।୧୨(ସମିସ): ଶିଳ୍ପାଞ୍ଚଳ ପୁଲିସ ସ୍ଥାନୀୟ ଠେଙ୍ଗାହାଟ ଅଞ୍ଚଳରୁ ୨୩ ଗୋରୁଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା ପରେ କଳାପଥରସ୍ଥ ଗୋସାଳାରେ ଛଡାଯାଇଛି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ବାଙ୍କୀ ବନହରସାହିର ଉମେଶ ଜେନା (୩୫) ଓ ଅଶୋକ ନାୟକ (୨୫) ଏବଂ ବାଙ୍କୀ ଡାମରା ସାହି ର ସୁକୁଟା ରାଉତରାୟ (୪୬) ଓ ସଉରି ବସ୍ତି (୬୨)। ଥାନା ଅଧିକାରୀ ଉମେଶ ସାହୁ ସୂଚନା ଅନୁସାରେ, ଅଭିଯୁକ୍ତ ୪ଜଣ ବାଙ୍କୀ ଦିଗରୁ ଗୋରୁ ପଲ୍ଲଙ୍କୁ ଚଲାଇ ଚଲାଇ ତରତୁଆ ଅଭିମୁଖେ ନେଉଥିଲେ। ଏହାଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବାରେ ପୁଲିସ ପହଁଚି ସମସ୍ତ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡିବା ସହ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ପତିପତ୍ନୀ କଳହ, ସ୍ୱାମୀର ଆତ୍ମହତ୍ୟା

ବେଗୁନିଆ,୩୦।୧୨(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଶାମୁକା ପାଟଣା ଗ୍ରାମର ଶାମୁକା ପାଟଣା ଗ୍ରାମର ଗୁଣନିଧି ବେହେରାଙ୍କ ପୁଅ ଶିବ ପ୍ରସାଦ (୪୧) ଓ ତାଙ୍କ ପତ୍ନୀ ସବିତା ମଧ୍ୟରେ ପରକୀୟା ପ୍ରୀତିକୁ ନେଇ କଳହ ହୋଇଥିଲା। ପରେ ଶିବ କେଉଟପାଟଣାରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୁରୀ ଜିଲ୍ଲା ପିପିଲି ଥାନା ଅଞ୍ଚଳର ଏକ ଦମ୍ପତି ଗେଡିଆପଲ୍ଲୀ ଗ୍ରାମରେ ୫ ବର୍ଷ ହେବ ଭଡା ଘରେ ରହି ତନ୍ତ କାମ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ତେବେ ଶିବ ସେଠାକୁ ଯାଇ ସମ୍ପୃକ୍ତ ମହିଳାଙ୍କ ସହ ପରକୀୟା ପ୍ରୀତି ରଖିଥିବାର କୌଣସି ସୂତ୍ରରୁ ପତ୍ନୀ ସବିତା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ପତି ପତ୍ନୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବାରୁ ସହ୍ୟ କରି ନ ପାରି ଶିବ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘଟଣା ସ୍ଥଳରେ ପୁଲିସ ପହଁଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏହି ଘଟଣାରେ ଅତିରିକ୍ତ ଥାନା ଅଧିକାରୀ ଅନିଲ ନାୟକ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟା ନା ଆତ୍ମହତ୍ୟା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣା ପଡ଼ିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ବୃଦ୍ଧା ଓ ଖବରକାଗଜ ହକର ଗୁରୁତର

ବାଣପୁର, ୩୦।୧୨(ସମିସ): ମଙ୍ଗଳବାର ସକାଳେ କୁଲେଇ ପଞ୍ଚାୟତର ବିଞ୍ଝାଳା ମଠ ସାହି ଗ୍ରାମର କାର୍ତ୍ତିକ ଜେନା ନାମକ ଜଣେ ଯୁବକ ଏକ ବାଇକରେ ଦ୍ରୁତ ଗତିରେ ଯାଉଥିବା ସମୟରେ ନାଚୁଣୀ ଥାନା ଅଧିନ ଗମ୍ଭାରୀମୁଣ୍ଡା ଫାଣ୍ଡି ନିକଟରେ ବାଦାମ ବିକ୍ରି କରୁଥିବା ଜଣେ ୭୦ ବର୍ଷର ବୃଦ୍ଧାଙ୍କୁ ଶକ୍ତ ଧକ୍କା ଦେଇଥିବା ବେଳେ ଉକ୍ତ ରାସ୍ତାରେ ଯାଉଥିବା ଆୟତପୁର ଗ୍ରାମର ରାଜା ଜେନା ନାମକ ଜଣେ ଖବରକାଗଜ ହକରଙ୍କୁ ମଧ୍ୟ ଶକ୍ତ ଧକ୍କା ଦେଇଥିଲା। ଦୁହେଁ ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଦୁଇ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ବାଦାମ ବିକ୍ରି କରୁଥିବା ବୃଦ୍ଧାଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଡାକ୍ତର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

## ମହିଳାଙ୍କଠାରୁ ଲୁଟ୍ ଘଟଣାରେ ଲୁଟେରା ଗିରଫ

ଖୋର୍ଦ୍ଧା,୩୦।୧୨(ସମିସ): ସଦରଥାନା ପୁଲିସ ଗତକାଲି ଜଣେ ମହିଳାଙ୍କ ଠାରୁ ଲୁଟ ଘଟଣାରେ ଲୁଟେରାକୁ ଗିରଫ କରିଛି। ଗିରଫ ଜଣକ ହେଲେ ସ୍ଥାନୀୟ ମାଧପୁର ଗ୍ରାମର କୃଷ୍ଣଚନ୍ଦ୍ର ବଡଜେନା (୨୫)। ତା ଠାରୁ ଲୁଟ ହୋଇଥିବା ସୁନା ଚେନ୍, ୧୨,୭୦୦ଟଙ୍କା ଓ ଲୁଟ୍‌ରେ ବ୍ୟବହୃତ ବାଇକ୍ ପୁଲିସ ଜବତ କରିଛି। ଅନନ୍ତାପଲ୍ଲୀ ଗ୍ରାମର ସୌଭାଗ୍ୟଲକ୍ଷ୍ମୀ ରଥ ଗତ ଶନିବାର ସକାଳେ ସ୍କୁଟି ଯୋଗେ ବାପଘର ଜଟଣୀକୁ ଯାଉଥିଲେ। କଙ୍କଡାହାଡ ଛକ ଦେଇ ଯାଉଥିବାବେଳେ କୃଷ୍ଣଚନ୍ଦ୍ର ଏକ ବାଇକ୍‌ରେ ଆସି ତାଙ୍କୁ ସାଇଡ ମାରିଥିଲା। ସେ ପଡିଯିବା କ୍ଷଣି ତାଙ୍କ ବେକରେ ଥିବା ସୁନାଚେନ୍, ଭ୍ୟାନଟି ରେ ଥିବା ୧୭ହଜାର ଟଙ୍କାକୁ ଅଭିଯୁକ୍ତ ଲୁଟିନେଇଥିଲା। ସୌଭାଗ୍ୟଲକ୍ଷ୍ମୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ହୋଇ ଫେରି ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୃଷ୍ଣଚନ୍ଦ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି।

## ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ



ବାଣପୁର,୩୦।୧୨(ସମିସ): ଭଗବତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟର ୨୭ତମ ବାର୍ଷିକୋତ୍ସବ ଅନୁଷ୍ଠାନର ପରିଚାଳନା ପରିଷଦ ସଭାପତି ରାଜକିଶୋର ଭୋପାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟତମ ଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ 'ସମାଜ'ର ସହକାରୀ ସଂପାଦକ ଡଃ.ସୁଜିତ ମିଶ୍ର ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜରେ ଶିକ୍ଷାରେ ପ୍ରତିଦ୍ୱନ୍ଦିତା ବୃଦ୍ଧି ପାଉଥିବାରୁ ଏଥିପାଇଁ ଛାତ୍ରଛାତ୍ରୀ ଅଧିକ ପରିଶ୍ରମୀ ହେବା ସହ ଆଧୁନିକ କୌଶଳର ଶିକ୍ଷା ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଗୁରୁଜୀ ଅବିନାଶ ପଟ୍ଟନାୟକ ଅତିଥି ପରିଚୟ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଂପାଦକ ଶ୍ୟାମସୁନ୍ଦର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଜ୍ୟୋତିଷ କର୍ମକାଣ୍ଡ ଓ ପୂଜାବିଧି ସଂହିତା ଗ୍ରନ୍ଥ ଲୋକାର୍ପଣ

ବାଲୁଗାଁ, ୩୦।୧୨(ସମିସ): ବାଲୁଗାଁ ଅଶୋକନଗରସ୍ଥିତ ଶ୍ରୀଉମାମହେଶ୍ୱର ବଣିକସଂଘ ପରିସରରେ ଜ୍ୟୋତିଷ କର୍ମକାଣ୍ଡ ଓ ଜ୍ୟୋତିଷ ପୂଜାବିଧି ସଂହିତା ସମ୍ପର୍କିତ ଦୁଇଟି ଗ୍ରନ୍ଥର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



କୈଳାଶ ନାଥ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଚିଲିକା ବିଧାୟକ ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ତନ୍ତ୍ର ଉପାସକ ପଣ୍ଡିତ ମହେଶ୍ୱର ଦାଶ ଶର୍ମାଙ୍କ ରଚିତ ନାରଦୀୟ ଜ୍ୟୋତିଷ ସଂହିତା ଓ ଶ୍ୟାମା ପଦ୍ଧ ପୂଜା ବିଧାନମ ଆଦି ଦୁଇଟି ଗ୍ରନ୍ଥକୁ ଲୋକାର୍ପଣ କରିଛନ୍ତି। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଭାତ ମହାପାତ୍ର, ଶ୍ରୀଜଗନ୍ନାଥ ସାଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରସନ୍ନ ସ୍ୱାଇଁ, ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପୁରୀର କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀ ଓ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଶ୍ରୀମନ୍ଦିର ପୁରୀର ଉପସଭାପତି ପଣ୍ଡିତ ବିଶ୍ୱମ୍ଭର ଦାଶ ପ୍ରମୁଖ ସାମିଲ ମତବ୍ୟକ୍ତ କରିଥିଲେ।

## ଚିଲିକାରେ ପକ୍ଷୀ ସୁରକ୍ଷା ସଚେତନତା ସାଇକଲ ଶୋଭାଯାତ୍ରା

ବାଲୁଗାଁ, ୩୦।୧୨(ସମିସ): ଚିଲିକା ବନ୍ୟ ପ୍ରାଣୀ ଡ଼ିଭିଜନ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ସୁରକ୍ଷା ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ କରାଯାଉଛି। ଏପରିସ୍ଥଳରେ



ମଙ୍ଗଳବାର ସକାଳେ ବନ୍ୟପ୍ରାଣୀ ବିଭାଗ ତରଫରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ ହୋଇ ଚିଲିକା ତଟଦେଶ ସ୍ଥିତ ମଙ୍ଗଳାଯୋଡି, ମୁକ୍ତେଶ୍ୱର, ସୋରଣ ଓ ନଇରୀ ଆଦି ପକ୍ଷୀ ଶିକାର ହେଉଥିବା ଅଞ୍ଚଳରେ ପକ୍ଷୀ ସୁରକ୍ଷାର ବିଭିନ୍ନ ସ୍ଲୋଗାନ ଦେଇ ସାଇକଲ ଶୋଭାଯାତ୍ରା କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଉକ୍ତ ସଚେତନତା ଶୋଭାଯାତ୍ରାକୁ ଚିଲିକା ବନ୍ୟପ୍ରାଣୀ ଡିଏଫଓ ଅମ୍ଲାନ ନାୟକ ପତକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ସଂଜୟ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଧନେଶ୍ୱର ବିଧାର ଓ ପରିବେଶ ବିସାରଦ ବିଜୟ ସେଠୀ ପ୍ରମୁଖଙ୍କ ସମେତ ବନ୍ୟପ୍ରାଣୀ ବିଭାଗର ସମସ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ।

## କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନିରାକାରପୁର, ୩୦।୧୨ (ସମିସ): ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଦୁଃଶାସନ ଗୁମାନସିଂହ, ମୁଖ୍ୟବକ୍ତା ଭାବେ ବିଜେବି କଲେଜର ଇଂରାଜୀ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଗିରିଜା କାନ୍ତ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ଲକ୍ଷ୍ୟାଭିମୁଖୀ ହେବା ନିମନ୍ତେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ କିଶୋର କୁମାର ସାହୁ ଯୋଗ ଦେଇ ଉତ୍ତମ ମଣିଷ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଇଂରାଜୀ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡାରେ ବାଳକ ବିଭାଗରେ ଜୟଦେବ ସ୍ୱାଇଁ ଓ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ପାତ୍ର ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଅଧ୍ୟାପକ ନରୋତ୍ତମ ସାହୁ, ଅଧ୍ୟାପକ ଜଗତଜ୍ୟୋତି ମିଶ୍ର, ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ, ଅଧ୍ୟାପିକା ପ୍ରିୟଦର୍ଶିନୀ ମହାନ୍ତି ସହଯୋଗ କରିଥିଲେ। ଅଧ୍ୟାପକ ଅଶୋକ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଆରଟିଏସ୍ ପରୀକ୍ଷାରେ ସ୍ୱୟଂ ସର୍ବଜିତ୍ ବ୍ଲକ୍‌ରେ ପ୍ରଥମ

ବାଣପୁର,୩୦।୧୨(ସମିସ): ଚଳିତ ୨୦୨୫-୨୬ ଶିକ୍ଷାବର୍ଷର ଏନ୍‌ଆରଟିଏସ୍ ପରୀକ୍ଷାରେ ବାଣପୁର ବ୍ଲକ ଅଧୀନ ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେଧାବୀ ଛାତ୍ର ସ୍ୱୟଂ ସର୍ବଜିତ୍ ତ୍ରିପାଠୀ ବାଣପୁର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ଥଳେ ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି।



ପୂର୍ବରୁ ସ୍ୱୟଂ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇବାରେ ସଫଳ ହୋଇଥିଲେ। ସେ ବାଣପୁର୍ ଏନଏସି ଅନ୍ତର୍ଗତ ତୁଳସୀଦେଈପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନାୟକ ତ୍ରିପାଠୀଙ୍କ ନାତି ତଥା ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟାପକ ସୁବ୍ରତ ତ୍ରିପାଠୀ ଓ ଭେଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃତିଶିକ୍ତା ନନ୍ଦଙ୍କ ସୁପୁତ୍ର। ଏହି ସଫଳତା ପାଇଁ ସର୍ବଜିତ୍‌ଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ଓଳସିଂହ ପ୍ରିମିୟର ଲିଗ୍: ଏମ୍ ଏସ୍ ଟାଇଗର ଚାମ୍ପିଅନ

ନିରାକାରପୁର, ୩୦।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ଗ୍ରାମସ୍ଥିତ ଦାଶରଥି ଖେଳ ପଡିଆରେ ଆୟୋଜିତ ଓଳସିଂହ ପ୍ରିମିୟର ଲିଗ୨୦୨୫ (ଓପିଏଲ୍) ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଏମ ଏସ ଟାଇଗର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୫ ଓଭରରେ ୭୩ ରନ କରିଥିଲେ। ଜବାବରେ ୧୧ ଷ୍ଟାର ଦଳ ୫ ଓଭରରେ ୪ ଉଇକେଟ ବିନିମୟରେ ୫୦ ରନ



କରି ପରାଜିତ ହୋଇଥିଲା। ୪୭ ରନ ସଂଗ୍ରହ କରି ଶୁଭେନ୍ଦୁ ମହାପାତ୍ର ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅମର ପରିଡାଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ ସମାଜସେବୀ ଚିତ୍ତରଞ୍ଜନ ଭୋଳ, ରାଜା ବେହେରା, ମାନିନୀ ବେହେରା, ସତ୍ୟଭାମା ଭଞ୍ଜ, ଜମ୍ବେଶ୍ୱର ବୈରୀଗଞ୍ଜନ, ଦାଶରଥି ବରିସଲ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଶାମ୍ବ ଦଶମୀରେ ସୂର୍ଯ୍ୟପୂଜା

ବାଲୁଗାଁ, ୩୦।୧୨(ସମିସ): କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ଦୁର୍ବାଶା ଋଷି ପ୍ରଭୁ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବକୁ ଅଭିଶାପ ଦେଇଥିଲେ। ସେହି ଅଭିଶାପରେ ଶାମ୍ବ କୁଷ୍ଠ ରୋଗରେ ବ୍ୟାଧିଗ୍ରସ୍ତ ହୋଇଥିଲେ। ଏହି ରୋଗରୁ ମୁକ୍ତି ପାଇଁ ସେ ଭଗବାନ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କରି ବ୍ୟାଧିମୁକ୍ତ ହୋଇଥିଲେ । ଏହି ପୌଷମାସ ଶୁକ୍ଲପକ୍ଷ ଦଶମୀ ତିଥିରେ ଶାମ୍ବ ସୂର୍ଯ୍ୟନାରାୟଣ ଦେବଙ୍କ ଏକ ମଣିବିଗ୍ରହ ପାଇଥିଲେ। ସୂର୍ଯ୍ୟଦେବତାଙ୍କ ଆଶୀର୍ବାଦରୁ ଶାମ୍ବ କୁଷ୍ଠ ରୋଗରୁ ଆରୋଗ୍ୟ ହୋଇଥିଲେ। ହିନ୍ଦୁ ପ୍ରଥାରେ ନିଜ ସନ୍ତାନର ସୁସ୍ଥ ଆରୋଗ୍ୟ କାମନା କରି ମଙ୍ଗଳବାର ସୂର୍ଯ୍ୟନାରାୟଣ ଦେବଙ୍କୁ ନିଜ ଗୃହରେ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ସ୍ୱାଦିଷ୍ଟ ପିଠା ସହ ଖିରି, ମୁଆଁ, ମକର ଚାଉଳ ସମେତ ୧୨ପ୍ରକାର ଚଣା ଓ ବିଭିନ୍ନ ପରିବା ପକାଇ ନିରାମିଷ ଘାଣ୍ଟ ତରକାରୀ ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରରେ ପବିତ୍ର ଶାମ୍ବ ଦଶମୀ ତଥା ସୂର୍ଯ୍ୟଦେବତାଙ୍କ ପୂଜାର୍ଚ୍ଚନା କରାଯାଇଛି।

## ସାମ୍ବାଦିକତା ଆଳରେ ଗଞ୍ଜେଇ ଚାଲାଣ

## ଗଞ୍ଜେଇ ଜବତ, ୱେବ୍ ସାମ୍ବାଦିକଙ୍କ ସମେତ ୩ ଗିରଫ

ଖୋର୍ଦ୍ଧା, ୩୦।୧୨(ସମିସ) : ଅବକାରୀ ଟିମ୍ ଓ ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଆଜି ପୃଥକ ସ୍ଥାନରେ ଚଢଉ କରାଯାଇ ୪୫କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ଦୁଇଟି କାର୍, ୪ଟି ମୋବାଇଲ ଫୋନ୍, ଜଣେ ୱେବ ଚ୍ୟାନେଲର ସାମ୍ବାଦିକଙ୍କ କ୍ୟାମେରା, ନ୍ୟୁଜ ଚ୍ୟାନେଲ୍ ବୁମ, ପରିଚୟପତ୍ରକୁ ଅବକାରୀ ଟିମ୍ ଜବତ କରିଛି। ଏହି ଘଟଣାରେ ୱେବ ଚ୍ୟାନେଲର ସାମ୍ବାଦିକଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ୱେବ ସାମ୍ବାଦିକ ହେଲେ ଫୁଲବାଣୀ ଏଫସିଆଇ



ଅରବିନ୍ଦନଗରର ପ୍ରତାପ କୁମାର ଦିଗଲ (୩୫) ଓ ତାଙ୍କ ସହଯୋଗୀ ଦିନେଶ ଦିଗଲ (୨୫)। ସେହିପରି ଅନ୍ୟ ଏକ ଗଞ୍ଜେଇ ଜବତ ମାମଲାରେ କନ୍ଧମାଳ ଜାମୁଝାରୀର ସୁବଳ ଦେହୁରୀ (୨୫)କୁ ଗିରଫ କରିଥିବାବେଳେ ଏହି ଘଟଣାରେ ଜଣେ ଫେରାର ଥିବା ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି।

ଶ୍ରୀମତୀ ତ୍ରିପାଠୀଙ୍କ ସୂଚନା ଅନୁସାରେ, ମୋବାଇଲ ୟୁନିଟ ୫୭ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ କାର (ଓଡି.୦୨ ଭି-୬୬୬୭)ରେ ଫୁଲବାଣୀ ଦିଗରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ସକାଳ ୮ଟାରେ କୌଣସି ସୂତ୍ରରୁ ଖବରପାଇ ସାରୁଅ ଶୁଖୁଆ ବଜାରରେ ନିକଟରେ ଛପି ରହିଥିଲା। ଗାଡି ପହଁଚିବା କ୍ଷଣି ତାକୁ ଅଟକାଇ ଯାଞ୍ଚ କରିଥିଲେ। ସାମ୍ବାଦିକତା ଆଳରେ ଗଞ୍ଜେଇ ଚାଲାଣ କରିବା ଏବେ କାରରେ ଥିବା ୱେବ ସାମ୍ବାଦିକ ପ୍ରତାପ ଓ ତାର ସହଯୋଗୀକୁ ମହଙ୍ଗା ପଡିଛି। ପ୍ରଥମେ ନିଜକୁ ସାମ୍ବାଦିକ ତଥା ଉକ୍ତ ଚ୍ୟାନେଲର କନ୍ଧମାଳ ଜିଲ୍ଲାପ୍ରତିନିଧି କହି ତୁମ୍ବିତୋଫାନ କରିଥିଲେ। ମାତ୍ର ଅବକାରୀ ଟିମ୍ ଗାଡି ଯାଞ୍ଚବେଳେ ଗାଡି ଭିତରୁ ୨୩ ଗଞ୍ଜେଇ ଜବତ କରିବା ସହ କାରରୁ ୩ଟି ନାମୀ କମ୍ପାନୀର ମୋବାଇଲ ଫୋନ, ଗୋଟିଏ କ୍ୟାମେରା, ନ୍ୟୁଜ ଚ୍ୟାନେଲ ବୁମ, ପରିଚୟପତ୍ର ଜବତ କରିଥିଲା। ୱେବ ସାମ୍ବାଦିକ ପ୍ରତାପ ସମେତ ତା'ର ସହଯୋଗୀକୁ ଗିରଫ କରିଥିଲେ।

ସେହିପରି ମଧ୍ୟାହ୍ନ ସମୟରେ ଖୋର୍ଦ୍ଧା ଅବକାରୀ ଟିମ ୧୬ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ମଳିପଡା ଓଭରବ୍ରିଜ ନିକଟରେ ଯାଂଚ ବେଳେ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର (ନଂ- ଓଡି.୦୨-ଜେଡ୍- ୭୬୭୦) ଉକ୍ତ କାର ଉପରେ ସନ୍ଦେହ ହେବାରୁ ଅଟକାଇ ଯାଂଚ କରିବା ବେଳେ ଜଣେ ଘଟଣା ସ୍ଥଳରୁ ଜଣେ ଫେରାର ହୋଇଯାଇଥିଲା। କାର ଭିତରୁ ଅବକାରୀ ଟିମ ୨୨କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ସୁବଳକୁ ଗିରଫ କରିଛି।

ଉଭୟ ମାମଲାର ଅଭିଯୁକ୍ତ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିଲେ। କାହା ପାଖକୁ ନେଉଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପର୍କ ରହିଛି, ତାହାର କୌଣସି ସୂଚନା ଦେଇ ନାହାନ୍ତି, ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ। ଗିରଫ ୱେବ ଚ୍ୟାନେଲ ସାମ୍ବାଦିକ ପ୍ରତାପ ପୂର୍ବରୁ ମଧ୍ୟ ଗଞ୍ଜେଇ କାରବାରରେ ଲିପ୍ତ ରହିଥିବା ତଦନ୍ତ ବେଳେ ଜଣାପଡିଛି । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢଉରେ ସଦର ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ଇନ୍ସପେକ୍ଟର ତପସ୍ୱିନୀ ବରାଳ, ଓଆଇସି ସୁଜିତ ମୁଦୁଲି, ମିତ୍ରବିନ୍ଦ ପରିଡା, ଏଏସଆଇ ସଞ୍ଜୟ ରାଉତ, ଜିତେନ୍ଦ୍ର ହେମ୍ବ୍ରମ୍, ସୋମେନ୍ଦ୍ର ସିଂ ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

## ୧୪ରୁ ଅଟ୍ରି ମକର ମହୋତ୍ସବ

### ହଟକେଶ୍ୱର ମକର ମହୋତ୍ସବର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା/ବେଗୁନିଆ,୩୦।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ହଟକେଶ୍ୱର ପ୍ରାଙ୍ଗଣରେ ଥିବା ସଭା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀ ଶ୍ରୀ ହଟକେଶ୍ୱର ମକର ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ବିଧାୟକ ଶ୍ରୀ ସାହୁ ମହୋତ୍ସବ ସ୍ଥଳ ଚତୁଃପାର୍ଶ୍ୱ ରାସ୍ତାଘାଟ ମରାମତି, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସମୀକ୍ଷା କରି ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ମହୋତ୍ସବ ସ୍ଥଳରେ ରହି ସେମାନଙ୍କୁ ନ୍ୟସ୍ତ ସେବାଗୁଡିକୁ ଯୋଗାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବକୁ ସ୍ମରଣୀୟ କରିବା ନିମନ୍ତେ ବ୍ଲକ୍ ଶିକ୍ଷାଧିକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଐତିହ୍ୟ ଓ ସଂସ୍କୃତି ମୂଳକ ପ୍ରତିଯୋଗିତା କରାଇବେ।




ସେହିପରି ପାନୀୟ ଜଳ ଟ୍ୟାଙ୍କର, ରାସ୍ତାରେ ପାଣି ସିଂଚନ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ସମ୍ପାଦନ କରିବେ। ବିଭିନ୍ନ ପ୍ରତିଭାକୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ଜାନୁୟାରୀ ୧୪ରୁ ଆରମ୍ଭ ହେବାକୁ ଯାଉଥିବା ହଟକେଶ୍ୱର ମକର ମହୋତ୍ସବ ଶୁଭ ଖୁଁଟି ସ୍ଥାପନ ନିମନ୍ତେ ଶୁଭ ଦିନ, ଶୁଭ ସମୟ ପାଞ୍ଜି ଦେଖି ଅନୁଷ୍ଠିତ ହେବ। ରାସ୍ତାଘାଟ ବିଜୁଳି ଆଲୋକି କରଣ ଏସଡିଓ ଇଲେକ୍ଟ୍ରିକାଲ କାର୍ଯ୍ୟ ସମ୍ପାଦନ କରିବେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ। ସିଆରସିସି ସୁଧାକର ସେଠୀ ହଟକେଶ୍ୱର ମକର ମହୋତ୍ସବ ସମ୍ବନ୍ଧରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ।

ବୈଠକରେ ଉପଜିଲ୍ଲାପାଳ କିଶୋର ପଣ୍ଡା, ବେଗୁନିଆ ତହସିଲଦାର ତାପସ ବିସି, ଏସ୍‌ଡିପିଓ (ସଦର) ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନା, ବେଗୁନିଆ ବ୍ଲକ୍ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବେଗୁନିଆ ସିଡିପିଓ ବିନୋଦିନୀ ପଣ୍ଡା, ଇଲେକ୍ଟ୍ରିକାଲ ଏସଡିଓ ଗୌରାଙ୍ଗ ଚରଣ ମଣ୍ଡଳ, ପୂର୍ତ୍ତ ଏସଡିଓ ଏବଂ ବାରପଲ୍ଲୀର ସଭାପତି ଓ ସଭ୍ୟଗଣ, ମହୋତ୍ସବ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସାମନ୍ତରାୟ, କମିଟି ସମ୍ପାଦକ ଦିଲ୍ଲୀପ ମହାପାତ୍ର, ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବୁଦ୍ଧିଜୀବୀ, ବେଗୁନିଆ ସଦର ମହକୁମା ବରିଷ୍ଠ ନାଗରିକ, ହଟକେଶ୍ୱର ମନ୍ଦିର କର୍ମକର୍ତ୍ତା, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଏବଂ ଲାଇନ ଡିପାର୍ଟମେଂଟ ଯନ୍ତ୍ରୀ ମାନେ ଯୋଗ ଦେଇଥିଲେ।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା,୩୦।୧୨(ସମିସ): ବରୁଣେଇ ସାମନ୍ତରାପୁର ରୋଡ୍‌ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରୁ ଶିଳ୍ପାଞ୍ଚଳ ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ବେଗୁନିଆ ମାଣିବନ୍ଧର ସୁଶାନ୍ତ ପାଇକରାୟ ଓରଫ୍ କାଲୁ (୩୬)। ତାଠାରୁ ୧୦ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ଯାହାର ମୂଲ୍ୟ ଲକ୍ଷେ ହେବ ବୋଲି ପୁଲିସ ଆକଳନ କରିଛି। କାଲୁ ଆଜି ବ୍ରାଉନସୁଗର ନେଇ ବରୁଣେଇ ସାମନ୍ତରାପୁର ରୋଡ୍‌ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରେ କାହାକୁ ଅପେକ୍ଷା କରିଥିବା ବିଶେଷସୂତ୍ରରୁ ଖବର ମିଳିଥିଲା। ପୁଲିସର ଏକ ଟିମ୍ ଏସଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲେ। ଶିଳ୍ପାଂଚଳ ପୁଲିସ ଏକ ମାମଲା ରୁଜୁ କରି କାଲୁକୁ କୋର୍ଟ ଚାଲାଣ କରାଯାଇଛି।

## ଚକଧର ଜଳସେଚନ ପ୍ରକଳ୍ପ ବନ୍ଦ

# 'ପାଲଲହଡ଼ାବାସୀଙ୍କୁ ଡବଲ୍ ଧୋକା'

ପାଲଲହଡ଼ା,୩୦।୧୨(ସମିସ)

ଗତ ଜୁଲାଇ ମାସରେ ବହୁ ପ୍ରତୀକ୍ଷିତ ସମାକୋଇ ନଦୀ ଚକଧର ଜଳସେଚନ ପ୍ରକଳ୍ପ ଆଗକୁ ବଢ଼ିବା ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିଥିଲେ ମୋହନ ସରକାର। ଆଶା ଥିଲା ରେଙ୍ଗାଲି ଓ ସମଲ ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ଜନତା ଏହି ପ୍ରକଳ୍ପରୁ ଲାଭବାନ ହେବେ। ଏଥିସହ ପାଲଲହଡ଼ା ନିର୍ବାଚନମଣ୍ଡଳୀର ୧୨ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଚାଷଜମିକୁ ଜଳସେଚନ ହୋଇପାରିବ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏହାଦ୍ୱାରା ପାଲଲହଡ଼ାବାସୀ ଉପକୃତ ହେବେ କହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରି ନିର୍ବାଚନ ମଣ୍ଡଳୀ ସାରା ପୋଷ୍ଟର ମାରିଥିଲେ। ମାତ୍ର ୬ ମାସ ନଯାଉଣୁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ଜିଲ୍ଲାର ତେଲକୋଇ ଅଞ୍ଚଳକୁ ଦୁଇଦିନ ତଳେ ଗସ୍ତରେ ଆସିଥିବାବେଳେ ଏକ ସ୍କୁଲର ବାର୍ଷିକ ଉତ୍ସବରେ ଦେଇଥିବା ବକ୍ତବ୍ୟରେ ପାଲଲହଡ଼ାବାସୀଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଦେଇଛନ୍ତି। ଗଣମାଧ୍ୟମ ଜରିଆରେ ବୁଲୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମନ୍ତବ୍ୟ ଅନୁସାରେ ତେଲକୋଇବାସୀ ଯେବେଠୁ ମତେ ଦେଖାକରି ପ୍ରକଳ୍ପ ବନ୍ଦ କରିବାକୁ କହିଥିଲେ, ସେବେଠାରୁ ମୁଁ ସମାକୋଇ ନଦୀରେ ଚକଧର ଜଳସେଚନ ପ୍ରକଳ୍ପକୁ ବନ୍ଦ କରି ସାରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ତେଲକୋଇବାସୀଙ୍କୁ ଖୁସି କରିଥିଲାବେଳେ ପାଲଲହଡ଼ାବାସୀଙ୍କ ଛାତିରେ ମାଡ଼ ମାରିବା ପରି ଅନୁଭବ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହି ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ବିଜୁ ଜନତା ଦଳ ପାଲଲହଡ଼ା ପକ୍ଷରୁ ସ୍ଥାନୀୟ ରାଜପଥ ଡାକ ବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏଥିରେ ଏହି ମନ୍ତବ୍ୟର ନିନ୍ଦା କରାଯିବା ସହିତ ତୀବ୍ର ବିରୋଧ କରାଯିବ ବୋଲି ଘୋଷଣା କରାଯାଇଛି। ପାଲଲହଡ଼ା ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ମୁକେଶ ପାଲଙ୍କ ଦ୍ୱାରା ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପାଲଲହଡ଼ା ବିଧାୟକଙ୍କ ପାରିବା ପଣିଆ ଉପରେ ଅଙ୍ଗୁଳି ଉଠାଇ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି ଓ ଏହି ପ୍ରକଳ୍ପ ହୋଇଥିଲେ ଅଞ୍ଚଳର ୧୨ ଟି ପଞ୍ଚାୟତର ୯୯୯୦ ହେକ୍ଟର ଜମିରେ ଜଳସେଚନ ହୋଇଥାନ୍ତା ଏବଂ ରେଙ୍ଗାଲି ନଦୀ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇଥିବା ଜନତା ସିଧାସଳଖ ଉପକୃତ ହୋଇଥାନ୍ତେ ବୋଲି କହିଛନ୍ତି। ତେବେ ସରକାର ତାହାକୁ ହେବାକୁ ଦେଲେନାହିଁ ଓ ସ୍ଥାନୀୟ ବିଧାୟକ ବିଗତ ଦିନରେ ଚକଧର ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇ ନିର୍ବାଚନମଣ୍ଡଳୀ ସାରା ଯେଉଁ ପୋଷ୍ଟର ମାରିଥିଲେ, ସେହି ପୋଷ୍ଟର ଚିରି ନଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଡବଲ ଇଞ୍ଜିନ ସରକାରର ଧୋକା ବୋଲି କହିଥିଲେ। ଏଥିସହିତ ବାହାସ୍ଫୋଟ ମାରୁଥିବା ପାଲଲହଡ଼ା ବିଧାୟକଙ୍କ କାଟ୍‌ତି କେତେ ତାହା ଜଣାପଡ଼ିଛି ବୋଲି କହିଥିଲେ। ନବୀନ ପଟ୍ଟନାୟକ ସରକାର ଅମଳରେ ଉଭୟ ନିର୍ବାଚନ ମଣ୍ଡଳୀର ସ୍ୱାର୍ଥକୁ ଦେଖି ଉପର ସମକୋଇ ପ୍ରକଳ୍ପର ପ୍ରସ୍ତୁତି ଜାରିରଖିଥିଲେ ଏବଂ ଚକଧର ପ୍ରକଳ୍ପକୁ ନଦୀବନ୍ଧ ଯୋଜନାରୁ ବ୍ୟାରେଜକୁ ପରିବର୍ତ୍ତନ କରି ପାଞ୍ଚବର୍ଷିଆ ଯୋଜନାରେ ଅନ୍ତର୍ଭୁକ୍ତ କରି ଅର୍ଥ ପ୍ରଦାନ କରାଯାଇଥିଲା। ମାତ୍ର ଏବେର ସରକାର ପ୍ରକଳ୍ପର ବିନ୍ଦୁ ବିସର୍ଗ ନଜାଣି ପ୍ରକଳ୍ପ ଘୋଷଣା କଲେ ଏବଂ ବାହାବା ନେଇସାରିବା ପରେ ବନ୍ଦ କରିଦେଲେ କାହିଁକି ତାହାର ସ୍ପଷ୍ଟୀକରଣ ବିଧାୟକ ରଖନ୍ତୁ, ନଚେତ୍ ପାଲଲହଡ଼ାବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି କହିଥିଲେ। ସେହିପରି ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ତଥା ଅନଗୁଳ ଜିଲ୍ଲା ବିଜେଡି ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ତୀବ୍ର ବିରୋଧ କରାଯିବା ସହ ପାଲଲହଡ଼ା ବାସୀଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ ବୋଲି କହିଥିଲେ। ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଜିଲ୍ଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବରିଷ୍ଠ ନେତା ହେମନ୍ତ ଦାସ ଉପସ୍ଥିତ ଥିବା ବେଳେ ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ।

ଏ ସମ୍ପର୍କରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀ କ'ଣ କହିଲେ ତାହାର ପ୍ରକୃତ ତଥ୍ୟ ମୋ ପାଖରେ ନାହିଁ, କିନ୍ତୁ ସମକୋଇ ନଦୀରେ ବ୍ୟାରେଜ ନିଶ୍ଚିତ ହେବ, କେଉଁଠି ହେବ ତାହା ସମୟ କହିବ। କାରଣ ଚକଧର ପ୍ରକଳ୍ପ ପାଲଲହଡ଼ାବାସୀଙ୍କ ଭାବାବେଗ ସହିତ ଜଡ଼ିତ ଅଛି। ଆଗାମୀ ଦିନରେ ସମ୍ପୂର୍ଣ୍ଣ ତଥ୍ୟ ସହିତ ସାମ୍ବାଦିକ ସମ୍ମିଳନୀରେ ମୁଁ ବିସ୍ତୃତ ବିବରଣୀ ପ୍ରଦାନ କରିବି ବୋଲି ପ୍ରକାଶ କରିଥିଲେ।




## ତାଳଚେର ଅଞ୍ଚଳରେ ଘନ କୁହୁଡ଼ି




ତାଳଚେର,୩୦।୧୨(ସମିସ): ତାଳଚେର ଅଞ୍ଚଳରେ ଶୀତର ପ୍ରକୋପ ସେତେଟା ଦେଖାଯାଇନଥିବା ବେଳେ ଆଜି ସକାଳୁ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଭୋର ସମୟରେ କୁହୁଡ଼ିରେ ମୁହଁକୁ ମୁହଁ ଦେଖାଯାଉନଥିଲା। ଦୂରରୁ ଗାଡ଼ିଟିଏ ଆସୁଥିଲେ ଲାଇଟ୍ ମଧ୍ୟ ସ୍ପଷ୍ଟ ଦେଖାଯାଉନଥିଲା। ଜାତୀୟ ରାଜପଥର ଗାଡ଼ିଗୁଡ଼ିକ ଧୀର ଗତିରେ ଯାତାୟାତ କରିଥିଲେ। ସକାଳ ପ୍ରାୟ ୮ ଘଟିକା ପରେ କୁହୁଡ଼ି ହ୍ରାସ ପରେ ଯାତାୟତ ଓ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଫଳ ବଣ୍ଟନ

ଅନୁଗୋଳ,୩୦।୧୨(ସମିସ): ଆଜି ଅନୁଗୋଳ ମ୍ୟୁନିସିପାଲିଟିସ୍ଥିତ ପଶ୍ଚିମ ବଜାର ପଡ଼ା ନିକଟ ଅଙ୍ଗନବାଡ଼ି କେନ୍ଦ୍ରଠାରେ ପିଲାମାନଙ୍କୁ ଫଳ ବଣ୍ଟନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଗସ୍ତ ସମୟରେ କହିଥିଲେ ଯେ ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା ପିଲାଙ୍କୁ ପ୍ରତ୍ୟେକ ମାସରେ ଥରେ ଫଳ ବଣ୍ଟନ କରାଯାଉ। ଯାହାଦ୍ୱାରା କୁପୋଷଣରୁ ମୁକ୍ତି ମିଳିବ। ତାଙ୍କ ପ୍ରେରଣାରେ ଅନୁଗୋଳ ନଗର ବିଜେପି ସଭାପତି ପଓ୍ୱନ ମାଣ୍ଡୋଠିଆ ତାଙ୍କର ବାପାଙ୍କ ସ୍ମୃତିରେ ପ୍ରତ୍ୟେକ ମାସର ଦ୍ୱିତୀୟ ଏକାଦଶୀ ଦିନ ପଶ୍ଚିମ ବଜାରପଡ଼ା ଅଙ୍ଗନବାଡ଼ିରେ ୧ ବର୍ଷ ପର୍ଯ୍ୟନ୍ତ ଫଳ ବଣ୍ଟନ କରିବେ। ଏଥିରେ ଅନୁଗୋଳ ସିଡିପି ଓ ରୀତାଞ୍ଜଳି ପ୍ରଧାନ ଅତିଥି ରୂପେ ଯୋଗଦେଇ ଫଳ ବଣ୍ଟନ କରିଥିଲେ। ମ୍ୟୁନିସିପାଲିଟିର କାଉନସିଲର ନିରଞ୍ଜନ କର, ସରିତା ମିଶ୍ର, ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଅନୁଗୋଳ ବଜାରର ବରିଷ୍ଠ ନାଗରିକ ଧୀରେନ୍ଦ୍ର ମହାରଣା ପ୍ରମୁଖ ଫଳ ବଣ୍ଟନ କରିଥିଲେ। ଅନୁଗୋଳ ନଗର ବିଜେପି ସଭାପତି ପଓ୍ୱନ ମାଣ୍ଡୋଠିଆ ସମସ୍ତଙ୍କୁ ଆହ୍ୱାନ କରିଥିଲେ କି ନାଗରିକମାନେ ନିଜ ପିଲାଙ୍କ ଜନ୍ମଦିନ, ଏକାଦଶୀ ତିଥି, ଶ୍ରାଦ୍ଧ ଦିବସ ଆଦିରେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କୁ ଫଳ ବଣ୍ଟନ କରନ୍ତୁ। ଆଗକୁ ଅନୁଗୋଳ ନଗରର ସମସ୍ତ ଅଙ୍ଗନବାଡ଼ିରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ପବନ ମଣ୍ଡୋଠିଆ ପ୍ରକାଶ କରି ଥିଲେ।



## ଦୁର୍ଘଟଣାଗ୍ରସ୍ତ ପୂର୍ବତନ ସଫେଇ କର୍ମଚାରୀଙ୍କୁ ସହାୟତା

ଅନୁଗୋଳ,୩୦।୧୨(ସମିସ): ଦୁର୍ଘଟଣାଗ୍ରସ୍ତ ଅବସରପ୍ରାପ୍ତ ସଫେଇ କର୍ମଚାରୀଙ୍କୁ ଆଜି ଅନୁଗୁଳ ପୌରପାଳିକା କର୍ମଚାରୀମାନେ ସହାୟତାର ହାତ ବଢ଼ାଇଥିଲେ। ଲକ୍ଷ୍ମଣ ଗୋଚ୍ଛାୟତ ନାମକ ଜନୈକ ଅବସରପ୍ରାପ୍ତ ସଫେଇ କର୍ମଚାରୀଗତ ୨୮ ତାରିଖରେ ହେମସୁରପଡ଼ା ଦେଇ ଯାଉଥିବା ବେଳେ ଜଣେ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇଥିଲେ।ଏଥିରେ ତାଙ୍କର ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ପରାମର୍ଶ ଦେବା ପରେ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପୌର କର୍ମଚାରୀଙ୍କ ଠାରୁ ଅର୍ଥ ସଂଗ୍ରହ କରି ମୋଟ ୧୩ ହଜାର ଟଙ୍କା ନର୍ସିଂ ହୋମ୍‌ରେ ପହଞ୍ଚି ଲକ୍ଷ୍ମଣଙ୍କୁ ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ସହ ପୌର କର୍ମଚାରୀ ଶ୍ୟାମସୁନ୍ଦର ସାସମଲ, ଦୀପକ ସାହୁ, ପ୍ରକାଶ କୁମାର ପାଳ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କିଛି ମାସ ତଳେ ଲକ୍ଷ୍ମଣ ଅନୁଗୋଳ ପୌରପାଳିକାରୁ ଅବସର ନେଇଥିବାବେଳେ ଲକ୍ଷ୍ମଣଙ୍କୁ ନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀ ଏକ ତାରକା ହୋଟେଲ୍ ନେଇ ଖୁଆଇବା ସହ ଗାଡ଼ିରେ ବସାଇ ଘରେ ଛାଡ଼ି ଦେଇଆସିଥିଲେ। ଜଣେ ସଫେଇ କର୍ମଚାରୀଙ୍କ ଅବସରବେଳେ ଏଭଳି ସମ୍ବର୍ଦ୍ଧନା ସେତେବେଳେ ସାରା ରାଜ୍ୟରେ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା। ଅବସର ପରେ ଜଣେ ଗୁରୁତର କର୍ମଚାରୀଙ୍କ ପାଇଁ ଆଜି ସେ ଯେଭଳି ସମବେଦନା ଓ ମଣିଷପଣିଆ ପ୍ରଦର୍ଶନ କଲେ ତାହା ମଧ୍ୟ ସହରରେ ବେଶ ଚର୍ଚ୍ଚାର ବିଷୟ ହୋଇଛି।



## ରେଙ୍ଗାଲି ଯୋଜନା ହାଇସ୍କୁଲ ଓ କଲେଜର ବାର୍ଷିକ ଉତ୍ସବ

କଣିହାଁ,୩୦।୧୨(ସମିସ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଯୋଜନା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ଏକ ଲକ୍ଷ୍ୟରେ ଅଗ୍ରସର ହେଲେ ସଫଳତା ପାଇପାରିବେ ବୋଲି କହିଥିଲେ। ଦୁଇ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ସହ ପୁନର୍ବିନ୍ୟାସ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଲାଇବ୍ରେରୀ ପାଇଁ ବିଧାୟକ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ବାରିକ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବନ୍ଧ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କରାନନ୍ଦ ରଣା, ସମ୍ମାନିତ ଅତିଥି ଭାବେ ରେଙ୍ଗାଲି ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସମରେନ୍ଦ୍ର ରଞ୍ଜନ ବେହେରା, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ସମାଜସେବୀ ଧୃବଚରଣ ଧିର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ସାମଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଟିକନ ବିଶି ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଖେଳ ଶିକ୍ଷକ ସନ୍ତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ମହେଶ ଘୋଷ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ସରୋଜ ହେଲେ ବିଜେପି ଜିଲ୍ଲା ସମ୍ପାଦକ

କିଶୋରନଗର,୩୦।୧୨(ସମିସ): କିଶୋରନଗର ବ୍ଲକ୍ ହିମିତିରା ପଞ୍ଚାୟତର ଘୋଷର ଗାଁ'ର ସରୋଜ କୁମାର ସାହୁ ଜିଲ୍ଲା ବିଜେପି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ୍ ପ୍ରତିନିଧି ଅଛନ୍ତି। ସମସ୍ତଙ୍କୁ ନେଇ ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ କହିଛନ୍ତି। ତାଙ୍କୁ ଏହି ପଦ ମିଳିଥିବା ଯୋଗୁଁ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲ୍ଲାସଭାପତି ଓ ରାଜ୍ୟସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ଏହି ପଦ ମିଳିଥିବା ଯୋଗୁଁ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳକୁ ୨୦ ପଦକ

ଅନୁଗୋଳ,୩୦।୧୨(ସମିସ): ଗତ ୨୬ ତାରିଖରୁ ଅନୁଷ୍ଠିତ ୨୨ତମ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଭଦ୍ରକ ଜିଲ୍ଲା ଚରମ୍ପାସ୍ଥିତ ମହାରାଜ୍ ଅଗ୍ରସେନ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତଯୋଗିତା ରାଜ୍ୟ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତର ତାଇକ୍ୱୋଣ୍ଡୋର ଜନକ (ପ୍ରତିଷ୍ଠାତା ଡ. ଜୀମି ଅର୍ ଜଗଦୀୟାନି) ମୁଖ୍ୟ ଅତିଥି ଭାବେ ଉପସ୍ଥିତି ରହି ଖେଳାଳିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଉକ୍ତ ପ୍ରତଯୋଗିତାରେ ଅନୁଗୋଳ ଜିଲ୍ଲାର ଛାତ୍ରଛାତ୍ରୀ ୭ଟି ସ୍ୱର୍ଣ୍ଣର୍ ପଦକ, ୧୦ଟି ରୌପ୍ୟ ପଦକ ଓ ୩ଟି କାଂସ୍ୟ ଏଭଳି ମୋଟ ୨୦ଟି ପଦକ ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ଛାତ୍ରଛାତୀଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ଓ ଜିଲ୍ଲା ଶୀଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ପଦକ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ନାଥ ବିଚାରକ ଯୋଗେନ୍ଦ୍ର ନାଏକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଭାରତ ବିକାଶ ପରିଷଦ ପକ୍ଷରୁ ବାଲ ସଂସ୍କାର ଶିବିର

ଅନୁଗୋଳ,୩୦।୧୨(ସମିସ): ଭାରତବିକାଶପରିଷଦ, ଅନୁଗୋଳ ଶାଖା ପକ୍ଷରୁ ପିଟିସି ଉଚ୍ଚ ବିଦ୍ୟାଳୟଠାରେ ବାଲ ସଂସ୍କାର ଶିବିର ୨୦୨୫ ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ତ୍ରିଦିବସୀୟ ଏହି ଶିବିରକୁ ଅନୁଗୋଳ ଚିନ୍ମୟ ମିଶନର ସ୍ୱାମିନୀ ଆତ୍ମିକାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଶିଶୁମାନେ ପ୍ରଥମେ ମନକୁ ଶୁଦ୍ଧପୂତ କରି ସକାରାତ୍ମକ ଢଙ୍ଗରେ କାର୍ଯ୍ୟ କଲେ ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇ ପାରିବେ ବୋଲି ସ୍ୱାମୀନୀ ପ୍ରକାଶ କରିଥିଲେ। ସମ୍ପ୍ରତି ଶିଶୁମାନଙ୍କ ମଧ୍ୟରେ ହିଂସା ବୃଦ୍ଧି ପାଉଥିବାରୁ ସ୍ୱାମିନୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଶାଖାର ସମ୍ପାଦକ ବିଜୟ କୁମାର ମୋଦୀ ସଂସ୍କାର ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କୁ ପ୍ରାର୍ଥନା, ଗୀତା ପାଠ, ଯୋଗ, ନୀତି ଜ୍ଞାନ, ଚିତ୍ରାଙ୍କନ ଶିକ୍ଷା ଆଦି ଦିଆଯିବା ସହ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନର ମୁଖ୍ୟ ସଂଯୁକ୍ତା ପାଲ ଓ ଯୋଗାଚାର୍ଯ୍ୟ ପ୍ରଭାକର ଶତପଥୀ ଯୋଗାସନ ଶିକ୍ଷା ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଦିବସରେ ଉପଦେଷ୍ଟା ଅନୁକୂଳ ନନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ଶିଶୁମାନଙ୍କୁ ଆଦର୍ଶ ଜୀବନଚର୍ଯ୍ୟା ସମ୍ପର୍କରେ ବୁଝାଇଥିଲେ। ପରିଷଦର ସଭ୍ୟ ଭରତ ଚନ୍ଦ୍ର ଗଡ଼ନାୟକ, ହୃଦାନନ୍ଦ ପଣ୍ଡା, ବିଜୟ ରାଉତ, ମାଧବ ସାମଲ, ତ୍ରିନାଥ ଦେହୁରୀ, ସୁଶୀଲ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ଦିଲୀପ ଅଗ୍ରୱାଲ, ମମତାମୟୀ ପତି, ରୀନାରାଣୀ ସ୍ୱାଇଁ, ଅରୁଣା ମିଶ୍ର, ପ୍ରତିମା ତ୍ରିପାଠୀ, ଗୀତାମୟୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜଂଘା ବଡ଼ଦେବ ପାଣ୍ଠୁମ୍ ଯାତ୍ରା

କିଶୋରନଗର,୩୦।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡାସ୍ଥିତ ଜଙ୍ଘା ବଡ଼ଦେବଙ୍କ ଶକ୍ତି ପୀଠରେ ଗୋଣ୍ଡ ସମାଜର ଆରାଧ ଦେବତା ତଥା ଆମ କଳା ସଂସ୍କୃତି, ଭାଷା ସାହିତ୍ୟ ଓ ଭକ୍ତି ଭାବନାର ଅପୂର୍ବ ସମନ୍ୱୟ ପୌଷ ମାସ ଶାମ୍ବଦଶମୀ ତିଥିରେ ଶ୍ରୀଶ୍ରୀ ଜଙ୍ଘା ବଡ଼ଦେବଙ୍କ ବାର୍ଷିକ ପାଣ୍ଠୁମ୍ ଯାତ୍ରା ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଗଙ୍ଗା ମାତାଙ୍କୁ ନିମନ୍ତ୍ରଣ କରାଯାଇ କଳସୀ ଯାତ୍ରା ମାଧ୍ୟମରେ ମାଉସୀ ଘରୁ ପ୍ରକୃତି ଶକ୍ତି ଦାରୁ ଦେବତା ଜଙ୍ଘା ବଡଦେବଙ୍କୁ ଘର ଘର ପୂଜାର୍ଚ୍ଚନା କରି ବିଭିନ୍ନ ନାଚଗୀତ ସହ ନଗର ପରିକ୍ରମା କରି ଶକ୍ତି ପୀଠକୁ ବିରାଜମାନ କରିଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସାରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଣ୍ଡୱାନ ବିକାଶ ପରିଷଦର ସଭାପତି ପ୍ରସନ କୁମାର ନାୟକ, ମହାସଚିବ ସୁରେଶ ଚନ୍ଦ୍ର ନାୟକ, ମନ୍ଦିର ସଭାପତି ରମେଶ ଚନ୍ଦ୍ର ସାଏ, ମହାସଚିବ ଭଜମନ ନାୟକ, ଗଣ୍ଡୋୱାନ ମହାସଭା ଜିଲ୍ଲା ସଭାପତି ସଦାଶିବ ନାୟକ, ସଂଗଠନ ପ୍ୟାରୀମୋହନ ନାୟକ, ଉପଦେଷ୍ଟା ବିରଞ୍ଚି ନାୟକ ସନାତନ ନାୟକ ସମେତ ଷୋଳପଦା ପୁଞ୍ଜିର ସଭାପତି ଓ ମହାସଚିବଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଠାକୁରଗଡ଼ ପୁଲିସ ଓ ଆଠମଲ୍ଲିକ ପୁଲିସ ମିଳିତ ଭାବେ ଶାନ୍ତି ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।



## ବଇଣ୍ଡା ଜନତା ମହାବିଦ୍ୟାଳୟର ବାର୍ଷିକୋତ୍ସବ

# 'ଗୁଣାତ୍ମକ ଶିକ୍ଷା ଉପରେ ଶିକ୍ଷକ ସମାଜ ଗୁରୁତ୍ୱ ଦିଅନ୍ତୁ'

ବଇଣ୍ଡା,୩୦।୧୨(ସମିସ)

ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରିକି ଅନେକ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟର ବିକାଶ କରୁଛନ୍ତି। କିପରି ସହଜରେ ପାଠପଢ଼ି ପାରିବେ ସେ ନେଇ ଯୋଜନା ପରେ ଯୋଜନା କରୁଛନ୍ତି। ମହାବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ସବୁବେଳେ କଠିନ ପରିଶ୍ରମ କର ସଫଳତା ଶୀର୍ଷରେ ପହଞ୍ଚିବ। ଯେଉଁଠି ଶିକ୍ଷାର ବିକାଶ ହୁଏ, ସେହି ଅଞ୍ଚଳ ମଧ୍ୟ ବିକାଶ ହୋଇଥାଏ। ତେଣୁ ସବୁବେଳ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଶିକ୍ଷକ ସମାଜ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ୍ ବଇଣ୍ଡା ଜନତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଖମାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ ଶର ଯୋଗଦେଇ ଏହି ମହାବିଦ୍ୟାଳୟରୁ ପାଠପଢ଼ି ଅନେକ ଛାତ୍ରଛାତ୍ରୀ ବହୁ ବଡ଼ ବଡ଼ ପଦପଦବୀରେ ଅଛନ୍ତି ବୋଲି କହିଥିଲେ। ଛାତ୍ରଛାତ୍ରୀ ମନ ଦେଇ ପାଠ ପଢ଼ିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକ ଉପ ଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଅଧ୍ୟାପକ କାଳିଆ ସେଠୀ ଯୋଗ ଦେଇଥିଲେ। ଅଧ୍ୟାପକ ଅସିତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ନିରଞ୍ଜନ ଦାସ ମଞ୍ଚ ପରିଚାଳନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ମହାବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ଏଥିସହ ଯୁକ୍ତଦୁଇ କଲେଜର ଶ୍ରେଣୀଗୃହଗୁଡ଼ିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ମଧ୍ୟ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯାଉ ନାହିଁ ଫଳରେ ପାଠ ପଢ଼ାରେ ସମସ୍ୟା ଦେଖାଦେଉଥିବା ବିଧାୟକ ଓ ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଛାତ୍ରୀ ଲିପ୍‌ସା ମାଝୀ ଓ ରାଜେଶ ସେଠୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଜନ କୁମାର ପ୍ରଧାନ, ସୁମିତ୍ରା ସ୍ୱାଇଁ, ଚନ୍ଦ୍ରଶେଖର ସିଂ, ଶୁଭଲକ୍ଷ୍ମୀ ମାଝୀ, ତରଣୀସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ପୁଲିସ ହାତରେ ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍
# ମୁଖିଆ ସମେତ ୩ ଗିରଫ





**ରାଉରକେଲା, ୩୦।୧୨(ସମିସ)**

ସ୍ମାର୍ଟ୍ ସିଟି ରାଉରକେଲାରେ ଚାଲିଥିବା ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍‌ର ପର୍ଦ୍ଦାଫାସ କରିଛି ପୁଲିସ । ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଏବଂ ବିପୁଳ ପରିମାଣର ଗୁଳି ଜବତ କରାଯାଇଛି । ଏହି ଘଟଣାର ମୁଖ୍ୟ ଆସାମୀ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଲ୍/୩୦୪ ଘରେ ରହୁଥିବା ରତନ କୁମାର ସା (୫୮) । ତା' ଠାରୁ ଗୋଟିଏ ପିସ୍ତଲ, ୨୫ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ, ବିଭିନ୍ନ କାଗଜପତ୍ର ଜବତ କରାଯାଇଛି । ସେହିପରି ଗିରଫ ଅନ୍ୟ ଅଭିଯୁକ୍ତ ଦ୍ୱୟ ହେଲେ ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲ ଟାଉନସିପ ଓ/୧୪ ଘରର ଦୁଇ ଭାଇ ରମନଦୀପ ସିଂ(୩୫) ଏବଂ ତାଙ୍କ ଭାଇ । ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଓ ମନଦୀପ ସିଂ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଜବତ କରାଯାଇଛି । ଏନେଇ ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ଅଧିକ ସୂଚନା ଦେଇ କହିଛନ୍ତି, ସହରରେ ବନ୍ଧୁକ ରାକେଟ ଚାଲିଥିବା ନେଇ ସୂଚନା ମିଳିବା ପରେ ଏହି ଆଧାରରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି କିଛି ବନ୍ଧୁକ ଜବତ କରାଯାଇଥିଲା । ତେବେ ପଚରାଉଚରା ପରେ ସେଗୁଡିକ ଜାଲ ପରିଚୟ ପତ୍ର, ଆଧାର କାର୍ଡ ତଥା ଅନ୍ୟାନ୍ୟ ଜାଲ କାଗଜପତ୍ର ବ୍ୟବହାର କରି ଅନ୍ୟ ରାଜ୍ୟରୁ ବେଆଇନ ବନ୍ଧୁକ ଲାଇସେନ୍ସ ସଂଗ୍ରହ କରୁଥିବା ଜଣାପଡିଥିଲା । ପ୍ରତି ଲାଇସେନ୍ସ ପାଇଁ ୫ ରୁ ୧୦ ଲକ୍ଷ ଟଙ୍କାରେ ଅଲ୍ ଇଣ୍ଡିଆ ଲାଇସେନ୍ସ ଦେବାକୁ କହି ସେମାନେ ଏହି ବେଆଇନ ବନ୍ଧୁକ କାରବାର ଚଳାଇ ଆସିଥିଲେ । ରାଉରକେଲାରୁ କଲିକତା, ନାଗାଲାଣ୍ଡ ଯାଏଁ ରାକେଟର ଚେର ଲମ୍ବିଛି ବୋଲି କହିଛନ୍ତି ଏସ୍‌ପି ନିତେଶ ୱାଧୱାନୀ । ନାଗାଲାଣ୍ଡରେ ନକଲି କାଗଜପତ୍ର ଜରିଆରେ ସେମାନେ ଏହି ବନ୍ଧୁକ ଚୋରା ରାକେଟ ଚଳାଇ ଆସିଥିଲେ । ବର୍ତ୍ତମାନ୍ ଯାଏଁ କିଛି ସ୍ଥାନୀୟ ଲୋକଙ୍କୁ ବନ୍ଧୁକ ଚାଲାଣ କରିଥିବା ତଦନ୍ତରୁ ଜଣାପଡ଼ିଛି । ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ମିଳିଛି ।

**ନାଗାଲାଣ୍ଡ ଓ କଲିକତାକୁ ଲମ୍ବିଛି ଚେର**

# 'ରୋଜା' ପକ୍ଷରୁ 'ଆଜା ନାଚଲେ' ନୃତ୍ୟ ପ୍ରତିଯୋଗିତା

**ରାଉରକେଲା,୩୦।୧୨(ସମିସ):** ରାଉରକେଲାର ନୃତ୍ୟ ବିସ୍ମୟ ରୋଜା ରଣାଙ୍କ ନାମରେ ନାମିତ ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ ତିନି ଦିନ ଧରି ଆୟୋଜିତ ନୃତ୍ୟ ପ୍ରତିଯୋଗୀତା 'ଆଜା ନାଚଲେ' କାର୍ଯ୍ୟକ୍ରମ ସିଭିକ ସେଣ୍ଟରଠାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଓଲିଉଡ ନାୟିକା ଅଙ୍କିତା ଦାସ, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ସମାଜ ସେବୀ କମଳ ଅଗରୱାଲ, ଶିଳ୍ପଦ୍ୟୋଗୀ ଶ୍ରେୟା ମହାନ୍ତି, ଲାୟନ୍ସ କ୍ଲବର ସଭାପତି ବୈଶାଳୀ ଖେଡିଆ, ଡାକ୍ତର ଅମିତ ଦାସ ଓ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅଭୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ନୃତ୍ୟାନୁଷ୍ଠାନର ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଆଲୋକ ଜେନା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ଦୀପିକା ପାତ୍ରଙ୍କ ନୃତ୍ୟାଙ୍ଗନା ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ସହ ବଲିଉଡ ନୃତ୍ୟାଙ୍ଗନା ରୋଜା ଏବଂ ତାଙ୍କ ଗ୍ରୁପ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଗୁରୁ ବିଜୟ ମୁଖୀଙ୍କ ଜୁମ୍ବା ନୃତ୍ୟ ଶୈଳୀରେ ସ୍ଥାନୀୟ ମହିଳାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଓଲିଉଡ ନାୟିକା ଅଙ୍କିତା ସିନେ ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ମୋନାଲିସା ସାହୁ କର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସସ୍ମିତା ଜେନା, ସୂରଜ ତନ୍ତି, ସୋମ୍ୟଶ୍ରୀ ନାୟକ, ରୁବି ପାତ୍ର, ବିଭୁତି ଭୂଷଣ ସେଠୀ, ହରେନ୍ଦ୍ର ନାୟକ, ଅନୁ ତନ୍ତି, ମୁକେଶ, ମନୀଷା ରାଣୀ, ଚିରଞ୍ଜିବୀ, ପୟୋସିନୀ, ସବିତା ଜେନା, ମନୀଷା ଜେନା ଓ କ୍ଷିତିଶ ଜେନା ପ୍ରମୁଖ ସହଯୋଗ କରିଥିଲେ । ଶାସ୍ତ୍ରୀୟ ଓ ପାଶ୍ଚାତ୍ୟ ଏକକ ଓ ଦଳୀୟ ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ୨୩୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଶାସ୍ତ୍ରୀୟ ନୃତ୍ୟରେ ବ୍ରହ୍ମପୁରରୁ ଓଡିଶୀ ଗୁରୁ ଦେବୀ କୁମାରୀ ପ୍ରଧାନ, ରାଉରକେଲାରୁ ଭାରତନାଟ୍ୟମ ଗୁରୁ ସୁଚିସ୍ମିତା ବିଶ୍ୱାସ ଏବଂ ପାଶ୍ଚାତ୍ୟ ନୃତ୍ୟ ପାଇଁ ସୁଦୂର ବଲିଉଡରେ ପରାକାଷ୍ଠା ଦେଖାଇଥିବା ରୋଜା ରାଣାଙ୍କ ସହିତ ଭୁବନେଶ୍ୱରରୁ ସୂର୍ଯାନ ରଥ ବିଚାରପତି ଭାବେ ଯୋଗଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା ନୃତ୍ୟ ପ୍ରତିଯୋଗିତାକୁ ରୋଜା ନୃତ୍ୟାନୁଷ୍ଠାନର ଅଧକ୍ଷ୍ୟା ବିଷ୍ଣୁ ପ୍ରିୟା ସ୍ୱାଇଁଙ୍କ ସହ ନିର୍ଦ୍ଦେଶକ ଆଲୋକ ଜେନା ଓ ଅତିଥି ଭାବରେ ଆସ୍ଥା ଏନଜିଓର ଉପସଭାପତି ରାଜ କୁମାର ପଣ୍ଡା, ସଭାପତି ବିଷ୍ଣୁ ମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ । ରୋଜା ନୃତ୍ୟାନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଟୁନା ଗଡତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଶିବାନୀ ରାଣା ନୃତ୍ୟ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ । ଉକ୍ତ ଦୁଇ ଦିନର ପ୍ରତିଯୋଗିତାକୁ ଶ୍ରେୟା ମହାନ୍ତି ଓ ସ୍ମୃତି ରଞ୍ଜନ ନାୟକ ପରିଚାଳନା କରିଥିଲେ ।



# ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ



**ରାଉରକେଲା,୩୦।୧୨(ସମିସ):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଉରକେଲା ଉଦିତନଗର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଘେରଉ କରାଯାଇଥିଲା । ଓଡ଼ିଶାର ଟାଟା ପାୱାର ଯେପରି ଭାବରେ ଜନସାଧାରଣଙ୍କ ନିକଟରୁ ଗୁଣ୍ଡାଗିରି କଲାଭଳି ଇଲେକ୍ଟ୍ରିକ୍ ବିଲ୍ ବାବଦ ଟଙ୍କା ଆଦାୟ କରୁଛନ୍ତି ଏବଂ ଅତିରିକ୍ତ ଜମାରାଶି ପାଇଁ କୁହାଯାଉଛି, ତାହାକୁ କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ସବିର ହୁସେନଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ରବି ରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଖଗେନ ସେଠି, ଆଦେଶ ସୁନା, ସାକିର ହୁସେନ, ଝରଣା ତ୍ରିପାଠୀ, ମନୋଜ ପାଣିଗ୍ରାହୀ, ଶରତ ପାଢୀ, ଶିବ ସୁନା, ସେନାପତି ପୃଷ୍ଟି, ବିଜୟ ନାହାକ, ଡେଭିଡ୍ ରାଓ, ଦୁଶା ନାୟକ, ଅକରମଡଲ ହକ୍, ସୁଖଦେବ ତାଣ୍ଡି, ଲକ୍ଷ୍ମୀଧର କୁସଲ, ଅନକିତ ମୁଗୁରୀ, ରୋହିତ ନନ୍ଦ, ସଞ୍ଜୟ ଛତର, ଋଷି କୁମ୍ଭାର, ସୁମିତ ନାଗ, ଭୋଲା ମହାନନ୍ଦ, ରାହୁଲ କୁଶଲ, ଶ୍ରୀକାନ୍ତ ମହାନନ୍ଦ, ଜଗଦୀଶ ଛତର, ଅମନ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଏବିଭିପିର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



**ରାଉରକେଲା,୩୦।୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସଭାପତି ଡ. ସଞ୍ଜୀବ ନାୟକ, ସମ୍ପାଦକ ଶ୍ୱେତାଂଶୁ ବରାଇ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଦୁଇଟି ପ୍ରସ୍ତାବ ପାରିତ କରିଥିଲେ । ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମର ବ୍ୟବସ୍ଥା ଦାୟିତ୍ୱରେ ଥିବା କାର୍ଯ୍ୟକର୍ତ୍ତାମାନଙ୍କର ପରିଚୟ ରଖାଯାଇଥିଲା ଏବଂ ଆଗାମୀ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା । ରାଷ୍ଟ୍ର 'ନିର୍ମାଣରେ ମୂଳ ସୂତ୍ରଧର ହେଉଛନ୍ତି ବିଦ୍ୟାର୍ଥୀ' ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ପଣ୍ଡା, ରାଷ୍ଟ୍ରୀୟ ଜନଜାତି କାର୍ଯ୍ୟ ପ୍ରମୁଖ ପ୍ରମୋଦ ରାଉତ, ବିଭାଗ ସଙ୍ଗଠନ ସମ୍ପାଦକ ଜୀବନ ଜ୍ୟୋତି ରାଉତ, କାର୍ଯ୍ୟକ୍ରମର ବ୍ୟବସ୍ଥା ପ୍ରମୁଖ ଅଧ୍ୟାପକ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ୧୪ ଜିଲ୍ଲାରୁ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକର୍ତ୍ତା ଓ ୧୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ । ପୁରାତନ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଶୁଭେଚ୍ଛୁ ମଧ୍ୟ ସହଯୋଗ କରିଥିଲେ । ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ ସହ ଧ୍ୱଜା ଅବତରଣ କରାଯାଇ ଅଧିବେଶନ ଉଦ୍‌ଯାପିତ ହୋଇଥିଲା ।

# ଆଦର୍ଶ ଯୁବ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ



**ରାଉରକେଲା,୩୦।୧୨(ସମିସ):** ସହରର ଅଗ୍ରଣୀ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଦ୍ୱାରା ବର୍ଷ ତମାମ ଚାଲିଥିବା ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ସେକ୍ଟର-୭ ସ୍ଥିତ ମଧୁ ମଣ୍ଡପଠାରେ ଆୟୋଜିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଓଡିଆ ଭାଷା ସଚେତନତା ପ୍ରତିଯୋଗିତା (ଲିଖିତ), ଭାଷା ଓ ସାହିତ୍ୟଭିତ୍ତିକ କାର୍ଯ୍ୟକ୍ରମ "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ବୃକ୍ଷ ଚାରା ବଣ୍ଟନ ଓ ଦିବସ ତମାମ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ପରିଷଦର ସଭାପତି ବରଦା ପ୍ରସନ୍ନ ଦାସଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁବ୍ରତ ତରାଇ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ରାଉରକେଲାର ସହ ବନ ସଂରକ୍ଷକ ସୁରଜିତ ସାହୁ ଯୋଗଦେଇଥିଲେ । ସ୍ଥାନୀୟ ଡିଏଫ୍‌ଓଙ୍କ ନେତୃତ୍ୱରେ ରାଉରକେଲା ବନଖଣ୍ଡରେ ଚାଲିଥିବା ଜଙ୍ଗଲ ସୃଷ୍ଟି, ବନ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଲୋକେ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ଆୟୋଜିତ ଆଲୋଚନାଚକ୍ରରେ ବିଶ୍ରା ମହାବିଦ୍ୟାଳୟର ଅଧ୍ୟାପକ ଡ. ନଗେନ ଦାସ ଆଲୋଚକ ଭାବେ ଯୋଗଦେଇ ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ ଇଂରେଜମାନଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ ଦ୍ୱାରା ଓଡିଶା ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ଲାଭ କରିଥିଲା ବୋଲି କହିଥିଲେ । ଆଲୋଚନାର ଶୀର୍ଷକ ଉପରେ ସମୀକ୍ଷା କରି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ କୌଣସି ଜାତିର ଭାଷା ଓ ସାହିତ୍ୟ ତାର ଅପରିହାର୍ଯ୍ୟ ଅଙ୍ଗ ଅଟେ ବୋଲି କହିଥିଲେ । ସନ୍ଧ୍ୟାରେ ୨୬ତମ ବାର୍ଷିକୋତ୍ସବର ଶୁଭାରମ୍ଭ କରାଯାଇଥିଲା । ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ । ପରେ କୁନି କୁନି ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଫ୍ଲାଇଙ୍ଗ କଲର୍ସ, ରାଇମ୍‌ସ ଆବୃତ୍ତି, କୌତୁକ ବେଶ, ଲୋକ ନୃତ୍ୟ ଏବଂ ଅଣଶାସ୍ତ୍ରୀୟ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଦ୍ୱିବେଦୀ, ସରୋଜ ଷଡଙ୍ଗୀ, ଶୈଳେନ୍ଦ୍ର ରାଉତ, ଉମେଶ ଷଡଙ୍ଗୀ, ସୁନନ୍ଦା ପାତ୍ର, ସସ୍ମିତା ଦାସ, ଅର୍ଚ୍ଚନା ସାହୁ, ସୁଚିତ୍ରା ପାଣି, ବନଲତା ବେହେରା, ଅଜିତା ପ୍ରଧାନ, ଅଂଶୁମାନ ପାତ୍ର, ମନୋଜ କୁମାର ନାୟକ, ବିଜୟ କୁମାର ସାହୁ, ଅମନଦୀପ ପାତ୍ର, ସୌମ୍ୟରଞ୍ଜନ ଭୋଳ, ସୌମ୍ୟରଞ୍ଜନ ପରିଡା, ଚିତ୍ତ ସେଠୀ, ବିଜୁ ବାରିକ, ସୌମ୍ୟ ଷଡଙ୍ଗୀ, ବଂଶିକା ଷଡଙ୍ଗୀ, ଦିନେଶ ସିଂହ, ନିକିତା ରାଉତ, ଶେଷ ବଘାର, ରାଜୀବ ବାଗ, ଧନଞ୍ଜୟ ଦଣ୍ଡପାଟ, ଦୈତାରୀ ସାହୁ, ସଲୀଲ ଦାସ ସହଯୋଗ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ସତ୍ୟ ସୁନ୍ଦର ପାତ୍ର ଧନ୍ୟବାଦ ଦେଇଥିଲେ ।

# ଧାନ ଚୋରା ଚାଲାଣ କରୁଥିବା ପିକ୍‌ଅପ୍ ଜବତ

**ବଣାଇଁ,୩୦।୧୨(ସମିସ):** ଏକ ପିକଅପ ଭ୍ୟାନରେ ଧାନ ଦେବଗଡ଼ ଜିଲ୍ଲା ଅଞ୍ଚଳରୁ ବାହାରକୁ ଚୋରା ଚାଲାଣ ହେଉଥିବା ବେଳେ ଜାଙ୍ଗଲା ସିଆଁଯୋର ନିକଟରେ ଯୋଗାଣ ବିଭାଗ ତାହାକୁ ଜବତ କରିଛି । ତଦନ୍ତ ପରେ ଉପଜିଲ୍ଲାପାଳ ଉକ୍ତ ଭ୍ୟାନ୍‌କୁ ସିଜ୍ କରିଥିବା ଜଣାପଡ଼ିଛି । ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରେ ଟିକେ ବିଳମ୍ବ ରେ ମଣ୍ଡି ଖୋଲିଥିବାରୁ ଏହାର ଫାଇଦା ନେଇ ଅସାଧୁ ବ୍ୟବସାୟୀ ଗରିବ ଚାଷୀଙ୍କ ଠାରୁ ଶସ୍ତାରେ ଧାନ କିଣି ବାହାରକୁ ଚାଲାଣ କରୁଛନ୍ତି । ଏନେଇ ଖବର ପାଇ ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ନିର୍ଦ୍ଦେଶ କ୍ରମେ କିପରି ବାହାରକୁ ଧାନ ଚାଲାଣ ହେବନି ସେଉପରେ ନଜର ରଖିଥିଲେ ଯୋଗାଣ ବିଭାଗ । ଲହୁଣୀପଡା, ରାଜାମୁଣ୍ଡା, ଗୁରୁଣ୍ଡିଆ, ଜୀବିକା, ଖୁଣ୍ଟଗାଁ ଅଞ୍ଚଳରେ କେତେକ ଅସାଧୁ ବ୍ୟବସାୟୀ ଗରିବ ଲୋକଙ୍କ ଠାରୁ ଧାନ କିଣି ରାଜ୍ୟ ବାହାରକୁ ପଠାଉଥିବା ନଜିର ରହିଛି । ଏନେଇ ବଣାଇଁ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ ଚୋରା ଚାଲାଣ ରୋକିବା ଲାଗି ସ୍କ୍ୱାର୍ଡ ଗଠନ କରି ଚଢ଼ଉ ଜାରି ରଖାଯାଇଛି ବୋଲି କହିଛନ୍ତି ।





# ୨ ବାଇକ୍ ଧକ୍କା; ୨ ଆହତ

**ରାଉରକେଲା,୩୦।୧୨(ସମିସ):** ରିଂରୋଡ ଠାରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି । ଏଥିରେ ଦୁଇ ବାଇକ୍ ଚାଳକ ଆହତ ହୋଇଥିବା ସୂଚନା ମିଳିଛି । ମଙ୍ଗଳବାର ଅପରାହ୍ନରେ ସେକ୍ଟର -୨ରୁ ଆମ୍ବଗାନ ଛକ ମଧ୍ୟରେ ଥିବା ରାସ୍ତାରେ ହଠାତ୍ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଚାଳକ ଦ୍ୱୟ ରାସ୍ତାରେ ପଡ଼ି ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା । ଖବର ଲେଖା ହେବା ଯାଏଁ ସେମାନଙ୍କ ପରିଚୟ ମିଳିପାରି ନାହିଁ ।

# ଆର୍‌ଏସ୍‌ପିରେ ଆଧୁନିକ କାର୍ଯ୍ୟକ୍ଷେତ୍ର ଦକ୍ଷତା ଉପରେ ତାଲିମ

**ରାଉରକେଲା, ୩୦।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଡିସେମ୍ବର ୨୯ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏଆଇଓର୍କ: ଆଧୁନିକ କାର୍ଯ୍ୟସ୍ଥଳୀରେ ଦକ୍ଷ କୌଶଳ ସହିତ ଦକ୍ଷ ସେଲ୍' ଶୀର୍ଷକ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପିକେ ସାହୁ ଅଧକ୍ଷତା କରିଥିବା ବେଳେ ଜିଏମ୍‌ଏଚ୍ ପତି ମଧ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କାରଖାନର ବିଭିନ୍ନ ବିଭାଗରୁ ମୋଟ ୨୫ ଜଣ ଅଧିକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ଆଇ ଆଣ୍ଡ ଏ ବିଭାଗର ସିଜିଏମ କେକେ ସେନଗୁପ୍ତା ଏବଂ ପିକେ ସାହୁ ଅଧକ୍ଷତା କରି ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ । ଅଧିକାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପକରଣଗୁଡ଼ିକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ସକ୍ଷମ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଦୈନନ୍ଦିନ କାର୍ଯ୍ୟରେ ସୁଯୋଗ ଚିହ୍ନଟ କରିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ସହିତ ସଜ୍ଜିତ କରିବା ଯେଉଁଠାରେ କୃତ୍ରିମ ବୁଦ୍ଧିମତା ଦକ୍ଷତା, ଯୋଗାଯୋଗ ଏବଂ ନିଷ୍ପତ୍ତି ଗ୍ରହଣକୁ ଉନ୍ନତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ତଥ୍ୟ, ଏମ୍‌ଆଇଏସ୍, ଉପସ୍ଥାପନା ଏବଂ ରିପୋର୍ଟ ପରିଚାଳନା କରୁଥିବା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଅଧିବେଶନରେ ଆଲୋଚ୍ୟ ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ଦୈନନ୍ଦିନ ଉତ୍ପାଦକତା ପାଇଁ ତ୍ୱରିତ ଇଞ୍ଜିନିୟରିଂ ଏବଂ କୃତ୍ରିମ ବୁଦ୍ଧିମତା ଉପକରଣଗୁଡ଼ିକର ହାତପାଆନ୍ତାରେ ଏକ୍ସପୋଜର ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକ୍ରମକୁ ଏମ୍‌ଟିଆଇର ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିନିୟର ମ୍ୟାନେଜର ଚନ୍ଦ୍ର ନାଥ କୁମାର ପରିଚାଳନା କରିଥିଲେ ।



# ଆର୍‌ଏସ୍‌ଏସ୍ ପକ୍ଷରୁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ

**ରାଉରକେଲା,୩୦।୧୨(ସମିସ):** ଆଇଜିଏଚ କର୍ମଚାରୀଙ୍କ ପାଇଁ ଆରଏସଏସ ପକ୍ଷରୁ ବହୁ ପ୍ରତିକ୍ଷିତ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ଉପସଭାପତି ଅକ୍ଷୟ ଜେନା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ବରିଷ୍ଠ ଉପସଭାପତି ଆର୍‌କେ ପଣ୍ଡା, ନିହାର ଦାସ, ସତ୍ୟ ସାହୁ, ରମେଶ ଚନ୍ଦ୍ର ଦତ୍ତ, ବୀରକିଶୋର ଶେଖରଦେଓ, ରଘୁନାଥ ଭୁକ୍ତା, ସମ୍ପାଦକ ଦୁର୍ଗା ଜେନା, ରମାକାନ୍ତ ପରିଡା, ସମର ମଣ୍ଡଳ, ଅଖିଳ ପୃଷ୍ଟି , ଅକ୍ଷୟ ବେହେରା, ବ୍ରଜ କିଶୋର ନାୟକ, ପିଏସ୍ ଷଡ଼ଙ୍ଗୀ , ସେବତୀ ଲୀଳା ବିଲୁଙ୍ଗ୍, ପଦ୍ମ ନାୟକ, ଘନଶ୍ୟାମ ନାୟକ, ଅର୍ଚ୍ଚନା ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ବେହେରା, ଡି. ନାୟକ, ଗାଙ୍ଗପୁର ମଜଦୂର ମଞ୍ଚର ଉପସଭାପତି ସନ୍ତୋଷ କୁଜୁର, ସୁଲେମାନ କାଉଡ଼ିଆଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଏବଂ ଆରଏଲସି ରବିକାନ୍ତ ରେ‡ୀଙ୍କ ଉପସ୍ଥିତିରେ ଆରଏଲସି ଅଫିସରେ ଆଜି ଏକ ତ୍ରିପାକ୍ଷିକ ଚୁକ୍ତିନାମା କରାଯାଇଥିଲା । ଏହି ଚୁକ୍ତିନାମା ଜରିଆରେ କ୍ଲଷ୍ଟରରୁ କ୍ଲଷ୍ଟର ୩ ବର୍ଷିୟା ପ୍ରଦୋନ୍ନତି ପାଇନଥିବା ଆଇଜିଏଚ ଅନେକ କର୍ମଚାରୀମାନଙ୍କୁ ତିନି ବର୍ଷିୟା ପ୍ରଦୋନ୍ନତି ଦେବାର ବ୍ୟବସ୍ଥା କରାଯିବା ସହିତ ନର୍ସିଂ ଅଧିକାରୀ, ବରିଷ୍ଠ ନର୍ସିଂ ଅଧିକାରୀ ଭଳି କିଛି ନୂଆ ଉପାଧି ଏବଂ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ, ମୁଖ୍ୟ ଫାର୍ମାସିଷ୍ଟ କମ୍ ଷ୍ଟୋର କିପର, ମୁଖ୍ୟ ରେଡିଓଲୋଜିଷ୍ଟ, ମୁଖ୍ୟ ଟେକ୍ନୋଲୋଜିଷ୍ଟ, ମୁଖ୍ୟ ଫିଜିଓଥେରାପିଷ୍ଟ ଭଳି କଟିଯାଇଥିବା ଅନେକ ସମ୍ମାନଜନକ ପଦନାମର ପୁନଃ ପ୍ରଚଳନ କରାଯାଇଥିଲା । ରାଉରକେଲା ଇସ୍ପାତ କାରଖାନା ତରଫରୁ ଆଇଜିଏଚ୍‌ର ସିଏମଓ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ଡକ୍ଟର ପ୍ରତିଭା ଷଡଙ୍ଗୀ, ଡକ୍ଟର ସୁଶୀଲ କୁମାର, ସିଜିଏମ ଏଚଆର ମାନସ ରଥ, ଜିଏମ ଏଚଆର ଜିଆର ଦାସ, ଏସସି ପରିଚ୍ଛାଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



# ଆଇଜିଏଚ୍‌ରେ ବିଷକ୍ରିୟାରେ ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା

**ରାଉରକେଲା, ୩୦।୧୨(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରୀ ଦଳ ହେମୋପରଫ୍ୟୁଜନ୍ ଡାଏଲିସିସ୍ ମାଧ୍ୟମରେ ଗୁରୁତର ବିଷକ୍ରିୟାରେ ପୀଡିତ ଜଣେ ରୋଗୀଙ୍କ ଜୀବନ ବଞ୍ଚାଇଛନ୍ତି, ଯାହା ପଶ୍ଚିମ ଓଡ଼ିଶାର ସମଧରଣର ପ୍ରଥମ ଚିକିତ୍ସା ପ୍ରୟାସ ହୋଇଛି । ରୋଗୀ ଜଣଙ୍କୁ ଅଚେତ ଅବସ୍ଥାରେ ଆଇଜିଏଚକୁ ଅଣାଯାଇଥିଲା ଏବଂ ତୁରନ୍ତ ଇଣ୍ଟେନସିଭ୍ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା । ତାଙ୍କର ପାରାକ୍ୱାଟ୍ ଜନିତ ବିଷକ୍ରିୟା ଚିହ୍ନିତ ହୋଇଥିଲା, ଯାହା ଏକ ଅତ୍ୟନ୍ତ ପ୍ରାଣଘାତକ ବିଷକ୍ରିୟା ଥିଲା । ଏହି ପାରାକ୍ୱାଟ୍ ବିଷକ୍ରିୟାର କୌଣସି ପ୍ରତିଷେଧକ ନଥିବାବେଳେ ଏହାର ଏକମାତ୍ର ପ୍ରଭାବଶାଳୀ ଜୀବନ ରକ୍ଷାକାରୀ ହସ୍ତକ୍ଷେପ ହେଉଛି ହେମୋପରଫ୍ୟୁଜନ୍ ଡାଏଲିସିସ୍ । ଯାହା ରକ୍ତ ପ୍ରବାହରୁ ବିଷାକ୍ତ ପଦାର୍ଥକୁ ନିଷ୍କାସନ କରିବା ପାଇଁ ୨୪ ଘଣ୍ଟା ମଧ୍ୟରେ ଆରମ୍ଭ କରାଯିବା ଆବଶ୍ୟକ ଥିଲା । ହେମୋପରଫ୍ୟୁଜନ୍ ଏକ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଏବଂ ଉନ୍ନତ ଡାଏଲିସିସ୍ କୌଶଳ ଯେଉଁଥିରେ ଶରୀରରୁ ଆବଶ୍ୟକୀୟ ପ୍ରୋଟିନ୍ ସଂରକ୍ଷଣ କରି ବିଷାକ୍ତ ପଦାର୍ଥକୁ ଏକ ସ୍ୱତନ୍ତ୍ର ଡାଏଲିସିସ୍ ମାଧ୍ୟମରେ ରକ୍ତରୁ ବାହାର କରାଯାଏ । ଏହି ପ୍ରକ୍ରିୟା ପାଇଁ ବିଶେଷ ଉପକରଣ, ବିଶେଷଜ୍ଞତା ଏବଂ ସଠିକ୍ ତଦାରଖ ଆବଶ୍ୟକ ହୋଇଥାଏ । ସମୟର ଗୁରୁତ୍ୱକୁ ବିଚାର କରି, ଆଇଜିଏଚର ମୁଖ୍ୟ ନେଫ୍ରୋଲୋଜିଷ୍ଟ ଡକ୍ଟର ଏସ୍‌କେ. ରାଉତ ତାଙ୍କ ଉତ୍ସର୍ଗୀକୃତ ଦଳ ସହିତ ହସ୍ପିଟାଲରେ ଉପଲବ୍ଧ ସୁବିଧା ବ୍ୟବହାର କରି ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ । ସମୟୋଚିତ ହସ୍ତକ୍ଷେପ ସଫଳ ହୋଇଥିଲା, ଯାହା ପରେ ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା । ତାଙ୍କର ଗୁରୁତ୍ୱପୂର୍ଣ୍ଣ ପାରାମିଟରଗୁଡ଼ିକ ସ୍ଥିର ହୋଇଥିଲା ଏବଂ କୌଣସି ଜଟିଳତାକୁ ଏଡ଼ାଇବା ପାଇଁ ତାଙ୍କୁ ଦଶ ଦିନ ଧରି କଡ଼ା ନଜର ରଖାଯାଇଥିଲା । ଏହି ପ୍ରକ୍ରିୟା ଏବଂ ଚିକିତ୍ସା ପରବର୍ତ୍ତୀ ଯତ୍ନ ନର୍ସିଂ ଏବଂ ବୈଷୟିକ କର୍ମଚାରୀଙ୍କ ପ୍ରତିବଦ୍ଧ ପ୍ରୟାସ ଦ୍ୱାରା ସମର୍ଥିତ ଥିଲା । ଏଥିରେ ସିଷ୍ଟର ଅନିତା, ସିଷ୍ଟର ମୁନିତା, ଟେକ୍ନିସିଆନ୍ ଧନଞ୍ଜୟ, ଶ୍ରାବଣୀ, ମହିମା ଏବଂ କୃତ୍ରିମ କିଡନୀ ୟୁନିଟ୍‌ର ଅନ୍ୟାନ୍ୟ ସଦସ୍ୟମାନେ ସାମିଲ ଥିଲେ, ଯେଉଁମାନେ ରୋଗୀଙ୍କ ଆରୋଗ୍ୟ ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଡକ୍ଟର ରାଉତ କହିଛନ୍ତି, ଆଇଜିଏଚ ବର୍ତ୍ତମାନ ହେମୋପରଫ୍ୟୁଜନ୍ ଡାଏଲିସିସ୍ ଆବଶ୍ୟକ କରୁଥିବା ବିଷକ୍ରିୟା ମାମଲା ଗୁଡିକର ପରିଚାଳନା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ଯଦି ରୋଗୀଙ୍କୁ ସଠିକ୍ ସମୟରେ ଚିକିତ୍ସା ନିମନ୍ତେ ଅଣାଯାଏ, ଏପରି ଚିକିତ୍ସା ପାଇଁ ଭୁବନେଶ୍ୱରକୁ ରେଫରାଲ୍ କରିବାର ଆବଶ୍ୟକତା ଦୂର ହୋଇପାରିବ ।

## ଅନ୍ତ୍ୟୋଦୟ ଗୃହ ପ୍ରବେଶ କାର୍ଯ୍ୟକ୍ରମ



ଭେଡେନ, ୩୦।୧୨(ସମିସ): ଭେଡେନ ବ୍ଲକ ଅଧୀନ ଅଇଁଲାପାଲି ଓ ଅରେଇଗୁଡି ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କ ଗୃହ ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶାସନ ତରଫରୁ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଇଁଲାପାଲି ପଞ୍ଚାୟତର ଆବାସ ଗୃହ ସମ୍ପୂର୍ଣ୍ଣ କରିଥିବା ମିଲି ସାହୁ, ମେଥିଲି ପଧାନ ଅରେଇଗୁଡି ପଞ୍ଚାୟତର ପଙ୍କଜିନୀ ସୁନା, ସନ୍ୟାସିନୀ ଛନ୍ଦ, ଜୟନ୍ତୀ ଛନ୍ଦଙ୍କୁ ସମ୍ବର୍ଦ୍ଧିତ କରା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ କର୍ଣ୍ଣ ସୁନା ଯୋଗ ଦେଇଥିଲେ। ଏବିଡିଓ ଶୋଭାଗ୍ୟ ରଞ୍ଜନ ପଧାନ, ବିପିସି ବବିତା ହୋତା, ବିପି ଅର୍ଜ୍ଜୁନ ମଲ୍ଲିକ, ଅଇଁଲାପାଲି ସରପଞ୍ଚ ଡମ୍ବରୁଧର ପାଣ୍ଡେ, ପଞ୍ଚୟତ ନିର୍ବାହୀ ଅଧିକାରୀ କୁନ୍ତୀ ଭୋଇ, ଏଡିଇଓ ଚୈତନ୍ୟ ପଧାନ, ଅରେଇଗୁଡି ସରପଞ୍ଚ ମଞ୍ଜୁଳାତା ବାରିକ, ପିଇଓ ସୁକନ୍ୟା ମହାପାତ୍ର, ଜିଆରଏସ ଅଶୋକ ସୁନାଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ସହିତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

# ଯୁବ ନେତା ଶାହରୁଖ ଲୋଧିଆଙ୍କୁ ମରଣାନ୍ତକ ଆକ୍ରମଣ

## ମିଥ୍ୟା କେସ୍ ପ୍ରତ୍ୟାହାର ଓ ଦୋଷୀଙ୍କୁ ଗିରଫ ଦାବି କଲା ଆପ୍

ବରଗଡ଼, ୩୦।୧୨(ସମିସ)

ବରଗଡ଼ ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ଲାଗି ରହିଛି। ଏହାର ସମାଧାନ ପାଇଁ ଅଭିଯୋଗ କରିବାକୁ ଯାଇଥିବା ଯୁବ ନେତା ଶାହରୁଖ ଲୋଧିଆଙ୍କ ଉପରକୁ ବିଜେପି ଗୁଣ୍ଡା ମରଣାନ୍ତକ ଆକ୍ରମଣ କରିଥିବା ଆମ୍ ଆଦମୀ ପାର୍ଟି ଦଳ ଅଭିଯୋଗ କରିଛି। ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆପ୍ ପକ୍ଷରୁ ଏପରି ଗୁରୁତର ଅଭିଯୋଗ ହୋଇଛି। ଆପ୍ ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟଙ୍କ ଉପରେ ପ୍ରଶ୍ନ କରିଛି। ଚାଷୀଙ୍କ ଟୋକନ ଆସୁ ନଥିବା ବେଳେ ଧାନ ଉଠିବାରେ ବିଳମ୍ବ ହେଉ ଥିବା ପ୍ରସଙ୍ଗକୁ ନେଇ ବିଧାୟକଙ୍କ ଭଟଲି କାର୍ଯ୍ୟାଳୟକୁ ଶାହରୁଖ, ସରିତା ସୁନା ଓ କିଛି ଚାଷୀ ଯାଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ବିଧାୟକଙ୍କ ସମର୍ଥକ ଗୁଣ୍ଡା ମାନେ ଅତର୍କିତ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି




ପ୍ରତ୍ୟକ୍ଷଦର୍ଶୀ ସରିତା ସୁନା ଅଭିଯୋଗ କରିଛନ୍ତି। ମାଡ ମାରି ଲହୁ ଲୁହାଣ କରିବା ଅନେକ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା ବୋଲି ସରିତା ଅଭିଯୋଗ କରିଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରେ ସୋହେଲା ଅଞ୍ଚଳର ଅଶ୍ୱିନୀ ପାତ୍ର, ରମେଶ କୁମ୍ଭାର, ଅଶ୍ୱିନୀ ସୁନା, ଚନ୍ଦ୍ର ମଣି ଭଞ୍ଜ, ଦୀପକ ସାହୁ ଓ ଅନ୍ୟମାନେ ଥିଲେ ବୋଲି ଆପ୍ କହିଛି। ପୁଲିସ ସେମାନଙ୍କୁ ଗିରଫ କରିବା ପରିବର୍ତ୍ତେ ଓଲଟା ଶାହରୁଖଙ୍କ ନାମରେ ମିଥ୍ୟା ମକଦ୍ଦମା କରି ଜେଲକୁ ପଠାଇଛି ବୋଲି ସରିତା ପ୍ରେସ ସାମ୍ନାରେ କହିଛନ୍ତି। ଏପରି କି ସବୁ ଫଟୋ ଭିଡିଓ ମୋବାଇଲରୁ ପୁଲିସ ଡିଲିଟ କରିଛି, ଶାହରୁଖ ଓ ତାଙ୍କ ଜୀବନ ପ୍ରତି ବିପଦ ରହିଛି ଏବଂ ଏପରି କ୍ଷେତ୍ରରେ କିଛି ଅଘଟଣ ହେଲେ ଆକ୍ରମଣକାରୀ ଦାୟୀ ରହିବେ ବୋଲି ସରିତା କହିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ବିଧାୟକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣର ଭିଡିଓ ପୁଲିସ ଜବତ କରୁ, ଶାହରୁଖଙ୍କ ନାମରେ ଲଗାଯାଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ହେଉ ଏବଂ ଏହି ଘଟଣାର ସମ୍ପୃକ୍ତ ଦୋଷୀ ମାନଙ୍କୁ ପୁଲିସ ଗିରଫ କରୁ ବୋଲି ଆପ୍ ପକ୍ଷରୁ ଦାବି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ନାରୀ ନେତ୍ରୀ ମରୀୟମ ବାର୍ଲା ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

### ● ୧୯୮୯ ବ୍ୟାଚ୍




ଭେଡେନ, ୩୦।୧୨(ସମିସ): ଭେଡେନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ସୂର୍ଯ୍ୟ ଦେହେରୀ ସଭା ସଂଯୋଜନା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର ହୋତା ସଭାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜମାତା ନାମରେ ନାମିତ ସୂର୍ଯ୍ୟମଣି ସିଂଙ୍କ ପ୍ରତିମୂର୍ତ୍ତିକୁ ତାଙ୍କର ଦାୟାଦ ଅଶୋକ ସିଂହ ସପତ୍ନିକ ଓ ସ୍କୁଲକୁ ପ୍ରଥମ ନୂତନ କୋଠରୀ ଦାନ କରିଥିବା ସୁଲୁଠୁ ଅଦାବର୍‌ଙ୍କ ପ୍ରତିମୂର୍ତ୍ତିକୁ ତାଙ୍କର ଦାୟାଦ ହଜାରୁ ଅଦାବର୍ ଉନ୍ମୋଚନ କରିଥିଲେ। ଏହାପରେ ଦିବଂଗତ ଶିକ୍ଷକ, କର୍ମଚାରୀ ଓ ସହପାଠୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ବଳଦେବ ରଣା, ଗୋପାଳ ଭୋଇ, ଡ.ପୁଷ୍ପ ମେହେର, ଗୋପାଲ ଚନ୍ଦ୍ର ଦାରି ସମସ୍ତ ପୂର୍ବତନ ଶିକ୍ଷକ ଗଣ ସମ୍ମାନିତ ଅତିଥି ଗଣଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ପୂର୍ବତନ ଛାତ୍ରଛାତ୍ରୀ ସ୍କୁଲ ଦିନ ପରି ପ୍ରାର୍ଥନା କରି ଏବଂ ଶିକ୍ଷକ ଗୋପାଲ ଭୋଇ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପକାଇ ପୁରୁଣା ସମୟର ସ୍ମୃତିଚାରଣ କରିଥିଲେ। ତେଜରାଜ୍ ମେହେର, ସୁରେନ୍ଦ୍ର ମେହେର ଓ ମମତା ମେହେରଙ୍କୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମସ୍ତଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟ ମେହେରଙ୍କ ସଂଯୋଜନାରେ ଅର୍କେଷ୍ଟ୍ରା ହୋଇଥିଲା। ଛାତ୍ର ତଥା ଜାତୀୟ ବାଲୁକା ଶିଳ୍ପୀ କାର୍ତ୍ତିକ ନାଏକ ଜମିଦାର ମନୋହର ସିଂଙ୍କ ବାଲୁକା କୃତୀ ପ୍ରସ୍ତୁତ କରିଥିଲେ। ଶେଷରେ ମଧୁସ୍ମିତା ପଣ୍ଡା, ମମତା ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ● ୧୯୭୪ ବ୍ୟାଚ୍



ବରପାଲି: ବରପାଲି ଉଚ୍ଚ ବିଦ୍ୟାଳୟ ୧୯୭୪ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ଅତିଥି ମାନେ ମାଁ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଦିବଂଗତ ପୁରାତନ ଛାତ୍ର ଓ ଗୁରୁ ମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ଗୋବିନ୍ଦ ଦାଶ, ବାସୁଦେବ ପତି, ମୁରଲି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିନୋଦାନନ୍ଦ ସାହୁଙ୍କ ସଂଯୋଜନାରେ ମାଁ ସମଲେଶ୍ୱରୀ ପୁସ୍ତକ ଓ କ୍ୟାଲେଣ୍ଡର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

**ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର**

## ଅନୁପ୍ରବେଶକାରୀଙ୍କ ଠାରୁ ପଦ୍ମପୁରକୁ ସୁରକ୍ଷିତ ରଖିବାକୁ ସଂକଳ୍ପ

ପଦ୍ମପୁର, ୩୦।୧୨(ସମିସ): ବାଂଲାଦେଶରେ ଦେଖା ଦେଉଥିବା ହିନ୍ଦୁ ବିରୋଧୀ ହିଂସା ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ନୂତନ ସରକାର ଗଠିତ ହେବା ପରେ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ଓ ପରବର୍ତ୍ତୀ ସମୟରେ ଅମୃତ ମଣ୍ଡଳଙ୍କ ହତ୍ୟା ସମସ୍ତଙ୍କୁ ଭୟଭୀତ କରିଛି। ବିଶେଷତଃ ଭାରତର ହିନ୍ଦୁମାନଙ୍କ ପ୍ରତି ଏକ ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ଭାରତ ବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ବାଂଲାଦେଶ ସରକାର ହିନ୍ଦୁମାନଙ୍କ ହତ୍ୟା ଓ ଅନ୍ୟାନ୍ୟ ଅତ୍ୟାଚାରକୁ ପ୍ରଶ୍ରୟ ଦେଉଛି। ଏହା ବ୍ୟତୀତ କ୍ରମାଗତ ଭାବେ ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନଙ୍କ ଅନୁପ୍ରବେଶ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ସେମାନେ ଭାରତରେ ସ୍ଥାନୀୟ ଲୋକଙ୍କ ରୋଜଗାରକୁ ଛଡାଇ ନେବା ସହ ରାତିରେ ବିଭିନ୍ନ ଅପରାଧରେ ଲିପ୍ତ ରହୁଛନ୍ତି। ଏହା ସହ ଭାରତରେ ଦେଖାଯାଉଥିବା ଧର୍ମାନ୍ତରୀକରଣରେ ମଧ୍ୟ ସେହିମାନେ ଲିପ୍ତ ରହୁଛନ୍ତି। ପଦ୍ମପୁର ସହରରେ ବିଗତ ୫-୭ ବର୍ଷରେ ଏମାନଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଛି। ଏ ସବୁର ପ୍ରତିବାଦରେ ମଙ୍ଗଳବାର ପଦ୍ମପୁରରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ରାଜାଜି ଟାଉନ ହଲ ଠାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଭେଉଁରିଆ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ପଦ୍ମପୁରରେ ବାଂଲାଦେଶୀମାନଙ୍କୁ ପ୍ରଶ୍ରୟ ଦେଉଥିବା ଲୋକଙ୍କୁ ତାଗିଦ କରିବା ସହ ଆଗାମୀ ସମୟରେ ପଦ୍ମପୁରରେ ତାଙ୍କ ପ୍ରବେଶକୁ ବାରଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଶହ ଶହ ସଂଖ୍ୟାରେ ପଦ୍ମପୁରର ଜନସାଧାରଣ ଏବଂ ଅନେକ ଅନୁଷ୍ଠାନ, ସଙ୍ଗଠନ, କ୍ଲବ୍ ତଥା ବିବିଧ ସମାଜର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଆଗାମୀ ସମୟରେ ପଦ୍ମପୁରରେ ବାଂଲାଦେଶୀମାନଙ୍କ ଠାରୁ ପଦ୍ମପୁରକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ପରିଶେଷରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଓ ପାକିସ୍ତାନର ସେନାଧକ୍ଷ ଆସିଫ ମୁନିର ଉଭୟଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

## ଛାତ୍ରୀଙ୍କୁ 'ଫିଡ୍' ପକ୍ଷରୁ ଉଚ୍ଚଶିକ୍ଷା ଲାଗି ଆର୍ଥିକ ସହାୟତା

ବରଗଡ଼, ୩୦।୧୨(ସମିସ): ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍' (ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଆଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ) ତରଫରୁ ପଦ୍ମପୁର ବ୍ଲକ ଅଧୀନ ବଗେଇଜୁରୀ ଗାଁର ବିଜୟଲକ୍ଷ୍ମୀ ଲୁହାରଙ୍କୁ ବିଇଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଜୟଲକ୍ଷ୍ମୀଙ୍କ ବାପା ଜଗନ୍ନାଥ ଲୁହାରଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ସେ ପଦ୍ମପୁର କୋର୍ଟ ପରିସରରେ ଲୋକଙ୍କର ଦରଖାସ୍ତ (ପିଟିସନ) ଲେଖା ଲେଖି କରି ନିଜର ପରିବାର ଚଳାଇଥାନ୍ତି। ଅସୁବିଧା ସତ୍ତ୍ୱେ ଦୁଇଟି ଝିଅଙ୍କୁ ପାଠ ପଢ଼ାଇ ଉଚ୍ଚ ଶିକ୍ଷିତ କରିବା ପାଇଁ ଚେଷ୍ଟା କରି ଆସିଛନ୍ତି। ତାଙ୍କର ଆର୍ଥିକ ସମସ୍ୟାକୁ ଅନୁଧ୍ୟାନ ପରେ 'ଫିଡ୍' ଟ୍ରଷ୍ଟ ସହାୟତାର ହାତ ବଢ଼େଇଛି। 'ଫିଡ୍' ଟ୍ରଷ୍ଟ ତରଫରୁ ଫଣିନ୍ଦ୍ର ତାଣ୍ଡି, କ୍ରୀଷ୍ଣା ସୁନା, ସୁବାସ ତାଣ୍ଡି, ଶଶିକାନ୍ତ କୁମ୍ଭାର, ଦେବାନନ୍ଦ ଭୋଇ, ସୁଦନକୁଅଁର ଏବଂ ଯଶୋବନ୍ତୀ ସୁନା ପ୍ରମୁଖ ଗତ ୨୯ ତାରିଖ ବିଜୟଲକ୍ଷ୍ମୀଙ୍କୁ ଭେଟି ନାମ ଲେଖାଇବା ବାବଦରେ ଆବଶ୍ୟକ ଅର୍ଥରାଶି ପ୍ରଦାନ କରିଥିଲେ।






## ଜମଲା ଡିଗ୍ରୀ କଲେଜରେ ପ୍ଲାଷ୍ଟିକ ମୁକ୍ତ ସଚେତନତା

ବରଗଡ଼, ୩୦।୧୨(ସମିସ): ଜମଲା ଡିଗ୍ରୀ କଲେଜରେ ପ୍ଲାଷ୍ଟିକ ମୁକ୍ତ ଶିକ୍ଷାନୁଷ୍ଠାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜର ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଓ ତାହାର କୁପ୍ରଭାବ ଆମ ଶରୀର ଉପରେ କିପରି ପ୍ରଭାବ ପଡ଼ିଥାଏ, ସେ ବିଷୟରେ ଆଲୋଚନା କରିଥିଲେ। ପରେ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ଲାଷ୍ଟିକ ମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସଫେଇ କାର୍ଯ୍ୟକ୍ରମ ସହ କଲେଜ ରାସ୍ତା ପାର୍ଶ୍ୱରେ ବୁଲା ବିକାଳୀ ମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଇତିହାସ ବିଭାଗର ଅଧ୍ୟାପକ ଫନୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୭ରେ ୧୪ ବର୍ଷରୁ କମ କ୍ରିକେଟ ଖେଳାଳିଙ୍କ ଚୟନ

ବରଗଡ଼, ୩୦।୧୨(ସମିସ): ବରଗଡ଼ ଜିଲ୍ଲା ୧୪ ବର୍ଷରୁ କମ ବୟସ କ୍ରିକେଟ ଖେଳାଳି ଚୟନ ଆଗାମୀ ଜାନୁଆରୀ ୭ ତାରିଖରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ କେବଳ ୧.୦୯.୨୦୧୧ ରୁ ୩୧.୧୨.୨୦୧୩ ମଧ୍ୟରେ ଜନ୍ମିତ ଖେଳାଳି ଭାଗ ନେଇ ପାରିବେ। ଇଚ୍ଛୁକ ଖେଳାଳି ମାନେ ଉକ୍ତ ଦିନ ସକାଳ ୮ରେ ନିଜର ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଓ ଖେଳ ସାମଗ୍ରୀ ନେଇ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ରବି ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

## ଜାନୁଆରୀ ୧୦ରୁ ଭଲିବଲ ପ୍ରତିଯୋଗିତା

ବରଗଡ଼, ୩୦।୧୨(ସମିସ): ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲ୍ଲା ଭଲିବଲ ପ୍ରତିଯୋଗିତା ଜାନୁଆରୀ ୧୦ ତାରିଖରେ ଅତାବିରା ବ୍ଲକ ଅଧୀନ ଲାଚିଦା ଗାଁରେ ଅନୁଷ୍ଠିତ ହେବ। ଜିଲ୍ଲା କ୍ରୀଡା ସଂସଦ ଓ ଲଚିଦା ୟୁଥ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଇଚ୍ଛୁକ ଜିଲ୍ଲା କ୍ରୀଡା ସଂସଦର ଅନୁବନ୍ଧିତ କ୍ଲବ୍, କ୍ରୀଡା ସଂଗଠନ, କଲେଜ ଗୁଡିକ ନିଜ ନିଜ ଅନୁଷ୍ଠାନର ନାମ ପଞ୍ଜୀକରଣ ଆସନ୍ତା ଜାନୁୟାରୀ ୬ ତାରିଖ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ଠାରେ କରିନେବେ ବୋଲି ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ ଆଉଟ୍ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ଜଣାଇଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବରଗଡ଼, ୩୦।୧୨(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ୫୧ତମ ବାର୍ଷିକ କ୍ରୀଡା ଉତ୍ସବ ସମ୍ପନ୍ନ ହୋଇଯାଇଛି। କ୍ରୀଡା ମହୋତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ସଦାନନ୍ଦ ସାହୁ, କେଶବ ପ୍ରଧାନ, ଚନ୍ଦ୍ରମଣି ସାହୁ, ବିଦେଶୀ ସାହୁ, କ୍ଷୀରୋଦ୍ର ଦାଶ ଓ ଶିକ୍ଷୟିତ୍ରୀ ନୀଳିମା ରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ସ୍ଥାନୀୟ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ରୀଡା ସଂସଦର ଉପସଭାପତି ଷଡାନନ ଭୋଇ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଚଳିତ ବର୍ଷର କ୍ରୀଡା ପ୍ରତିଯୋଗିତାରେ +୩ ବିଭାଗରେ ଛାତ୍ରୀ କୁମ୍‌କୁମ୍ ଧରୁଆ ଓ ଛାତ୍ର ଶୁଭେନ୍ଦୁ ଭୋଇ ଚାମ୍ପିଅନ ହୋଇଥିବା ବେଳେ +୨ ବିଭାଗରେ ଛାତ୍ରୀ ସମୀକ୍ଷା ତ୍ରିପାଠୀ ଓ ଛାତ୍ର ଅନୁରାଗ ସ୍ୱାଇଁ ଶ୍ରେଷ୍ଠ କ୍ରୀଡାବିତ ଭାବେ ପୁରସ୍କୃତ ହୋଇଥିଲେ।



# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ଚାମ୍ପିଅନ୍

ଅତାବିରା, ୩୦।୧୨(ସମିସ)

ଅତାବିରା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଟୁନୁ ପଣ୍ଡା ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୮୬ଟି ଯୋଡି ଭାଗ ନେଇଥିଲେ। ପ୍ରଥମ ମ୍ୟାଚ୍‌ଟି ଅତାବିରାର ଟୁକୁଲୁ ଓ ପ୍ରୀତିସ ସହିତ ରୁଦ୍ର ଓ ଆୟୁଷ ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ୍‌ଟି ଭୁବନେଶ୍ୱରର ଅଭିନାଶ ମହାନ୍ତି ଓ ପାରସ ମାଥୁର ସହିତ ଅନୁଗୁଳର ତନ୍ମୟ ସାହୁ ଓ ଅଭିଜିତ ମଧ୍ୟରେ ହୋଇଥିଲା। ଏଥିରେ ୨୧-୧୩ ସେଟ୍‌ରେ ଭୁବନେଶ୍ୱର ଚାମ୍ପିଅନ ହୋଇଥିବା ବେଳେ ଅନୁଗୁଳ ଉପବିଜେତା ହୋଇଥିଲା। ବିଜେତାଙ୍କୁ ଟ୍ରଫି ଓ ମାନପତ୍ର ଦେଇ



ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ପୁଲିସ ଟ୍ରେନିଂ ସେଣ୍ଟରର ଆରକ୍ଷୀ ଅଧିକାରୀ ପ୍ରମୋଦ ପାଣଗ୍ରାହୀ ମୁଖ୍ୟ ଅତିଥି ଭାବେ ଖେଳ ଉଦ୍‌ଘାଟନ କରିଥିଲେ। ଡ.ଶୁଭେନ୍ ଦାଶ, ସଞ୍ଜୀବ ପରିଜା, ଜିରାଜୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦକ ଜିତିନ୍ଦ୍ରେ ଦାଶ ମଞ୍ଚ ପରିଚଳନା କରିଥିଲେ। ଦ୍ୱିତୀୟ ଦିବସରେ ସମାଜସେବୀ ଫକୀର କର୍ଣ୍ଣ ମୁଖ୍ୟ ଅତିଥି ଥିବା ବେଳେ ଏନଏସି ଅଧ୍ୟକ୍ଷ ବନମାଳୀ ବରିହା, ସୁଦାମ ଜାଲ, ଉନିକୃଷ୍ଣ ନାୟାର ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଦିବ ଅଗ୍ରୱାଲ, କିଶାନ ଦାଶ, ଅନୁପ ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ। ରୋସନ ସାମଲ, ସୁଫି ଖାନ, ଜଗଦୀଶ କଟାକ୍, ଆବେଶ ଖାନ, ଫାରୁଖ ଖାନ, ବିକାଶ ତ୍ରିପାଠୀ, ମୁନା ମଲ୍ଲିକ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ଜ୍ୟୋତି ଡାନ୍ସ ଗ୍ରୁପ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସଭାପତି ପାର୍ଥ ସାରଥୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପନେସରାରେ ଖ୍ରୀଷ୍ଟିୟ ଉଦ୍ଦୀପନା ସଭା



ବରଗଡ଼, ୩୦।୧୨(ସମିସ): ବରଗଡ଼ ଜିଲ୍ଲା ପନେସରା ସିଏନଆଇ ଚର୍ଚ୍ଚରେ ଏକ ଖ୍ରୀଷ୍ଟିୟ ଉଦ୍ଦୀପନା ସଭା ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ଚନ୍ଦ୍ରଶେଖର ବାଗ ଓ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ମହୀପାଳ ଯୋଗ ଦେଇଥିଲେ। ଅଶୋକ ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ପ୍ରହ୍ଲାଦ ନନ୍ଦ, ସଞ୍ଜୟ ଛତ୍ରିଆ ତଥା ସମାଜର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆଚାର୍ଯ୍ୟ ବିନୋଦ ନନ୍ଦ ଶେଷ ପ୍ରାର୍ଥନା କରିଥିଲେ।

# ଇଲେକ୍ଟ୍ରିକାଲ୍ ୱାର୍କର ସଂଘର ବୈଠକ



**ମାଲକାନଗିରି, ୩୦ ।୧୨(ସମିସ):** ମା ଭୈରବୀ ଇଲେକ୍ଟ୍ରିକାଲ ୱାର୍କର ସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ଆଶୀର୍ବାଦ କଲୋନୀ ସ୍ଥିତ ଆମ୍ରତୋଟାରେ ସଂଘର ପ୍ରତିଷ୍ଠାତା ହେମନ୍ତ ଜୈନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବିଶିଷ୍ଟ ଆଇନଜୀବୀ ଭବାନୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଂଘର ଆଭିମୂଖ୍ୟ ଉପରେ ଆଲୋକପାତ କରିଥିଲେ । ସଂଘରେ ଯୋଗଦାନ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା । ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ପାଙ୍ଗି ସଂଘର କାର୍ଯ୍ୟକ୍ରମ ଉପରେ ଆଲୋକ ପାତ କରିଥିଲେ । ସମ୍ମାନିତ ଅତିଥି ଦିବାକର ଭଗବାନ ସଂଘ ଦ୍ୱାରା ନିଆଯାଇଥିବା ବିଭିନ୍ନ ପ୍ରକାରର ଉନ୍ନତୀ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଜିଲ୍ଲାର ଉନ୍ନତିରେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ । ସଂଘର ଉପଦେଷ୍ଟା ରତ୍ନାକର ଦାସ ୱାର୍କାର ମାନଙ୍କର ସୁରକ୍ଷା ଉପରେ ଆଲୋଚନା କରିଥିଲେ । ସଭାରେ ଉପସ୍ଥିତ ୱାର୍କର ସଭ୍ୟମାନଙ୍କୁ ୧ଲକ୍ଷ ଟଙ୍କାର ବୀମା ପ୍ରମାଣପତ୍ର ଭବାନୀ ମିଶ୍ର ଏବଂ ରତ୍ନାକର ଦାସଙ୍କ ଦ୍ୱାରା ବିତରଣ କରାଯାଇଥିଲା । ସଂଘର ପ୍ରତିଷ୍ଠାତା ହେମନ୍ତ ଜୈନ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ସହ ସଂଘକୁ ଆଗେଇ ନେବାପାଇଁ ନୂତନ ସଭ୍ୟ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ସଂଘର ସଭାପତି ଡମ୍ବରୁଧର ଜାନି ଉପସ୍ଥିତ ସମୁଦାୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ସଂଘର ଉପଦେଷ୍ଟା ଜୟଦେବ ପଣ୍ଡା କରିଥିବାବେଳେ ସମ୍ପାଦକ ଭି.ରାମା ରାଓ ଖାଦ୍ୟପେୟର ସୁବ୍ୟବସ୍ଥା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଇଲେକ୍ଟ୍ରିକାଲ୍ ୱାର୍କର ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

## ଟୋକନ୍ ଆସିନି, ଋଣ ପରିଶୋଧ ଚିନ୍ତାରେ ଚାଷୀ

# ଡିଆର୍‌ସିଏସ୍‌ଙ୍କୁ ଘେରିଲେ ନବରଙ୍ଗପୁର ଚାଷୀ

**ନବରଙ୍ଗପୁର, ୩୦।୧୨(ସମିସ)**



ନବରଙ୍ଗପୁର ବ୍ଲକର ସମସ୍ତ ପ୍ରକୃତ ଭାଗଚାଷୀ ମାନଙ୍କ ନାମ ଧାନ ବିକ୍ରୟ ନିମନ୍ତେ କରିଥିବା ରେଜିଷ୍ଟ୍ରେସନରୁ ବାଦ୍ ପଡ଼ିବା ଏବଂ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ଟୋକନ ନ ଆସିବା ଅଭିଯୋଗ କରି ମଙ୍ଗଳବାର ନବରଙ୍ଗପୁର ଡିଆର୍‌ସିଏସଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଚାଷୀ । ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ନବରଙ୍ଗପୁର ବ୍ଲକ ଅଞ୍ଚଳର ବହୁ ଚାଷୀ । ଚାଷୀଙ୍କ ଅଭିଯୋଗ ପ୍ରକାରେ ନବରଙ୍ଗପୁର ବ୍ଲକର ବହୁ ଚାଷୀ ଚଳିତ ୨୦୨୫-୨୬ ଖରିଫ ଚାଷର ଧାନ ବିକ୍ରୟ ନିମନ୍ତେ ଉଭୟ ଚାଷୀ ଓ ଭାଗଚାଷୀ ମାନେ ଲ୍ୟାମ୍ପ୍‌ସ ଏବଂ ବିଭିନ୍ନ ଏସ୍‌ଏଚ୍‌ଜିରେ ରେଜିଷ୍ଟ୍ରେସନ କରିଥିଲେ । ବିଳମ୍ବିତ ହେଲେ ମଧ୍ୟ ଗତ ଚାରିପାଞ୍ଚ ଦିନ ହେବ ଚାଷୀମାନଙ୍କ ପାଖକୁ ଧାନ ବିକ୍ରୟ ନିମନ୍ତେ ଟୋକନ ଆସିଛି । କିନ୍ତୁ ଟୋକନ୍ ବହୁତ କମ୍ ଚାଷୀଙ୍କୁ ମିଳିଛି । ଚଳିତ ବର୍ଷ ମଣ୍ଡି ଆରମ୍ଭ ହେବାରେ ବହୁତ ବିଳମ୍ବ ହୋଇଛି । ତେଣୁ ଚାଷୀମାନେ ଧାନ ବିକ୍ରୟ ପାଇଁ ଟୋକନ୍‌କୁ ଚାହିଁ ବସିଛନ୍ତି । ଯେତିକି ଚାଷୀଙ୍କୁ ଟୋକେନ ଆସିଛି, ତାହା ମଧ୍ୟ ଜମି ପରିମାଣ ଅନୁଯାୟୀ ନୁହେଁ । ଏପଟେ ଜେତେଜଣ ଭାଗଚାଷୀ ଭାଗଚାଷ ପାଇଁ ଆବଶ୍ୟକୀୟ କାଗଜପତ୍ର ସହ ଫର୍ମ ପୂରଣ କରି ଧାନ ବିକ୍ରୟ ନିମନ୍ତେ ଆବେଦନ କରିଥିଲେ, ସେମାନଙ୍କର ନାମ ସମ୍ପୂର୍ଣ୍ଣ ଭାବେ ରେଜିଷ୍ଟ୍ରେସନରୁ ବାଦ୍ ଦିଆଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଭାଗଚାଷୀ ମାନଙ୍କର ସତ୍ୟାସତ୍ୟ ଜାଣିବା ପାଇଁ ଅମିନ, ଆର୍‌ଆଇ ମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇ ବିଭାଗକୁ ତଥ୍ୟ ଯୋଗାଇ ଦିଆଯାଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ କେତେକ ଜମି ମାଲିକ ମାନଙ୍କୁ ଭାଗଚାଷ ବିଷୟରେ ସଠିକ ତଥ୍ୟ ଜାଣିବା ପାଇଁ ଫୋନ କଲ ଦ୍ୱାରା ମଧ୍ୟ ତଥ୍ୟ ମଗାଯାଇଥିଲା । ତଥାପି ଭାଗଚାଷୀ ମାନଙ୍କର ନାମ ରେଜିଷ୍ଟ୍ରେସନରୁ ବାଦ ଦିଆଯାଇଛି । ଏଣୁ ଭାଗଚାଷୀ ମାନେ ଧାର କରଜ କରି ଯେଉଁ ଚାଷ କରିଛନ୍ତି, ସେହି ଅମଳ ଧାନ କେଉଁଠାରେ ବିକ୍ରୟ କରିବେ ଏବଂ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେମାନଙ୍କୁ ଧାନ ବିକ୍ରୟ କରିବାର ବ୍ୟବସ୍ଥା କରାନଗଲେ ସେମାନେ ବାଧହୋଇ ବେପାରୀ ମାନଙ୍କୁ ୧୫ ଶହ ଟଙ୍କାରେ ଧାନ ବିକ୍ରି କରିବେ । ସମାଧାନ ନହେଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଆସି ବ୍ୟାପକ ଆନ୍ଦୋଳନ କରିବାକୁ ବାଧହେବେ ବୋଲି ଆଜିର ପ୍ରଦାନ କରାଯାଇଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଯେତେବେଳେ ସମସ୍ତ ଚାଷୀ ଡିଆର୍‌ସିଏସ, ଏଆରସିଏସ ଏବଂ ସିଏସଓଙ୍କୁ ଭେଟି ଏହି ବିଷୟ ନେଇ ଆଲୋଚନା କରିଥିଲେ ସେତେବେଳେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ଯେଉଁ ମାନେ ପଞ୍ଜୀକରଣ କରିଛନ୍ତି, ସେହି ସମସ୍ତ କାଗଜପତ୍ର ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଥିବା କୁହାଯାଇଥିଲା । ଏ ନେଇ ତାଙ୍କ ହାତରେ କିଛି ନାହିଁ ବୋଲି ନବରଙ୍ଗପୁର ଡିଆର୍‌ସିଏସ ସଦାନନ୍ଦ ବେହେରା କହିଥିବା ଚାଷୀ ବୈଦ୍ୟନାଥ ଦାଶ ସୂଚନା ଦେଇଛନ୍ତି । ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ବିଶିଷ୍ଟ ଚାଷୀ ବୈଦ୍ୟନାଥ ଦାଶଙ୍କ ସମେତ କାଶୀ ନାଥ ଦାଶ, କବିରାଜ ସ୍ୱାଇଁ, ସନ୍ତୋଷ ପରିଡ଼ା, ଅରୁଣ କୁମାର ଦାସ, ଡମ୍ବୁ ଦିଶାରୀ, ହରେକୃଷ୍ଣ ଦାସ, ଶିବରାମ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ● ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା ଜାରି

# ସ୍ଥାୟୀତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଅଭିଯୋଗ

**ଜୟପୁର, ୩୦ ।୧୨(ସମିସ) :** ଜୟପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ ଗତକାଲି ଠାରୁ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଆଜି ୨ୟ ଦିବସରେ ମଧ ଧାରଣା ଜାରି ରହିଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଅସ୍ଥାୟୀ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଧାରଣାରତ ଅସ୍ଥାୟୀ କର୍ମଚାରୀ ମାନେ ଦାବି କରିଛନ୍ତି । ଏହିପରି ଆସନ୍ତା ବୁଧବାର ସୁଦ୍ଧା ସମସ୍ତ ବିଭାଗର ଜୟପୁର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତଥା ସର୍କଲ କାର୍ଯ୍ୟାଳୟ ଅଧିନରେ ରହିଥିବା ସମସ୍ତ ଡିଭିଜନ ଓ ସବ୍ ଡିଭିଜନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଏହି କର୍ମଚାରୀ ମାନଙ୍କୁ ସମସ୍ତ ବିବରଣୀ ଏବଂ କାଗଜପତ୍ର ପ୍ରାପ୍ତ ହେଲେ ତୁରନ୍ତ ଏହାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଶ୍ୱନାଥ ମରାଣ୍ଡି ପ୍ରକାଶ କରିଛନ୍ତି । ଗତକାଲି ଠାରୁ ନିଖିଳ ଓଡ଼ିଶା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଠିକା କର୍ମଚାରୀ ଜୟପୁର ସର୍କଲ ପକ୍ଷର ଜୟପୁର ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେଇଥିଲେ । ଏହିପରି ଅସ୍ଥାୟୀ ତଥା ଠିକା କର୍ମଚାରୀଙ୍କ ଅଭିଯୋଗ ଯେ ନିଖିଳ ଓଡ଼ିଶା ରାସ୍ତା ଓ ଗୃହ ନିର୍ମାଣ ଠିକା ଶ୍ରମିକ ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ଏବଂ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଏହି କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଥିଲେ । ଏଥିନେଇ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏଥିନେଇ ସମସ୍ତ ଅସ୍ଥାୟୀ କର୍ମଚାରୀ ବିବରଣୀ ଓ କାଗଜପତ୍ର ପ୍ରଦାନ କରିବାକୁ ଜୟପୁର ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ସର୍କଲ କାର୍ଯାଳୟ ପକ୍ଷରୁ ଏଥିନେଇ କୌଣସି ବ୍ୟବସ୍ଥା କରାଯାଇନଥିବା ନେଇ ଅସ୍ଥାୟୀ କର୍ମଚାରୀ ମାନେ ଧାରଣା ଆରମ୍ଭ କରିଛନ୍ତି । ଏହି ଧାରଣାରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ସତୀଶ ଚନ୍ଦ୍ର ନାୟକ, ତିରୁପତି ନାୟକ, ଜି.ରାମାରାଓ, ସଞ୍ଜୟ ବେହେରା, ଅଜୟ କୁମାର ବିଶ୍ୱାଳ. ସୁଧିର ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି ।



# ବିଧାନସଭା ମଣ୍ଡଳୀସ୍ତରୀୟ ଅଟଳ ସ୍ମୃତି ସମ୍ମିଳନୀ

**ତେନ୍ତୁଲିଖୁଣ୍ଟି, ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ସ୍ଥିତ ସ୍ଥାନୀୟ ଅଫିସର୍ସ କ୍ଲବ୍ ପରିସରରେ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଡାକ୍ତର ଡ. ପ୍ରଦୀପ୍ତ କୁମାର ପ୍ରହରାଜ ଯୋଗଦେଇ ବାଜପେୟୀଙ୍କ ସଂଘର୍ଷର କାହାଣୀ ବିସ୍ତୃତ ଭାବରେ ବର୍ଣ୍ଣନା କରି ଦେଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ, ଅନ୍ୟତମ ଅତିଥି ଭାବେ ତେନ୍ତୁଳୀଖୁଣ୍ଟି ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ବିଜେପି ଜିଲ୍ଲା ସମ୍ପାଦକ ଅଚ୍ୟୁତାନନ୍ଦ ବିଶୋଇ, ଦେବଦାସ ମାହାଙ୍କୁଡ, ତେନ୍ତୁଳିଖୁଣ୍ଟି ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ନନ୍ଦାହାଣ୍ଡି ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଶୋଇ, ବରଣ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ପାର୍ଥି ବୀରେନ୍ଦ୍ର ପୂଜାରୀ, ମାନସରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଜୋନ ୨ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ମଣ୍ଡଳ ସାଧାରଣ ସମ୍ପାଦକ ବାବୁଲା ନାୟକ, ଚନ୍ଦ୍ର ଶେଖର ଦଳେଇ, ମହେଶ୍ୱର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ ।




# ତୀର୍ଥଯାତ୍ରା ବେଳେ ଛାତ୍ରଙ୍କ ଅକାଳ ବିୟୋଗ

**ନନ୍ଦପୁର, ୩୦।୧୨(ସମିସ):** ଚଳିତ ମାସ ୨୫ ତାରିଖରେ କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକ ଓଡ଼ିଶା ଆନ୍ଧ୍ର ସୀମାନ୍ତ ଗୋଲୁରୁ ଗ୍ରାମପଞ୍ଚାୟତ ସଦର ଗ୍ରାମର ରାମ ସ୍ୱାମୀ ଖୁଡ଼ା ନିଜ ପୁଅ ପ୍ରସନ୍ନ କୁମାର ଖୁଡ଼ାଙ୍କୁ ନେଇ ଗ୍ରାମବାସୀଙ୍କ ସହ ଏକ ବସ୍ ଯୋଗେ ରାମ ଲାଲାଙ୍କ ଦର୍ଶନ ପାଇଁ ଅଯୋଧ୍ୟା ଯାଇଥିଲେ । ସେଠାରୁ ସେମାନେ ପ୍ରୟାଗରାଜ ବୁଲିବାକୁ ଆସିଥିଲେ । ତେବେ ୨୯ ତାରିଖ ରାତିରେ ବସ୍‌ରେ ଶୋଇଥିବା ବେଳେ ପ୍ରସନ୍ନଙ୍କ ଅକାଳ ବିୟୋଗ ଘଟିଛି । ସେ ଅଚେତ ଥିବା ଦେଖି ତାଙ୍କୁ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରୟାଗରାଜ ପ୍ରଶାସନର ସହଯୋଗ ରେ ଏକ ଆମ୍ବୁଲାନ୍ସ ଯୋଗେ ଶବ ନେଇ ସେ ଗାଁକୁ ଆସୁଛନ୍ତି । ମୃତ ପ୍ରସନ୍ନ ଖୁଡ଼ା ନନ୍ଦପୁର ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ । ସେ ପିତାମାତାଙ୍କର ଏକମାତ୍ର ପୁଅ ଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।



# ବିଜେପି ଜିଲ୍ଲା କମିଟି ଗଠନ

**କୋରାପୁଟ, ୩୦।୧୨(ସମିସ):** ଭାରତୀୟ ଜନତା ପାର୍ଟି କୋରାପୁଟ ଜିଲ୍ଲା କମିଟି ଗଠନ କରାଯିବା ସହ ପଦାଧିକାରୀ ମାନଙ୍କ ନାମ ଘୋଷଣା କରାଯାଇଛି । ଜିଲ୍ଲା ସଭାପତି ଶିବ ମୁଦୁଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନାମ ଘୋଷଣା କରିଛନ୍ତି । ଏଥିରେ ମାଧୁରୀ ପ୍ରଧାନ, ସୁକାନ୍ତି ନାୟକ, ରାମେଶ୍ୱର ଜେନା, ଏସ କରଣ, ରାଜ ସିଂ, ସୁଧାଂଶୁ ଶେଖର ଜେନା, ରାଧେଶ୍ୟାମ ପରିଡ଼ା, ରବିଚନ୍ଦ୍ର ପାଢ଼ୀ ୮ ଜଣ ଉପ ସଭାପତି, ଚୈତନ୍ୟ ହନ୍ତାଲ, ଉଦୟ ହିକକା, ଚନ୍ଦ୍ରଶେଖର ରଥ ସାଧାରଣ ସମ୍ପାଦକ, ତ୍ରିନାଥ ପଣ୍ଡା କୋଷାଧ୍ୟକ୍ଷ ଏବଂ ଦୁର୍ଗା ପ୍ରସାଦ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ଅଗସ୍ତି ହାଲବା, ଏ. ସଞ୍ଜୁ ବିଡିକା, ଏମ.ଗଙ୍ଗାମା ମାଝୀ, ସନ୍ତୋଷିନୀ ଜେନା, ସୁରମା ନାୟକ ଏବଂ ବିଶ୍ୱ ତ୍ରିପାଠୀ ପ୍ରମୁଖ ୮ ଜଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ନଗର ବିଜେପି ସଭାପତି ୱାଇ ସତ୍ୟ ନାରାୟଣ ଉପସ୍ଥିତ ଥିଲେ । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ ଓ କୋରାପୁଟ ସାଂଗଠନିକ ଜିଲ୍ଲା ପ୍ରଭାରୀ ଭାବେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦାଧିକାରୀ ନିଯୁକ୍ତ କରାଯାଇଛି । କୋରାପୁଟ ବିଧାୟକଙ୍କ ବାସଭବନ ଠାରେ ଜିଲ୍ଲା ବିଜେପି ସଭାପତି ପଦାଧିକାରୀଙ୍କ ନାମ ଘୋଷଣା କରିଥିଲେ । ଜିଲ୍ଲା ସଂଗଠନ କମିଟିରେ ସଭାପତିଙ୍କୁ ମିଶାଇ ୨୧ ଜଣ ପଦାଧିକାରୀ ରହିଛନ୍ତି । ଏହି କମିଟିରେ ୭୦ ଜଣ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଓ ସଦସ୍ୟା ରହିବେ । କାର୍ଯ୍ୟକାରୀ ପରିଷଦର ସଦସ୍ୟ ଓ ସଦସ୍ୟା ମାନଙ୍କୁ ଖୁବ ଶୀଘ୍ର ଚୟନ କରାଯିବ ବୋଲି ସଭାପତି ଶ୍ରୀ ମୁଦୁଲି କହିଛନ୍ତି ।



# ଜଙ୍ଗଲ ଜମି ପଟା ବାଣ୍ଟିଲେ ଅଧିକାରୀ

**କୋରୁକୋଣ୍ଡା, ୩୦ ।୧୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡ଼ାମେଟା ଗ୍ରାମପଞ୍ଚାୟତର ଡୁଟେଲଗୁଡ଼ା ଗାଁରେ ଡୁଟେଲଗୁଡ଼ା ଜଙ୍ଗଲ ଗାଁକୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ସଂଶୋଧନ ନିୟମ ବଳୀ ୨୦୧୨ ଅନୁସାରେ ୫୨ ପରିବାରକୁ ୧୫୬ଟି ଜମିର ପଟା ବଣ୍ଟନ କରାଯାଇଛି । ୫୨ଟି ପରିବାରର ପ୍ଲଟ ସଂଖ୍ୟା ୨୧୫ । ତେଣୁ ୫୯ଟି ପ୍ଲଟର ପଟ୍ଟା ମିଳିନାହିଁ । କିଛି ଦିନ ଭିତରେ ଅବଶିଷ୍ଟ ୫୯ଟି ପଟ୍ଟା ପ୍ରଦାନ କରିବା ନିମନ୍ତେ ମାଲକାନଗିରି ଜିଲ୍ଲା ରେଞ୍ଜର ରମେଶ ରାଉତ କଥା ଦେଇଛନ୍ତି । ଏହି ଅବସରରେ କୋରୁକୋଣ୍ଡା ଫରେଷ୍ଟର ଜ୍ୟୋତି ଡୁଙ୍ଗଡୁଙ୍ଗ, ସମାଜସେବୀ ଭୀଷ୍ମ ପାଙ୍ଗି ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଡୁଟେଲଗୁଡ଼ା, ସମରା ଗୋଲାରି ଜଙ୍ଗଲ ଅଧିକାର କମିଟି ଦୁଟେଲଗୁଡ଼ା, ମାଧବ ମାଡ଼ି ସରପଞ୍ଚ ଡୁଡ଼ାମେଟା ଗ୍ରାମ ପଞ୍ଚାୟତ, ସବିତା ଦାସ୍ ସମିତି ସଭ୍ୟା ଡୁଡ଼ାମେଟା, ଡୁଡାମେଟା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦିଆ ମାଡକାମି, କାମୱାଡା ପୂର୍ବତନ ସରପଞ୍ଚ କାମୱାଡାମୁକା, ବିକାଶ ପଡ଼ିଆମି ୱାର୍ଡ ସଭ୍ୟ ଚେରିଗୁଡ଼ା, ଧବୁଲୁ ପାଙ୍ଗି ନାୟକ ଡୁଟେଲଗୁଡ଼ା, ଦୁଟେଲ ଗୁଡା ୱାର୍ଡ ସଭ୍ୟା ପଦ୍ମା ଖିଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।



# ଚର୍ଚ୍ଚକୁ ଆସବାବପତ୍ର ଦେଲେ କିନ୍ନର ମହାସଂଘ

**ଉମରକୋଟ ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ଉମରକୋଟ ଜେଈଏଲସି ଚର୍ଚ୍ଚକୁ ଚଳିତ ଖ୍ରୀଷ୍ଟମାସ ପର୍ବ ଉପଲକ୍ଷେ ୧୨ଟି ନୂତନ ପ୍ଲାଷ୍ଟିକ ଚୌକି, ଗୋଟିଏ କାନ୍ଥଘଣ୍ଟା ଏବଂ କିଛି ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଏହି ଅବସରରେ କିନ୍ନର ସଂଘର ଜିଲ୍ଲା ସଭାପତି ସୁଶ୍ରୀ କାଜଲ, ସମ୍ପାଦକ ସୁଶ୍ରୀ ଚୁମୁକିଙ୍କ ସମେତ ଉପସ୍ଥିତ ଜିଲ୍ଲାର ପ୍ରାୟ ୧୦ଟି ବ୍ଲକରୁ ଆସିଥିବା ଅନ୍ୟାନ୍ୟ କିନ୍ନର ବୈଦି, ବର୍ଷା, ଶ୍ରୁତି, ଇପ୍ସିତା, ତନୂଜା, କୁନି, ଡମଣି, ରାଧା, ସୁବର୍ଣ୍ଣା, କବିତା, ଶିବାନୀ, ଅନିତା, ଲକ୍ଷ୍ମୀ, ପ୍ରୀତିଙ୍କୁ ଚର୍ଚ୍ଚ କମିଟି ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଉମରକୋଟର ବରିଷ୍ଠ ସରକାରୀ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ସ୍ଥାନୀୟ ଚର୍ଚ୍ଚ ପରିଚାଳକ ପାଷ୍ଟର ବିଭୁତି ଭୁଷଣ ପାଣି, ପ୍ରାଚିନ ମୋହନ ନାୟକ, ଫିରୋଜ ଖୋରା, ଖ୍ରୀଷ୍ଟ ଚନ୍ଦ୍ର ଟାକ୍ରୀ, ସଭାପତି ମିତା ଖରା, କୋଷାଧ୍ୟକ୍ଷ ଅରୁଣ ନାୟକ, ଉପ ସଭାପତି ଶରତ ଦଳାଇ ତଥା ଉମରକୋଟ ଜେଇଏଲସିଚର୍ଚ୍ଚର ଅନେକ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ଉପସ୍ଥିତ ଥିଲେ । ସେହିଭଳି ବିଭିନ୍ନ ସମୟରେ ଜିଲ୍ଲା କିନ୍ନର ସଙ୍ଘ ତରଫରୁ ସଭ୍ୟ ମାନଙ୍କ ଦ୍ୱାରା ବିଭିନ୍ନ ପୂଜା ମଣ୍ଡପ ମାନଙ୍କୁ ଅନୁଦାନ ଏବଂ ରକ୍ତଦାନ ଭଳି ମହତ କାର୍ଯ୍ୟ କରୁଥିବା ଯୋଗୁଁ ସାଧାରଣରେ ପ୍ରଶଂସା କରାଯାଇଛି ।



# ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟି ବୈଠକ

**ପୋଡ଼ାଗଡ଼, ୩୦।୧୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟିର କର୍ମୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ ଓ ସୁନାମ ପାତ୍ର କନ୍ଦପାନଙ୍କ ନେତୃତ୍ୱରେ ହୋଇଥିଲା । ବ୍ଲକ କଂଗ୍ରେସ ସଭାପତି ଚୟନ ନିମନ୍ତେ ଏହି ବୈଠକ କରାଯାଇଥିଲା । ବ୍ଲକ ସାଧାରଣ ସମ୍ପାଦକ ମୋହନ ପାତ୍ର ହିଆଲ୍‌କୁ ସଭାପତି ପାଇଁ ଚୟନ କରାଯାଉ ଥିବା ଜାଣି ତାହାକୁ ବିରୋଧ କରି ବ୍ଲକର ସମସ୍ତ ନିର୍ବଚତ ପ୍ରତିନିଧି ଓ କଂଗ୍ରେସ କର୍ମୀ ପୋଡ଼ା ଗଡ଼ ନିକଟ ଅଞ୍ଚଳଗୁଡ଼ାରେ ଏକ ବୈଠକ କରି ତାହାଙ୍କୁ ବିରୋଧ କରିଥିଲେ । ସମସ୍ତ କର୍ମୀଙ୍କୁ ନେଇ ଏକ ଯୁବକକୁ ସଭାପତି କରିବା ନିମନ୍ତେ ନିଷ୍ପତି ନେଇ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଓ ରାଜ୍ୟ କଂଗ୍ରେସ କମିଟିର ସଭାପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ ନିମନ୍ତେ ସମସ୍ତ କର୍ମୀଙ୍କ ଦସ୍ତଖତ କରିଥିବା ଦେଖିବାକୁ ମିଳିଥିଲା । ଏହି ବୈଠକରେ ଉପସ୍ଥିତ ଥିଲେ ବରିଷ୍ଟ କଂଗ୍ରେସ ନେତା ତଥା ସାଂସଦଙ୍କ ପୂର୍ବତନ ପ୍ରତିନିଧି ବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ହୂଇକା, ଜିଲ୍ଲା ପରିଷଦ ସଭ୍ୟ ଜୋନ ୧ ଧନାପତି ଶାଉନ୍ତା, ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା ଲଳିତା ଜାନି, ଏ ମାଲକାନଗିରି ସରପଞ୍ଚ କୁମୁଟି ଜାନି ଯୁବ ନେତା ଦେବେନ୍ଦ୍ର କୁଲଦୀପ, ଶରତ କନ୍ଦ ପାନ, ସିଧୁ କୁଲଦୀପ, ସଲମାନ ବେନିଆ ସମିତି ସଭ୍ୟ ଗିରିଲି ଗୁମା ଦୁକୁ ବେନିଆ, ସୁବାଷ ଚନ୍ଦ୍ର ରା. ମନୋଜ ମାଧବ ଚେଟି ଧନୁର୍ଜୟ ଖୋସଲା, ଲିନଥ କୁଲଦୀପଙ୍କ ସମେତ ବ୍ଲକର ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଜିଲ୍ଲା ମିଲ୍ ମାଲିକ ସଂଘର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

# ଦାବି ପୂରଣ ନ ହେଲେ ୫ରୁ କଷ୍ଟମ ମିଲିଂ ଧାନ ଗ୍ରହଣ ବନ୍ଦ

**ଜୟପୁର, ୩୦ ।୧୨(ସମିସ)**

୪ ଦଫା ଦାବି ତୁରନ୍ତ ପୂରଣ ନ କରିଲେ ଆସନ୍ତା ଜାନୁୟାରୀ ୫ ତାରିଖରୁ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଠାରୁ କ୍ରୟ ହୋଇଥିବା ଧାନ କଷ୍ଟମ ମିଲିଂ ପାଇଁ ଗ୍ରହଣ କରିବେ ନାହିଁ ବୋଲି ଏକ ସ୍ମାରକପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି କୋରାପୁଟ ଜିଲ୍ଲା ମିଲ୍ ମାଲିକ ସଂଘ । ଏଥିରେ ମୁଖ୍ୟତଃ କଷ୍ଟମ ଧାନର ମିଲିଂ ଦେୟ ବୃଦ୍ଧି, କଷ୍ଟମ ଧାନ ଓ ଚାଉଳର ରକ୍ଷଣାବେକ୍ଷଣ ଦେୟ ପ୍ରଦାନ, ଧାନ ଓ ଚାଉଳ ପରିବହନ ମୂଲ୍ୟ ବୃଦ୍ଧି, କଞ୍ଚାଧାନ ବଦଳରେ ଶୁଖିଲା ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ ଦାବି ରହିଛି । ଏହି ଦାବି ଗୁଡ଼ିକ ନେଇ ଧାନ ମଣ୍ଡିରେ ମିଲ ମାଲିକ ମାନେ ଯୋଗଦେବା ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଏଥିନେଇ ଲିଖତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନଥିବା ଯୋଗୁଁ ମିଲ ମାଲିକ ସଂଘର ଏକ ଜରୁରୀ ବୈଠକ ମାଧ୍ୟମରେ ନିଷ୍ପତି ଗ୍ରହଣ କରାଯାଇ ଏହି ଦାବି ପତ୍ର ପ୍ରଦାନ କରାଯାଇଥିବା ନେଇ ସଂଘର ସଭାପତି ବି.ତିରୁପତି ରାଓ ଏବଂ ସମ୍ପାଦକ ଗୋପାଳ ପଣ୍ଡା ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ମିଲ ମାଲିକ ସଂଘ ପକ୍ଷରୁ ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକା ସ୍ମାରକପତ୍ର ପ୍ରଦାନ କରାଯାଇ ସରକାରଙ୍କ ଦ୍ୱାରା ନିଯୁକ୍ତ କ୍ରୟକାରୀ ସଂସ୍ଥା ପକ୍ଷରୁ ମଣ୍ଡିକୁ ଧାନ ବିକ୍ରି ପାଇଁ ଆସୁଥିବା ଏଫଏକ୍ୟୁ ମାନର ଧାନ କ୍ରୟ କରାଯିବା ସହିତ ଏହାକୁ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରିବା, ଚାଷୀ ମାନେ ମଣ୍ଡିକୁ ଧାନ ବିକ୍ରି ନିମନ୍ତେ ଆଣୁଥିବା ଫସଲମଣ୍ଡି ପରିଚାଳନା ଦାୟିତ୍ୱରେ ରହିଥିବା ଆଞ୍ଚଳିକ ବଜାର କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ଟାର୍ପଲିନରେ ଢାଳିବା ଏବଂ ଚାଷୀ ଧାନ ଆଣିଥିବା ବସ୍ତାକୁ ଫେରସ୍ତ, ଉକ୍ତ ଧାନକୁ କ୍ରୟକାରୀ ସଂସ୍ଥା ପକ୍ଷରୁ ଏଫଏକ୍ୟୁ ମାନ ନିର୍ଦ୍ଧାରଣ କରିବା ପରେ ଅନ୍ୟ ଏକ ବସ୍ତାରେ ଭର୍ତ୍ତି କରାଯାଇ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଥିଲା । ସରକାରଙ୍କ ନିୟମ ଅନୁଯାୟୀ ଧାନରେ ଏଫଏକ୍ୟୁ ମାନର ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରାଗଲେ ମଣ୍ଡିରେ ଧାନ କ୍ରୟ ଓ ବିକ୍ରୟ ସୁରୁଖୁରରେ ହୋଇପାରିବ ବୋଲି ଲିଖିତ ଭାବେ ପ୍ରଦାନ କରିଥିଲେ ।

# ରାମନଗର ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

**କାଲିମେଲା, ୩୦।୧୨(ସମିସ):** ମାଲକାନଗିରି ଜିଲ୍ଲା ଏମଭି-୭୯ ଗ୍ରାମସ୍ଥିତ ଶାବେରୀ ଖେଳ ପଡ଼ିଆରେ ଗତ ଏକ ସପ୍ତାହରୁ ଅଧିକ ସମୟ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ୬ ଗୋଟି କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ ଧୂରନ୍ଧର ଏକାଦଶ ଓ ଷ୍ଟାର ଏକାଦଶ ମଧ୍ୟରେ ହୋଇଥିଲା । ଧୂରନ୍ଧର ଏକାଦଶ ଏକ ତରଫା ଭାବେ ଏହି ମ୍ୟାଚକୁ ଜିତି ଥିବା ଦେଖିବାକୁ ମିଳିଛି । ଏହି ଟୁର୍ନାମେଣ୍ଟରର ଫାଇନାଲ ମ୍ୟାଚ ପୂର୍ବରୁ ପୁରାତନ ଜନଶୁଣା ଖେଳାଳୀ ତଥା ଶାବେରୀ କ୍ରିକେଟ କ୍ଲବର ସଭାପତି ଇଶ୍ୱର ରାଓଙ୍କ ଅକାଳ ବିୟୋଗ ଯୋଗୁଁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଅନୁଷ୍ଠିତ ମ୍ୟାଚରେ ଧୂରନ୍ଧର ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍ ଖେଳି ୧୦୨ ରନ୍ କରିଥିବା ବେଳେ ୧୦୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଷ୍ଟାର ଏକାଦଶ ୮୫ ରନ୍‌ରେ ସୀମିତ ରହିଥିଲା । ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶାବେରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ବିଭୂତି ଚରଣ ସେଠୀ, ବରିଷ୍ଠ କ୍ରିକେଟ ଖେଳାଳି ମାନସ ରଞ୍ଜନ ଜେନା, ରାଜୀବ ମଣ୍ଡଲ, ସୁଜୟ ହାଲଦାର ଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଛନ୍ତି । ଏହି ଟୁର୍ନାମେଣ୍ଟ ଫାଇନାଲ ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ ସଞ୍ଜୟ ମଣ୍ଡଳ ଏବଂ ବେଷ୍ଟ ଟୁର୍ନାମେଣ୍ଟ ଅଫ୍ ଖେଳାଳି ସଞ୍ଜୟ ବାଞ୍ଚାମି ହୋଇଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିଥିଲେ ସଞ୍ଜୀବ ହାଲଦାର, ଇନ୍ଦ୍ରଜିତ ସରକାର, ତୁଷାର ମଣ୍ଡଲ, ବିଶ୍ୱଜିତ ମଣ୍ଡଲ, ଅବିନାଶ ମଣ୍ଡଳ, ବିଟୁ ବିଶ୍ୱାସଙ୍କ ସମେତ ଶାବେରୀ କ୍ରିକେଟ୍ କ୍ଲବର ସମସ୍ତ ସଦସ୍ୟ ।



# କଟକ ସିଟି



## ଦୁର୍ଘଟଣାରେ ଶାଶୂଙ୍କ ମୃତ୍ୟୁ, ବୋହୂ ଗୁରୁତର

କଟକ,୩୦।୧୨(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗର କେନାଲ୍ ବନ୍ଧରେ ଆଜି ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ସାନ୍ଧ୍ୟଭ୍ରମଣରେ କେନାଲ୍ ବନ୍ଧରେ ଯାଉଥିବା ଶାଶୂ ଓ ବୋହୂଙ୍କୁ ଏକ ଦ୍ରୁତଗାମୀ କାର୍ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶାଶୂଙ୍କର ମୃତ୍ୟୁ ଘଟିଥିବା ବେଳେ ବୋହୂଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବି ପଠାଯାଇଥିଲା। ପୁଲିସ ଘଟଣାସ୍ଥଳରୁ କାର୍‌ଟିକୁ ଜବତ କରି ଆଣିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ମୃତ ମହିଳା ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଭାତପୁର ଅଞ୍ଚଳର ଭାରତୀ ପରିଡ଼ା (୬୧)। ତାଙ୍କ ବୋହୂ ସୁସ୍ମିତା ପରିଡ଼ା (୨୯)ଙ୍କ ସହ ସହ କଲ୍ୟାଣନଗର ଅଞ୍ଚଳରେ ଭଡ଼ାରେ ସପରିବାର ରହୁଥିଲେ। ଉଭୟେ ବନ୍ଧ ରାସ୍ତାର କଡ଼ରେ ଚାଲି ଚାଲି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

## 'ସୂର୍ଯ୍ୟୋଦୟ ଭାଷା ସାହିତ୍ୟ ପ୍ରତିଷ୍ଠାନ'ର ବାର୍ଷିକ ଉତ୍ସବ




କଟକ,୩୦।୧୨(ସମିସ): ସାହିତ୍ୟ ଓ ସଂସ୍କୃତିର ସହର କଟକର ଐତିହାସିକ ସାରଳା ଭବନଠାରେ 'ସୂର୍ଯ୍ୟୋଦୟ ଭାଷା ସାହିତ୍ୟ ପ୍ରତିଷ୍ଠାନ'ର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୬୩ ଜଣ ଯୁବ ପ୍ରତିଭାଙ୍କ ମଧ୍ୟରୁ ଶ୍ରେଷ୍ଠ ୧୭ ଜଣଙ୍କୁ 'ନବପ୍ରତିଭା ୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ଓଡ଼ିଆ ସିନେ ଜଗତର ବର୍ଷୀୟାନ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଚର୍ଚ୍ଚିତ କଣ୍ଠଶିଳ୍ପୀ ମିହିର କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଏବଂ ପ୍ରତିଷ୍ଠିତ କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କ ଉପସ୍ଥିତିରେ ଯୁବକବି ପ୍ରଶାନ୍ତ ଜେନାଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ 'ଚିତ୍ରଲେଖା ଆଦ୍ୟାଶା' ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକଟି 'ଖୁସି ପ୍ରକାଶନୀ' ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରତିଷ୍ଠାନର ସଭାପତି ପ୍ରଶାନ୍ତ ସେଠୀ ଏବଂ ପ୍ରତିଷ୍ଠାତା ସମ୍ପାଦକ ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ଭବ୍ୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

## ବରିଷ୍ଠ ନୃତ୍ୟଶିଳ୍ପୀ ସମାବେଶ ଓ ଗୁରୁ ପୂଜନ

କଟକ,୩୦।୧୨(ସମିସ): କଟକ ସହରର ପ୍ରାଚୀନ ନୃତ୍ୟାନୁଷ୍ଠାନ "ଓଡିଶୀ ନୃତ୍ୟ ମଣ୍ଡଳ'ର ନୃତ୍ୟଶିଳ୍ପୀମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖୁବ ସୁଖ୍ୟାତି ଅର୍ଜନ କରିବାରେ ଲାଗିଛନ୍ତି। ଗୁରୁ ଆଶିଷ ଦାସଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା ଓ ପ୍ରଦର୍ଶନ ସହ ଶିକ୍ଷା କ୍ଷେତ୍ରରେ ଗାରିମାମୟ ଅଧ୍ୟାୟ ସୃଷ୍ଟି କରିବା ସହ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ବଡ ପଦରେ ଅଧିଷ୍ଠିତ ହୋଇଛନ୍ତି। ଗୁରୁ ଆଶିଷ ଦାସଙ୍କ ଶିଷ୍ୟ ଡ. ଶିବାନୀ ରୋଜିଶ୍ରୀ ମିଶ୍ର ଅଷ୍ଟ୍ରେଲିଆର କାନବେରାଠାରେ ଓଡିଶୀନୃତ୍ୟ ଶିକ୍ଷା ଦେବା ସହ ଅଷ୍ଟ୍ରେଲିଆ ସରକାରଙ୍କ ଜଳବାୟୁ



ଓ ପାଣିପାଗ ବିଭାଗରେ ସହଯୋଗୀ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶୀ ନୃତ୍ୟ ଶିଳ୍ପୀ ମମତା ଓଝା, କାଜଲ ମହାପାତ୍ର, ଅନସୂୟା ବାରିକ, ମଧୁସ୍ମିତା ପଣ୍ଡା, ସସ୍ମିତା ପଣ୍ଡା, ପୁରବୀ ଦାସ, ଇଞ୍ଜିନିୟର ଋତୁପର୍ଣ୍ଣା ନାୟକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ତଥା ଓଡିଶୀ ନୃତ୍ୟ ଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ନୃତ୍ୟ ଶିଳ୍ପୀ କଟକ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଗୁରୁପୂଜନ ସହ ପୁଷ୍ପମାଲ୍ୟ ଅଙ୍ଗବସ୍ତ୍ର ଦେଇ ଗୁରୁଙ୍କ ଆଶୀର୍ବାଦ ନେଇଥିବା ବେଳେ ନୃତ୍ୟ ଶିକ୍ଷା ସହ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେବାର ପ୍ରେରଣାକୁ ମନପକାଇ ଥିବାବେଳେ ଓଡିଶୀ ନୃତ୍ୟମଣ୍ଡଳ ଦ୍ୱାରା ଆୟୋଜିତ ବାରବାଟୀ ନୃତ୍ୟ ମହୋତ୍ସବରେ ସମବେତ ନୃତ୍ୟ ପରିବେଷଣ କରିବେ ବୋଲି ଗୁରୁ ଆଶିଷ ଦାସ ଜଣାଇଛନ୍ତି।

## ଆଜି 'ଜିରୋ-ନାଇଟ୍'

### ମଦ୍ୟପଙ୍କୁ କରାଯିବ ସାବାଡ଼୍: ଗଳି ଗଳିରେ ବୁଲିବେ ସ୍ୱତନ୍ତ୍ର ସ୍କ୍ୱାଡ୍

### ବ୍ଲକିଂ-ଚେକିଂ କଡ଼ାକଡ଼ି: ଜାରୀ ହେଲା ଜରୁରିକାଳୀନ ହେଲ୍ପ-ଲାଇନ୍

# ଔଦ୍ଧତ୍ୟ ଆଚରଣ ଓ ଅଶାଳୀନ କାର୍ଯ୍ୟ ଉପରେ ପୁଲିସ ନଜର

କଟକ,୩୦।୧୨(ସମିସ)

ନୂତନ ବର୍ଷ ୨୦୨୬ର ଆଗମନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ କଟକ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସହରବାସୀ ଯେପରି ଶାନ୍ତିଶୃଙ୍ଖଳାର ସହ ଜିରୋ ନାଇଟ୍ ପାଳନ କରିପାରିବେ, ସେଥିପାଇଁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏକ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି କରିଛନ୍ତି। ଏହି ନିୟମ ଅନୁସାରେ, ମଦ୍ୟପାନ କରି ଗାଡ଼ି ଚଳାଇବା, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିବା ଏବଂ ପ୍ରଚଣ୍ଡ ଶବ୍ଦକାରୀ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ବିଶେଷ କରି ମହିଳା, ଶିଶୁ ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପୋଲିସ ପ୍ରାଥମିକତା ଦେଇଥିବା ବେଳେ ଉଚ୍ଚ ସ୍ୱରରେ ସଙ୍ଗୀତ ବଜାଇବା କିମ୍ବା ଅସଦାଚରଣ କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଚେତାବନୀ ଦିଆଯାଇଛି। କୌଣସି ପ୍ରକାରର କନସର୍ଟ କିମ୍ବା ଡିଜେ ପାର୍ଟି ପାଇଁ ପୋଲିସର ଅନୁମତି ବାଧ୍ୟତାମୂଳକ ହୋଇଥିବା ବେଳେ ଶବ୍ଦର ମାନଦଣ୍ଡ ପାଳନ କରିବାକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ନିର୍ଦ୍ଦେଶ ଦେଇଛନ୍ତି। ସହରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମୁଦାୟ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ଏବଂ ସମଗ୍ର କଟକ ସହରକୁ ଏକ ପ୍ରକାର ସିଲ୍ କରାଯାଇଛି। ନରାଜ, ଜୁଡିସିଆଲ୍ ଏକାଡେମୀ ଏବଂ କନ୍ଦରପୁର ଭଳି ପ୍ରବେଶ ପଥରେ ୨୪ ଘଣ୍ଟିଆ ନାକାବନ୍ଦୀ କରାଯାଇ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ପୁଲିସ ପକ୍ଷରୁ ୨୪ଟି ପିସିଆର୍ ଭ୍ୟାନ୍ ଓ ୪୦ଟି ବାଇକ୍ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଥିବା ବେଳେ ପ୍ରତି ଥାନା ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ମଦ୍ୟପାନ କରି ହଙ୍ଗାମା କରୁଥିବା ଲୋକଙ୍କ ଉପରେ ନଜର ରଖିବା ସହ ଓଏମପି, ବାଦାମବାଡ଼ି, ମଙ୍ଗଳାବାଗ ଓ କଲେଜ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବାରିକେଡ୍ ଲଗାଇ ଯାନବାହନ ଯାଞ୍ଚ କରାଯାଉଛି। କୌଣସି ଜରୁରୀ ପରିସ୍ଥିତିରେ ସାଧାରଣ ଜନତା ପୋଲିସର ହେଲ୍ପ-ଡେସ୍କ୍ ନମ୍ବର '୧୧୨' ରେ ଯୋଗଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ରାଜପଥରେ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ଟ୍ରାଫିକ୍ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ କରାଯିବ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ତୁରନ୍ତ ହଟାଇବା ପାଇଁ କ୍ରେନ୍ ଏବଂ ଆହତଙ୍କୁ ଚିକିତ୍ସାଳୟ ନେବା ପାଇଁ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଛି। ନବବର୍ଷ ପୂର୍ବରୁ ସହରର ବିଭିନ୍ନ ହୋଟେଲ ଓ ଲଜିଂରେ ପୋଲିସ ଚଢ଼ାଉ କରି ଆଗନ୍ତୁକଙ୍କ ରେକର୍ଡ ଯାଞ୍ଚ କରୁଛି। ଚୋରା ମଦ କାରବାର ଓ ଅସାମାଜିକ ଗତିବିଧି ଉପରେ କଡ଼ା ନଜର ରଖିବା ସହ ଏହି ନାକାବନ୍ଦୀ ଜାନୁଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳିଛି। ଜଗତପୁର, ଚୌଦ୍ୱାର ଓ ସିଆରଆରଆଇ ଭଳି ଉପକଣ୍ଠ ଥାନାଗୁଡ଼ିକୁ ମଧ୍ୟ ହାଇ-ଆଲର୍ଟରେ ରଖାଯାଇଛି।

## କୃଷି ଗବେଷଣା ଓ ଉଦ୍ୟୋଗ ମଧ୍ୟରେ ସଂଯୋଗର ଆବଶ୍ୟକତା




### ୩୪ ତମ ଡ. ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା

କଟକ,୩୦।୧୨(ସମିସ): କଟକର ଡକ୍ଟର ଗୋପୀନାଥ ସାହୁ ମେମୋରିଆଲ୍ ଟ୍ରଷ୍ଟ ଏବଂ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ "ଧାନ ଗବେଷଣା କର୍ମଚାରୀ ସଂଘ' ଦ୍ୱାରା ୩୪ତମ ଡ. ଗୋପୀନାଥ ସାହୁ ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ହାଇବ୍ରିଡ୍ ମୋଡ୍‌ରେ ପରିଚାଳିତ ହୋଇଥିଲା, ଯେଉଁଥିରେ ଅନେକ ବୈଜ୍ଞାନିକ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ଡ. ଗୋପୀନାଥ ସାହୁଙ୍କ ସ୍ମୃତିଚାରଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ମେଘାଳୟ ଏଟିଏଆରଆଇର ନିର୍ଦ୍ଦେଶକ ଡ. ଅମୂଲ୍ୟ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ "ଏକ ଦୃଢ଼ କୃଷି-ବ୍ୟବସାୟ ଇକୋସିଷ୍ଟମ ବିକାଶ ପାଇଁ କୃଷିରେ ଗବେଷଣା-ଉଦ୍ୟୋଗ ସଂଯୋଗକୁ ସୁଦୃଢ଼ କରିବା ଶୀର୍ଷକରେ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ କେବଳ ଗବେଷଣା ଯଥେଷ୍ଟ ନୁହେଁ, ବୈଜ୍ଞାନିକ ନବସୃଜନକୁ ସମାଜ ଓ ଶିଳ୍ପ ସହିତ ଯୋଡ଼ିବା ଦ୍ୱାରା ହିଁ କୃଷକମାନେ ପ୍ରକୃତ ସୁଫଳ ପାଇପାରିବେ। ଏଆରଆରଡବ୍ଲୁର ଉପାଧ୍ୟକ୍ଷ ଡକ୍ଟର ସୁମନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଚିବ ଡକ୍ଟର ରାମେଶ୍ୱର ପ୍ରସାଦ ସାହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡକ୍ଟର କୌଶିକ ଚକ୍ରବର୍ତ୍ତୀ ସ୍ମାରକୀ ବକ୍ତୃତାର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ଟ୍ରଷ୍ଟର ସଭାପତି ଡକ୍ଟର ପି.କେ. ମହାପାତ୍ର ଏବଂ ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଥିଲେ। ସ୍ୱର୍ଗତ ଡକ୍ଟର ଗୋପୀନାଥ ସାହୁଙ୍କ ପତ୍ନୀ ବାସନ୍ତୀ ସାହୁଙ୍କ ଉପସ୍ଥିତି ଏହି ଅବସରକୁ ଅଧିକ ମାର୍ମିକ କରିଥିଲା। ଡ. ମିଳନ ଲାଲ ଧନ୍ୟବାଦ ଦେଇଥିଲେ।

## ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଟକ,୩୦।୧୨(ସମିସ): କଳା ବିକାଶ କେନ୍ଦ୍ରରେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଛି। ଏହି ଉତ୍ସବରେ ବିଶିଷ୍ଟ ସମାଜସେବକ ତଥା କଳା ବିକାଶ କେନ୍ଦ୍ରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ଧର୍ମ ଜାଗରଣ ମହିଳା ପ୍ରମୁଖର ସଭାପତି ଆଇନଙ୍କ ସିଭା ମହାନ୍ତି, ଅଟଳ ସ୍ମୃତି କମିଟିର ଆବାହକ ଚିତ୍ତରଞ୍ଜନ ଦାସ ଏବଂ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଏସପି ବିକାଶ ଦାସ, କଲେଜର ପ୍ରତିଷ୍ଠାତା ସଭ୍ୟ ନୃସିଂହ ଚନ୍ଦ୍ର ପାତ୍ର ଏବଂ ପୂର୍ବତନ ସଭାପତି ଇଞ୍ଜିନିୟର ରଘୁନାଥ ପ୍ରସାଦ ଦାସ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଉତ୍ସବରେ ଅଧ୍ୟକ୍ଷା ଡଃ ସ୍ନେହଲତା ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ରଥ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଲେଜର ବାର୍ଷିକ ମୁଖପତ୍ର 'ପାବନୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ରୀଡ଼ା ଏବଂ ସାହିତ୍ୟିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଅଧ୍ୟକ୍ଷା ଅନୁଷ୍ଠାନର ଉଦୀୟମାନ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସେମାନଙ୍କର ନିଷ୍ଠାପର ସେବା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ସଭା କାର୍ଯ୍ୟ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା, ଯାହାକୁ ଡେମନ୍‌ଷ୍ଟ୍ରେଟର୍ ମୀରା ବେଉରା ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଧର୍ମେନ୍ଦ୍ର ନାଥ ମହାନ୍ତି ଏବଂ ସାଂସ୍କୃତିକ କମିଟିର ସଦସ୍ୟମାନଙ୍କ ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଭାବେ ସମାପ୍ତ ହୋଇଥିଲା। ଅଧ୍ୟାପିକା ତନୁଜା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

● ତେଜୁଛି ଓମ୍ସା ଆନ୍ଦୋଳନ

## କଳା ବ୍ୟାଜ୍ ପିନ୍ଧି ଡ୍ୟୁଟି କଲେ କନିଷ୍ଠ ଡାକ୍ତର

କଟକ,୩୦।୧୨(ସମିସ): ଓଡ଼ିଶା ମେଡିକାଲ ସେବା ସଂଘ(ଓମ୍ସା)ର ଆନ୍ଦୋଳନକୁ ସମର୍ଥନ ଜଣାଇ ଏସ୍‌ସିବି ମେଡିକାଲ କନିଷ୍ଠ ଡାକ୍ତର ସଂଘ(ଜେଡିଏ)ର ପ୍ରାୟ ଏକହଜାର କନିଷ୍ଠ ଡାକ୍ତର ମଙ୍ଗଳବାର କଳାବ୍ୟାଜ୍ ପିନ୍ଧି ଆଉଟଡୋର ଏବଂ ଜରୁରୀକାଳୀନ ବିଭାଗରେ ଡ୍ୟୁଟି କରିଛନ୍ତି। ବଡ ମେଡିକାଲ ସମେତ ଶିଶୁଭବନରେ ମଧ୍ୟ କନିଷ୍ଠ ଡାକ୍ତରମାନେ ଏଭଳି ଅଭିନବ ଢ଼ଙ୍ଗରେ ଓମ୍ସାକୁ ସମର୍ଥନ ଜଣାଇ ପ୍ରତିବାଦର ସ୍ୱର ଉଠାଇଛନ୍ତି। ସରକାର ଦାବି ପୂରଣ ନେଇ ପଦକ୍ଷେପ ନନେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଜେଡିଏ ସଭାପତି ଚିନ୍ମୟ କୁମାର ପ୍ରଧାନ କହିଛନ୍ତି। ପ୍ରକାଶଯୋଗ୍ୟ ଓମ୍ସା ପକ୍ଷରୁ ସରକାରୀ ହସ୍ପିଟାଲ ଗୁଡ଼ିକରେ ଏକ ଘଣ୍ଟାର କାର୍ଯ୍ୟବନ୍ଦ ଡକରା ଦିଆଯାଇଛି। ଗତ ଶୁକ୍ରବାରଠାରୁ ଆନ୍ଦୋଳନ ଜାରି ରହିଛି। ଫଳସ୍ୱରୂପ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବହୁମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି।

## ଗଡ଼ୱାଲ ଏଫସିକୁ ହରାଇଲା ନୀତା ଫୁଟବଲ୍ ଏକାଡେମୀ



କଟକ,୩୦।୧୨(ସମିସ): କୋଲକାତାସ୍ଥିତ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ନୀତା ଫୁଟବଲ୍ ଏକାଡେମୀ ୧-୦ ଗୋଲରେ ଦିଲ୍ଲୀର ଗଡ଼ୱାଲ ଏଫସିକୁ ପରାସ୍ତ କରିଛି। ଏହି ବିଜୟ ସହ ଦଳ ଟୁର୍ଣ୍ଣାମେଣ୍ଟରେ ନିଜର ବିଜୟ ଅଭିଯାନ ଜାରି ରଖିଛି। ମ୍ୟାଚ୍ ଆରମ୍ଭରୁ ହିଁ ନୀତା ଏକାଡେମୀର ଖେଳାଳିମାନେ ଜବରଦସ୍ତ ଖେଳ ପ୍ରଦର୍ଶନ କରିଥିଲେ। ଦଳର ଅଧିନାୟିକା ତଥା ଅଭିଜ୍ଞ ଖେଳାଳି ପ୍ୟାରୀ ଏକ୍ସା ମ୍ୟାଚ୍‌ର ମାତ୍ର ୭ ମିନିଟ୍ ସମୟରେ ଏକ ସୁନ୍ଦର ଗୋଲ୍ ସ୍କୋର କରି ଦଳକୁ ୧-୦ ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲଟି ଶେଷ ପର୍ଯ୍ୟନ୍ତ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଗଡ଼ୱାଲ ଏଫସି ପକ୍ଷରୁ ମ୍ୟାଚ୍‌କୁ ଫେରିବା ପାଇଁ ଅନେକ ପ୍ରୟାସ କରାଯାଇଥିଲେ ମଧ୍ୟ ନୀତା ଏକାଡେମୀର ମଜଭୁତ ରକ୍ଷଣଭାଗ ସେମାନଙ୍କୁ ସଫଳ ହେବାକୁ ଦେଇ ନ ଥିଲା। ଦଳର ଏହି ସଫଳତା ପଛରେ ମୁଖ୍ୟ ପ୍ରଶିକ୍ଷିକା ପାରମିତା ସିଟ୍ ଏବଂ ଅଭିଜ୍ଞ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ରଣନୀତି ଦଳର ମେଣ୍ଟର ମହମ୍ମଦ ଶାହିଦ୍ ଜବାର ଏବଂ ଟିମ୍ ମ୍ୟାନେଜର ସାୟନ୍ତନ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱବଧାନରେ ଖେଳାଳିମାନେ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲେ। ଏହି ବିଜୟ ପାଇଁ ଏକାଡେମୀର ମ୍ୟାନେଜମେଣ୍ଟ କମିଟିର ପ୍ରମୁଖ ସଦସ୍ୟ ଇଞ୍ଜିନିୟର ସୁବ୍ରତ ଦାସ, ଇଞ୍ଜିନିୟର ଅରୁଣ ପ୍ରସାଦ ପରିଜା ଏବଂ ଇଞ୍ଜିନିୟର ସମରେନ୍ଦ୍ର ପ୍ରତାପ ସ୍ୱାଇଁ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନୀତା ଫୁଟବଲ୍ ଏକାଡେମୀ ତାହାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ଜାନୁଆରୀ ୨ରେ ଶକ୍ତିଶାଳୀ ଇଷ୍ଟ ବେଙ୍ଗଲ ଏଫସି ବିପକ୍ଷରେ ଖେଳିବ। ଏହି ହାଇ-ଭୋଲଟେଜ୍ ମ୍ୟାଚ୍ କୋଲକାତାର କଲ୍ୟାଣୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

### ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱନାଥ ପଶାୟତଙ୍କ ସ୍ମୃତି ସନ୍ଧ୍ୟା

## ସଂଗ୍ରାମ ଜେନା ପାଇଲେ 'ପଶାୟତ ସମ୍ମାନ'

କଟକ,୩୦।୧୨(ସମିସ)



କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳାଭବନ ଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ତଥା ପ୍ରାକ୍ତନ ମୁଖ୍ୟ ବିଚାରପତି ଡ. ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ସଂପାଦକ ତଥା ଦୈନିକ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର ଜେନା ବିଶିଷ୍ଟ ଅତିଥି, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ସମ୍ମାନିତ ଅତିଥି, ସାହିତ୍ୟିକ ପ୍ରଫେସର ସତ୍ୟ ନାରାୟଣ ପଣ୍ଡା ବରେଣ୍ୟ ଅତିଥି, ସାହିତ୍ୟିକା ଡ. ସଂଘମିତ୍ର ଭଞ୍ଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ଡ. ସଂଗ୍ରାମ ଜେନାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ମୁଖ୍ୟବକ୍ତା ଡ. ଭଞ୍ଜ ବିଶ୍ୱନାଥ ପଶାୟତଙ୍କୁ 'ଆଧୁନିକ' ପତ୍ରିକାର ସୁଯୋଗ୍ୟ ସଂପାଦକ ଓ ସୁଲେଖକ ଭାବରେ ବର୍ଣ୍ଣନା କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଉଥିବାବେଳେ ଅଧ୍ୟାପକ ଗୋପୀନାଥ ପଣ୍ଡା ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସମାଜସେବୀ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଇଂ ରମାକାନ୍ତ ପ୍ରଧାନ, ଇଂ ସୁଶାନ୍ତ ସେଠୀ, ଅଧ୍ୟାପକ ଡ. କ୍ଷୀରୋଦ ସାହୁ, ବ୍ରଜକିଶୋର ବେଉରା ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅନ୍ତର୍ଜାତୀୟ କାଇଟ୍ ସର୍ଫିଙ୍ଗ

## ଓଡ଼ିଶା ଦଳଗତ ଚାମ୍ପିଅନ

କଟକ,୩୦।୧୨(ସମିସ): କେରଳରେ ଆୟୋଜିତ ଅନ୍ତର୍ଜାତୀୟ କାଇଟ୍ ସର୍ଫିଙ୍ଗ ପ୍ରତିଯୋଗିତାରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଛି। ପ୍ରଭାତ କୁମାର ପୃଷ୍ଟି, ଜୈସାଲଦୀପ ସିଂହ, ନୋଭାଲିଶା, କ୍ଷୀତିଶ ରାଉତରାୟ ଏବଂ ଗୌରବ ମହାନ୍ତି ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ୟାଟିଂ ସଂଘ ଏବଂ ଓଡ଼ିଶା କାଇଟ୍‌ମାଇନ୍ ପକ୍ଷରୁ ବିଜୟୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଯାଇଛି। ଚାମ୍ପିଅନ ଟାଇଟଲ ବିଜୟୀ ଓଡ଼ିଶା ଦଳ ଆଜି କେରଳରୁ ପ୍ରତ୍ୟାବର୍ତ୍ତନ କରିଛି। ଆସନ୍ତା ୨ ତାରିଖରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଚଳିତମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କେରଳରେ ଆୟୋଜିତ ଏହି ଦୁଃସାହାସିକ ଜଳକ୍ରୀଡ଼ାରେ ଭାରତର ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ସମେତ ଇଣ୍ଡୋନେସିଆ, ମେକ୍ସିକୋ, କାନାଡା, ଓମାନ ଓ ଭିଏତନାମ୍ ପରି ଦେଶ ଖେଳାଳି ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସର୍ବାଧିକ ପଏଣ୍ଟ ହାସଲ କରି ଓଡ଼ିଶା ଦଳଗତ ଭାବେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଓଡ଼ିଶା ୟାଟିଂ ସଂଘର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ ପ୍ରତିଯୋଗିତାରେ ଜୁରୀ ଭାବେ ଦାୟିତ୍ୱ ବହନ କରିଥିଲେ। ସବୀର କହିଛନ୍ତି ଯେ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଓଡ଼ିଶା ଚାମ୍ପିଅନ ହେବା ଗର୍ବର ବିଷୟ। ଏହି ଧାରା ଆଗକୁ ଜାରି ରହିବ। ଓଡ଼ିଶା ୟାଟିଂ ସଂଘର ଅଧ୍ୟକ୍ଷ କ୍ୟାପ୍ଟେନ୍ ସରୋଜ କୁମାର ପ୍ରଧାନ, ସଚିବ ଇଞ୍ଜିନିୟର ସଞ୍ଜୟ କୁମାର କର ଓ ଉପାଧ୍ୟକ୍ଷ ଲଳିତେନ୍ଦୁ ବକ୍ସୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଆନ୍ତରିକତାର ଅଭାବ

# ସମସ୍ୟା ଘେରରେ ବାରମାଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ



ଟିଗିରିଆ,୩୦।୧୨(ସମିସ): ଟିଗିରିଆ ତହସିଲ ଅନ୍ତର୍ଗତ ନିଜିଗଡ, କରଡାପଲ୍ଲୀ, ଭେଳିଆ ରାଜସ୍ୱ ଗ୍ରାମର ସୀମାନ୍ତରେ ଥିବା ବାରମାଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁରୁତ୍ୱ ହରାଇବାକୁ ବସିଛି। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ତୁରନ୍ତ ଏହାର ପୁନରୁଦ୍ଧାର ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆସନ୍ତା ଦିନରେ ଟିଗିରିଆ ତହସିଲର ଏହି ଦ୍ୱିତୀୟ ବୃହତ୍ତମ ଜଳସେଚନ ପ୍ରକଳ୍ପଟି ତାର ଅସ୍ତିତ୍ୱ ହରାଇବ ବୋଲି ଆଶଙ୍କା ହୋଇଛି। କ୍ରମାଗତ ଭାବେ ଏହା ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଅବରୋଧ ହେଉଥିବା ବେଳେ ନିକଟସ୍ଥ ପାହାଡ଼ରୁ ମାଟି ଅତଡ଼ା ଖସି ଏହାର ଗଭୀରତା ସହ ଜଳଧାରଣର କ୍ଷମତା ହ୍ରାସ ପାଉଥିବାରୁ ଏହାର ଜଳକୁ ଚାଷ ପାଇଁ ବ୍ୟବହାର କରୁଥିବା ୭ଟି ରାଜସ୍ୱ ଗ୍ରାମର ଚାଷୀ ନିଜର ବେଉସା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶ ଯେ ଟିଗିରିଆ ତହସିଲର ନିଜିଗଡ, କରଡାପଲ୍ଲୀ ଓ ଭେଳିଆ ରାଜସ୍ୱ ଗ୍ରାମର ସାମାନ୍ତରେ ଥିବା ମନୋରମ ପରିବେଶ ସ୍ଥାନଟି ଏବେ ବାରମାଣ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ କାମକୁ ଆସୁନାହିଁ। ନିଜିଗଡ ମୌଜା ସରକାରୀ ଖାତାର ପ୍ଲଟ ନଂ-୨, ୨/୨୦୩୫, ୩, ୮୩,୮୩୩ ୨୦୪୩ ସହ ପଡୋଶୀ କରଡ଼ାପଲ୍ଲୀ ମୌଜାର ସରକାରୀ ଖାତାର ପ୍ଲଟ ନଂ-୧, ୧/୨୦୮୪, ୩, ୨ ଓ ଭେଳିଆ ମୌଜାର ସରକାରୀ ଖାତା ପ୍ଲଟ ନଂ-୩୦୬୧, ୩୦୬୮ ଉପରେ ପ୍ରାୟ ୨୨ ଏକର ଜମିରେ ଏହି ବାରମାଣ ବନ୍ଧର ଅବସ୍ଥିତ। ବର୍ଷା ଋତୁରେ ଏହି ସ୍ଥାନର ମନୋରମ ପରିବେଶ ଅତ୍ୟନ୍ତ ଦେଖଣାହାରୀର ମନୋମୁଗ୍ଧ ହୋଇଥାଏ। ଏହାର ଚାରିକଡ଼େ ଥିବା ସୁଉଚ୍ଚ ପାହାଡ଼ ସହ ବାରମାଣ ବନ୍ଧ ତଳେ ଥିବା ଶସ୍ୟ କ୍ଷେତ୍ର ଅତ୍ୟନ୍ତ ବିଭୋର ପରିସ୍ଥିତି ସୃଷ୍ଟି କରିଥାଏ। ଫଳରେ ସ୍ଥାନୀୟ ଅଞ୍ଚଳ ସହ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଏହି ସ୍ଥାନକୁ ଆସି ବଣଭୋଜିର ମଜା ଉଠାଇଥାନ୍ତି। ସେହିପରି ଜଳସେଚନ ବିଭାଗର ଅପାରଗତା ଯୋଗୁଁ ୨୨ଏକର ଜମି ଉପରେ ଥିବା ଏହି ବନ୍ଧ ଏବେ ଏକ ଗାଁ ପୋଖରୀ ପରି ଦେଖାଯାଉଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନିକଟରେ ଥିବା ପାହାଡଗୁଡିକରୁ ମାଟି ଧୋଇହୋଇ ଏହାର ଜଳଧାରଣ କ୍ଷମତାକୁ ହ୍ରାସ କରିଦେବା ଫଳରେ ବର୍ଷାଦିନ ଛଡ଼ା ଅନ୍ୟଦିନରେ ଏଠାରେ ସାମାନ୍ୟ ନିତ୍ୟକର୍ମ କରିବା କଷ୍ଟକର ବ୍ୟାପାର ହୋଇଛି। ନିୟମିତ ବ୍ୟବଧାନର ବିଭାଗ ପକ୍ଷରୁ ବ୍ୟାପକ ପରିମାଣର ଅର୍ଥ ବରାଦ କରାଯାଇ ଏହି ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଇଥିବାର ଲକ୍ଷ୍ୟ କରାଯାଉଥିଲେ ହେଁ ବିଭାଗର ଏହି ଚେଷ୍ଟା କେବଳ ଠିକାଦାରଙ୍କୁ ପୋଷିବା ପରି ବ୍ୟବସ୍ଥା କରାଯାଇଛି।

ଏହି ପ୍ରକଳ୍ପର ଗଭୀରତା ଏତେ ବେଶୀ ଯେ ପ୍ରକଳ୍ପଟି ସଂପୂର୍ଣ୍ଣ ବ୍ଲକର ବିରିପୁଟ, ବାଲିପୁଟ, ଗୋବରାବନ୍ଧ, କରଡାପଲ୍ଲୀ, ଭେଳିଆ ଆଦି ମୌଜା ସହ ପଡୋଶୀ ବିନ୍ଧାଣିମା, ନିଜିଗଡ ପରି ମୌଜାରେ ଥିବା ଚାଷଜମିକୁ ପର୍ଯ୍ୟାପ୍ତ ପରିମାଣର ଜଳଯୋଗାଣ କରିପାରିବ। ଉପଯୁକ୍ତ ପରିମାଣର ଜଳ ଗଚ୍ଛିତ ହୋଇପାରିଲେ ସଂପୃକ୍ତ ଅଞ୍ଚଳ ସହ ଏହାର ପଡୋଶୀ ଅଞ୍ଚଳରେ ଖରିଫ ଫସଲ ସହ ରବି ଫସଲ ଉତ୍ପାଦିତ ହୋଇପାରିବ। ମାତ୍ର ସଂପୃକ୍ତ ପ୍ରକଳ୍ପଟି ଏବେ ବନ୍ଧତଳେ ଥିବା ଚାଷ କ୍ଷେତକୁ ପାଣି ଯୋଗାଇବାକୁ ଅସମର୍ଥ। ପ୍ରକଳ୍ପର ଉତ୍ତର ପାର୍ଶ୍ୱରେ ଥିବା ଗୌଡ଼ଝରି ପାହାଡ ସହ ନିକଟସ୍ଥ ମାହାପୁର ପାହାଡ ସହ ଏକ ବନ୍ଧ କରାଯାଇପାରିଲେ ଏହି ପ୍ରକଳ୍ପ ଟିଗିରିଆ ତହସିଲର ଅର୍ଦ୍ଧାଧିକ ମୌଜାକୁ ପ୍ରଚୁର ପରିମାଣର ଜଳଯୋଗାଣ କରିବାର କ୍ଷମତା ହାସଲ କରିପାରିବ ବୋଲି ସ୍ଥାନୀୟ ଅଧିବାସୀ ତଥା ଚାଷୀ ମତ ବ୍ୟକ୍ତ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଧାନମଣ୍ଡିରେ ଶୃଙ୍ଖଳା ଓ ସ୍ୱଚ୍ଛତା ପାଇଁ ସମନ୍ୱୟ ବୈଠକ



ନିଶ୍ଚିନ୍ତକୋଇଲି,୩୦।୧୨(ସମିସ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଆସନ୍ତା ଜାନୁୟାରୀ ୭ ତାରିଖ ଧାନ ମଣ୍ଡି ଖୋଲାଯିବାର ଧାର୍ଯ୍ୟ ହୋଇଛି। ଏହି ଦୁଇ ବ୍ଲକରେ ଚାଷୀମାନେ କିଭଳି ଶୃଙ୍ଖଳିତ ଓ ସ୍ୱଚ୍ଛ ଭାବେ ଧାନ ବିକ୍ରି କରିବେ ସେନେଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଧାନ ମଣ୍ଡିରେ ସ୍ୱଚ୍ଛତା ରକ୍ଷା ପାଇଁ ଏକ ସମନ୍ୱୟ ବୈଠକରେ ବ୍ଲକ ଯୋଗାଣ ନିରୀକ୍ଷକ ଦେବୀପ୍ରସାଦ ଦାସ ସଂଯୋଜନା କରିଥିଲେ। ଯଦି କୌଣସି ମଣ୍ଡିରେ ମଧ୍ୟସ୍ଥି ଓ ମୁନାଫାଖୋରମାନଙ୍କୁ ପ୍ରଶ୍ରୟ ଦିଆଯିବାର ଅଭିଯୋଗ ହୁଏ ତା'ହେଲେ ଉକ୍ତ ମଣ୍ଡି କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ସରକାରଙ୍କ ଉପଯୁକ୍ତ ମୂଲ୍ୟ ଓ ଇନ୍‌ପୁଟ୍ ସବ୍‌ସିଡି ଯେଭଳି ଚାଷୀମାନେ ସୁରୁଖୁରୁରେ ପାଇପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ଡିଆରସିଏସ୍ ସୁପ୍ରିୟା ସ୍ୱାଇଁ, ଅତିରିକ୍ତ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସଂପାଦକ ନିରଞ୍ଜନ ସାମଲ, ବିଡିଓ ଦ୍ୱିବେନ୍ଦୁ ଦାସ ପ୍ରମୁଖ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ୧୯ଟି ସେବା ସମବାୟ ସମିତି ଏବଂ ମାହାଙ୍ଗା ବ୍ଲକ ଅଧୀନରେ ଥିବା ୧୫ଟି ସେବା ସମବାୟ ସମିତିରେ ଏଥର ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଉଭୟ ବ୍ଲକର ସମସ୍ତ ସମିତିର ସଂପାଦକ ଓ ନୋଡାଲ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ବେକରେ ଶାଢ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

ଟାଙ୍ଗୀ,୩୦।୧୨(ସମିସ): ଟାଙ୍ଗୀ ଥାନା ତଥା କହ୍ନେଇପୁର ପଞ୍ଚାୟତ ନିମାଇସାପୁର ଗ୍ରାମରେ ଭଡ଼ା ରହୁଥିବା ଜଣେ ବିହାରୀ ଯୁବକଙ୍କ ଆତ୍ମହତ୍ୟା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ମଙ୍ଗଳବାର ଉକ୍ତ ଗ୍ରାମରେ ଜଣେ ଦଳିତ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ସ୍ଥାନୀୟ ବାସିନ୍ଦା ରଞ୍ଜନ ମଲ୍ଲିକଙ୍କ ପୁତ୍ର ଗଗନ(୧୮)। ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୂର୍ବାହ୍ନ ସାଢେ ୧୧ଟରେ ରଞ୍ଜନ ଘରେ ଅନୁପସ୍ଥିତ ଥିଲେ। ପତ୍ନୀ ଜ୍ୟୋସ୍ନା ନିକଟସ୍ଥ ପୋଖରୀକୁ ଫେରି ଦେଖିଲା ବେଳକୁ କବାଟ ଭିତର ପଟୁ ବନ୍ଦ ରହିଛି। କବାଟ ଭାଙ୍ଗି ଦେଖିଲା ବେଳକୁ ଗଗନ ବେକରେ ଶାଢ଼ି ଗୁଡ଼ାଇ ଘର ସିଲିଂ ଫ୍ୟାନ୍‌ରେ ଝୁଲି ପଡ଼ିଛନ୍ତି। ତୁରନ୍ତ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ହେଁ ଟାଙ୍ଗୀ ପୁଲିସ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି।

# ୨୦୦୦ ବ୍ୟାଚ୍‌ର ସିଲଭର ଜୁବିଲି

ଚୌଦ୍ୱାର,୩୦।୧୨(ସମିସ): ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ସ୍କୁଲର ୨୦୦୦ ବ୍ୟାଚ୍‌ର ୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୁକାନ୍ତ ମହାନ୍ତି, ହରମୋହନ ପାତ୍ର, ମମତା ସାହୁ, ଉତ୍ତମ ଚରଣ ସ୍ୱାଇଁ, ବିଜୟ ନନ୍ଦ, ରାଜେନ୍ଦ୍ର ନାଥ, ମନ୍ମଥ ସାହୁ, ପ୍ରଦୀପ୍ତ ପଣ୍ଡା, ପଞ୍ଚାନନ ମଲ୍ଲ, ତପସ୍ୱିନୀ ପ୍ରଧାନ, ସ୍ୱାଗତିକା ପଟ୍ଟନାୟକଙ୍କ ସମେତ ପୌର ଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଆଲୁମନି କମିଟି ସଭାପତି ଶୁଭେନ୍ଦୁ ସାମଲ, ସଂପାଦକ ଭାସ୍କର ପ୍ରଧାନ, ପ୍ରଶାନ୍ତ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମୀର ରଞ୍ଜନ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଚର ସ୍ମୃତିରଞ୍ଜନ ପୁହାଣ, ନୃପେଶ ଦାଶ, ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପଣ୍ଡାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ ଉଦ୍‌ଯାପିତ




କନ୍ଦରପୁର,୩୦।୧୨(ସମିସ): ସରସ୍ୱତୀ କଳା ପରିଷଦ କନ୍ଦରପୁର ୨୨ତମ ବାର୍ଷିକ ଉତ୍ସବ ଓ ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବର ସରସ୍ୱତୀଶିଶୁବିଦ୍ୟାମନ୍ଦିରପ୍ରାଙ୍ଗଣରେଉଦଯାପିତ ହୋଇଯାଇଛି। ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଅଶୋକ ପଟ୍ଟନାୟକ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଇଂ ସେବକ ଶ୍ରୀକାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଶିଷ୍ଟ ସମାଜସେବୀ ଆର୍ତ୍ତରଞ୍ଜନ ବିଶ୍ୱାଳ, ସରପଞ୍ଚ ରାକେଶ ବେହେରା, ଏସିପି କୃଷ୍ଣଚନ୍ଦ୍ର ସେଠୀ, ସଂଗୀତ ନିର୍ଦ୍ଦେଶକ ଅରୁଣ ମନ୍ତ୍ରୀ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୁଳ ସହକାରୀ ପ୍ରାଧ୍ୟାପକ ଡ ଗୌରୀଶଙ୍କର ଯୁଗ ପ୍ରକାଶ ଜେନା, ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ସମାଜସେବୀ ସୀତାରାମ ପଣ୍ଡା, ବର୍ଷା ଫାଉଣ୍ଡେସନ୍ ଅଧ୍ୟକ୍ଷା ବର୍ଷା ଦାସ, ଆଷାଢ଼ ସାହିତ୍ୟ ସଂସଦ ସମ୍ପାଦକ ପିତାମ୍ବର ମହାପାତ୍ର, କବି ବାମଦେବ ସ୍ୱାଇଁ, ଅଭିନେତା ଦୈତାରୀ ପ୍ରଧାନ, ବାବୁଲି ପାତ୍ର, ଜୋନ ୫ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମହାଳି, ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରା, ସାମ୍ବାଦିକ ବିକାଶ ଚନ୍ଦ୍ର ସ୍ୱାଇଁ, ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ସଭାପତି ଇଂ.ଅଶୋକ ବିଶ୍ୱାଳ, ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ସଭାପତି ଇଂ ଗିରିଜା ଶଙ୍କର ପତି, ସନାତନୀ ସେନାର ରାଜ୍ୟ ସଭାପତି ସମୀର ପଣ୍ଡା, ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା, କବି ଲକ୍ଷ୍ମୀପ୍ରିୟା ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଦେଇଥିଲେ। ଝୋଟି, ଭଜନ ନୃତ୍ୟ, ଓଡ଼ିଶୀ, ମ୍ୟୁଜିକ୍ ଚେୟାର ଆଦି ସବ୍ ଜୁନିଅର, ଜୁନିଅର ଓ ସିନିୟର ବିଭାଗରେ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ମୁଖା ପିନ୍ଧା ମଣିଷ ନାଟକ ପରିବେଷଣ କରାଯାଇଥିଲା।

# ପାଲା ମହୋତ୍ସବ ଉଦ୍‌ଯାପିତ




ଚୌଦ୍ୱାର,୩୦।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଧୀନ ଅଙ୍ଗଦାରାଡ଼ିହ ଗ୍ରାମସ୍ଥିତ କନକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଲା ମଣ୍ଡଳ ଆନୁକୂଲ୍ୟରେ ୩ ଦିନ ବ୍ୟାପି ଆୟୋଜିତ ପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ଅନାଦି ଚରଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ଶ୍ରୀକାନ୍ତ ବାବା ଉଦ୍‌ଘାଟନ କରିଥିଲେ। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରତି ସଂଧ୍ୟାରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟୁତଲତା ମିଶ୍ର, ଜ୍ୟୋତିର୍ବିଦ୍ ତପନ ହୋତା, ଶପଥ ମହାପାତ୍ର, ଗାୟକ ରମେଶ ଚନ୍ଦ୍ର ପଣ୍ଡା, ସରପଞ୍ଚ ପବିତ୍ର ଉପାଧ୍ୟାୟ, ପବିତ୍ରମୋହନ ଷଡ଼ଙ୍ଗୀ, ଦେବ ପ୍ରକାଶ ପାଣ୍ଡେ, ନୀଳମଣି କର, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବହୁ ପାରଦର୍ଶୀ କଳାକାରଙ୍କୁ ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ନିରଞ୍ଜନ ପଣ୍ଡା, ବିଚିତ୍ରାନନ୍ଦ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ପର୍ଶୁରାମ ସାହୁ, ରବୀନ୍ଦ୍ର ଷଡ଼ଙ୍ଗୀ, ଗଣେଶ ମିଶ୍ର, କିଶୋରଚନ୍ଦ୍ର ନାୟକ, ନରେନ୍ଦ୍ର କୁମାର ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୭ଜଣ ସୁନାମଧନ୍ୟ ପାଲାକାର ପାଲା ପରିବେଷଣ କରିଥିଲେ।

# କୀଡ୍‌ନି ରୋଗରେ ମହିଳାଙ୍କ ବିୟୋଗ

ନିଶ୍ଚିନ୍ତକୋଇଲି,୩୦।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ (କୁଣ୍ଡିମୁହଁ) ଗ୍ରାମର ନନ୍ଦକିଶୋର ରାଉତଙ୍କ ପତ୍ନୀ ପଦ୍ମାଳୟା ରାଉତ (୪୭) କିଛି ଦିନ ହେବ କିଡନୀଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସଂପୃକ୍ତ ମହିଳାଙ୍କ ବିୟୋଗ ଘଟିଛି। ତାଙ୍କ ମରଶରୀରକୁ ଶୋକକୁଳ ପରିବେଶରେ ନାକଝାରୀ ପଡିଆରେ ଶେଷ ସତ୍କାର କରାଯାଇଛି। ପୁଅ ମୁକ୍ତିପ୍ରସାଦ ରାଉତ ମୁଖାଗ୍ନି ଦେଇଥିଲେ। ସେହିପରି ରାମକୃଷ୍ଣପୁର ଗ୍ରାମର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ନୃସିଂହ ଚରଣ ରାଉତ (୮୩)ଙ୍କ ମୃତ୍ୟୁ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବଡପୁଅ ଅନୁପ ରାଉତ ମୁଖାଗ୍ନି ଦେଇଥିଲେ। ଏହି ଦୁଇ ଜଣଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଅଶୋକ ଓଝା, ଆଲୋକ ଚନ୍ଦ୍ର ପ୍ରଧାନ ଓ ଉତ୍ତମ ଚରଣ ମଲିକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଅସୁରକ୍ଷିତ ଗଛ କଟା ନ ହେବା ନେଇ ଅସନ୍ତୋଷ



ନିଶ୍ଚିନ୍ତକୋଇଲି,୩୦।୧୨(ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ତିଳକଣା ତିନି ମୁହାଣୀ ବଜାର ମଧ୍ୟରେ ଏକ ବିରାଟକାୟ କଦମ୍ବ ଗଛ ରହିଛି। ଏହି କଦମ୍ବ ଗଛଟି ବହୁ ପୁରାତନ ହୋଇଥିବାରୁ ଏହାର ମୁଖ୍ୟ ଗଣ୍ଡି ଓ ବିଭିନ୍ନ ଶାଖା ପ୍ରଶାଖାକୁ ପୋକ ଖାଇ ପୋଲା ହୋଇଯାଇଥିବାରୁ ଏହା ପାଣି ଖାଇଯାଇ ୭୫ ପ୍ରତିଶତ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେତେବେଳେ ଯେ ଏହି ଗଛଟି ହଠାତ୍ ଭାଙ୍ଗିପଡି ଅଘଟଣ ଘଟାଇବ ସେ ନେଇ ବଜାର ବ୍ୟବସାୟୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଉକ୍ତ ଗଛଟିକୁ ସରକାରୀ ନୀତି ନିୟମାନୁଯାୟୀ କଟାଯିବା ପାଇଁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଗତ ୧୯.୦୯.୨୦୨୫ରୁ ଏକ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିରେ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଏହି ଗଛକୁ କାଟିବାର ବ୍ୟବସ୍ଥା କରିବା ପାଇଁ ତହସିଲ ପ୍ରଶାସନ ନିକଟରେ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି।

# ବ୍ୟାଣ୍ଡ ପାର୍ଟି ମାଲିକ ସଂଘର ସମାବେଶ

ନିଶ୍ଚିନ୍ତକୋଇଲି,୩୦।୧୨(ସମିସ): କଟକ ଜିଲ୍ଲା ବ୍ୟାଣ୍ଡ ପାର୍ଟି ମାଲିକ ସଂଘର ଏକ ସମାବେଶ ସଂଘର ସଭାପତି ନରେନ୍ଦ୍ର ବାଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦୨୬ ମସିହା ପାଇଁ ଜିଲ୍ଲାରେ ବିଭିନ୍ନ ବ୍ୟାଣ୍ଡ ପାର୍ଟି ମାଲିକମାନେ କିଭଳି ସରକାରଙ୍କ ଆଇନ ଅନୁସାରେ ସେମାନଙ୍କ କାର୍ଯ୍ୟ କରିବେ ସେନେଇ ଆଲୋଚନା କରାଯାଇଛି। କଟକ ଜିଲ୍ଲା ବାହାରୁ ଆସୁଥିବା ବ୍ୟାଣ୍ଡ ପାର୍ଟିମାନେ ଜିଲ୍ଲାର ନିୟମାନୁଯାୟୀ କିଭଳି ଚାରୋଟି ବେସ୍ ଓ ଚାରୋଟି ଟପ୍ ଲଗାଇ ବାଦ୍ୟ ବଜାଇବେ ସେଥିପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲା ସଂଘ ପକ୍ଷରୁ ଅଲ ଓଡିଶା ବ୍ୟାଣ୍ଡ ପାର୍ଟି ମାଲିକ ସଂଘର ସଭାପତିଙ୍କୁ ଅବଗତ କରାଇଛନ୍ତି। ଏହାଛଡା ଜିଲ୍ଲାର ପ୍ରତ୍ୟେକ ବ୍ୟାଣ୍ଡ ପାର୍ଟି ସେମାନଙ୍କର ବାଦ୍ୟ ବଜାଇଲା ବେଳେ ୬ଟି ବକ୍ସ ଲଗାଇ ୬୫ ଡେସିବେଲ ସାଉଣ୍ଡରେ ବଜାର ଶୃଙ୍ଖଳା ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଥିଲା।




ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡିଶା ବ୍ୟାଣ୍ଡପାର୍ଟି ମାଲିକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଜିଲ୍ଲା ସଂଘର ସଂପାଦକ ପ୍ରଦୀପ ଦାସ, ଉପସଭାପତି ବିଶ୍ୱନାଥ ପଣ୍ଡା, କୋର କମିଟିର ସଦସ୍ୟ ରଞ୍ଜନ ମହାରଣା, ନିରଞ୍ଜନ ଶତପଥି, ପ୍ରଭାକର ସାହୁ, ଅବଦୁଲ ରଫିକ୍ ଖାଁ, ଜୟନ୍ତ ରାଉତ, ମାନସ ସାମଲ, ନିଧିଶ୍ୟାମ ଦାସ, ଭାଗ୍ୟଧର ସାମଲ, ମୋହନ ସ୍ୱାଇଁ, ରବିନ୍ଦ୍ର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଘର କୋଷାଧ୍ୟକ୍ଷ ବାସୁଦେବ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଧର୍ମପ୍ରାଣା ସ୍ୱର୍ଣ୍ଣଲତା ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲି,୩୦।୧୨(ସମିସ): ରାମକୃଷ୍ଣପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ନନ୍ଦକିଶୋର ପ୍ରଧାନଙ୍କ ଧର୍ମପତ୍ନୀ ତଥା ଧର୍ମପ୍ରାଣା ସ୍ୱର୍ଗତା ସ୍ୱର୍ଣ୍ଣଲତାଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏଥିରେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ମନୋରଞ୍ଜନ ସ୍ୱାଇଁ, ଅଧ୍ୟାପକ ସୁବ୍ରତ ସ୍ୱାଇଁ, ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷ୍ମଣ ଲେଙ୍କା, ସାମାଜିକ କର୍ମୀ ଅଭିରାମ ମଲ୍ଲ, ସତ୍ୟସାରଥି ବେହେରା, ଦିଲ୍ଲୀପ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଚରଣ ରାଉତ, ରାଜେନ୍ଦ୍ର ବାରିକ, ଚିତ୍ତରଞ୍ଜନ ପ୍ରଧାନ, ଦିଗମ୍ବର ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମା' ସ୍ୱର୍ଣ୍ଣପେଇ କ୍ରିକେଟ: ନରସିଂହପୁର ବିଜୟୀ




ମାହାଙ୍ଗା,୩୦।୧୨(ସମିସ): ମାହାଙ୍ଗା ବ୍ଲକ ଉଷୁମା ପଞ୍ଚାୟତ କଏରପୁରଠାରେ ମା ସ୍ୱର୍ଣ୍ଣପେଇ କ୍ରିକେଟ ଆସୋସିଏସନ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର କମିସନର ଶୋଭନ କୁମାର କର, ସମ୍ମାନିତ ଅତିଥି ଭାବେ ନିର୍ଭୀକ ପତ୍ରିକାର ସମ୍ପାଦକ ସ୍ତମ୍ଭକାର ଅବନୀଚନ୍ଦ୍ର ଦାସ, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟର ପ୍ରଶାସନିକ ଅଧିକାରୀ ଅଜିତ ସାହୁ, ବିଧାନସଭାର ଗବେଷଣା ଅଧିକାରୀ ଅମୂଲ୍ୟ ସ୍ୱାଇଁ, ସାମ୍ବାଦିକ ବିଜୟ ଜେନା, ସମାଜସେବୀ ଦିଲ୍ଲୀପ ମହାନ୍ତି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନରସିଂହପୁର ଓ ଗଣେଶପୁର ମଧ୍ୟରେ ୧୫ ରନ୍ ବ୍ୟବଧାନରେ ନରସିଂହପୁର ବିଜୟୀ ହୋଇଥିଲା। ଅମ୍ପାୟାର ପାର୍ଥସାରଥୀ ମହାନ୍ତି ଓ ଆର ବୁଟୁ ଖେଳ ପରିଚାଳନା କରିଥିଲା ବେଳେ ଦୀପକ ବାରିକ, ଗୋପୀନାଥ ମଲ୍ଲିକ, ପ୍ରମୋଦ ମଲ୍ଲିକ, ମିଟୁ ମଲ୍ଲିକ, ଗୌରାଙ୍ଗ ଚରଣ ମଲ୍ଲିକଙ୍କ ସମେତ ଆସୋସିଏସନ କର୍ମକର୍ତ୍ତା ସହଯୋଗ କରିଥିଲେ।

## 'ଦିବ୍ୟାଲୋକ ସନ୍ଧାନେ'ର ନବରତ୍ନ ସମ୍ମାନ

# ଡ. ଶଙ୍କର ରାମଚନ୍ଦାନୀ ପାଇବେ ସର୍ବୋଚ୍ଚ ସମ୍ମାନ

ଫୁଲନଖରା,୩୦।୧୨(ସମିସ): କଟକରୁ ନିୟମିତ ପ୍ରକାଶ ପାଉଥିବା ଧର୍ମ, ତତ୍ତ୍ୱ, ଜ୍ୟୋତିଷ, ସମ୍ବାଦ ଓ ସଂସ୍କାରମୂଳକ ଓଡ଼ିଶାର ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୫ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ଜାନୁୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଇଛି। ଫୁଲନଖରା ନିକଟସ୍ଥ 'ବିଶ୍ୱଶାନ୍ତି ସରୋବର' ପରିସରରେ ଥିବା ସଭାଗୃହରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ଉତ୍ସବରେ ମାତ୍ର ୧ ଟଙ୍କା ରଖି ନିଷ୍ଠାପର ଭାବରେ ରୋଗୀସେବା କରୁଥିବା ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ଚଳିତ ବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଦିବ୍ୟାଲୋକେ ସନ୍ଧାନେ ରତ୍ନ ସମ୍ମାନ' ପ୍ରଦାନ କରାଯିବ ବୋଲି ପତ୍ରିକାର ସଂପାଦକ ଡଃ ଶରତ କୁମାର ରଥ ପ୍ରକାଶ କରିଛନ୍ତି। ଅନ୍ୟ ଅଷ୍ଟରତ୍ନଙ୍କ ମଧ୍ୟରେ ଧୃତିକାମ ମହାନ୍ତିଙ୍କୁ ସାମ୍ବାଦିକ ରତ୍ନ, ପାଲାକାର ଲକ୍ଷ୍ମୀଧର ଦାଶଙ୍କୁ ଗାୟକ ରତ୍ନ, ଗୋପାଳ ରାଜଗୁରୁଙ୍କୁ ପ୍ରବକ୍ତା ରତ୍ନ, ଶିକ୍ଷାବିତ ତ୍ରିଦେବ ବେହେରାଙ୍କୁ ଶିକ୍ଷାରତ୍ନ, ପଣ୍ଡିତ ଗୌରାଙ୍ଗ ଚରଣ ପତିଙ୍କୁ କର୍ମକାଣ୍ଡବିତ୍ ରତ୍ନ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟକୁ ସମାଜସେବୀ ରତ୍ନ, କଟକ କମିଶନରେଟ୍ ପୁଲିସ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ ପୁଲିସ ସେବା ରତ୍ନ, ଛନ୍ଦା ମିଶ୍ରଙ୍କୁ ଲେଖିକାରତ୍ନ ସମ୍ମାନରେ ସମ୍ମାନିତ କରାଯିବ ବୋଲି ପତ୍ରିକାର ସଂପାଦକ ସୂଚନା ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ ୫୦ଟି ଗ୍ରାମର ୫୦ ଜଣଙ୍କୁ ଭଲଲୋକ ସମ୍ମାନ ଏବଂ ଏବଂ ୫୦ଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ଭଲ ପିଲା ସମ୍ମାନରେ ସମ୍ମାନିତ କରାଯିବ ବୋଲି ପରିଚାଳନା ସଂପାଦକ ଇଂ ବିପ୍ଳବ ଦାସ ପ୍ରକାଶ କରିଛନ୍ତି। ପ୍ରାତଃ ସମୟରେ ହନୁମାନ ଚାଳିଶା, ସୁନ୍ଦରକାଣ୍ଡ ପାରାୟଣ, ବିଶିଷ୍ଟ ବକ୍ତାଙ୍କ ପ୍ରବଚନ ସହିତ ସାଧୁସନ୍ଥ ଓ ବିଦ୍ୱାନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମାର୍ଗଦର୍ଶନ ପ୍ରଦାନ କରାଯିବାକୁ ଥିବା ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପତ୍ରିକାର ସଂପାଦକ ଶ୍ରୀସନ୍ନ୍ୟାସୀଜୀ ନିବେଦନ କରିଛନ୍ତି।

## ଦୁଇ ଗାଁ ବିବାଦରୁ ଏମ୍‌ଭି-୨୬ ଗ୍ରାମ କ୍ଷତିଗ୍ରସ୍ତ ହେବା ଘଟଣା

# ବ୍ୟାଙ୍କ ଋଣ ଛାଡ଼ ପାଇଁ ଦାବି କଲେ ମହିଳା

କୋରୁକୋଣ୍ଡା, ୩୦।୧୨(ସମିସ)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୨୬ ଗ୍ରାମରେ ଚଳିତ ଡିସେମ୍ବର ମାସ ୮ ତାରିଖରେ ହୋଇଥିବା ଅଘଟଣରେ ଗ୍ରାମବାସୀଙ୍କ ଘର ଦ୍ୱାର ସମ୍ପୂର୍ଣ୍ଣ ଜଳି ପୋଡି ନଷ୍ଟ ହୋଇଥିଲା। ଘରର ଆସବାବପତ୍ର ଠାରୁ ଆରମ୍ଭ କରି ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଗୁଡିକ ମଧ ଜଳି କ୍ଷତିଗ୍ରସ୍ତ ହୋଇଥିଲା। ତେବେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମବାସୀଙ୍କ କ୍ଷୟକ୍ଷତି ପୂରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଗ୍ରାମରେ ରହିଥିବା ୨୦ ଗୋଟି ଏସ୍‌ଏଚ୍‌ଜି ଗ୍ରୁପ ବ୍ୟାଙ୍କରୁ ଲୋନ ନେଇଥିବା ବେଳେ ତାହା କିପରି ପରିଶୋଧ କରିବେ, ସେନେଇ ଆଜି ଏମଭି-୨୬ ଗ୍ରାମବାସୀ ପ୍ରଥମେ କୋରୁକୋଣ୍ଡା ସ୍ଥିତ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ



ବ୍ଲକ ପ୍ରଶାସନ ନିକଟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଗ୍ରାମରେ ପାଖାପାଖି ୨୦୦ ରୁ ଅଧିକ ମହିଳା ରହିଥିବାବେଳେ ସେମାନେ ବିଗତ ଦିନରେ ନିଜ ନିଜର ଏସ୍‌ଏଚ୍‌ଜି ଗ୍ରୁପ ମାଧ୍ୟମରେ ନିଜେ କିପରି କାର୍ଯ୍ୟ କରି ସ୍ୱାବଲମ୍ବୀ ହେବେ ସେନେଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଋଣ ଉଠାଇଥିଲେ। ତେବେ ସେମାନଙ୍କର ଘରଦ୍ୱାର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯିବା ସହ ଆବଶ୍ୟକୀୟ କାଗଜପତ୍ର ମଧ ପୋଡି ପାଉଁଶ ହୋଇଗଲା। ତେଣୁ ସେମାନେ ବର୍ତ୍ତମାନ ଗ୍ରୁପ ଋଣ ପରିଶୋଧ କରିବାରେ ଅକ୍ଷମ। ତେଣୁ ସେମାନଙ୍କ ଏହି ଗ୍ରୁପ ଋଣ ଗୁଡିକୁ ଛାଡ଼ କରିବା ନିମନ୍ତେ ଗ୍ରାମର ଶତାଧିକ ମହିଳା ଏକ ଲିଖିତ ଦାବିପତ୍ର ମାଧ୍ୟମରେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଆଜି ଗ୍ରାମର ଶତାଧିକ ମହିଳା ବ୍ଲକ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଆସିଥିଲେ। ବ୍ଲକ ବିଡ଼ିଓ ଅମୂଲ୍ୟ କୁମାର ସାହୁ ଉପସ୍ଥିତ ନଥିବାରୁ ବ୍ଲକ ବରିଷ୍ଠ କିରାଣୀ ଜନାର୍ଦ୍ଦନ ହନ୍ତାଳଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରି ନିଜର ସମସ୍ୟା ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଲକ୍ଷ୍ମୀରାଣୀ ସରକାର, ଜମୁନା ମଣ୍ଡଳ, ସରସ୍ୱତୀ ମଣ୍ଡଳ, ସୀମା ମଣ୍ଡଳ, ବାସନ୍ତୀ ସରକାର, ବିନୀତା ହାଲଦାର, ସରସ୍ୱତୀ ବେପାରୀ, ରାଖୀ ଦାସ, ହେମଲତା ଦାସ, ଅନିତା ରାୟ, ଲତିକା ବେପାରୀଙ୍କ ସମେତ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**କୋରୁକୋଣ୍ଡା, ୩୦।୧୨(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଦୁଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ରେଳ ବିଭାଗ ଅଡିଟୋରିୟମ ଠାରେ ଏକ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ମାଲକାନଗିରି



ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ଅଧିନସ୍ଥ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ସହ କୋରାପୁଟ ଜିଲ୍ଲାର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝି ପୁଷ୍ପଗୁଚ୍ଛ, ମୋମେଣ୍ଟୋ ସହ ଉତ୍ତରୀୟ ଦେଇ ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତି ପରିଡ଼ା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଭିନ୍ନ ବିଭାଗର ସଚିବ ମାନେ ମଧ ଉପସ୍ଥିତ ଥିଲେ। ସୂଚନା ଥାଉକି ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ଶିକ୍ଷକ ବସନ୍ତ କୁମାର ରଣା ଏବଂ ତରୁଣ କୁମାର ଦାଶଙ୍କ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରିଥିଲେ।

# ଦଉଡ଼ି ବୁଣାକାରଙ୍କ ସମସ୍ୟା ସମାଧାନ ଦାବି

**କୋଷାଗୁମୁଡା, ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସନ୍ତୋଷପୁର ପଞ୍ଚାୟତର ସରାଲଧନୁଆ ଗ୍ରାମରେ ୩୦ ଗୋଟି ପରିବାରର ୧୫୦ରୁ ଅଧିକ ଲୋକ ରହି ଆସୁଛନ୍ତି। ଏହି ସରାଲଧନୁଆର ୩୦ ଗୋଟି ପରିବାରଙ୍କ ଜୀବିକା ନିର୍ବାହର ଏକ ପନ୍ଥା ହେଲା ପ୍ଲାଷ୍ଟିକ ଜରି ବସ୍ତାର ସୂତାରେ ତିଆରି ରସି ବିକ୍ରି କରି ପେଟ ପୋଷିବା। ଏହି ଗ୍ରାମରେ ପ୍ରାୟ ୮୦ ବର୍ଷରୁ ଅଧିକ ଦିନ ହେଲା ଲୋକେ କେବଳ ଦଉଡ଼ି ତିଆରି କରି ଆସୁଛନ୍ତି। ଯାହାକି ସେମାନଙ୍କର କୌଳିକ ବୃତ୍ତି ଓ ସେହି ଦଉଡି ପ୍ରତ୍ୟେକ ଦିନ ତିଆରି କରି ବିକ୍ରି କଲେ ଯାଇ ଦୁଇ ଓଳି ଖାଇବାକୁ ମିଳୁଛି ଓ ସେମିତି କାହାର ଆର୍ଥିକ ସ୍ୱଚ୍ଛଳତା ନାହିଁ ବୋଲି ଦଉଡି ବୁଣାକାରମାନେ କହିଛନ୍ତି। କୋରନା ମହାମାରୀ ସମୟରେ ମଧ ନିଜ ପରିବାରର ସଦସ୍ୟଙ୍କ ପେଟକୁ ଦୁଇ ଓଳି ଖାଦ୍ୟ ଯୋଗାଇବା ପାଇଁ ଦୈନିକ ଏହି ଦଉଡ଼ି ତିଆରି କରିବାକୁ ପଡ଼ିଥିଲା। ସେମାନେ ନବରଙ୍ଗପୁର ଓ ପଡ଼ୋଶୀ ସହର ଜଗଦଲପୁର(ଛତିଶଗଡ଼ ରାଜ୍ୟ) ଠାରୁ ଜରିବସ୍ତା ଗୋଟିକୁ ଦୁଇ ଟଙ୍କାରୁ ପାଞ୍ଚ ଟଙ୍କା ମୂଲ୍ୟରେ କିଣି ଗୋଟିଏ ଦଉଡି ପ୍ରସ୍ତୁତ ପାଇଁ ଶହେରୁ ଶେହ କୋଡିଏ ଟଙ୍କା ବିନିଯୋଗରେ ୪୦ ହାତର ଗୋଟିଏ ଦୌଡି ତିଆରି ହେଉଛି। ଏହାକୁ ଗାଈ, ଛେଳି, ମେଣ୍ଢା, ମଇଁଷିଙ୍କ ବେକ ପାଇଁ ଦଉଡ଼ି, କୂଅ ପାଇଁ ବ୍ୟବହୃତ ଏପରି ଦଉଡ଼ି ପ୍ରସ୍ତୁତ କରି ବଜାର ଓ ସ୍ଥାନୀୟ ସାପ୍ତାହିକ ବଜାର ହାଟରେ ଶହେ ପଚାଶରୁ ଦୁଇଶହ ଟଙ୍କାରେ ସ୍ୱଳ୍ପ ଲାଭରେ କାହିଁ ବିକ୍ରି କରୁଛନ୍ତି। ଏଥିରୁ ମୁଠାଏ ଖାଇବା ଖର୍ଚ୍ଚ ହିଁ ବାହାରୁଛି ବୋଲି ଦଉଡ଼ି ବୁଣାକାର ମାନେ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ ଏହି



କୌଳିକ ବୃତ୍ତିର ଉନ୍ନତି ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏହା ଆଗରୁ ଲିଖିତ ଓ ମୌଖିକ ଭାବେ ରାଜନେତା ଓ ସରକାରୀ ବାବୁଙ୍କୁ ନିବେଦନ କରି ଅସଫଳ ହୋଇଛନ୍ତି ବୋଲି ଦଉଡି ବୁଣାକାର ଗ୍ରାମବାସୀ କହିଛନ୍ତି। ତୁରନ୍ତ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ବୁଣାକାର ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏହି ସରାଲଧନୁଆର ଦଉଡ଼ି ବୁଣାକାର ମାନେ ହେଲେ, ମଙ୍ଗତୁ ମାଙ୍ଗଲୀ, ଗୁଟୁ ମାଙ୍ଗଲୀ, ଜଗତ ମଙ୍ଗୋଲି, କମୁଲୁ ମାଙ୍ଗଲୀ, ସଦାଶିବ ମାଙ୍ଗଲୀ, ଦୟାରାମ ମାଙ୍ଗଲୀ, ହାଡ଼ି ମାଙ୍ଗଲୀ ଓ ଚନ୍ଦ୍ର ମାଙ୍ଗଲୀ ଓ ମଙ୍ଗତୁ ମାଙ୍ଗଲୀ।

# ଉତ୍କଳ ସମ୍ମିଳନୀର ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ

**ମାଲକାନଗିରି, ୩୦।୧୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ଉତ୍କଳ ସାମ୍ବାଦିକ ସଂଘ ପ୍ରକୋଷ୍ଠରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ୧୨୩ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଜିଲ୍ଲା ସର୍କିଟ୍ ହାଉସ ପରିସରରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କର ସ୍ମୃତିଚାରଣ କରଯାଇଥିଲା। ଏହାପରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ଆୟୋଜିତ ସଭାର ପ୍ରଥମ ପର୍ଯ୍ୟାୟରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ ପରିବେଷଣ କରି ସଭା କାର୍ଯ୍ୟ ଆରମ୍ଭ କରଯାଇଥିଲା। ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ.ଶରୋଜ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଅଶୋକ ମିଶ୍ର, ଶିକ୍ଷକ ତାରକ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧନା ସହ ମଞ୍ଚାସୀନ ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନିତ



କରଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଦୁର୍ଗମ ଓ ସୀମାବର୍ତ୍ତି ସ୍ଥାନ ମାନନଙ୍କରେ ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ସହ ଏହାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ସଭାର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ ରଞ୍ଜିତା ଦାସ, ଭାରତୀ ଦେବୀ, ମଧୁସ୍ମିତା ସେନାପତି, କନକ ଲତା ମାଝି, ସଞ୍ଜୁକ୍ତା ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ପ୍ରଶାନ୍ତ କୁମାର ପରିଡ଼ା କବିତା ସଂଯୋଜନା କରିଥିଲେ। ପରେ ପରେ ସମସ୍ତ କବିତା ପାଠ କରିଥିବା କବିୟତ୍ରୀ ଓ କବି ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା।

ଏହି ସଭାକାର୍ଯ୍ୟକୁ ଶିକ୍ଷକ ସମୀର ରଥ ପରିଚାଳନା କରିଥିବା ବେଳେ ଉପ ସଭାପତି ଗଣେଶ ଜେନା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶାଖା ଉପ ସଭାପତି ଲମ୍ବୋଦୋର ତୁରୁକ, ଉପଦେଷ୍ଟା ରଞ୍ଜନ କୁମାର ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ରଞ୍ଜିତ କୁମାର ନାୟକ, ଚିତ୍ତରଞ୍ଜନ ସରକାର, ପ୍ରମୋଦ କୁମାର ପଣ୍ଡା, କଳ୍ପତରୁ ନାୟକ, ରାମ ପ୍ରସାଦ ପାଢ଼ୀ, ବସନ୍ତ ରାଉତ, ମନୋରଞ୍ଜନ ବେହେରା, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ, ସୁରେନ୍ଦ୍ର ମଲ୍ଲିକ, ଜୟଦେବେ ପଣ୍ଡା ପ୍ରମୁଖଙ୍କ ସହ ୮୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ।

## ମନୁସପଦର୍ ଗାଁକୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ୟୁଆଇଏଲର ପ୍ରୟାସ

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶୁଭାରମ୍ଭ

**ଟିକିରି, ୩୦।୧୨(ସମିସ):** ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ସିଏସଆର ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦୁର୍ଗମ ମୁନୁସପଦର ଗାଁରେ କରାଯାଇଛି। କାଶୀପୁର ବ୍ଲକ ଅଧୀନ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ମୁନୁସପଦର୍ ଗାଁରେ ଗତ ଅକ୍ଟୋବର ମାସରେ ଚର୍ମ ରୋଗ ବ୍ୟାପୁଥିବା ସୂଚନା ପାଇବା ପରେ ଉତ୍କଳ ଆଲୁମିନା ସିଏସଆର କର୍ମକର୍ତ୍ତାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଉତ୍କଳ ଆଲୁମିନା ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ୪ କିମି ପାହାଡିଆ, ଜଙ୍ଗଲ ଓ ଝରଣା ରାସ୍ତା ଅତିକ୍ରମ କରି ଉକ୍ତ ଗାଁରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚିକିତ୍ସା ସେବା ଯୋଗାଇଥିଲେ। ଏଥିସହ ଗାଁରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ



ଆରମ୍ଭ କରାଯାଇଥିଲା। ଏହି କ୍ରମରେ ଜିଲ୍ଲା ପ୍ରଶାସନିକ ତଥା ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପରିଦର୍ଶନରେ ଯାଇ ଗାଁର ସ୍ଥିତି ଅନୁଧ୍ୟାନ କରିବା ସହିତ ଉତ୍କଳ ଆଲୁମିନାର ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥାକୁ ଭୂୟସି ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଗାଁକୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଉତ୍କଳ ଆଲୁମିନା ସିଏସଆର୍ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଝରଣା ପାଣିକୁ ଯାନ୍ତ୍ରିକ ଉପକରଣ ଜରିଆରେ ବିଶୁଦ୍ଧ କରି ଗାଁରେ ଟାପ ଯୋଗେ ଯୋଗାଣ କରାଯାଇଛି। ସେହିପରି ଗାଁକୁ ପାଞ୍ଚଗୋଟି ସୋଲାର ଚାଳିତ ଲାଇଟ୍ ପ୍ରଦାନ ସହ ମୋବାଇଲ୍ ସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ଗାଁରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଶୀତରୁ ରକ୍ଷା ପାଇଁ ୬୦ଜଣ ଗ୍ରାମବାସୀଙ୍କୁ କମଳ ବିତରଣ କରାଯାଇଛି। ସିଏସଆର ଅନ୍ତର୍ଗତ ପରିଚାଳିତ ଉର୍ମୀ ପ୍ରକଳ୍ପ ଜରିଆରେ ଗାଁରେ କିଶୋରୀମାନଙ୍କୁ ସାନିଟାରୀ ନାପ୍‌କିନ ବିତରଣ କରାଯାଇଥିଲା। ତେବେ ବିଗତ ଦିନରେ ଗାଁ ଲୋକେ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ପାଇବା ପାଇଁ ମୌଳିକ ସମସ୍ୟାରେ ଜର୍ଜରିତ ହୋଇଥିବା ବେଳେ ଉତ୍କଳ ଆଲୁମିନା ପକ୍ଷରୁ ଗାଁରେ ବିଭିନ୍ନ ଉନ୍ନିମୂଳକ କାର୍ଯ୍ୟ କରାଯାଇଥିବାରୁ ଲୋକେ କମ୍ପାନୀର ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

● ଓଷ୍ଟା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

## ତର୍କ ପ୍ରତିଯୋଗିତାରେ ବାଲିମେଳା ଛାତ୍ରୀ ଶୁଭସ୍ମିତା ପ୍ରଥମ



**କୋରୁକୋଣ୍ଡା, ୩୦।୧୨ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଚଳିତ ବର୍ଷ ୪୨ତମ ଶିଶୁ ଉତ୍ସବ କଟକ ସହର ସ୍ଥିତ ନୟାସଡ଼କ ଓଷ୍ଟା କାର୍ଯ୍ୟାଳୟ ଠାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ସାମ୍ବିଧାନିକ ଜିଲ୍ଲା ମଧ୍ୟରୁ ଦଶ ବିଭାଗରୁ ୩୧୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ମାଲକାନଗିରି ଜିଲ୍ଲାରୁ ଦଶ ଜଣ ଛାତ୍ରଛାତ୍ରୀ ଦଶଟି ବିଭାଗରେ ଭାଗ ନେଇଥିଲେ। ତନ୍ମଧ୍ୟରୁ ବାଲିମେଳା ସହରର ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚ କୋଟୀର ତର୍କ ପରିବେଷଣ କରି ଅତିଥି ମାନଙ୍କୁ ଆଚମ୍ବିତ କରିବା ସହ ରାଜ୍ୟ ସ୍ତରରେ ପ୍ରଥମ ହୋଇଥିଲେ। ଶୁଭସ୍ମିତାଙ୍କ କୃତିତ୍ୱ ସମ୍ପର୍କରେ ଖବର ମିଳିବା ପରେ ବାଲିମେଳା ସହରରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସ୍ତରୀୟ କୃତି ଛାତ୍ରୀ ଶୁଭସ୍ମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ଏକକ ନୃତ୍ୟ ବିଭାଗରେ ଏମଭି-୭ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଖୁସବୁ ଭକ୍ତ ସାନ୍ତ୍ୱନା ମୂଳକ ଭାବେ ପୁରସ୍କୃତ ହୋଇଛନ୍ତି। ଉଭୟ ଛାତ୍ରୀ ଦ୍ୱୟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ୧୯୭୯ ମସିହାରୁ ଏହି ଶିଶୁ ଉତ୍ସବ ପାଳନ କରିଆସୁଥିବା ବେଳେ ଚଳିତ ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧରି ଏହି ଶିଶୁ ଉତ୍ସବ ପାଳନ କରାଯାଇଥିଲା। ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେଇଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ମାଲକାନଗିରି ଓଷ୍ଟା ଜିଲ୍ଲା ସଭାପତି ଅଲେଖ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସହ ଦୁଇ ଜଣ ପଥପ୍ରଦର୍ଶକ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଉମରକୋଟ ୩୦।୧୨ (ସମିସ):** ଏକାଡେମୀର ଦୁଇ ଶିକ୍ଷୟିତ୍ରୀ ନବୀନା ସାନ୍ତା ଏବଂ ଜୟମଣୀ ଭତ୍ରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ସାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ, ଦୁଇ ପୂର୍ବତନ କ୍ରୀଡ଼ାବିତ ସନ୍ତୋଷ ଶର୍ମା ଏବଂ ଦିଲ୍ଲୀପ ବିଶ୍ୱାସ, କ୍ରୀଡ଼ା ଶିକ୍ଷକ ବହୁମୁଖୀ କ୍ରୀଡ଼ା ଏକାଡେମୀର ପରିଚାଳକ ଏମ. ବିଜୟ କୁମାର, ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସମ୍ପାଦିକା ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ସାଇ ସମସ୍ତ କ୍ରୀଡ଼ାବିତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବହୁମୁଖୀ କ୍ରୀଡ଼ା ଏକାଡେମୀ ଅନ୍ତର୍ଗତ ଏବଂ ତାଲିମ ଅନ୍ତର୍ଭୁକ୍ତ ସମସ୍ତ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ସ୍ପୋର୍ଟସ୍ ଟ୍ରାକ୍ ସୁଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ।




## ପଟ୍ଟାଙ୍ଗି ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ



**ପଟ୍ଟାଙ୍ଗି, ୩୦।୧୨(ସମିସ):** କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗି ଲ୍ୟାମ୍ପସରେ ଚଳିତ ବର୍ଷର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପଟ୍ଟାଙ୍ଗି ଲ୍ୟାମ୍ପସ ସଭାପତି ସିକୁଣ୍ଡୁ ପାଙ୍ଗିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶୁକ୍ରା ଖରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ସମାଜସେବୀ ପ୍ରତାପ ଚୌଧୁରୀ ପ୍ରମୁଖ ଯୋଗଦାନ ଦେଇଥିଲେ। ପଟ୍ଟାଙ୍ଗି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଟି ପି ରାକେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଚଳିତ ବର୍ଷ ୨୦୦ ଜଣ ଚାଷୀ ନିବେଦନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩୫ ଜଣ ଚାଷୀଙ୍କୁ ଟୋକନ ମିଳିଥିବା ନେଇ ପଟ୍ଟାଙ୍ଗି ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଟି ପି ରାକେଶ ସୂଚନା ପ୍ରଦାନ କରିଛନ୍ତି।

# ପ୍ରେସ୍ ୟୁନିୟନ୍ ରାୟଗଡ଼ା ଜିଲ୍ଲାର ବାର୍ଷିକ ଉତ୍ସବ

ରାୟଗଡ଼ା, ୩୦।୧୨(ସମିସ)

ପ୍ରେସ୍ ୟୁନିୟନ ରାୟଗଡ଼ା ଜିଲ୍ଲାର ୫ମ ବାର୍ଷିକ ଉତ୍ସବ ରାୟଗଡ଼ା ଉପକଣ୍ଠ କୋତାପେଟା ସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ବୃଦ୍ଧାଶ୍ରମ ଠାରେ ୫୦ଜଣ ଅନ୍ତେବାସୀଙ୍କ ଗହଣରେ ଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ସୂର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଦୁଇଟି ସୋପାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସୋପାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ପରାମର୍ଶଦାତା ତଥା ସାମ୍ବାଦିକ ଶିବ ନାରାୟଣ ଗୌଡ଼ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତ ୨୦୨୦ ମସିହାରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘ ଗଠନ ହୋଇଥିଲା।




ୟୁନିୟନ ପକ୍ଷରୁ ବିଭିନ୍ନ ସମୟରେ କରାଯାଇଥିବା ଅନେକ କାର୍ଯକ୍ରମ ବିଷୟରେ ସଭାପତି ଶ୍ରୀ ସୂର୍ଯ୍ୟ ଆଲୋକପାତ କରିଥିଲେ। ସେହିପରି ୟୁନିୟନର ସାଧାରଣ ସମ୍ପାଦକ ବିଜୟ କୁମାର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂଘର ଉପ ସଭାପତି ଶ୍ରୀନିବାସ ମହାପାତ୍ର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝି ପଞ୍ଚତତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ଅନ୍ତେବାସୀମାନଙ୍କୁ ସମସ୍ତ ଦୁଃଖକଷ୍ଟ ଭୁଲି ଖୁସିରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ୫ମ ବାର୍ଷିକ ଉତ୍ସବ ପାଳନରେ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଟାକ୍ରି ମଧ ଗଣମାଧ୍ୟମ ସମାଜର ଏକ ସ୍ୱଚ୍ଛ ଦର୍ପଣ ହୋଇଥିବାରୁ ଆଜି ଲୋକେ ପ୍ରତିଟି ସତ୍ୟ ଖବର ପାଇପାରୁଛନ୍ତି ବୋଲି କହିଥିଲେ। ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଗହଣରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲାର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସୋପାନରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ରମେଶ କୁମାର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମାତୃଶକ୍ତି ବରିଷ୍ଠ ନାଗରିକ ବୃଦ୍ଧାଶ୍ରମରେ ରହୁଥିବା ୨୫ଜଣ ମହିଳା ଓ ୨୫ଜଣ ପୁରୁଷ ମୋଟ ୫୦ଜଣଙ୍କୁ ଶାଢୀ, ଲୁଙ୍ଗି, ତଉଲିଆ ଆଦି ଉପହାର ପ୍ରଦାନ ଏବଂ ୟୁନିୟନର ସଭ୍ୟମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବି.ଭି.ରାମଣା, କେ.କ୍ରିଷ୍ଣାମୂର୍ତ୍ତି ପଟ୍ଟନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁନିୟନର ସଭ୍ୟ କୋମଳ ଲୋଚନ, ରବି ପାତ୍ର, ନିରଞ୍ଜନ ନିମାଲା, ମୁରଲି ବଟା, ସନ୍ତୋଷ ପାଣି, ସଦାନନ୍ଦ ପେଡେଂଟି, ଆକାଶ ଗରଡିଆ, ଅକ୍ଷୟ ମହାନନ୍ଦିଆ, ନରେନ୍ଦ୍ର ନିଶାଲ, ଆକାଶ କୁମାର ଗରଦିଆ, ଉଦୟ କିରଣ, କୋଣ୍ଡା ସୁରେଶଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସପ୍ତାହକ ଭିତରେ ୨ ଜଣଙ୍କ ଜୀବନ ନେଲା ନର୍ସିଂହୋମ୍

# ପ୍ରତିବାଦରେ ଭଙ୍ଗାରୁଜା, ଉତ୍ତେଜନା



**ଯାଜପୁର,୩୦।୧୨(ସମିସ)**

ଯାଜପୁର ମୁଖ୍ୟ ଡାକ୍ତରଖାନା ପାଶ୍ୱର୍ରେ ଥିବା ଜୀବନଜ୍ୟୋତି ନର୍ସିଂ ହୋମରେ ଗତ ସପ୍ତାହକ ମଧ୍ୟରେ ଦୁଇ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟିଛି। ଆଜି ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ଭଙ୍ଗାରୁଜା କରାଯାଇଥିଲା। ଫଳରେ ବାଧ୍ୟ ହୋଇ ଜିଲ୍ଲା ପ୍ରଶାସନ ଉକ୍ତ ନର୍ସିଂ ହୋମକୁ ସିଲ କରିଥିବା ଜଣାପଡିଛି।

ସୂଚନା ମୁତାବକ ଗତ ୨୩ ତାରିଖ ସନ୍ଧ୍ୟା ସମୟରେ ଖଣ୍ଡରା ପଞ୍ଚାୟତ ଗେଡ଼ିସାହି ଅଞ୍ଚଳର ଚନ୍ଦନ କୁମାର ଗେଡ଼ିଙ୍କ ପତ୍ନୀ ସୁଭଦ୍ରା ପାତ୍ର(୨୬) ପ୍ରସବ ନିମନ୍ତେ ଜୀବନଜ୍ୟୋତି ହସ୍ପିଟାଲକୁ ଆସିଥିବା ବେଳେ ତାଙ୍କର ୨୪ ତାରିଖ ବୁଧବାର ଅସ୍ତ୍ରୋପଚାର କରାଯାଇଥିଲା। ପ୍ରସୂତି ମହିଳା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ପରେ ସୁଭଦ୍ରାଙ୍କର ଅଧିକ ରକ୍ତସ୍ରାବ ହେବାରୁ ୨୫ ତାରିଖ ଗୁରୁବାର ଦିନ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସିତ ଅବସ୍ଥାରେ ପ୍ରସୂତି ମହିଳା ଅଧିକ ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଚିକିତ୍ସିତ ଅବସ୍ଥାରେ ସୁଭଦ୍ରାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବରକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହକୁ ଜୀବନଜ୍ୟୋତି ହସ୍ପିଟାଲ ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସହ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଚିକିତ୍ସାଳୟ ସମ୍ମୁଖ ଭାଗ ଭଙ୍ଗାରୁଜା କରିଥିଲେ। ଗତ ସପ୍ତାହକ ମଧ୍ୟରେ ଦୁଇ ଦୁଇଟି ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ବିଭିନ୍ନ ସଂଗଠନ ପକ୍ଷରୁ ନର୍ସିଂହୋମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବାରମ୍ବାର ଜୀବନଜ୍ୟୋତି ହସ୍ପିଟାଲରେ ପ୍ରସୂତିଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇ ବିପଦମୁହଁକୁ ଠେଲି ଦିଆଯାଇଥିବାରୁ ପ୍ରସୂତି ମାନଙ୍କର ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଥିଲା। ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ରୋଗୀଙ୍କୁ ଭୁଲାଇ ଘରୋଇ ହସ୍ପିଟାଲକୁ ପଠାଇ ଦେଉଛନ୍ତି ବୋଲି ସିଧାସଳଖ ଅଭିଯୋଗ କରିଥିଲେ। ଦୀର୍ଘ ସମୟ ଧରି ଜୀବନଜ୍ୟୋତି ହସ୍ପିଟାଲ ସମ୍ମୁଖରେ ମହିଳାଙ୍କ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଯାଜପୁର ଟାଉନ ପୁଲିସ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲା। ଅନ୍ୟ ପକ୍ଷରେ ଖବର ପାଇ ଜୀବନଜ୍ୟୋତି ହସ୍ପିଟାଲକୁ ତାଲା ପକାଯାଇ କର୍ତ୍ତୃପକ୍ଷ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ପକ୍ଷରୁ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ତହସିଲଦାର, ଥାନା ଅଧିକାରୀ, ଯାଜପୁର ଏଡିଏମ୍‌ଙ୍କ ଉପସ୍ଥିତିରେ ନର୍ସିଂ ହୋମକୁ ସିଲ କରାଯାଇଥିଲା। ଘଟଣାସ୍ଥଳରେ ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ମେଡିକାଲ ବରିଷ୍ଠ କିରାଣି ତାପସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜୀବନଜ୍ୟୋତି ହସ୍ପିଟାଲକୁ ସିଲ୍ କରିଥିଲେ।

**ନର୍ସିଂହୋମ ସିଲ୍ କଲା ପ୍ରଶାସନ**

## ପାଣିରେ ବୁଡ଼ି ଶ୍ରମିକ ମୃତ

**ଦାନଗଦି, ୩୦।୧୨(ସମିସ):** ଟମକା ଥାନା ପୁଲିସ ବାଙ୍ଗରକୋଟା ଗାଁ ଗୋଠ ଛକ ନିକଟରେ ଥିବା ପୋଖରୀରୁ ଜଣେ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ଶ୍ରମିକ ଜଣକ ହେଲେ ଲକ୍ଷ୍ମଣ ଦେହୁରୀ (୨୯)। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ରିକୁଟିଆ ଗ୍ରାମରେ ବୋଲି ପୁଲିସ ଠାରୁ ସୂଚନା ମିଳିଛି। ସୂଚନା ମୁତାବକ ମୃତ ଲକ୍ଷ୍ମଣ ଗତ ସୋମବାର ବାଙ୍ଗରକୋଟା ଗ୍ରାମକୁ ମଜୁରୀ କରିବାକୁ ଯାଇଥିଲା। ମଜୁରୀ କାର୍ଯ୍ୟ ସାରି ଫେରିବା ବାଟରେ ବାଙ୍ଗରକୋଟା ଗୋଠ ଛକରେ ଜଳଖିଆ ଖାଇ ସାରି ଛକ ପାଖରେ ଥିବା ଏକ ପୋଖରୀରେ ହାତ ଧୋଇବାକୁ ଯାଇଥିବା ବେଳେ ସେଠାରେ ତାର ଗୋଡ଼ ଖସିଯାଇଥିଲା ଓ ସେ ପାଣି ଭିତରେ ବୁଡ଼ିଯାଇଥିଲା। କିଛି ସମୟ ପରେ ସେ ପାଣିରୁ ନ ଉଠିବାରୁ ପାଖରେ ଥିବା ଅନ୍ୟ ଶ୍ରମିକ ମାନେ ଘଷିପୁରା ଦମକଳ କେନ୍ଦ୍ରକୁ ଫୋନ୍ କରିଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଖୋଜାଖୋଜି କଲେ ମଧ୍ୟ ତାକୁ ପାଇ ନ ଥିଲେ। ଆଜି ଆଉଥରେ ଦମକଳ କେନ୍ଦ୍ରକୁ ଫୋନ୍ କରି ଡାକି ପାଣିରେ ଖୋଜିବାରୁ ତାର ମରଶରୀରକୁ ସେହି ପୋଖରୀ ଭିତରୁ ପାଇଥିଲେ। ଏହି ଘଟଣାକୁ ମୃତ ଲକ୍ଷ୍ମଣର ପିତା ଆନନ୍ଦ ଦେହୁରୀ ଆଜି ଟମକା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଟମକା ପୁଲିସ ୧୦/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ଦାନଗଦି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ସରକାରୀ ଭାବେ ଟ୍ରମାକେୟାର ଖୋଲିବାକୁ ଦାବିପତ୍ର

**ପାଣିକୋଇଲି,୩୦।୧୨(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପାଣିକୋଇଲି ଟ୍ରମା କେୟାରକୁ ପିପିପି ମୋଡ୍‌ରେ ଖୋଲିବାକୁ ଘୋଷଣା କରିବା ପରେ କେବଳ ପାଣିକୋଇଲି ନୁହେଁ ସମଗ୍ର କୋରେଇ ଅଞ୍ଚଳରେ ଦଳଗତ ନିର୍ବିଶେଷର ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘୋଷଣାର ପ୍ରଥମ ଦିନ ଏହାକୁ ବିରୋଧ କରି ଟ୍ରମା ସେଣ୍ଟର ସମ୍ମୁଖରେ ଯାଜପୁର ୟୁଥ୍ ଫୋରମ ପକ୍ଷରୁ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା। ପରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାଣିକୋଇଲି ଟ୍ରମା ସେଣ୍ଟରର ପିପିପି ମୋଡରେ ପରିଚାଳନା କରାଯିବା ନିଷ୍ପତିକୁ ପ୍ରତ୍ୟାହର କରିବା ଓ ଅବିଳମ୍ବେ ଉକ୍ତ ଟ୍ରମାକେୟାର ସେଣ୍ଟରକୁ ସରକାରୀ ଭାବେ ଏକ ୨୪ ଘଣ୍ଟିଆ ଚିକିତ୍ସା କେନ୍ଦ୍ର ଏବଂ ଟ୍ରମାକେୟାର ସେଣ୍ଟର ଭାବରେ କାର୍ଯ୍ୟକ୍ଷମ କରାଯାଇ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିନ୍ତ କରିବା ଦାବିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ସ୍ୱାସ୍ଥ୍ୟମନ୍ତ୍ରୀ, ଯାଜପୁର ସଂସଦ ଓ କୋରେଇ ବିଧାୟକଙ୍କ ନିକଟକୁ ପଠାଯାଇଛି। ପୁନର୍ବିଚାର ଦାବିରେ କ୍ରିୟାନୁଷ୍ଠାନ କମିଟି ବିଧାୟକ ଓ ସାଂସଦଙ୍କୁ ଭେଟି ଆଲୋଚନା କରିବା ସହ ଯଦି ନିଷ୍ପତି ପ୍ରତ୍ୟାହର ନ ହୁଏ ତାହେଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଜଣାପଡିଛି। ବିଧାୟକ ଆକାଶ ଦାସନାୟକ ଭିତ୍ତିଭୂମିକୁ ଦେଖି ଟ୍ରମାକେୟାର ପରିବର୍ତ୍ତେ ଏହାକୁ ଉପଖଣ୍ଡ ଚିକିତ୍ସାଳୟ ପାଇଁ ଚିଠି ଲେଖିଥିଲେ। ହେଲେ ଏହା କାର୍ଯ୍ୟକାରୀ ହେବା ପରିବର୍ତ୍ତେ ଏହାକୁ ବେସରକାରୀ ସଂସ୍ଥା ହାତରେ ଟେକି ଦେବାକୁ ଯେଉଁ ଅଦୃଶ୍ୟ ଶକ୍ତି କାମ କରୁଛି ତାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୁବାସ ଧଳ, ଡାକ୍ତର ନିର୍ମଳ ରଥ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ବିପିନ ବିହାରୀ ଧଳ, ତାରିଣୀ ପଟ୍ଟନାୟକ, ଶଶିକାନ୍ତ ମଲ୍ଲିକ, ଆଲୋକ ମହାନ୍ତି, ମନୋଜ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ପ୍ରୀତିପୁର,୩୦।୧୨(ସମିସ):** ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅନ୍ତର୍ଗତ ସ୍ଥାନୀୟ ଲଚ୍ଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ, ଅଙ୍ଗାଳୋରେ ଛାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ଓ ଆତ୍ମବିଶ୍ୱାସ ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କଲେଜ ପ୍ରଶାସନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଆଶିଷ କୁମାର ରାୟ ଉଦଘାଟନ କରିଥିଲେ। ଏହି ଅବସରରେ କଲେଜର ଅଧକ୍ଷ ଜୟଦେବ ଥାଟୋଇ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀମାନେ ବିପଦ ସମୟରେ ନିଜକୁ ସୁରକ୍ଷିତ ରଖିବାର କୌଶଳ ଶିଖିପାରିବେ। ଏହି ସଭାରେ ମୁଖ୍ୟବକ୍ତା ଦିଲୀପ କୁମାର ରାଉତ, ସମ୍ମନିତ ବକ୍ତା ଭରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ମଦନ ମୋହନ ପରିଡା, ନୋଡାଲ ଅଫିସର ଅଧ୍ୟାପିକା ମୋନାଲିସା ପରିଡା ଏବଂ ପ୍ରଶିକ୍ଷିକା ଚନ୍ଦ୍ରକାନ୍ତି ସାମଲ ଯୋଗ ଦେଇଥିଲେ। ଅଧ୍ୟାପକ ସୁବ୍ରତ କୁମାର ଓଝା ସଂଯୋଜନା କରିବା ସହିତ ଶେଷରେ ଅଧ୍ୟାପିକା ଶୁଭଶ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ।

## ଏନ୍‌ସି କଲେଜ ଛାତ୍ରୀଛାତ୍ରଙ୍କ ଦାବିପତ୍ର



**ଯାଜପୁର,୩୦।୧୨(ସମିସ):** ଏନ୍‌ସି କଲେଜ ଯୁକ୍ତ ୩ କଳାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରୀଙ୍କ ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମ ସେମିଷ୍ଟାର ଇଭିଏସ୍ (ଏର୍ଣ୍ଣଭାରମେଣ୍ଟାଲ ଷ୍ଟଡିଜ୍) ପେପରେ ୨୦ଜଣ ଛାତ୍ରୀଛାତ୍ରଙ୍କର ବ୍ୟାକ ଲାଗିଛି। ଏ ନେଇ ଛାତ୍ରଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କୁ ଇଭିଏସ୍ ପେପର ଆଉ ଥରେ ଦେଖାଯାଉ ବୋଲି ଅବଗତ କରାଇଥିଲେ। କିନ୍ତୁ କଲେଜ କର୍ତ୍ତୃପକ୍ଷ କୌଣସି କଥାକୁ କର୍ଣ୍ଣପାତ ନ କରି ଆଉ ଥରେ ପରୀକ୍ଷା ଦେବା ପାଇଁ କହିଥିଲେ। ଜାଣିଶୁଣି ଫେଲ୍ କରାଯାଇଛି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଯଦି ଛାତ୍ରୀଛାତ୍ରଙ୍କର ଦାବି ନ ପୂରଣ ହୁଏ ଆତ୍ମହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଯେଉଁ ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ କରିଥିଲେ ମଧ୍ୟ ନମ୍ବର କମ୍ ମିଳିଛି ସେହି ଛାତ୍ରୀଛାତ୍ରଙ୍କର ଖାତା ପୁନର୍ବାର ମୂଲ୍ୟାୟାନ କରାଯିବ। ଯଦି ମୂଲ୍ୟାୟାନ ତ୍ରୁଟି ଥିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଏଏମ୍‌ବି ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଦୋବଲ,୨୯ ।୧୨(ସମିସ):** ଧାମନଗର ବ୍ଲକ୍ ଦୋବଲସ୍ଥ ଏଏମବି ଇଂଲିଶ ମାଧ୍ୟମ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ଅଧକ୍ଷ ସେକ ଆଜାଦ ଅଲ୍ଲୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସ୍କୁଲ ପରାମର୍ଶଦାତା ବିଶ୍ୱରଞ୍ଜନ ରାୟ, ମନୋଜ ସିଂ ପ୍ରମୁଖ ଯୋଗଦେଇ ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷା ସହ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଶିକ୍ଷାର ପରିବର୍ତ୍ତନ ହେବ। ଶିକ୍ଷକ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ମିଳିତ ସହଯୋଗ ରହିଲେ ଏକ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ପୁରୁଣା ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବିଜୟିନୀ ପୃଷ୍ଟି, ଲୋପାମୁଦ୍ରା ଦାସ, ପୁଷ୍ପାଞ୍ଜଳି ପୃଷ୍ଟି, ପ୍ରମିଳା ଦାସ, ସଙ୍ଗୀତା ତ୍ରିପାଠୀ, ଶୈଳବାଳା ସିଂ, ମହେନ୍ଦ୍ର ଜେନା, ହଳଧର ମିଶ୍ର, ଶାନ୍ତିଲତା ରାଉତଙ୍କୁ ସ୍କୁଲର ସଭାପତି ସେକ ମୁରାଦ ଅଲ୍ଲୀ ଓ ସମ୍ପାଦକ କେତାବୁନ ଖାତୁନ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସେକ ରହେମାନ, ଜୀବନ ସାମଲ, ପୂର୍ଣ୍ଣିମା ବେହେରା, ମମତା ଖଟୁଆ, ପ୍ରଜ୍ଞା ଖଟୁଆ, ଇତିଶ୍ରୀ ସାମଲ, ସସ୍ମିତା ପଣ୍ଡା, ନେହା ଖାତୁନ, ମଧୁସୂଦନ ଧଳ ପ୍ରମୁଖ ପରିଚାଳନା କରିଥିଲେ।

## ଯାଜପୁରରୋଡ୍ - ଧାମରା ରେଳପଥ

## ସରକାରୀ ସ୍ତରରେ ନିର୍ମାଣ କରିବାକୁ ଦାବି

**ପାଣିକୋଇଲ,୩୦।୧୨(ସମିସ):** ଯାଜପୁରରୋଡ ଧାମରା ଭାୟା ଯାଜପୁର ଓ ଆରଡ଼ି ରେଳପଥକୁ ମଞ୍ଜୁର ପ୍ରଦାନ କରାଯାଇଥିବାରୁ ରେଳବାଇ ବୋର୍ଡକୁ ସଂଗ୍ରାମ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ମାତ୍ର ଏହି ରେଳପଥ ନିର୍ମାଣ କାର୍ଯ୍ୟ ସରକାରୀ ଓ ବେସରକାରୀ ଭାଗିଦାରୀ (ପିପିପି)ରେ କରିବା ପାଇଁ ନିଆଯାଇଥିବା ନିଷ୍ପତି ଉଦ୍‌ବେଗଜନକ ବୋଲି ଯାଜପୁରରୋଡ୍ ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଯେଉଁ ରେଳପଥ ନିର୍ମାଣ କରାଗଲେ ଶତକଡା ୨୪ ଭାଗରୁ ଊର୍ଦ୍ଧ୍ୱ ଲାଭର ଗ୍ୟାରେଣ୍ଟି ରହିଛି ତାକୁ ସରକାର ନିଜେ ନିର୍ମାଣ ନକରି କାହିଁକି ଘରୋଇ ଉଦ୍ୟୋଗକୁ ଟେକି ଦେବେ ବୋଲି ସ୍ଥିର କରିଛନ୍ତି ତାହା ବିସ୍ମୟର କାରଣ ପାଲଟିଛି। ଏହା ସାମ୍ଭାବ୍ୟ ଲାଭର ଘରୋଇକରଣ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଶ୍ରୀ ଦାସ କହିଛନ୍ତି। ରେଳବାଇ ବୋର୍ଡର ଏହି ନିଷ୍ପତି ବିସ୍ତୃତ ପ୍ରକଳ୍ପର (ଡିପିଆର) ବିରୋଧାଚରଣ କରୁଛି। କାରଣ ଡିପିଆରରେ ଏହି ୧୦୧.୨୬ କିମି ଦୈର୍ଘ୍ୟ ବିଶିଷ୍ଟ ରେଳପଥର ନିର୍ମାଣ ସରକାରୀ ବଜେଟ ସହାୟତାରେ କରିବା ପାଇଁ ସୁପାରିସ କରାଯାଇଥିଲା। କେନ୍ଦ୍ର ସରକାର, ରେଳ ମନ୍ତ୍ରଣାଳୟ ଓ ରେଳବାଇ ବୋର୍ଡ ନିଜ ନିଷ୍ପତିର ପୁନଃର୍ବିଚାର କରି ପ୍ରକଳ୍ପଟିକୁ ସରକାରୀ ବ୍ୟୟରେ ନିର୍ମାଣ କରିବା ପାଇଁ ଯାଜପୁରରୋଡ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଦୀର୍ଘ ଆଠ ବର୍ଷର ସଂଗ୍ରାମ ଫଳରେ ଯାଜପୁରରୋଡ ଧାମରା ପ୍ରକଳ୍ପ ମଞ୍ଜୁରୀର ସ୍ୱପ୍ନ ସାକାର ହୋଇଥିବାରୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାର ଅଧିବାସୀ ଓ ସମ୍ବାଦିକ ବନ୍ଧୁମାନଙ୍କୁ ଯାଜପୁରରୋଡ ଧମାରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ପୂର୍ବତନ ବିଧାୟିକାଙ୍କ ସ୍ମୃତିଚାରଣ ସଭା



**ଯାଜପୁର,୩୦।୧୨(ସମିସ):** ମଙ୍ଗଳବାର ଗଣେଶ ମଣ୍ଡପଠାରେ ଦିବଂଗତ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ସ୍ମୃତିଚାରଣ ସଭା ବରିଷ୍ଠ ବିଜେପି ନେତା ସୁଦିପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତିଚାରଣ ସଭାରେ ବରିଷ୍ଠ ନେତା ଗୌତମ ରାୟ ଯୋଗ ଦେଇଥିଲେ। ବିଜେପି ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗ ଦେଇ ଆଜି ଏ ଜିଲ୍ଲା ଗୋଟିଏ ମୁରବୀକୁ ହରାଇଛି। ତାଙ୍କ ବିୟୋଗରେ ସାରା ଜିଲ୍ଲା ଆଜି ସ୍ତବ୍ଧ, ମର୍ମାହତ, ଦୁଃଖିତ ବୋଲି କହିଥିଲେ। ଏହି ସ୍ମୃତିଚାରଣ ସଭାରେ ସ୍ୱର୍ଗତ ବିଧାୟିକାଙ୍କ ପୁତ୍ର ସତ୍ୟକାମ ମହାନ୍ତି, ସୁରଜଲାଲ ସାମଲ, ତପନ ନନ୍ଦ, ସଞ୍ଜୟ ସିଂହ, ମନ୍ମଥ ବରାଳ, ସୁରେଶ ରାଉତ, ସଞ୍ଜୟ ସାହୁ, ସୁଧାଂଶୁ ବେହେରା, ଗୋକୁଳାନନ୍ଦ ରାଉତ, କେଶବ ମିଶ୍ର, ପ୍ରଶାନ୍ତ ପାଣି, ଲିଳିମା ଭଦ୍ର, ଭବାନୀ ଚୌଧୁରୀ, ଲିପ୍ସିତା ରାଉତରାୟ, କୋରେଶା ଖାତୁନ, ନିହାରିକା ମିଶ୍ର, ରାମ ମିଶ୍ର, ଉଦୟ ସାହୁ, ଜିତାମିତ୍ର ସାହୁ, ସତ୍ୟ ରଞ୍ଜନ ପାଲ, ବିଶ୍ୱଜିତ ବରାଳ, ଶକ୍ତି ସୌରଭ ମହାପାତ୍ର, କୁଳମଣି ପରିଡ଼ା, ନିରଞ୍ଜନ ବଳ, ଚିତ୍ତରଞ୍ଜନ ସାହୁ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



**ବାରିକପୁର,୩୦।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମର ଧର୍ମପରାୟଣ ମହିଳା ରାଜଲକ୍ଷ୍ମୀ ମହାପାତ୍ରଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ମଙ୍ଗଳବାର ସକାଳ ପ୍ରାୟ ୮ଟାବେଳେ ବାସଭବନଠାରେ ପ୍ରାଣ ହରାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଧର୍ମ ପରାୟଣ ମହିଳା ଭାବେ ଗ୍ରାମରେ ବେଶ୍ ଜଣାଶୁଣା ଥିଲେ। ଗ୍ରାମବାସୀଙ୍କ ସମେତ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ପାର୍ଥିବ ଶରୀର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବୈତରଣୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁଅ ଚିନ୍ମୟ ମହାପାତ୍ର ମୁଖାଗ୍ନି ଦେଇଥିଲେ।

## 'ଓଡ଼ିଆ ଅସ୍ମିତା' ପୁସ୍ତକ ଉନ୍ମୋଚିତ

**ତେଲକୋଇ, ୩୦।୧୨(ସମିସ):** ତେଲକୋଇ ବ୍ଲକ ସିରିଗିଡ଼ାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଆ ଅସ୍ମିତା' ନାମକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ହାଲପୁଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ବିଜୟ କୁମାର ପ୍ରଧାନଙ୍କ ଦ୍ୱାରା ସଂକଳିତ ହୋଇଥିବା ଏହି ପୁସ୍ତକ ଓଡ଼ିଶାର ବରପୁତ୍ରଗଣଙ୍କ ଜୀବନ କାହାଣୀ ଉପରେ ଆଧାରିତ। ୧୧୪ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ସମୁଦାୟ ୭୯ ଜଣ ବରପୁତ୍ରଙ୍କ ଜୀବନୀ ଉପରେ ରଚନା କରାଯାଇଛି। ଏହି ପୁସ୍ତକ ଏବେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିଛି। ଏହାର ସଂଗ୍ରାହକ ତଥା ସାହିତ୍ୟିକ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୌପ୍ୟଜୟନ୍ତୀ

**କବାଟବନ୍ଧ,୩୦।୧୨(ସମିସ):**



କବାଟବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ଏବଂ ପରିଚାଳନା କମିଟି ସହଯୋଗରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା, ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କର ଏବଂ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶାର ସମ୍ପାଦକ ଡ. କରୁଣାକର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଅଟେ। ମାତ୍ର ଶିକ୍ଷାଗତ ଯୋଗ୍ୟତା ମଣିଷର ପରିଚୟ ନୁହେଁ। ଉତ୍ତମ ଚରିତ୍ର ଗଠନ ଏବଂ ଜଣେ ଉତ୍ତମ ବ୍ୟକ୍ତିତ୍ୱ ମଣିଷର ଶ୍ରେଷ୍ଠତା ପ୍ରତିପାଦନ କରିଥାଏ ବୋଲି ଡାକ୍ତର କର ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ବସନ୍ତ କୁମାର ମହାରଣା, ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ପ୍ରଧାନ, ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁମା ସ୍ମିତାଞ୍ଜଳି ରଥ ଏବଂ ଗୁରୁଜୀ ପବିତ୍ର ମୋହନ ଭଦ୍ରଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ପଞ୍ଚାୟତ ଉପାଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ବିଜେପି କବାଟବନ୍ଧ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ଅକ୍ଷୟ ପାତ୍ର, ଏବଂ ପ୍ରବଚକ ବିନୟ କୁମାର ଶତପଥୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କବାଟବନ୍ଧ ଅଞ୍ଚଳର କୁନି ପ୍ରବଚକ ସାଇସୌରଭ ଗାହାଣଙ୍କ ପ୍ରବଚନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦଙ୍କ ଦ୍ୱାରା ଗୁରୁଜୀ ଏବଂ ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାବାଳିକା ଅପହରଣ ଅଭିଯୋଗ

**ଦଶରଥପୁର,୩୦।୧୨(ସମିସ):** ମଙ୍ଗଳପୁର ଥାନା ଅଞ୍ଚଳର ଜୈନିକା ୧୫ ବର୍ଷୀୟା ନାବାଳିକାକୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଗତ ୪ଦିନ ପୂର୍ବେ ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ହାତବାନ୍ଧି ବସିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମଙ୍ଗଳପୁର ଥାନାଞ୍ଚଳର ଜୈନିକା ନାବାଳିକା ଚଳିତ ମାସ ୨୪ତାରିଖ ଅପରାହ୍ନରେ ଘରୁ ବାହରକୁ ଯାଇଥିବା ସମୟରେ କେନ୍ଦ୍ରାପଡା ଜିଲ୍ଲା ଆଳି ଅଞ୍ଚଳର ବଣ୍ଟି ଜେନା ନାମକ ଯୁବକ ନାବାଳିକାକୁ ଜୋର ଜବରଦସ୍ତ ରାସ୍ତାରୁ ଅପହରଣ କରିନେଇଥିବା ସୂଚନା ପାଇ ନାବାଳିକା ବାପା ମଙ୍ଗଳପୁର ଥାନାରେ ସେହିଦିନ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ମଙ୍ଗଳପୁର ଥାନା ପୁଲିସ ଅଦ୍ୟାବଧି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତଦନ୍ତ କରୁଛୁ, ଦେଖୁଛୁ ବୋଲି କହି ସମୟ ଗଡ଼ାଇ ଚାଲିଛି ବୋଲି ନାବାଳିକା ବାପା ଅଭିଯୋଗ କରିଛନ୍ତି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ



**ନୟାଗଡ଼,୩୦।୧୨(ସମିସ):** ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ମେଳାକୁ ଗୋ-ପୂଜନ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ସମୟ ଥିଲା ଆମେ ମାଛ ଓ ଅଣ୍ଡା ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଓ ଚାଷୀଙ୍କ ପ୍ରଚେଷ୍ଟା ବଳରେ ଆମେ ଆଜି ସ୍ୱାବଲମ୍ବୀ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ କହିଥିଲେ ଯେ ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ ଓ ନୀଳ ବିପ୍ଳବ ଯୋଗୁଁ ଆମ ଦେଶ ଆଜି ଖାଦ୍ୟ ଉତ୍ପାଦନରେ ଏକ ଅଗ୍ରଣୀ ଦେଶ। ତେଣୁ ଶିକ୍ଷିତ ଯୁବଗୋଷ୍ଠୀ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ଉଦ୍ୟୋଗ ରୂପରେ ପରିଣତ କରିପାରିବେ। ସ୍ୱାଗତ ଭାଷଣ ଦେଇଥିଲେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବସନ୍ତ କୁମାର ବେହେରା ଓ ଧନ୍ୟବାଦ ଦେଇଥିଲେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ। ତୃଣମୂଳସ୍ତରରେ ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ତଥା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ତଥା ସେମାନଙ୍କୁ ନୂତନ ଜ୍ଞାନକୌଶଳ ଚାଷ ସମ୍ପର୍କରେ ଧାରଣା ଦେବା ପାଇଁ ଗତ ମାସରେ ପ୍ରତି ବ୍ଲକ୍‌ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସଫଳତାର ସହ ଆୟୋଜିତ ହେବା ପରେ ଏବେ ଜିଲ୍ଲାସ୍ତରୀୟ ମେଳା ଆୟୋଜିତ ହୋଇଛି। ଏହି ଦୁଇଦିନିଆ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୮୦୦ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଯୋଗଦେଇଥିଲେ। ଏହି ମେଳାରେ ପ୍ରାୟ ୩୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।

## ମା' ବୁଢ଼ାବୁଢ଼ୀଙ୍କ ବାର୍ଷିକ ପୁଷ୍ୟାଭିଷେକ

**ଗଣିଆ,୩୦।୧୨(ସମିସ):** ଗଣିଆରେ ବିରାଜିତ ଗ୍ରାମଦେବତୀ ମା' ବୁଢ଼ାବୁଢ଼ୀ ଠାକୁରାଣୀଙ୍କ ପୀଠରେ ବାର୍ଷିକ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସ ଅନୁଷ୍ଠିତ ହୋଇଥିବାବେଳେ ମଙ୍ଗଳବାର ପୂର୍ବାହ୍ଣରେ ପୂଜା ମହୋତ୍ସବ, ପୁଷ୍ପାଞ୍ଜଳି ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଶରତ କୁମାର କର, ସମିତିସଭ୍ୟ ଫକୀର ମୋହନ ଡାକୁଆ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ। ଗ୍ରାମ୍ୟ କମିଟିର ସଭାପତି ଅର୍ଜୁନ ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ନାୟକ, ଶୁଭେନ୍ଦୁ ନାୟକ, ପ୍ରଫୁଲ୍ଲ ନାୟକ, ଦିଲ୍ଲୀପ ନାୟକଙ୍କ ସମେତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ

**ଭାପୁର,୩୦।୧୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ଠାରେ ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିର ବର୍ତ୍ତମାନ ଦେଶର ଦ୍ୱିତୀୟ ଅଯୋଧ୍ୟା ଭାବେ ବିବେଚିତ। ତିଥି ଅନୁସାରେ ଏହାର ଦ୍ୱିତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଶ୍ରୀରାମ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ସକାଳୁ କଳସ ଯାତ୍ରା, ସୂର୍ଯ୍ୟ ପୂଜା ପରେ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ସଦାଶିବ ପ୍ରଧାନ ଓ ତାଙ୍କ ପତ୍ନୀ ରୀନା ପ୍ରଧାନ ଏବଂ ପୂଜକଭାବେ ଭୁବନେଶ୍ୱର ରାମତାରକ ମଠରୁ ଶ୍ରୀନିବାସ ଦାଶ ଓ ଅନ୍ୟ ସାଥିମାନେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶାମ୍ବ ଦଶମୀରେ ସ୍ୱତନ୍ତ୍ର ସୂର୍ଯ୍ୟ ପୂଜା ଆୟୋଜିତ ହୋଇଥିଲା। ସୁପ୍ରିମକୋର୍ଟ ଜଷ୍ଟିସ୍ ଏନ୍ ଶ୍ରୀନିବାସନ୍ ଏହି ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ।

### ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ୨ରେ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ



**ନୟାଗଡ଼,୩୦।୧୨(ସମିସ):** ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ୭ଟି ବ୍ଲକ୍‌ରୁ ଦାବି ହେଉଛି। ଏନେଇ ମଙ୍ଗଳବାର ନୟାଗଡ଼ ମେଡିକାଲ କଲେଜ କ୍ରିୟାନ୍ୱୟନ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୦ଟାରେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଏକ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ ପାଇଁ ଦୃଢ଼ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ୭ଟି ବ୍ଲକ୍‌ର ଜନସାଧାରଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହା ସହିତ ବିଭିନ୍ନ ସଂଗଠନ ମଧ୍ୟ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବ। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ଆବାହକ ଗୋଦାବରୀ ସାହୁ, ଧିରେନ୍ଦ୍ର ପଟ୍ଟନାୟକ, ସନ୍ତୋଷ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ପ୍ରସନ୍ନ ବସନ୍ତିଆ, ଅବିନାଶ ସାହୁ, ବୈଦ୍ୟଭୂଷଣ ମହାପାତ୍ର, ଅନୀଲ କୁମାର ପଣ୍ଡା, ଗଙ୍ଗାଧର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଧାନକିଣା ଶୁଭାରମ୍ଭ ଭେଳିକି

# ଶେଷ ହୋଇନାହିଁ ମିଲର ଚୁକ୍ତି ପ୍ରକ୍ରିୟା

**ନୟାଗଡ଼,୩୦।୧୨(ସମିସ)**

ବଡ଼ ଆଡ଼ମ୍ବର ସହକାରେ ଯୋଗାଣ ବିଭାଗ ଡିସେମ୍ବର ୨୯ ତାରିଖରେ ଧାନକିଣା ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ କେବଳ ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟରେ କରାଯାଇଥିବା ଅଭିଯୋଗ ହୋଇଛି। ଏଯାଏ ଯୋଗାଣ ବିଭାଗ ସହ ଧାନ କିଣିବା ପାଇଁ ମିଲରମାନେ ଚୁକ୍ତି କରି ନ ଥିବାବେଳେ ଧାନକିଣା ଶୁଭାରମ୍ଭ କରି ଟୋକନ୍ ଇସ୍ୟୁ କାହିଁକି କରାଯାଇଛି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲାର ୧୫ ଜଣ ମିଲରଙ୍କ ମଧ୍ୟରୁ ୧୨ ଜଣ ଚଳିତ ବର୍ଷ ଧାନ କିଣିବା ପାଇଁ ଯୋଗ୍ୟ ହୋଇଛନ୍ତି। ଗତବର୍ଷ ମିଲରମାନେ ଉଠାଇଥିବା ଧାନ ମଧ୍ୟରୁ ୧୨ ଜଣ ୮୦ ପ୍ରତିଶତ ଚାଉଳ ଦେଇଥିବାବେଳେ ୩ ଜଣ ଏଯାଏଁ ୭୦ ପ୍ରତିଶତ ଚାଉଳ ସରକାରଙ୍କୁ ହସ୍ତାନ୍ତର କରି ନ ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଯୋଗାଣ ବିଭାଗ ଚାଷୀଙ୍କ ଟୋକନ୍ ଇସ୍ୟୁ କରି ଧାନକିଣା ଶୁଭାରମ୍ଭ କରିବା ପଛରେ କେବଳ ନିଜ ସୁରକ୍ଷା ପାଇଁ କରାଯାଇଥିବା ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାରେ ୯୫ ପ୍ରତିଶତ ଧାନ ଅମଳ ଶେଷ ହୋଇଥିବାବେଳେ ମଣ୍ଡି ଆରମ୍ଭ କରିବା ଜରୁରୀ ହୋଇପଡ଼ିଛି। ଜିଲ୍ଲାରେ ଗତବର୍ଷ ୧୭ ଲକ୍ଷ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣାଯାଇଥିଲା। ଚଳିତ ବର୍ଷ ଅଧିକ ଧାନ କିଣାଯିବା ସମ୍ଭାବନା ରହିଛି। ଜିଲ୍ଲାକୁ ୧୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ପ୍ରାଥମିକ ଭାବେ ମିଳିଛି। ନୟାଗଡ଼ ଜିଲ୍ଲାର ୧୫ ଜଣ ମିଲର୍ ଧାନକିଣା ସାମିଲ୍ ହେବେ ବୋଲି ଯୋଗାଣ ବିଭାଗ କହୁଥିବାବେଳେ ବାସ୍ତବତା କିନ୍ତୁ ଭିନ୍ନ ସ୍ଥିତିରେ ରହିଛି। ୧୨ ଜଣ ମିଲର ଧାନ କିଣିବାକୁ ଯୋଗ୍ୟ ହୋଇଛନ୍ତି। ଅନ୍ୟ ୩ ଜଣ ମିଲର ଆବଶ୍ୟକ ଚାଉଳ ପ୍ରଦାନ କରି ଧାନକିଣାରେ ସାମିଲ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏଭଳି ସ୍ଥିତିରେ ଏଯାଏଁ ମିଲରମାନେ ଯୋଗାଣ ବିଭାଗ ସହ ଚୁକ୍ତି କରି ନ ଥିବା କହିଛନ୍ତି।

### ଭୁଆଁ ବୁଲାଉଛି ଯୋଗାଣ ବିଭାଗ

ମିଲର ଚୁକ୍ତି ସ୍ୱାକ୍ଷର କରିବା ପରେ ପ୍ୟାକ୍ସଗୁଡ଼ିକ ସହ ମିଲର ଆଟାଚ୍ କରାଯିବାର ନିୟମ ରହିଛି। ପ୍ୟାକ୍ସ ସହ ମିଲର ଆଟାଚ୍ ନ କରି ଧାନକିଣା ଶୁଭାରମ୍ଭ କରି ଯୋଗାଣ ବିଭାଗ ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ୧୫୩ ପ୍ୟାକ୍ସ ଅଧୀନରେ ୧୬୮ଟି ମଣ୍ଡି ବ୍ୟବସ୍ଥା କରାଯାଉଥିବା ବେଳେ ଚଳିତ ବର୍ଷ ୨ଟି ନୂତନ ପ୍ୟାକ୍ସ ଧାନକିଣାରେ ସାମିଲ୍ ହେବେ ବୋଲି ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ୫୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଜିଲ୍ଲା ଯୋଗାଣ ବିଭାଗ ମନ୍ଥରତା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆବଶ୍ୟକ ପଦକ୍ଷେପ ନ ନେଇ ଯୋଗାଣ ବିଭାଗ ବାଚସ୍ପତି, ଖଣ୍ଡପଡ଼ା ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ନେଇ ଧାନକିଣା ଶୁଭାରମ୍ଭ କରିବା ସମିଚୀନ କାର୍ଯ୍ୟ ବୋଲି ଆଲୋଚନା ହେଉଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀ କ୍ରିଷ୍ଣାଙ୍କୁ ପଚାରିବାରେ, ୧୨ ଜଣ ମିଲର ଚୁକ୍ତିପତ୍ର ପ୍ରଦାନ କରିଥିବା କହିଛନ୍ତି। ସେମାନଙ୍କ ବ୍ୟାଙ୍କ୍ ଭେରିଫିକେସନ୍ ଆସିବା ପରେ ଚୁକ୍ତି ପ୍ରକ୍ରିୟା ଶେଷ ହେବ ବୋଲି କହିଛନ୍ତି।

## ସମବାୟ ବିଭାଗ ନିର୍ଦ୍ଦେଶ: ଖିଲାପି ଋଣୀଙ୍କୁ ନାଲି ନୋଟିସ୍

ନୟାଗଡ଼ ଜିଲ୍ଲାରେ ସମବାୟ ବ୍ୟାଙ୍କ ଅବସ୍ଥା ଭଲ ନ ଥିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସମବାୟ ବ୍ୟାଙ୍କ ଦେବାଳିଆ ଆଡ଼କୁ ଗତି କରୁଥିବା ନେଇ ଖୋଦ୍ ପରିଚାଳନା ପରିଷଦ ପକ୍ଷରୁ ବହୁ ପୂର୍ବରୁ କୁହାଯାଇଛି। ଏଭଳି ସ୍ଥିତିରେ ସୋମବାର ସମବାୟ ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ବିଜ୍ଞପ୍ତି ଖିଲାପି ଋଣୀଙ୍କ ନିଦ ହଜାଇ ଦେଇଛି। ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ଉପନିବନ୍ଧକ ଅନନ୍ତ ଚରଣ ନାୟକ ଜିଲ୍ଲା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ପତ୍ର ନଂ ୨୫୪୦ ତା ୨୯.୧୨.୨୦୨୫ରେ ଚିଠି କରି କୃଷି ଋଣ ଖିଲାପିକାରୀଙ୍କୁ ନାଲି ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଡିମାଣ୍ଡ ନୋଟିସ୍ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହା ପରେ ନାଲି ନୋଟିସ୍ ଏବଂ ଆବଶ୍ୟକସ୍ଥଳେ ସେମାନଙ୍କ ନାଁରେ ମୋକଦ୍ଦମା କରିବା ଓ ସମ୍ପତ୍ତି ଦଖଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସମବାୟ ବିଭାଗ ପୂର୍ବତନ କର୍ମଚାରୀ ଯେଉଁମାନେ ବିଭାଗ ଅର୍ଥ ଆତ୍ମସାତ୍ କରିଛନ୍ତି ସେମାନଙ୍କୁ ହାତ ମାରିବାକୁ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ଡରୁଛି। ନୋତର ପ୍ରାଥମିକ କୃଷି ସମବାୟ ସମିତି ପୂର୍ବତନ ସମ୍ପାଦକ କୋଟି କୋଟି ଟଙ୍କା ଆତ୍ମସାତ୍ କରିବା, କୁରାଳ ପ୍ୟାକ୍ସରେ ପୂର୍ବତନ ସମ୍ପାଦକ ୬ କୋଟି ଟଙ୍କା ଆତ୍ମସାତ୍ ମାମଲାରେ ସମବାୟ ବିଭାଗ ଚୁପ୍ ଥିବାବେଳେ ସାଧାରଣ ଚାଷୀ ଉପରେ ଏ କି ନ୍ୟାୟ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ନୟାଗଡ଼ ଜିଲ୍ଲା ବିଭିନ୍ନ ସମବାୟ ସମିତିକୁ ଲକ୍ଷ୍ୟ କଲେ ଖିଲାପି ଋଣୀଙ୍କ ସଂଖ୍ୟା ୪୦ ହଜାରରୁ ଊର୍ଦ୍ଧ୍ୱ ହେବେ ବୋଲି ଅନୁମାନ କରାଯାଉଛି। ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଅନେକ ମୃତ ଲୋକଙ୍କ ନାମରେ ଋଣ ଖିଲାପ ହୋଇ ଗଡ଼ି ଚାଲୁଥିବାବେଳେ ସମବାୟ ସମିତିଗୁଡ଼ିକ ଏହି ଅର୍ଥ ଆଦାୟ କରିବା କାଠିକର ବ୍ୟାପାର ବୋଲି ଆଲୋଚନା ହେଉଛି। ଏନେଇ ଡିଆର୍‌ସିଏସ୍ ଅନନ୍ତ କୁମାର ନାୟକଙ୍କୁ ପଚାରିବାରୁ, ପ୍ୟାକ୍ସଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବା ସହ ଟପ୍ ଟ୍ୱେଣ୍ଟି ଲିଷ୍ଟ ବାହାର କରିବାକୁ କୁହାଯାଇଥିବା ଜଣାଇଛନ୍ତି।

### ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା

# 'ମହୋତ୍ସବ ହେଉଛି କଳାକାର ଓ କଳା ସଂସ୍କୃତିର ବୈଭବ'




**ଖଣ୍ଡପଡ଼ା,୩୦।୧୨(ସମିସ):** ଖଣ୍ଡପଡ଼ା "କଳା ବିକାଶ ପରିଷଦ' ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଅର୍ପଣ ନୃତ୍ୟଶିଳ୍ପୀ, ଓଡ଼ଗାଁର ସମ୍ବଲପୁରୀ ନୃତ୍ୟ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଖୁବ୍ ସୁନ୍ଦର ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଏତଦ୍‌ବ୍ୟତୀତ ଓଁ ସାଇ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହୋତ୍ସବର ମୁଖ୍ୟ ଆକର୍ଷଣ 'ଖଣ୍ଡପଡ଼ା ମହୋତ୍ସବ ବନ୍ଦନା'ରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘୋଷକ ପରମେଶ୍ୱର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସନ୍ଧ୍ୟା ସାଢ଼େ ୭ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଛାତ୍ରୀ ଶୋଭନା ଶୁଭ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଶ୍ୱ ବରେଣ୍ୟ ପଠାଣୀ ସାମନ୍ତଙ୍କ କୀର୍ତ୍ତି ଓ ଗୁଣଗାନ କରିବା ସହିତ ମହୋତ୍ସବ ହେଉଛି କଳା ସଂସ୍କୃତିର ବୈଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ମହୋତ୍ସବ ଅଧ୍ୟକ୍ଷ ତଥା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମାଜସେବୀ ଚତୁର୍ଭୁଜ ଶର୍ମା, ବିଡିଓ ଅଙ୍କୁର ଅଭିଳାଷ, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଟି. ସୌରୀ ଏବଂ ସାଥୀ କଳାକାରଙ୍କ ସଙ୍ଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବାବେଳେ ବୁଧବାର ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଓଡ଼ିଶା ପ୍ରସିଦ୍ଧ ମା' ସମଲେଶ୍ୱରୀ ଅର୍କେଷ୍ଟ୍ରା ସମ୍ବଲପୁରର କଳାକାରମାନେ ନୃତ୍ୟ ଗୀତରେ ଦର୍ଶକଙ୍କୁ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଟି. ସୌରୀଙ୍କ ଗୀତରେ ଝୁମିଲେ ଦର୍ଶକ

## ଫାଇନାଲ୍‌ରେ ମେଣ୍ଢାଶାଳକୁ ଭେଟିବ କଟକ

**ଗଣିଆ,୩୦।୧୨(ସମିସ):** ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ଆଠଗଡ଼ ଓ କଟକ ବିଏନ୍‌ସିସି। ଆଠଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ୧୩.୧ ଓଭର୍‌ରେ ୩ଟି ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରି ମ୍ୟାଚ୍‌ଟିକୁ ଜିତିଯାଇଥିବା ବେଳେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। କଟକର ମୃତ୍ୟୁଞ୍ଜୟ ମାନସିଂହ ୩୯ ବଲ୍‌ରେ ୧୧୮ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ସମୀର କୁମାର ମହାପାତ୍ର ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ। ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଗଣିଆ ବ୍ଲକ୍ ପ୍ରତିନିଧି ଶରତ କୁମାର କର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଫାଇନାଲ୍ ମ୍ୟାଚ୍ କଟକ ବିଏନ୍‌ସିସି ବନାମ ଖୋର୍ଦ୍ଧା ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍ ତରଫରୁ ଜଣାପଡ଼ିଛି।

### ଜମିରୁ ମାଙ୍କଡ଼ା ଖୋଳିବାକୁ ବିରୋଧ

## କଟାଳିଙ୍କ ଆକ୍ରମଣରେ ଜମି ମାଲିକ ଗୁରୁତର

**ଓଡ଼ଗାଁ,୩୦।୧୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ଅଞ୍ଚଳର ଏକ ଘରୋଇ ଜାଗାରୁ ସୋମବାର ରାତି ପ୍ରାୟ ୧୦ଟାବେଳେ ମାଙ୍କଡ଼ା ପଥର କଟାଯାଉଥିବା ବେଳେ ଜାଗା ମାଲିକ ବିରୋଧ କରିବାରୁ ପଥର କଟାଳିଙ୍କ ଆକ୍ରମଣରେ ସେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଜମି ମାଲିକ ରୋହିବାଙ୍କ ଗାଁର ଦିଲ୍ଲେଶ୍ୱର ପାତ୍ର। ଗୁରୁତର ଦିଲ୍ଲେଶ୍ୱରଙ୍କୁ ପ୍ରଥମେ ଓଡ଼ଗାଁ ହସ୍ପିଟାଲ ପରେ ନୟାଗଡ଼ ଏବଂ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଦିଲ୍ଲେଶ୍ୱର ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୮୮/୨୫ରେ ଏକ ମାମଲା ରୁଜୁ କରିଥିବାବେଳେ ପ୍ରତିପକ୍ଷ ରୋହିବାଙ୍କ ବାଘୁଆ ଛକ ଉପେନ୍ଦ୍ର ଦାଶଙ୍କ ତରଫରୁ ଅନ୍ୟ ଏକ ଅଭିଯୋଗ ମଧ୍ୟ ଦାଖଲ ହୋଇଛି। ପୁଲିସ ୩୮୯/୨୫ରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଉଭୟ ପକ୍ଷରୁ ମେଡିକାଲ ରିପୋର୍ଟ ଦାଖଲ ହେବା ପରେ ଦଫା ଲାଗୁ କରିବା ସହିତ ପୁଲିସ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

ସୂଚନା ଥାଉକି, ରୋହିବାଙ୍କ ଦିଲ୍ଲେଶ୍ୱର ପାତ୍ରଙ୍କ ଏକ ଜମିକୁ ସେହି ଗ୍ରାମର ଉପେନ୍ଦ୍ର ଦାଶ ଲିଜ୍ ସୂତ୍ରରେ ନେଇଥିଲେ। ଲିଜ୍ ଅବଧି ସରିଥିବାବେଳେ ଉପେନ୍ଦ୍ର ଓ ତାଙ୍କ ପୁଅ ସୌମ୍ୟରଞ୍ଜନ ଦାଶ ଦିଲ୍ଲେଶ୍ୱରଙ୍କ ଜାଗାରୁ ସୋମବାର ରାତିରେ ମାଙ୍କଡ଼ା ପଥର କାଟୁଥିବା ଖବର ପାଇ ଦିଲେଶ୍ୱର ଘଟଣାସ୍ଥଳରେ ପହଞ୍ଚି ପଥର କାଟିବା ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଉପେନ୍ଦ୍ର ଏବଂ ତାଙ୍କ ପୁଅ ସୌମ୍ୟରଞ୍ଜନ ଦିଲ୍ଲେଶ୍ୱରଙ୍କୁ ଆକ୍ରମଣ କରି ପେଟରେ ଏବଂ ବେକରେ ଶାବଳ ମଡ଼ାଇବା ସହିତ ଶରୀରର ଅନ୍ୟ ସ୍ଥାନକୁ ଆକ୍ରମଣ କରିଥିଲେ। ଦିଲ୍ଲେଶ୍ୱରଙ୍କ ପକ୍ଷରୁ ପ୍ରତି ଆକ୍ରମଣରେ ଉପେନ୍ଦ୍ରଙ୍କ ମୁଣ୍ଡ ଫାଟିଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଛି।

## ମା' ବଡ଼ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପୂଜାର୍ଚ୍ଚନା



**ଗଣିଆ,୩୦।୧୨(ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପରମ୍ପରା ଅନୁଯାୟୀ ରଥକାଠ ପୂଜାର୍ଚ୍ଚନା ପରେ କାଠ କାଟିବା କାର୍ଯ୍ୟ ଆରମ୍ଭ ହୋଇଥାଏ। ପୁରୀରୁ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଶ୍ରୀଜୀଉଙ୍କଠାରୁ ମହାର୍ଦ୍ଦ, ଆଜ୍ଞାମାଳ, ପାଟପତନୀ, ଖଣ୍ଡୁଆ ପାଟ, ମହାପ୍ରସାଦ ଧରି ପହଞ୍ଚିବା ପରେ ପ୍ରଥମେ ବେଠିଆସାହି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ବଡ଼ମୂଳଠାରେ ଥିବା ମା' ବଡ଼ରାଉଳଙ୍କ ପୀଠରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗଣିଆରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ସେମାନଙ୍କୁ ପାଛୋଟି ନେଇ ମା'ଙ୍କ ପୀଠରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ନୟାଗଡ଼ ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା, ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ମା' ବଡ଼ରାଉଳଙ୍କ ପୂଜକ ପ୍ରଶନ୍ନ କୁମାର ଦାଶ, ଗଣକ ପ୍ରଫୁଲ୍ଲ କୁମାର ଦାଶ, ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହାପାତ୍ର, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସମେତ ବିଭିନ୍ନ ବନାଞ୍ଚଳ ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ହେଉଥିବାବେଳେ ଗତ ବର୍ଷରୁ ୪୭ ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ଆଉ ୮୧୮ ଖଣ୍ଡ ଧଉରା, ଅଶନ, ଫାଶି, ଶିମିଳି କାଠ ଦରକାର ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ନାଟ୍ୟ ସଂସଦ ସଭାପତିଙ୍କ ପରଲୋକ

**ଭାପୁର,୩୦।୧୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଗ୍ରାମର ସୁନାମଧନ୍ୟ ଅବସରପ୍ରାପ୍ତ ପ୍ରକୃତି ମିତ୍ର ଶିକ୍ଷକ ହରିହର ଓଝାଙ୍କ ୮୪ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଫତେଗଡ଼ ଶ୍ରୀରାମ ଲୀଳା ନାଟ୍ୟ ସଂସଦର ସଭାପତି ତଥା ଲେଖକ ଶ୍ରୀ ଓଝାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ଯୁବାବସ୍ଥାରେ ଫତେଗଡ଼ ପାହାଡ଼ ପାଦଦେଶରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଶାଳ, ପିଆଶାଳ, ଆମ୍ବ, ପଣସ ବୃକ୍ଷରୋପଣ କରି ପ୍ରକୃତି ମିତ୍ର ସମ୍ମାନ ପାଇଥିଲେ। ସେ ପିଲାଙ୍କ ପାଇଁ ସହଜ ମାନସାଙ୍କ ବହି, ଶ୍ରୀରାମ ଭଜନ, ଗୋପୀନାଥ ଜଣାଣ ଓ ରାଧାକୃଷ୍ଣ ଚଉତିଶା ଭଳି ପୁସ୍ତକ ରଚନା କରିଛନ୍ତି। ସେ ଫତେଗଡ଼ ଗଡ଼ଭିତର ସାହିର ରାମଲୀଳା ନାଟ୍ୟ ସଂସଦର ସଭାପତି ହୋଇ ଦୀର୍ଘ ଦଶନ୍ଧି ଧରି ଗ୍ରାମର ଯୁବକମାନଙ୍କୁ ଧରି ରାମଲୀଳା ନାଟକ ପରିବେଷଣ କରି ଆସୁଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ପଡ଼ି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମଙ୍ଗଳବାର ଦିନ ୯ଟାରେ ମୃତ୍ୟୁ ହୋଇଯାଇଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ବଡ଼ପୁଅ ଅଧ୍ୟାପକ ପ୍ରସନ୍ନ ମହାରଣା ମୁଖାଗ୍ନି ଦେଇଛନ୍ତି।

### ଖଣ୍ଡପଡ଼ାରେ ଫଳକ ରାଜନୀତି

# ୭ ବର୍ଷ ପରେ ପୁନଶ୍ଚ ବିଜ୍ଞାନକେନ୍ଦ୍ର ଶିଳାନ୍ୟାସ

**ଖଣ୍ଡପଡ଼ା,୩୦।୧୨(ସମିସ)**



ଖଣ୍ଡପଡ଼ା ସହରାଞ୍ଚଳ ଅନ୍ତର୍ଗତ ପଠାଣୀ ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଏକ ବିଜ୍ଞାନକେନ୍ଦ୍ର ନିମନ୍ତେ ମଙ୍ଗଳବାର ଅପରାହ୍ଣ ୫ଟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏ ଅବସରରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବିଜ୍ଞାନ ଓ କାରିଗରୀ ବିଭାଗର ଉପସଚିବ ଚିନ୍ମୟୀ ଚେତନା ଦାଶ, ବିଡିଓ ଅଙ୍କୁର ଅଭିଳାଷ, ତହସିଲ୍‌ଦାର ବିଶ୍ୱବିଶୃତ ତ୍ରିପାଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, ଏସ୍‌ଡିଓ ରାଧେଶ୍ୟାମ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଶାସନିକ ଅବହେଳା ଓ ରାଜନୈତିକ ଅଭିସନ୍ଧିରେ ଛନ୍ଦି ହୋଇ ଫାଇଲ୍ ଭିତରେ ବନ୍ଦ ହୋଇ ପଡ଼ି ରହିଥିବା ଖଣ୍ଡପଡ଼ା ବିଜ୍ଞାନ କେନ୍ଦ୍ରକୁ ପୁନଶ୍ଚ ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାରୁ ବୁଦ୍ଧିଜୀବୀ ଓ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ କରିବାକୁ ଚିଠି କରାଯାଇଥିଲେ ମଧ୍ୟ କେବଳ ତାହା ଚିଠିରେ ସୀମିତ ରହିଛି। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲ୍ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଜାଗାରେ ଅନେକ ଦୋକାନ ଘର ସହ ବହୁ ଜାଗା ଜବରଦଖଲରେ ରହିଛି।

ଜିଲ୍ଲାର ଏକମାତ୍ର ବିଜ୍ଞାନକେନ୍ଦ୍ର ଖଣ୍ଡପଡ଼ା ସହରାଞ୍ଚଳରେ ନିର୍ମାଣ ହେବାକୁ ଥିବାବେଳେ ଏଠାରେ ସ୍ୱତନ୍ତ୍ର ବିଜ୍ଞାନ ଗ୍ୟାଲେରୀ, ଅତ୍ୟାଧୁନିକ ଲାବୋରେଟୋରୀ, ଶିକ୍ଷକଙ୍କ ପାଇଁ ସମ୍ମିଳନୀ କକ୍ଷ ନିର୍ମାଣ ନେଇ ଡିଜାଇନ୍ ପ୍ରସ୍ତୁତ ମଧ୍ୟ ସରିଛି ବୋଲି ବିଧାୟକ ଶ୍ରୀ ସ୍ୱାଇଁ କହିଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ବିଜ୍ଞାନକେନ୍ଦ୍ରରେ ନିୟମିତ ବ୍ୟବଧାନରେ ତାଲିମ କାର୍ଯ୍ୟକ୍ରମ, ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଓ ୱେବିନାର ଆଦି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ କରିବା ତଥା ସେମାନଙ୍କ ସୃଜନୀ ବଢ଼ାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ପୂର୍ବପରି ଯୋଜନାଟି ଫାଇଲ୍ ତଳେ ଅଟକି ନ ରହୁ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେବା ପାଇଁ ସହରସାରା ବ୍ୟାନର ପୋଷ୍ଟର ସହ ଫଳକରେ ମଧ୍ୟ ନାମ ରହିଥିଲା। ମାତ୍ର ସାଂସଦ ଖଣ୍ଡପଡ଼ା ସହରାଞ୍ଚଳକୁ ଅବହେଳା କରିଥିବାରୁ ଆଜି କାର୍ଯ୍ୟକ୍ରମ ସ୍ଥଳରେ ବିଜେପି କର୍ମୀ ଓ ସାଧାରଣ ଲୋକେ ବିରୋଧ କରିବା ପାଇଁ ସଜବାଜ ହେଉଥିବାବେଳେ ସେ ଖବର ପାଇ ଖଣ୍ଡପଡ଼ା ଗସ୍ତ ବାତିଲ୍ କରିଥିବା ବେଶ୍ କୌତୁହଳ ବିଷୟ ପାଲଟିଛି।

# ମଦ୍‌ଲ୍ଲୀ ବାବାଙ୍କ ନମାଜ ଜନାଜା; ଯୋଗଦେଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**ଧାମନଗର,୩୦।୧୨(ସମିସ):** ପୀରବାବା ହଜରତ ମୁଜାହିଦ୍-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ନାତି ତଥା ଧାମନଗର ଖାନ୍‌କା ଉର୍ସ କମିଟି ସଭାପତି ଦ୍ୱିତୀୟ ମଦ୍‌ଲ୍ଲୀ ବାବା ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ନମାଜ ଜନାଜା(ସମୂହ ପ୍ରାର୍ଥନା)ରେ ଭାରତର ବିଭିନ୍ନ ରାଜ୍ୟରୁ ଯୋଗଦେଲେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ। ଏହି ଅବସରରେ ମୁସଲମାନ ରୀତିନୀତି ଅନୁସାରେ, ଗୋଲାପ ଜଳ ଓ ଚନ୍ଦନ ଜଳରେ ସ୍ନାନ ପରେ ବାବାଙ୍କୁ ତାଙ୍କ ବାସଭବନରୁ ଏକ ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନ ପରିକ୍ରମା କରି ଖାନ୍‌କା ସରିଫ୍ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ସୁପୁତ୍ର ଆଲ୍‌ହାଜ ସୟଦ ହବିବି ରଜା ହବିବି ପୂର୍ବାହ୍ଣ ୩ଟାରେ (ସମୂହ ପ୍ରାର୍ଥନା) ନମାଜ ଜନାଜା ପଢ଼ାଇଥିଲେ। ପରେ ଖାନ୍‌କା ସରିଫ୍ ପରିସରରେ କବର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମୌଲାନା, ମୁଫ୍ତି, କବି, ଓଲମା, ସାଏରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନଙ୍କ ସୁବିଧାସୁଯୋଗ ନିମନ୍ତେ ଖାନ୍‌କା ଉର୍ସ କମିଟି ତରଫରୁ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିବା ସହିତ ଖାକ୍‌ସାରାନେ ହାକ୍ ସ୍ୱେଚ୍ଛାସେବୀ ସଂଗଠନ ନିୟୋଜିତ ହୋଇଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ୍ ଫୋର୍ସ, ୨ ଡିଏସ୍‌ପି, ୬ ଇନ୍ସପେକ୍ଟର, ୧୫ ସବ୍‌ଇନ୍ସପେକ୍ଟର ନିୟୋଜିତ ହୋଇଥିବାବେଳେ ଆଇଆଇସି ରଞ୍ଜନ କୁମାର ସେଠୀ ସଦଳବଳେ ପାଟ୍ରୋଲିଂ ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ କଡ଼ାକଡ଼ି ନଜର ରଖିଥିଲେ। ବାବାଙ୍କ (ଇନ୍‌ତେକାଲ) ପରଲୋକ ଖବର ପାଇ ଯାଜପୁର ପୂର୍ବତନ ବିଧାୟକ ତଥା ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜ୍‌ଦାନି କାଦରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡି ନେତା ସମାଜସେବୀ ଡ. ସଞ୍ଜୟ କୁମାର ଦାସ, ପ୍ରତାପ ସାମଲ, କାଉନ୍‌ସିଲର ଜୟନୁଲ ହକ୍, ବିଜୟ କେତନ ସାହୁ, ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ସେକ୍ ବାବୁନୁ, ବିଜେପି ନେତା ସରୋଜ ମହାପାତ୍ର, ସ୍ୱାଧୀନ ସମ୍ବିତ୍ ଦାସ, ପ୍ରଶାନ୍ତ ପରିଡ଼ା, ନାରାୟଣ ଚନ୍ଦ୍ର ରାଉତ, କୃଷ୍ଣ ଚନ୍ଦ୍ର ଜେନା, ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଦଳର ନେତୃମଣ୍ଡଳୀ ପ୍ରମୁଖ ବାସଭବନରେ ପହଞ୍ଚି ବାବାଙ୍କୁ ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଭଦ୍ରକ ରେଳ ଷ୍ଟେସନଠାରେ ଶୌଚାଳୟ ନିର୍ମାଣ ଦାବି

**ଭଦ୍ରକ,୩୦।୧୨(ସମିସ)**

ଭଦ୍ରକ ରେଳ ଷ୍ଟେସନଟି ୧୨୮ ବର୍ଷର ଅତ୍ୟନ୍ତ ପୁରୁଣା ଷ୍ଟେସନ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକି ଷ୍ଟେସନ ନିକଟରେ ଯାତ୍ରୀମାନଙ୍କ ପାଇଁ ତଥା ପରିଜନମାନଙ୍କ ପାଇଁ ଗୋଟିଏ ବି ହେଲେ ଶୌଚାଳୟ ନାହିଁ। ଫଳରେ ଯାତ୍ରୀମାନେ ତଥା ଆତ୍ମୀୟସ୍ୱଜନମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମହିଳା, ଯୁବତୀ, ବୟସ୍କ ବ୍ୟକ୍ତିବିଶେଷ, ଛୋଟ ଛୋଟ ପିଲାମାନେ ଲଜ୍ଜା ନିବାରଣ କରି ନ ପାରି ପରିବେଶ ପ୍ରଦୂଷଣ କରିବାକୁ ବାଧ୍ୟ ହେଉଛନ୍ତି। ୨୦୨୩ ନଭେମ୍ବର ଓ ଡିସେମ୍ବର ମାସରେ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଇଷ୍ଟ କୋଷ୍ଟ ଡିଭିଜନ ଖୋର୍ଦ୍ଧା ମଣ୍ଡଳର ମୁଖ୍ୟ ବାଣିଜ୍ୟ ଅଧିକାରୀ, ଖୋର୍ଦ୍ଧା ମଣ୍ଡଳର ମୁଖ୍ୟ ଅଧିକାରୀ, ଇଷ୍ଟ କୋଷ୍ଟ ଜୋନ୍ ଭୁବନେଶ୍ୱର ମୁଖ୍ୟ ମହାପ୍ରବନ୍ଧକ, ଭଦ୍ରକ ଷ୍ଟେସନ ମ୍ୟାନେଜର, ରେଳ ବିଭାଗ ମନ୍ତ୍ରୀଙ୍କୁ ଜନସାଧାରଣଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଦନୁଯାୟୀ ବରିଷ୍ଠ ବାଣିଜ୍ୟ ଅଧିକାରୀ ଖୋର୍ଦ୍ଧା ମଣ୍ଡଳ ତାଙ୍କର ପତ୍ର ସଂଖ୍ୟା ୨୪୮/୧୧.୧.୨୦୨୪ରେ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ପାଣିଗ୍ରାହୀଙ୍କୁ ଶୌଚାଳୟର ଆବଶ୍ୟକତା ହୃଦୟଙ୍ଗମ କରିଥିଲେ ଓ ଷ୍ଟେସନ କାର୍ଯ୍ୟ କରିବା ମଧ୍ୟରେ ଶୌଚାଳୟ ନିର୍ମାଣ କରିବାକୁ ଅବଗତ କରିଥିଲେ। ମାତ୍ର କ୍ଷୋଭର ବିଷୟ ଶୌଚାଳୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଭାଗୀୟ ପଦାଧିକାରୀ ପାସୋରିଦେଲେ। ତେଣୁ ଆଜି ବାଧ୍ୟ ହୋଇ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ତରଫରୁ ସମାଜସେବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମାଜସେବୀ ବିଶ୍ୱନାଥ ଅଗ୍ରୱାଲ, ରୋଟାରିଆନ ଶିଶିର ମିଶ୍ର, ସମାଜସେବୀ ପ୍ରଭାତ ପାଢ଼ୀ, ସମାଜସେବୀ ଦେବଦାସ ରାୟଗୁରୁ ଓ ଯୁବନେତା ସଂତୃପ୍ତ ପାଢ଼ୀ ଭଦ୍ରକ ରେଳ ଷ୍ଟେସନ ମ୍ୟାନେଜରଙ୍କୁ ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ପ୍ରକୋଷ୍ଠରେ ପ୍ରଦାନ କରିଛନ୍ତି। ଆସନ୍ତା ୧ ମାସ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଲେ ଜନସାଧାରଣ ଦୁର୍ବାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ଷ୍ଟେସନ ମ୍ୟାନେଜରଙ୍କ ସମେତ ବରିଷ୍ଠ ବାଣିଜ୍ୟ ଅଧିକାରୀ ଖୋର୍ଦ୍ଧା ରୋଡ୍, ମୁଖ୍ୟ ମହାପ୍ରବନ୍ଧକ ଇଷ୍ଟ କୋଷ୍ଟ ଡିଭିଜନ ଭୁବନେଶ୍ୱରଙ୍କୁ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ରେଳମନ୍ତ୍ରୀ ଓ ଭଦ୍ରକ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଥିବା ସୂଚନା ମିଳିଛି।



# ଚୋରା ମଦ ବିକ୍ରିକୁ ବିରୋଧ; ମହିଳାଙ୍କ ରାସ୍ତା ଅବରୋଧ

**ଭଦ୍ରକ,୩୦।୧୨(ସମିସ):** ଗାଁ ଗାଁରେ ଏବେ ଚୋରା ମଦର ବନ୍ୟା। ଚୋରା ମଦ ବିକ୍ରିକୁ ବିରୋଧ କରି ରାସ୍ତା ଉପରେ ବସିରହିଛନ୍ତି ମହିଳା। ଫଳରେ ଦିଗଛିଆ-ଧାମରା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି।

ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ବୈଦପୋଖରୀ ଛକ ନିକଟରେ ଚୋରା ମଦ ସାଙ୍ଗକୁ ଗଞ୍ଜେଇ, ବ୍ରାଉନ୍‌ସୁଗର ଆଦି ନିଶାଦ୍ରବ୍ୟ ଅବାଧରେ ବିକ୍ରି ହେଉଛି। ସ୍ଥାନୀୟ ଲୋକମାନେ ନିଶାରେ କବଳିତ ହୋଇ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସ୍କୁଲ, କଲେଜ ପିଲାମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଏହି ଚୋରା ନିଶା କାରବାରକୁ ବିରୋଧ କରି ରାସ୍ତା ଅବରୋଧ କରିଛନ୍ତି ସ୍ଥାନୀୟ ଜଳେଶ୍ୱରପୁର ଗ୍ରାମ ପଞ୍ଚାୟତର ବହୁ ମହିଳା। ସ୍ଥାନୀୟ ଅଞ୍ଚଳରେ ଚୋରା ନିଶା କାରବାର ବନ୍ଦ ନ କଲେ ଆନ୍ଦୋଳନ ଆହୁରି ଜୋରଦାର୍ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନର ନେତୃତ୍ୱ ନେଉଥିଲେ ଟିକିଲି ମହାଳିକ ଓ ଦୁଲଣି ମହାଳିକ। ରାସ୍ତାରୋକ ଯୋଗୁଁ ଦିଗଛିଆ-ଧାମରା ରାସ୍ତାରେ କିଛି ଘଣ୍ଟା ପାଇଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।




# ଲୁଚିଗଲାଣି ଶିଳ-ପେସା; ବଢୁଛି ସ୍ନାୟୁ ରୋଗ

**ବାରିକପୁର,୩୦।୧୨(ସମିସ):** ପୂର୍ବରୁ ପଥର ନିର୍ମିତ ଘରୋଇ ଉପକରଣ ଶିଳ ପେସା ସମସ୍ତଙ୍କ ପାଇଁ ବେଶ୍ ଉପଯୋଗୀ ହେଉଥିଲା। ଘରେ ଘରେ ଏଗୁଡ଼ିକର ଚାହିଦା ବେଶ୍ ରହିଥିଲା। ମେଳା ମହୋତ୍ସବକୁ ଗଲେ ଲୋକମାନେ ଆଗେ ଶିଳପେସା କିଣୁଥିଲେ। ଏମିତିକି କନ୍ୟା ବାହାଘର ପରେ ଶାଶୂ ଘରକୁ ଯୌତୁକ ଆକାରରେ ଏହି ଉପକରଣମାନ ଦିଆଯାଉଥିଲା। ଏବେ କିନ୍ତୁ ସମୟ ବଦଳିଯାଇଛି। ଶିଳପେସାର ସ୍ଥାନ ନେଇଛି ଗ୍ରାଇଣ୍ଡର। ଗରିବ ହେଉ କି ଧନୀ ସମସ୍ତଙ୍କ ଘରେ ଏବେ ଗ୍ରାଇଣ୍ଡର ଦ୍ୱାରା ବିଭିନ୍ନ କାର୍ଯ୍ୟ ହେଉଛି। ରୋଷେଇ ପାଇଁ ମସଲା ତିଆରି ହେଉ କିମ୍ବା ବଡ଼ି ପାଇଁ ବିରିବଟା ହେଉ ସବୁଠି ଗ୍ରାଇଣ୍ଡର ଦରକାର ପଡୁଛି। କେଉଁଠି କେମିତି ଶିଳପେସା ଦେଖାଯାଉଛି। ଆଗ ଭଳି ଆଉ ଗାଁ ଗାଁ ବୁଲି ପଥୁରିଆମାନେ ଶିଳପେସା ବିକ୍ରି କରୁନାହାନ୍ତି। ଯାନିଯାତ୍ରାରେ ମଧ୍ୟ ଉକ୍ତ ସାମଗ୍ରୀଗୁଡ଼ିକର ଆଦର ଆଉ ଆଗଭଳି ଦେଖାଯାଉନାହିଁ। ପ୍ରାଚୀନ ଘରୋଇ ଉପକରଣ ଧୀରେ ଧୀରେ ଲୋପ୍ ପାଇବାକୁ ବସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଗରୁ ଶିଳପେସା



**ଘରେ ଘରେ ଗ୍ରାଇଣ୍ଡର**

ବ୍ୟବହାର ଦ୍ୱାରା ଏକପ୍ରକାର ଶାରୀରିକ ବ୍ୟାୟାମ ହେଉଥିଲା। ଯେଉଁଥିପାଇଁ ଗୃହିଣୀମାନେ ସ୍ନାୟୁ ରୋଗରୁ ଏକପ୍ରକାର ମୁକ୍ତ ରହୁଥିଲେ। ଏବେ କିନ୍ତୁ ସମସ୍ତେ ସୁଖ ସୁବିଧା ପାଇଁ ଯନ୍ତ୍ରଚାଳିତ ଉପକରଣ ଉପରେ ନିର୍ଭର କରୁଛନ୍ତି। ଗ୍ରାଇଣ୍ଡରକୁ ଛାଡ଼ି ବଟା ମସଲା ତିଆରି ଅସମ୍ଭବ ହେଉଛି। ପାରମ୍ପରିକ ଶିଳପେସା ବିନା ଶାରୀରିକ ବ୍ୟାୟାମରେ ବ୍ୟାଘାତ ଘଟୁଥିବାବେଳେ ଏହାଦ୍ୱାରା ଧୀରେଧୀରେ ସ୍ନାୟୁ ରୋଗ ବୃଦ୍ଧି ପାଉଛି ବୋଲି କିଛି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

# ତିହିଡ଼ି ବଜାର ଡ୍ରେନେଜ୍ ଅତି ନିମ୍ନମାନର ଅଭିଯୋଗ




**ତିହିଡ଼ି,୩୦।୧୨(ସମିସ):** ମଙ୍ଗଳବାର ତିହିଡ଼ି ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ କାର୍ଯ୍ୟଧାରା ନେଇ ବର୍ଷିଛନ୍ତି ବିଜେଡି ନେତାମାନେ। ଭଦ୍ରକ ଚାନ୍ଦବାଲି ରାଜ୍ୟ ରାଜପଥ କାର୍ଯ୍ୟରେ ସ୍ୱତନ୍ତ୍ର କଣ୍ଟ୍ରାକ୍ଟରଙ୍କୁ ଟେଣ୍ଡର ମାଧ୍ୟମରେ କାମ ଦିଆଯିବା କଥା। ଏହା କରା ନ ଯାଇ ସ୍ଲିଟ୍ କରି ରାସ୍ତା ମରାମତି ହେଉଛି। ଯାହାକି ଏହି ମରାମତି କାମ ଦୀର୍ଘସ୍ଥାୟୀ ନୁହେଁ। ଏହି କାମ ଭଦ୍ରକରୁ ଚାନ୍ଦବାଲି ଯାଏଁ ଲମ୍ବିଥିବା ରାସ୍ତାର ମରାମତି ହେଉଛି। ସେହିପରି ତିହିଡ଼ି ବଡ଼ଗାଲ ଛକରୁ ପୁରୁଣା ବଜାର ଯାଏଁ ହେଉଥିବା ଡ୍ରେନ୍‌ର ନିର୍ମାଣ କାମ ଅତି ନିମ୍ନମାନର ହେଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ବାଲି ପରିବର୍ତ୍ତେ ମାଟି ଫିଲିଂ ହେଉଛି। ସେହିପରି ତିହିଡ଼ି ଖାଙ୍କିହାଟର ନିର୍ମାଣରେ ୩୦ ଲକ୍ଷ କାମରେ ଅନିୟମିତତା ହେଇଥିବା ବିଜେଡି ନେତାମାନେ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଅଭିଯୋଗ ପତ୍ର ଭଦ୍ରକ ଜିଲ୍ଲାପାଳ, ଆର୍ ଏଣ୍ଡ ବି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବିଜେଡି ପକ୍ଷରୁ ଦିଆଯାଇଛି। ଏହାର ପ୍ରତିକାର କରା ନ ଗଲେ ଆସନ୍ତା ଦିନରେ ବିଜେଡି ପକ୍ଷରୁ ଆନ୍ଦୋଳନ ଓ ରାସ୍ତାରୋକ କରାଯିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ଯୁବନେତା ସଂଗ୍ରାମ ଦାସ, ଭରତ ମହାପାତ୍ର, ଗଣେଶ ନାୟକ, ବିଷ୍ଣୁ କଅଁର, ଅନିରୁଦ୍ଧ ବାରିକ, ବାଦଲ ଜେନା, ରାଜୁ ନାୟକ, ବିଭୂତିଭୂଷଣ ପାଟ, କୁନୁରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସଚେତନତା




**ଭଦ୍ରକ,୩୦।୧୨(ସମିସ):** କଟକ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ଦ୍ୱାରା ଆୟୋଜିତ ପରିବେଶ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ୍ ଚରମ୍ପା ଗ୍ରାମ ପଞ୍ଚାୟତ ଅଫିସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଏକ ସଚେତନା ଶୋଭାଯାତ୍ରା ଚରମ୍ପା ବଜାର ମଧ୍ୟରେ ପରିକ୍ରମା କରିଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ନିଜ ବକ୍ତବ୍ୟ ମାଧ୍ୟମରେ ଆମର ପରିବେଶକୁ ଆଜି ଆମେ ସମସ୍ତେ ସୁରକ୍ଷିତ ରଖିବାକୁ ପ୍ରୟାସ ଜାରି ରଖିବା। ପରିବେଶର ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କ ଅବଦାନ ରହିବା ଆବଶ୍ୟକ। ଆମେ ଆଜି ଯଦି ପରିବେଶକୁ ସୁରକ୍ଷିତ ଓ ସୁସ୍ଥ ରଖିବା ତାହେଲେ ଆସନ୍ତାକାଲି ପରିବେଶ ଆମକୁ ସୁରକ୍ଷା ଦେବ। ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ପ୍ଲାଷ୍ଟିକ୍ ପ୍ରଦୂଷଣ ଏସବୁ ପ୍ରଦୂଷଣକୁ ଆମେ ସମସ୍ତେ ସଚେତନ ହୋଇ ସୁରକ୍ଷା କରିବା ପାଇଁ ଚେଷ୍ଟା ଜାରି ରଖିବା ତାହେଲେ ଆମ ପରିବେଶ ପ୍ରଦୂଷଣମୁକ୍ତ ହୋଇପାରିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଡ. ତାପସ କୁମାର ମହାନ୍ତି, ସହାୟକ ଏଲ୍‌ଏଡିସିଏସ୍, ଭଦ୍ରକ ୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମୀଗଣ, ସ୍ୱେଚ୍ଛାସେବୀଗଣ ଯୋଗଦେଇଥିଲେ।

## ରାଜନୈତିକ ଉଦ୍ଦେଶ୍ୟ ରଖି ଅଙ୍ଗନବାଡ଼ି କର୍ମୀଙ୍କୁ ନିଲମ୍ବନ

# ସିଡିପିଓଙ୍କୁ ଘେରିଲେ ଗ୍ରାମବାସୀ

**ଭଦ୍ରକ,୩୦।୧୨(ସମିସ):** ରାଜରାସ୍ତାରେ ମୁହାଁମୁହିଁ ଚାନ୍ଦବାଲି ଶିଶୁ ମଙ୍ଗଳ ଅଧିକାରିଣୀ ଓ ଗ୍ରାମବାସୀ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋଠାରେ। ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍ ସିଡିପିଓ-୨ ଅଧୀନରେ ଆସୁଥିବା ଶାଶୂ ଭୁଆଶୁଣି ଅଙ୍ଗନବାଡ଼ି କେନ୍ଦ୍ରର ଅନିୟମିତତା କାରଣ ଦର୍ଶାଇ ଅଙ୍ଗନବାଡ଼ି କର୍ମୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ସିଡିପିଓ ଅହଲ୍ୟାରାଣୀ ଦୀପ। ଯାହାକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଆମ ଅଙ୍ଗନବାଡ଼ି କେନ୍ଦ୍ରରେ କୌଣସି ଅନିୟମିତତା ହୋଇନାହିଁ, ସମସ୍ତ କାର୍ଯ୍ୟ ସରକାରୀ



ନିୟମ ଅନୁସାରେ ଚାଲୁଛି ବୋଲି କହିଛନ୍ତି ଗ୍ରାମବାସୀ। କିଛି ଅସାମାଜିକ ବ୍ୟକ୍ତି ଅଙ୍ଗନବାଡ଼ି କେନ୍ଦ୍ରର ପାଣି ଟ୍ୟାପ୍‌କୁ ଇଟା ପକାଇବା କାର୍ଯ୍ୟରେ ବ୍ୟବହାର କରୁଥିଲେ। ଯାହାକୁ ବିରୋଧ କରିଥିଲେ ଅଙ୍ଗନବାଡ଼ି କର୍ମୀ ଆରତିଲତା ନାୟକ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୂଚନା ଅଧିକାର ଆଇନରେ ସୂଚନା ମାଗିବା ସହ ୫୦ହଜାର ଟଙ୍କା ନ ଦେଲେ ଚାକିରିରୁ ସସ୍‌ପେଣ୍ଡ କରିବାର ଧମକ ଦେଇଥିଲେ। ଟଙ୍କା ନ ଦେବାରୁ ରାଜନୈତିକ ଚାପ ପକାଇ ସସ୍‌ପେଣ୍ଡ କରିଥିବା ଅଭିଯୋଗ କରିଛନ୍ତି ଅଙ୍ଗନବାଡ଼ି କର୍ମୀ ଆରତିଲତା ନାୟକ। ଉକ୍ତ ଘଟଣାକୁ ନେଇ ମତୋ ବଜାରରେ ବେଶ୍ କିଛି ସମୟ ଗ୍ରାମବାସୀ ଓ ସିଡିପିଓଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା।

# ହାଇଦରାବାଦ ଜାତୀୟ ସଂହତି କ୍ୟାମ୍ପ୍‌ରେ ଓଡ଼ିଶା ଦଳର ସଫଳତା

**ଅସୁରାଳି,୩୦।୧୨(ସମିସ):** ହାଇଦରାବାଦରେ ଆୟୋଜିତ ଜାତୀୟ ସଂହତି କ୍ୟାମ୍ପ୍‌ରେ ଓଡ଼ିଶା ରାଜ୍ୟ ପକ୍ଷରୁ ଭାଗ ନେଇଥିବା ମା' ଶାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ ଧଳଙ୍କ ନେତୃତ୍ୱରେ ୧୦ଜଣିଆ ଦଳ ୭ଦିନ ଧରି ଚାଲିଥିବା କ୍ୟାମ୍ପ୍‌ରେ ଅଂଶଗ୍ରହଣ କରିଥିଲେ। ଏହି କ୍ୟାମ୍ପ୍‌ରେ ଛାତ୍ରୀ ଯମୁନା ଯେନା ଓ ମଧୁସ୍ମିତା ସୁତାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମଗ୍ର କ୍ୟାମ୍ପ୍‌ରେ ଓଡ଼ିଶା ଦଳର ପ୍ରଦର୍ଶନକୁ ଶ୍ରେଷ୍ଠ ବୋଲି ବିବେଚିତ



କରାଯାଇଥିଲା। ଓଡ଼ିଶା ଦଳକୁ ନେତୃତ୍ୱ ଦେଇଥିବା ଅଧ୍ୟାପକ ପ୍ରଭାତ ଧଳଙ୍କୁ ତେଲଙ୍ଗାନା ରାଜ୍ୟର ଆଞ୍ଚଳିକ ନିର୍ଦ୍ଦେଶକ, ଏମ୍‌ଏଲ୍‌ଆର୍ ବିଶ୍ୱବିଦ୍ୟାଳୟର କୁଳପତି ଓ ଅନ୍ୟାନ୍ୟ ଅଧିକାରୀମାନେ ଅଙ୍ଗବସ୍ତ୍ର ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ରାଉତ ଓ ଅଧ୍ୟାପକ-ଅଧ୍ୟାପିକା ବୃନ୍ଦ, ୨ଛାତ୍ରୀ ଯମୁନା, ମଧୁସ୍ମିତା ଓ ଅଧ୍ୟାପକ ପ୍ରଭାତ ଧଳଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ବାର୍ଷିକ ଉତ୍ସବ



**ଭଦ୍ରକ,୩୦।୧୨(ସମିସ)**

ଭଦ୍ରକସ୍ଥିତ ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ୨ଦିନ ଧରି ବାର୍ଷିକ ଉତ୍ସବ 'ଆରୋହଣ' ଗତ ୨୭ ଓ ୨୮ ତାରିଖ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଦୀପକ କୁମାର ବିଶ୍ୱାଳ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ବରେଣ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଉତ୍ସବକୁ ଅତିଥିବୃନ୍ଦଙ୍କ ସମେତ ବିଦ୍ୟାଳୟର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରପର୍ସନ ଦେବାଶିଷ ଦୀକ୍ଷିତ, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ, ମ୍ୟାନେଜିଂ ଡାଇରେକ୍ଟର ବିଦ୍ୟାଧର ଅଗସ୍ତି, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଓ ପ୍ରଫେସର ଦେବେନ୍ଦ୍ର ଶତପଥୀ, ଯାଜପୁର ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଅଧ୍ୟକ୍ଷ ଡ. କଳ୍ପତରୁ ସାହୁ, ଏମ୍‌ଡି ବନ୍ଦିତା ଦୀକ୍ଷିତ, ଚେୟାରପର୍ସନ ଆଶବରୀ କର ଓ ରାମେଶ୍ୱର ଚାରିଟେବୁଲ୍ ଟ୍ରଷ୍ଟର ସଦସ୍ୟମାନଙ୍କ ଗହଣରେ ଶୁଭାରମ୍ଭ ହୋଇଥିଲା। ପ୍ରାରମ୍ଭିକ ସଙ୍ଗୀତଗାନ ପରେ ବନ୍ଦିତା ଦୀକ୍ଷିତ ଅତିଥି ପରିଚୟ ପ୍ରଦାନ ସହିତ ବିଦ୍ୟାଳୟର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଶ୍ରୀ ଦେବତା ବାର୍ଷିକ ବିବରଣୀ ପାଠ କରିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ଅନୁଷ୍ଠାନ ସବୁ ପ୍ରକାର ଉଦ୍ୟମ ଜାରି ରଖିବ ବୋଲି କହିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଏସ୍‌ବିଡି ସ୍କୁଲର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କଲେ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳ ହେବେ। ଛାତ୍ରଛାତ୍ରୀମାନେ ନିଜ କର୍ତ୍ତବ୍ୟ ପ୍ରତି ସମର୍ପିତ ହେବା ଆବଶ୍ୟକ। ଜଣେ ଭଲ ମଣିଷ ହେବା ସହିତ ନିଜ ପାଇଁ ଏବଂ ଦେଶ ପାଇଁ ମଧ୍ୟ କିଛି କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଜେଡିଏମ୍ ଟାଲେଣ୍ଟ ସର୍ଚ୍ଚର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ଏବଂ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇ ଦିନ ଧରି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଶେଷରେ ଏମ୍‌ଡି ଶ୍ରୀ ଅଗସ୍ତି ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ସମସ୍ତେ ଯତ୍ନଶୀଳ ହେବା ପାଇଁ ଅନୁରୋଧ କରିଥିଲେ।

# ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ



**ଭଦ୍ରକ,୩୦।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅଧୀନ ମତୋ +୩ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସହ ୟୁନିଟ୍ ଆନୁକୂଲ୍ୟରେ ଏକ ଶୀତକାଳୀନ ସେବା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରଟି ଗତ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଚଷାଖଣ୍ଡ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାଁ ସଫେଇ, ନାରୀ ସୁରକ୍ଷା, ନାରୀ ଶିକ୍ଷା, ସଡ଼କ ସୁରକ୍ଷା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ମାଧ୍ୟମରେ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତିଭୂଷଣ ଜୟଦେବ ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଅଞ୍ଜନ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ଶିବପ୍ରସାଦ ମଲ୍ଲିକ, କାର୍ଯ୍ୟକ୍ରମ ସଂଯୋଜିକା ମଦାଳସା ମଲ୍ଲିକ ଉପସ୍ଥିତ ରହି ଏହାକୁ ସଫଳ କରାଇଛନ୍ତି।

■ ବିଡ଼ମ୍ବନା ନା ପ୍ରଶାସନିକ ଉଦାସୀନତା

# ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଦେଲେ




ଖଲ୍ଲିକୋଟ,୩୦ ।୧୨(ସମିସ): ବଞ୍ଚି ଥାଉ ଥାଉ ମାରିଦେଲା ପ୍ରଶାସନ । ୮୦ ବର୍ଷୀୟ ବୃଦ୍ଧଙ୍କୁ ମୃତ ଦର୍ଶାଇ ୬ ମାସ ହେଲା ବନ୍ଦ କରିଦିଆଯାଇଛି ସାମାଜିକ ସୁରକ୍ଷା ଭତ୍ତା । ଏବେ ପରିବାର ଚଳାଇବାକୁ ପରିଣତ ବୟସରେ ପର ପାଖରେ କାମ କରିବାକୁ ପଡୁଛି । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖଲ୍ଲିକୋଟ ଅଞ୍ଚଳରେ । ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଧିନୁଆପଲ୍ଲୀ ପଞ୍ଚାୟତର କେନ୍ଦୁପାଟ ଗାଁର ବଂଶୀଧର ନାହାକ(୮୦) । ପରିବାର କହିଲେ ବଂଶୀଧର ଓ ତାଙ୍କ ପତ୍ନୀ କୁନ୍ତଳା । ଦୁଇ ବଖରା ଘରେ ଦୁଇ ଜଣଙ୍କ ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାରେ ଚଳୁଥିଲା ତାଙ୍କ ତେଲଲୁଣର ସଂସାର । ତେବେ ହଠାତ ଗତ ଜୁଲାଇ ମାସରେ ବଂଶୀଙ୍କ ଭତ୍ତା ବନ୍ଦ ହୋଇଗଲା । ଆଉ ବ୍ୟାଙ୍କ ଖାତାକୁ ଟଙ୍କା ଆସିଲାନି । ଖବର ନେବାରୁ ଜଣାପଡ଼ିଲା ବଂଶୀଧରଙ୍କୁ ସରକାରୀ ଖାତାରେ ମୃତ ଘୋଷଣା କରାଯାଇଛି । ତେଣୁ ତାଙ୍କର ପେନସନ୍ ଆଉ ବ୍ୟାଙ୍କ ଖାତାକୁ ଆସୁନି । ସେ ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ସହ ଯୋଗାଯୋଗ ପରେ ଜାଣିବାକୁ ପାଇଲେ ତାଙ୍କୁ ମୃତ ଘୋଷଣା କରିଦିଆଯାଇଛି । ୮୦ ବର୍ଷ ବୟସରେ ବଂଶୀଧର ଗାଁରେ ଥିବା ଏକ ଘରୋଇ ପ୍ରତିଷ୍ଠାନରେ ରୋଷେଇ କରି ପରିବାରକୁ ଚଳାଉଛନ୍ତି ।

ଗୋଟିଏ ପଟେ ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବାର ପ୍ରବାଧାନ କରିଥିବାବେଳେ ଅନ୍ୟପଟେ ବଂଶୀଧରଙ୍କ ଭଳି ବୃଦ୍ଧଙ୍କୁ ମୃତ ଦର୍ଶାଇ ଭତ୍ତା କାଟିବା ବିଡ଼ମ୍ବନାର ବିଷୟ ।

ଏନେଇ ବିଡିଓ ଦେବାଶିଷ ସାମଲଙ୍କୁ ପଚାରିବାରୁ, ଭୁଲ୍‌ବଶତଃ ଯଦି ନାଁ କଟି ଯାଇଥିବ ତାହାହେଲେ ଆମେ ତଦନ୍ତ କରି ପୁଣି ଭତ୍ତା ପ୍ରଦାନ କରିବୁ ବୋଲି କହିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯେ, ଜଣେ ବଞ୍ଚି ଥାଉ ଥାଉ କିଏ ଆଉ କେମିତି କାଗଜପତ୍ରରେ ମାରିଦେଲା । କାହାର ଭୁଲ ଓ କିଏ ଏଥିପାଇଁ ଉତ୍ତର ଦାୟୀ । ଭତ୍ତା କାଟିବା ପୂର୍ବରୁ ତଦନ୍ତ କରିଥିଲେ କି ପ୍ରଶାସନିକ ଅଧିକାରୀ ନାଁ ମନଇଚ୍ଛା କାଟିଦେଲେ । ଏହାର ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ମହିଳାଙ୍କୁ ହତ୍ୟା କରି ପୋଡ଼ିଦେଲେ

■ ସ୍ୱାମୀ ସହ ୪ ଅଟକ

ରଙ୍ଗେଇଲୁଣ୍ଡା,୩୦ ।୧୨(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ଫାସୀ ନୂଆପଡ଼ାରେ ୨୯ ତାରିଖ ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ହତ୍ୟା ମାମଲା ରୁଜୁକରି ସ୍ୱାମୀଙ୍କ ସମେତ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

ଖବର ଅନୁସାରେ, ଥାନା ଅଧିନସ୍ଥ କନିଷି ଗ୍ରାମରେ ଡି. ଦୁର୍ଯ୍ୟୋଧନ ପାତ୍ର ତାଙ୍କ ସାଙ୍ଗ ଗୌତମ ବେହେରା ମିଶି ମଙ୍ଗଳବାର ସକାଳେ ଫାସିନୂଆପଡ଼ା ଗ୍ରାମକୁ ବୁଲିବାକୁ ଯାଇଥିଲେ । ଏତିକିବେଳେ ସେହି ଗ୍ରାମର ଏଲ୍. ଗୌରୀ ରେଡିଙ୍କୁ ତାଙ୍କ ସ୍ୱାମୀ ଏଲ୍. ରାମେୟା ରେଡି ୨୯ ତାରିଖ ମଧ୍ୟ ରାତିରେ କୁରାଢ଼ିରେ ହାଣି ହତ୍ୟା କରିଥିବା ଶୁଣିବାକୁ ପାଇଥିଲେ । ଏମିତିକି ଘଟଣା ପ୍ରଘଟ ହେବା ଭୟରେ ରାମେୟାଙ୍କ ଭାଇମାନେ ଗୌରୀଙ୍କ ମୃତଦେହକୁ ଅଖାରେ ଭର୍ତ୍ତି କରି ଏକ ଅଟୋ ଯୋଗେ ଗାଁ ମଶାଣିରେ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଗୋଳନ୍ଥରା ଥାନାରେ ଦୁର୍ଯ୍ୟୋଧନ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାକୁ ଗୁରୁତର ସହ ନେଇ ଏସଆଇ ସିଲୁ ଧଳ ଓ ଅନ୍ୟ କର୍ମଚାରୀମାନେ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଅନ୍ୟପଟେ ହତ୍ୟା ଘଟଣାକୁ ରଫାଦଫା କରିବାକୁ ପରିବାର ଲୋକ ଉଦ୍ୟମ କରିବା ସହ ପ୍ରମାଣ ନଷ୍ଟ କରିଥିବା ଅଭିଯୋଗ ହୋଇଛି ।

# ଚିକିତ୍ସା ଅବହେଳାରୁ ମା' ସହ ନବଜାତକଙ୍କ ମୃତ୍ୟୁ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରୋଗୀ କଲ୍ୟାଣ ସମିତି ସଦସ୍ୟ

ସୋରଡା,୩୦ ।୧୨(ସମିସ):

ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁ ଜଣେ ଗର୍ଭବତୀ ଓ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରୋଗୀ କଲ୍ୟାଣ ସମିତିର ସଦସ୍ୟ ଗଞ୍ଜାମ ଜିଲ୍ଲାପାଳ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନା ପ୍ରକାରେ, ଭଗବାନପୁରର ତ୍ରିଲୋଚନ ନାୟକଙ୍କ ପତ୍ନୀ ଝିଲି ନାୟକଙ୍କୁ ଗତ ୨୬ ତାରିଖରେ ପ୍ରସବ ଯନ୍ତ୍ରଣା ଯୋଗୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସନ୍ଧ୍ୟା ପ୍ରାୟ ୬ଟାରେ ସେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ପରେ ହଠାତ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ । ତେବେ ବ୍ରହ୍ମପୁର ପହଞ୍ଚିବା ପୂର୍ବରୁ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଏହାର ୨ଦିନ ପରେ ନବଜାତକର ମଧ୍ୟ ମୃତ୍ୟୁ ହୋଇଥିଲା ।

ଅପରପକ୍ଷେ ମହିଳା ଜଣକ ଗର୍ଭବତୀ ଥିବାବେଳେ ଚଳିତ ମାସ ୯ ତାରିଖରେ ମମତା ଦିବସରେ ନିଜର ରକ୍ତ ପରୀକ୍ଷା କରିଥିଲେ । ଯେଉଁଥିରେ ୯.୫ ହିମୋଗ୍ଲୋବିନ ଥିବା ଜଣାପଡ଼ିଥିଲା । ଗତ ୧୬ ତାରିଖରେ ଅଧିକ ଯନ୍ତ୍ରଣା ହେବାରୁ ଆଶାଦିଦି ତାଙ୍କୁ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ୨୦ ଦିନ ପୂର୍ବ ରିପୋର୍ଟ ଆଧାରରେ ଡାକ୍ତର ପ୍ରସବ କରାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ରୋଗୀ ଅତ୍ୟନ୍ତ ଯନ୍ତ୍ରଣାରେ ଥିଲେ ଏବଂ ୬ ଘଣ୍ଟା ଧରି ରକ୍ତସ୍ରାବ ସହିଥିଲେ । ଅପ୍ରତ୍ୟାଶିତ ପରିସ୍ଥିତି ଦେଖି ଡାକ୍ତରମାନେ ଆଶାଙ୍କୁ ହିମୋଗ୍ଲୋବିନ୍ ପରୀକ୍ଷା କରିବାକୁ କହିଲେ ଯାହା ସେ ଏକ ଘରୋଇ ଔଷଧ ଦୋକାନ ସାହାଯ୍ୟରେ ଏକ ଘରୋଇ ପାଥୋଲୋଜି କର୍ମଚାରୀଙ୍କ ସହଯୋଗରେ କରାଇଥିଲେ । ପରେ ଘରୋଇ ପାଥୋଲ୍ୟାବ୍ ରିପୋର୍ଟରେ ରୋଗୀଙ୍କୁ ହିମୋଗ୍ଲୋବିନ୍ ୧ଜିଏମ/ଡିଏଲ ଦେଖାଗଲା । ତେବେ ଏତେ କମ ପରିମାଣରେ ହିମୋଗ୍ଲୋବିନ ଥିବା ସତ୍ତ୍ୱେ କାହିଁକି ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତର ନ କରି ଏଠାରେ ପ୍ରସବ କରାଇଲେ ଏବଂ ଦୀର୍ଘ ୬ ଘଣ୍ଟା ଧରି ମହିଳା ଜଣକ ଅତ୍ୟଧିକ ରକ୍ତସ୍ରାବ ଯନ୍ତ୍ରଣା ଭୋଗୁଥିବା ବେଳେ ଏମାନେ କାହିଁକି ଅବହେଳା ପ୍ରଦର୍ଶନ ଓ ଶିଶୁ ଜନ୍ମ ହେବା ପୂର୍ବରୁ ରକ୍ତ ପରୀକ୍ଷା ନକରି ପ୍ରସବ ପରେ କାହିଁକି ପରୀକ୍ଷା କରିବାକୁ ପରାମର୍ଶ ଦେଲେ ବୋଲି ସାଧାରଣରେ ଅଭିଯୋଗ ହୋଇଛି ।

ସୋରଡା ମେଡିକାଲ ସୁପେରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ବଡ଼ଗଡ଼ ଡାକ୍ତର ଆଶିଷ କୁମାର ସ୍ୱାଇଁ ନାମକୁ ମାତ୍ର ଏକ କାରଣଦର୍ଶାଅ ନୋଟିସ କରି ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା କରିଛନ୍ତି । ଏନେଇ ଡାକ୍ତର ଆଶିଷ ସ୍ୱାଇଁଙ୍କ ମତାମତ ପାଇଁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଉଠାଇନଥିଲେ ।

ଶେଷରେ ବିପିଓଙ୍କୁ ଏମ୍‌ଡିଆରଓ ସିଡିଆର ରିପୋର୍ଟ ମାଗିବାରୁ ତାଙ୍କ ପାଖରେ ରିପୋର୍ଟ ନଥିବା କହି ପିଏଚଇଓଙ୍କୁ ମାଗିବା ପାଇଁ କହିଥିଲେ । କିନ୍ତୁ ପିଏଚଇଓ ଦେବି ଦେବି କହି ଶେଷରେ ଫୋନ ଉଠାଇ ନଥିଲେ । ଆଶା ଦିଦିଙ୍କୁ ପଚାରିବାରେ ମହିଳା ଜଣକ ଯନ୍ତ୍ରଣା ଅନୁଭବ କରିବାରୁ ଏଠାକୁ ଆଣିଥିଲୁ ଜଣେ ସନ୍ତାନ ଜନ୍ମହେବା ପରେ ଡାକ୍ତର ରକ୍ତ ପରୀକ୍ଷା କରିବା ପାଇଁ କହିବାରୁ ନିଦାନ ବନ୍ଦ ଥିଲା । ତେଣୁ ଘରୋଇ ପାଥୋଲାବ୍ କର୍ମଚାରୀଙ୍କ ମାଧ୍ୟମରେ ଟେଷ୍ଟ କରି ରିପୋର୍ଟ ଦେବା ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ ଏବଂ ପହଞ୍ଚିବା ପୂର୍ବରୁ ମହିଳା ଜଣଙ୍କ ମୃତ୍ୟୁ ହୋଇଥିଲା । ଅନେକ ସମୟରେ ଏଭଳି ଘଟଣା ଘଟୁଥିବା ବେଳେ ଆଜି ଏହି ସମ୍ପର୍କରେ ରୋଗୀ କଲ୍ୟାଣ ସମିତି ସଦସ୍ୟ ମାନେ ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ଚିକିତ୍ସାଧିକାରୀ ଓ ମୁଖ୍ୟମନ୍ତ୍ରୀ ସମେତ ରାଜ୍ୟର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ବନ୍ଦ ଦାବି

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ




ସାନଖେମୁଣ୍ଡି,୩୦ ।୧୨(ସମିସ): ସରକାରୀ ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ସିଧାସଳଖ ଶୋଷଣ ସହ ଜୁଲମ କରାଯାଉଛି । ଧାନ କ୍ୱିଣ୍ଟାଲ ପିଛା ୧୦ରୁ ୧୫ କେଜି କଟ୍‌ନୀ ଛଟ୍‌ନୀ ବନ୍ଦ କାଗଜ କଲମରେ ମଣ୍ଡି ଖୋଲାଯିବା ଦର୍ଶାଯାଉଥିବା ବେଳେ ବାସ୍ତବରେ ମଣ୍ଡି ଖୋଲୁନି । ସରକାରୀ ଚାଷୀଙ୍କ ଏଭଳି ସମସ୍ୟା ସମୂହ ସମାଧାନ ଦାବିରେ ସାନଖେମୁଣ୍ଡିରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମନ୍ଥା ବାତ୍ୟା ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କ ସମସ୍ୟା ସମାଧାନ ଓ ଚାଷୀଙ୍କ ୯ ଦଫା ମୌଳିକ ଦାବି ନେଇ ମଙ୍ଗଳବାର ସାନଖେମୁଣ୍ଡି ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ମଧ୍ୟାହ୍ନରେ ପାଟପୁର ଗାନ୍ଧୀଛକ ଠାରୁ ଶୋଭାଯାତ୍ରାରେ ଯାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ବରିଷ୍ଠ କୃଷକନେତା ଶମ୍ଭୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ପ୍ରତିବାଦ ସଭାରେ ଏଫ୍‌ଏକ୍ୟୁମାନ କୋହଳ ସହ ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନକୁ ମଣ୍ଡିରେ ଧାର୍ଯ୍ୟ ଦର ଦେଇ କ୍ରୟ କରିବା, ରବି ଫସଲ ପାଇଁ ମାଗଣା ବିହନ, ସାର ଓ କୀଟନାଶକ ପ୍ରଦାନ, ସମସ୍ତ ଚାଷୀଙ୍କୁ କୃଷିଋଣ, ଜଳକର, ବିଦ୍ୟୁତ ଦେୟ ଛାଡ, ଚକଡା ମାଟିଆଗୁଣ୍ଡି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ବନ୍ୟପ୍ରାଣୀ ବାରହା, ହାତୀ ଓ ମାଙ୍କଡ଼ଙ୍କ ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଭଳି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । କମିଟି ଆବାହକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ପୂର୍ବତନ ବିଡ଼ିଓ ହରିମୋହନ ଜେନା, ପୂର୍ବତନ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ନିତ୍ୟାନନ୍ଦ ପ୍ରଧାନ, ଚାଷୀନେତା ଅନନ୍ତ ମହାଙ୍କୁଡ, ଲିଙ୍ଗରାଜ ସ୍ୱାଇଁ, ସୂର୍ଯ୍ୟନାରାୟଣ ଦଳବେହେରା, କେ ଶ୍ୟାମସୁନ୍ଦର ଦୋରା, ଅଶୋକ ଜେନା, ସିପିଆଇ ଜୋନ ସମ୍ପାଦକ କୈଳାସ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ସରପଞ୍ଚ ପ୍ରତିନିଧି ମିଥୁନ ସେଠି, ଏ କୈଳାସ ପାତ୍ର, ଗୋପାଳ ରାଉଳ, ବସନ୍ତ ସ୍ୱାଇଁ, ରାଜେନ୍ଦ୍ର ସାହୁ, ସୁକାନ୍ତ ବେହେରାଙ୍କ ସମେତ ସମସ୍ତ ଚାଷୀ ଅତିରିକ୍ତ ତହସିଲଦାର ଦିଲୀପ କୁମାର ଜେନାଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ମିନିବସ୍ ଚୋରି




ଜଗନ୍ନାଥପ୍ରସାଦ,୩୦ ।୧୨(ସମିସ): ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରୁ ସୋମବାର ବିଳମ୍ବିତ ରାତିରେ ଏକ ମିନିବସ୍ ଚୋରି ହୋଇଥିବା ବସ ମାଲିକ ପ୍ରଶାନ୍ତ କୁମାର ସେଠୀ ଥାନାରେ ଅଭିଯୋଗ କରିଛନ୍ତି । ମାଲିକ ପ୍ରଶାନ୍ତଙ୍କ ଅଭିଯୋଗ ପ୍ରକାରେ, ମୁକ୍ତେଶ୍ୱର ନାମକ ଏକ ମିନିବସ୍ (ଓଆର୦୭ୟୁ୯୮୦୨)ର ଲକ୍ଷ୍ମୀ ବଜାର ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ସବୁଦିନ ପରି ରହୁଥିଲା । ରବିବାର ବସ୍‌ଟି ଦିନବେଳା ଭଡ଼ାଯାଇ ଅପରାହ୍ନ ୨ଟାବେଳେ ସେହି ସ୍ଥାନରେ ବସ୍ ଚାଳକ ରଖିବା ସହ ଗାଡ଼ିଚାବି ମାଲିକଙ୍କୁ ହସ୍ତାନ୍ତର କରିଥିଲେ । ରାତି ୧୧ଟା ପର୍ଯ୍ୟନ୍ତ ବସ୍‌କୁ ଦେଖିଥିବା ମାଲିକ କହିଛନ୍ତି । ପରେ ସେ ଘରକୁ ଯାଇଥିଲେ । ସକାଳ ୫ଟା ବେଳକୁ ବସ ସେଠାରେ ନ ଥିବା ଦେଖି ସମସ୍ତ ସାଙ୍ଗସାଥି ଓ ଚାଳକକୁ ପଚାରି ବୁଝିଥିଲେ । ସନ୍ଧାନ ନ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ମାମଲା ରୁଜୁ ହେବା ପରେ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

● ପ୍ରଭାକର ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ମୋହନାକୁ ହରାଇ ସେମିରେ ଦାରିଙ୍ଗିବାଡ଼ି

ଦିଗପହଣ୍ଡି,୩୦।୧୨(ସମିସ): କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅକାଳରେ ସମସ୍ତଙ୍କୁ ଛାଡ଼ି ଚାଲିଯାଇଥିବା ଯୁବ କ୍ରୀଡ଼ାବିତ୍ ସ୍ୱର୍ଗତ ପ୍ରଭାକର ରେଡ଼ୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଠାରୁ ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆ ଠାରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି । ମଙ୍ଗଳବାର ତୃତୀୟ ଦିବସ କ୍ୱାର୍ଟର ଫାଇନାଲ୍ ମ୍ୟାଚରେ ଦାରିଙ୍ଗିବାଡି ଭଲିବଲ ଟିମ୍ ପ୍ରତିପକ୍ଷ ଗଜପତି ଜିଲ୍ଲା ମୋହନା ସେଣ୍ଟ ପିଟର୍ସ ଭଲିବଲ ଟିମ୍‌କୁ କ୍ରମାଗତ ଦୁଇଟି ସେଟ୍‌ରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି ।

ମ୍ୟାଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଖେମୁଣ୍ଡି ରାଜପୁତ୍ର ସପନ କୁମାର ଦେବ ମୁଖ୍ୟ ଅତିଥି ଏବଂ ବ୍ୟବସାୟୀ ଏ. ସତ୍ୟନାରାୟଣ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।



ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ. ଗୋବିନ୍ଦଙ୍କ ସଂଯୋଜନାରେ କମିଟି ସଭାପତି ଶିବଶଙ୍କର ମହାଙ୍କୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ. ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଗୋବିନ୍ଦ ନାୟକ ରେଫରି ଭାବେ ମ୍ୟାଚ ପରିଚାଳନା କରିଥିବାବେଳେ ମୋହନା ଟିମ୍‌ର ସାହିଲ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଏମ୍. ଗୌରାଙ୍ଗ ପୁରସ୍କାର ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ଆୟୋଜକ ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ସମୀର ପଣ୍ଡା, ବୈକୁଣ୍ଠନାଥ ସ୍ୱାଇଁ, ସନାତନ ରେଡ୍ଡୀ, ନରେନ୍ଦ୍ର ସାହୁଙ୍କ ସମେତ କମିଟି ସଦସ୍ୟ ବୃନ୍ଦ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

# ଚୋରି ମାମଲାରେ ୨ ଗିରଫ

ବ୍ରହ୍ମପୁର... କୁକୁଡ଼ାଖଣ୍ଡି,୩୦ ।୧୨(ସମିସ): ସଦର ଥାନା ପୁଲିସ ବିଦ୍ୟୁତ୍ ତାର ଓ ପାଣି ଲାଇନ୍ ହୋସ୍ ପାଇପ୍ ଚୋରି ମାମଲାରେ ୨ ଯୁବକଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ବ୍ରହ୍ମପୁର ସୋମନାଥନଗର ନିବାସୀ ମହମ୍ମଦ ଅଫ୍‌ତାବ (୨୨) ଓ ବ୍ରହ୍ମପୁର ସୋମନାଥନଗରର ବିଶାଳ ମହାରଣା ଓରଫ ବାୟା (୨୨) । ୨୬ ତାରିଖ ରାତିରେ ଅଭିଯୁକ୍ତମାନେ ୪ଟି ବିଦ୍ୟୁତ କେବଲ୍ ଓ ୨ଟି ପାଣି ଲାଇନ୍ ହୋସ୍ ବଣ୍ଡଲ୍ ଚୋରି କରିଥିଲେ ।



ଘଟଣା ସମ୍ବନ୍ଧରେ ଅଭିଯୋଗ ଆସିବା ପରେ ପୁଲିସ ତଦନ୍ତ କରି ମହମ୍ମଦକୁ ଧରିବା ସହିତ ଚୋରି ହୋଇଥିବା ସାମଗ୍ରୀ ଜବତ କରିଛି । ପରେ ସେ ତାଙ୍କୁ ଏହି କାର୍ଯ୍ୟରେ ବିଶାଳ ସହଯୋଗ କରିଥିବା କହିବାରୁ ବିଶାଳକୁ ମଧ୍ୟ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ପକ୍ଷରୁ କୁହାଯାଇଛି ।

● ଚାଷୀ, ସମବାୟ ଓ ଯୋଗାଣ ଅଧିକାରୀ ବୈଠକ

# ସୁରୁଖୁରୁରେ ଧାନ କିଣିବା ନେଇ ଆଲୋଚନା

ଛତ୍ରପୁର,୩୦ ।୧୨(ସମିସ): ଚଳିତ ବର୍ଷ ଜିଲ୍ଲାରେ ଧାନ କିଣା ସୁରୁଖୁରୁରେ ହେବା ପାଇଁ ମଙ୍ଗଳବାର ଚାଷୀ, ସମବାୟ ଓ ଯୋଗାଣ ବିଭାଗ ଅଧିକାରୀ ମାନଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ଚାଷୀଙ୍କ କିପରି ଧାନ କିଣା ଯିବ, କଟନୀ ଛଟନୀ ବନ୍ଦ କରିବା, ସମ୍ପୂର୍ଣ୍ଣ ଭାବେ ଧାନ ମଣ୍ଡି ଖୋଲିବା ସହିତ ଅନ୍ୟାନ୍ୟ ଦାବି ନେଇ ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ବୈଠକରେ ଉପସ୍ଥାପନା କରିଥିଲେ । ପଞ୍ଜୀକୃତ ହୋଇଥିବା ସମସ୍ତ ଚାଷୀ ଓ ଭାଗଚାଷୀଙ୍କ ତାଲିକା ସୋସାଇଟି ଏବଂ ପଞ୍ଚାୟତ ଗୃହରେ ଟଙ୍ଗା ଯାଇ ସାର୍ବଜନୀନ କଲେ ସ୍ୱଚ୍ଛତା ରହିପାରିବ ଜିଲ୍ଲାସ୍ତରରେ ଧାନ କିଣା ପାଇଁ ନୋଡ଼ାଲ ଅଫିସର ନିଯୁକ୍ତ ଦିଆଯାଉ, ବିଗତ ବର୍ଷ ଭଳି ଚାଷୀଙ୍କ ସୁବିଧା ଅନୁଯାୟୀ ପ୍ରତି ପଂଚାୟତରେ ଅନ୍ୟୁନ ତିନୋଟି ଧାନ କିଣା କେନ୍ଦ୍ର ଖୋଲାଯାଉ, ଜିଲ୍ଲାରେ ଧାନ କିଣା ଜାନୁୟାରୀ ମାସରେ ହେଉଥିବାରୁ ଏପ୍ରେଲ ମାସ ଶେଷ ପର୍ଯ୍ୟନ୍ତ ଧାନ କିଣାଯାଉ । ଚାଷୀଙ୍କୁ ପ୍ରଥମେ ଅଖା ପ୍ରଦାନ କରାଯାଉ, ସରକାରଙ୍କ ନିୟମ ପ୍ରକାରେ ପ୍ରତ୍ୟେକ ସୋସାଇଟି/ମହିଳା ଗୃପ ଦୈନିକ ଏକ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ନିଶ୍ଚିତ କରାଯାଉ, ଧାନ କିଣା ସଂପର୍କରେ ଅଭିଯୋଗ କରିବା ପାଇଁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଟୋଲ ଫ୍ରି ନମର ଜାରି କରାଯାଉ । ଟୋଲ ଫ୍ରି ନମ୍ବର ୧୯୬୭ କୁ ଫୋନ୍ କଲେ ଲାଗୁ ନାହିଁ । ଧାନ କିଣାରେ ଚାଷୀ ସଂଗଠନ ଏବଂ ଚାଷୀ ପ୍ରତିନିଧି ମାନଙ୍କୁ ସାମିଲ କଲେ ଧାନ କିଣାରେ ସ୍ୱଚ୍ଛତା ରହିପାରିବ । ଏହା ସହିତ ବିଭିନ୍ନ ଦାବି ସମ୍ପର୍କରେ ଉପସ୍ଥିତ ଚାଷୀ ମାନେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟଙ୍କ ଯୋଗାଣ ଓ ସମବାୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ଚାଷୀ ନେତା ବିଜୟ ସ୍ୱାଇଁ, ପୂର୍ଣ୍ଣ ଦାଶ, ରାମମୋହନ ପଣ୍ଡା, ପଦ୍ମ ଚରଣ ସାହୁ, ରାଜ କିଶୋର ବସ୍ତିଆ ଓ ଶରତ ପଟ୍ଟନାୟକଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ ।

ବିଇଏମ୍‌ସି ପାଇଁ 'ଏମଏସ୍‌ବିୱାଇ'

# ବଢ଼ିଲାନି ଅନୁଦାନ; ବଢ଼ିଲା ପ୍ରକଳ୍ପ ସଂଖ୍ୟା

ବ୍ରହ୍ମପୁର,୩୦ ।୧୨(ସମିସ):



ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା ବା 'ମୁକ୍ତା' ଯାହା ପୂର୍ବ ନବୀନ ସରକାର ଅମଳରେ ବେଶ ଚର୍ଚ୍ଚିତ ହୋଇଥିଲା । ଏହି ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଉଭୟ କ୍ଷମତା ଓ ଦାୟିତ୍ୱ ଦିଆଯାଇ ରୋଜଗାରକ୍ଷମ କରିବା ସହିତ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରିଥିଲା । ଯାହାକୁ ବର୍ତ୍ତମାନର ଡବଲ ଇଂଜିନ ସରକାର ନାମକୁ ବଦଳାଇ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ବା ଏମଏସ୍‌ବିୱାଇରେ ରୂପାନ୍ତରଣ କରିଛନ୍ତି । ଏବଂ ଏଥିରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବାଦ ଦିଆଯାଇଥିବା ଜଣାପଡିଛି । ତେବେ 'ଏମଏସବିୱାଇ'ରେ ୨୦୨୫-୨୬ ଆର୍ଥିକ ବର୍ଷରେ ସୁଷମ ବଣ୍ଟନ କରାନଯାଇ କିଛି ହାତଗଣତି ୱାର୍ଡ ପ୍ରତି ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ କେତେକ ୱାର୍ଡ ପ୍ରତି ଅବିଚାର କରାଯାଇଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ଖୋଦ୍ ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବିଇଏମ୍‌ସିର ଅଧିକାଂଶ କର୍ପୋରେଟର ଏପରିକି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଲା ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଫଳରେ ବାଧ୍ୟ ହୋଇ ବିଇଏମ୍‌ସି ପକ୍ଷରୁ ମଙ୍ଗଳବାର ପୁଣି ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା । ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେବଳ 'ଏମଏସବିୱାଇ' ଯୋଜନାରେ ଆସିଥିବା ଅନୁଦାନ ଓ ପ୍ରକଳ୍ପର ଆବଣ୍ଟନକୁ ନେଇ ରହିଥିବା ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପୂର୍ବରୁ ଘୋଷିତ ପ୍ରକଳ୍ପ ତାଲିକାରେ ସ୍ଥାନ ପାଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ଫଳରେ ଉକ୍ତ ତାଲିକାକୁ ନେଇ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ପରେ ବୈଠକରେ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପରାମର୍ଶ କ୍ରମେ ୱାର୍ଡୱାରୀ ସମସ୍ତ କର୍ପୋରେଟରଙ୍କୁ ଜଣ ଜଣ କରି ନିଜ ନିଜ ଅଞ୍ଚଳର ନୂତନ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା । ଯେଉଁଥିରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ମାର୍ଗଦର୍ଶିକା ପ୍ରକାରେ ସମସ୍ତ କର୍ପୋରେଟର ନିଜନିଜ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବ ଦେଇଥିଲେ । ବୈଠକରେ ସର୍ବସମ୍ମତି କ୍ରମେ ପୂର୍ବ ଘୋଷିତ ତାଲିକାକୁ ବାଦ୍ ଦେଇ ପୁଣି ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ ପାଇଁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା ।

● ଆବଣ୍ଟନରେ ପାତରଅନ୍ତର ଅଭିଯୋଗ ପରେ ବସିଲା ସ୍ୱତନ୍ତ୍ର ବୈଠକ
● ୱାର୍ଡୱାରୀ ପ୍ରସ୍ତାବ ଆହ୍ୱାନ କରି ଆକ୍ସନ ପ୍ଲାନରେ ସବୁ ୱାର୍ଡକୁ ଦିଆଯିବ ଗୁରୁତ୍ୱ
● ଯନ୍ତ୍ରୀ ଓ ଠିକାଦାରଙ୍କ ସମନ୍ୱୟର ଅଭାବକୁ ନେଇ ଉଦ୍‌ବେଗ

ବ୍ରହ୍ମପୁର ସହରର ସାମଗ୍ରିକ ବିକାଶ ପାଇଁ ବିଇଏମ୍‌ସି ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୧୧୬ଟି ପ୍ରକଳ୍ପ ପାଇଁ ୪୦କୋଟି ୭୭ଲକ୍ଷ ୩୩ହଜାର ଓ ୨୯ଟି ପ୍ରକଳ୍ପ ପାଇଁ ୧୨କୋଟି ୪୪ଲକ୍ଷ ୪୭ହଜାର ଏହିଭଳି ମୋଟ ୧୪୫ଟି ପ୍ରକଳ୍ପ ପାଇଁ ୫୩କୋଟି ୨୧ଲକ୍ଷ ୮ହଜାର ଟଙ୍କାର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ସରକାରୀ ଅନୁମୋଦନ ପାଇଁ ପଠାଯାଇଥିଲା । ସେଥିମଧ୍ୟରୁ ସମସ୍ତ ୧୪୫ଟି ପ୍ରକଳ୍ପ ପାଇଁ ମୋଟ ୩୮କୋଟି ୫୮ଲକ୍ଷ ୨୬ହଜାର ଟଙ୍କା ଅନୁମୋଦିତ ହୋଇଥିବା ଜଣାପଡିଛି । ତେବେ ଏହି ଅନୁମୋଦିତ ପ୍ରକଳ୍ପ ଓ ଅନୁଦାନକୁ ବିଇଏମ୍‌ସିର ସମସ୍ତ ୪୨ଟି ୱାର୍ଡରେ ...

ପୂର୍ବରୁ ବିଇଏମସି ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ହାତକୁ ନିଆଯାଇଥିବା କିଛି ୱାର୍ଡର ପ୍ରକଳ୍ପକୁ ଏମଏସବିୱାଇରେ ଅନ୍ତର୍ଭୁକ୍ତ କରାଯାଇ ନିଗମର ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ସହମତି ପ୍ରକାଶ ପାଇଥିଲା । ଫଳରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏମଏସବିୱାଇ ପାଇଁ ନୂତନ ତଥା ପରିବର୍ତ୍ତିତ ଆକ୍ସନ ପ୍ଲାନ କରାଯାଇ ତାହାକୁ ରୂପରେଖ ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।

ନିଗମ ବୈଠକରେ ବହୁ ପ୍ରକଳ୍ପ ଅନୁମୋଦନ ସତ୍ତ୍ୱେ କାର୍ଯ୍ୟାଦେଶ ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁଁ ସେଗୁଡିକ କାର୍ଯ୍ୟକାରୀ ନହୋଇ ପଡିରହୁଥିବା ଭଳି ପ୍ରସଙ୍ଗକୁ ନେଇ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । କର୍ପୋରେଟରମାନଙ୍କ ଏଭଳି ଅଭିଯୋଗରେ ସ୍ୱର ମିଳାଇଥିଲେ ଖୋଦ୍ ମେୟର । ଏକ୍ଷେତ୍ରରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବକୁ ମୁଖ୍ୟତଃ ଦାୟୀ କରାଯାଇଥିଲା । ସହରରେ ଶୌଚାଳୟଗୁଡିକରଅବସ୍ଥାଶୋଚନୀୟହୋଇପଡିଥିବାରୁ ଜନସାଧାରଣ ଏବଂ ଖାସ କରି ପଥିକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏଥିପାଇଁ ଅଧିକ ଶୌଚାଳୟ ନିର୍ମାଣ ଓ ଥିବା ଶୌଚାଳୟ ଗୁଡିକର ମରାମତି, ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ନିଗମରେ ଗତ ଦେଢ ବର୍ଷ ମଧ୍ୟରେ ଟେଣ୍ଡର ବାହାରିନଥିବା ଓ ବିଭିନ୍ନ ପ୍ରକଳ୍ପ ପାଇଁ ସ୍ଥାନାଭାବକୁ ନେଇ ସରଗରମ ଆଲୋଚନା ହୋଇଥିଲା । ପରେ ଆସନ୍ତା ୧୦ତାରିଖରୁ ନୂତନ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ସିଟି ଇଂଜିନିୟର ମନୋଜ ପାତ୍ର । ସ୍ୱତନ୍ତ୍ର ବୈଠକରେ ମେୟର ଓ କମିଶନରଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ମନ୍ତ୍ରୀ ତଥା ଗୋପାଳପୁର ବିଧାୟକଙ୍କ ପ୍ରତିନିଧି ଶିବ ନାୟକ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଲାଙ୍କ ସମେତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ପୋରେଟର ଓ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ସିଟି





**ରାଜଧାନୀରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଅପରାଧୀଙ୍କ ତାଣ୍ଡବଲୀଳା ଦେଖିବାକୁ ମିଳିଥିଲା। କୋଉଠି ରାଜନେତା ଯୌନ ପିପାସୁ ସାଜିଥିଲେ ତ କୋଉଠି ପୁଲିସ ହତ୍ୟାକାରୀ ପାଲଟିଥିଲା। ଏ ସବୁକୁ ବଳି ଯାଇଥିଲା ନିଶାଜନିତ ଅପରାଧ। ନିଶାକୁ ବିରୋଧ କରିବାରୁ ନିଶା ମାଫିଆମାନେ ସ୍ପଷ୍ଟ ଦିବାଲୋକରେ ଜଣେ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା କରିଦେଇଥିଲେ। ଆଉ ଏହା ପରେ ବିଦେଶୀ ନିଶା ଗୋଟା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ଏସବୁ ଭିତରେ ରାଜଧାନୀକୁ ଦୀର୍ଘ ବର୍ଷ ବ୍ୟବଧାନରେ ଫେରିଥିଲା ଗୁଣିଗାରେଡ଼ି। ଆଉ ଏହାର କୁପରିଣାମ ସ୍ୱରୂପ ଜଣେ ବୃଦ୍ଧଙ୍କ ମୁଣ୍ଡ ଗଡ଼ିଥିଲା। ସେଥିରେ ପୁଣି ଠକ, ଲୁଟେରା, ଡକାୟତ, ଅପହର୍ତ୍ତା ରାଜ୍ୟବାସୀଙ୍କୁ କଲବଲ କରିପକାଇଥିଲେ। ଏପରିକି ରାଜଧାନୀରେ ବନ୍ଧୁକ ଓ ଦେହ ବ୍ୟବସାୟ ରାଜ୍ୟରେ ଚହଳ ପକାଇଥିଲା। ଏହାରି ଭିତରେ ସଂସ୍କାର ଆଣିବାକୁ ଯାଇ ପୁଲିସର ବନ୍ଧୁକ ସମୟେ ସମୟେ ଗର୍ଜିଥିଲା। ଏପରିକି ଅନେକ ଅପରାଧୀଙ୍କୁ ତ୍ୱରିତ ଗିରଫ କରି ନ୍ୟାୟାଳୟ ଦ୍ୱାରା ଦଣ୍ଡିତ କରାଯାଇଥିଲା। ମାତ୍ର ଅପରାଧ ମାନସିକତାର ବଶବର୍ତ୍ତୀ ହୋଇ କିଛି ଉଚ୍ଛୃଙ୍ଖଳ ଯୁବଗୋଷ୍ଠୀ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ ହାଣିବା ସହିତ ରୋଡ୍ ରୋମିଓ ସାଜି ଉତ୍ପାତ କରିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ମୋଟାମୋଟି ଦେଖିବାକୁ ଗଲେ, ଅପରାଧୀ ବେଫିକର୍ ଭାବେ ଅପରାଧିକ କାଣ୍ଡ ଭିଆଇଥିବା ବେଳେ ପୁଲିସ ହାତରୁ ଆଇନ ଶୃଙ୍ଖଳା ଏକପ୍ରକାରର ନିୟନ୍ତ୍ରଣ ହରାଇ ବସିଥିଲା।**

ପ୍ରସ୍ତୁତି: ବରୁଣ

## ଗର୍ଜିଲା ପୁଲିସର ବନ୍ଧୁକ

ବର୍ଷ ଆରମ୍ଭରୁ ଲୁଟେରାଙ୍କ ଉତ୍ପାତ କମିସନରେଟ ପୁଲିସର ନିଦ ହଜାଇ ଦେଇଥିଲା। ଅପରାଧୀଙ୍କୁ ଦମନ କରିବା ପାଇଁ ଗର୍ଜିଥିଲା ପୁଲିସର ବନ୍ଧୁକ। ବାଲିଅନ୍ତା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ଅର୍ଜୁନ ଅନାରେ ଓ ତା'ର ସହଯୋଗୀମାନେ ଆପାର୍ଟମେଣ୍ଟ ଲୁଟ କରିବା ପାଇଁ ଯୋଜନା କରୁଥିଲେ। ପୁଲିସ ତାଙ୍କୁ ଗୋଡ଼ାଇବାରୁ କେନାଲ ବନ୍ଧ ଉପରେ ଅର୍ଜୁନ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିରେ ଅର୍ଜୁନ ଘାଇଲା ହୋଇ ଯାଇଥିଲା। ବିଳମ୍ବିତ ରାତିରେ ବଡ଼ଗଡ଼ ଥାନା ଅଞ୍ଚଳର ଥିବା ଏଟିଏମ୍ ଲୁଟ ପାଇଁ ଆସିଥିବା ବେଳେ ଲୁଟେରା ଦୀପକ ଓ ପୁଲିସ ମୁହାଁମୁହିଁ ହୋଇଥିଲେ। ପୁଲିସ ଉପରକୁ ଗୁଳି ଚାଳନା କରି ଫେରାର ହେବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସର ପାଲଟା ଗୁଳିରେ ଦୀପକ ତଳେ ପଡ଼ି ଯାଇଥିଲା। ସେହିପରି ନିଶା ବେପାରୀ ମଧ୍ୟ ପୁଲିସର ଏନକାଉଣ୍ଟରରୁ ବର୍ତ୍ତି ନଥିଲା। କୁଖ୍ୟାତ ନିଶା ମାଫିଆ ଶେଖ୍ ଜାମସେଦ ବିଳମ୍ବିତ ରାତିରେ ବ୍ରାଉନସୁଗର ନେଇ ପୋଖରୀପୁଟରୁ ଖଣ୍ଡଗିରିକୁ ଆଡ଼କୁ ଯାଉଥିବା ବେଳେ ସ୍ପେଶାଲ କ୍ରାଇମ ୟୁନିଟ୍ ତାକୁ ପିଛା କରୁଥିଲା। ନିଜକୁ ବଞ୍ଚାଇବାକୁ ଯାଇ ଜାମସେଦ ପୁଲିସ ଉପରକୁ ଗୁଳି ଚଳାଇଥିଲା। ହେଲେ ପୁଲିସର ପାଲଟା ଜବାବରେ ଜାମସେଦର ଗୋଡ଼ରେ ଦୁଇଟି ଗୁଳି ବାଜିଥିଲା। ଏଥିସହିତ ତା' ଠାରୁ ୨୦ ଲକ୍ଷର ବ୍ରାଉନସୁଗର ଜବତ କରିଥିଲା।

## କାଳହେଲା ଜମିବାଡ଼ି ବିବାଦ


ୟୁନିଟ୍ ୬ ଭୀମପୁର ଅଞ୍ଚଳର ବିଲ୍ଡର୍ସ ସସ୍ମିତ ବିଶ୍ୱାଳ ଓରଫ୍ ଚିନୁ ଓ ତାଙ୍କ ପୂର୍ବତନ ପାର୍ଟନର ତଥା ପଧାନସାହିର ଟୁଲୁ ମହାନ୍ତି ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ତିକ୍ତତା ସୃଷ୍ଟି ହୋଇଥିଲା। ଦୀର୍ଘଦିନ ଧରି ଲାଗି ରହିଥିବା ଏହି ବିବାଦ ଉଗ୍ରରୂପ ନେଇଥିଲା। ଏପ୍ରିଲ ୧୧ ତାରିଖ ଦିନ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଧାନସାହି କାଜୁ ଜଙ୍ଗଲରେ ଚିନୁଙ୍କୁ ପିଟିପିଟି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡରେ ଏୟାରଫିଲ୍ଡ ଥାନାର ଜଣେ ହୋମଗାର୍ଡଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତି, ଜଣେ ହୋମ୍‌ଗାର୍ଡଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଥିଲା।



# ଅପରାଧୀଙ୍କ ତାଣ୍ଡବ

## ରାଜଧାନୀରେ ବିହାର ବନ୍ଧୁକ

ବର୍ଷ ଆରମ୍ଭରୁ ସରକାରୀ ଜମି ଜବରଦଖଲକୁ ନେଇ ପଣ୍ଡାକୁଦିଆରେ ଗୁଳି ଫୁଟିଥିବା ବେଳେ ଚନ୍ଦ୍ରଶେଖରପୁରର ଏକ ବାରରେ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିଲା। ଶେଷ ଭାଗରେ ଜମିବାଡ଼ି ବିବାଦରୁ ସରକନ୍ତରାରେ ଭାଇକୁ ଗୁଳିକରି ହତ୍ୟା କରିଥିଲା ଭାଇ। ମୋଟାମୋଟି କହିବାକୁ ଗଲେ, ରାଜଧାନୀରେ ବର୍ଷ ତମାମ ବନ୍ଧୁକ ଓ ଗୁଳି କାୟା ବିସ୍ତାର କରିଥିଲେ। ବୟାଳିସି ମୌଜାରୁ ବନ୍ଧୁକ କାରଖାନା ଠାବ ହେବା ସମସ୍ତଙ୍କୁ ଚକିତ କରିଥିଲା। ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ଦୁଇଟି କାର୍ବାଇନ ସମେତ ୩୬ଟି ବନ୍ଧୁକ ଜବତ କରିଥିଲା। ସେହିପରି ଏସଟିଏଫ୍ ଓ କମିସନରେଟ ପୁଲିସ ମଧ୍ୟ ବନ୍ଧୁକ ଜବତରେ ପଛରେ ପଡ଼ିନଥିଲେ। ବର୍ଷକରେ ପାଖାପାଖି ୧୦୦ ବନ୍ଧୁକ ଜବତ ହୋଇଥିଲା। ଆଉ ସବୁ ବନ୍ଧୁକ ପଛରେ ବିହାର ଲିଙ୍କ୍ ସାମ୍ନାକୁ ଆସିଥିଲା। କେବଳ ବନ୍ଧୁକ ନୁହଁ, ରାଜଧାନୀରୁ କଲରାପତରିଆ ବାଘଛାଲ ମଧ୍ୟ ଜବତ ହୋଇଥିଲା। ସେଥିରେ ସମ୍ପୃକ୍ତ ଆଇଏଏସ୍ ପୁଅଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା ଏସସିୟୁ।





## ଓଡ଼ିଶାରେ ବିଦେଶୀ ନିଶା

ରାଜ୍ୟରେ ପ୍ରଥମ ଥର ପାଇଁ ଆର୍ଯ୍ୟମାନ ପଟ୍ଟନାୟକଙ୍କ ଠାରୁ ୨୫୦ ମିଲିଗ୍ରାମ ଏଲ୍ଏସ୍‌ଡି ମିଳିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରୁ ୫୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ଆମେରିକା, ପେରୁ, କଲୋମ୍ବିଆ, ବୋଲିଭାଇ ଆଦି ଅଞ୍ଚଳରୁ କୋକେନ୍, ଜର୍ମାନୀରୁ ମାରିଜୁଆନା, ସୁଇଜରଲ୍ୟାଣ୍ଡ, ଆମେରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ପୋଲାଣ୍ଡ, ନେଦରଲ୍ୟାଣ୍ଡ ଭଳି ୟୁରୋପୀୟ ଦେଶଗୁଡ଼ିକରୁ ଏଲ୍ଏସ୍‌ଡ଼ି (ସିନ୍‌ଥେଟିକ୍ ଡ୍ରଗ୍ସ) ଓଡ଼ିଶାକୁ ଆସୁଛି। ଭୁବନେଶ୍ୱର ବିମାନବନ୍ଦରରୁ ବାରମ୍ବାର ମାରିଜୁଆନା ଜବତ ହେବାପରେ ରାଜ୍ୟରେ ବିଦେଶୀ ନିଶାର ଚାହିଦା ବଢୁଥିବା କଥାକୁ ସ୍ପଷ୍ଟ କରିଥିଲା। ବର୍ଷ ତମାମ ମାରିଜୁଆନା, ସିନ୍‌ଥେଟିକ୍ ଡ୍ରଗ୍ସ (ଏଲ୍ଏସ୍‌ଡି) ଓ କୋକେନ୍ ଆଦି ନିଶାଦ୍ରବ୍ୟ ଜବତ ହୋଇଥିଲା। କେବଳ ବିଦେଶୀ ନିଶା ନୁହେଁ, ବରଂ ଗଞ୍ଜେଇ, ବ୍ରାଉନସୁଗର, ଅଫିମ ଓ କଫସିରପ ଆଦି ପୁଳାପୁଳା ନିଶାଦ୍ରବ୍ୟ ଜବତ କରାଯାଉଛି। ଅପରେସନ ବଜ୍ର ଓ ପ୍ରସାର ମାଧ୍ୟମରେ ବର୍ଷକରେ ୨୦କୋଟି ଟଙ୍କାର ବ୍ରାଉନସୁଗର ଓ ୨ହଜାର କ୍ୱିଣ୍ଟାଲ ଗଞ୍ଜେଇ, ୭୫ ହଜାର କଫ୍‌ସିରପ ବୋତଲ ଜବତ କରାଯାଇଥିବା ବେଳେ ୨୫୦୦ରୁ ଅଧିକ ନିଶା ମାଫିଆ ଗିରଫ ହୋଇଛନ୍ତି।





## ରେକର୍ଡ ଭାଙ୍ଗିଲା ସଜାହାର

ଅପରାଧୀଙ୍କ ଉତ୍ପାତ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ଏଥିରେ ରୋକ୍ ଲଗାଇବା ପାଇଁ ପୁଲିସ ଜୋରଦାର ପ୍ରୟାସ କରିଥିଲା। ଅଭିଯୋଗକାରୀଙ୍କୁ ତ୍ୱରିତ୍ ନ୍ୟାୟ ଦେବା ସହ ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ କମିସନରେଟ ପୁଲିସ ଖସଡ଼ା ପ୍ରସ୍ତୁତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବାର କିଛିଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବା ସହ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚଳିତବର୍ଷ ରୁଜୁ ହୋଇଥିବା ୨୪ଟି ମାମଲାକୁ ମିଶାଇ ମୋଟ ୬୦୯ ମାମଲାରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସେଥିରେ ୧୪ଟି ହତ୍ୟା, ୨୦ଟି ଦୁଷ୍କର୍ମ ଓ ୪୩ଟି ସମ୍ପତ୍ତି ଜନିତ ଅପରାଧ ମାମଲା ରହିଥିଲା। କେତେକ ମାମଲାରେ, ଅଭିଯୁକ୍ତମାନେ ଗିରଫ ହେବାପରେ ଜାମିନ୍ ପାଇଁ ମଧ୍ୟ ସୁଯୋଗ ଦେଇନଥିଲା। ପୁଲିସ ଓ ସରକାରୀ ଓକିଲଙ୍କ ସମନ୍ୱୟ ମାତ୍ର ୬୦ ଦିନ ମଧ୍ୟରେ ଏକାଧିକ ମାମଲାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା। ଏଥିଲାଗି ତଦନ୍ତକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ନିଶାକୁ ବିରୋଧ; ସହଦେବଙ୍କୁ ହତ୍ୟା

ନିଶା କାରବାରକୁ ବିରୋଧ କରିବାରୁ ବର୍ଷ ଆରମ୍ଭରୁ ଗଡ଼ିଥିଲା ମୁଣ୍ଡ। ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ କଡ଼ା ସୁରକ୍ଷା ବଳୟରେ ରହିଥିବା ବେଳେ ରସୁଲଗଡ଼ ଫ୍ଲାଇଓଭର ଉପରେ ଘଟିଥିଲା ଲୋମ ଟାଙ୍କୁରା ହତ୍ୟାକାଣ୍ଡ। ନିଶା ବିକ୍ରିକୁ ବିରୋଧ କରୁଥିବା ସଫେଇ କର୍ମଚାରୀ ସଙ୍ଘ ସଭାପତି ସହଦେବ ନାୟକ ଓ କେଦାରପଲ୍ଲୀ ବସ୍ତିର ରମା ନାୟକଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଜାନୁୟାରୀ ୮ ତାରିଖ ସକାଳେ ସହଦେବ ସ୍କୁଟିରେ କଟକ ଆଡ଼କୁ ଯାଉଥିଲେ। ସେହି ସମୟରେ ଦୁଇଟି ବାଇକରେ ୪ ଜଣ ଆସି ତାଙ୍କୁ ଖଣ୍ଡାରେ ହାଣି ଥିଲେ। ଫଳରେ ସହଦେବଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ଯାଇଥିଲା। ଏହି ଘଟଣାରେ ପୁଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀ ରମା ସମେତ ୯ ଜଣଙ୍କୁ ଗିରଫ କରିଥିଲା।



## ଅଡୁଆ କଲା ନିଖୋଜ ମାମଲା

ବର୍ଷର ମଧ୍ୟ ଭାଗରେ ନିଖୋଜ ମାମଲା କମିସନରେଟ ପୁଲିସ ପାଇଁ ଚିନ୍ତା ବଢ଼ାଇଥିଲା। ଜଣକ ପରେ ଜଣେ ନିଖୋଜଙ୍କ ମୃତଦେହ ମିଳିବା ପୁଲିସକୁ ଅଧିକ ଅଡୁଆରେ ପକାଇଥିଲା। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୂପମା ପରିଡ଼ା ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଭରତପୁର ପୁଲିସ ଏମ୍ଏମ୍ଆର ପଞ୍ଜୀକରଣ କରିଥିଲେ ମଧ୍ୟ ତାଙ୍କୁ ଠାବ କରିବାରେ ସଫଳ ହୋଇ ନ ଥିଲା। ନିଖୋଜର ୭ ମାସ ପରେ ନିରୂପମାଙ୍କ ପ୍ରେମିକ ଦେବାଶିଷକୁ ପୁଲିସ ଉଠାଇ ଆଣିବା ପରେ ରହସ୍ୟ ଉନ୍ମୋଚନ ହୋଇଥିଲା। ଦେବାଶିଷ ତାଙ୍କୁ ହତ୍ୟା କରି ଖଣିରେ ଫୋପାଡ଼ି ଥିବା ମାନି ଯାଇଥିଲା। ତାପରେ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା ପୁଲିସ। ଏତିକିରେ ନିଖୋଜ ମାମଲା ସରି ନ ଥିଲା। କନେଷ୍ଟବଳ ଶୁଭମିତ୍ରା ଘଟଣାରେ ମଧ୍ୟ ସମାନ କଥା ଘଟିଥିଲା। ସେ ନିଖୋଜ ହେବାର ୧୨ ଦିନ ପରେ ମାଟିତଳୁ ମୃତଦେହ ଜବତ ହୋଇଥିଲା। ନିଖୋଜ ପରେ ପରେ ବ୍ୟକ୍ତିଙ୍କ ମୃତଦେହ ମିଳିବା ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା।



## ବିବାହ ବିବାଦରୁ ଶୁଭମିତ୍ରାଙ୍କୁ ହତ୍ୟା

ପୁଲିସ କମିସନରଙ୍କ ଅଫିସରେ କାମ କରୁଥିବା କନେଷ୍ଟବଳ ଦୀପକ ଓ ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାବେଳେ ଉଭୟ କୋର୍ଟରେ ମ୍ୟାରେଜ କରିଥିଲେ। ଶୁଭମିତ୍ରା ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୭ ଲକ୍ଷ ଟଙ୍କା ଦୀପକକୁ ଦେଇଥିବା ସେଥିରୁ ୧୦ ଲକ୍ଷ ଟଙ୍କା ଫେରି ପାଇଥିଲେ। ବାକି ୭ ଲକ୍ଷ ଟଙ୍କା ଦେଲେ ଆନୁଷ୍ଠାନିକ ବିବାହ କରିବେ ବୋଲି ଶୁଭମିତ୍ରା ମନସ୍ଥ କରିଥିଲେ। ହେଲେ ଟଙ୍କା ମାଗିବାକୁ ନେଇ ବଚସା ହେବାପରେ କାର୍ ଭିତରେ ଦୀପକ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। କେବଳ ହତ୍ୟା କରିନଥିଲା, ବରଂ ପ୍ରମାଣ ନଷ୍ଟ କରିବାକୁ ଭରପୁର ଚେଷ୍ଟା କରିଥିଲା। ମୃତଦେହକୁ ରାଜଧାନୀରୁ ନେଇ ଘଟଗାଁ ଥାନା କୁସନପୁର ଜଙ୍ଗଲରେ ପୋତି ଦେଇଥିଲା। ଶୁଭମିତ୍ରାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ଏମ୍ଏମ୍ଆର ପଞ୍ଜିକରଣ କରିଥିବା ବେଳେ ପରେ ହତ୍ୟା ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ କନେଷ୍ଟବଳ ଦୀପକ, ମାଉସୀ ପୁଅ ବିନୋଦ ଓ ଜମି ମାଲିକ ଜଟିଆକୁ ଗିରଫ କରିଥିଲା। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଦୀପକ କୋର୍ଟ ମ୍ୟାରେଜ କରିବା ପରେ ଶୁଭମିତ୍ରାଙ୍କ ନାଁରେ କୋଟିଏ ୨୫ ଲକ୍ଷ ଟଙ୍କାର ବୀମା କରିବା ସହ ନିଜେ ନୋମିନି ପଡ଼ିଥିଲା। ସେହି ବୀମା ବାବଦ ଟଙ୍କା ହାତେଇବାକୁ ଦୀପକ ତାଙ୍କୁ ହତ୍ୟା କରିଥିବା ତଦନ୍ତ ବେଳେ ସାମ୍ନାକୁ ଆସିଥିଲା। ତେବେ କେବଳ ଶୁଭମିତ୍ରା ନୁହନ୍ତି, ଏହା ପୂର୍ବରୁ ଦୀପକ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ହତ୍ୟା କରି ବୀମା ବାବଦକୁ କୋଟିଏ ଟଙ୍କା ପାଇଥିଲା।

## ଗୁଣିଗାରେଡ଼ିରୁ ଗଡ଼ିଲା ମୁଣ୍ଡ



ପୂର୍ବରୁ ଉପାନ୍ତ ଇଲାକାରେ ଚାଲି ଆସୁଥିବା ଗୁଣିଗାରେଡ଼ି ଚଳିତବର୍ଷ ରାଜଧାନୀକୁ ମଧ୍ୟ ଛୁଇଁଥିଲା। କେବଳ ଛୁଇଁ ନ ଥିଲା, ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରିଥିଲେ ଦୁଇ ବନ୍ଧୁ। ନଭେମ୍ବର ପହିଲାରେ ପିତା ଗାଡ଼ିଆ ନିକଟସ୍ଥ ଜଙ୍ଗଲରୁ ଏକ ନରକଙ୍କାଳ ଠାବ କରିଥିଲା ଚନ୍ଦକା ଥାନା ପୁଲିସ। ନରକଙ୍କାଳକୁ ଚିହ୍ନଟ କରିବା ପୁଲିସ ପାଇଁ ଯେତିକି କଷ୍ଟକର ଥିଲା, ହତ୍ୟାକାରୀଙ୍କୁ ଧରିବା ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ନରକଙ୍କାଳରୁ ମିଳିଥିବା ମାଳି ଓ ଲୁଙ୍ଗିରୁ ହିଁ ମୃତକଙ୍କୁ ଚିହ୍ନଟ କରିଥିଲା ପୁଲିସ। ମାଳି ଓ ଲୁଙ୍ଗିରୁ ମୃତଦେହଟି ୭୨ ବର୍ଷୀୟ ବଳରାମ ଦେଓଗାମଙ୍କର ବୋଲି ପୁଅ ରାମ ଚରଣ ଚିହ୍ନଟ କରିଥିଲେ। ବଳରାମଙ୍କର ଏକ ପାରିବାରିକ କାର୍ଯ୍ୟକ୍ରମରୁ ଫେରିବା ବାଟରେ ପର୍ଶୁରାମ ହେମ୍ବ୍ରମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ହିଁ ତାଙ୍କୁ ଗୁଣିଗାରେଡ଼ି କରି ମାରି ଦେଇଛି ବୋଲି ପର୍ଶୁରାମଙ୍କ ପୁଅ କହ୍ନେଇ ଭାବି ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ବଳରାମଙ୍କୁ ହତ୍ୟା କରିବ ବୋଲି ବନ୍ଧୁ ରାମ ସାମଦାର ସହଯୋଗ ଲୋଡ଼ିଥିଲା। ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟ ମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲ ଭିତରକୁ ନେଇ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ଏହି ହତ୍ୟାକାଣ୍ଡରେ ପୁଲିସ କହ୍ନେଇ ଓ ରାମକୁ ଗିରଫ କରିଥିଲା ପୁଲିସ।



## ଗଣଦୁଷ୍କର୍ମର ଲଜ୍ଜା

ମହିଳାଙ୍କୁ ସୁରକ୍ଷା ଦେବାରେ ପୁଲିସ ଏକପ୍ରକାର ବିଫଳ ହୋଇଥିଲା। ଗୋପାଳପୁର, ପୁରୀ ବେଳାଭୂମି ଠାରୁ ଆରମ୍ଭ କରି ଧଉଳି ଦୟାନଦୀ ପଠା ଓ ୟୁନିଟ୍ ୯ ପର୍ଯ୍ୟନ୍ତ, ସବୁଠି ଗଣଦୁଷ୍କର୍ମ ଘଟଣା ପୁଲିସର ଛବିକୁ ମଳିନ କରିଥିଲା। ଗୀତ ରେକର୍ଡିଂ ଆଳରେ ଚନ୍ଦ୍ରଶେଖରପୁର ସ୍ଥିତ ପୋଖରାନ ଭିଲେଜକୁ ଗେଷ୍ଟ ହାଉସକୁ ଡାକି ନିଶାଦ୍ରବ୍ୟ ଦେଇ ଗଣଦୁଷ୍କର୍ମ କରିଥିଲେ ଦୁଇ ରାକ୍ଷସ। ପ୍ରେମୀ ଯୁଗଳ ଦୟାନଦୀ ପଠାରେ ବୁଲାବୁଲି କରୁଥିବା ବେଳେ ଯୌନ ପିପାସୁଙ୍କ ହାବୁଡ଼ରେ ପଡ଼ିଥିଲେ। ପ୍ରେମିକକୁ ଗୋଡ଼ହାତ ବାନ୍ଧି ଦେବାପରେ ପ୍ରେମିକାକୁ ଦୁଷ୍କର୍ମ କରିଥିଲେ ଏକାଧିକ ଯୁବକ। ସେହିପରି ଜଣେ ନାବାଳିକାକୁ ଚାକିରି ଦେବାକୁ ଲଜକୁ ଡାକିଥିଲେ। ସେଠାରୁ ଦୁଇ ସାଙ୍ଗ ମିଶି ତାଙ୍କୁ ଦୁଷ୍କର୍ମ କରିଥିଲେ। କେବଳ ରାଜଧାନୀ ନୁହେଁ, ଓଡ଼ିଶାର ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ ଘଟଣା ପୂରା ରାଜ୍ୟକୁ ଚହଲାଇ ଦେଇଥିଲା।

## ସେକ୍ସ ରାକେଟ୍‌ରେ ନାବାଳିକା

ଜଣେ ମହିଳା ଝାଡ଼ଖଣ୍ଡର ୧୭ ବର୍ଷୀୟା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ପଳାଇଥିଲେ। କ୍ୟାପିଟାଲ ଥାନା ପୁଲିସ ସିସିଟିଭି କ୍ୟାମେରା ଫୁଟେଜରୁ ପ୍ରଥମେ ଅଟୋ ଚାଳକକୁ ଧରିବା ସହ ନାବାଳିକାଙ୍କ ରହଣି ସ୍ଥାନରେ ପହଞ୍ଚିଥିଲେ। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଦୁଷ୍କର୍ମ ଘଟଣାରୁ ଠାବ ହୋଇଥିଲା ସେକ୍ସ ରାକେଟ। ହାତଗଣତି ନୁହଁ, ଦୀର୍ଘ ୫ ବର୍ଷ ଧରି ଲକ୍ଷ୍ମୀସାଗରର ଯାଜ୍ଞସେନୀ ନିବାସରେ ସେକ୍ସ ରାକେଟ ଚାଲିଥିଲା। ସେହି ଘରୁ ୩ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ରାଣୀ ମହୁମାଛି, ଘର ମାଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା।

# ଅବଧିକୁ ପୂରିଲାଣି ୨ ବର୍ଷ
# କାମରେ ଲାଗୁନି ୧୨ ଶହ କୋଟିର ୨୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର

ଦୋବଲ/ଅସୁରାଳୀ,୩୦।୧୨(ସମିସ):



ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୧୯-୨୦ ଓ ୨୦୨୨-୨୩ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଞ୍ଚଳର ୨୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ପ୍ରାୟ ୧୨୭୧.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗ ପକ୍ଷରୁ ଠିକାଦାରଙ୍କୁ ଦିଆଯାଇଥିବା ଅବଧି ୨ ବର୍ଷ ହେବ ସରିଯାଇଥିଲେ ମଧ୍ୟ ବିଡିଓ ଓ ଏଇଇଙ୍କ ଅବହେଳା ପାଇଁ ଏଯାଏଁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ।

ପଧାନିଠାରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ଉଦଘାଟନ ସରିଥିଲେ ବି ତାହା କାର୍ଯ୍ୟକ୍ଷମ ହେଉନାହିଁ। ସେହିପରି ବମକୁରା, ଭଗବାନପୁର, ସହିଦନଗର, ଗୋବିନ୍ଦପୁର, ଫତେପୁର, ଫଳପୁର, ଅସୁରାଳି, ସୋହୋଡ଼ା, ଧୂଷୁରୀ, ଝାରିଡ଼ିଆଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଧୂଷୁରୀ ଅତିରିକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଶାଇ ୧୩ଟି ନିର୍ମାଣ ସରିଥିଲେ ମଧ୍ୟ ଧାମନଗର ବ୍ଲକ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରୁନାହାଁନ୍ତି। ବିରୁହାଁ, ଜୟନଗର, ଖପରପଦା, ନଦୀଗାଁ, ବେଦପୁର, ସହିଦନଗର, ବନ୍ଧଟିଆ, ଚୁଡ଼ାକୁଟି, ଆନନ୍ଦପୁର ଓ ସୋହୋଡ଼ା ଆଦି ୧୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଫିନିସିଂ କାର୍ଯ୍ୟ ଚାଲିଥିବା ଜଣାଯାଇଛି। ରଇପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପଡ଼ିଥିବାବେଳେ ବୟାଙ୍ଗଡିହ ସ୍ୱାସ୍ଥ୍ୟ ଉପକେନ୍ଦ୍ର ବିବାଦ ଯୋଗୁଁ ଅଧା କାମ ହୋଇ ବନ୍ଦ ରହିଛି। ଶେଷ ହୋଇ ନ ଥିବା ଉପକେନ୍ଦ୍ର ତୁରନ୍ତ ନିର୍ମାଣ ପାଇଁ ଠିକାଦାରଙ୍କୁ ତାଗିଦ ଓ ନିର୍ମାଣ ହୋଇଥିବା ଉପକେନ୍ଦ୍ରକୁ ହସ୍ତାନ୍ତର ପ୍ରକ୍ରିୟା ନ ହେବାରୁ ଗ୍ରାମାଞ୍ଚଳର ହଜାର ହଜାର ରୋଗୀ ସହଜରେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି, ପୁରୁଣା ଏଇଇ ବଦଳି ଓ ନୂଆଙ୍କ ଯୋଗଦାନ ଯୋଗୁଁ ନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ହସ୍ତାନ୍ତରୀକରଣ ବିଳମ୍ବ ହେଉଛି। ନୂଆବର୍ଷ ଆରମ୍ଭରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଠିକାଦାରମାନେ ତାଙ୍କ କାର୍ଯ୍ୟର ଟଙ୍କା ପାଇ ନ ଥିବାରୁ ଚାବି ଦେଉନାହାନ୍ତି। ଫଳରେ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଆଲୋଚନା ହେଉଛି। ଏ ଦିଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ନୂଆବର୍ଷ ପାଇଁ ଆଖଣ୍ଡଳମଣି ପୀଠରେ ପ୍ରସ୍ତୁତି ଚୂଡ଼ାନ୍ତ




ଭଦ୍ରକ/ଆରଡି,୩୦।୧୨(ସମିସ): ଇଂରାଜୀ ନବବର୍ଷ ଉପଲକ୍ଷେ ପ୍ରସିଦ୍ଧ ଶୈବ ଧାମ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବିଶେଷକରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ସହ ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଉଛି। ସେହିପରି ପୀଠର ପ୍ରବେଶ ପଥ ସହ ବାଇପାସ୍ ରାସ୍ତା, ବସଷ୍ଟାଣ୍ଡ ଆଦି ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା କରାଯିବ। ଏଥିସହ ମନ୍ଦିର ଭିତର ଓ ବାହାରେ ପୁଲିସ ମୃତ୍ୟୟନ ରହିବେ। ଜଳପଥରେ ଆସୁଥିବା ଭକ୍ତଙ୍କ ସୁରକ୍ଷା ନିମନ୍ତେ ବୈତରଣୀ ଓ ସାଳନ୍ଦୀ ନଦୀର ମୁଁଆଘାଟ, ତିନିତର ଘାଟ ଓ ଧାନଖଣିଆ ଘାଟରେ ଅଧିକ ସଂଖ୍ୟକ ମଟରଚାଳିତ ବୋଟ ନିୟୋଜିତ ରହିବା ସହ ଅଗ୍ନିଶମ ବାହିନୀ ଓ ପୁଲିସ ମୁତୟନ ରହିବେ। ଏଥିପାଇଁ ପୀଠରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

## ଶତାୟୁ କମ୍ୟୁନିଷ୍ଟ ନେତା ନବଘନ ସେନାପତିଙ୍କ ପରଲୋକ

ଭଦ୍ରକ,୩୦।୧୨(ସମିସ):ଅବିଭକ୍ତ ଯଶିପୁର ପଞ୍ଚାୟତର ସିପିଆଇ(ଏମ) ନେତା, ଓଡ଼ିଶା କୃଷକ ସଭାର ବରିଷ୍ଠ ନେତା ନବଘନ ସେନାପତି ୧୦୧ ବର୍ଷର୍ ବୟସରେ ବାର୍ଦ୍ଧକ୍ୟତା ଯୋଗୁଁ ତାଙ୍କ ସଦାନନ୍ଦପୁର ବାସଭବନରେ ମୃତ୍ୟୁବରଣ କରିଛନ୍ତି। ୧୯୨୪ରେ ଆଙ୍କପଡା ଗାଁରେ



ଜନ୍ମଗ୍ରହଣ କରିଥିବା ନବଘନ ସେନାପତି ବିପ୍ଳବୀ ଚକ୍ରଧର ବେହେରାଙ୍କ ସହ ମିଶି କନିକା ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିଥିଲେ। ପରେ ନୀଳଗିରି ପ୍ରଜା ଆନ୍ଦୋଳନର ମୁଖ୍ୟ ନେତା ବନମାଳୀ ଦାସଙ୍କ ସଂସ୍ପର୍ଶରେ ଆସି କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିଲେ। ଅବିଭକ୍ତ ଯଶିପୁର ପଞ୍ଚାୟତ ଓ ନୂଆଗାଁ ପଞ୍ଚାୟତ ସମେତ ଚାନ୍ଦବାଲି ବ୍ଲକର ଗରିବ ଖଟିଖିଆ ମେହନତି ମଣିଷଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ଲଢ଼େଇ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ଯଶିପୁର ଓ ନୂଆଗାଁ ପଞ୍ଚାୟତରେ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, ଗୌରାଙ୍ଗ ଜେନା, ବରିଷ୍ଠ ନେତା ରବି ପଟ୍ଟନାୟକ, ଅଭିରାମ ବଳ, ଜୟୀରାମ ଦାସ, ଇଂ. କାହ୍ନୁକିଶୋର ସାହୁ, ଅଶୋକ ବେହେରା, କମ୍ୟୁନିଷ୍ଟ ନେତା ରମାକାନ୍ତ ବେହେରା, ଦିବାକର ସେନାପତି, ଚାଷୀ ନେତା ଅମୂଲ୍ୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ତାଙ୍କ ଘରବାଡିରେ ସମାଧି ଦିଆଯାଇଥିଲା।

■ ନରସିଂହପୁର ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

## ଭଦ୍ରକ ସତ୍ୟ ଇଲେଭେନ ଷ୍ଟାର୍ ଚାମ୍ପିଅନ୍




ଅସୁରାଳୀ,୩୦।୧୨(ସମିସ): ନରସିଂହପୁର ପ୍ରିମିୟର୍ ଲିଗ୍ ସିଜନ-୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମଲ୍ଲିକାପୁରର ଏମ୍‌ବିସି ଟିମ୍ ଓ ଭଦ୍ରକ ସତ୍ୟ ଇଲେଭେନ ଷ୍ଟାର ପରସ୍ପରକୁ ଭେଟିଥିଲେ। ମଲ୍ଲିକାପୁର ଟସ୍ ଜିତି ବ୍ୟାଟିଂ କରି ୮ ଓଭରରେ ୧୯ ରନ୍ କରିଥିଲା। ଜବାବରେ ଭଦ୍ରକ କୌଣସି ୱିକେଟ୍ ନ ହରାଇ ୨୦ ରନ୍ କରି ସହଜରେ ବିଜୟୀ ହୋଇଥିଲା। ଚାମ୍ପିଅନ୍ ଦଳକୁ ୧୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ରନର୍ସଅପ୍ ମଲ୍ଲିକାପୁରକୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଇଁଠି ସାହୁ ସୁଇଟ୍ସ ମାଲିକ ଅନନ୍ତ ସାହୁ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ଆଖଣ୍ଡଳମଣି ଜୁଏଲାରୀ ମାଲିକ ମନୋଜ ସାହୁ, ଲଳିତ ଗୁପ୍ତା, ସମାଜସେବୀ ଦେବାନନ୍ଦ ହୋତା, ବାପୁନ ମହାରଣା, ଫନି ଭୂଷଣ ମଲ୍ଲିକ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଧୂଷୁରୀ ଅଞ୍ଚଳର ସରୋଜ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁଭମ ଗୁପ୍ତା, ଶୁଭମ ହୋତା, ମୁନା ମଲ୍ଲିକ, ଜୟନ୍ତ ସାହୁ, ମିଟୁ ହୋତା, ବାବୁଲି ବେହେରା, ସଚିନ ସାହୁ, ସିଦ୍ଧାର୍ଥ ସ୍ୱାଇଁ, ପପୁ ସ୍ୱାଇଁ, ଦେବାଶିଷ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୧୦୫ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



ଧାମନଗର,୩୦।୧୨(ସମିସ):ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହରେ ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ୧୦ଟା ସମୟରେ ଏହି ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶିବିରରେ ୧୦୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷ କରି ରାସନ, ଏନଆରଜିଏସ, ଜମିଜମା, ମେଡ଼ିକାଲ ସମସ୍ୟା, ଜଙ୍ଗଲ ବିଭାଗ ସମସ୍ୟା, ସରକାରୀ ଜମି ଜବରଦଖଲ ଉଚ୍ଛେଦ ଭଳି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି ଶିବିରରେ ଭଦ୍ରକ ଏସପି ମନୋଜ ରାଉତ, ଜିଲ୍ଲା ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଅଧିକାରୀ ସରୋଜ ଦତ୍ତ, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରାସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ଜିଲ୍ଲା ଓ ବ୍ଲକର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ରହି ୧୦୫ଟି ଅଭିଯୋଗର ଶୁଣାଣି କରିଥିଲେ।

## ଘଣ୍ଟେଶ୍ୱର ଆଞ୍ଚଳିକ ପାଚିକା ସହାୟିକା ସଂଘର ସମ୍ମିଳନୀ



ଭଦ୍ରକ,୩୦।୧୨(ସମିସ): ଘଣ୍ଟେଶ୍ୱର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାମ କରୁଥିବା ପାଚିକା ଓ ସହାୟିକାଙ୍କୁ ସ୍ଥାୟୀ ଶ୍ରମିକ ମାନ୍ୟତା ଦେବା, ପାଚିକା ସହାୟିକାଙ୍କୁ ମାସିକ ୨୬୦୦୦ ଟଙ୍କା ଦରମା, ମାସିକ ୫୦୦୦ ଟଙ୍କା ପେନସନ ଦେବା, ସମସ୍ତ ପାଚିକା ସହାୟିକାଙ୍କୁ ପକ୍କା ଘର ଦେବା, ସମସ୍ତ ପାଚିକା ସହାୟିକାଙ୍କୁ ବର୍ଷକୁ ୪ ଖଣ୍ଡ ଶାଢୀ ସରକାର ଯୋଗାଇ ଦେବା, ପାଚିକା ସହାୟିକାଙ୍କୁ ମୋବାଇଲ ଖର୍ଚ୍ଚ ମାସିକ ୫୦୦ ଟଙ୍କା ପ୍ରଦାନ, ଅତ୍ୟାବଶ୍ୟକ ସାମଗ୍ରୀ ଦର କମାଇବା ଆଦି ଦାବି ନେଇ ଓଡ଼ିଶା ପାଚିକା ସହାୟିକା ସଂଘର ଘଣ୍ଟେଶ୍ୱର ଆଞ୍ଚଳିକ ସମ୍ମିଳନୀ ବରିଷ୍ଠ ଶ୍ରମିକ ନେତା ବାଞ୍ଛାନିଧି ସାହୁଙ୍କ ସଭାପତିତ୍ୱରେ ଘଟେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିପିଆଇ(ଏମ) ଯୁବ ନେତା ବିକାଶ ନାଥ, ଇଂ.କାହ୍ନୁକିଶୋର ସାହୁ ପ୍ରମୁଖ ଯୋଗଦେଇ ପାଚିକା ଓ ସହାୟିକାଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ସଂପର୍କରେ ଆଲୋଚନା କରିବା ସହ ଆସନ୍ତା ଫେବୃଆରୀ ୧୨ ସର୍ବଭାରତୀୟ ଶ୍ରମିକ-କୃଷକ ଧର୍ମଘଟକୁ ଘଣ୍ଟେଶ୍ୱର ଅଞ୍ଚଳରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମ୍ମିଳନୀରେ ଆଞ୍ଚଳିକ ସଭାନେତ୍ରୀ ଭାବେ ରୁନୁରାଣୀ ଦାସ, ଉପସଭାନେତ୍ରୀ ଭାବେ ଟଭା ବିଶ୍ୱାଳ, ରେବତୀ ପ୍ରଧାନ, ମାଳତୀ ମହାକୁଡ, ସଂପାଦିକା ଭାବେ ରେଣୁକା ମହାରାଜ, ସହ ସଂପାଦିକା ଭାବେ ମନୋରମା ସାହୁ ଓ କୋଷାଧକ୍ଷା ଭାବେ ଝରଣା ପରିଡା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ



ବାରିକପୁର,୩୦।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ସଙ୍ଖୋଇ ମୁରଲୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସମାଜସେବୀ ନାରାୟଣ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରେଣୁବାଳା ରାଉତ, ପ୍ରାକ୍ତନ ସରପଞ୍ଚ ବେଣୁଧର ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ହାଁସଦା, ଅବସରପ୍ରାପ୍ତ ଶିକ୍ଷକ ଗୋଲଖ ନାୟକ, ସମାଜସେବୀ ମଦନମୋହନ ରାଉତ, ଭଗବତୀ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତାପ କେଶରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିକ୍ରମ କେଶରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ କଳା ଶିବିର



ବାରିକପୁର,୩୦।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ରାଜେନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁମନ୍ଦିରରେ ରାଜ୍ୟସ୍ତରୀୟ କଳା ଶିବିର ଅନୁଷ୍ଠିତ ହେଉଛି। ଶିକ୍ଷକ ପବନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଡ. ମୃତ୍ୟୁଞ୍ଜୟ ମହାପାତ୍ର, ପରିଚାଳନା ଟ୍ରଷ୍ଟି ରବିନାରାୟଣ ସାହୁ ଯୋଗଦେଇ କଳା କାର୍ଯ୍ୟଶାଳା ବିଷୟରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଉପଲକ୍ଷେ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଡ ରବିନାରାୟଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଦସ୍ୟ ପରିଚାଳନା କରିଥିଲେ। ଉକ୍ତ ଶିବିର ତିନିଦିନ ଧରି ଅନୁଷ୍ଠିତ ହେବ।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅନ୍ୱେଷଙ୍କ ସଫଳତା




ବନ୍ତ/ଆଗରପଡ଼ା,୩୦।୧୨(ସମିସ):"ପ୍ରଜ୍ଞାନ ମିଶନ' ହରିହରାନନ୍ଦ ଗୁରୁକୁଳମ ପୁରୀ ତରଫରୁ ସପ୍ତମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ହରିହରାନନ୍ଦ ଗୁରୁକୁଳମ, ବାଲିଘାଇ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଗରପଡାର ପଞ୍ଚମ ଶ୍ରେଣୀ ଛାତ୍ର ଅନ୍ୱେଶ ବିଶ୍ୱାଳ ଅଂଶଗ୍ରହଣ କରି ସ୍ୱତନ୍ତ୍ର ଭାବେ ପ୍ରଥମ ସ୍ଥାନ ଅଧିକାର କରି ଗଜପତି ମହାରାଜା ଦିବ୍ୟସିଂହ ଦେବ, ପରମହଂସ ପ୍ରଜ୍ଞାନାନନ୍ଦ ଗୁରୁଜୀଙ୍କଠାରୁ ପୁରସ୍କାର, ଉପଢୌକନ ଓ ଆଶୀର୍ବାଦପ୍ରାପ୍ତ ହୋଇ ନିଜ ବିଦ୍ୟାଳୟ ପାଇଁ ଗୌରବ ଆଣିବା ସଙ୍ଗେ ସଙ୍ଗେ ଭଦ୍ରକ ଜିଲ୍ଲା ଜନ୍ମସ୍ଥାନ ଆଗରପଡା ତଥା ନିଜ ଗ୍ରାମ ପୁରୁଷଣ୍ଡ ଓ ନିଜ ପରିବାର ପାଇଁ ଏକ ବିରଳ ଗୌରବ ଆଣିପାରିଛନ୍ତି। ଅନ୍ୱେଶ ୨୦୨୩-୨୪ ବର୍ଷରେ ମଧ୍ୟ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପରମ ପୂଜ୍ୟ ଗଜପତି ମହାରାଜା ଓ ପ୍ରଜ୍ଞାନ ବାବାଙ୍କ ନିକଟରୁ ପୁରସ୍କୃତ ହୋଇ ଆଶୀର୍ବାଦ ଲାଭ କରିଥିଲେ। ଅନ୍ୱେଶଙ୍କ ଏହି ସଫଳତାରେ ଆଗରପଡା ଅଞ୍ଚଳର ଜନ ସାଧାରଣ, ପିତାମାତା, ପରିବାରର ସମସ୍ତ ସଦସ୍ୟ, ଗୁରୁଜୀ, ଗୁରୁମା, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁ ଖୁସି ବ୍ୟକ୍ତ କରିଛନ୍ତି।

## ୨ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ, ୭ ଆହତ



ଭଦ୍ରକ,୩୦।୧୨(ସମିସ): ଭଦ୍ରକରେ ୨ ଗୋଷ୍ଠୀ କିନ୍ନରଙ୍କ ବିବାଦ ଥମିବାର ନାଁ ଧରୁନି। ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ଆଜି ସକାଳେ ଗୋଟିଏ ଗୋଷ୍ଠୀର ୪ ଜଣ କିନ୍ନରଙ୍କୁ ଆକ୍ରମଣ ସହ ଚୁଟି କାଟି ଦେଇଛନ୍ତି। ଏପରିକି ସେମାନଙ୍କଠାରୁ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ଚରମ୍ପାରେ ରହୁଥିବା ଶ୍ରାବଣୀ କିନ୍ନର ଓ ସଞ୍ଜନା ସାସମଲ କିନ୍ନର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ପୂର୍ବରୁ ମଧ୍ୟ ଟାଉନ ଥାନାରେ ଉଭୟଙ୍କ ବିରୋଧରେ ଅଭିଯୋଗ ସହ ମାମଲା ରୁଜୁ ହୋଇଛି। ଆଜି ସକାଳେ ଶ୍ରାବଣୀ ଗୋଷ୍ଠୀର ୪ ଜଣ ଘରକୁ ଫେରୁଥିବାବେଳେ ଚରମ୍ପା ଡଗରା ସାହି ନିକଟରେ ସଞ୍ଜନା ଗୋଷ୍ଠୀର କିଛି କିନ୍ନର ଓ କିଛି ଯୁବକ ଆକ୍ରମଣ କରି ଟଙ୍କା, ସୁନା ଛଡାଇ ନେଇଛନ୍ତି ଓ ଚୁଟି ମଧ୍ୟ କାଟି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଶ୍ରାବଣୀ ଗୋଷ୍ଠୀର



କିନ୍ନର ଭଦ୍ରକ ଟାଉନ ଥାନାରେ ଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପାଟିତୁଣ୍ଡ କରିଥିଲେ। ଅପରପକ୍ଷରେ ଆଜି ସନ୍ଧ୍ୟାରେ ସଞ୍ଜନାଙ୍କ ଗୋଷ୍ଠୀର ବହୁ କିନ୍ନର ଟାଉନ ଥାନାକୁ ଆସି ସେମାନଙ୍କ ଗୋଷ୍ଠୀର ୩ ଜଣଙ୍କୁ ଶ୍ରାବଣୀ କିନ୍ନର ଗୋଷ୍ଠୀ ଆକ୍ରମଣ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ଗୋଷ୍ଠୀର ଆହତ ୭ ଜଣଙ୍କୁ ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି। ଉଭୟ ଗୋଷ୍ଠୀଙ୍କ ଏତଲାକୁ ତଦନ୍ତ କରାଯାଉଥିବା କଥା ଟାଉନ ଥାନା ଆଇଆଇସି ପ୍ରଶାଂଶୁ ଶେଖର ମିଶ୍ର କହିଛନ୍ତି।

### ଆଗରପଡ଼ା ଯୁବ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ଦର୍ଶକଙ୍କ ମନ ମୋହିଲା ବଲାଙ୍ଗୀରର ଛଉ ନୃତ୍ୟ

ବନ୍ତ/ଆଗରପଡ଼ା,୩୦।୧୨(ସମିସ):



ଆଗରପଡ଼ା ଯୁବ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଇଂ.ଅମୀୟ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଂସ୍କୃତିକ ସଭାରେ ପିସିସି ଯୁବ ସଭାପତି ରଞ୍ଜିତ ପାତ୍ର ଯୋଗଦେଇ ସ୍ୱଦୃଢ ଗଣତନ୍ତ୍ରର ସୁରକ୍ଷା କ୍ଷେତ୍ରରେ ଆଜିର ଯୁବଶକ୍ତିର ନିର୍ଣ୍ଣାୟକ ଭୂମିକା ଅପରିହାର୍ଯ୍ୟ। ବିକାଶମୁଖି ଦେଶ ଗଠନରେ ପ୍ରଭାବଶାଳୀ ଦିଗପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ କାର୍ଯ୍ୟ ନିର୍ବାହ କରିବାର ଉପଯୁକ୍ତ ଦାୟାଦ ହେଉଛନ୍ତି ଆଜିର ଯୁବ ଗୋଷ୍ଠୀ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ୱାସିର ନୱାଜ ଯୋଗଦେଇ ବିଳାସ ନୁହେଁ ବିକାଶ, ଗତି ନୁହେଁ ପ୍ରଗତି, ଚେଷ୍ଟା ନୁହେଁ ନିଷ୍ଠା, ଦ୍ରଷ୍ଟା ନୁହେଁ ପରାକାଷ୍ଠା ଆଜିର ଯୁବଶକ୍ତିର ଧେୟ ହେଉ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ କଂଗ୍ରେସ ସଂପାଦକ ଅଭିଳାଷ ମାଣିଆ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ମନୋଜ ବିଶାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ସନ୍ଦୀପ ଜେନା, ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସାଦ ସାଦିକ, ବନ୍ତ ବ୍ଲକ ଯୁବ କଂଗ୍ରେସ ନେତା ମହେଶ୍ୱର ଦାସ, ନିରୋଜ ଆଇଚ ଯୋଗଦେଇ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଯୁବ ମହୋତ୍ସବ କମିଟିର ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କମିଟି ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ନୃସିଂହ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବଲାଙ୍ଗୀର ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଦର୍ଶକଙ୍କ ମନ ମୋହିଥିଲା। ଏଥିସହ ଗାଁ ଆଖଡା ବିଜେତା କ୍ରିଷ୍ଣା ଯାଦୁଗରଙ୍କ ଆକର୍ଷଣୀୟ ଯାଦୁ ଖେଳ ଦେଖାଇଥିଲେ। ଚଳିତ ବର୍ଷ ଯୁବ ମହୋତ୍ସବରେ ବିଶେଷ ଆକର୍ଷଣଭିତ୍ତିକ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ସୁନାବୋହୂ ଓ ସୁନାଝିଅ ଦର୍ଶକଙ୍କ ପାଇଁ ବେଶ ଆକର୍ଷଣ ସାଜିଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ସାମନ୍ତରାୟ, ପ୍ରଣୟ ସିଂହ, ପ୍ରଫୁଲ୍ଲ ବିଶ୍ୱାଳ, ହିମାଦ୍ରୀ ମହାନ୍ତି, ତପନ ପୃଷ୍ଟି, ବାବୁରାମ ବେହେରା, ହାପି ରାୟ, ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।





# ବିମାନ ପଥରେ ନିଶା କାରବାର

■ ଚଳିତ ବର୍ଷ ଜବତ ହେଲାଣି ୪୪ କୋଟିର ମାରିଜୁଆନା
■ ଭୁବନେଶ୍ୱର ବିମାନ ବନ୍ଦର ବ୍ୟାଙ୍କକ୍ ବେପାରୀଙ୍କ ପ୍ରବେଶପଥ

ଭୁବନେଶ୍ୱର, ୩୦।୧୨(ସମିସ): ବିମାନବନ୍ଦରରେ ସବୁ ସମୟରେ ହାଇ ସିକ୍ୟୁରିଟିରେ ରହୁଛି। ବିମାନବନ୍ଦରକୁ ତ୍ରୀସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ଏଠାରେ ରାଜ୍ୟ ପୁଲିସ ନୁହେଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିଆଇଏସ୍ଏଫ୍ ନିୟୋଜିତ ହୋଇଛନ୍ତି। ବସ୍ ଟର୍ମିନାଲ କିମ୍ବା ରେଳ ଷ୍ଟେସନ ଭଳି ସେତେଟା ଭିଡ ମଧ ନାହିଁ। ଲୋକଙ୍କୁ ଯାଞ୍ଚ କରିବାକୁ ଅତ୍ୟାଧୁନିକ ସ୍କାନର ଓ ଯନ୍ତ୍ରପାତି ମଧ ବ୍ୟବହାର କରାଯାଉଛି। ବହୁ ସ୍ଥାନରେ ଯାଞ୍ଚ କରାଯାଉଛି। ଏହା ସତ୍ତ୍ୱେ ବିମାନ ପଥ ନିଶା କାରବାର ପ୍ରମୁଖ କେନ୍ଦ୍ର ପାଲଟିଛି। ବିମାନପଥରେ ହେଉଛି ଅଧିକାଂଶ





ଦାମୀ ନିଶାର ଚୋରା ଚାଲାଣ।

ବ୍ୟାଙ୍କକ୍ର ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍ର ନଜର ଭୁବନେଶ୍ୱର ଉପରେ ପଡ଼ିଛି। ଆଉ ଭୁବନେଶ୍ୱର ବିମାନବନ୍ଦର ଭାରତକୁ ପ୍ରବେଶପଥ ପାଲଟିଛି। ଏମାନେ ଗୋଲ୍ଡେନ୍ ଟ୍ରାଇଆଙ୍ଗଲରୁ ବାହାରୁଥିବା ଗଞ୍ଜେଇ ଏବଂ ଡ୍ରଗ୍ସକୁ ଓଡ଼ିଶାରେ ପ୍ରଚଳନ କରିବାକୁ ଚାହୁଁଛନ୍ତି। ଏଠାର ନିଶା ବେପାରି ଦାମୀ ନିଶା ବିକ୍ରି କରି ମୋଟା ଅଙ୍କର ଟଙ୍କା କମାଇବାକୁ ବସିଛନ୍ତି। ଚଳିତବର୍ଷ ୪୪କୋଟି ଟଙ୍କାର ସାମଗ୍ରୀ କଷ୍ଟମ୍ ବିଭାଗ ଜବତ କରିଛି। ମଙ୍ଗଳବାର ୪ କେଜିର ମାରିଜୁଆନା ମିଳିଲା। ଜଣେ ଗୁଜୁରାଟି ଯୁବକ ଏହାକୁ ବ୍ୟାଗରେ ଭର୍ତ୍ତି କରି ଆଣୁଥିଲା ବେଳେ ଧରା ପଡ଼ିଛନ୍ତି। ସେହିପରି କିଏ ଜୋତା ତଳେ ଲୁଚାଇ ଗଞ୍ଜେଇ ଚାଲାଣ କରୁଛି। କିଏ ପାଣି ବୋତଲରେ ସ୍ୱତନ୍ତ୍ର ଚ୍ୟାମ୍ବର କରି ମାରିଜୁଆନା ଆଣୁଛି। ବିମାନବନ୍ଦରରେ ଏଭଳି ନିଶାଦ୍ରବ୍ୟର ଚୋରା ଚାଲାଣ ସୁରକ୍ଷା କର୍ମୀଙ୍କ ଚିନ୍ତା ବଢ଼ାଇଲାଣି।

ସେହିପରିର ଗତ ୪ ଅକ୍ଟୋବରରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩.୨ କିଲୋଗ୍ରାମ୍ ମାରିଜୁଆନା ଜବତ ହୋଇଥିଲା। ଯାହାର ମୁଖ୍ୟ ୩ କୋଟି ଟଙ୍କା ବୋଲି ଅନୁମାନ କରାଯାଇଥିଲା। ଏହି ଲିଙ୍କ୍ରେ କେରଳର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା। ମାରିଜୁଆନା ପ୍ୟାକେଟ୍ଗୁଡ଼ିକ ବ୍ୟାଙ୍କକ୍ରୁ ଆସିଥିବା କଷ୍ଟମ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ନିୟମିତ ଯାଞ୍ଚ ବେଳେ କଷ୍ଟମ୍ ବିଭାଗର ଅଧିକାରୀମାନେ ମାଡି ବସିଥିଲେ।

ଚଳିତ ବର୍ଷ ଭୁବନେଶ୍ୱର ବିମାନବନ୍ଦରରେ ଏପରି ଜବତ ଘଟଣା କୌଣସି ନୂଆ ନୁହେଁ। ଜାନୁଆରୀ ୨୦୨୫ ରେ, କଷ୍ଟମ ଅଧିକାରୀମାନେ ପ୍ରାୟ ୭ କୋଟି ଟଙ୍କାର ଚୋରା ସାମଗ୍ରୀ ସହିତ ଆଉ ଜଣେ କେରଳ ବାସିନ୍ଦାଙ୍କୁ ଗିରଫ କରିଥିଲେ। ଗତ ଜୁଲାଇ ୨୯, ୨୦୨୫ ରେ, ଅଧିକାରୀମାନେ ବ୍ୟାଙ୍କକରୁ ଏକ ବିମାନରେ ଛଅଟି ବ୍ୟାଗରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ କିଲୋ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଥିଲେ। ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ବୋଲି ସେହି ସମୟରେ କୁହାଯାଇଥିଲା। ଏହି ମାମଲାରେ ଉତ୍ତର ପ୍ରଦେଶର ତିନି ଜଣ ଯାତ୍ରୀଙ୍କୁ ଗିରଫ ହୋଇଥିଲେ।

## ସାତଦିନିଆ ଖାଦ୍ୟ ମହୋତ୍ସବ ଉଦ୍ଯାପିତ



ଭୁବନେଶ୍ୱର, ୩୦।୧୨(ସମିସ): ବିଶ୍ୱ ଓଡିଆ ପରିବାର ଦ୍ୱାରା ଭୁବନେଶ୍ୱର ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ସାତଦିନିଆ 'ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫' ଉଦ୍ଯାପିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଖାଦ୍ୟ ମହୋତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାର ବିଶିଷ୍ଟ ବ୍ୟଞ୍ଜନ ଉପଲବ୍ଧ ଥିଲା। ମହୋତ୍ସବ ପାଇଁ ୧୪୦ଟି ଷ୍ଟଲ୍ର ବ୍ୟବସ୍ଥା କରାଯାଇଥିଲା। ମହୋତ୍ସବର ଅଭ୍ୟର୍ଥନା କମିଟିର ସଂଯୋଜକ ଜଗନ୍ନାଥ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ମହୋତ୍ସବ ସମ୍ପାଦିତ ହୋଇଥିଲା। ଉଦ୍ଯାପନୀ ଦିବସରେ ଭକ୍ତଚରଣ ତ୍ରିପାଠୀ ଏବଂ ଭବାନୀ ପାଟ୍ଟଯୋଶୀ ସମ୍ପାଦନାରେ ସମ୍ପାଦିତ ଖାଦ୍ୟ ମହୋତ୍ସବର ସ୍ମରଣିକା 'ଅନ୍ନବ୍ରହ୍ମ'ର ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୧୨୦ ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଭିନ୍ନ ଦିନରେ କଣ୍ଠଶିଳ୍ପୀ 'ସହାୟ' ତରଫରୁ ଦିବ୍ୟାଙ୍ଗ କଳାକାରମାନେ, ଡିଭାଇନ୍ ଡ୍ୟାନ୍ସ ଏକାଡେମୀ, ଏଲିଗାନ୍ସ ଡ୍ୟାନ୍ସ ଷ୍ଟୁଡିଓ, ମଣ୍ଟୁ ଛୁରିଆ, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ବିଷ୍ଣୁମୋହନ କବି, ବର୍ଣ୍ଣାଳୀ ହୋତା ଏବଂ ଜୟଶ୍ରୀ ଧଳ ଆଦି ସଙ୍ଗୀତ ପରିବେଷଣ କରିଥିଲେ।

## ନୃତ୍ୟଶିଳ୍ପୀ ସମାବେଶ ଓ ଗୁରୁ ପୂଜନ



ଭୁବନେଶ୍ୱର, ୩୦।୧୨(ସମିସ): ଓଡ଼ିଶୀ ନୃତ୍ୟ ମଣ୍ଡଳର ବରିଷ୍ଠ ନୃତ୍ୟଶିଳ୍ପୀ ସମାବେଶ ଓ ଗୁରୁ ପୂଜନ କଟକ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶୀ ନୃତ୍ୟଶିଳ୍ପୀ ମମତା ଓଝା, କାଜଲ ମହାପାତ୍ର, ଅନସୂୟା ବାରିକ, ମଧୁସ୍ମିତା ପଣ୍ଡା, ସସ୍ମିତା ପଣ୍ଡା, ପୁରବୀ ଦାସ, ଇଞ୍ଜିନିଅର ରତ୍ନପର୍ଣ୍ଣା ନାୟକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ତଥା ଓଡିଶୀ ନୃତ୍ୟ ଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ପ୍ରମୁଖ ଗୁରୁପୂଜନ ସହ ପୁଷ୍ପ ମାଲ୍ୟ ଅଙ୍ଗବସ୍ତ୍ର ଦେଇ ଗୁରୁଙ୍କ ଆଶୀର୍ବାଦ ନେଇଥିଲେ। ନୃତ୍ୟ ଶିକ୍ଷା ସହ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେବାର ପ୍ରେରଣାକୁ ମନ ପକାଇଥିଲେ। ଓଡିଶୀ ନୃତ୍ୟ ମଣ୍ଡଳ ଦ୍ୱାରା ଆୟୋଜିତ ଆସନ୍ତା ଜାନୁଆରୀ ମାସ ୧୧ ତାରିଖରେ ବାରବାଟୀ ନୃତ୍ୟ ମହୋତ୍ସବରେ ସମବେତ ନୃତ୍ୟ ପରିବେଷଣ କରିବେ ବୋଲି ଗୁରୁ ଆଶିଷ ଦାସ ଜଣାଇଛନ୍ତି।

## ସିଟି ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର, ୩୦।୧୨(ସମିସ): ସିଟି ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ, କର୍ପୋରେଟର ବିନୟନୀ ଜେନା, ରାମଚନ୍ଦ୍ର ରଣସିଂହ, ସୁଚିତ୍ରା ପାତ୍ର, ସୁଜାତା ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ। ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷା ସୂର୍ଯ୍ୟଶାନ୍ତା ସତପଥୀ ପ୍ରାରମ୍ଭିକ ଅଭିଭାଦନ ପ୍ରଦାନ କରିଥିବା ବେଳେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମିତା କୁମାରୀ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ମହାବିଦ୍ୟାଳୟର ସାଧାରଣ ସମ୍ପାଦିକା ଉର୍ବୀ ସାହୁ ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍ଘାଟିତ

ଭୁବନେଶ୍ୱର, ୩୦।୧୨(ସମିସ): ଉତ୍କଳ ସମ୍ମିଳନୀର ୧୨୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ୟୁନିଟ୍ ୬ ସ୍ଥିତ ନୂଆ ଘର ଉଦ୍ଘାଟିତ ହୋଇଯାଇଛି। ଏଠାରେ ଅନୁଷ୍ଠିତ ସଭା ସମ୍ମିଳନୀ କେନ୍ଦ୍ରୀୟ ସଭାପତି, ରାଜ୍ୟ ବିଧି ଆୟୋଗ ସଦସ୍ୟ ତଥା ପ୍ରଖ୍ୟାତ ଫୌଜଦାରୀ ଅଧିବକ୍ତା ସୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଉପସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ପରିଚାଳନାରେ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ପ୍ରସାର ଭାରତୀର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ଗିରିଧାରୀ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ଦୈନିକ ସମୟର ମୁଖ୍ୟ ସମ୍ପାଦକ ଡ ଗୁରୁକଲ୍ୟାଣ ମହାପାତ୍ର ଯୋଗ ଦେଇଥିଲେ। ଆଜିର ସଭା ପୂର୍ବରୁ ସମ୍ମିଳନୀର ମୁଖ୍ୟ ଉପଦେଷ୍ଟା ଡ ବସନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ସାଧାରଣ ସମ୍ପାଦକ ଡ଼ା ରାଧାନାଥ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

● ଓୟୁଏଟି ଶିକ୍ଷକ ମହାସଂଘ ନିର୍ବାଚନ

## କ୍ଷୀତିଶ ଷଡ଼ଙ୍ଗୀ ସଭାପତି ଓ ପ୍ରଦୀପ୍ତ ସାହୁ ସାଧାରଣ ସମ୍ପାଦକ



ଭୁବନେଶ୍ୱର, ୩୦।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଶିକ୍ଷକ ମହାସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ କୃଷି ଓ ଅର୍ଥନୀତି ବିଭାଗର ଅଧ୍ୟାପକ ଡ. କ୍ଷିତିଶ କୁମାର ଷଡ଼ଙ୍ଗୀ ନିର୍ବାଚିତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ, ଉପ-ସଭାପତି ଭାବେ ଡ. ବିମଳେନ୍ଦୁ ମହାନ୍ତି, ସହ-ସମ୍ପାଦକ ଭାବେ ଡ. ଲଳିତ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ଭାବରେ ଡ. ବିପିନ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ସମସ୍ତ ନୂତନ ସଦସ୍ୟ କୁଳପତିଙ୍କୁ ସାକ୍ଷାତ କରି ଶିକ୍ଷକ ଓ ଅଣଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମେତ ଶୈକ୍ଷିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଅଣଶିକ୍ଷକ ସଂଘର ସଭାପତି ରଞ୍ଜନ କୁମାର ସାମନ୍ତରାୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ତହସିଲ ସାମ୍ନାରୁ ହଟିଲା ଜବରଦଖଲ



ବାଲିପାଟଣା, ୩୦।୧୨(ସମିସ): ବାଲିପାଟଣା ତହସିଲ କାର୍ଯ୍ୟାଳୟ ସାମ୍ନାରୁ ଦୀର୍ଘଦିନ ଧରି ହୋଇଆସୁଥିବା ଜବରଦଖଲ ଆଜି ପ୍ରଶାସନ ପକ୍ଷରୁ ହଟାଯାଇଛି। ପୂର୍ବରୁ ଜାରି ହୋଇଥିବା ନୋଟିସ ପରେ ମଙ୍ଗଳବାର ବାଲିପାଟଣା ହାଟ ଅଞ୍ଚଳରେ ବୁଲଡୋଜର ଚଳାଇ ଅବୈଧ ନିର୍ମାଣ ଭାଙ୍ଗାଯାଇଛି। ଆଜିର ଅଭିଯାନ ସମୟରେ ବାଲିପାଟଣାର ଜନସାଧାରଣ ତହସିଲଦାର ଓ ଅନ୍ୟମାନଙ୍କୁ ପ୍ରଶଂସା କରିଥଲେ। ଏହି ଅଭିଯାନରେ ତହସିଲଦାର କଳ୍ପନା ଦାସ, ଅତିରିକ୍ତ ତହସିଲଦାର ସୌରଭ ବଡୁ, ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ସହ ତହସିଲ ଓ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଆଗକୁ ମଧ ଏହିଭଳି ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରସ୍ତୁତି ଚାଲିଛି।

## ତୃତୀୟ ସପ୍ତାହରେ 'ମୋଟରସାଇକେଲ'



ଭୁବନେଶ୍ୱର, ୩୦।୧୨(ସମିସ): ଓଡ଼ିଆ ସିନେମା 'ମୋଟରସାଇକେଲ' ସଫଳତାର ସହ ତୃତୀୟ ସପ୍ତାହରେ ପ୍ରବେଶ କରିଛି। ମୁକ୍ତିଲଭା କରିବା ଦିନରୁ ସିନେମାଟି ଦର୍ଶକଙ୍କ ଆଦୃତ ଲାଭ କରିବା ସହ ପ୍ରଶଂସା ସାଉଁଟିଛି। ବିଶ୍ୱାଳ ଫିଲ୍ମସ ବ୍ୟାନର୍ରେ ପ୍ରସ୍ତୁତ ଓଡ଼ିଆ ଫିଚର ଫିଲ୍ମ 'ମୋଟରସାଇକେଲ' ସାରା ଓଡ଼ିଶାର ସିନେମା ହଲ୍ରେ ମୁକ୍ତିଲାଭ କରିଛି। ସିନେମାର ପ୍ରଯୋଜିକା ରହିଛନ୍ତି ଝୁନିଲତା ବିଶ୍ୱାଳ ଓ ନିର୍ଦ୍ଦେଶକ ରହିଛନ୍ତି ଅଶ୍ୱିନୀ ତ୍ରିପାଠୀ। ଏଥିରେ କୁନା ତ୍ରିପାଠୀ, ଜ୍ୟୋତିରଞ୍ଜନ ନାୟକ, ଅଭିଷେକ ପଣ୍ଡା, ପ୍ରୀତି, ପିହୁ, ପୃଥ୍ୱୀରାଜ, ଆଲିଶା, ଭାସ୍ୱତୀ ବସୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ସିନେମାରେ କଣ୍ଠଦାନ କରିଛନ୍ତି ସ୍ୱର୍ଗତଃ ହ୍ୟୁମାନ ସାଗର।

# ଜିରୋ ନାଇଟ୍ ସେଲିବ୍ରେସନ୍ ଆଜି

ଭୁବନେଶ୍ୱର, ୩୦।୧୨(ସମିସ): ନୂଆବର୍ଷକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଓ ଉଦ୍ଦୀପନା। ଚାରିଆଡ଼େ ଉତ୍ସାହର ମାହୋଲ୍। କେଉଁଠି ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଶୈଳୀରେ ପଞ୍ଚତାରକା ହୋଟେଲ, କ୍ଲବ ଓ ପବ୍ରେ ନୃତ୍ୟ, ଗୀତ ଓ ମଦମାଂସର ଆୟୋଜନ କରାଯାଉଛି। ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେବ ସେଥିପାଇଁ କିଏ ମନ୍ଦିରରେ ପ୍ରାର୍ଥନା କରିବେ ତ ଆଉ କିଏ ପାର୍କ, ଫିଲ୍ମ ହଲ୍ରେ କରିବେ ସେଲିବ୍ରେସନ୍। ଏଥିପାଇଁ ଲିଙ୍ଗରାଜମନ୍ଦିର, ରାମମନ୍ଦିର, ଇସ୍କନ ଓ ଶିରିଡ଼ି ସାଇ ମନ୍ଦିରରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍ଦାର କରାଯାଇଛି। ସେହିପରି ପର୍ଯ୍ୟଟନସ୍ଥଳୀରେ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବପ୍ରସ୍ତୁତି କରାଯାଇଛି। ବୁଧବାର ଦିନ ଧଉଳି ଶାନ୍ତିସ୍ତୁପ, ଡେରାସ୍, ଝୁମୁକା ଆଦି ସ୍ଥାନଗଡ଼ିକରେ ପର୍ଯ୍ୟଟକମାନେ ବଣଭୋଜି ପାଇଁ ବୁକିଂ ହୋଇଥିବା ସୂଚନା ରହିଛି। ଏହାସହ ରାଜ୍ୟ ସଂଗ୍ରହାଳୟ, ଗଣ୍ଡମୁଣ୍ଡାସ୍ଥିତ କଳାଭୂମି ସଂଗ୍ରହାଳୟ, ଏସ୍ସିଏସ୍ଟି ସଂଗ୍ରହାଳୟ, ପ୍ଲାନେଟୋରିୟମ୍ ଓ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ସମେତ ରାଜଧାନୀର ବିଭିନ୍ନ ମଲ୍ରେ ଲାଇଭ୍ ମ୍ୟୁଜିକ୍ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଜିରୋ ନାଇଟ୍ ପାଇଁ ବଲିଉଡ୍ ଷ୍ଟାଇଲରେ ବିଭିନ୍ନ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ଡିଜାଇନ୍ରେ ସଜ୍ଜିତ ହୋଇଛି ହୋଟେଲ ଏବଂ ରେସ୍ତୋରାଁ। ହୋଟେଲଗୁଡ଼ିକ ପକ୍ଷରୁ ପ୍ରସ୍ତୁତ କରାଯାଉଛି ସ୍ୱତନ୍ତ୍ର ମେନ୍ୟୁ। ପାରମ୍ପରିକ ଖାଦ୍ୟ ଠାରୁ ଆରମ୍ଭ କରି କଣ୍ଟିନେଣ୍ଟାଲ, ଚାଇନିଜ୍ ଆଦି ଶହେରୁ ଅଧିକ ଉଭୟ ଭେଜ୍ ଓ ନନ୍ଭେଜ୍ ଡିସ୍ ଗ୍ରାହକଙ୍କୁ ଭେଟି ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ହୋଟେଲ ମେ ଫେୟାର, ଲେମନ୍ ଟ୍ରୀ, ସାଣ୍ଡିସ୍ ଟାୱାର, ବିଭାନ୍ତ, ହୋଟେଲ ଏଚଏଚ୍ଆଇ, ସିସ୍ଲୋ ଆଦି ଷ୍ଟାର ହୋଟେଲରେ ସ୍ୱତନ୍ତ୍ର ସେଲିବ୍ରେସନ୍ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ସ୍ପେଶାଲ ବୁଫେ ସାଙ୍ଗକୁ ରହିଛି ଲାଇଭ୍ ସଙ୍ଗ୍। ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ରାତି ୧୨ଟା ଯାଏ ହୋଟେଲଗୁଡ଼ିକରେ ଉତ୍ସବ ପାଳନ କରାଯିବ ବୋଲି ବିଭିନ୍ନ ହୋଟେଲ ପକ୍ଷରୁ ସୂଚନା ମିଳିଛି।

ନୂଆବର୍ଷର ମନୋରଞ୍ଜନକୁ ଖୋରାକ ଯୋଗାଉଛି କେକ୍ ଆଉ ଛେନାପୋଡ଼ର ଉପସ୍ଥିତି। ସବୁ ବେକେରୀ ଦୋକାନ ସାଙ୍ଗକୁ ମିଠା ଦୋକାନରେ ଆଗୁଆ ଅର୍ଡର ପାଇଁ ଆରମ୍ଭ ହେଇଗଲାଣି ଭିଡ଼। ଏବେଠୁ ଅର୍ଡର ଅନୁଯାୟୀ ମିଠା ଆଉ କେକ୍ର ପ୍ରସ୍ତୁତିରେ ଲାଗିଗଲେଣି କାରିଗର। ଲୋକ ଏବେଠାରୁ ବିଭିନ୍ନ ଡିଜାଇନ୍ର କେକ୍ ଅର୍ଡର ଦେବା ଆରମ୍ଭ କଲେଣି। ଏନେଇ ଗୋକୁଲ କେକ୍ ସପ୍ର ଜଣେ କର୍ମଚାରୀ କୁହନ୍ତି ଏବେ କେବଳ ଯୁବପିଢ଼ି ନୁହଁ ପରିବାରମାନଙ୍କରୁ ମଧ ଏହି ଦିନଗୁଡିକରେ ବେଶୀ ଅର୍ଡର ଆସୁଛି। ନୂଆ ବର୍ଷ ପାଇଁ ବିଭିନ୍ନ ଥିମ୍ର କେକର ମୂଲ୍ୟ ୩ ଶହରୁ ହଜାରେ ପର୍ଯ୍ୟନ୍ତ ରହିଛି।




### କେକ୍ ବଦଳରେ ପୋଡ଼



ବର୍ତ୍ତମାନ ସମୟରେ କେବଳ କେକ୍ ନୁହଁ କିଛି ଲୋକ କେକ୍ ବଦଳରେ ଛେନାପୋଡ଼କୁ କାଟି ଖୁସି ମନେଇବାକୁ ପସନ୍ଦ କରୁଛନ୍ତି। ଏ ନେଇ ୪୦ ବର୍ଷ ହେବ ଜାଗମରାରେ ନିଜ ମିଠା ଦୋକାନ କରିଥିବା ହୃଷୀକେଶ କୁହନ୍ତି ଓଡ଼ିଶାର ପ୍ରସିଦ୍ଧ ମିଠା ମଧ୍ୟରୁ ଛେନାପୋଡ଼ ଅନ୍ୟତମ। ଆଗରୁ ଛେନାପୋଡ଼ର ଚାହିଦା ଥିଲେ ବି ଲୋକ ଏବେ ଖୁସି ଦିନ ଗୁଡିକରେ ସେଲିବ୍ରେସନ ପାଇଁ କେକ୍ ବଦଳରେ ଛେନାପୋଡ଼ ଖୋଜୁଛନ୍ତି। ମିଠା ଖୁସିରେ ଘରକୁ ନେବାକୁ ସମସ୍ତେ ଶୁଭ ଭାବିଥାନ୍ତି ବା ଘରେ ସାଧାରଣତଃ ବୟଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ କେକ୍ ବଦଳରେ ଛେନାପୋଡ଼ ପସନ୍ଦ କରୁଥିବାରୁ ଏହାର ଚାହିଦା ବଢ଼ିବାର ଲାଗିଛି। ନୂଆ ବର୍ଷ ପାଇଁ ବର୍ତ୍ତମାନସୁଦ୍ଧା ଦଶଟି ଅର୍ଡର ଆସିସାରିଛି। ବାକି କିଛି ଲୋକ ବିନା ଅର୍ଡର ମଧ କିଣିବାକୁ ଆସିଥାନ୍ତି।

## ନୂଆବର୍ଷ କାହା ପାଇଁ କେମିତି

ଭୁବନେଶ୍ୱର, ୩୦।୧୨(ସମିସ): ଦିନକ ପରେ କାନ୍ଥରେ ଟଙ୍ଗା ଚିହ୍ନା କ୍ୟାଲେଣ୍ଡର ଓହ୍ଲେଇ ଆସିବ। ଠିକ୍ ସେଇଠି ଝୁଲିବ ନୂଆ ଏକ ଆଶା, ଉତ୍ସାହ ଆଉ ସ୍ୱପ୍ନ। ପୁରୁଣା ଦିନର କ୍ଷତ, ଅବସୋସ, ସଙ୍କେତ, ସଙ୍କୋଚ ସବୁ କିଛି ଝାଡ଼ିଝୁଡ଼ି ଦେଇ ପୁଣି ଠିଆ ହେବ ମାଟିର ମଣିଷ। ଜିଇଁବାର ଇଚ୍ଛାକୁ ଆଉ ଟିକେ ପାଖରୁ ଦେଖିବ, ଚିହ୍ନିବ, ଭୋଗିବ ନୂଆ ଏକ ସୂର୍ଯ୍ୟୋଦୟ। ତେବେ ଏ ବର୍ଷ ବଦଳର ଅନୁଭବ ସମସ୍ତଙ୍କ ପାଇଁ ଭିନ୍ନ। କାହା ପାଇଁ ଗଲାକାଲି ଆଉ ଆଜି ଭିତରେ କିଛି ବି ଫରକ ନଥିବା ବେଳେ ଆଉ କେଉଁଠି ଆନନ୍ଦ ଉଲ୍ଲାସର ଏକ ପୁଲକ। ଏ ସବୁକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା 'ନୂଆ ବର୍ଷ: କାହା ପାଇଁ କେମିତି'।

### ସେମାନଙ୍କ ମୁହଁରୁ



ଏବର୍ଷ ଓଡିଆର ଭଲ ଭଲ ସିନେମା ଆସିଛି। ନୂଆ ବର୍ଷରେ ଆହୁରି ଆସିବ ବୋଲି ଆଶା। ନିକଟରେ ମୋର ଆସିଥିବା ସିନେମା ମଧ ଲୋକାଦୃତ ହୋଇଛି ସେଥିପାଇଁ ମୁଁ ଖୁସି। ୩୧ ଡିସେମ୍ବରରେ ଯେଉଁମାନେ ସବୁ ମଉଜ ମସ୍ତି କରୁଛନ୍ତି ବା ଧୁମଧାମରେ ସେଲିବ୍ରେସନ କରୁଛନ୍ତି, ଜଣେ ଓଡ଼ିଆ ହିସାବରେ ସେଥିରେ ଶାଳୀନତା ରକ୍ଷା କରନ୍ତୁ।

-କୁନା ତ୍ରିପାଠୀ, ବରିଷ୍ଠ ଅଭିନେତା



କଳାକାରଙ୍କ ପାଇଁ ୩୧ ଡିସେମ୍ବର ଶୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ରହିଥାଏ। ଆସନ୍ତା ବର୍ଷ ମୋର ଦୁଇଟି ଗୀତ ଆସିବାକୁ ଯାଉଛି। ୨୦୨୫ ମଧ ଭଲରେ କଟିଛି। ତେଣୁ ମୋ ପାଇଁ ନୂଆ ବର୍ଷ ନୂଆ ଆଶାର ପ୍ରତୀକ ବୋଲି କହିବି। କାଲି ଏବଂ ନୂଆ ବର୍ଷ ଆସିବା ପର୍ଯ୍ୟନ୍ତ ଶୋରେ ହିଁ ବ୍ୟସ୍ତ ରହିବି। ଲୋକଙ୍କଠୁ ନୂଆ ବର୍ଷରେ ବହୁତ ସାରା ସ୍ନେହ ଏବଂ ଭଲ ପାଇବା ଆଶା କରୁଛି।

-ବର୍ଣ୍ଣାଳି ହୋତା, କଣ୍ଠଶିଳ୍ପୀ



- ମୋ ପାଇଁ ନୂଆବର୍ଷ ହେଉ କି ପୁରୁଣା ବର୍ଷ ସବୁ ସମାନ ପରି ଲାଗେ। କେବଳ ମୋ ପାଇଁ ମସିହା ବଦଳିଥାଏ। କାରଣ ମୁଁ ଜଣେ ଡେଲିଭରି ବୟ, ତେଣୁ ଲୋକଙ୍କ ପାଖରେ ଖାଇବା ପହଞ୍ଚାଇବା ମୋ କାମ। ଯେଉଁଥିରେ ମୋର ଘରେ ଚଳେ। ସେଥିପାଇଁ କୌଣସି ସେଲିବ୍ରେସନ ନା ଆଉ କିଛି। ସବୁଦିନ ପରି ସେହି ଦିନ ବି କାମରେ କଟିଥାଏ। ତଥାପି ଆଶା କରୁଛି ୨୦୨୬ ସମସ୍ତଙ୍କ ଜୀବନରେ ଖୁସି ଭରିଦେଉ।

-ପ୍ରକାଶ ବିଶ୍ୱାଳ, ଡେଲିଭରି ବଏ



ନୂଆ ବର୍ଷରେ କିଛି ନୂଆ କରିବାର ଖୁସି ସମସ୍ତଙ୍କ ମନରେ ଥାଏ। ସେଥିପାଇଁ ଏହି ଦିନକୁ ସମସ୍ତେ ଚାହିଁ ବସିଥାନ୍ତି। ମୁଁ ମଧ ସେତିକି ଉତ୍ସାହିତ ଅଛି। ପରିବାର ସହ ସମୟ ବିତାଇବା ଏବଂ ସାଙ୍ଗସାଥୀଙ୍କ ମେଳରେ ଭୋଜି ପାଇଁ ମୋର ଯୋଜନା ରହିଛି। ଆସନ୍ତା ବର୍ଷରେ ମୋର ପାଠପଢ଼ାରେ ବିଶେଷ ଧ୍ୟାନ ଦେବି ବୋଲି ମନସ୍ଥ କରିଛି। ୨୦୨୬ ସମସ୍ତଙ୍କ ପାଇଁ ଶୁଭ ହେଉ ପ୍ରାର୍ଥନା।

ପୂର୍ଣ୍ଣଚନ୍ଦ୍ର ଯେନା, ସ୍ନାତକ ଛାତ୍ର



- ନୂଆବର୍ଷ କହିଲେ ଆମ ପାଇଁ କିଛି ନୂଆ ନୁହଁ। ପ୍ରତ୍ୟେକ ଦିନ ଭଳି ସେଇ ସମାନ ଭାବେ କଟେ ଦିନ। ବଢ଼ିଲା ବୟସ ସାଙ୍ଗକୁ ସ୍ୱାମୀ, ସ୍ତ୍ରୀ ଦୁହେଁ ଦୁହିଁଙ୍କ ପାଇଁ ସାହାରା। ପ୍ରତ୍ୟେକ ଦିନ ଗ୍ରାହକଙ୍କ ଅପେକ୍ଷାରେ ଦିନ କଟେ। ଆମ ପାଇଁ ଏ ବାର୍ଦ୍ଧକ୍ୟରେ କଣ ନୂଆ କଣ ପୁରୁଣା। ଆଜି ଯାହା ସବୁଦିନ ସେୟା। କେଉଁ ଦିନ କିଛି ଅଧିକ ଗ୍ରାହକ ଦୋକାନକୁ ଆସିଲେ, ସେଇଟାହିଁ ଆମ ପାଇଁ ଅଧିକ ଖୁସି। କାରଣ ସେଥିରେ ହିଁ ଘର ଚଳୁଛି।

-ରାମଚନ୍ଦ୍ର ସାହୁ, ରାସ୍ତାକଡ ଦୋକାନୀ

# ନୂଆବର୍ଷ ଭୋଜି ଫିକା !

■ ଆଜି ଆଗୁଆ ବଣଭୋଜି ଆସର
■ ଆମିଷ ବ୍ୟବସାୟ ଟପିବ ୩ କୋଟି

ଚଳିତ ବର୍ଷ ଗୁରୁବାର ବଡ଼ଦିନ ପଡ଼ିଥିବାରୁ ସେହିଦିନ ପରିବେର୍ତ୍ତେ ବଡ଼ଦିନର ପୂର୍ବଦିନ ଏବଂ ପରଦିନ ବିଭିନ୍ନ ସ୍ଥାନରେ ଭୋଜିର ଆସର ଜମିଥିଲା। ନୂଆବର୍ଷ ଭୋଜି ବି ପୂର୍ବଦିନ ଅର୍ଥାତ୍ ବୁଧବାର ଜମିବ। ଏଥିପାଇଁ ବିଭିନ୍ନ ବଣଭୋଜି ସ୍ଥଳରେ ଆଗୁଆ ବୁକିଂ ହୋଇଥିବା ଜଣାପଡ଼ିଛି। ତେବେ ବୁଧବାର ଆମିଷ ଭୋଜି ପାଇଁ ରାଜଧାନୀରେ ପ୍ରଚୁର ପରିମାଣରେ ଛେଳି, କୁକୁଡ଼ା, ମାଛ, ଅଣ୍ଡା ଆଦି ଆମଦାନୀ ହୋଇଥିବା ଜଣାପଡ଼ିଛି। ଏହି ଦିନରେ ଆମିଷ ବ୍ୟବସାୟ ୩ କୋଟି ଛୁଇଁବ ବୋଲି ଅଲ୍ ଓଡ଼ିଶା ନନଭେଜ୍ ଟ୍ରେଡର୍ସ ଫେଡେରେସନ ପକ୍ଷରୁ କୁହାଯାଇଛି। ନୂଆବର୍ଷ ଭୋଜି ପାଇଁ ସହରର ପ୍ରମୁଖ ମାର୍କେଟ୍ ୪ନମ୍ବର ଆମିଷ ମାର୍କେଟ, ୧ନମ୍ବର ମାଛ ମାର୍କେଟ୍, ବଡଗଡ଼ ମାଛ ମାର୍କେଟ୍, ଡମଣା ମାଛ ମାର୍କେଟ୍, ଡମଣା ଆଦି ଆମିଷ ମାର୍କେଟରେ ପୂର୍ବରୁ ବଇନା ଦିଆଯାଇଛି। ଗ୍ରାହକଙ୍କ ଚାହିଦାକୁ ଆଖିଆଗରେ ରଖି ବ୍ୟବସାୟୀମାନେ ବଲାଙ୍ଗିର, କଳାହାଣ୍ଡି, ବେଙ୍ଗଲ, କାକଟପୁର, ନିମାପଡ଼ା ଆଦି ସ୍ଥାନରୁ ଖାସି ଆମଦାନୀ କରିଛନ୍ତି। ସେହିଭଳି ନୂଆବର୍ଷ ପରଦିନ ଅର୍ଥାତ୍ ଶୁକ୍ରବାର ଭୋଜି ପାଇଁ ମଧ କେତେକ ଯୋଜନା କରିଥିବା ଜଣାପଡ଼ିଛି। ଏନେଇ ଅଲ୍ ଓଡ଼ିଶା ନନଭେଜ୍ ଟ୍ରେଡର୍ସ ଫେଡେରେସନର ସଭାପତି ସେକ୍ ମଣ୍ଟାକିମ୍ କହିଛନ୍ତି ଯେ, ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସମସ୍ତ ଆମିଷ ପ୍ରଚୁର ପରିମାଣରେ ଆମଦାନୀ ହୋଇଛି। ତେବେ ଏହିଦିନ ସମସ୍ତ ଆମିଷର ଦର ସମାନ ରହିବ। ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରିପାରିବେ ନାହିଁ ବୋଲି ସେ କହିଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ଖାଲିପଡ଼ିଛି ୬୦ ପଦବୀ; ୩୮ ଜଣ ଅଧ୍ୟାପକରେ ଚାଲିଛି ଶିକ୍ଷାଦାନ

ବାରିପଦା, ୩୦।୧୨(ସମିସ):ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ସମେତ ଅନ୍ୟାନ୍ୟ ପଦପଦବୀ ଅଧାରରୁ ଅଧିକ ଖାଲିପଡ଼ିଛି। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବାଧା ପାଇଁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ସହିତ ଅନ୍ୟ କାର୍ଯ୍ୟ ପ୍ରଭାବିତ ହେଉଛି। ଯାହା ପାଇଁ ପୁଞ୍ଜିଭୂତ ଛାତ୍ର ଅଶାନ୍ତି ଆନ୍ଦୋଳନ ରୂପ ଧାରଣ କରିବାକୁ ଯାଉଛି।




■ ୫ଟି ବିଭାଗରେ କେହିନାହାନ୍ତି
■ ୧୪୧ କର୍ମଚାରୀ ମଧ୍ୟରୁ ୮୬ଟି ପଦବୀ ଖାଲି

ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଶିକ୍ଷାନୀତି ଆରମ୍ଭ ହୋଇଛି। ଏଥିପାଇଁ ପ୍ରାକ୍ ବିଦ୍ୟାଳୟ ସ୍ତରରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ହୋଇପାରୁ ନ ଥିବାରୁ ଶିକ୍ଷାଦାନ ଓ ଉଚ୍ଚଶିକ୍ଷାରେ ବାଧା ଉପୁଜିଛି। ଏପରିକି ଛାତ୍ରୀଛାତ୍ର ବେସରକାରୀ ସ୍ତରରେ କୋଚିଂ କିମ୍ବା ଟିଉସନ ଉପରେ ନିର୍ଭର କରି ଯୋଗ୍ୟତାଭିତ୍ତିକ ସାର୍ଟିଫିକେଟ ହାସଲ କରୁଛନ୍ତି। ୨୮ ବର୍ଷରେ ପଦାର୍ପଣ କରିଥିବା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାକ୍ ଦ୍ୱାରା 'ଏ' ଗ୍ରେଡ ମାନ୍ୟତା ପାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ୧୭ଟି ବିଭାଗ ବା ବିଷୟରେ ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ହେଉଛି। ଏଥିପାଇଁ ସରକାରୀ ଭାବେ ୯୮ ଜଣ ଅଧ୍ୟାପକ ରହିବାକୁ ଥିବାବେଳେ ୬୦ଟି ଖାଲିପଡ଼ିଛି। ମାତ୍ର ୩୮ ଜଣ ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ଜାରି ରହିଛି।

ସବୁଠୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ମଧ୍ୟରେ ୫ଟି ବିଭାଗ ମଧ୍ୟରୁ ଏମବିଏ, ଏମଏସଡବ୍ଲ୍ୟୁ, ଶିକ୍ଷା, ଗଣିତ, ଇଣ୍ଟିଗ୍ରେଟେଡ ବିଏଡ ଓ ଏମଏଡ୍‌ରେ ୬ଟି ଲେଖାଏଁ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଥିବାବେଳେ ସମସ୍ତ ପଦବୀ ଖାଲି ପଡ଼ିଛି। ସେହିପରି ଉଭିଦ ବିଜ୍ଞାନରେ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୬ଟି ମଞ୍ଜୁରୀ ପଦବୀରୁ ୩ଟି, ବାୟୋଟେକ୍ନୋଲଜିରେ ୬ଟି ପଦବୀରୁ ୨ଟି ପଦବୀ, କମ୍ପ୍ୟୁଟର ଆପ୍ଲିକେଶନ ବିଭାଗରେ ୬ଟି ପଦବୀରୁ ୩ଟି, ଅର୍ଥନୀତି ବିଭାଗରେ ୬ରୁ ୪ ପଦବୀ, ପଦାର୍ଥ ବିଜ୍ଞାନ ବିଭାଗରେ ୬ରୁ ୨ଟି, ରସାୟନ ବିଜ୍ଞାନ ବିଭାଗରେ ୬ରୁ ୧ଟି, ପ୍ରାଣୀ ବିଜ୍ଞାନ ବିଭାଗର ୬ ପଦବୀରୁ ୧ଟି, ସାନ୍ତାଳୀ ବିଭାଗର ୫ଟି ପଦବୀରୁ ୪ଟି, ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଭାଗରେ ୬ଟି ପଦବୀରୁ ୨ଟି, ବନ୍ୟପ୍ରାଣୀ ବିବିଧତା ବିଭାଗରେ ୬ରୁ ୩ଟି, କମ୍ପ୍ୟୁଟର ସାଇନ୍ସ ଏମଏସସି ବିଭାଗର ୬ରୁ ୪ଟି, ଓଡ଼ିଆରେ ୩ଟି ପଦବୀରୁ ୨ଟି ଖାଲିପଡ଼ିଛି।

ଅପରପକ୍ଷରେ ଏଠାରେ ସ୍ଥାୟୀ କୁଳପତି ନ ଥିବାବେଳେ ୧୪୧ କର୍ମଚାରୀ ପଦବୀ ମଧ୍ୟରୁ ୮୬ଟି ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ ଡେଭେଲପମେଣ୍ଟ ଅଫିସର, ଡେପୁଟି ରେଜିଷ୍ଟ୍ରାର, ମେଡିକାଲ ଅଫିସର, ସିକ୍ୟୁରିଟି ଅଫିସର, ଜୁନିୟର ଇଞ୍ଜିନିୟର, ଅଡିଟର, ଗେଷ୍ଟ ହାଉସ ମ୍ୟାନେଜର, କ୍ୟୁରେଟର, ଟାଇପିଷ୍ଟ, ନର୍ସ, ଫାର୍ମାସିଷ୍ଟ, ଲାଇବ୍ରେରୀ ଆଟାଣ୍ଡାଣ୍ଟ, ଲେବ୍ରଟାରୀ ଆଟାଣ୍ଡାଣ୍ଟ, କେୟାର ଟେକର, ଡ୍ରେସର ଓ ରୋଷୟା ପଦବୀ ଖାଲିପଡ଼ିଛି। ଦିନକୁ ଦିନ ଅଧ୍ୟାପକ ପଦବୀ ଖାଲି ସଂଖ୍ୟା ବୃଦ୍ଧି ପାଇବା ଫଳରେ ପୁଞ୍ଜିଭୂତ ଛାତ୍ର ଅଶାନ୍ତି ଆନ୍ଦୋଳନର ଦାନା ବାନ୍ଧୁଛି। ନିକଟରେ ୟୁଜିସି ପକ୍ଷରୁ ଖାଲିଥିବା ଅଧ୍ୟାପକ ଅଧ୍ୟାପିକା ପଦବୀ ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। କୁଳସଚିବ ସୁମିତା ସିଂଙ୍କ କହିବାନୁଯାୟୀ, ପଦବୀ ପୂରଣ ପାଇଁ ସରକାର ଓ ଓପିଏସସିକୁ ଅନୁରୋଧ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଅସ୍ଥାୟୀ ନିଯୁକ୍ତି ଦ୍ୱାରା ଶିକ୍ଷାଦାନ ପାଇଁ ଚେଷ୍ଟା ଜାରି ରହିଛି। ସ୍ଥାୟୀ କୁଳପତି ନିଯୁକ୍ତି କରାଯାଇ ନ ଥିବାରୁ ଅସ୍ଥାୟୀ ଭାବେ ଡ. ପ୍ରମୋଦ କୁମାର ଶତପଥିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଣୁ ସ୍ଥାୟୀ କୁଳପତି ପଦବୀ ପୂରଣ କରିବା ସହିତ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି। ତେବେ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟାପକ ପଦବୀ ଖାଲିଥିବାବେଳେ ମହାବିଦ୍ୟାଳୟ ସ୍ତରରେ କିଭଳି ଶିକ୍ଷାଦାନ ହେଉଥିବ, ତାହାକୁ ନେଇ ଅଭିଭାବକ ମହଲରେ ଆଲୋଚନା ଜୋର ଧରିଛି।

## ● ଜବରଦଖଲ ଉଚ୍ଛେଦ
# ଭଙ୍ଗାଗଲା ସରକାରୀ ଜମିରେ ଥିବା ଘର



ବାରିପଦା, ୩୦।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଉଚ୍ଛେଦ କରାଯାଇଛି। ବାରିପଦା ପୌରପାଳିକା ଅନ୍ତର୍ଗତ ମୁର୍ଗାବାଡ଼ିସ୍ଥ ଗ୍ରାଣ୍ଡ ଗଳିରେ ସ୍ଥାନୀୟ ବାସିନ୍ଦା କୁଞ୍ଜବିହାରୀ ମହାନ୍ତ ୨୩ ଡେସିମିଲ ସରକାରୀ ଜମିରେ ଅନେକ ବର୍ଷ ହେବ ଜବରଦଖଲ ପୂର୍ବକ ଘର ନିର୍ମାଣ କରି ରହିଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ କୋର୍ଟରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ହାଇକୋର୍ଟରେ ମାମଲା ମଧ୍ୟ ଚାଲିଛି। ଉଚ୍ଛେଦ ନେଇ ମାସକ ପୂର୍ବରୁ ନୋଟିସ ହୋଇଥିଲା। ମଙ୍ଗଳବାର ବାରିପଦା ତହସିଲଦାରଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଛି। ପୁଲିସ ଉପସ୍ଥିତିରେ ଜେସିବି ସହାୟତାରେ ଘର ଭାଙ୍ଗି ମାଟିରେ ମିଶାଯାଇଛି। କୁଞ୍ଜ ବିହାରୀ ମହାନ୍ତ ଏ ନେଇ ହାଇକୋର୍ଟରେ ଗୁହାରି କରିଥିବାବେଳେ ତାହା ବିଚାରାଧୀନ ରହିଛି। ଏହା ସତ୍ତ୍ୱେ ଘର ଉଚ୍ଛେଦ କରାଯାଇଥିବାରୁ ସେ ଏ ବାବଦରେ ଜିଲ୍ଲାପାଳ ଓ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଆଲୋଚନାଚକ୍ର ଓ କବିତା ଆସର




ବାରିପଦା, ୩୦।୧୨(ସମିସ): ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଶୀତ ଆଲୋଚନାଚକ୍ର ଓ କବିତା ଆବୃତ୍ତି କାର୍ଯ୍ୟକ୍ରମ ସୀତାକୁଣ୍ଡସ୍ଥ ନେଚର୍ସ କଟେଜ ପରିସରରେ ଆୟୋଜନ ହୋଇଯାଇଛି। 'ଓଡ଼ିଆ ସାହିତ୍ୟରେ ଶିମିଳିପାଳ' ଶୀର୍ଷକରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପକ ଅଶୋକ ପୁଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ଯୋଗଦେଇ ରାଧାନାଥ ରାୟଙ୍କ ସୃଷ୍ଟିରେ ଶିମିଳିପାଳ ଓ ତା'ର ନଦନଦୀ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ନିରୁପମା ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ମିତା ବେହେରା, ଇଂ ମନୋଜ ନାୟକ, ମୟୂରଭଞ୍ଜ ଯୁବ ପ୍ରକଳ୍ପ ଜିଲ୍ଲା ସଂଯୋଜକ ମଳୟ ନାୟକ, କାଞ୍ଚନମାଳା ସାହୁ, ବଟକୃଷ୍ଣ ବେହେରା ଯୋଗଦେଇଥିଲେ। ଏସପି ଜ୍ୟୋତିଙ୍କ ସଂଯୋଜନାରେ ଆୟୋଜିତ କବିତା ଅସାରରେ ଅନନ୍ୟା ନାୟକ, ଦର୍ଶଦୀପ, ଅୟାଂଶ ପ୍ରମୁଖ ଶିଶୁ କବିତା ଆବୃତ୍ତି କରିଥିଲେ। ଏ ଅବସରରେ ସାହିତ୍ୟିକ ଦମ୍ପତି ବିମଳା ନାୟକ ଓ ହାରାଧନ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଦୀପ ଭଞ୍ଜଦେଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ସେବା ଓ ଚାରାରୋପଣ କାର୍ଯ୍ୟକ୍ରମ



ବାରିପଦା, ୩୦।୧୨(ସମିସ): ବର୍ଷ ଶେଷ ହେବାକୁ ଯାଉଥିବାବେଳେ ଲୋକେ ପର୍ଯ୍ୟଟନ ସ୍ଥଳୀ ବୁଲିବା ସହ ବଣଭୋଜିରେ ବ୍ୟସ୍ତ ରହୁଛନ୍ତି। ତେବେ ବାରିପଦାର ନିସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ମଞ୍ଚବନ୍ଧା ଗଣେଶ ମନ୍ଦିର ପରିସରରେ ପ୍ରାୟ ୩୦ ଜଣ କିନ୍ନରଙ୍କୁ ଶାଢୀ, ଚୁଡ଼ି, ଅଳତା ଓ ଟିଫିନ ପ୍ରଦାନ କରି ସମ୍ମାନିତ କରିବା ସହିତ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ପରେ ସଂଗଠନର କର୍ମୀ ସ୍ଥାନୀୟ ଗୋଶାଳା ଯାଇ ଗୋମାତାଙ୍କୁ ଖାଦ୍ୟ ପ୍ରଦାନ କରିବା ସହ ସେବା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭିଜିଲାନ୍ସ ଡିଏସପି ବିକାଶ ସ୍ୱାଇଁ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଯୁବ ନେତା ଆଭାସ ଦେ ପ୍ରମୁଖ ଯୋଗଦେଇ ସେବା ହିଁ ମଣିଷର ପ୍ରକୃତ ଧର୍ମ ବୋଲି କହିଥିଲେ। ସଦସ୍ୟ ସୁମିତ ପ୍ରିୟଦର୍ଶୀ, ପି. ଚନ୍ଦ୍ରଭାନୁ, ମଧୁସ୍ମିତା କର, ଆରବ ପଣ୍ଡା, ହରିପଦ ବେହେରା, ସଙ୍କେତ ଦାସ ଅଧିକାରୀ, ସୌମ୍ୟଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଅସହାୟ ରୋଗୀଙ୍କୁ ରିହାତି ମୂଲ୍ୟରେ ମେଡିସିନ ପ୍ରଦାନ ସହ ଚିକିତ୍ସାରେ ସହଯୋଗ କରିବା, ବ୍ୟକ୍ତିଙ୍କ ମୃତ୍ୟୁ ପରେ ଶବ ସତ୍କାର ନିମନ୍ତେ ସଂକୀର୍ତ୍ତନ ଆୟୋଜନ କରିବା, ରାସ୍ତାରେ ବୁଲୁଥିବା ପଶୁପକ୍ଷୀଙ୍କ ପାଇଁ ବିବିଧ ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ଜନଆରୋଗ୍ୟ ଚେତନା ଅଭିଯାନ

ବୈଶିଙ୍ଗା, ୩୦।୧୨(ସମିସ): ସରକାରୀ ହୋମଓପାଥିକ ଚିକିତ୍ସାଳୟ ଖଡ଼ିକପଦା ଆନୁକୂଲ୍ୟରେ ସୁସ୍ଥ ନାଗରିକ ସଶକ୍ତ ରାଷ୍ଟ୍ର କାର୍ଯ୍ୟକ୍ରମ ଅନ୍ତର୍ଗତ ଜନଆରୋଗ୍ୟ ଚେତନା ଅଭିଯାନ ଚିକିତ୍ସାଧିକାରୀ ଡା ନଳିନୀପ୍ରଭା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ପୁରୁଷ, ମହିଳା, ଶିଶୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ଓ ଚିକେନ ପକ୍ସ ପ୍ରତିଷେଧକ ଗ୍ରହଣ କରିଥିଲେ। ଡା. ଅମ୍ଳାନ ଦାସଙ୍କୁ ଔଷଧ ବିତରଣରେ ସଞ୍ଜୀବ ଦାସ ସହଯୋଗ କରିଥିଲେ।

# ବାଇକ୍‌ରୁ ପଡ଼ି ଜଣେ ମୃତ

ରାଇରଙ୍ଗପୁର, ୩୦।୧୨ (ସମିସ): ବାଇକ୍ ଚଳାଇ ଯାଉଥିବାବେଳେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦୁଧିଝରଣ ଗ୍ରାମର ଯତନ ମାଝୀ। ସେ ବାଇକ ଯୋଗେ ଯାଉଥିବାବେଳେ ଚାଉରଣଡ଼ିହି ଛକ ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଦାମପାହାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରର ଅଭିଯୋଗକ୍ରମେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୩୦।୧୨(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବାବେଳେ ପଲାସବଣି ଛକ ଅଞ୍ଚଳରେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା କରାଯାଇଥିବାବେଳେ ଡ୍ରାଇଭର ସଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରାଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜୁଡାଚୁଆ ଗ୍ରାମର ପୁରୁଷୋତ୍ତମ ତିରିଆ ଟ୍ରାକ୍ଟର ଚାଳକ ଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମ୍ମିଳନୀ



ରାଇରଙ୍ଗପୁର, ୩୦।୧୨(ସମିସ): ଦେଶ ମାତୃକାରେ ସେବା କରି ଅବସର ଗ୍ରହଣ କରିଥିବା ସେନା କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ବର୍ଷ ଆଗମନକୁ ସ୍ୱାଗତ ଜଣାଇ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଛି। ବାଇଦାପୋଷି ନୂତନ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗଦେଇ ଦେଶ ପାଇଁ ହସି ହସି ପ୍ରାଣବଳୀ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବଳିଦାନ ଓ ବୀରତ୍ୱ ସ୍ମୃତିଚାରଣ କରିଥିଲେ। ସେନାର ଯବାନ ହେବାର ଗୌରବ ବାର୍ତ୍ତା ଓ କିପରି ଯବାନ ହେବେ ତାହା ମତ ପ୍ରକାଶ କରିଥିଲେ। ଯୁଦ୍ଧକାଳୀନ ସମୟର ସ୍ଥିତିକୁ ବଖାଣି ଯୁବକଙ୍କ ଇଚ୍ଛାଶକ୍ତି ବୃଦ୍ଧି କରିଥିଲେ। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ମହିଳା ବିଭିନ୍ନ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଆଦିବାସୀ ସେନାପତି ଅବସରପ୍ରାପ୍ତ ମେଜର ଗୁରୁଚରଣ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ବନ୍ଧୁମିଳନ ଉତ୍ସବ ଧୂମଧାମରେ ପାଳିତ ହୋଇଥିଲା।



**ଶୀତ ଲହରୀ:** ମହୁଲଡିହାରେ ୪ଟା ବେଳୁ ଲୋକେ ନିଆଁ ଜାଳି ବସୁଛନ୍ତି

# ଚାନ୍ଦୁଆ ଲ୍ୟାମ୍ପ୍‌ସରେ ଧାନମଣ୍ଡି କେନ୍ଦ୍ର ଉଦ୍‌ଘାଟିତ

କୁଳିଅଣା, ୩୦।୧୨(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆ ପଞ୍ଚାୟତ ଚାନ୍ଦୁଆ ଲ୍ୟାମ୍ପସରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଚାନ୍ଦୁଆ ଲ୍ୟାମ୍ପ୍‌ସ ପରିଚାଳିକା ସୁମି ସାହାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, କୁଳିଅଣା ବ୍ଲକ ଏଓ ସଞ୍ଜୟ ଦାସ, ଭିଏଲଡବ୍ଲୁ ସୁମନ୍ତ ଷଡ଼ଙ୍ଗୀ ଯୋଗଦେଇ ଧାନମଣ୍ଡ ଉଦ୍‌ଘାଟନ କରିଥିଲେ। ଏଥିରେ ୭ଟି ପଞ୍ଚାୟତରୁ ୧୦୩୭ ଜଣ ଚାଷୀ ପଞ୍ଜୀକରଣ ସହିତ ଧାନ କିଣା ହେବ ଜଣାପଡ଼ିଛି। ପ୍ରଥମ ଦିନରେ ୬ ଜଣ ଚାଷୀଙ୍କଠାରୁ ୧୭୫.୧୨ କିଲୋ ଗ୍ରାମ ଧାନ ସଂଗ୍ରହ ହୋଇଛି।



ଉଦଘାଟନୀ ଉତ୍ସବରେ ବରିଷ୍ଠ ଚାଷୀ ଝାବୁ ସରେନ, ସଞ୍ଜୟ ପାଲ, ଗିରିଶ ଚନ୍ଦ୍ର ସିଂଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

# କୁଶଳଦା ଓ ପୁରୁଣା ବାରିପଦାରେ ଖୋଲିଲା ଧାନମଣ୍ଡି

କୁଆମରା, ୩୦।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ଓ ପୁରୁଣା ବାରିପଦାରେ ଧାନମଣ୍ଡି ଉଦଘାଟିତ ହୋଇଛି। କୁଶଳଦା ଲ୍ୟାମ୍ପ୍‌ସରେ ସଭାପତି ଚୌଧୁରୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ



ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପର ଏମ୍‌ଡି ସୁମନ ସୌରଭ ବେହେରା, ମଣ୍ଡି ସୁପରଭାଇଜର ଶୁଭଲକ୍ଷ୍ମୀ ଶତପଥୀ, ନୋଡାଲ ଅଫିସର ରଣଜିତ ଗିରି, ତପନ ରାଜ, ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ୭ ଜଣ ଚାଷୀଙ୍କଠାରୁ ୨୭୨ କ୍ୱିଣ୍ଟାଲ ଧାନ କିଣାଯାଇଥିବା ଶ୍ରୀ ବେହେରା ସୂଚନା ଦେଇଛନ୍ତି। ୧୩୩୦ ଚାଷୀ ଆବେଦନ କରିଥିବାବେଳେ ଚଳିତ ଖରିଫ ଋତୁରେ ୫୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ପଶୁଦା ଲ୍ୟାମ୍ପସ୍ ଅଧୀନରେ ଥିବା ପୁରୁଣା ବାରିପଦା ମଣ୍ଡିକୁ ୧୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପଶୁଦା ଲ୍ୟାମ୍ପସର ଏମ୍‌ଡି ନିର୍ମଳ ସେନ, ଗୌରମୋହନ ବେହେରା, ସୁଶାନ୍ତ ପଣ୍ଡା, ଚାଷୀ କମିଟି ସଦସ୍ୟ ନରେନ୍ଦ୍ର ପାତ୍ର, ଆତ୍ମାରାମ ମହାପାତ୍ର, କର୍ମଚାରୀ ସଞ୍ଜୟ ବେନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ୧୦୬୧ ଚାଷୀ ଆବେଦନ କରିଥିବାବେଳେ ୪୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରଖାଯାଇଛି।

# ଅଲଚିକି ଲିପିର ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି

## ରାମଦାସ ମୁର୍ମୁ ସମ୍ବର୍ଦ୍ଧିତ

ବହଳଦା, ୩୦।୧୨(ସମିସ):ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ସହରର କରନଡିହିସ୍ଥ ଦିଶମ ଜାହେର ଥାନଠାରେ ଅଲଚିକି ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଯାପନୀ ସମାରୋହକୁ ଉଦଘାଟନ କରିବା ସହ ଉପସ୍ଥିତ ଜନସାଧାରଣ ଓ ଆଦିବାସୀ, ସାନ୍ତାଳ ସମାଜର ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କରନଡିହି ଦିଶମ ଜାହେର ଥାନ କମିଟି ଓ ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ପକ୍ଷରୁ ଆୟୋଜିତ ଏହି ଅଲଚିକି ଶତବାର୍ଷିକୀ ଉଦଯାପନୀ ସମାରୋହରେ ସାନ୍ତାଳୀ ଭାଷା ଅଲଚିକି ଲିପିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ସମୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଐତିହାସିକ ଭବ୍ୟ ସମାରୋହରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିବାବେଳେ ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ପଞ୍ଚାୟତ ପାଟ୍ରାମହୁଲପାଣି ଗ୍ରାମର ଅଲଚିକି ଭାଷାର ସଂଗ୍ରାହକ, ଗବେଷକ ତଥା ବାବା ତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ଓ ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ ଅନ୍ୟତମ। ରାମଦାସ ମୁର୍ମୁ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବାପରେ ବହଳଦା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ତାଙ୍କ ବ୍ୟତୀତ ରାଇରଙ୍ଗପୁର ଅଞ୍ଚଳର ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ମୁଚିରାମ




ହେମ୍ବ୍ରମ ଓ ପାର୍ସି ସିଂ ଚାନ୍ଦୋ ମାହାଲ ମାଡୱା ସଂଗଠନର ଅଧ୍ୟକ୍ଷ ତଥା ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଭୀମୱାର ମୁର୍ମୁଙ୍କୁ ମଧ୍ୟ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ବିନା ସୂଚନା ଫଳକରେ ହେଉଛି ପ୍ରକଳ୍ପ କାମ

କପ୍ତିପଦା, ୩୦।୧୨(ସମିସ): ପୂର୍ବ ସରକାରରେ ଯେଉଁଠି ଉନ୍ନୟନ କାର୍ଯ୍ୟ ହେଉଥିଲା, ପ୍ରଥମେ ସୂଚନା ଫଳକ ଲାଗୁଥିଲା ଓ ପରେ କାମ ହେଉଥିଲା। ମାତ୍ର ନୂଆ ସରକାର ଆସିବା ପରେ ସବୁ ଓଲଟା। କେଉଁଠି କାମ ଶେଷରେ ତ କେଉଁଠି ଜମା ଲାଗୁନି ସୂଚନା ଫଳକ। ଫଳରେ କେତେ ଟଙ୍କାର ଅଟକଳ, କ'ଣ କାମ ହେଉଛି; ତାହା ଜାଣିବା ସହଜ ହୋଇପାରୁନି। ମୋଟାମୋଟି କହିବାକୁ ଗଲେ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶ କରି ଲୁଟ ହେଉଛି ପ୍ରକଳ୍ପ ଟଙ୍କା। ଏମିତି ଏକ ଘଟଣା ଜାମବଣୀ ପଞ୍ଚାୟତ ସୁଡସୁଡିଆ ଗ୍ରାମରେ ଦେଖିବାକୁ ମିଳିଛି।



ସୋନନଦୀ ପାଣିରୁ ରକ୍ଷା ପାଇବା ପାଇଁ ପୁରୁଣା ପ୍ରୋଟେକସନ ୱାଲକୁ ସିମେଣ୍ଟ ପାଣିଦେଇ ମରାମତି କରାଯାଉଛି। ଏ କାମ ପାଇଁ କେତେ ଟଙ୍କା ଅନୁଦାନ ଆସିଛି ଓ କେଉଁ ବିଭାଗ ଦ୍ୱାରା କାମ ହେଉଛି, ତାହା ଜାଣିବା ମୁସ୍କିଲ। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇ ପ୍ରକୃତରେ ଏମିତି କରାଯାଉଥିବା ଦେଖିବାକୁ ମିଳିଥିଲା। ଖୋଦ ୱାର୍ଡ ସଭ୍ୟ ସେହି କାର୍ଯ୍ୟ କରାଉଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ଏକ ମରାମତି କାମ। ତେବେ ଫଳକ କାହିଁକି ଲାଗିନାହିଁ ବୋଲି ପଞ୍ଚାୟତ ପିଇଓଙ୍କୁ ଯୋଗାଯୋଗ କରିବାରୁ ଫଳକ ଲାଗିବା କଥା। ଯଦି ଲାଗିନାହିଁ କହିବି ଲଗାଇ ଦେବେ। ନଦୀ ପାଇଁ ଗୋଟିଏ ପ୍ରୋଟେକ୍ସନ ୱାଲ ଥିଲା। ଆଉ ଗୋଟିଏ କରିଦେଲେ ଗାଁରେ ଜମା ହେଉଥିବା ପାଣି ନିଷ୍କାସନ ହୋଇପାରିବ ବୋଲି ଏପରି ହେଉଛି। ଏ ସମ୍ପର୍କରେ ଯନ୍ତ୍ରୀ ଜାଣିଛନ୍ତି ବୋଲି କହିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଫୋନ୍ ରିସିଭ କରି ନ ଥିଲେ। ଅନେକ ଦିନ ହେବ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ରହିଥିବାବେଳେ ଏବେ କିଛି କାମ ଆରମ୍ଭ ହୋଇଛି। ତାହା ପୁଣି ଏଭଳି ଢଙ୍ଗରେ। ତୁରନ୍ତ ତଦାରଖ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲା ପଞ୍ଚାୟତ ସାଧନାକେନ୍ଦ୍ରର ଭିତ୍ତିପ୍ରସ୍ତର



**ଦେବଗଡ଼, ୩୦।୧୨(ସମିସ):** ଜିଲ୍ଲାପରିଷଦ ପକ୍ଷରୁ ମଙ୍ଗଳବାର ନୂତନ ପଞ୍ଚାୟତ ସାଧନା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି କୋଠା ଜିଲ୍ଲାର ଉନ୍ନତି କରଣ କାର୍ଯ୍ୟରେ ସହାୟକ ହେବ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜିଲ୍ଲାପାଳ କବୀନ୍ଦ୍ର ସାହୁ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ବର୍ଷାରାଣୀ ମୁଣ୍ଡା, ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ବାସନ୍ତୀ ବେହେରା, ସଦସ୍ୟ ସମରେନ୍ଦ୍ର ଜିତ୍, ରାଜେଶ ମହାନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଏସିଏଫ ସ୍ୱାଧୀନତା ସାହାଣୀ, ଆରଏଣ୍ଡବିର ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ କେରୋଜା ଡୋରା, ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକ, କାର୍ଯ୍ୟକ୍ରମ ପରିଚାଳକ ଦୀପକ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବନ୍ଧବାହାଲ ଧନୁଯାତ୍ରା ତୃତୀୟ ଦିବସ

# ଗୋପପୁରରେ ଧୁମଧାମରେ ନନ୍ଦୋତ୍ସବ





**ଇବଥର୍ମାଲ, ୩୦।୧୨(ସମିସ)**

ବନ୍ଧବାହାଲ ଧନୁଯାତ୍ରା ରଙ୍ଗାରଙ୍ଗ ପରିବେଶ ସହ ଶୀତୁଆ ସନ୍ଧ୍ୟାରେ ବେଶ୍ ଜମୁଛି। ସମଗ୍ର ଅଞ୍ଚଳ ଏବେ ଦ୍ୱାପର ଯୁଗକୁ ଫେରିଥିବା ଭଳି ଅନୁଭବ ହେଉଛି। ମଧ୍ୟରାତ୍ରରେ ଲୀଳାମୟ ଶ୍ରୀକୃଷ୍ଣଙ୍କ ଜନ୍ମ ସହ ଧରାବତରଣ; ବସୁଦେବ, ଉଗ୍ରସେନ, ଜମୁନା ନଈକୁ ଛାଡିଦେଲେ ଆଉ କାହାକୁ ଜଣାନାହିଁ ଯେ ଜଗତକର୍ତ୍ତା କୃଷ୍ଣଙ୍କ ଜନ୍ମ ମଥୁରା କାରାଗାରରେ ହୋଇଛି। ମାତ୍ର ତୃତୀୟ ଦିବସର ସୂର୍ଯ୍ୟୋଦୟ ପରେ ନନ୍ଦ ଯୋଶୋଦା କୃଷ୍ଣଙ୍କୁ ପାଇଥିବାରୁ ସମଗ୍ର ଗୋପପୁର (ବନ୍ଧବାହାଲ ବସ୍ତି) ଆନନ୍ଦ ଉଲ୍ଲାସରେ ଉଚ୍ଛୁଳି ପଡ଼ିଛି। ସମସ୍ତେ ମିଶି କୃଷ୍ଣଜନ୍ମ ସହ ନନ୍ଦୋତ୍ସବ ପାଳିଛନ୍ତି। "ଖେଳେରେ ନନ୍ଦ କୋଳେ ଗୋବିନ୍ଦ, ବାଜେ ଶଙ୍ଖ ଭେରୀ ତୁରୀ ଭୁବନ ଆନନ୍ଦ ନନ୍ଦ କୋଳେ ଗୋବିନ୍ଦ" ଗୀତର ସୁରେ ସମଗ୍ର ଗୋପ ନଗରୀ ଝୁମି ଉଠିଛି। ଏହି ସମସ୍ତ କାର୍ଯ୍ୟକ୍ରମ ଗୋପପୁର ଯଜ୍ଞ ମଣ୍ଡପରେ କରାଯାଉଛି। ରୀତିନିତି ଅନୁସାରେ ପୂଜାପାଠ, ପୁରାଣଗାନ କରାଯାଇଥିବା ବେଳେ ଅପରାହ୍ଣରେ ଗୋପମହିଳାଙ୍କ ଦ୍ୱାରା କୃଷ୍ଣଙ୍କୁ ଦୁଗ୍ଧ ପାନ କରାଇବା, କୃଷ୍ଣ ବଳରାମ ଗୋପୀ ମେଳରେ ଦୋଳିରେ ଝୁଲିବା ଦୃଶ୍ୟ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଏହି ଦୃଶ୍ୟ ଆଜି ଗୋପରେ ହଜାର୍ ହଜାର ଦର୍ଶକ ଉପଭୋଗ କରିଛନ୍ତି। ମଥୁରାନଗରୀରେ କଂସ ମହାରାଜ ରାଜମହଲରୁ ବାହାରି ବାବା ଭୋଳାନାଥଙ୍କ ଦର୍ଶନ କରିଛନ୍ତି। ଏହାପରେ ନଗର ଭ୍ରମଣ କରିଛନ୍ତି। ବିଜୁଳି କନ୍ୟାର ଦେବ ବାଣୀ ଶୁଣି ମହାରଜ କଂସ ବିବ୍ରତ ହୋଇଥିଲେ ହେଁ ନୃତ୍ୟଗୀତ ମାଧ୍ୟମରେ ମହାରାଜ ଦରବାରରେ ମନ ପରିବର୍ତ୍ତନ କରିବାକୁ ପ୍ରୟାସ କରିବା ସହ କୃଷ୍ଣଙ୍କୁ କଳେବଳେ କୌଶଳେ ମାରିବାର ଯୋଜନା କରିଛନ୍ତି। ଯୋଜନାରେ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ପୁତନା ଓ ଷଡମଲ୍ଲଙ୍କୁ ଡକାଇ ଗୋପପୁର ପ୍ରେରଣ କରିଛନ୍ତି। ଷଡ଼ମଲ୍ଲ ମାନଙ୍କ ମଧ୍ୟରେ ଅଘା, ବକା, ଷକଟା, ତୃଣା, ଧେନୁ ଆଦିଙ୍କ ଅଭିନୟ ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ପ୍ରବଳ ଥଣ୍ଡାରେ ଖୋଲା ଆକାଶ ତଳେ ଲୋକେ ବଉଳି କଳାପରିଷଦ ବଡପଦର ବୌଦ୍ଧ ଜିଲ୍ଲାର କଳାକାରଙ୍କ ନୃତ୍ୟଗୀତରେ ବିଭୋର ହୋଇ ଅଟକି ରହିଥିଲେ। ଆଜି ସନ୍ଧ୍ୟାରେ ମହାରାଜ କଂସଙ୍କ ରାଜଦରବାରକୁ ରାଜ ଅତିଥି ଭାବେ ସମ୍ମାନିତ ରାଜ ଅତିଥି ଭାବେ ସରପଞ୍ଚ ବନ୍ଧବାହାଲ ଭାରତୀ ବେହେରା, ସରପଞ୍ଚ ସରଣ୍ଡାମାଳ ଝରଣା ସେଠ୍, ବରିଷ୍ଠ ସଦସ୍ୟ ନବଘନ ବିଶି ଯୋଗ ଦେଇଥିଲେ। ଧନୁଯାତ୍ରା କମିଟିର ଉପସଭାପତି ସାଲେଗ୍ରାମ ନାଏକ ସଭାପତିତ୍ୱ କରିଥିଲେ। ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ ରଞ୍ଜିତ ପଧାନ, ଦୁବରାଜ ପ୍ରଧାନ, ପରମାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସିଂହ ତଥା ଅନ୍ୟ ମାନେ ସହଯୋଗ କରିଥିଲେ।

# ସରକାରୀ ବସ୍ ଅପେକ୍ଷାରେ ଆମ୍ବାଭୋନାଅଞ୍ଚଳବାସୀ

**ବରଗଡ଼, ୩୦।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକକୁ ଏବେ ସୁଦ୍ଧା ସରକାରୀ ବସଟିଏ ଚଳାଚଳର ସୁବିଧା ନାହିଁ। ଅମ୍ବାଭୋନା ବ୍ଲକର ବିଭିନ୍ନ ସ୍କୁଲରେ ନାମ ଲେଖାଇ ପାଠ ପଢ଼ିବା ପାଇଁ ଅନ୍ୟ ବ୍ଲକ ତଥା ଦୂର ଦୂରାନ୍ତରରୁ ଛାତ୍ରଛାତ୍ରୀ ଆସି ନାମ ଲେଖାଉଛନ୍ତି। ତନ୍ମଧ୍ୟରୁ କେତେକ ଛାତ୍ରଛାତ୍ରୀ ପ୍ରାଇଭେଟ୍ ବସ୍, ଅଟୋ ଏପରିକି ଅନେକ ସମୟରେ ପିକ୍ଅପ୍ ଭ୍ୟାନ୍‌ରେ ଯାଉଥିବାର ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ବସ ସେବାରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯାତ୍ରା କରିବାର ସୁବିଧା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସାଧାରଣ ଜନତା ସ୍ୱାଗତ କରିଥିଲେ ହେଁ ବରଗଡ଼ରୁ ଅମ୍ବାଭୋନା ବ୍ଲକର ଉପାନ୍ତ ଅଞ୍ଚଳ ରୁଚିଦାକୁ ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଯେମିତି ବସ୍ ଚାଲିବ ସେଥିପ୍ରତି ସ୍ଥାନୀୟ ଲୋକ ପ୍ରତିନିଧି ଏବଂ



ପରିବହନ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ରହିଛି। ସାମ୍ବାଦିକ ରଞ୍ଜିତ ଦାଶ, ପ୍ରକାଶ ରଥ, ହେମନ୍ତ ପ୍ରଧାନ ପ୍ରମୁଖ ଏ ନେଇ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବ୍ଲକରେ ପ୍ରସିଦ୍ଧ କେଦାର ନାଥ ପୀଠ, ପଥର ସେନୀ, ଗୋବିନ୍ଦ ପୁର ପକ୍ଷୀ ଗାଁ, ବାର ବଖରା ଏମିତି ଅନେକ ତୀର୍ଥ ସ୍ଥାନ ଅଛି। ହେଲେ ଗମନାଗମନର ସୁବିଧା ସରକାରୀ ସ୍ତରରେ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏଣୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ଏହିଠାରେ ସରକାରୀ ବସ୍ ଯୋଗାଇ ଦେବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଲୋକେ ଅନୁରୋଧ କରିଛନ୍ତି।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଦେବଗଡ଼ ଖେଳାଳିଙ୍କ କୃତିତ୍ୱ



**ଦେବଗଡ଼, ୩୦।୧୨(ସମିସ):** କଟକ ପୁଲିସ ପଡ଼ିଆରେ ଗତ ୨୭ ତାରିଖରୁ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲାର ଖେଳାଳି ସଫଳତାର ସହ ଭିନ୍ନଭିନ୍ନ ବୟସ ବର୍ଗରେ ଜିଲ୍ଲା ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି। ୫ କିମି ଓ ୩ କିମି ଦୌଡ଼ ପ୍ରତିଯୋଗିତାରେ ନିଶା ବାରିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ, ମନୋଜ୍ ନାୟକ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ, ରିତ୍ ବାରିକ ୩ କିମି ୱାକିଂରେ ରୌପ୍ୟ, ସତ୍ୟଶ୍ରୀ ଜେନା ଟ୍ରିପଲ୍ ଜମ୍ପରେ ରୌପ୍ୟ ଏବଂ ରଶ୍ମି ମିଞ୍ଜ ୪୦୦ ମିଟର ବାଧା ଦୌଡରେ ରୌପ୍ୟ ପଦକ ଜିଣି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସମସ୍ତ ଖେଳାଳିଙ୍କୁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂସଦ ସମେତ ଜିଲ୍ଲାର ସମସ୍ତ କ୍ରୀଡାପ୍ରେମୀ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ 'ସ୍ନେହ ସେତୁ' ଯୋଜନା

# ୩ ବର୍ଷ ପରେ ଘରକୁ ଗଲେ ମହାରାଷ୍ଟ୍ର ମହିଳା



**ଝାରସୁଗୁଡ଼ା, ୩୦।୧୨ (ସମିସ):** ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଜଣେ ମାନସିକ ଅସୁସ୍ଥ ମହିଳା କୌଶଲ୍ୟା ବିନାୟକ କୁଟ୍ଟାରମାରେଙ୍କୁ ଅସହାୟ ଅବସ୍ଥାରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ଉଦ୍ଧାର କରିଥିଲା। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଭିନବ ପ୍ରୟାସ 'ସ୍ନେହ ସେତୁ' ମାଧ୍ୟମରେ କୌଶଲ୍ୟାଙ୍କ ନିଜ ପରିବାର ସହ ପୁନଃମିଳନ ସମ୍ଭବ ହୋଇଛି। ଗତ ୧୯ ଅକ୍ଟୋବର ୨୦୨୨ରେ ମାଲିଡିହି ଜଗନ୍ନାଥ ମନ୍ଦିର ନିକଟରୁ କୋଲାବିରା ପୁଲିସ ଦ୍ୱାରା କୌଶଲ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କର ମାନସିକ ସ୍ଥିତି ଠିକ୍ ନଥିବାରୁ ତାଙ୍କୁ ଚିକିତ୍ସା ଓ ରହିବା ପାଇଁ ଏଚ୍. କଟାପାଲି ସ୍ଥିତ ମିଶନ ଆଶ୍ରା-୧ ଠାରେ ଥଇଥାନ କରାଯାଇଥିଲା। ସେ ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ବୋଲି ଜଣାପଡ଼ିବା ପରେ, ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ମହାରାଷ୍ଟ୍ର ଚନ୍ଦ୍ରପୁରର ବିଡିଓ ଗଜାନନ ମୁନ୍ଦକରଙ୍କ ସହ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପୁଅମାନେ ଝାରସୁଗୁଡ଼ା ପହଞ୍ଚିଥିଲେ। ଏହାପରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧ୍ୟମରେ କୌଶଲ୍ୟାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ରାହ୍ମଣଡିହି ଗାଁରେ ମେଳନ ମେସନ୍‌ର ପ୍ରସ୍ତୁତି

**ଦହିତା, ୩୦।୧୨(ସମିସ):** ପଦ୍ମପୁର ଉପଖଣ୍ଡ ବ୍ରାହ୍ମଣଡିହି ଗାଁରେ ମେଳନ ମେସନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ରାଜେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ବୈଠକରେ ଗାଁ ଗୌନ୍ତିଆ, ସ୍କୁଲର ଚେୟାରପର୍ସନ, ୱାର୍ଡ ମେମ୍ବର ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ। ଗାଁର ପୂର୍ବତନ ଅବସରପ୍ରାପ୍ତ ରାଜେନ୍ଦ୍ର ମହାନ୍ତିଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ହୋଇଆସୁଛି। ଏହି ଉପଲକ୍ଷେ ଶିଶୁ କିଶୋର ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଇଁ ଗୀତ ନୃତ୍ୟ ଓ ଖେଳ ପ୍ରତଯୋଗିତା କରିବା ପାଇଁ ସ୍ଥିର କରାହୋଇଛି। ଏହି ଉପଲକ୍ଷେ ଏକ କବିତା ପାଠ ଉତ୍ସବ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ସ୍ନେହଲତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ସୋହେଲା କଲେଜରେ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ ସଚେତନତା

**ସୋହେଲା, ୩୦।୧୨(ସମିସ):** ସୋହେଲା କଲେଜରେ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ (ଏବିସି) ସିଷ୍ଟମ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଡ.ରବୀନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ସୁପକାର, ଡ.ସୁନିତି ଦାଶ, ଡ.ଭରତ ଚନ୍ଦ୍ର ସାହୁ ଛାତ୍ରଛାତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି ୨୦୨୦ ଓ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ (ଏବିସି) ସିଷ୍ଟମ୍ ଉପରେ




ସଚେତନ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ସୁରେନ୍ଦ୍ର ସାହୁ ପିପିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏହାର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ଡିଇଓ ସୁଶାନ୍ତ ବରର୍ଡି ଏବଂ ମାନସରଞ୍ଜନ ସାବତ ଅପାର ଆଇଡି କିପରି ଖୋଲିବ ଏବଂ କିପରି ବ୍ୟବହାର ହେବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ।

# ବରିଷ୍ଠଙ୍କ ଉପସ୍ଥିତିରେ କନିଷ୍ଠଙ୍କୁ ମାର୍ଗଦର୍ଶନ ମିଳିଥାଏ: ଜଷ୍ଟିସ ଭି.ନରସିଂହ

**ବରଗଡ଼, ୩୦।୧୨(ସମିସ)**



"ବରିଷ୍ଠ ଆଇନଜୀବୀ ମାନଙ୍କ ଉପସ୍ଥିତିରେ କନିଷ୍ଠଙ୍କୁ ଉଚିତ ମାର୍ଗଦର୍ଶନ ମିଳିବା ସହ ସେମାନଙ୍କ ଉପସ୍ଥିତି ଯେକୌଣସି ଓକିଲ ସଂଘର ଶୋଭା ସହ ଗରିମା ମଧ୍ୟ ବୃଦ୍ଧି ହୋଇଥାଏ। ତେଣୁ କନିଷ୍ଠ ମାନେ ସବୁବେଳେ ବଡ ମାନଙ୍କୁ ସମ୍ମାନ ଦେଇ ଆଗକୁ ବଢ଼ନ୍ତୁ" ବୋଲି ଆଜି ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଓଡ଼ିଶା ହାଇକୋର୍ଟର ନ୍ୟାୟାଧିଶ ଭି.ନରସିଂହ କହିଛନ୍ତି। ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଷ୍ଟିସ ନରସିଂହ ଉପସ୍ଥିତ ଆଇନଜୀବୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସବୁବେଳେ ଓକିଲ ସଂଘ ଓ ନ୍ୟାୟପାଳିକା ମଧ୍ୟରେ ସୁସମ୍ପର୍କ ରହିବା ଜରୁରୀ, ଏହାଦ୍ୱାରା ଜନସାଧାରଣଙ୍କୁ ସଠିକ ସେବା ଯୋଗାଇଦେଇ ହେବ ବୋଲି ସେ କହିଥିଲେ। ଯୁବ ଓକିଲ ମାନଙ୍କୁ ନ୍ୟାୟପାଳିକା ପକ୍ଷରୁ ଥିବା ଇ.ଲାଇବ୍ରେରୀର ଫାଇଦା ନେବା, ବରିଷ୍ଠ ତଥା ସମସ୍ତ ଆଇନଜୀବୀ ନିଜର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରଗଡ଼ରେ କୋର୍ଟ ବିଲ୍ଡିଂ ଓ ଅଫିସର କ୍ୱାର୍ଟର ନିର୍ମାଣ ପାଇଁ ସ୍ଥାନ ନିରୂପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଓଡ଼ିଶା ଆଇନଜୀବୀ ପରିଷଦର ଚେୟାରମ୍ୟାନ ସିତାଂଶୁ ମୋହନ ଦ୍ୱିବେଦୀ ଓକିଲ ସଂଘ ଓ ନ୍ୟାୟପାଳିକା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ନୁହଁନ୍ତି ବରଂ ସମାନ ଡିଏନଏ ବୋଲି ଅଭିହିତ କରିଥିଲେ। ତେଣୁ ଓକିଲ ବନ୍ଧୁ ମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରିବାକୁ ଉପଦେଶ ଦେଇଥିଲେ। ବରଗଡ଼ ଜିଲ୍ଲା ଓକିଲ ସଂଘକୁ ଖୁବ୍‌ଶୀଘ୍ର ଇ.ଲାଇବ୍ରେରୀ ଯୋଗାଇ ଦେବୁ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଓକିଲ ମାନଙ୍କ ପେନସନ ରାଶି ୯ ଲକ୍ଷ ଟଙ୍କାରୁ ୧୫ ଲକ୍ଷକୁ ବୃଦ୍ଧି କରିବାକୁ ସରକାରଙ୍କ ପାଖରେ ଦାବି ରଖାଯାଇଛି। ବରଗଡ଼ ଜିଲ୍ଲା ଜଜ ଅନୁପ ଚନ୍ଦନ ଉପସ୍ଥିତ ଥିଲେ। ଜିଲ୍ଲା ଓକିଲ ସଂଘ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ହେମନ୍ତ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଲଲାଟେନ୍ଦୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡଙ୍ଗୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଦାବି ନେଇ ଓକିଲ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜଷ୍ଟିସ ଶ୍ରୀ ନରସିଂହଙ୍କୁ ପ୍ରଦାନ କରାଯାଇଥିଲା।

# ସାରଣ୍ଡାମାଲରେ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



**ଇବଥର୍ମାଲ, ୩୦।୧୨(ସମିସ):** ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଜୀବିକା ମିଶନର ମିଳିତ ପ୍ରୟାସରେ ଲଖନପୁର ବ୍ଲକ ଅଧୀନ ସାରଣ୍ଡାମାଲଠାରେ ମଙ୍ଗଳବାର ଏକ 'ସୁଭଦ୍ରା ଶକ୍ତି କାଫେ' ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ କାଫେର ଶୁଭାରମ୍ଭ କରିଛନ୍ତି। କାଫେଟି ସାରଣ୍ଡାମାଲର 'ମାଁ ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଦସ୍ୟା ମାନଙ୍କ ଦ୍ୱାରା ପରିଚାଳିତ ହେବ। ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବଜାରର ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସଦସ୍ୟା ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଓଡ଼ିଶା ଜୀବିକା ମିଶନ ରାଜ୍ୟ କାର୍ଯ୍ୟାଳୟରୁ ଆସିଥିବା ଏକ ଦକ୍ଷ ପ୍ରଶିକ୍ଷକ ଦଳ ସେମାନଙ୍କୁ ଆଧୁନିକ ରନ୍ଧନ ପ୍ରଣାଳୀ ଏବଂ ଗ୍ରାହକ ସେବା ବିଷୟରେ ତାଲିମ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ, ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସପ୍ତମ ଦିବସ

# କୃଷ୍ଣ-ବଳରାମଙ୍କୁ ଆଣିବା ପାଇଁ ଅକ୍ରୂରଙ୍କ ଗୋପପୁର ଯାତ୍ରା





**ବରଗଡ଼, ୩୦ା୧୨(ସମିସ)**

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ସପ୍ତମ ଦିବସ ଅତିକ୍ରାନ୍ତ ହୋଇଛି। କୃଷ୍ଣ ହତ୍ୟା ପାଇଁ ସବୁ ଚେଷ୍ଟାରେ ବିଫଳ ହେଲା ପରେ କଂସ ହତାଶ ହୋଇଛି। ଦରବାରରେ ରାଜ କର୍ମଚାରୀଙ୍କ ସହ ସହିତ ମନ୍ତ୍ରଣା କରି କୃଷ୍ଣଙ୍କୁ ହତ୍ୟା କରିବାକୁ ପୁଣି ଯୋଜନା ଆରମ୍ଭ ହୋଇଛି। ଏହିକ୍ରମରେ ଦେବର୍ଷି ନାରଦ ଧନୁଯାତ୍ରାର ଆୟୋଜନ ପାଇଁ ପରାମର୍ଶ ଦେଇଛନ୍ତି। ଧନୁଯାତ୍ରା ଦେଖିବା ପାଇଁ ନିମନ୍ତ୍ରଣ ବାହାନାରେ ବାଳକ କୃଷ୍ଣଙ୍କୁ ହତ୍ୟା କରିବାକୁ ପରାମର୍ଶ ଦେଇଛନ୍ତି। ନାରଦଙ୍କ ପରାମର୍ଶ ଅନୁସାରେ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ ପାଇଁ ଆଦେଶ ମହାରାଜ କଂସ ଦେଲେ। ଶ୍ରୀକୃଷ୍ଣ ଭକ୍ତିରେ ପାଗଳ ଅକ୍ରୁର ଗୋପପୁର ଯାଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ନିମନ୍ତ୍ରଣ ଜଣାଇ ସଂଗରେ ଆଣିବାର ସୁଯୋଗରେ ଆତ୍ମହରା। ପ୍ରଭୁଙ୍କ ଭକ୍ତିରେ ତଲ୍ଲୀନ ଅକ୍ରୁରଙ୍କ ଆଖିରୁ ଝରି ପଡ଼ିଛି ଆନନ୍ଦାଶ୍ରୁ। ନିଜର ଆରାଧ୍ୟଙ୍କୁ ଦର୍ଶନ କରିବାପାଇଁ ଅକ୍ରୁର ଅତ୍ୟନ୍ତ ବ୍ୟଗ୍ର, ଆତୁର। ଏସବୁ ଦୃଶ୍ୟରେ ଦର୍ଶକ ଆତ୍ମହରା। ମହାରାଜା କଂସଙ୍କ ନଗର ପରିକ୍ରମା ହୋଇଛି। ହାଟପଦା ଦୁର୍ଗା ମନ୍ଦିରରେ ଦେବୀ ଦୁର୍ଗାଙ୍କୁ ସନ୍ତୁଷ୍ଟ କରି କୃଷ୍ଣଙ୍କୁ ହତ୍ୟା କରିବାକୁ ସେ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅପରପକ୍ଷରେ ଗୋପପୁରରେ ଗୋପୀ ମାନଙ୍କ ଦଧିବିକା ଓ ମନାବନ୍ଧ ଠାରେ ରାଧାକୃଷ୍ଣଙ୍କ ନାବକେଳିକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।









## ମୁଖ୍ୟମନ୍ତ୍ରୀ ରାଜ ଅତିଥି

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବକୁ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପ୍ରଥମେ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଦୀପ ମହାନ୍ତି, ଆଇନଜୀବୀ ରମଣୀରଞ୍ଜନ ବେହେରା, ସଞ୍ଜୟ ମେହେର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।ସେଠାରୁ ହାତୀ ଉପରେ ବସି ଶୋଭାଯାତ୍ରାରେ ନିଶାମଣିପଡ଼ିଆସ୍ଥିତ ମହାରାଜ କଂସଙ୍କ ରଙ୍ଗ ମହଲରେ ପହଞ୍ଚିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀରାଜ ଅତିଥିଙ୍କୁ ସ୍ୱାଗତ କରିବା ସହ ରଙ୍ଗମହଲ କମିଟି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ରଙ୍ଗ ମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ଦେବାନନ୍ ସାହୁ, ରାଜେଶ୍ ଶତପଥୀ, ମାନସ ଚାନ୍ଦ, ସଙ୍କଳ୍ପ ଷଡଙ୍ଗୀ, ଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମଥୁରାନଗରୀରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ବର୍ଣ୍ଣନା କରିଥିଲେ। ରାସ୍ତା ଘାଟ ପ୍ରଶସ୍ତି କରଣ, ଜୀରା ନଦୀରେ ଆନିକଟ ନିର୍ମାଣ ପାଇଁ ୧୩୦କୋଟି ଟଙ୍କା ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ଘୋଷଣା କରିବା ସହ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ।ଆଗାମୀ ଦିନରେ ଜିରା ନଦୀରେ ଆହୁରି ଦୁଇଟି ଆନିକଟ ହେବକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ସମ୍ବଲପୁର ଆଇ ଜି ହିମାଂଶୁ ଲାଲ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ।





## ଆଲବମ ଗୀତ 'ଗୋପପୁରେ କୃଷ୍ଣ ଲୀଳା' ଲୋକାର୍ପିତ



**ବରଗଡ଼, ୩୦ା୧୨ (ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଆଲବମ୍ ଗୀତ 'ଗୋପପୁରେ କୃଷ୍ଣ ଲୀଳା' ଲୋକାର୍ପିତ ହୋଇଯାଇଛି। ଅମ୍ବାପାଲିର ନନ୍ଦରାଜାଙ୍କ ଦରବାରରେ ଧନୁଯାତ୍ରା ଅବସରରେ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମଙ୍କ ଭୂମିକାରେ ଅଭିନୟ କରୁଥିବା କୁନି କଳାକାରଙ୍କ ଦ୍ୱାରା ଗୀତଟି ଲୋକାର୍ପିତ ହୋଇଯାଛି। କଣ୍ଠଶିଳ୍ପୀ ନାତାଶା ସିକନ୍ଦର, ଅଂଶିକା ସିକନ୍ଦର ଓ ବୁଦ୍ଧଦେବ ବାରିକ କଣ୍ଠଦାନରେ ଲୋକାର୍ପିତ ହୋଇଥିବା ଗୀତଟିକୁ ପ୍ରସିଦ୍ଧ ଗୀତିକାର ରତନ ପୂଜାରୀ ରଚନା କରିଥିବା ବେଳେ ଗୀତଟିକୁ ସଙ୍ଗୀତରେ ସଜେଇ ଛନ୍ତି ସୁପରିଚିତ ସଙ୍ଗୀତ ନିର୍ଦ୍ଦେଶକ ବୁଦ୍ଧଦେବ ବାରିକ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୂର୍ଯ୍ୟକାନ୍ତି ସିକନ୍ଦର, କାଉନସିଲର ଦୀପାଞ୍ଜଳି ବାଗ, ଓକିଲ ଈଶ୍ୱର ବାଗ, ଗୋଲାପ ବାଗ, ଅମିଶା ସିକନ୍ଦର, ଦୟା ପ୍ରଧାନ, ଚିତ୍ରଶିଳ୍ପୀରାଜେନ୍ଦ୍ର ସିକନ୍ଦର, ପ୍ରଯୋଜକ ଆର୍ଯ୍ୟନ ସିକନ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ସମୃଦ୍ଧି ମ୍ୟୁଜିକ ୟୁଟ୍ୟୁବ ଚାନେଲ ପ୍ରଯୋଜିତ ଗୀତ ଶ୍ରୋତା ମହଲରେ ଆଦୃତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

**ବରଗଡ଼, ୩୦ା୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ମଥୁରା ନରେଶ କଂସ ମହାରାଜଙ୍କ ଆଦେଶରେ ଜର୍ଜ ହାଇସ୍କୁଲ, ମୀନାବଜାର ପଡ଼ିଆରେ ନିଷ୍ଠା ପରିବାର ତରଫରୁ ଷଷ୍ଠ ଦିନ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଛି। ଶିବିରରେ ବରେଣ୍ୟ ଅତିଥି ଭାବେ ବରଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବ ନେତା ତଥା ଜଣା ଶୁଣା ଓକିଲ ନିପନ ଦାଶ, କଂଗ୍ରେସର ଜିଲ୍ଲା ସଭାପତି ହରଦିପ ସିଂ ଯୋଗ ଦେଇଥିଲେ। ଶିବିରର ଶୁଭାରମ୍ଭ କରି ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଇଏମ୍ ସ୍କୁଲର ଡାଇରେକ୍ଟର ଜଶବୀର ସିଂହ ସାଇନି, ମନୋରଞ୍ଜନ ମିଶ୍ର, ସେଡ୍ରାଫିଲ କମ୍ପାନୀର ମୁଖ୍ୟ ମୁକେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୧୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ପରିଚାଳନା କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ରକ୍ତଦାନ ଶିବିର ସହ ସଂଲଗ୍ନ ଭାବେ ନିଷ୍ଠା ପରିବାର ତରଫରୁ ଏକ ସ୍ତନ୍ୟପାନ କେନ୍ଦ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି।



## ନୂତନ ରୂପ ପାଇଛି ପଲ୍ଲୀଶ୍ରୀ ମେଳା

**ବରଗଡ଼, ୩୦ା୧୨(ସମିସ):** ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ଜାତୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳା ୨୦୨୫ ବରଗଡ଼ ଗୋରୁ ମାର୍କେଟ, ଆର୍‌ଏମ୍‌ସି ମାର୍କେଟ ୟାର୍ଡରେ ଅନୁଷ୍ଠିତ ହେଉଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇ ଆଗାମୀ ୩ ଜାନୁଆରୀ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ। ଧନୁଯାତ୍ରା ସମୟରେ ମେଳା ଦର୍ଶକମାନଙ୍କ

### ୧୯୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅଂଶଗ୍ରହଣ

ପାଇଁ ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଛି। ମେଳାରେ ୧୯୭ଟି ଷ୍ଟଲ୍ କରାଯାଇଛି। ଓଡ଼ିଶାର ୩୦ଟି ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଡ୍ୟୁସର୍ ଗ୍ରୁପ୍, ପ୍ରଡ୍ୟୁସର୍ କମ୍ପାନୀ ତଥା ବିଭିନ୍ନ ରାଜ୍ୟର ହସ୍ତତନ୍ତ ଓ ସୌଖିନ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ପାଇଁ ମେଳାରେ ଅଂଶଗ୍ରହଣ କରିଛନ୍ତି। ଷ୍ଟଲ୍‌ଗୁଡିକରେ ଟେରାକୋଟା ସାମଗ୍ରୀ, ମସଲା ଉତ୍ପାଦ, ହସ୍ତଶିଳ୍ପ, ସମ୍ବଲପୁରୀ ଶାଢ଼ୀ, ଡ୍ରେସ୍ ମାଟେରିଆଲ୍, ହସ୍ତନିର୍ମିତ ବ୍ୟାଗ୍ ଓ ବାଉଁଶ ନିର୍ମିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ତାହା ସହିତ ବିଭିନ୍ନ ପାରମ୍ପରିକ ମଣ୍ଡିଆ ତିଆରି ଖାଦ୍ୟ ଦର୍ଶକ ମାନଙ୍କୁ ବେଶ୍ ଆକର୍ଷିତ କରୁଛି। କୃଷି ଓ ଉଦ୍ୟାନ କୃଷି ବିଭାଗ, ଜିଲ୍ଲା ଉଦ୍ୟୋଗ କେନ୍ଦ୍ର, ପଶୁପାଳନ ଓ ସଂଲଗ୍ନ ବିଭାଗ ମଧ୍ୟ ନିଜ ନିଜ ଷ୍ଟଲ୍‌ରେ ଉତ୍ପାଦ ଓ କାର୍ଯ୍ୟକଳାପର ଡେମୋନ୍‌ଷ୍ଟ୍ରେସନ୍ କରୁଛନ୍ତି। ସ୍ଥାନୀୟ ଉତ୍ପାଦର ପ୍ରଚାର-ପ୍ରସାର, ପାରମ୍ପରିକ କୌଶଳର ସୁରକ୍ଷା ଓ ଗ୍ରାମୀଣ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଜାତୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେତୁ ମେଳାଟି ଧନୁଯାତ୍ରା ମହୋତ୍ସବର ଆକର୍ଷଣକୁ ଆହୁରି ବଢ଼ାଇଛି। ଏପରିକି ମେଳା ପରିସରରେ ପ୍ରତିଦିନ ଭିଡ ବଢୁଥିବା ଦେଖାଯାଉଛି। ଗତ କିଛି ବର୍ଷ ହେବ ଜିରା ନଦୀରେ ଭିତରେ ଏହି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇ ଆସୁଛି। ସେଠାରେ ଅନେକ ପ୍ରକାର ଅସୁବିଧା ହେବାରୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରଚେଷ୍ଟା କ୍ରମେ ଚଳିତ ବର୍ଷ ନୂତନ ଭାବେ ଆରଏମସି, ଗୋରୁ ମାର୍କେଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେଉଛି।



## ନାଟ୍ୟମଞ୍ଚରେ 'ମାର୍ଜାର କେଶରୀ' ମଞ୍ଚସ୍ଥ

**ବରଗଡ଼, ୩୦ା୧୨ (ସମିସ):** ଓଡିଆ ପୌରାଣିକ ଐତିହ୍ୟ ଓ ଆଦିବାସୀ ଲୋକସଂସ୍କୃତିର ଅମୂଲ୍ୟ ସମନ୍ୱୟକୁ ନାଟ୍ୟମଞ୍ଚରେ ସଫଳ ଭାବେ ଉପସ୍ଥାପନ କରିଛି ନାଟକ 'ମାର୍ଜାର କେଶରୀ'। ପ୍ରଭୁ ନୃସିଂହନାଥଙ୍କ ପୌରାଣିକ ଓ ଲୋକକଥାକୁ ଆଧାର କରି ବରିଷ୍ଠ ନାଟ୍ୟକାର ରାଜ ସାହୁଙ୍କ ରଚିତ ଏବଂ ସଚେତନ ହେମା, ଢ଼ୋଲବନ୍ଧ ନାଟ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରସ୍ଥିତ ଆରଣ୍ୟକ ମଞ୍ଚରେ ଆୟୋଜିତ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଅବସରରେ ନାଟକର ମଞ୍ଚନ ଦର୍ଶକମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ନାଟକର କେନ୍ଦ୍ରବିଷୟ ହେଉଛି କନ୍ଧ ଆଦିବାସୀ ସମୁଦାୟର ଅତୁଟ ଭକ୍ତି ଓ ଆସ୍ଥା। ଲୋକକଥା ଅନୁଯାୟୀ, କନ୍ଧ ଆଦିବାସୀମାନେ ପ୍ରଥମେ ପ୍ରଭୁ ନୃସିଂହନାଥଙ୍କ ଦିବ୍ୟ ମୂର୍ତ୍ତିକୁ ଖୋଜି ପାଇଥିଲେ ଏବଂ ପରେ ସେହି ପବିତ୍ର ମୂର୍ତ୍ତିକୁରାଜା ବୈଜଲ ସିଂହ ଦେଓଙ୍କ ଟେକି ଦେଇଥିଲେ। ଏହି ଘଟଣାକୁ ଆଧାର କରି ନାଟକ ରାଜଶକ୍ତି ଓ ଆଦିବାସୀ ଭକ୍ତି ମଧ୍ୟରେ ଥିବା ମୌଳିକ ତଫାତକୁ ଉଜାଗର କରିଛି।ରାଜାଙ୍କ ପାଖରେ ରାଜ୍ୟ, ସେନା ଓ ଶାସନଶକ୍ତି ଥିଲେ ମଧ ଦେବତାଙ୍କ ପ୍ରତି ସତ୍ୟ ଅଧିକାର ଥାଏ ଆଦିବାସୀଙ୍କ ଭକ୍ତି ଓ ଆତ୍ମସମର୍ପଣରେ ଏହି ଗଭୀର ସନ୍ଦେଶକୁ 'ମାର୍ଜାର କେଶରୀ' ଅତ୍ୟନ୍ତ ସାର୍ଥକ ଭାବେ ପ୍ରକାଶ କରିଛି। ନାଟକର ସଂଳାପ, ଦୃଶ୍ୟବିନ୍ୟାସ, ଲୋକନୃତ୍ୟ ଓ ସମ୍ବଲପୁରୀ ଲୋକସଙ୍ଗୀତର ସଂଯୋଜନା, ଗନ୍ଧମାର୍ଦ୍ଦନ ପର୍ବତର ଚିତ୍ରଣ, ମଣିଷ ଓ ଭଗବାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନାଟକ ଅତ୍ୟନ୍ତ ସ୍ପର୍ଶକାତର ଭାବେ ଉପସ୍ଥାପନ କରିଛି। ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ 'ମାର୍ଜାର କେଶରୀ' ଏକ ଗୁରୁତ୍ୱପୂର୍ଣ୍ଣ ନାଟ୍ୟପ୍ରୟାସ। ନାଟକକୁ ରାଜ ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ଲାଲସାହେବ ସାହୁ ଓ ଦେବାନନ୍ଦ କୁମ୍ଭାର ସଙ୍ଗୀତ, ବାସୁଦେବ ବରିହା ମଞ୍ଚ, ମୁକେଶ ସାହୁ ଆଲୋକ ସମ୍ପାଦନ, ସ୍ୱପ୍ନେଶ୍ୱରୀ ସାହୁ ଗାୟିକା ଭୂମିକା ନିଭାଇ ଥିବା ବେଳେ ସନ୍ଧ୍ୟାରାଣୀ ସୁନା, ଆରାଧ୍ୟ ସାହୁ, ଆଲିଶା ସାହୁ, ଚାନ୍ଦିନୀ ସାହୁ, ଘନଶ୍ୟାମ ଭୋଇ, ରସିକ ବରିହା, ବାସୁଦେବ ବରିହା, କୂଳମଣି ପଶୟତ, କାର୍ତ୍ତିକ ମହାନନ୍ଦ ଅଭିନୟ କରିଥିଲେ। ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକରାଜ ସାହୁଙ୍କ ରଚନା ଏବଂ ସଚେତନ ହେମା, ଢ଼ୋଲବନ୍ଧଙ୍କ ସଫଳ ମଞ୍ଚନ 'ମାର୍ଜାର କେଶରୀ'କୁ ସମ୍ବଲପୁରୀ ନାଟ୍ୟ ଚର୍ଚ୍ଚାରେ ଏକ ସ୍ମରଣୀୟ ସ୍ଥାନ ଦେଇଛି।

## ଘେଁସରେ ରାଜ୍ୟସ୍ତରୀୟ ବୀରତା ଦିବସ

**ମେଲଛାମୁଣ୍ଡା, ୩୦ା୧୨(ସମିସ)**



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର, ବରଗଡ଼ ଜିଲ୍ଲା ପ୍ରଶାସନ ଓ ସହିଦ କୁଞ୍ଜଲ ସିଂ କ୍ଲବ୍ ଘେଁସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ସ୍ତରୀୟ ବୀରତା ଦିବସ ପାଳନ ହୋଇଯାଇଛି। ସହିଦ ଜାତୀୟ ବୀର ଘେଁସ ଜମିଦାର ମାଧୋ ସିଂ ଓ ତାଙ୍କ ଚାରିପୁତ୍ର ସହିଦ କୁଞ୍ଜଲ ସିଂ, ସହିଦ ହଟେ ସିଂ, ସହିଦ ବୈରୀ ସିଂ ଓ ସହିଦ ଐରୀ ସିଂଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଦେବା ନିମିତ୍ତ ହଟେ ସିଂ ଫାଶୀ ଦିବସ ୩୧ ଡିସେମ୍ବରକୁ ରାଜ୍ୟ ସରକାର ବୀରତା ଦିବସ ଭାବେ ପାଳନ କରୁଛନ୍ତି। ଚଳିତବର୍ଷ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ୩୧ ଡିସେମ୍ବରରେ ପାଳନ ହେବାକୁଥିବା ବୀରତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାରୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ବରଗଡ଼ ଜିଲ୍ଲା ପ୍ରଶାସନ ଓ ସହିଦ କୁଞ୍ଜଲ ସିଂ କ୍ଲବ୍ ଘେଁସ ଦ୍ୱାରା ଡିସେମ୍ବର ୩୦ ତାରିଖରେ ପାଳନ କରାଯାଇଛି।

କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ବରଗଡ଼ ପ୍ରଭାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ଚୁନ୍ନିଲାଲ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗର କଲ୍ୟାଣୀ ଦାଶ, ଅଧକ୍ଷ ପତିତପାବନ ସାହୁ ଓ ଅଧକ୍ଷ ଜଗଦୀଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଘେଁସ ସହିଦ ପୀଠରେ ସହିଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରି ସହିଦ ବୀର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସହିଦ କୁଞ୍ଜଲ ସିଂ କ୍ଲବ୍‌ର ସଭାପତି ଅଶୋକ ପୂଝାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଗଣ ଯୋଗଦାନ କରି ସହିଦ ବୀର ମାଧୋ ସିଂ ଓ ତାଙ୍କ ଚାରିପୁତ୍ର ସହିଦ କୁଞ୍ଜଲ ସିଂ, ହଟେ ସିଂ, ବୈରୀ ସିଂ, ଐରୀ ସିଂ ତଥା ମାଧୋ ସିଂଙ୍କ ଜ୍ୱାଇଁ ସହିଦ ନାରାୟଣ ସିଂ ଓ ଅନ୍ୟ ସହିଦ ମାନଙ୍କ ସ୍ମୃତିଚାରଣ କରିଥିଲେ। ଦେଶ ମାଟି ପାଇଁ ଗୋଟିଏ ପରିବାରର ବାପପୁଅ, ଝିଅ, ଜ୍ୱାଇଁ ସମସ୍ତେ ନିଜ ଜୀବନକୁ ଉତ୍ସର୍ଗ କରିବା ଭଳି ଘଟଣା ବିଶ୍ୱ ଇତିହାସରେ ବିରଳ। ସେଭଳି ଜାତୀୟ ବୀର ମାନଙ୍କୁ ଓ ତାଙ୍କ ପରିବାରଙ୍କ ଠାରେ ସମଗ୍ର ଦେଶ କୃତଜ୍ଞ ବୋଲି ଅତିଥିଗଣ ନିଜନିଜ ଅଭିଭାଷଣ ରଖିଥିଲେ। ମାଧୋ ସିଂଙ୍କ ଦାୟାଦ୍ ରଣଜିତ ସିଂ ବରିହା ଓ ଲୋକେଶ୍ୱର ସିଂ ବରିହାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ମାନଙ୍କୁ ଉପଢୌକନ, ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ଅତିଥିଗଣ। ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ.ଜଗଦୀଶ ମିଶ୍ର (ଟିଏଫ ଜୁନିଅର କଲେଜ ବରଗଡ଼) ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଭାବେ ଅଧକ୍ଷ ପତିତପାବନ ସାହୁ, ମହମ୍ମଦ ଇମ୍ରାନ ଯୋଗ ଦେଇଥିଲେ। ସହିଦ କୁଞ୍ଜଲ ସିଂ କ୍ଲବ୍‌ର ସମ୍ପାଦକ ସୁଦାମା ବାରିକ ଅତିଥି ପରିଚୟ ଓ ଡୋଲାମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନାଚଗୀତ ଓ ସହିଦ ବୀର ମାନଙ୍କ ଉପରେ ଆଧାରିତ ନାଟକ ମଞ୍ଚସ୍ଥ ହୋଇଥିଲା।